# ଧରିତ୍ରୀ
DHARITRI

ବୁଧବାର, ଏପ୍ରିଲ ୮/୨୦୨୦ (୨୦ ପୃଷ୍ଠା) | Wednesday, April 8/2020

୪୬ଶ ଭାଗ ୧୩୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




**ଅନ୍‌ଲାଇନରେ ଯୋଗ ଶିଖାଇବେ ମଲାଇକା**

ଲକ୍‌ଡାଉନ୍ କାରଣରୁ ଘରେ ବସି ରହିଥିବା ଲୋକଙ୍କୁ ବଲିଉଡ୍‌ର ଫିଟ୍‌ନେସ୍ କୁଇନ୍ ମଲାଇକା ଆରୋରା ଅନ୍‌ଲାଇନରେ ଯୋଗ ମାଧ୍ୟମରେ ସୁସ୍ଥ ରହିବାକୁ ପରାମର୍ଶ ଦେବେ।

୧୦

୨୦

**ଗାଭାସ୍କର ଦାନ କଲେ ୫୯ ଲକ୍ଷ ଟଙ୍କା**

କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସୁନୀଲ ଗାଭାସ୍କର ପ୍ରଧାନମନ୍ତ୍ରୀଙ୍କ କେୟାର୍ସ ଫଣ୍ଡକୁ ୫୯ ଲକ୍ଷ ଟଙ୍କା ଦାନ କରିଛନ୍ତି।



# ରାଜ୍ୟରେ ପ୍ରଥମ କରୋନା ମୃତ୍ୟୁ

- ଆଉ ଜଣେ ଆକ୍ରାନ୍ତ ଚିହ୍ନଟ
- କରୋନା ପଜିଟିଭ୍ ୪୨କୁ ବୃଦ୍ଧି

ଭୁବନେଶ୍ୱର, ୭।୪(ବ୍ୟୁରୋ)

ରାଜ୍ୟରେ ପ୍ରଥମ କରୋନା ମୃତ୍ୟୁ ହୋଇଛି। ମୃତକ ହେଉଛନ୍ତି ଭୁବନେଶ୍ୱର ଝାରପଡ଼ା ଅଞ୍ଚଳର ଜଣେ ୭୨ବର୍ଷୀୟ ବୃଦ୍ଧ। ଗତ ୪ତାରିଖରେ ଅସୁସ୍ଥତା କାରଣରୁ ତାଙ୍କୁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଥିଲା। ସେ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବା ସହ ତାଙ୍କର ଉଚ୍ଚ ରକ୍ତଚାପ ମଧ୍ୟ ଥିଲା। ତାଙ୍କୁ କରୋନା ସଂକ୍ରମିତ ହୋଇଥିବା ସନ୍ଦେହ କରାଯାଇ ଆଇସୋଲେଶନରେ ରଖାଯିବା ସହ କୋଭିଡ-୧୯ ପରୀକ୍ଷଣ ପାଇଁ ନମୁନା ପଠାଯାଇଥିଲା। ତେବେ ଚିକିତ୍ସା ଚାଲିଥିବା ସମୟରେ ସୋମବାର ତାଙ୍କର ମୃତ୍ୟୁ ଘଟିଥିଲା। ମଙ୍ଗଳବାର ତାଙ୍କର କରୋନା ପଜିଟିଭ ବାହାରିଥିବା ଜଣାପଡ଼ିଛି। ତେବେ ମୃତକଙ୍କ ସଂସ୍ପର୍ଶରେ ଆଉ କେଉଁମାନେ ଆସିଛନ୍ତି ସେନେଇ ବର୍ତ୍ତମାନ ଅନୁସନ୍ଧାନ ଜାରି ରହିଛି ବୋଲି ସ୍ୱାସ୍ଥ୍ୟବିଭାଗ ପକ୍ଷରୁ କୁହାଯାଇଛି।

ଅନ୍ୟପଟେ ରାଜ୍ୟରେ ମଙ୍ଗଳବାର ଆଉ ଜଣେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସଂକ୍ରମିତ ବ୍ୟକ୍ତି ଜଣଙ୍କର ବୟସ ୪୫ ବର୍ଷ। ସେ ଭୁବନେଶ୍ୱର ମଧୁସୂଦନ ନଗର, ୟୁନିଟ୍-୪ ଅଞ୍ଚଳର ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଟୁଇଟ୍ କରି ସୂଚନା ଦେଇଛି। ଏହି ବ୍ୟକ୍ତିଙ୍କ ସଂସ୍ପର୍ଶରେ କିଏ ଆସିଛନ୍ତି ତାହା ଅନୁସନ୍ଧାନ କରାଯାଉଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସେପଟେ ରାଜ୍ୟରେ ବର୍ତ୍ତମାନ କରୋନା ସଂକ୍ରମିତଙ୍କ ସଂଖ୍ୟା ୪୨କୁ ବୃଦ୍ଧି ପାଇଛି। ସେଥିମଧ୍ୟରୁ ୨ଜଣ ସୁସ୍ଥ ହୋଇ ଘରକୁ ଫେରିଥିବାବେଳେ ଜଣଙ୍କର ମୃତ୍ୟୁ ହୋଇଛି। ବର୍ତ୍ତମାନ ସକ୍ରିୟ ଥିବା ସଂକ୍ରମିତ ସଂଖ୍ୟା ୩୯ ରହିଛି। ଏହି ୩୯ଜଣଙ୍କ ମଧ୍ୟରୁ ଭୁବନେଶ୍ୱରର ୩୧ଜଣ ଥିବାବେଳେ ଭଦ୍ରକର ୩ଜଣ, କଟକ, ଯାଜପୁର, ପୁରୀ, କେନ୍ଦ୍ରାପଡ଼ା ଓ କଳାହାଣ୍ଡିର ଜଣେ ଲେଖାଏ ଅଛନ୍ତି। ବର୍ତ୍ତମାନ ରାଜ୍ୟର ବିଭିନ୍ନ ହସ୍ପିଟାଲରେ ୮୬ଜଣ ଆଇସୋଲେଶନରେ ଅଛନ୍ତି।

## ସରକାରଙ୍କ ତତ୍ତ୍ୱାବଧାନରେ ହେବ ମୃତଦେହ ସତ୍କାର

ଭୁବନେଶ୍ୱର, ୭।୪(ବ୍ୟୁରୋ)

କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ପରେ ଅନ୍ତିମ ସଂସ୍କାର ନେଇ ରାଜ୍ୟ ସରକାର ବଡ଼ ସୂଚନା ଦେଇଛନ୍ତି। କରୋନାରେ ଆକ୍ରାନ୍ତ ଥିବା ବ୍ୟକ୍ତିଙ୍କର ଯଦି ମୃତ୍ୟୁ ହୁଏ ତେବେ ତାଙ୍କ ମୃତଦେହ ସତ୍କାର ସରକାର କରିବେ। ଜନସାଧାରଣଙ୍କ ନିରାପତ୍ତା ଦୃଷ୍ଟିରୁ ରାଜ୍ୟ ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନ୍ତିମ ସଂସ୍କାର କରାଯିବ। ଏନେଇ କେନ୍ଦ୍ର ସରକାର ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ପ୍ରଥମ କରୋନା ମୃତକଙ୍କ ମରଶରୀରକୁ ହସ୍ପିଟାଲ କର୍ତ୍ତୃପକ୍ଷ ସରକାରଙ୍କୁ ହସ୍ତାନ୍ତର କରିବେ। ଏମ୍ସ ଅଧିକାରୀମାନେ ମୃତକଙ୍କ ବିଧିବଦ୍ଧ କାର୍ଯ୍ୟ ସମ୍ପନ୍ନ କରିବା ପରେ ମରଶରୀରକୁ ରାଜ୍ୟ ସରକାରଙ୍କୁ ହସ୍ତାନ୍ତର କରିବା ପରେ ଅନ୍ତିମ ସଂସ୍କାର କରାଯିବ ବୋଲି କରୋନାଭୂତାଣୁ ସଂକ୍ରମଣ ସଚେତନତା କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ କହିଛନ୍ତି।



ମେଡିକାଲ ସାମଗ୍ରୀ ନେଇ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ମଙ୍ଗଳବାର ପହଞ୍ଚିଥିବା ଭାରତୀୟ ବାୟୁସେନା ବିମାନ। (ରିପୋର୍ଟ: ପୃଷ୍ଠା-୪)

# ଟ୍ରେନିଂବେଳେ ଗ୍ରେନେଡ୍ ବିସ୍ଫୋରଣ, ଯବାନ ଶହୀଦ

- ଅନ୍ୟମାନଙ୍କୁ ବଞ୍ଚାଇବାକୁ ଯାଇ ଆଖିବୁଜିଲେ ଟ୍ରେନର ପ୍ରକାଶ ସାହୁ
- ଅନ୍ୟ ଦୁଇଜଣ ଆହତ, ଦୁଃଖ ପ୍ରକାଶ କଲେ ପୋଲିସ ଡିଜି



ଶହୀଦ ହାବିଲ୍‌ଦାର ପ୍ରକାଶ ସାହୁ

ଭୁବନେଶ୍ୱର, ୭।୪(ବ୍ୟୁରୋ)

ଚନ୍ଦକାସ୍ଥିତ ଏସ୍‌ଓଜି (ସ୍ପେଶାଲ ଅପରେଶନ ଗ୍ରୁପ୍) ଟ୍ରେନିଂ ସେଣ୍ଟରରେ ମଙ୍ଗଳବାର ଅପରାହ୍ନରେ ଏକ ଦୁଃଖଦ ଘଟଣା ଘଟିଛି। ଟ୍ରେନର କ୍ୟାଡର ସର୍ଜେଣ୍ଟମାନଙ୍କ ପ୍ରଶିକ୍ଷଣ ଚାଲିଥିବାବେଳେ ଗ୍ରେନେଡ୍ ବିସ୍ଫୋରଣ ହୋଇଛି। ଏହି ବିସ୍ଫୋରଣରେ କ୍ୟାଡର ଟ୍ରେନର ତଥା ଏସ୍‌ଓଜି ହାବିଲ୍‌ଦାର ପ୍ରକାଶ ସାହୁ ଶହୀଦ ହୋଇଛନ୍ତି। ଅନ୍ୟମାନଙ୍କ ଜୀବନ ବଞ୍ଚାଇବାକୁ ଯାଇ ପ୍ରକାଶ ଜୀବନ ଦେଇଛନ୍ତି। ଏଥିସହ ସର୍ଜେଣ୍ଟ ବାର୍ସା ହାଁସଦା ଓ ଅନ୍ୟଜଣେ ଯବାନ ମଧ୍ୟ ଆହତ ହୋଇଛନ୍ତି। ଘଟଣା ପରେ ସମସ୍ତଙ୍କୁ ସମ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ପ୍ରକାଶଙ୍କୁ ମୃତ ଘୋଷଣା କରିଥିଲେ। ତେବେ ସେଠାରେ ଦୁଇ ଆହତ ଯବାନଙ୍କର ଚିକିତ୍ସା ଆରମ୍ଭ ହୋଇଛି। ଏହି ଘଟଣାକୁ ନେଇ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସରୋଜ ଜେନା ଚନ୍ଦକା ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୬/୨୦) ରୁଜୁ କରିଛି। ଅନ୍ୟପକ୍ଷରେ ପ୍ରକାଶଙ୍କ ମରଶରୀରକୁ ଏସ୍‌ଓଜି ଟ୍ରେନିଂ ସେଣ୍ଟରକୁ ନିଆଯାଇଛି। ସେଠାରେ ଶେଷ ସମ୍ମାନ ଦିଆଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଜେନା ସୂଚନା ଦେଇଛନ୍ତି।

ପ୍ରକାଶଙ୍କ ଘର ବରଗଡ଼ ଜିଲା ସଦର ବ୍ଲକ୍ ଅନ୍ତର୍ଗତ କଟାପାଲି ଗ୍ରାମରେ। ଅବସରପ୍ରାପ୍ତ ଶିକ୍ଷକ ଭାରତ ସାହୁଙ୍କ ପୁଅ ପ୍ରକାଶ ଜଣେ ଦକ୍ଷ ଟ୍ରେନର ହୋଇଥିବାବେଳେ ସେ ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ଉପରେ ଯବାନମାନଙ୍କୁ ପ୍ରଶିକ୍ଷଣ ଦିଅନ୍ତି। ☞ପୃଷ୍ଠା-୪

# କୋଭିଡ୍-୧୯ ହସ୍ପିଟାଲରେ ହିଁ ଚିକିତ୍ସିତ ହେବେ ସଂକ୍ରମିତ

- କରୋନା ସଂକ୍ରମିତଙ୍କୁ ଚିକିତ୍ସା କରୁଥିବା ଡାକ୍ତର ଅନ୍ୟ ରୋଗୀଙ୍କୁ ଚିକିତ୍ସା କରିବେ ନାହିଁ

ଭୁବନେଶ୍ୱର,୭।୪(ବ୍ୟୁରୋ)

କରୋନା ଭୂତାଣୁ ସଂକ୍ରମିତଙ୍କୁ କେବଳ କୋଭିଡ-୧୯ ହସ୍ପିଟାଲରେ ଚିକିତ୍ସା କରାଯିବ। ରାଜ୍ୟ ସରକାର ସେଥିପାଇଁ ୭ଟି ହସ୍ପିଟାଲ ପ୍ରସ୍ତୁତ କରିଛନ୍ତି। ସମସ୍ତ ଜିଲାରେ କୋଭିଡ ହସ୍ପିଟାଲ ନିର୍ମାଣ ହେବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ନିକୁଞ୍ଜ ବିହାରୀ ଧଳ କହିଛନ୍ତି। ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି ଯେ, ସାଧାରଣ ରୋଗୀ ଭୟଭୀତ ହେବା ଉଚିତ ନୁହେଁ। କରୋନା ରୋଗୀ କୋଭିଡ ହସ୍ପିଟାଲରେ ହିଁ ଚିକିତ୍ସିତ କରାଯିବ। ଏହି ହସ୍ପିଟାଲଗୁଡ଼ିକରେ ରୋଗୀମାନଙ୍କ ପାଇଁ ଉତ୍ତମ ଚିକିତ୍ସା ଓ ଖାଦ୍ୟପେୟର ସମସ୍ତ ବନ୍ଦୋବସ୍ତ ମାଗଣାରେ କରାଯାଉଛି। ଆକ୍ରାନ୍ତମାନେ ଏହି ହସ୍ପିଟାଲରୁ ସୁସ୍ଥ ହୋଇ ଘରକୁ ଫେରିବେ। କରୋନା ରୋଗୀଙ୍କ ପାଇଁ ଅଲଗା ପ୍ରବେଶ ଓ ପ୍ରସ୍ଥାନ ବ୍ୟବସ୍ଥା କରାଯାଇଛି। ସେହି ରୋଗୀମାନଙ୍କର ସର୍ବାଧିକ ଯତ୍ନ ନିଆଯାଉଛି।

ଏସ୍‌ସିବି ମେଡିକାଲ କଲେଜ, କଟକ ସିଟି ହସ୍ପିଟାଲ ସମେତ ଅନ୍ୟାନ୍ୟ ଜିଲା ମୁଖ୍ୟ ଚିକିତ୍ସାଳୟଗୁଡ଼ିକରେ କୌଣସି କୋଭିଡ୍ ଆକ୍ରାନ୍ତଙ୍କୁ ଚିକିତ୍ସା କରାଯାଉ ନାହିଁ। ସେହି ହସ୍ପିଟାଲଗୁଡ଼ିକୁ ଅନ୍ୟାନ୍ୟ ରୋଗୀ ଚିକିତ୍ସା ପାଇଁ ଯାଇପାରିବେ। କ୍ୟାପିଟାଲ ହସ୍ପିଟାଲରେ ଜଣେ କୋଭିଡ୍ ରୋଗୀଙ୍କୁ ଚିକିତ୍ସା କରାଯାଉଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି। ତାଙ୍କ ରକ୍ତ ନମୁନା ପରୀକ୍ଷା ରିପୋର୍ଟ ☞ପୃଷ୍ଠା-୪

# ଗୋଇନ୍ଦା ବ୍ୟୁରୋ କାର୍ଯ୍ୟାଳୟ, ସତ୍ୟନଗର ପ୍ଲଟ୍ ନଂ.୧୧/ଏ ସିଲ୍







- କରୋନା ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ସୂଚନା
- ସମସ୍ତ କର୍ମଚାରୀ ଓ ପରିବାର ସଦସ୍ୟ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ ନିର୍ଦ୍ଦେଶ
- ସତ୍ୟନଗର କୋଠାର ୪୮ଜଣ ମଧ୍ୟ କ୍ୱାରାଣ୍ଟାଇନ୍‌ରେ ରହିଲେ

ଭୁବନେଶ୍ୱର, ୭।୪(ବ୍ୟୁରୋ)

ଭୁବନେଶ୍ୱର ବିଦ୍ୟୁତ୍ ମାର୍ଗରେ ଅବସ୍ଥିତ କେନ୍ଦ୍ର ସରକାରଙ୍କ ଗୋଇନ୍ଦା ବ୍ୟୁରୋ (ଆଇବି) କାର୍ଯ୍ୟାଳୟ, ଷ୍ଟାଫ୍ କଲୋନୀ ଓ ଜନପଥ ପାର୍ଶ୍ୱ ତଥା ସତ୍ୟନଗରସ୍ଥିତ ଏକ ବିଲ୍ଡିଂ (ପ୍ଲଟ୍ ନଂ.୧୧/ଏ)କୁ ମଙ୍ଗଳବାର ସିଲ୍ କରିଦିଆଯାଇଛି। ଆଇବି କାର୍ଯ୍ୟାଳୟର ଜଣେ କର୍ମଚାରୀ ସୂର୍ଯ୍ୟନଗର କରୋନା ରୋଗୀଙ୍କ ସଂସ୍ପର୍ଶରେ ଆସିଥିବା ଜଣାପଡ଼ିବା ପରେ ବିଏମ୍‌ସି ପକ୍ଷରୁ ଉକ୍ତ କୋଠା ଓ ଷ୍ଟାଫ୍ କଲୋନୀକୁ ୧୯ ତାରିଖ ପର୍ଯ୍ୟନ୍ତ ସିଲ୍ କରାଯାଇଛି। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଚିହ୍ନଟ ଜଣେ କରୋନା ଆକ୍ରାନ୍ତ ରହୁଥିବା ସତ୍ୟନଗରସ୍ଥିତ ଉକ୍ତ ☞ପୃଷ୍ଠା-୪

# ଗୁରୁବାର ରାଜ୍ୟ କ୍ୟାବିନେଟ୍

ଭୁବନେଶ୍ୱର, ୭।୪(ବ୍ୟୁରୋ)

ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ଆସନ୍ତା ଗୁରୁବାର ପୂର୍ବାହ୍ନ ୧୦.୪୫ ମିନିଟ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ। କ୍ୟାବିନେଟ୍‌ରେ କରୋନା ମୁକାବିଲା ଲାଗି ୪ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁରୀ ମିଳିପାରେ। ହେଲେ କ୍ୟାବିନେଟ୍ ବୈଠକ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ହେବ ବୋଲି ଜଣାପଡ଼ିଛି। କ୍ୟାବିନେଟ୍‌ରେ ମୁଖ୍ୟତଃ ବିଧାୟକମାନଙ୍କ ହାତପାଣ୍ଠିକୁ ନିର୍ଦ୍ଦିଷ୍ଟ କିଛି ସମୟ ପାଇଁ ବନ୍ଦ କରିବା ସମ୍ପର୍କିତ ଏକ ପ୍ରସ୍ତାବ ଆସିପାରେ। କେନ୍ଦ୍ର ସରକାର ଏମ୍‌ପିମାନଙ୍କ ହାତପାଣ୍ଠି ଦୁଇବର୍ଷ ପାଇଁ ବନ୍ଦକରି ସେହି ଅର୍ଥକୁ କରୋନା ମୁକାବିଲା ପାଇଁ ବ୍ୟବହାର କରିବେ ବୋଲି ସୋମବାର କ୍ୟାବିନେଟ୍‌ରେ ନିଷ୍ପତ୍ତି ହୋଇଛି। ରାଜ୍ୟ କ୍ୟାବିନେଟ୍‌ରେ ବି ଏଭଳି ନିଷ୍ପତ୍ତି ନିଆଯାଇପାରେ। ବିଧାନସଭା ସଦସ୍ୟମାନଙ୍କ ଦରମା ମଧ୍ୟ କିଛି ପ୍ରତିଶତ ହ୍ରାସ ହେବା ସମ୍ଭାବନା ରହିଛି। ଡାକ୍ତର ଏବଂ ନର୍ସମାନଙ୍କ ଲାଗି କିଛି ସ୍ୱତନ୍ତ୍ର ପ୍ରସ୍ତାବ ମଧ୍ୟ ପାସ୍ ହେବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

**ଆଜିର ସମ୍ପାଦକୀୟ**

**କରୋନାରୁ ଶିକ୍ଷା**

**ଆଜିର ମନ୍ତବ୍ୟ**

"ଭାରତ ଆମକୁ ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ବଟିକା ନ ଦେଲେ ପ୍ରତିଶୋଧ ନେବ ଆମେରିକା।"

-ଡୋନାଲ୍ଡ ଟ୍ରମ୍ପ, ଆମେରିକା ରାଷ୍ଟ୍ରପତି



ଲକ୍‌ଡାଉନ୍ ଯୋଗୁ ରାସ୍ତାରେ ଚଳପ୍ରଚଳ ପ୍ରାୟ ବନ୍ଦ ଥିବାବେଳେ ମଙ୍ଗଳବାର କଟକ ଲିଙ୍କରୋଡ୍‌ରେ ଖାଦ୍ୟ ଅନ୍ୱେଷଣରେ ପାରାମାନେ ।

# ବଢ଼ିପାରେ ଲକ୍‌ଡାଉନ୍ ଅବଧି

## ଭାରତରେ ୧୫୩ କରୋନା ମୃତ୍ୟୁ

**ନିୟନ୍ତ୍ରଣ ବାହାରେ ସଂକ୍ରମଣ**



- ଏପ୍ରିଲ ୧୪ରେ ଶେଷ ହେଉଛି ଲକ୍‌ଡାଉନ୍
- ଅବଧି ବୃଦ୍ଧି ପାଇଁ ରାଜ୍ୟଗୁଡ଼ିକ ଦେଇଛନ୍ତି ପ୍ରସ୍ତାବ
- ବିଚାର କରୁଛି କେନ୍ଦ୍ର, ହୋଇନି ଚୂଡ଼ାନ୍ତ ନିଷ୍ପତ୍ତି
- କଳ୍ପନାଜଳ୍ପନା ଆଧାରରେ ରିପୋର୍ଟ ନ କରିବାକୁ ଗଣମାଧ୍ୟମକୁ ପରାମର୍ଶ

ନୂଆଦିଲ୍ଲୀ,୭।୪

ଘାତକ ଭୂତାଣୁ କରୋନା ବିଶ୍ୱବ୍ୟାପୀ ମୁଣ୍ଡ ପରେ ମୁଣ୍ଡ ନେଇ ଚାଲିଛି। ଭାରତରେ କୋଭିଡ୍-୧୯ ଭାଇରସ୍ ସଂକ୍ରମଣଜନିତ ମୃତ୍ୟୁସଂଖ୍ୟା ମଙ୍ଗଳବାର ୧୫୩ ଛୁଇଁଛି। ସଂକ୍ରମିତଙ୍କ ସଂଖ୍ୟା ମଧ୍ୟ ବଢ଼ି ବଢ଼ି ୫୩୩୭ରେ ପହଞ୍ଚିଛି। ହେଲେ ଦେଶରେ ଆରୋଗ୍ୟ ହୋଇଥିବା ବ୍ୟକ୍ତିଙ୍କ ସଂଖ୍ୟା ମାତ୍ର ୪୪୫, ଯାହାକି ଅତ୍ୟନ୍ତ ନଗଣ୍ୟ। ଗୋଷ୍ଠୀ ସଂକ୍ରମଣକୁ ନିୟନ୍ତ୍ରଣ କରିବା ସକାଶେ ଦେଶବ୍ୟାପୀ ୨୧ ଦିନିଆ ଲକ୍‌ଡାଉନ୍ ଘୋଷଣା କରାଯାଇଥିବାବେଳେ ଏହି ଅବଧି ଶେଷ ହେବାକୁ ଆଉ ମାତ୍ର ସପ୍ତାହେ ବାକି ଅଛି। ଏଭଳି ସମୟରେ ମହାମାରୀ କରୋନା ଉପରେ ଲଗାମ ଲଗାଯାଇପାରୁ ନ ଥିବାରୁ ଅନେକ ରାଜ୍ୟ ସରକାର ଏବଂ ବିଶେଷଜ୍ଞମାନେ ଲକ୍‌ଡାଉନ ମିଆଦ ବଢ଼ାଇବା ଲାଗି କେନ୍ଦ୍ରକୁ ଅନୁରୋଧ କରିଛନ୍ତି। କେନ୍ଦ୍ର ସରକାର ଏନେଇ ଗମ୍ଭୀରତା ସହ ବିଚାର କରୁଛନ୍ତି। ତେବେ ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ।

କରୋନା ସଂକ୍ରମଣ ରୋକିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାର୍ଚ୍ଚ ୨୪ ତାରିଖରେ ଲକ୍‌ଡାଉନ୍ ଘୋଷଣା କରିଥିଲେ। ଏହି ୨୧ ଦିନିଆ ତାଲାବନ୍ଦ ଅବଧି ଏପ୍ରିଲ ୧୪ରେ ଶେଷ ହେବ। ଲକ୍‌ଡାଉନ୍ ବେଳେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ପକ୍ଷରୁ ନାନା କଟକଣା ଜାରି କରାଯାଇଛି। ଏହାକୁ ଦେଶର ପ୍ରାୟ ସବୁ ସ୍ଥାନରେ କଡ଼ାକଡ଼ି ପାଳନ କରାଯାଉଛି। ଏହାସତ୍ତ୍ୱେ ସ୍ଥିତି ନିୟନ୍ତ୍ରଣାଧୀନ ହୋଇପାରୁ ନାହିଁ। ମଙ୍ଗଳବାର ରାତି ୧୧ଟା ସୁଦ୍ଧା ଭାରତରେ ମୃତ୍ୟୁସଂଖ୍ୟା ୧୫୩ରେ ପହଞ୍ଚିଥିବା https://www.covid19india.org/ ୱେବ୍‌ସାଇଟ୍‌ରେ ଦର୍ଶାଯାଇଛି। ଏହି ଟ୍ରାକର୍‌ର ତଥ୍ୟାନୁସାରେ କରୋନା ସଂକ୍ରମଣରେ ଦିନକରେ ମହାରାଷ୍ଟ୍ରରେ ୫ ଜଣଙ୍କ ମୃତ୍ୟୁ ଘଟିଛି। ଏହି ରାଜ୍ୟରେ ମୃତ୍ୟୁସଂଖ୍ୟା ୫୭ରେ ପହଞ୍ଚିଥିବାବେଳେ ତା' ତଳକୁ ଅଛି ତାମିଲନାଡୁ, ଯେଉଁଠି ଏହି ସଂଖ୍ୟା ହେଉଛି ୧୮। ସେହିପରି ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ଜଣେ ସଂକ୍ରମିତ ବ୍ୟକ୍ତି ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜି ଦେଇଥିବା ସାମ୍ନାକୁ ଆସିଛି। କରୋନାର ଏହି କରାଳ ରୂପକୁ ଦେଖି ବିଭିନ୍ନ ରାଜ୍ୟର ସରକାରମାନେ ଲକ୍‌ଡାଉନ୍ ଅବଧି ବଢ଼ାଇବା ପାଇଁ କେନ୍ଦ୍ରକୁ ପ୍ରସ୍ତାବ ଦେଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ଆଗରେ ଅଛନ୍ତି ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍)। ପ୍ରଥମେ ଆମକୁ ଜୀବନ ବଞ୍ଚାଇବାକୁ ହେବ, ତା'ପରେ ଯାଇ ଅର୍ଥନୀତିକୁ ସୁଧାରିପାରିବା ବୋଲି ସୋମବାର କେସିଆର୍ କହିଥିଲେ। ଏନେଇ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅନୁରୋଧ କରିଥିଲେ। ☞ପୃଷ୍ଠା-୪



ଲଣ୍ଡନରେ ଥିବା ଅଭିନେତା ପୂରବ କୋହଲି କରୋନା ଭୂତାଣୁ ଦ୍ୱାରା ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। କେବଳ ସେ ନୁହନ୍ତି ବରଂ ତାଙ୍କ ପରିବାରର ସମସ୍ତ ସଦସ୍ୟଙ୍କ ମଧ କରୋନା ପଜିଟିଭ ବାହାରିଛି। ବିଭିନ୍ନ ଟିଭି ଓ ରିୟଲିଟି ଶୋ'ରେ ନିଜ ଅଭିନୟର ଯାଦୁ ଦେଖାଇ ଦର୍ଶକଙ୍କୁ ବିଭୋର କରିଥିବା ପୂରବଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ସେ ପ୍ରକାଶ କରିଛନ୍ତି। ଗତ ବୁଧବାରଠାରୁ ସେ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିଛନ୍ତି।



ଆମେରିକାର ସାନ୍ ଫ୍ରାନ୍ସିସ୍କୋରେ ଜଣେ ମାସ୍କ ପିନ୍ଧିଥିବା ଜଗୁଆଳି ଲାଇଫ୍ଟ କମ୍ପାନୀ ମୁଖ୍ୟାଳୟରେ କାର୍ଯ୍ୟ ସମୟ ହ୍ରାସ ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଚାଇନା-ରୁଷିଆ ସୀମା ସିଲ୍

ବେଜିଂ,୭।୪

ଚାଇନା ଓ ରୁଷିଆ ମଧ୍ୟରେ ଥିବା ସ୍ଥଳ ସୀମାକୁ ମଙ୍ଗଳବାର ସିଲ୍ କରିଦିଆଯାଇଛି। ଚାଇନାର ୫୯ ନାଗରିକଙ୍କଠାରେ କରୋନା ଭାଇରସ୍ ଚିହ୍ନଟ ହେବା ପର ଭ୍ଲାଡିଭୋଷ୍ଟକ୍ ସୀମାନ୍ତ ସ୍ଥଳ ଓ ନଦୀ ବନ୍ଦର ସୀମାକୁ ଉଭୟ ପଟୁ ବନ୍ଦ କରିଦିଆଯାଇଛି। ଏହି ନାଗରିକମାନେ ଉକ୍ତ ସୀମା ଦେଇ ଚାଇନାକୁ ଫେରିଛନ୍ତି। ସେମାନଙ୍କୁ ଘରୋଇ ବିମାନରେ ଚାଇନା ଅଣାଯାଇଛି। ସମସ୍ତ କରୋନା ପଜିଟିଭ୍‌ଙ୍କୁ ୧୪ ଦିନ ପାଇଁ ବାଧ୍ୟତାମୂଳକ ଭାବେ କ୍ୱାରାଣ୍ଟାଇନ୍‌ରେ ରଖାଯିବ ବୋଲି ଭ୍ଲାଡିଭୋଷ୍ଟକ୍‌ସ୍ଥିତ ଚାଇନା କନ୍‌ସୁଲେଟର ୱେବ୍‌ସାଇଟ୍‌ରେ ଏକ ନୋଟିସ ଜାରି କରାଯାଇଛି। କେବଳ ସ୍ୱତନ୍ତ୍ର ପାସ୍ ରଖିଥିବା ବ୍ୟକ୍ତିଙ୍କୁ ରୁଷିଆ ପଟକୁ ଯାତ୍ରା ପାଇଁ ଅନୁମତି ଦିଆଯିବ ବୋଲି ଏକ ନୋଟିସରେ କୁହାଯାଇଛି। ତେବେ ପାସ୍‌ଧାରୀମାନଙ୍କୁ ଚାଇନାକୁ ଯିବା ପାଇଁ ଅନୁମତି ମିଳିବ କି ନାହିଁ ସେନେଇ କିଛି ସ୍ପଷ୍ଟ କରାଯାଇ ନାହିଁ।

## ୯ରେ ଜାତିସଂଘରେ ଆଲୋଚନା

ଜାତିସଂଘ,୭।୪

ସାରା ବିଶ୍ୱ ଏବେ ମାରାତ୍ମକ କରୋନା ମହାମାରୀ କବଳିତ ହୋଇଥିବାବେଳେ ସ୍ଥିତି ସମ୍ପର୍କରେ ଆଲୋଚନା ଲାଗି ଗୁରୁବାର ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ର ଏକ ବୈଠକ ବସୁଛି। ବିଶ୍ୱବ୍ୟାପୀ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩ ଲକ୍ଷ ୬୩ ହଜାରରେ ପହଞ୍ଚିଥିବାବେଳେ ୭୬ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ହେଲାଣି। ଏଭଳି ସ୍ଥିତିରେ ଜାତିସଂଘ ସୁରକ୍ଷା ପରିଷଦ ପ୍ରଥମ ଥର ପାଇଁ କରୋନା ଉପରେ ଆଲୋଚନା କରିବାକୁ ଯାଉଛି। ଏପ୍ରିଲ ମାସ ପାଇଁ ପରିଷଦର ଅଧ୍ୟକ୍ଷ ଥିବା ଡୋମିନିକାନ୍ ରିପବ୍ଲିକ୍ ପକ୍ଷରୁ କୁହାଯାଇଛି, କୋଭିଡ୍-୧୯ର ପ୍ରଭାବ ଉପରେ ଭିଡିଓ-ଟେଲିକନ୍‌ଫରେନ୍ସିଂ ଗୁରୁବାର ଅନୁଷ୍ଠିତ ହେବ। ଏଥିରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ଭାଗନେଇ ସୁରକ୍ଷା ପରିଷଦକୁ କରୋନା ସଂକ୍ରମଣ ସ୍ଥିତି ସମ୍ପର୍କରେ ଅବଗତ କରାଇବେ। ଚାଇନାରେ ଏହି ଭୂତାଣୁ ସଂକ୍ରମଣ ହେବା ୪ ମାସ ହୋଇଗଲାଣି। ଜାତିସଂଘ ସୁରକ୍ଷା ପରିଷଦରେ ଏନେଇ ଆଲୋଚନା କରିବାକୁ ଉଦ୍ୟମ ହୋଇଥିଲେ ହେଁ ଦୁଇ ଭିଟୋ କ୍ଷମତାସମ୍ପନ୍ନ ରାଷ୍ଟ୍ର ଆମେରିକା ଓ ଚାଇନା ମଧ୍ୟରେ ମତଭେଦ କାରଣରୁ ତାହା ହୋଇପାରି ନାହିଁ। ୯ ତାରିଖ ବୈଠକରେ କରୋନା ମୁକାବିଲା ଲାଗି ଜାତିସଂଘ ସୁରକ୍ଷା ପରିଷଦରେ ମିଳିତ ଘୋଷଣାନାମା କିମ୍ବା ସଂକଳ୍ପ ଆଣିବା ନିମନ୍ତେ ଆଲୋଚନା ହୋଇପାରେ ବୋଲି କୁହାଯାଉଛି। ସୂଚନାଯୋଗ୍ୟ କରୋନା ମହାମାରୀର ମୁକାବିଲା ନିମନ୍ତେ ଅନ୍ତର୍ଜାତୀୟ ସହଯୋଗ ବୃଦ୍ଧି ଲାଗି ଗତ ସପ୍ତାହରେ ଜାତିସଂଘ ସାଧାରଣ ସଭାରେ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା।

**କରୋନା ଚିନ୍ତା**

# ଦିନକରେ ଗଲା ୫ ହଜାର ଜୀବନ

ୱାଶିଂଟନ/ରୋମ୍/ଲଣ୍ଡନ,୭।୪

- ମୃତ୍ୟୁସଂଖ୍ୟା ୭୯ ହଜାର ଟପିଲା
- ବିଶ୍ୱବ୍ୟାପୀ ୧୩.୯୬ ଲକ୍ଷ ସଂକ୍ରମିତ
- ଆମେରିକାରେ ୩ ଲକ୍ଷ ୮୬ ହଜାର ଆକ୍ରାନ୍ତ
- ସ୍ପେନ୍, ବେଲଜିୟମ୍ ସ୍ଥିତି ବିଗୁଡ଼ୁଛି
- ଆଇସିୟୁରେ ବ୍ରିଟେନ ପ୍ରଧାନମନ୍ତ୍ରୀ

ସ୍ଥିତି କ୍ରମଶଃ ଜଟିଳରୁ ଜଟିଳତର ହେବାରେ ଲାଗିଛି। ବିଶ୍ୱର ୨୦୯ ଦେଶରେ କରୋନା ଭୂତାଣୁ କାୟାବିସ୍ତାର କରିବା ସହ ମୁଣ୍ଡ ପରେ ମୁଣ୍ଡ ନେଇଚାଲିଛି। ବିଶ୍ୱବ୍ୟାପୀ ମୃତ୍ୟୁସଂଖ୍ୟା ଏବେ ୭୯,୫୧୩ରେ ପହଞ୍ଚି ଥିବାବେଳେ ଆକ୍ରାନ୍ତଙ୍କ ସଂଖ୍ୟା ୧୩ ଲକ୍ଷ ୯୬ ହଜାର ଟପିଛି। କେବଳ ଆମେରିକାରେ ଭୂତାଣୁ ଯୋଗୁ ୧୨, ୨୨୭ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ୩,୮୬,୫୨୪ ଜଣ ଆକ୍ରାନ୍ତ ହୋଇଛନ୍ତି। ଗୋଟିଏ ଦିନରେ ଏଠାରେ ୧୩୫୬ ଜଣ ପ୍ରାଣ ହରାଇଛନ୍ତି। ଗତ ୨୪ ଘଣ୍ଟାରେ ୧୮,୮୩୪ କରୋନା ସଂକ୍ରମିତ ଏଠାରେ ଚିହ୍ନଟ ହୋଇଛନ୍ତି। ସବୁଠାରୁ ବଡ଼ କଥା ହେଲା ଗୋଟିଏ ଦିନରେ କରୋନା ଭୂତାଣୁ ୫ ହଜାର ଜୀବନ ନେଇଛି। ଆମେରିକା ପରେ ସ୍ପେନରେ ୨୪ ଘଣ୍ଟା ମଧ୍ୟରେ ୫୫୬, ବ୍ରିଟେନରେ ୭୮୬, ବେଲଜିୟମରେ ୪୦୩, ନେଦରଲାଣ୍ଡ୍‌ସରେ ୨୩୪ ମୁଣ୍ଡ ଗଡ଼ିଛି।

ଆମେରିକା ପରେ ଇଟାଲୀରେ ସ୍ଥିତି ସୁଧୁରିବାର ନାଁ ଧରୁନାହିଁ। ଏଠାରେ ବିଶ୍ୱର ସର୍ବାଧିକ ଲୋକ ଭୂତାଣୁର ଶୀକାର ହୋଇଛନ୍ତି। ମୃତ୍ୟୁସଂଖ୍ୟା ଏଠାରେ ବଢ଼ି ୧୭,୧୨୭ରେ ପହଞ୍ଚି ଥିବାବେଳେ ସଂକ୍ରମିତଙ୍କ ସଂଖ୍ୟା ୧.୩୬ ଲକ୍ଷ ଛୁଇଁଛି। ସେହିଭଳି ସ୍ପେନ ମଧ୍ୟ ଜଟିଳ ପରିସ୍ଥିତି ଦେଇ ଗତି କରୁଛି। ଏଠାରେ ମୃତ୍ୟୁସଂଖ୍ୟା ୧୩,୮୯୭ରେ ପହଞ୍ଚିଛି। ୧.୪୧ ଲକ୍ଷ ଲୋକ ଏଠାରେ ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଛନ୍ତି। ଜର୍ମାନୀରେ ୧.୦୫ ଲକ୍ଷ ଲୋକ ସଂକ୍ରମିତ ହୋଇଥିବା ବେଳେ ମୃତ୍ୟୁସଂଖ୍ୟା ୧,୯୦୫କୁ ବୃଦ୍ଧି ପାଇଛି। ଫ୍ରାନ୍ସରେ ୮,୯୧୪ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ସଂକ୍ରମିତଙ୍କ ସଂଖ୍ୟା ୯୮ ହଜାର ଟପିଛି। ଚାଇନାରେ ୩,୩୩୨ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ସଂକ୍ରମିତଙ୍କ ସଂଖ୍ୟା ୮୧,୮୯୯କୁ ବୃଦ୍ଧିପାଇଛି। ଇରାନରେ ୩,୮୭୩ ଜୀବନ ଯାଇଥିବା ବେଳେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୬୨,୫୫୬କୁ ଟପିଛି। ବ୍ରିଟେନ, ବେଲଜିୟମ୍ ଓ ନେଦରଲାଣ୍ଡ୍‌ସରେ ଭୂତାଣୁ ଦ୍ରୁତ ଗତିରେ ମାଡ଼ିଚାଲିଛି। ବ୍ରିଟେନରେ ଏପର୍ଯ୍ୟନ୍ତ ୬,୧୬୦ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ୫୫,୨୫୭ରେ ପହଞ୍ଚିଛି। କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିବା ବ୍ରିଟେନ୍ ପ୍ରଧାନମନ୍ତ୍ରୀ ବୋରିସ୍ ଜନସନ୍‌ଙ୍କୁ ମଙ୍ଗଳବାର ଆଇସିୟୁରେ ଭର୍ତ୍ତି କରାଯାଇଛି। ଅନୁରୂପ ଭାବେ ବେଲଜିୟମ୍‌ରେ ମଧ୍ୟ ସ୍ଥିତି ବିଗିଡ଼ିବାରେ ଲାଗିଛି। ଏଠାରେ ୨୨ ହଜାରରୁ ଊର୍ଦ୍ଧ୍ୱ କରୋନା ସଂକ୍ରମିତ ଥିବାବେଳେ ମୃତ୍ୟୁସଂଖ୍ୟା ବଢ଼ି ୨,୦୩୫ରେ ପହଞ୍ଚିଛି। ନେଦରଲାଣ୍ଡ୍‌ସରେ ୨୧ ଶହ ମୁଣ୍ଡ ନେଇଛି ଭୂତାଣୁ। ଏତତ୍‌ବ୍ୟତୀତ ତୁର୍କୀରେ ୭୨୫, ସୁଇଜରଲାଣ୍ଡରେ ୮୨୧, ବ୍ରାଜିଲରେ ୫୮୧, ସ୍ୱିଡେନରେ ୫୯୧, ଇଣ୍ଡୋନେସିଆରେ ୨୨୧, ଡେନ୍‌ମାର୍କରେ ୨୦୩, ରୋମାନିଆରେ ୧୯୭, ଫିଲିପାଇନ୍ସରେ ୧୭୭ ମୁଣ୍ଡ ଗଡ଼ିଲାଣି। ଅଧିକାଂଶ ରାଷ୍ଟ୍ର କରୋନା ପ୍ରକୋପକୁ ନେଇ ଚିନ୍ତାରେ ପଡ଼ିଥିବା ବେଳେ ହସ୍ପିଟାଲ, ଡାକ୍ତର ଓ ଚିକିତ୍ସା ଉପକରଣର ଅଭାବ ସହ ଖାଦ୍ୟାଭାବ ଆଶଙ୍କା ପରିସ୍ଥିତିକୁ ଭିନ୍ନ ମୋଡ ଦେଉଛି। ବିଶ୍ୱର ଅଧିକାଂଶ ଦେଶରେ ଲକ୍‌ଡାଉନ୍ ଜାରି ହୋଇଥିବା ବେଳେ ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ଓ କଳାବଜାରକାରୀଙ୍କ ଦୌରାତ୍ମ୍ୟ ସମସ୍ୟାକୁ ବହୁଗୁଣିତ କରିପକାଇଛି।




ନୂଆଦିଲ୍ଲୀରେ ଜଣେ ବ୍ୟକ୍ତି ମାସ୍କ ପିନ୍ଧି କାନ୍ଧରେ ମାଙ୍କଡ଼କୁ ବସାଇ ନେଉଛନ୍ତି।

## ଜାପାନରେ ଜରୁରୀ ପରିସ୍ଥିତି

ଟୋକିଓ,୭।୪


ଶିଞ୍ଜୋ ଆବେ

କୋଭିଡ୍-୧୯ ସଂକ୍ରମଣକୁ ରୋକିବା ଲାଗି ଜାପାନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେ ମଙ୍ଗଳବାର ଦେଶରେ ଷ୍ଟେଟ ଅଫ୍ ଏମର୍ଜେନ୍ସି ଘୋଷଣା କରିଛନ୍ତି। ଜାପାନର ବିଭିନ୍ନ ଅଞ୍ଚଳରେ ଏହି ଜରୁରୀ ପରିସ୍ଥିତି ୧ ମାସ ପାଇଁ ଜାରି ରହିବ ବୋଲି ପାର୍ଲାମେଣ୍ଟର ଅନୁମୋଦନ ମିଳିଛି। ପ୍ରଧାନମନ୍ତ୍ରୀ ଆବେ ସ୍ୱାସ୍ଥ୍ୟ ସଙ୍କଟର ମୁକାବିଲା ପାଇଁ ନିଯୁକ୍ତ ବରିଷ୍ଠ ଅଧିକାରୀମାନଙ୍କ ସହ ରାଜଧାନୀ ଟୋକିଓରେ ଏକ ବୈଠକ କରିବା ପରେ ଏହି ନିଷ୍ପତ୍ତି ନିଆଯାଇଥିବା ସୂଚନା ଦେଇଛନ୍ତି। ଜରୁରିକାଳୀନ ପରିସ୍ଥିତି ମଙ୍ଗଳବାରଠାରୁ ଟୋକିଓ ମେଟ୍ରୋପଲିଟାନ୍ ଏରିଆ ସମେତ କାନାଗାୱା, ସାଇଟାମା, ଚିବା, ଓସାକା, ହିୟୋଗୋ ଓ ଫୁକୁସିମା ଅଞ୍ଚଳରେ ମେ ୬ ତାରିଖ ପର୍ଯ୍ୟନ୍ତ ଲାଗୁ ହୋଇଛି।


ଲକ୍‌ଡାଉନ୍ ବେଳେ ଚେନ୍ନାଇରେ ପିଲାଟି ମାସ୍କ ପିନ୍ଧି ପାଣି ଆଣିବା ପାଇଁ ଯାଉଛି।

## କଳାବଜାରକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ନୂଆଦିଲ୍ଲୀ,୭।୪


ଅମିତ ଶାହା

ଭାରତରେ ୨୧ ଦିନିଆ ଲକ୍‌ଡାଉନ୍ ଘୋଷଣା କରାଯାଇଥିବା ବେଳେ ଅତ୍ୟାବଶ୍ୟକ ସାମଗ୍ରୀର ଦର ବଢ଼ିବାରେ ଲାଗିଛି। କେତେକ ସ୍ଥାନରେ ଜିନିଷ ମିଳୁ ନ ଥିବା ନଜରକୁ ଆସିଛି। ଏଭଳି ସ୍ଥିତିରେ ବ୍ୟବସାୟୀମାନେ ଜିନିଷ ହୋର୍ଡିଂକରି ରଖୁଥିବା ବେଳେ କେତେକେ ଚଢ଼ା ଦରରେ ଏଗୁଡ଼ିକୁ ଲୋକଙ୍କୁ ବିକ୍ରି କରୁଛନ୍ତି। କଳାବଜାରକାରୀଙ୍କୁ ସାବାଡ଼କରିବା ଲାଗି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେମାନଙ୍କ ବିରୋଧରେ ତୁରନ୍ତ କଠୋର ପଦକ୍ଷେପ ଗ୍ରହଣ କରିବା ଲାଗି ନିର୍ଦ୍ଦେଶନାମା ଜାରି କରାଯାଇଛି। ରାଜ୍ୟ ସରକାରଙ୍କ ସହ ସମନ୍ୱୟ ରଖି ହୋର୍ଡିଂ ଓ କଳାବଜାରକୁ ରୋକିବା ଲାଗି ଶାହା ନିର୍ଦ୍ଦେଶ ଦେଇଥିବା ମନ୍ତ୍ରଣାଳୟର ଯୁଗ୍ମ ସଚିବ ପୁଣ୍ୟ ସଲିଳ ଶ୍ରୀବାସ୍ତବ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ବିମାନ ଓ ରେଳ ଦ୍ୱାରା ଅଧିକ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ କରାଯାଉଥିବା ସେ କହିଛନ୍ତି। ଆଗକୁ ପାର୍ବଣ ଋତୁ ଆସୁଥିବାରୁ ସରକାରୀ କଟକଣା ମାନି ସାମାଜିକ ଦୂରତ୍ୱ ରକ୍ଷାକରିବା ଲାଗି ମଧ୍ୟ ପରାମର୍ଶ ଦିଆଯାଇଛି।

## ତଦନ୍ତ ପାଇଁ ମୌଲାନା ପ୍ରସ୍ତୁତ

ନୂଆଦିଲ୍ଲୀ,୭।୪-



ସାରା ଦେଶରେ କରୋନା ଭୂତାଣୁର ବିଷମଞ୍ଜି ବୁଣିଥିବା ତବଲିଘି ଜମାତ୍ ମରକଜ୍ ମୁଖ୍ୟ ମହମ୍ମଦ ସାଦ୍ କାନ୍ଧଲଭିଙ୍କ ବିରୋଧରେ ମାମଲା ଦାଏର ହେବା ପରଠୁ ସେ ଫେରାର ଅଛନ୍ତି। ସେ କ୍ୱାରାଣ୍ଟାଇନ୍‌ରେ ଅଛନ୍ତି ଏବଂ ଆସନ୍ତା ୮-୯ ଦିନରେ ସାମ୍ନାକୁ ଆସିବେ। ମୌଲାନା ସାଦ୍ ତଦନ୍ତର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ଥିବା ମଙ୍ଗଳବାର ତାଙ୍କ ଓକିଲ ସୂଚନା ଦେଇଛନ୍ତି। ଦିଲ୍ଲୀର ନିଜାମୁଦ୍ଦିନ ସେଣ୍ଟର ପକ୍ଷରୁ ଆୟୋଜିତ ଧର୍ମସଭା ଯୋଗୁ ଦେଶରେ ୧,୦୦୦ରୁ ଊର୍ଦ୍ଧ୍ୱ ଜଣ କରୋନା ଭାଇରସ୍ ଦ୍ୱାରା ସଂକ୍ରମିତ ହୋଇଥିବା ଅଭିଯୋଗ ହୋଇଛି। ମୌଲାନା ଲକ୍‌ଡାଉନ୍ ନିୟମ ଉଲ୍ଲଂଘନ କରିଥିବାରୁ ତାଙ୍କ ବିରୋଧରେ ମାମଲା ଦାଏର କରାଯାଇଛି। ମୌଲାନା ଭୀରୁଙ୍କ ଭଳି ଲୁଚି ନାହାନ୍ତି ବୋଲି ତାଙ୍କ ଓକିଲ ତଉସିଫ୍ ଖାନ୍ କହିଛନ୍ତି।

## ଦେଶଦ୍ରୋହ ମାମଲାରେ ବିଧାୟକ ଗିରଫ

ଗୁଆହାଟୀ,୭।୪



କ୍ୱାରାଣ୍ଟାଇନ ସେଣ୍ଟରକୁ ନେଇ ସାମ୍ପ୍ରଦାୟିକ ମନ୍ତବ୍ୟ ଦେଇଥିବା ଆସାମର ବିଧାୟକ ଅମିନୁଲ ଇସ୍‌ଲାମଙ୍କୁ ମଙ୍ଗଳବାର ଗିରଫ କରାଯିବା ସହ ତାଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ ହୋଇଛି। ଆସାମରେ କ୍ୱାରାଣ୍ଟାଇନ ସେଣ୍ଟରଗୁଡ଼ିକ ବିପଜ୍ଜନକ ଓ ଏହାର ଅବସ୍ଥା ଅଟକ କେନ୍ଦ୍ରଠାରୁ ଅଧିକ ଖରାପ ବୋଲି ଏଆଇୟୁଡିଏଫ୍ ବିଧାୟକ ଅମିନୁଲ ଇସ୍‌ଲାମ ଅଭିଯୋଗ କରିଥିଲେ। ଗତମାସରେ ଦିଲ୍ଲୀ ନିଜାମୁଦ୍ଦିନ ଧର୍ମସଭାରୁ ଫେରିଥିବା ଲୋକଙ୍କୁ କ୍ୱାରାଣ୍ଟାଇନ ସେଣ୍ଟରରେ ସ୍ୱାସ୍ଥ୍ୟକର୍ମୀମାନେ ଦୁର୍ବ୍ୟବହାର କରୁଥିବା ଓ ସୁସ୍ଥ ଲୋକଙ୍କୁ ଇଞ୍ଜେକ୍‌ସନ ଦେଇ ଅସୁସ୍ଥ କରୁଥିବା ସେ କହିଥିଲେ।

# ହଟିଲା ହାଇଡ୍ରୋକ୍ସିକ୍ଲୋରୋକୁଇନ ରପ୍ତାନି କଟକଣା

ନୂଆଦିଲ୍ଲୀ,୭।୪




**ଟ୍ରମ୍ପଙ୍କ ଧମକ ପରେ ନିଷ୍ପତ୍ତି ବଦଳାଇଲା ଭାରତ**

ଆମେରିକା ସମେତ କରୋନା ଭୂତାଣୁ ଦ୍ୱାରା ସର୍ବାଧିକ କ୍ଷତିଗ୍ରସ୍ତ ରାଷ୍ଟ୍ରଗୁଡ଼ିକୁ ଭାରତ ଔଷଧ ଯୋଗାଇଦେବ। ଏବେ ମ୍ୟାଲେରିଆ ନିରାକରଣ ଔଷଧ ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ଏବଂ ପାରାସିଟାମଲ ଉପରୁ କଟକଣା ଆଂଶିକ ଉଠାଇଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ଔଷଧ ଯୋଗାଇଦେବା ଲାଗି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦୁଇଦିନ ପୂର୍ବରୁ ଭାରତକୁ ଅନୁରୋଧ କରିଥିଲେ। ଯଦି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଔଷଧ ପଠାଇବାକୁ ମନା କରନ୍ତି ତେବେ ଏହାର ପ୍ରତିଶୋଧ ନିଆଯିବ ବୋଲି ଟ୍ରମ୍ପ ଚେତାବନୀ ଦେବାର କିଛି ସମୟ ପରେ ଭାରତ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି।

ମହାମାରୀର ମୁକାବିଲା ଲାଗି ମାନବିକତା ଦୃଷ୍ଟିକୋଣରୁ ଭାରତ ଉପରେ ନିର୍ଭରଶୀଳ ପଡୋଶୀ ଦେଶଗୁଡ଼ିକୁ ପର୍ଯ୍ୟାପ୍ତ ପରିମାଣରେ ପାରାସିଟାମଲ ଏବଂ ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ଯୋଗାଇ ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିସହିତ ଯେଉଁ ଦେଶଗୁଡିକ କରୋନା ସଂକ୍ରମଣରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛନ୍ତି, ସେଗୁଡ଼ିକୁ ମଧ୍ୟ ଜରୁରୀ ଔଷଧ ଯୋଗାଇ ଦିଆଯିବ ବୋଲି ଅର୍ଥ ମନ୍ତ୍ରଣାଳୟ ମୁଖପାତ୍ର ଅନୁରାଗ ଶ୍ରୀବାସ୍ତବ କହିଛନ୍ତି। ବିଶ୍ୱର ଜୀବନରକ୍ଷାକାରୀ ଔଷଧର ଏକ-ଚତୁର୍ଥାଂଶରୁ ଅଧିକ ଭାରତ ଯୋଗାଇଥାଏ। କୋଭିଡ୍-୧୯ ମାମଲା ବଢ଼ିବା ପରେ ଅଧିକ ଔଷଧ ମହଜୁଦ ରଖିବା ଲାଗି ଗତମାସରେ ସରକାର ୨୬ଟି ଫାର୍ମାସ୍ୟୁଟିକାଲ ଉପାଦାନ ଓ ସେଥିରୁ ପ୍ରସ୍ତୁତ ଔଷଧ ରପ୍ତାନି ଉପରେ କଟକଣା ଲଗାଇଥିଲେ।

କୋଭିଡ୍-୧୯ ମହାମାରୀର ଭୟାବହତାକୁ ଦୃଷ୍ଟିରେ ରଖି ଅନ୍ତର୍ଜାତୀୟ ସମୁଦାୟ ଦୃଢ଼ ଏକତା ଓ ସହଯୋଗ ମନୋଭାବ ପ୍ରଦର୍ଶନ କରିବା ଜରୁରୀ ବୋଲି ଭାରତ ସବୁବେଳେ କହିଆସିଛି। ତେବେ ଘରୋଇ ଆବଶ୍ୟକତା ପୂରଣ ପରେ ଗଚ୍ଛିତ ପରିମାଣକୁ ଦେଖି ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ଏବଂ ପାରାସିଟାମଲ ରପ୍ତାନି ପାଇଁ ଅନୁମତି ଦିଆଯିବ ବୋଲି ଅର୍ଥ ମନ୍ତ୍ରଣାଳୟ କହିଛି। ଏହି ଔଷଧ ଲାଇସେନ୍ସ ବର୍ଗରେ ଯାଉଥିବାରୁ ଏହାର ଚାହିଦା ଉପରେ ନିୟମିତ ସମୀକ୍ଷା କରାଯାଇଥାଏ। ମ୍ୟାଲେରିଆ ନିରାକରଣ ଔଷଧ ହାଇଡ୍ରୋକ୍ସିକ୍ଲୋରୋକୁଇନ୍ କରୋନା ଚିକିତ୍ସାରେ ବ୍ୟବହାର କରାଯାଇପାରିବ ବୋଲି ପରୀକ୍ଷାରୁ ଜଣାପଡିବା ପରେ ଗତମାସ ୨୫ ତାରିଖରେ ସରକାର ଏହାର ରପ୍ତାନି ଉପରେ କଟକଣା ଲଗାଇଥିଲେ।

## ସେନା ସହାୟତା ଲୋଡ଼ିଲେ ଟ୍ରମ୍ପ



ୱାଶିଂଟନ,୭।୪: ଆମେରିକାରେ କରୋନା ସଂକ୍ରମଣ ରୋକିବାରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସରକାରଙ୍କ ପକ୍ଷରୁ ହୋଇଥିବା ସମସ୍ତ ଉଦ୍ୟମ ଫେଲ୍ ମାରିଛି। ଏବେ ଦେଶରେ ସଂକ୍ରମିତଙ୍କ ସଂଖ୍ୟା ୩ ଲକ୍ଷ ୭୦ ହଜାର ଛୁଇଁଥିବା ବେଳେ ପ୍ରାୟ ୧୧ ହଜାର ଲୋକଙ୍କ ମୃତ୍ୟୁ ଘଟିଲାଣି। ଏହାକୁ ରୋକିବା ଲାଗି ଶେଷରେ ରାଷ୍ଟ୍ରପତି ଟ୍ରମ୍ପ ସୈନ୍ୟବାହିନୀର ସହାୟତା ଲୋଡ଼ିଛନ୍ତି। ନ୍ୟୁୟର୍କରେ କରୋନା ସଂକ୍ରମଣ ଉପରେ ନିୟନ୍ତ୍ରଣ ଆଣିବା ଲାଗି ସୈନ୍ୟବାହିନୀର ୧୦୦୦ ଯବାନଙ୍କୁ ମୁତୟନ କରାଯାଇଛି। ଦେଶର ସ୍ଥିତି କ୍ରମଶଃ ଜଟିଳ ହେବାକୁ ଯାଉଥିବାରୁ ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଥିବା ଟ୍ରମ୍ପ କହିଛନ୍ତି। ଆସନ୍ତା ୩ଦିନ ମଧ୍ୟରେ ନ୍ୟୁୟର୍କରେ ବାୟୁସେନା ଏବଂ ନୌସେନାର ଡାକ୍ତରଙ୍କୁ ଚିକିତ୍ସା କାର୍ଯ୍ୟରେ ନିୟୋଜିତ କରାଯିବ। କରୋନା ମହାମାରୀକୁ ରୋକିବା ପାଇଁ ଅଧିକ ସ୍ୱାସ୍ଥ୍ୟକର୍ମୀଙ୍କୁ ନ୍ୟୁୟର୍କ ପଠାଯିବ ବୋଲି ଟ୍ରମ୍ପ ସୂଚନା ଦେଇଛନ୍ତି।

**ଲକ୍‌ଡାଉନ ବେଳେ ରକ୍ତଦାତାଙ୍କୁ ମିଳିବ ଟ୍ରାଭେଲ୍ ପାସ୍**

ନୂଆଦିଲ୍ଲୀ,୭।୪(ଆଇଏଏନ୍ଏସ୍): ଲକ୍‌ଡାଉନ ବେଳେ ଜନସାଧାରଣଙ୍କ ଯାତାୟାତ ଉପରେ କଟକଣା ଲାଗିଛି। ତେବେ ବିଭିନ୍ନ ହସ୍ପିଟାଲରେ ରକ୍ତର ଆବଶ୍ୟକତା ବଢ଼ିଯାଇଥିବାରୁ ରକ୍ତଦାତାଙ୍କ ପାଇଁ କଟକଣା କୋହଳ କରାଯାଇଛି। ଯେଉଁମାନେ ରକ୍ତ ଦେବାକୁ ଚାହିଁବେ ସେମାନଙ୍କୁ ସମ୍ପୃକ୍ତ ସଂସ୍ଥାଗୁଡ଼ିକ ପକ୍ଷରୁ ଟ୍ରାଭେଲ୍ ପାସ୍ ଯୋଗାଇଦିଆଯିବ। ଯିଏ ରକ୍ତ ଦେବାକୁ ଚାହିଁବେ, ତାଙ୍କୁ ଭାରତୀୟ ରେଡ଼କ୍ରସ୍ ସୋସାଇଟିର ଗାଡ଼ି ଘରୁ ଆଣିବା ସହ ରକ୍ତଦାନ ପରେ ନେଇ ଘରେ ଛାଡିଦେଇଆସିବ ବୋଲି ଏହାର ନିର୍ଦ୍ଦେଶକ ଡ. ବନଶ୍ରୀ ସିଂ କହିଛନ୍ତି।



**ସଂକ୍ଷେପରେ**

## ୨ ଦିନ ଝଡ଼ବର୍ଷା ସମ୍ଭାବନା

■ ୧୦ରୁ ବଢ଼ିବ ତାତି

**ଭୁବନେଶ୍ୱର,୭।୪(ବ୍ୟୁରୋ):** ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି । ସକାଳ ୯ଟାରୁ ଅପରାହ୍ନ ୫ଟା ଯାଏ ପ୍ରଚଣ୍ଡ ଖରା ଲାଗି ରହୁଛି । ଅଧିକାଂଶ ସ୍ଥାନରେ ପାରଦ ୩୮ରୁ ୪୦ ଡିଗ୍ରୀ ସେଲସିୟସ ଉପରେ ରହୁଛି। ଦିନରେ ତାତି ବଢ଼ିଲେ ମଧ୍ୟ ଅପରାହ୍ନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ୧୩ ଜିଲାର କେତେକ ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ସେହି ଜିଲାଗୁଡ଼ିକ ହେଲା କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ବଲାଙ୍ଗୀର, କନ୍ଧମାଳ, ବରଗଡ଼, ନୂଆପଡ଼ା, ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼। ଏଥିସହିତ ଆସନ୍ତା ୨ ଦିନ ଯାଏ ଏଭଳି ପାଗ ରହିବ। ତେବେ ଆସନ୍ତା ୧୦ ତାରିଖରୁ ତାତି ବଢ଼ିବ। ପାରଦ ୪୦ ଡିଗ୍ରୀ ସେଲସିୟସ ଉପରକୁ ଚାଲିଯିବ ବୋଲି ପାଣିପାଗ ବିଭାଗରୁ ପୂର୍ବାନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟର ବିଭିନ୍ନ ଭାଗରେ ତାତିର ପ୍ରକୋପ ବୃଦ୍ଧି ପାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ତାଳଚେରରେ ସର୍ବାଧିକ ୪୦.୧ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ମାଲକାନଗିରି ୪୦, ଅନୁଗୋଳ ୩୯.୫, ବାରିପଦା ୩୯.୪, ଭୁବନେଶ୍ୱର ୩୮.୭, ବାଲାଙ୍ଗୀର ୩୮.୫, ଭବାନୀପାଟଣା ୩୮.୫ ଏବଂ ସୋନପୁରରେ ୩୮.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

## ଘରୋଇ ରନ୍ଧନଗ୍ୟାସ୍ ପରିବହନ, ବିତରଣ ଲକ୍‌ଡାଉନ୍ କଟକଣାମୁକ୍ତ

ଭୁବନେଶ୍ୱର, ୭।୪(ବ୍ୟୁରୋ): ଘରୋଇ ରନ୍ଧନ ଗ୍ୟାସ୍ ଅତ୍ୟାବଶ୍ୟକ ସାମଗ୍ରୀ। ତେଣୁ ଏହାର ଯୋଗାଣ ଓ ପରିବହନକୁ ଏକ ଅତ୍ୟାବଶ୍ୟକ ସେବା ଭାବେ ଘୋଷଣା କରାଯାଇଛି। ଏନେଇ ମଙ୍ଗଳବାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସୂଚନା ଦେଇଛନ୍ତି । କରୋନା ଭୂତାଣୁ ସଂକ୍ରମଣ (କୋଭିଡ୍-୧୯)ର ମୁକାବିଲା ନିମନ୍ତେ ଓଡ଼ିଶା ସମେତ ସାରା ଦେଶରେ ଲକ୍‌ଡାଉନ୍ (ତାଲାବନ୍ଦ) ଜାରି ରହିଥିବାବେଳେ ଘରୋଇ ରନ୍ଧନ ଗ୍ୟାସ୍ ପରିବହନ, ଯୋଗାଣ ଓ ବିତରଣକୁ କୌଣସି ପ୍ରକାର କଟକଣାରୁ ମୁକ୍ତ ରଖାଯାଇଛି । ଏଲ୍‌ପିଜି ଆଉଟ୍‌ଲେଟ୍‌ଗୁଡ଼ିକୁ ଘରୋଇ ରନ୍ଧନଗ୍ୟାସ୍‌ର ନିରବଚ୍ଛିନ୍ନ ପରିବହନ ଏବଂ ବିତରଣକୁ ସୁନିଶ୍ଚିତ କରିବା ନିମନ୍ତେ ବିଭାଗ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି । ପୋଲିସ ପ୍ରଶାସନ, ଜିଲା ପ୍ରଶାସନ ଏବଂ ଯୋଗାଣ ଅଧିକାରୀ ଏବଂ ତୈଳ କମ୍ପାନୀଗୁଡ଼ିକୁ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଛି। ଆଇଓସିଏଲ୍, ବିପିସିଏଲ୍ ଏବଂ ଏଚ୍‌ପିସିଏଲ୍ ଦ୍ୱାରା ସ୍ଥିର କରାଯାଇଥିବା ସର୍ବନିମ୍ନ ଅଧିକାରୀ ଏବଂ କର୍ମଚାରୀଙ୍କ ଦ୍ୱାରା ସମସ୍ତ ଏଲ୍‌ପିଜି ଆଉଟ୍‌ଲେଟ୍ ସ୍ୱାଭାବିକ କାର୍ଯ୍ୟ ନିର୍ଘଣ୍ଟ ଅନୁଯାୟୀ କାର୍ଯ୍ୟକରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

# ଦେଖାଗଲା ସୁପର ମୁନ୍

**ଏପ୍ରିଲ ମାସ ସାରା ଦେଖାଯିବ ଶୁକ୍ର, ମଙ୍ଗଳ, ଶନି, ବୃହସ୍ପତି ଗ୍ରହ**



ଭୁବନେଶ୍ୱର, ୭।୪(ବ୍ୟୁରୋ)

ଏପ୍ରିଲ ୭ ତାରିଖ ସନ୍ଧ୍ୟାରୁ ୮ତାରିଖ ଭୋର ଯାଏ ସୁପର ମୁନ୍ ଦେଖିବାକୁ ମିଳିଛି। ଏହି ସୁପର ମୁନ୍ ସାଧାରଣ ପୂର୍ଣ୍ଣିମା ଅପେକ୍ଷା ୬ପ୍ରତିଶତ ବଡ଼ ଓ ୨୫ପ୍ରତିଶତ ଅଧିକ ଉଜ୍ଜ୍ୱଳ ଦେଖିବାକୁ ମିଳିଥିଲା। ଚଳିତ ବର୍ଷର ଏହା ସବୁଠୁ ଉଜ୍ଜ୍ୱଳତମ ପୂର୍ଣ୍ଣ ଚନ୍ଦ୍ର ଭାବେ ଦେଖାଦେଇଛି। ଲକ୍‌ଡାଉନ୍ ଯୋଗୁ ଅଧିକାଂଶ ଲୋକେ ଘରେ ରହୁଥିବାରୁ ଏହି ଦୃଶ୍ୟକୁ ଉପଭୋଗ କରିଥିବା ଦେଖିବାକୁ ମିଳିଥିଲା। ବର୍ତ୍ତମାନ ସନ୍ଧ୍ୟା ସମୟରେ ପଶ୍ଚିମ ଆକାଶରେ ଶୁକ୍ର ଗ୍ରହ ଅତି ଉଜ୍ଜ୍ୱଳ ଦେଖିବାକୁ ମିଳିବ। ସେହିପରି ପୂର୍ବ ଆକାଶରେ ମଙ୍ଗଳ, ଶନି ଓ ବୃହସ୍ପତି ଗ୍ରହ ମଧ୍ୟ ପାଖାପାଖି ରହି ଖୁବ୍ ସୁନ୍ଦର ଦେଖାଯିବେ। ଏହି ଦୃଶ୍ୟ ଏପ୍ରିଲ୍ ମାସ ସାରା ଦେଖିବାକୁ ମିଳିବ ବୋଲି ପଠାଣି ସାମନ୍ତ ଉପନିର୍ଦ୍ଦେଶକ ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି।

### ୨୦୨୦ରେ ୩ ସୁପର ମୁନ୍

୨୦୨୦ରେ ମୋଟ ୩ଟି ସୁପରମୁନ୍ ଦେଖିବାକୁ ମିଳିବ। ପ୍ରଥମଟି ଗତ ମାସ ୯ ତାରିଖରେ ଦେଖିବାକୁ ମିଳିଥିବା ବେଳେ ଚନ୍ଦ୍ରଠାରୁ ପୃଥିବୀର ଦୂରତା ୩ ଲକ୍ଷ ୫୭ହଜାର ୪୦୪ କି.ମି. ଥିଲା। ଏପ୍ରିଲ୍ ୭ ଅର୍ଥାତ୍ ମଙ୍ଗଳବାର ଦ୍ୱିତୀୟ ସୁପରମୁନ୍ ଦେଖିବାକୁ ମିଳିଛି। ଏହି ସମୟରେ ଚନ୍ଦ୍ରଠାରୁ ପୃଥିବୀର ଦୂରତା ୩ଲକ୍ଷ ୫୭ହଜାର ୦୩୫ କି.ମି. ରହିଛି ଏବଂ ଶେଷ ସୁପର ମୁନ୍ ଆସନ୍ତା ମେ ମାସ ୭ତାରିଖରେ ଦେଖିବାକୁ ମିଳିବ ସେ ସମୟରେ ଚନ୍ଦ୍ରର ଦୂରତା ପୃଥିବୀଠାରୁ ୩ ଲକ୍ଷ ୬୧ହଜାର ୧୮୪ କି.ମି. ରହିବ ବୋଲି ଜଣାପଡ଼ିଛି।

### ସୁପର ମୁନ୍ କ'ଣ

ଚନ୍ଦ୍ର ପୃଥିବୀ ଚାରିପଟେ ପ୍ରାୟ ୨୮ଦିନରେ ଥରେ ଏକ ଅଣ୍ଡାକୃତି ପଥରେ ବୁଲିଥାଏ ଓ ପ୍ରାୟ ୨୯ ଦିନରେ ଥରେ ଗୋଟିଏ ପୂର୍ଣ୍ଣମୀ ପଡିଥାଏ। ଅଣ୍ଡାକୃତି ପଥରେ ବୁଲୁଥିବାରୁ ସବୁଠାରୁ ନିକଟତର ଥିବାବେଳେ ଚନ୍ଦ୍ର ଆମଠାରୁ ସର୍ବନିମ୍ନ ୩.୫୬ ଲକ୍ଷ କି.ମି. ଦୂରରେ ରହୁଥିବାବେଳେ ସର୍ବାଧିକ ୪.୦୬ଲକ୍ଷ କି.ମି. ଦୂରରେ ରୁହେ। ପୃଥିବୀର ନିକଟତର ଥିବା ସମୟରେ ଯଦି ଏକ ପୂର୍ଣ୍ଣମୀ ପଡ଼େ ତେବେ ଚନ୍ଦ୍ରର ଆକାର ଆମକୁ ସ୍ୱଳ୍ପ ବଡ଼ ଦେଖାଯାଏ। ଏହାକୁ ଲକ୍ଷ୍ୟ କରି ପ୍ରଥମେ ଆମେରିକାର ଜ୍ୟୋତିଷ ରିଚାର୍ଡ ନଲ୍ ୧୯୭୯ରେ 'ସୁପର ମୁନ' ଶବ୍ଦ ପ୍ରଚଳନ କରିଥିଲେ। ସୁପର ମୁନ୍ ସମୟରେ ଚନ୍ଦ୍ର ପ୍ରାୟ ୧୦ ରୁ ୧୪% ବଡ଼ ତଥା ୨୫ରୁ ୩୦% ଉଜ୍ଜ୍ୱଳ ଦେଖାଯାଏ। ପ୍ରାୟ ପ୍ରତ୍ୟେକ ବର୍ଷ ଏହିଭଳି ଦୃଶ୍ୟ ଦେଖିବାକୁ ମିଳିଥାଏ।

# 'ବିଧାୟକଙ୍କ ବିକାଶ ପାଣ୍ଠି ୨ବର୍ଷ ଲାଗି ବନ୍ଦ ହେଉ'

**ରାଜ୍ୟ ସରକାରଙ୍କୁ ବିରୋଧୀ ଦଳ ନେତାଙ୍କ ପ୍ରସ୍ତାବ**

ଭୁବନେଶ୍ୱର, ୭।୪(ବ୍ୟୁରୋ)

କରୋନା ମୁକାବିଲା ସକାଶେ ଅର୍ଥନୀତିରେ ସୁଧାର ଆଣିବା ପାଇଁ ସମସ୍ତ ଏମ୍‌ପିଙ୍କ ବେତନ ଗୋଟିଏ ବର୍ଷ ପାଇଁ ୩୦% ହ୍ରାସ କରିବା ନେଇ କେନ୍ଦ୍ର କ୍ୟାବିନେଟ୍ ସୋମବାର ନିଷ୍ପତ୍ତି ନିଆଯାଇଥିଲା। ବେତନ ହ୍ରାସରୁ ମିଳିବାକୁ ଥିବା ଅର୍ଥକୁ କରୋନା ଭୂତାଣୁ ମୁକାବିଲାରେ ବିନିଯୋଗ କରାଯିବ। ଏହାସହ ୨୦୨୦-୨୧ ଏବଂ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ଏମ୍‌ପି ଲାଡ୍(ସ୍ଥାନୀୟ ଅଞ୍ଚଳ ବିକାଶ) ପାଣ୍ଠି ସ୍ଥଗିତ ରଖିବାକୁ କ୍ୟାବିନେଟ୍‌ରେ ନିଷ୍ପତ୍ତି ନିଆଯାଇଛି। ସେହିପରି ଓଡ଼ିଶାର ସମସ୍ତ ବିଧାୟକଙ୍କ ବିକାଶ ପାଣ୍ଠିକୁ ଦୁଇବର୍ଷ ପାଇଁ ବନ୍ଦ କରିବାକୁ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି। ପ୍ରଦୀପ୍ତ କହିଛନ୍ତି ଯେ, ସାରା ଦେଶ ଓ ରାଜ୍ୟଗୁଡ଼ିକ ଏକ ମନ ଏବଂ ପ୍ରାଣରେ କରୋନା ଭୂତାଣୁ ସଂକ୍ରମଣ ସହ ଲଢ଼େଇ କରୁଛନ୍ତି। ଦେଶ ଓ ରାଜ୍ୟର ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଲୋକ ପ୍ରତିନିଧିମାନଙ୍କ ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ। ରାଜ୍ୟର ସମସ୍ତ ବିଧାୟିକା ଏବଂ ବିଧାୟକଙ୍କ ବିକାଶ ପାଣ୍ଠିକୁ ୨ ବର୍ଷ ପାଇଁ ବନ୍ଦ କରାଯାଉ। ଏହାସହ ସମସ୍ତ ବିଧାୟିକା, ବିଧାୟକ ଏବଂ ମନ୍ତ୍ରୀମାନେ ସେମାନଙ୍କ ଦରମା ଅନ୍ୟୁନ ଏକବର୍ଷ ଲାଗି ୩୦% କମ୍ କରାଯାଉ। ସେହିପରି ରାଜ୍ୟର ବିଭିନ୍ନ ସରକାରୀ ସଂସ୍ଥା ଯଥା ବିକାଶ ପରିଷଦ ଓ ସରକାରଙ୍କ ଉଦ୍ୟୋଗଗୁଡ଼ିକରେ ସଭାପତି କିମ୍ବା ଅଧ୍ୟକ୍ଷ ଥିବା ରାଜନୈତିକ ବ୍ୟକ୍ତିବିଶେଷମାନେ ୩୦ ପ୍ରତିଶତ କମ୍ ଦରମା ନିଅନ୍ତୁ। ଏହିସବୁରୁ ଯେଉଁ ଅର୍ଥ ସଂଗ୍ରହ ହେବ ତାହାକୁ କରୋନା ମୁକାବିଲା ପାଇଁ ଖର୍ଚ୍ଚ କରିବାକୁ ନାଏକ ପ୍ରସ୍ତାବ ଦେଇଛନ୍ତି। ଏହି ପ୍ରସ୍ତାବ ସମ୍ପର୍କରେ କଂଗ୍ରେସ ବିଧାନସଭା ସଦସ୍ୟ ସନ୍ତୋଷ ସିଂ ସାଲୁଜା କହିଛନ୍ତି ଯେ, ବିରୋଧୀ ଦଳ ନେତା ଭାବେ ସେ ତାଙ୍କ ପ୍ରସ୍ତାବ ରଖିଛନ୍ତି। ଏଭଳି ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯାହା ନିଷ୍ପତ୍ତି ନେବେ ସେଥିରେ ବ୍ୟକ୍ତିଗତ ଭାବେ ଏକମତ ହେବି। ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ମଧ୍ୟ ଯାହା ନିଷ୍ପତ୍ତି ନେବ ତାହା ମଧ୍ୟ ଆମେମାନେ ମାନିବୁ ବୋଲି ସାଲୁଜା କହିଛନ୍ତି।

# ସ୍ୱାସ୍ଥ୍ୟ ବିଭାଗ ଟୁଇଟର ଫଲୋଅରଙ୍କ ସଂଖ୍ୟା ବୃଦ୍ଧି

ଭୁବନେଶ୍ୱର,୭।୪(ବ୍ୟୁରୋ)

ରାଜ୍ୟରେ କରୋନା ଭୂତାଣୁ ସଂକ୍ରମଣ ସ୍ଥିତି କ'ଣ ରହିଛି। ସଂକ୍ରମିତଙ୍କ ସଂଖ୍ୟା କେତେ ପରିମାଣରେ ବୃଦ୍ଧି ପାଇଛି। କେଉଁ ଅଞ୍ଚଳକୁ ପ୍ରଶାସନ ସିଲ୍ କଲା। କରୋନା ଚିକିତ୍ସା ପାଇଁ ରାଜ୍ୟ ସରକାର କେଉଁ ଅଞ୍ଚଳରେ ସ୍ୱତନ୍ତ୍ର ହସ୍ପିଟାଲ ସ୍ଥାପନ କଲେ। ଏହିପରି ଅନେକ ପ୍ରଶ୍ନ ସାମ୍ପ୍ରତିକ ସ୍ଥିତିରେ ସମସ୍ତଙ୍କ ମନକୁ ଆନ୍ଦୋଳିତ କରୁଛି। ଏ ସମ୍ପର୍କରେ ସୂଚନା ପାଇଁ ସମସ୍ତଙ୍କ ପ୍ରତୀକ୍ଷା ରହୁଛି ସରକାରୀ ଟୁଇଟର ତଥା ୱେବ୍‌ସାଇଟ୍ ଉପରେ। ରାଜ୍ୟ ସରକାର କରୋନା ମୁକାବିଲା ପ୍ରସ୍ତୁତି ଆରମ୍ଭ କରିବା ଦିନଠାରୁ ସର୍ବାଧିକ ସକ୍ରିୟ ରହିଛି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଟୁଇଟର H & FW Dept Odisha @HFWOdisha। ଏହି ଟୁଇଟର ଦ୍ୱାରା ହିଁ ପ୍ରତିଦିନର କରୋନା ସମ୍ପର୍କିତ ତଥ୍ୟ ଜନସାଧାରଣଙ୍କ ଅବଗତି ନିମନ୍ତେ ପ୍ରଦାନ କରାଯାଉଛି। କରୋନା ପୂର୍ବରୁ ସ୍ୱାସ୍ଥ୍ୟ ବିଭାଗ ଟୁଇଟରର ଆଖିଦୃଶିଆ ଫଲୋଅର ନ ଥିଲେ। ହେଲେ ବର୍ତ୍ତମାନ ଦିନକୁ ଦିନ ସ୍ୱାସ୍ଥ୍ୟ ବିଭାଗ ଟୁଇଟର ଫଲୋଅର ସଂଖ୍ୟା କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଏହି ରିପୋର୍ଟ ପ୍ରସ୍ତୁତ ହେଲା ବେଳକୁ ସ୍ୱାସ୍ଥ୍ୟ ବିଭାଗ ଟୁଇଟରର ଫଲୋଅର ସଂଖ୍ୟା ୧,୨୩,୮୦୦ ରହିଥିଲା। କିଛିଦିନ ପୂର୍ବେ ଅର୍ଥାତ ଗତ ୪ ଏପ୍ରିଲ ରାତ୍ର ୧୦ଟା ୪୨ ମିନିଟ୍ ସୁଦ୍ଧା ଏହି ଆକାଉଣ୍ଟକୁ ୬୮,୭୦୦ ଲୋକ ଫଲୋ କରୁଥିଲେ। ଅର୍ଥାତ ମାତ୍ର ୪ ଦିନରେ ୫୫,୧୦୦ ଜଣ ଟୁଇଟର ବ୍ୟବହାରକାରୀ ଏହି ଆକାଉଣ୍ଟକୁ ଫଲୋ କଲେଣି। ପ୍ରତି ମୁହୂର୍ତ୍ତରେ ଫଲୋଅର ସଂଖ୍ୟା ବୃଦ୍ଧି ପାଇବାକୁ ଲାଗିଛି। କରୋନା ସମ୍ପର୍କିତ କୌଣସି ଖବର ପ୍ରକାଶିତ ହେଲେ କିଛି ମୁହୂର୍ତ୍ତରେ ବହୁ ସଂଖ୍ୟକ ଲାଇକ୍ ଏବଂ ରିଟୁଇଟ୍ କରାଯାଉଛି।




ଲକ୍‌ଡାଉନ୍ କଟକଣା ଅବମାନନା ଯୋଗୁ ପୁରୀରେ ସାମଗ୍ରୀ ସହ ଏକ ବାଇକ୍‌କୁ ଜବତ କରି ନିଆଯାଉଛି।

# 'ଦୀକ୍ଷା ଆପ୍'ରେ ପାଠ ପଢ଼ିବେ ଦଶମ ଶ୍ରେଣୀ ପିଲା

ଭୁବନେଶ୍ୱର, ୭।୪(ବ୍ୟୁରୋ)

କରୋନା ଯୋଗୁ ସବୁକିଛି ବନ୍ଦ ହୋଇଯିବା ପରେ ପିଲାମାନଙ୍କ ପାଠପଢ଼ା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ସ୍କୁଲ, କଲେଜ ବନ୍ଦ ହେବାପରେ ଆଗକୁ ପିଲାଙ୍କ ଭବିଷ୍ୟତ କ'ଣ ହେବ ତାକୁ ନେଇ ସରକାର ଚିନ୍ତାରେ ପଡ଼ିଯାଇଛନ୍ତି। ପିଲାଙ୍କ ପାଠପଢ଼ା ଲାଗି ସରକାର ନୂଆ ଯୋଜନା ଆରମ୍ଭ କରିବାକୁ ଉଦ୍ୟମ ଚଳାଇଛନ୍ତି। ମୁଖ୍ୟତଃ ନୂଆକରି ଦଶମ ଶ୍ରେଣୀରେ ପାଦ ରଖିବାକୁ ଥିବା ପିଲାଙ୍କ ପାଇଁ ଅଧିକ ଚିନ୍ତା ବଢ଼ିଯାଇଛି। ସେମାନଙ୍କ ପାଠପଢ଼ା ପାଇଁ ଏବେ ସରକାର ଅନ୍‌ଲାଇନରେ ଶିକ୍ଷା ଆରମ୍ଭ କରିବାକୁ ଚିନ୍ତା କରୁଥିବା ଜାଣିବାକୁ ମିଳିଛି। ଦୀକ୍ଷା ଆପ୍ ଜରିଆରେ ପିଲାମାନେ ପାଠ ପଢ଼ିବେ। ଏ ସମ୍ପର୍କିତ ଖବର ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ପ୍ରଥମେ ଧରିତ୍ରୀକୁ ସୂଚନା ଦେବାପରେ ତାହା ଗତ ସୋମବାର ପ୍ରକାଶ ପାଇଥିଲା। ଏନେଇ ମନ୍ତ୍ରୀ ଦାଶ ବିଭାଗୀୟ ସଚିବ ଚିତ୍ରା ଅରୁମୁଗମ୍‌ଙ୍କ ପରାମର୍ଶ ଲୋଡ଼ିଥିବା ବେଳେ ଏହା ଉପରେ ସେ ନିଜର ମତ ରଖିଥିବା ଜଣାପଡିଛି। ଖୁବ୍‌ଶୀଘ୍ର ଏନେଇ ଏକ ବିଧିବଦ୍ଧ ବୈଠକ ବସିବାପରେ ଅନ୍‌ଲାଇନ ପାଠପଢ଼ା ଆରମ୍ଭ ହେବ ବୋଲି ଜଣାପଡିଛି। ବିଭାଗୀୟ ସଚିବ ଏବେ ସୁରଟରେ ଥିବା ଓଡ଼ିଆଙ୍କ ଦାୟିତ୍ୱରେ ଥିବାବେଳେ ଓସେପା ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିଆ ମଧ୍ୟ ସ୍ୱାସ୍ଥ୍ୟ ବିଭାଗର କିଛି ନିର୍ଦ୍ଦିଷ୍ଟ କାର୍ଯ୍ୟରେ ବ୍ୟସ୍ତ ଅଛନ୍ତି। ତେଣୁ ୧୪ ତାରିଖ ପରେ ଏହି ଦୁଇ ଅଧିକାରୀଙ୍କ ସହ ମନ୍ତ୍ରୀ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଏନେଇ ମନ୍ତ୍ରୀ ଦାଶ ମଙ୍ଗଳବାର କହିଛନ୍ତି ଯେ, ଦଶମ ଶ୍ରେଣୀ ପିଲାମାନେ ଅନ୍‌ଲାଇନରେ ପଢ଼ିବେ। କେନ୍ଦ୍ର ସରକାରଙ୍କ ଦୀକ୍ଷା ଆପ୍ ଦ୍ୱାରା ପାଠ ପଢ଼ିବାକୁ କୁହାଯିବ। ଯେଉଁ ଛାତ୍ରୀଛାତ୍ରମାନଙ୍କ ପାଖରେ କମ୍ପ୍ୟୁଟର ସୁବିଧା ରହିଥିବା ସେମାନେ ଅଧିକ ଲାଭବାନ ହେବେ। ଯାହା ପାଖରେ ନ ଥିବ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା କରାଯିବ। ଅନ୍‌ଲାଇନ ପାଠପଢ଼ା ଲାଗି ସ୍କୁଲ ଶିକ୍ଷୟିତ୍ରୀ, ଶିକ୍ଷକମାନେ ପିଲାଙ୍କୁ ଗାଇଡ୍ କରିବେ।

# ଆଳିର ୧୨ଗାଁ ସିଲ୍

**କେନ୍ଦ୍ରାପଡ଼ା ଜିଲାରେ ପ୍ରଥମ କରୋନା ସଂକ୍ରମିତ ଚିହ୍ନଟ ପରେ ସତର୍କତା ପଦକ୍ଷେପ**





କେନ୍ଦ୍ରାପଡା ଅଫିସ/ଆଳି,୭।୪(ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକର ଏକ ଗ୍ରାମରୁ କରୋନା ସଂକ୍ରମିତଙ୍କୁ ସୋମବାର ଚିହ୍ନଟ କରାଯାଇଛି। ସେ ହେଉଛନ୍ତି ଜିଲାର ପ୍ରଥମ ସଂକ୍ରମିତ। ତାଙ୍କୁ ଜିଲା ପ୍ରଶାସନ ସହାୟତାରେ କଟକ ଅଶ୍ୱିନୀ ହସ୍ପିଟାଲ (କୋଭିଡ୍ ହସ୍ପିଟାଲ୍)ରେ ଭର୍ତ୍ତି କରାଯାଇଛି। ସୋମବାର ରାତିରେ ଆଳିର ଉକ୍ତ ଗ୍ରାମକୁ ସିଲ୍ କରାଯାଇଥିଲା। ମଙ୍ଗଳବାର ପୂର୍ବାହ୍ନରେ ଗ୍ରାମର ୩ କିଲୋମିଟର ପରିଧି ମଧ୍ୟରେ ଥିବା ୧୨ଟି ଗ୍ରାମକୁ ପ୍ରଶାସନ ସିଲ୍ କରିଛି। ଆକ୍ରାନ୍ତଙ୍କ ପରିବାରର ସମସ୍ତ ସଦସ୍ୟଙ୍କ ରକ୍ତ, ସ୍ୱାବ ନମୁନା ପରୀକ୍ଷା ପାଇଁ ପଠାଯିବା ସହିତ ପରିବାର ସଦସ୍ୟଙ୍କୁ ସଙ୍ଗରୋଧରେ ରହିବା ପାଇଁ ପରାମର୍ଶ ଦିଆଯାଇଛି। ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି। ଏ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା ସୂଚନା ଦେଇଛନ୍ତି ଯେ, ଆକ୍ରାନ୍ତଙ୍କ ବୟସ ୩୨ ବର୍ଷ। ଗତ ୨୪ ତାରିଖରେ ସେ ଦୁବାଇରୁ ଫେରିବା ପରେ ନାମ ପଞ୍ଜୀକୃତ କରିବା ସହ ସଙ୍ଗରୋଧ ନିୟମ ପାଳନ କରିଥିଲେ। ବିଦେଶରୁ ଫେରିବା ପରେ ସେ କୌଣସି ବାହାର ଲୋକଙ୍କ ସଂସ୍ପର୍ଶରେ ଆସିନାହାନ୍ତି। ୧୨ ଗ୍ରାମକୁ ଦମକଳବାହିନୀ ସହାୟତାରେ ଗତ ରାତିରୁ ବିଶୋଧିତ କରାଯାଉଛି। ଏଥିସହ ଗ୍ରାମ ମଧ୍ୟକୁ ଯାତାୟାତ ସମ୍ପୂର୍ଣ୍ଣ ନିଷେଧ ହୋଇଛି। ଲୋକଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ନିମନ୍ତେ ଯୋଗାଣକାରୀଙ୍କୁ ନିଯୁକ୍ତ କରାଯାଇଛି। ଏଥିସହ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିମାନଙ୍କୁ ଚିହ୍ନଟ କରାଯାଇ ସଙ୍ଗରୋଧରେ ରହିବା ପାଇଁ ପରାମର୍ଶ ଦିଆଯାଇଛି। ଆଗାମୀ ଦିନରେ ସେମାନଙ୍କ ରକ୍ତ, ସ୍ୱାବ ନମୁନା ସଂଗ୍ରହ ହେବ। ଏଥିସହିତ ଭୂତାଣୁ ସଂକ୍ରମଣ ରୋକିବା ପାଇଁ ପ୍ରଶାସନିକ ବ୍ୟବସ୍ଥା କରାଯିବ। ଆକ୍ରାନ୍ତ ବ୍ୟକ୍ତି ସଙ୍ଗରୋଧ ନିୟମ ପାଳନ କରିଥିବାରୁ ଭୟ ନ କରିବା ପାଇଁ ଜିଲାବାସୀଙ୍କୁ ଜିଲାପାଳ ବର୍ମା ପରାମର୍ଶ ଦେଇଛନ୍ତି।

# କରୋନା ମୁକାବିଲା: ନୂଆ ହେଲ୍ପଲାଇନ ନମ୍ବର ୧୪୪୧୦

ଭୁବନେଶ୍ୱର, ୭।୪(ବ୍ୟୁରୋ)

**କଲ୍ କରି ଡାକ୍ତରଙ୍କଠାରୁ ପରାମର୍ଶ ନେବେ ରାଜ୍ୟବାସୀ**

ରାଜ୍ୟ ସରକାର କୋଭିଡ୍-୧୯ର ଦୃଢ଼ ମୁକାବିଲା କରିବା ନିମନ୍ତେ ଅନେକ ସକ୍ରିୟ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ମହାମାରୀର ମୁକାବିଲା ଦିଗରେ ଡାକ୍ତରମାନଙ୍କ ଭୂମିକା ସବୁଠାରୁ ଅଧିକ। ସେଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସରକାର ସମ୍ଭାବ୍ୟ କୋଭିଡ୍ ରୋଗୀ ଯେଉଁମାନଙ୍କଠାରେ ଜ୍ୱର, କାଶ, ଥଣ୍ଡା, ଶ୍ୱାସଜନିତ ଲକ୍ଷଣ ପ୍ରକାଶ ପାଉଛି ସେମାନଙ୍କୁ ସ୍ୱାସ୍ଥ୍ୟ ପରାମର୍ଶ ଓ ସହାୟତା ଯୋଗାଇଦେବା ନିମନ୍ତେ ଏକ ଉତ୍ସର୍ଗୀକୃତ ନିଃଶୁଳ୍କ ଟେଲିମେଡିସିନ୍ ସହାୟତା ନଂ-୧୪୪୧୦ ଆରମ୍ଭ କରିବାକୁ ଯାଉଛନ୍ତି ବୋଲି ପୂର୍ତ୍ତ ବିଭାଗ ସଚିବ କ୍ରିଷନ କୁମାର କହିଛନ୍ତି। ସେ କହିଛନ୍ତି ଯେ, ବର୍ତ୍ତମାନ ପ୍ରତିଦିନ ୧୦୪ ନମ୍ବରକୁ ୧୨ରୁ ୧୪ହଜାର କଲ୍ ଆସୁଛି। ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ତେଣୁ ଆଗକୁ ଏହି ନମ୍ବରକୁ ଅଧିକ କଲ୍ ଆସିବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ନୂଆ ସ୍ୱତନ୍ତ୍ର ହେଲ୍ପଲାଇନ 'ଟେଲି ମେଡିସନ୍ ହେଲ୍ପଲାଇନ' ଆରମ୍ଭ କରିବାକୁ ଯାଉଛୁ। ଏହାକୁ ଦୃଷ୍ଟିରେ ରଖି ନୂଆ ସ୍ୱତନ୍ତ୍ର ହେଲ୍ପଲାଇନ 'ଟେଲି ମେଡିସନ୍ ହେଲ୍ପଲାଇନ-୧୪୪୧୦' ଆରମ୍ଭ କରିବାକୁ ଯାଉଛୁ। ପୂର୍ବରୁ ମେଡିକାଲ କାଉନସିଲ୍ ଅଫ୍ ଇଣ୍ଡିଆ ତରଫରୁ ଜାରି କରାଯାଇଥିବା ଗାଇଡ୍‌ଲାଇନ୍ ଅନୁସାରେ କରୋନା ଭୂତାଣୁର ଲକ୍ଷଣ ଜାଣିବା ପାଇଁ ଫୋନ୍ ଯୋଗେ ଲୋକଙ୍କୁ ମେଡିସିନ୍ ପରାମର୍ଶ ଦେବାକୁ କୁହାଯାଇଥିଲା। ତାହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବୁଧବାର ପୂର୍ବାହ୍ନ ୧୧ଟା କାର୍ଯ୍ୟକାରୀ କରିବେ। ଯଦି କେହି କରୋନା ସଂକ୍ରମିତ ହୋଇଥିବା ସନ୍ଦେହ କରୁଥିବେ ତେବେ ସେମାନେ ଏହି ହେଲ୍ପଲାଇନ୍‌କୁ ଯୋଗାଯୋଗ କରିପାରିବେ। ସେମାନଙ୍କୁ ଡାକ୍ତରମାନେ ପରାମର୍ଶ ଦେବେ। ବର୍ତ୍ତମାନର ସଙ୍ଗିନ ପରିସ୍ଥିତିରେ ଜନସେବା ପାଇଁ ମୁଖ୍ୟମନ୍ତ୍ରୀ ବେସରକାରୀ ଓ ଅବସରପ୍ରାପ୍ତ ଡାକ୍ତରଙ୍କୁ ନିବେଦନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ନିବେଦନକୁ ସମ୍ମାନ ଜଣାଇ ୩୦୦ଜଣ ଡାକ୍ତର ୨୪ଘଣ୍ଟା ଭିତରେ ସ୍ୱେଚ୍ଛାକୃତଭାବେ ସେବା ଲାଗି ଆଗେଇ ଆସିଛନ୍ତି। ଏମାନେ ଟେଲି ମେଡିସିନ ଜରିଆରେ ବା ଫୋନ୍ ମାଧ୍ୟମରେ ରାଜ୍ୟବାସୀଙ୍କୁ ସମସ୍ତ କୋଭିଡ-୧୯ ସଂକ୍ରାନ୍ତ ପରାମର୍ଶ ଦେବେ।

# ପ୍ରଧାନମନ୍ତ୍ରୀଙ୍କୁ ସୋନିଆଙ୍କ ୫ ପ୍ରସ୍ତାବ



ନୂଆଦିଲ୍ଲୀ,୭।୪(ଆଇଏଏନ୍ଏସ୍)

କରୋନା ମହାମାରୀର ମୁକାବିଲା ଲାଗି କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖି ୫ଟି ପ୍ରସ୍ତାବ ଦେଇଛନ୍ତି। ୨୦ ହଜାର କୋଟି ଟଙ୍କାର ସେଣ୍ଟ୍ରାଲ ଭିଷ୍ଟା ସୌନ୍ଦର୍ଯ୍ୟକରଣ ଓ ନିର୍ମାଣ ପ୍ରକଳ୍ପ ବନ୍ଦ ରଖିବାକୁ ସୋନିଆ କହିଛନ୍ତି। କରୋନା ମୁକାବିଲା ଲାଗି ଅଧିକ ପାଣ୍ଠିର ଆବଶ୍ୟକତା ରହିଛି। ତେଣୁ ଅନ୍ୟ ପ୍ରକଳ୍ପରେ ବ୍ୟୟ ହେବାକୁ ଥିବା ଅର୍ଥରାଶିକୁ କମାଇ ଏହାକୁ କରୋନା ମୁକାବିଲାରେ ବ୍ୟୟ କରାଯିବାକୁ କଂଗ୍ରେସ ଅଧ୍ୟକ୍ଷା ପ୍ରସ୍ତାବ ଦେଇଛନ୍ତି। ସେହିପରି ଟିଭି, ଖବରକାଗଜ ଓ ଅନ୍‌ଲାଇନ ଗଣମାଧ୍ୟମକୁ ୨ ବର୍ଷ ପର୍ଯ୍ୟନ୍ତ ସରକାରୀ ବିଜ୍ଞାପନ ବନ୍ଦ କରିବାକୁ ସୋନିଆ କହିଛନ୍ତି। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦି କଂଗ୍ରେସ ଅଧ୍ୟକ୍ଷାଙ୍କୁ ଫୋନ କରି କୋଭିଡ୍-୧୯ ଜନିତ ଗମ୍ଭୀର ସ୍ଥିତିର ମୁକାବିଲା ଲାଗି ପ୍ରସ୍ତାବ ଦେବାକୁ କହିଥିଲେ।

ପ୍ରଧାନମନ୍ତ୍ରୀ, ଅନ୍ୟ ମନ୍ତ୍ରୀ ଓ ଏମ୍‌ପିମାନଙ୍କ ବେତନ ବର୍ଷେ ପର୍ଯ୍ୟନ୍ତ ୩୦ ପ୍ରତିଶତ କମାଇବା ଏବଂ ଦୁଇବର୍ଷ ଲାଗି ଏମ୍‌ପି ଲାଡ୍ ବନ୍ଦ ରଖିବାକୁ ସୋମବାର କେନ୍ଦ୍ର କ୍ୟାବିନେଟ ନିଷ୍ପତ୍ତି ନେଇଥିଲା। ଏଥିରୁ ମିଳିବାକୁ ଥିବା ଅର୍ଥକୁ କୋଭିଡ୍-୧୯ ମୁକାବିଲାରେ ବ୍ୟୟ କରାଯିବ। ସେହିପରି ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ରାଜ୍ୟପାଳମାନେ ସେମାନଙ୍କ ବେତନ କମାଇବାକୁ ନିଷ୍ପତ୍ତି ନେଇଛନ୍ତି।

## ଛତିଶଗଡ଼ରେ ମାଓବାଦୀଙ୍କ ଆକ୍ରମଣ ଯୋଜନା

ନୂଆଦିଲ୍ଲୀ,୭।୪(ପି.ଟି.): ଲକ୍‌ଡାଉନର ସୁଯୋଗ ନେଇ ଛତିଶଗଡ଼ର ବସ୍ତର ଅଞ୍ଚଳରେ ମାଓବାଦୀମାନେ ପୁଣିଥରେ ମେଳି ହେବା ଆରମ୍ଭ କରିଛନ୍ତି। ସେମାନେ ବଡ଼ ଧରଣର ଆକ୍ରମଣ କରିବା ସୂଚନା ମିଳିବା ପରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ଛତିଶଗଡ଼ରେ ମାଓବାଦୀ ଦମନ ଅଭିଯାନର ନେତୃତ୍ୱ ନେଉଥିବା ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁଯାୟୀ, ବସ୍ତର ଅଞ୍ଚଳର ଜଗଦଲପୁର, ଦାନ୍ତେୱାଡ଼ା ଏବଂ ସୁକ୍‌ମା ଜିଲାରେ ସଶସ୍ତ୍ର ମାଓବାଦୀମାନେ ବାରମ୍ବାର ବୈଠକ କରୁଛନ୍ତି। ଦକ୍ଷିଣ ଛତିଶଗଡ଼ରେ ସୁରକ୍ଷା ବଳ ଓ ଅନ୍ୟମାନଙ୍କ ଉପରେ ମାଓବାଦୀ ଆକ୍ରମଣ ବୃଦ୍ଧି ପାଇଛି। ଏହି ଅଞ୍ଚଳକୁ ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ମହାରାଷ୍ଟ୍ର, ଝାଡ଼ଖଣ୍ଡ, ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ନେପାଳରୁ ମାଓବାଦୀମାନେ ପ୍ରବେଶ କରିଥିବା ଜଣାପଡିଛି।

## ପ୍ରଥମ ପୃଷ୍ଠାରୁ...

### ଗୋଇନ୍ଦା ବ୍ୟୁରୋ କାର୍ଯ୍ୟାଳୟ ...

କୋଠାକୁ ମଧ୍ୟ ସିଲ୍ କରାଯାଇ ସମସ୍ତ ବାସିନ୍ଦାଙ୍କୁ ହୋମ୍ କ୍ୱାରାଣ୍ଟାଇନ୍ ପାଇଁ କୁହାଯାଇଛି। ମିଳିଥିବା ସୂଚନାନୁସାରେ, ଆଇବି କାର୍ଯ୍ୟାଳୟରେ ୫୫ କର୍ମଚାରୀ କାର୍ଯ୍ୟ କରନ୍ତି। କିନ୍ତୁ କରୋନା କଟକଣା ପରଠାରୁ କମ୍ ସଂଖ୍ୟକ କର୍ମଚାରୀ କାର୍ଯ୍ୟରତ ଥିଲେ। ସେହିଭଳି ଆଇବି ଷ୍ଟାଫ୍ କଲୋନୀରେ ୧୫୦ରୁ ଅଧିକ ଲୋକ ରହୁଥିବାବେଳେ ସତ୍ୟନଗରସ୍ଥିତ ଉକ୍ତ କୋଠାରେ ୪୮ଜଣ ଥିବା ଜଣାପଡିଛି। ଏମାନଙ୍କ ସଂସ୍ପର୍ଶରେ ଆସିଥିବା ଲୋକେ ମଧ୍ୟ ଭୟ ଓ ଆଶଙ୍କାରେ ରହିଛନ୍ତି। ଏନେଇ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି, କରୋନା ମୁକାବିଲା ଓ କୋଭିଡ୍-୧୯ ସଂକ୍ରମଣ ରୋକିବା ପାଇଁ ବିଏମ୍‌ସି ଏହି ସିଲ୍ ପ୍ରକ୍ରିୟା ଜାରି ରଖିଛି। ସିଲ୍ କରାଯିବା ପରେ ସମ୍ପୃକ୍ତ ଅଞ୍ଚଳକୁ ବିଶୋଧନ କରାଯାଉଛି ଓ ଉକ୍ତ ଅଞ୍ଚଳରେ ରହୁଥିବା ଲୋକଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ କୁହାଯାଇଛି। ସତ୍ୟନଗରସ୍ଥିତ ବିଲ୍ଡିଂ ଓ ଗୋଇନ୍ଦା ବ୍ୟୁରୋ କାର୍ଯ୍ୟାଳୟକୁ ସିଲ୍ କରାଯାଇଛି। ସେଠାରେ ରହୁଥିବା ସମସ୍ତଙ୍କର ନମୁନା ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଆବଶ୍ୟକ ସମସ୍ତ କାର୍ଯ୍ୟ କରାଯିବା ସହ ଅତ୍ୟାବଶ୍ୟକ ସେବା ଯୋଗାଇ ଦିଆଯିବ ବୋଲି କମିଶନର ଚୌଧାରୀ କହିଛନ୍ତି।

### ଟ୍ରେନିଂବେଳେ ଗ୍ରେନେଡ୍ ...

ପ୍ରକାଶ ମଙ୍ଗଳବାର ଅପରାହ୍ଣ ପ୍ରାୟ ୩ଟାରେ ବାର୍ସା ହାଁସଦା ଓ ଅନ୍ୟ ଯବାନମାନଙ୍କୁ ଗ୍ରେନେଡ୍ ବିସ୍ଫୋରଣ ଉପରେ ପ୍ରଶିକ୍ଷଣ ଦେଉଥିଲେ। ଗ୍ରେନେଡ୍‌ଟିକୁ ବାର୍ସା ହାତରେ ଧରିଥିବାବେଳେ ହଠାତ୍ ତାହା ଖସିପଡିଥିଲା। ତଳେ ପଡ଼ିବା ପରେ ଗ୍ରେନେଡ ଉପରେ ଥିବା ନଟ୍ ଫିଟିଯାଇଥିଲା। ସାଧାରଣତଃ ଏହି ନଟ୍ ଖୋଲିବାର ୭ ସେକେଣ୍ଡରେ ଗ୍ରେନେଡ୍ ବିସ୍ଫୋରଣ ହୋଇଥାଏ। ଘଟଣା ସମୟରେ ସେଠାରେ ବହୁ ଯବାନ ଛିଡାହୋଇ ଟ୍ରେନିଂ ଦେଖୁଥିବାରୁ ସମସ୍ତଙ୍କ ଜୀବନ ବିପଦରେ ରହିଥିଲା। ତେଣୁ ସେମାନଙ୍କ ଜୀବନ ବଞ୍ଚାଇବାକୁ ଯାଇ ପ୍ରକାଶ ଆଖିପିଛୁଳାକେ ଉକ୍ତ ଗ୍ରେନେଡ୍‌କୁ ହାତରେ ଧରି ଦୂରକୁ ଫିଙ୍ଗିବାକୁ ଦୌଡ଼ିଥିଲେ। ହେଲେ ଗ୍ରେନେଡ୍‌ଟି ହଠାତ୍ ତାଙ୍କ ହାତରେ ହିଁ ବିସ୍ଫୋରଣ ହୋଇଥିଲା। ଫଳରେ ସମସ୍ତଙ୍କ ଆଖି ଆଗରେ ପ୍ରକାଶଙ୍କ ଜୀବନ ଚାଲିଯାଇଥିବାବେଳେ ନିକଟରେ ଥିବା ବାର୍ସା ଓ ଅନ୍ୟ ଜଣେ ଯବାନ ଆହତ ହୋଇଥିଲେ।

ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ଏକ ଉଚ୍ଚ ସ୍ତରୀୟ ତଦନ୍ତ କରାଯିବ। କେଉଁ ପରିସ୍ଥିତିରେ ଏଭଳି ବିସ୍ଫୋରଣ ଘଟିଲା ଓ ଏଥିପାଇଁ ଦାୟୀ କିଏ, ତାହାର ତଦନ୍ତ କରାଯାଇ ପୋଲିସ ଡିଜିଙ୍କୁ ରିପୋର୍ଟ ଦିଆଯିବ ବୋଲି ସୂଚନା ମିଳିଛି। ଏପଟେ ଏହି ଘଟଣାରେ ପୋଲିସ ଡିଜି ଅଭୟ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାର ପ୍ରତି ଗଭୀର ସମବେଦନା ଜ୍ଞାପନ କରିଛନ୍ତି।

### ବଢ଼ିପାରେ ଲକ୍‌ଡାଉନ୍ ...

ଏହିକ୍ରମରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ମଧ୍ୟ ଲକ୍‌ଡାଉନ୍‌କୁ ପର୍ଯ୍ୟାୟକ୍ରମେ ପ୍ରତ୍ୟାହାର କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ବ୍ୟବସ୍ଥିତ ତଥା ବିଜ୍ଞାନସମ୍ମତ ଲକ୍‌ଡାଉନ ପ୍ରତ୍ୟାହାରକୁ ସର୍ବାନନ୍ଦ ସୋନୋୱାଲଙ୍କ ନେତୃତ୍ୱାଧୀନ ଭାଜପା ଶାସିତ ଆସାମ ସରକାର ସମର୍ଥନ କରିବ ବୋଲି କହିଛି। ୧୫ ତାରିଖ ସକାଳୁ ସବୁକିଛି ଖୋଲିଦିଆଯିବା ଠିକ୍ ନୁହେଁ। ସେମିତି ହେଲେ ଲକ୍‌ଡାଉନ୍‌ର ସବୁ ଫାଇଦା ଗୋଟିଏ ଦିନରେ ନଷ୍ଟ ହୋଇଯିବ ବୋଲି ଆସାମ ଅର୍ଥମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା କହିଛନ୍ତି। ସେହିପରି କଟକଣା ହଟାଇବା କଷ୍ଟକର ହେବ ବୋଲି ଉତ୍ତରପ୍ରଦେଶ ସରକାର ମଧ୍ୟ ମତ ଦେଇଛନ୍ତି। ରାଜ୍ୟ କରୋନା ମୁକ୍ତ ନେଇ ନିଶ୍ଚିତ ହେବା ପରେ ଲକ୍‌ଡାଉନ ଉଠାଯିବା ଉଚିତ। କାରଣ ଜଣେ ବି କରୋନା ପଜିଟିଭ୍ ରହିଲେ ଲକ୍‌ଡାଉନ୍ ଉଠାଇବା କଷ୍ଟକର ହୋଇପଡିବ ବୋଲି ଉତ୍ତରପ୍ରଦେଶର ଅତିରିକ୍ତ ମୁଖ୍ୟ ସଚିବ ଅବନିଶ ଅୱସ୍ଥି କହିଛନ୍ତି। ରାଜ୍ୟ ସରକାର ଓ ବିଶେଷଜ୍ଞମାନଙ୍କ ଉପରୋକ୍ତ ପ୍ରସ୍ତାବ ତଥା ପରାମର୍ଶକୁ ନେଇ କେନ୍ଦ୍ର ସରକାର ଗମ୍ଭୀରତାର ସହ ଚିନ୍ତା କରୁଛନ୍ତି।

ଅନ୍ୟପକ୍ଷରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ୨୪ ଘଣ୍ଟା ମଧ୍ୟରେ ୫୦୮ଟି ନୂଆ ମାମଲା ସାମ୍ନାକୁ ଆସିଥିବାବେଳେ ୧୩ ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଏଥିସହ ଭାରତରେ ସଂକ୍ରମିତଙ୍କ ସଂଖ୍ୟା ୪୭୮୯ରେ ପହଞ୍ଚିଥିବାବେଳେ ମୃତ୍ୟୁସଂଖ୍ୟା ୧୨୪ ଛୁଇଁଛି। ଏହି ପରିପ୍ରେକ୍ଷୀରେ କ୍ଲଷ୍ଟର କଣ୍ଟେନମେଣ୍ଟ ପାଇଁ ସରକାର ରଣନୀତି ପ୍ରସ୍ତୁତ କରୁଥିବା ମନ୍ତ୍ରଣାଳୟର ଯୁଗ୍ମ ସଚିବ ଲବ ଅଗ୍ରୱାଲ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଲକ୍‌ଡାଉନ୍ ଅବଧି ବୃଦ୍ଧି ନେଇ କଳ୍ପନାଜଳ୍ପନା ଆଧାରରେ କୌଣସି ରିପୋର୍ଟ ପ୍ରକାଶ ନ କରିବାକୁ ଗଣମାଧ୍ୟମକୁ ସେ ପରାମର୍ଶ ଦେଇଛନ୍ତି।

ପ୍ରକାଶ ଯେ, ଭାଜପାର ୪୦ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ସୋମବାର ପ୍ରଧାନମନ୍ତ୍ରୀ କହିଥିଲେ, ଏକ ଦୀର୍ଘ ଲଢ଼େଇ ପାଇଁ ଦେଶବାସୀଙ୍କୁ ପ୍ରସ୍ତୁତ ରହିବାକୁ ହେବ। କ୍ୟାବିନେଟ ବୈଠକରେ ସେ ମନ୍ତ୍ରୀମାନଙ୍କୁ ନିର୍ଦ୍ଦିଷ୍ଟ ଯୋଜନାର ପ୍ରସ୍ତାବ ଦେବା ଲାଗି ପରାମର୍ଶ ଦେଇଥିଲେ। ଅନୁରୂପ ଭାବେ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର ମଧ୍ୟ କହିଥିଲେ, ଜାତୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଲକ୍‌ଡାଉନ ବଢ଼ାଇବା ନେଇ ନିଷ୍ପତ୍ତି ନିଆଯାଇପାରେ। ଏ ସମ୍ପର୍କରେ ଠିକ୍ ସମୟରେ ଘୋଷଣା କରାଯିବ। କ୍ଷମତାସମ୍ପନ୍ନ ମନ୍ତ୍ରୀଗୋଷ୍ଠୀ ସ୍ଥିତିର ଆକଳନ କରୁଥିବା ଜାଭଡେକର ପ୍ରକାଶ କରିଥିଲେ। ତେଣୁ ଲକ୍‌ଡାଉନ୍ ହଠାତ୍ ଉଠା ନ ଯାଇ ପର୍ଯ୍ୟାୟକ୍ରମେ ହଟାଯାଇପାରେ ବୋଲି ଅନୁମାନ କରାଯାଉଛି।

### କୋଭିଡ-୧୯ ...

ନେଗେଟିଭ ଆସିଛି। ଦ୍ୱିତୀୟ ରିପୋର୍ଟକୁ ଅପେକ୍ଷା କରାଯାଇଛି। ସେହି ରିପୋର୍ଟ ଆସିବା ପରେ ସମ୍ପୃକ୍ତ ରୋଗୀଙ୍କୁ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯିବ । ଯଦି କୌଣସି ବ୍ୟକ୍ତିଙ୍କୁ ଜ୍ୱର, ଫ୍ଲୁ ବା କାଶ ହେଉଥିବ ସେମାନେ ହେଲ୍ପଲାଇନ୍ ନମ୍ବର ୧୦୪କୁ ଫୋନ୍‌କରି ଜଣାଇବେ। ଡାକ୍ତରମାନେ ସେମାନଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇଦେବେ। ଭୟଭୀତ ନ ହୋଇ ମିଳିତ ଭାବେ ମୁକାବିଲା କଲେ ଏହି ମହାମାରୀ ଦୂର ହୋଇପାରିବ। ଥଣ୍ଡା, ଜ୍ୱର କିମ୍ବା ଫ୍ଲୁ ଲକ୍ଷଣ ଦେଖାଦେଲେ ଘରୋଇ ହସ୍ପିଟାଲଗୁଡ଼ିକ ଉକ୍ତ ରୋଗୀମାନଙ୍କୁ ସ୍ୱତନ୍ତ୍ର ୱାର୍ଡରେ ଚିକିତ୍ସା କରାଇବେ। କରୋନାର ଯଦି କୌଣସି ଲକ୍ଷଣ ଦେଖାଦିଏ ତେବେ ଘରୋଇ ଡାକ୍ତରଖାନା କର୍ତ୍ତୃପକ୍ଷ ତୁରନ୍ତ ୧୦୪କୁ ଜଣାଇବେ। ରାଜ୍ୟରେ ଥିବା ସମସ୍ତ ଘରୋଇ ହସ୍ପିଟାଲ ଓ ନର୍ସିଂହୋମ୍ ପାଇଁ ଏହା ବାଧ୍ୟତାମୂଳକ କରାଯାଇଛି ବୋଲି ଧଳ ସୂଚନା ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହିସାବିୟାର ବହୁତ ସରେ**
**ଗୁଜୁଗୁଜିଆର ମାଏଝୀ ମରେ।**

ଅଭାବୀ ଲୋକର ଖର୍ଚ୍ଚ ଅଧିକ। ସେ ଯେତେ ଚେଷ୍ଟାକଲେ ମଧ୍ୟ ନିଜ ଖର୍ଚ୍ଚକୁ ରୋକିବାରେ ସଫଳ ହୋଇପାରି ନ ଥା'ନ୍ତି। ପରନ୍ତୁ ଧନ ଥାଇ କୃପଣ ପ୍ରକୃତିର ବ୍ୟକ୍ତି ନିଜ ଖାଇବା, ପିଇବା ତଥା ଚଳିବାରେ ଅନେକ କାଟଛାଣ୍ଟ କରିଥାନ୍ତି। ଫଳସ୍ୱରୂପ ଉକ୍ତ ବ୍ୟକ୍ତିର ପରିବାର ସଦସ୍ୟ ଭୋକ ଉପାସରେ ପଡ଼ିରହିବାକୁ ବାଧ୍ୟ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ହାତୀ ଗୋଡ଼େ ମଞ୍ଜୁଆତି**
**ପୁରୁଷ ପୁଅ ଯେ ଭ୍ରମର ଜାତି**
**କୁଞ୍ଜବନେ ପାହେ ରାତି ।**

ଭ୍ରମର ଏ ଫୁଲରୁ ସେ ଫୁଲକୁ ଉଡ଼ି ମଧୁ ସଂଗ୍ରହ କରିବା ଭଳି କେତେକ ପୁରୁଷ ଗୋଟିଏ ନାରୀରେ ସନ୍ତୁଷ୍ଟ ହୋଇପାରି ନ ଥାନ୍ତି। ଜଣଙ୍କ ସହ ଭାବ ପୀରତି ରଖି ଅନ୍ୟ ଜଣଙ୍କ ସହ ସମ୍ପର୍କ ଯୋଡ଼ି ବସିବା ସେମାନଙ୍କ ମନ୍ଦ ପ୍ରକୃତି ହୋଇଥାଏ। ଏମାନଙ୍କ ପ୍ରତିଶ୍ରୁତି ପାଣିରେ ଗାର ସଦୃଶ ହୋଇଥିବା ବେଳେ ତାଙ୍କ କଥାରେ ଭଳି ବା ଭାସିଗଲେ ହତାଶା ଭୋଗିବା ହିଁ ସାର ହୁଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ




ମାସ୍କ ପ୍ରସ୍ତୁତ କରି ପରିଧାନ କରିବା ପାଇଁ ବାର୍ତ୍ତା ଦେଇ ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ମଙ୍ଗଳବାର ପ୍ରସ୍ତୁତ କରିଥିବା ବାଲୁକା କଳା।

# ଭୁବନେଶ୍ୱରରେ ପହଞ୍ଚିଲା ମେଡିକାଲ ସାମଗ୍ରୀ

**କରୋନା ମୁକାବିଲା**

**ସହାୟତାର ହାତ ବଢ଼ାଇଲା ବାୟୁସେନା**

ଭୁବନେଶ୍ୱର,୭।୪(ବ୍ୟୁରୋ)

କରୋନା ବିଶ୍ୱ ମହାମାରୀ ରୂପ ନେଇସାରିଲାଣି। ରାଜ୍ୟ, ଦେଶ ତଥା ସମଗ୍ର ମାନବ ସମାଜ ଏହାର ମୁକାବିଲା କରିବା ପାଇଁ ଉଦ୍ୟମ ଅବ୍ୟାହତ ରଖିଛି। ପଞ୍ଚାୟତସ୍ତରରୁ ଆରମ୍ଭକରି ରାଜ୍ୟ ଏବଂ ରାଜ୍ୟରୁ ଜାତୀୟସ୍ତର ପର୍ଯ୍ୟନ୍ତ କରୋନା ଭୂତାଣୁ ସମ୍ପର୍କିତ ପରୀକ୍ଷାକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ସ୍ୱଳ୍ପ ଦିନରୁ ନମୁନା ପରୀକ୍ଷା କରି ସଂକ୍ରମିତ ସଂଖ୍ୟା ଜାଣିବା ହିଁ ଆରୋଗ୍ୟର ପ୍ରଥମ ସୋପାନ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟରେ ଦିନକୁ ୧୦୦୦ ତଥା ତଦୂର୍ଦ୍ଧ୍ୱ ନମୁନା ପରୀକ୍ଷା ପାଇଁ ଚେଷ୍ଟା କରାଯାଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଏ ନେଇ ସମସ୍ତ ଅଧିକାରୀ ଏବଂ ସ୍ୱାସ୍ଥ୍ୟ ବିଭାଗକୁ ସୋମବାର ନିର୍ଦ୍ଦେଶ ଦେଇଛନ୍ତି।

ଏହି କ୍ରମରେ କେନ୍ଦ୍ର ମଧ୍ୟ ରାଜ୍ୟଗୁଡ଼ିକୁ ଯଥାସମ୍ଭବ ସହଯୋଗର ହାତ ବଢ଼ାଇଛି। ଭାରତୀୟ ବାୟୁସେନାର ୨ଟି ଏଏନ୍-୩୨ ଏୟାରକ୍ରାଫ୍ଟ ୧୯ ଅଧିକାରୀ ଏବଂ ୩୫୦୦ କିଲୋ ଗ୍ରାମର ମେଡିକାଲ ସାମଗ୍ରୀ ନେଇ ଭୁବନେଶ୍ୱରରେ ପହଞ୍ଚିଛି। ଏହି ବିମାନ ଦ୍ୱୟ ତମବରମସ୍ଥିତ ଆଇସିଏମ୍‌ଆର୍‌ରୁ ଏହି ସାମଗ୍ରୀ ଆଣିଛି। ଏ ସମ୍ପର୍କରେ ବାୟୁସେନା ପକ୍ଷରୁ ଟୁଇଟରରେ ସୂଚନା ଦିଆଯାଇଛି। ଏହି ଟୁଇଟରଟିକୁ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ମଧ୍ୟ ରିଟୁଇଟ୍ କରାଯାଇଛି। ଆସିଥିବା ସାମଗ୍ରୀ ଓଡ଼ିଶାରେ କରୋନା ସମ୍ପର୍କିତ ନମୁନା ପରୀକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବ ବୋଲି ଜଣାଯାଇଛି। ବାୟୁସେନା ପକ୍ଷରୁ ସହାୟତା କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ ଧନ୍ୟବାଦ ଦିଆଯାଇଛି।

## ସରକାରୀ କର୍ମଚାରୀଙ୍କ ବାର୍ଷିକ ସ୍ୱୀକାରୋକ୍ତି ଦାଖଲ ରିପୋର୍ଟ ଅବଧି ବୃଦ୍ଧି

ଭୁବନେଶ୍ୱର,୭।୪(ବ୍ୟୁରୋ)- ରାଜ୍ୟ ତଥା ଦେଶର ପ୍ରଶାସନ ଏକମୁହାଁ ହୋଇ କରୋନା ମୁକାବିଲାରେ ଲାଗିଛନ୍ତି। ଏହାଦ୍ୱାରା ବିଭିନ୍ନ ନିୟମିତ ପ୍ରଶାସନିକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏହି କ୍ରମରେ ରାଜ୍ୟ ସରକାରୀ କର୍ମଚାରୀ(ବର୍ଗ-କ ଏବଂ ଖ) ନିଜସ୍ୱ ବାର୍ଷିକ ସ୍ୱୀକାରୋକ୍ତି ଦାଖଲ ରିପୋର୍ଟ କରିବାର ଅବଧି ବୃଦ୍ଧି କରାଯାଇଛି। ଏ ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ନୂଆ ବିଜ୍ଞପ୍ତି ଅନୁଯାୟୀ ୨୦୧୯-୨୦ ବର୍ଷ ପାଇଁ ଉପରୋକ୍ତ ୨ଟି ବର୍ଗର କର୍ମଚାରୀମାନେ ଜୁନ୍ ୩୦ ମଧ୍ୟରେ ନିଜସ୍ୱ ବାର୍ଷିକ ସ୍ୱୀକାରୋକ୍ତି ରିପୋର୍ଟ ଦାଖଲ କରିପାରିବେ ବୋଲି ନିର୍ଦ୍ଦେଶନାମା ଜାରି କରାଯାଇଛି।

## ବାଙ୍କିଶୋଳରେ ହେବ ୨୦୦ ଶଯ୍ୟା ବିଶିଷ୍ଟ କୋଭିଡ-୧୯ ହସ୍ପିଟାଲ୍

ବାରିପଦା ଅଫିସ, ୭।୪

ମୟୂରଭଞ୍ଜ ଜିଲା ବାରିପଦା ସଦର ବ୍ଲକ ଅଧୀନ ବାଙ୍କିଶୋଳଠାରେ ଥିବା କିସ୍ ବିଦ୍ୟାଳୟ ପରିସରରେ ୨୦୦ ଶଯ୍ୟା ବିଶିଷ୍ଟ କୋଭିଡ୍- ୧୯ ହସ୍ପିଟାଲ୍ ସ୍ଥାପନ ହେବ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲା ପ୍ରଶାସନ ଓ କିମସ୍ ମଧ୍ୟରେ ଏନେଇ ମଙ୍ଗଳବାର ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ୭ ଦିନ ମଧ୍ୟରେ ଏହି ହସ୍ପିଟାଲ କାର୍ଯ୍ୟକ୍ଷମ ହେବ। ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ବିନୀତ ଭରଦ୍ୱାଜ ଓ କିମସ୍ ମେଡ଼ିକାଲ୍ କଲେଜର ସିଇଓ ବିଷ୍ଣୁ ପ୍ରସାଦ ପାଣିଗ୍ରାହୀ ଏହି ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କନ୍ଧମାଳ ଏମ୍‌ପି ଡ. ଅଚ୍ୟୁତ ସାମନ୍ତ, ଅତିରିକ୍ତ ଜିଲାପାଳ ବିବେକାନନ୍ଦ ସାହୁ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ରୂପଭାନୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଲକ୍‌ଡାଉନ: କମିଛି ବିଦ୍ୟୁତ୍ ଚାହିଦା

ଭୁବନେଶ୍ୱର,୭।୪(ବ୍ୟୁରୋ)

ମହାମାରୀ କରୋନା(କୋଭିଡ-୧୯) ଯୋଗୁ ସମଗ୍ର ବିଶ୍ୱ ଥରହର। ସାମାଜିକ, ଅର୍ଥନୈତିକ ବ୍ୟବସ୍ଥା ଗୁରୁତର ଭାବେ ପ୍ରଭାବିତ ହୋଇଛି। ଏହି ସମୟରେ ବାୟୁ ପ୍ରଦୂଷଣ ହ୍ରାସ ପାଇବା ସହ ଦେଶରେ ବିଦ୍ୟୁତ୍ ଚାହିଦା ବହୁମାତ୍ରାରେ ହ୍ରାସ ପାଇଛି। ରାଜ୍ୟରେ ବିଦ୍ୟୁତ୍ କାଟ ନାହିଁ। ଆବଶ୍ୟକତାଠାରୁ ଅଧିକ ବିଦ୍ୟୁତ୍ ଉତ୍ପାଦନ ହେଉଛି। ଜଳବିଦ୍ୟୁତ୍ କେନ୍ଦ୍ରଠାରୁ ଆରମ୍ଭକରି ତାପଜ, ଆଇପିପିପି, ସେଣ୍ଟ୍ରାଲ ଗ୍ରୀଡ୍ ପାୱାର ଷ୍ଟେସନ ଆଦି ସେମାନଙ୍କ ଉତ୍ପାଦନ ଜାରି ରଖିଛନ୍ତି। ଷ୍ଟେଟ୍ ଲୋଡ୍ ଡେସ୍‌ପାଚ ସେଣ୍ଟରରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ପିକ୍ ଆୱାର ଅର୍ଥାତ୍ ସନ୍ଧ୍ୟା ୭ଟାରୁ ରାତି ୧୦ଟା ମଧ୍ୟରେ ରାଜ୍ୟ ପାଇଁ ୩୦୨୧ ମେଗାୱାଟ୍ ବିଦ୍ୟୁତ ଶକ୍ତିର ଆବଶ୍ୟକତା ହୋଇଥାଏ। ଅଫିସ, ଦୋକାନ, ବଜାର, ଶିକ୍ଷାନୁଷ୍ଠାନ ବନ୍ଦ ରହିଥିବାରୁ ଦୈନିକ ଚାହିଦା ୧୭୩୧ ମେଗାୱାଟକୁ ଖସିଯାଇଛି। କେବଳ ଓଡ଼ିଶା ନୁହେଁ ଦେଶରେ ମଧ୍ୟ ବିଦ୍ୟୁତ୍ ଚାହିଦା ବହୁପରିମାଣରେ ହ୍ରାସ ପାଇଛି। ଇଷ୍ଟର୍ନ ରିଜିଅନ ଡିମାଣ୍ଡ ସନ୍ଧ୍ୟା ୮ଟା ୪୫ ମିନିଟ୍‌ରେ ୧୫,୮୧୫ ମେଗାୱାଟ୍ ଥିବାବେଳେ ତାହା ୯,୬୭୯କୁ ହ୍ରାସ ପାଇଛି।

## ରାଶନ କାର୍ଡଧାରୀଙ୍କୁ ୧୦୦୦ ଟଙ୍କା ପ୍ରଦାନ ପ୍ରକ୍ରିୟା ତ୍ୱରାନ୍ୱିତ

ଭୁବନେଶ୍ୱର, ୭।୪(ବ୍ୟୁରୋ)- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଘୋଷଣା ଅନୁଯାୟୀ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ସମସ୍ତ ଯୋଗ୍ୟ ରାଶନ କାର୍ଡଧାରୀଙ୍କୁ ୧୦୦୦ ଟଙ୍କା ନଗଦ ଅର୍ଥ ରାଶି ପ୍ରଦାନ କରାଯାଉଛି। ଏହି କ୍ରମରେ ମଙ୍ଗଳବାର ସୁଦ୍ଧା ୧୫ ଲକ୍ଷ ୯୨ ହଜାର ୩୧୨ ଜଣ କାର୍ଡଧାରୀ ପରିବାରଙ୍କୁ ୧୦୦୦ ଟଙ୍କା ଲେଖାଏଁ ମୋଟ ୧୫୯ କୋଟି ୨୩ ଲକ୍ଷ ୧୨ ହଜାର ଟଙ୍କା ଦିଆଯାଇଛି । କେନ୍ଦ୍ରାପଡ଼ା ଜିଲାରେ ସର୍ବାଧିକ ୭୮ ପ୍ରତିଶତ ଏବଂ ବାଲେଶ୍ୱର ଜିଲାର ୪୪.୫ ପ୍ରତିଶତ କାର୍ଡଧାରୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଛି।

## ୧୧୪ ପୌରାଞ୍ଚଳରେ ୫୨ ହଜାର ଲୋକଙ୍କୁ ମାଗଣା ରନ୍ଧାଖାଦ୍ୟ

ଭୁବନେଶ୍ୱର,୭।୪(ବ୍ୟୁରୋ)

କରୋନା ଯୋଗୁ ପ୍ରଭାବିତ ସହରାଞ୍ଚଳର ନିରାଶ୍ରୟମାନଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି। ମାର୍ଚ୍ଚ ୨୭ ରୁ ପୌରାଞ୍ଚଳଗୁଡ଼ିକରେ ମାଗଣା ରନ୍ଧାଖାଦ୍ୟ ଯୋଗାଣ ଆରମ୍ଭ ହୋଇଛି। ରାଜ୍ୟର ୧୧୪ଟି ପୌରାଞ୍ଚଳରେ ଥିବା ୨୦୩୫ ୱାର୍ଡ ମଧ୍ୟରୁ ୧୪୭୯ ୱାର୍ଡରେ ଖାଦ୍ୟ ଯୋଗାଇ ଦିଆଯାଇଛି। ମଙ୍ଗଳବାର ସୁଦ୍ଧା ଉକ୍ତ ୱାର୍ଡଗୁଡ଼ିକରେ ୫୨,୨୩୫ ଜଣଙ୍କୁ ରନ୍ଧାଖାଦ୍ୟ ଦିଆଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ମାର୍ଗଦର୍ଶିକା ଅନୁଯାୟୀ ସମସ୍ତ ସତର୍କତା ଅବଲମ୍ବନ କରାଯାଇ ଖାଦ୍ୟ ଯୋଗାଣର ବ୍ୟବସ୍ଥା କରାଯାଉଛି ବୋଲି ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ରିଲିଫ୍ କେନ୍ଦ୍ର ସମ୍ପର୍କରେ ସୂଚନା ଦେବ ଗୁଗଲ୍ ମ୍ୟାପ୍

ନୂଆଦିଲ୍ଲୀ, ୭।୪

କରୋନା ଭୂତାଣୁ ସଂକ୍ରମଣ ରୋକିବା ଲାଗି ୨୧ ଦିନିଆ ଲକ୍‌ଡାଉନ୍ ଚାଲିଛି। ଲକ୍‌ଡାଉନ୍ ଯୋଗୁ ଘରକୁ ଫେରି ନ ପାରି ରାଜ୍ୟର ବିଭିନ୍ନ ସ୍ଥାନରେ ଦାଦନ ଶ୍ରମିକମାନେ ଅଟକି ରହିଛନ୍ତି। ଗାଡ଼ିମୋଟର ଚଳାଚଳ ବନ୍ଦ ସାଙ୍ଗକୁ ସମସ୍ତ ବଜାର ମଧ୍ୟ ବନ୍ଦ ରହୁଥିବାରୁ ଶ୍ରମିକଙ୍କ ଦୁଃଖ ବଢ଼ିଯାଇଛି। ହେଲେ ସେମାନଙ୍କ ଏହି ଦୁଃଖ ସମୟରେ ସହଯୋଗ କରିବାକୁ ଆଗେଇ ଆସିଛି ସର୍ଚ୍ଚ ଇଞ୍ଜିନ୍ 'ଗୁଗଲ୍'। ଦେଶର ୩୦ଟି ସହରରେ ଏହି ଶ୍ରମିକମାନଙ୍କ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ସହଯୋଗରେ ଖାଦ୍ୟ ଯୋଗାଣ ଓ ରାତ୍ରି ଆଶ୍ରୟସ୍ଥଳ




ଖୋଲିଛି। ତେବେ ଗୁଗଲ୍ ସେହି ସ୍ଥାନଗୁଡ଼ିକ ସମ୍ପର୍କରେ ଶ୍ରମିକମାନଙ୍କୁ ସୂଚନା ଦେଉଛି। ଗୁଗଲ୍ କହିଛି, ଭାରତରେ ଲକ୍‌ଡାଉନ୍ ସମୟରେ ଅସହାୟ ଲୋକମାନଙ୍କ ସୁବିଧା ପାଇଁ ଗୁଗଲ୍ ମ୍ୟାପ୍‌ରେ ଖାଦ୍ୟ ଯୋଗାଣ ଓ ରାତ୍ରି ଆଶ୍ରୟସ୍ଥଳଗୁଡ଼ିକ ସମ୍ପର୍କରେ ସୂଚନା ଦିଆଯିବ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧିକାରୀ ଓ କର୍ତ୍ତୃପକ୍ଷଙ୍କ ସହଯୋଗରେ ଏଭଳି ପଦକ୍ଷେପ ନିଆଯାଇଥିବା ଗୁଗଲ୍ ପକ୍ଷରୁ କୁହାଯାଇଛି। ପ୍ରବାସୀ ଶ୍ରମିକମାନେ ସ୍ମାର୍ଟଫୋନ୍‌ରେ ଗୁଗଲ୍ ମ୍ୟାପ୍ ବ୍ୟବହାର କରି ଦେଶର ୩୦ ସହରରେ ସେବା ପ୍ରଦାନକାରୀ ରିଲିଫ କେନ୍ଦ୍ରଗୁଡ଼ିକର ଠିକଣା ସହଜରେ ପାଇପାରିବେ ବୋଲି ଗୁଗଲ ଇଣ୍ଡିଆର ସିନିୟର ପ୍ରୋଗ୍ରାମ ମ୍ୟାନେଜର ଅନଲ ଘୋଷ ସୂଚନା ଦେଇଛନ୍ତି। ଏଥିସହ ସେ କହିଛନ୍ତି, ଯେଉଁମାନଙ୍କ ପାଖରେ ସ୍ମାର୍ଟଫୋନ୍ ନାହିଁ ସେମାନଙ୍କୁ ସ୍ଥାନୀୟ ଏନ୍‌ଜିଓ, ଟ୍ରାଫିକ୍ ପୋଲିସ ଓ ସ୍ୱେଚ୍ଛାସେବୀମାନେ ସହଯୋଗ କରିବାକୁ ଅନଲ ସୂଚନା ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ବୁଧଦୃଷ୍ଟ ଚନ୍ଦ୍ର ହେତୁ ବିଭିନ୍ନ କାରଣକୁ ନେଇ ମାନସିକ ସ୍ଥିତି ଠିକ୍ ରହି ନ ପାରେ। କୌଣସି କଥାକୁ ଠିକ୍ ଭାବରେ ନ ବୁଝି ଅଯଥା ବିରକ୍ତି ପ୍ରକାଶ କରିପାରନ୍ତି। ସମସ୍ୟା ସମାଧାନ କରିବା ପାଇଁ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଗୃହୋପକରଣର ଅଭାବ କାମକୁ ସ୍ଥଗିତ ରଖିଦେଇପାରେ।

**ବୃଷ** ଶନିଦୃଷ୍ଟ ରବିଙ୍କ ନକ୍ଷତ୍ରରେ ଶୁକ୍ର ଅବସ୍ଥାନ କରିଥିବାରୁ ନୀଚ ଜାତିର ବ୍ୟକ୍ତିଙ୍କ ସହ ସମ୍ପର୍କକୁ ନେଇ ନିନ୍ଦିତ ଅଥବା ସମାଲୋଚିତ ହୋଇପାରନ୍ତି। କର୍ମକ୍ଷେତ୍ରରେ କେହି ଜଣେ ପ୍ରତିବାଦର ସ୍ୱର ଉଠାଇ କାମରେ ବିଘ୍ନ ଘଟାଇ ପାରନ୍ତି। କେତେକ କ୍ଷେତ୍ରରେ ଇଚ୍ଛା ନ ଥିଲେ ମଧ୍ୟ ପରିସ୍ଥିତିରେ ପଡି ଖର୍ଚ୍ଚାନ୍ତ ହେବେ।

**ମିଥୁନ** ଶନିଙ୍କ ଦୃଷ୍ଟିଜନିତ ଆପଣ କୌଣସି ବନ୍ଧୁଙ୍କ ସହ ମତାନ୍ତର ହେତୁକ ଅଶାନ୍ତ ରହିପାରନ୍ତି। ପାରିବାରିକ କ୍ଷେତ୍ରରେ ମଧ୍ୟ ସନ୍ଦେହ ଓ ବୁଝାମଣାର ଅଭାବ ମାନସିକ ଅଶାନ୍ତିକୁ ବଢାଇ ଦେଇପାରେ। ପରାମର୍ଶ ମାନି କାମ କଲେ କେତେକାଂଶରେ ଉପକୃତ ହୋଇପାରନ୍ତି। କରଜ କରି କାମ ଚଳାଇବା ପାଇଁ ବାଧ ହୋଇପାରନ୍ତି।

**କର୍କଟ** ଗ୍ରହମାନଙ୍କ ଅନୁକୂଳ ସ୍ଥିତି ପ୍ରଭାବରେ କର୍ମକ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। କିନ୍ତୁ ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ ନ କରି ବିବାଦୀୟ ହୋଇପାରନ୍ତି। ଶିଳ୍ପ,ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ସମସ୍ୟା ଦୂର ହୋଇଯିବ। ପରିବାରରେ ପିଲାମାନଙ୍କ ରୁଗ୍‌ଣ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ରହିପାରନ୍ତି।

**ସିଂହ** କର୍ମକ୍ଷେତ୍ରରେ ଉପର ଅଧିକାରୀମାନଙ୍କ ଦ୍ୱାରା ମାନସିକ ଚାପ ବୃଦ୍ଧି ପାଇବ। ଅଧିକାଂଶ କ୍ଷେତ୍ରରେ ଭାବପ୍ରବଣତା ଯୋଗୁଁ ମନୋବଳ କ୍ରମଶଃ ହ୍ରାସ ପାଇପାରେ। ପରିବାରରେ ଭୁଲ୍ ବୁଝାମଣା ଯୋଗୁଁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଆଜି ଦିନଟି ନୂତନକର୍ମାରମ୍ଭ, ଭ୍ରମଣ, ରାଜନୀତି,ପ୍ରଶାସନ ପାଇଁ ଭଲ ।

**କନ୍ୟା** କର୍ମକ୍ଷେତ୍ରରେ ଟେନ୍‌ସନ ଲାଗି ରହିଲେ ମଧ୍ୟ ପ୍ରତ୍ୟେକ କ୍ଷେତ୍ରରେ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିବେ। ବନ୍ଧୁ ଗହଣରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି। କ୍ରୀଡା କ୍ଷେତ୍ରରେ ସଫଳତା ମିଳିପାରେ। ଦୀର୍ଘ ଦିନରୁ ସନ୍ଧାନ ପାଉ ନ ଥିବା ତଥା ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ।

**ତୁଳା** ଶୁକ୍ରଙ୍କ ସୁପ୍ରଭାବରୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିଲେ ମଧ୍ୟ କର୍ମକ୍ଷେତ୍ରରେ କିଛି ନା କିଛି କାରଣକୁ ନେଇ ଟେନ୍‌ସନ ଲାଗିରହିବ। ଜମା ପଡୁ ନ ଥିବା ଲୋକମାନଙ୍କ ଦ୍ୱାରା ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ । ଦୀର୍ଘ ଦିନରୁ ଭଙ୍ଗା ପଡିଥିବା ସମ୍ପର୍କ ପୁନଃ ସ୍ଥାପିତ ହେବାର ଆଶା ରହିଛି।

**ବିଛା** ପାଖପଡୋଶୀଙ୍କ ବ୍ୟବହାରରେ ଅତିଷ୍ଠ ହେବା ସହ ପାରିବାରିକ ସମସ୍ୟାକୁ କେନ୍ଦ୍ରକରି ମନରେ ଭାବାନ୍ତର ସୃଷ୍ଟିହେବ। ଅବଶ୍ୟ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଗୃହୋପଯୋଗୀ ଭୂମି, ନିର୍ମାଣାଧୀନ କାର୍ଯ୍ୟ, ଗାଡିମୋଟର, ସମ୍ପର୍କୀୟ ଦୁଶ୍ଚିନ୍ତା ଆସିପାରେ।

**ଧନୁ** ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବା ସକାଶେ ବହୁତ ହଇରାଣ ହେବାକୁ ପଡିବ। ବନ୍ଧୁମାନଙ୍କ ନିମନ୍ତ୍ରଣ କ୍ରମେ ଆକସ୍ମିକ ଭାବରେ ଆମୋଦ ପ୍ରମୋଦର ମଉକା ଜୁଟିବାର ସୂଚନା ରହିଛି। ପାଖ,ପଡୋଶୀଙ୍କ ସାହାଯ୍ୟ ହେତୁ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିପାରେ।

**ମକର** ସାଙ୍ଗସାଥୀ,ପାଖପଡୋଶୀ ତଥା ନିକଟ ସମ୍ପର୍କୀୟମାନଙ୍କ ମିତ୍ରତା ବୃଦ୍ଧି ଘଟିବ। କର୍ମକ୍ଷେତ୍ରରେ ପାରସ୍ପରିକ ଆଲୋଚନା ମାଧ୍ୟମରେ କାମକଲେ ସମସ୍ୟାର ସରଳ ସମାଧାନ ହେବ। କୌଣସି ମୂଲ୍ୟବାନ ଜିନିଷଟି ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ପାରିବାରିକ ପ୍ରତିକୂଳ ଆପଣଙ୍କୁ ଆନମନା କରିପାରେ।

**କୁମ୍ଭ** ସାଧାରଣକଥାରେ ବନ୍ଧୁରେ କଳହ, ଧନହାନି କିମ୍ବା ଅନ୍ୟମନସ୍କତାରୁ ହାତ, ପାଦରେ ଆଘାତ ଲାଗିବାର ସମ୍ଭାବନା ରହିଛି। ସହକର୍ମୀ ଦେଇଥିବା ପ୍ରତିଶ୍ରୁତିରେ ଖିଲାପ କରିପାରନ୍ତି,ଯାହା କି କେତେକ ଅସୁବିଧାଜନକ ସ୍ଥିତି ସୃଷ୍ଟି କରିବ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପରିବହନ କେତେକାଂଶରେ ବାଧାପ୍ରାପ୍ତ ହୋଇପାରେ।

**ମୀନ** ବିଭିନ୍ନ ପ୍ରକାରର ପାରିବାରିକ ସମସ୍ୟା ମଧ୍ୟରେ ମାନସିକ ସ୍ଥିତି ଠିକ୍ ରହିବ ନାହିଁ। ବାରମ୍ବାର ଅସଫଳ ହେବା କାରଣରୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ବ୍ୟବସାୟ,ବାଣିଜ୍ୟ ଓ କଳା ସାହିତ୍ୟ, ଆଲୋଚନା କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ସାମୟିକ ମନଦୁଃଖକୁ ଭୁଲିଯାଇପାରନ୍ତି।

ଆଜି ଚୈତ୍ର ପୂର୍ଣ୍ଣିମା ଯୁକ୍ତ ପ୍ରତିପଦା ବୁଧବାର,ବୈଶାଖ ବ୍ରତାରମ୍ଭ,ଶ୍ରୀମନ୍ଦିରରେ ଲଙ୍କାପୋଡି ପ୍ରସ୍ତାବ,ଏପ୍ରିଲ ୮ ତାରିଖ,ବିଶ୍ୱ ପରମ୍ପରା ଦିବସ,ରାଶି ନକ୍ଷତ୍ର-ଚିତ୍ରା/କନ୍ୟା,ବୃଷ ରାଶିର ଘାତଚନ୍ଦ୍ର,କର୍କଟ ରାଶିର ଘାତବାର, ପ୍ରାତଃ ଘ.୦୫.୩୭ମି. ଗତେ ଘ.୦୭.୧୭ମି.ମଧ୍ୟେ, ଘ.୦୯.୪୪ମି.ଗତେ ଘ.୧୧.୨୩ମି.ମଧ୍ୟେ, ଘ.୦୩.୩୧ମି.ଗତେ ଘ.୦୫.୧୦ମି.ମଧ୍ୟେ,ସନ୍ଧ୍ୟା ଘ.୦୬.୪୭ମି.ଗତେ ଘ.୦୯ମି.୦୫ମି.ମଧ୍ୟେ,ରାତ୍ରି ଘ.୦୧.୪୪ମି.ଗତେ ଘ.୦୫.୩୭ମି.ମଧ୍ୟେ ଅମୃତବେଳା। ଦିବା ଘ.୦୧.୫୨ମି.ଗତେ ଘ.୦୩.୩୧ମି.ମଧ୍ୟେ, ରାତ୍ରି ଘ.୦୯.୦୫ମି.ଗତେ ଘ.୧୦.୩୮ମି.ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୧.୪୮ମି.ଗତେ ଘ.୦୧.୨୧ମି.ମଧ୍ୟେ ରାହୁକାଳ।

# ଘାତକ ହେବ ବିଶୋଧକ ସିଞ୍ଚନ

**ନୈନିତାଲ**



ଦିନକୁ ଦିନ ଅଣାୟତ୍ତ ହେବାରେ ଲାଗିଛି କୋଭିଡ୍-୧୯। ବୈଜ୍ଞାନିକମାନେ ଏହାର ପ୍ରତିଷେଧକ ବାହାର କରିବାକୁ ଦିନରାତି ଏକ୍ କରିଦେଇଥିଲେ ମଧ୍ୟ ଏ ଯାଏ ଶତ ପ୍ରତିଶତ ସଫଳତା ମିଳିନାହିଁ। ସତର୍କତା, ସଂଯମତା ଏବଂ ସାମାଜିକ ଦୂରତାକୁ ଅସ୍ତ୍ର କରି ଏହି ଘାତକ ଭୂତାଣୁ ସହ ଲଢ଼େଇ କରୁଛି ସାରା ବିଶ୍ୱ। ଭୂତାଣୁ ସଂକ୍ରମଣ ରୋକିବାକୁ ପାରୁପର୍ଯ୍ୟନ୍ତ ଉଦ୍ୟମ କରାଯାଉଛି। ଆଗୁଆ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ସହରଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ଯାଏ ବିଶୋଧକ ସିଞ୍ଚନ କରାଯାଉଛି। ଗୋଟିଏ ପଟେ ଏହାଦ୍ୱାରା ସଂକ୍ରମଣକୁ ପ୍ରତିହତ କରାଯାଇପାରିବ ବୋଲି କୁହାଯାଉଥିବାବେଳେ ଅନ୍ୟପଟେ ଏହାର ପ୍ରତିକୂଳ ପ୍ରଭାବ ଜୈବମଣ୍ଡଳ ଉପରେ ପଡ଼ିବ ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି ପରିବେଶବିତ୍।

ଗ୍ରାମାଞ୍ଚଳରେ ସାନିଟାଇଜେଶନ ଦ୍ୱାରା କୃଷକଙ୍କ ବନ୍ଧୁ କୁହାଯାଉଥିବା ଉପକାରୀ କୀଟପତଙ୍ଗ, ପ୍ରଜାପତି ମୃତ୍ୟୁମୁଖରେ ପଡ଼ିବେ। ଏହା ପରିସଂସ୍ଥା ଏବଂ ଜୈବମଣ୍ଡଳକୁ ବିଗାଡ଼ିଦେବ। ଏଥିରେ ଚାଷକ୍ଷେତ୍ର ସର୍ବାଧିକ କ୍ଷତିଗ୍ରସ୍ତ ହେବା ଆଶଙ୍କା ସୃଷ୍ଟି ହୋଇଛି। ବିଶେଷ କରି ସୁସ୍ୱାଦୁ ଫଳ ଉତ୍ପାଦନ ପାଇଁ ପ୍ରସିଦ୍ଧି ଅର୍ଜନ କରିଥିବା ଉତ୍ତରାଖଣ୍ଡର ଫଳଚାଷୀ ଏଥି ଲାଗି ଅଧିକ ମାତ୍ରାରେ କ୍ଷତିଗ୍ରସ୍ତ ହେବେ। ଉତ୍ତରଖଣ୍ଡର ପର୍ବତ ଇଲାକାରେ ବିପୁଳ ପରିମାଣର ଫଳଚାଷ କରାଯାଇଥାଏ। ଏବେ କରୋନା ସଂକ୍ରମଣକୁ ପ୍ରତିହତ କରିବାକୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ପଞ୍ଚାୟତ ପକ୍ଷରୁ ଘର ଆଖାପାଖ, ଗଛଲତା ଉପରେ ରାସାୟନିକ ସିଞ୍ଚନ କରାଯାଉଛି। ଏହା ଏବେ ଚାଷୀଙ୍କ ପାଇଁ ଚିନ୍ତାଜନକ ବିଷୟ ହୋଇଛି। ଏ ସମ୍ପର୍କରେ ଖ୍ୟାତନାମା ପରିବେଶବିତ୍ ପଦ୍ମଶ୍ରୀ କଲ୍ୟାଣ ସିଂ ରାୱତ କୁହନ୍ତି, ଗ୍ରାମୀଣ ଇଲାକାରେ ଏପରି ବିଷାକ୍ତ ବିଶୋଧକ ସିଞ୍ଚନର ପ୍ରତିକୂଳ ପ୍ରଭାବ ପଡ଼ିପାରେ। ଏବେ ବସନ୍ତ ଋତୁ। ଫଳ ବଗିଚାରେ ଥିବା ଗଛସବୁ ଫୁଲରେ ଭର୍ତ୍ତି ହୋଇଛି। ପରାଗସଙ୍ଗମ ମଧ୍ୟ ଚାଲିଛି। ଏହି ସମୟରେ ସାନିଟାଇଜର ପ୍ରୟୋଗ କୀଟପତଙ୍ଗ, ମହୁମାଛି, ପ୍ରଜାପତିଙ୍କ ଲାଗି ଘାତକ ସାବ୍ୟସ୍ତ ହେବ। ଏହାଦ୍ୱାରା ପରାଗସଙ୍ଗମ ପ୍ରଭାବିତ ହେବ ବୋଲି ସେ କହିଛନ୍ତି। ସେହିପରି ଅଞ୍ଚଳର ଚାଷୀମାନେ ମଧ୍ୟ ଏପରି ରାସାୟନିକ ସିଞ୍ଚନକୁ ନେଇ ଚିନ୍ତାରେ ପଡ଼ିଛନ୍ତି। ଏହାର ବିକଳ୍ପ ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଛନ୍ତି।

**କରୋନା ମୁକାବିଲା**

# ଠେଙ୍ଗା ଧରି ପହରା ଦେଉଛନ୍ତି ମହିଳା



ଜୟପୁର ପାଇକ ସାହିର ମହିଳା ଆରୋଗ୍ୟ ସମିତି ସଦସ୍ୟାମାନେ ପହରା ଦେଉଛନ୍ତି।

**ଜୟପୁର,୭।୪(ନି.ପ୍ର./ଡି.ଏନ୍.ଏ.)**

କରୋନା ଭାଇରସ ଆତଙ୍କ ଯୋଗୁ ସବୁଠି ଏବେ ଲକ୍ ଡାଉନ। ଏଭଳି ପରିସ୍ଥିତିରେ ଯେତେ ସଚେତନ କଲେ ମଧ୍ୟ କେତେକ ଅମାନିଆ ଲୋକ ଘରେ ରହୁନାହାନ୍ତି। ଲୋକଙ୍କୁ ସଚେତନ ଓ ସାବାଡ଼ କରିବା ପାଇଁ ଏବେ ହାତରେ ଠେଙ୍ଗା ଧରି ରାଜରାସ୍ତାକୁ ଓହ୍ଲାଇଛନ୍ତି ମହିଳା। କୋରାପୁଟ ଜିଲା ଜୟପୁର ପୌରାଞ୍ଚଳର ୨୨ ନମ୍ବର ୱାର୍ଡ଼ର ଏ ହେଉଛି ଚିତ୍ର। ଜୟପୁର ୨୨ ନମ୍ବର ୱାର୍ଡ଼ ରାଜୁସାହିର ୧୪ ଜଣ ମହିଳା ୨୦୧୫ରେ ଧରିତ୍ରୀ ମହିଳା ଆରୋଗ୍ୟ ସମିତି ଗଠନ କରିଛନ୍ତି। ୨୨ ନଂ ୱାର୍ଡ଼ର ରାଜୁସାହି, ଗୋଡ଼ିଆ ଧୋବାସାହି, ମାଦଳା ସାହି, ଗୋଡ଼ିଆ ମାଳିସାହି, ପାଇଲ ସାହି ରାସ୍ତାରେ ଏହି ସମିତିର ମହିଳାମାନେ ଏବେ ହାତରେ ଠେଙ୍ଗା ଧରି ଲୋକଙ୍କୁ ସଚେତନ କରୁଛନ୍ତି। ଦିନ ୧୧ଟା ପରେ ଘରୁ ନ ବାହାରିବା, ହାତଧୁଆ, ମାସ୍କ ପିନ୍ଧିବା, ଦୋକାନ ବଜାରରେ ସାମାଜିକ ଦୂରତ୍ୱ ରକ୍ଷା ପାଇଁ ସଚେତନ କରାଯାଉଛି। ସମିତିର ସଭାପତି ଜାରିନା ବିବି, ସମ୍ପାଦକ ସୁଭଦ୍ରା ନାୟକଙ୍କ ନେତୃତ୍ୱରେ ମହିଳାମାନେ ସକାଳ ୧୧ରୁ ଦିନ ୨ଟା ଓ ସନ୍ଧ୍ୟା ୬ରୁ ରାତି ୧୦ ଯାଏ ପଇଡଁରା ମାରୁଛନ୍ତି। ସେହିପରି ଜୟପୁର ପୌରସଂସ୍ଥାର ୨ ନମ୍ବର ୱାର୍ଡ଼ ପାଇକସାହିର ମା’ ବୁଢ଼ା ଭୈରବୀ ମହିଳା ଆରୋଗ୍ୟ ସମିତିର ସଦସ୍ୟାମାନେ ମଧ୍ୟ ଗତ ୨୭ ତାରିଖରୁ ସାହିରେ ପହରା ଦେଇଆସୁଛନ୍ତି। ସାହିଲୋକଙ୍କୁ ଘରୁ ବାହାରିବାକୁ ଦିଆଯାଉନାହିଁ। ୧ ନମ୍ବର ୱାର୍ଡର ଜୟନଗର ପରଜାସାହି, ଭତରା ସାହି, ମୁଖ୍ୟରାସ୍ତା ଚିଲିଗୁଡ଼ିରେ ଏକ ସପ୍ତାହ ହେବ ମା’ ତାରିଣୀ ମହିଳା ସମିତି ଓ ୨୨ ନମ୍ବର ୱାର୍ଡ଼ ଧରିତ୍ରୀ ମହିଳା ଆରୋଗ୍ୟ ସମିତିର ସଦସ୍ୟାମାନେ ନିୟମିତ ପହରା ଜାରି ରଖିଛନ୍ତି।

## ନିଜାମୁଦ୍ଦିନ ଫେରନ୍ତାଙ୍କ ସଂଖ୍ୟା ୭୦କୁ ବୃଦ୍ଧି

**ଭୁବନେଶ୍ୱର, ୭।୪(ବ୍ୟୁରୋ)**

ନୂଆଦିଲ୍ଲୀ ନିଜାମୁଦ୍ଦିନରୁ ଓଡ଼ିଶାକୁ ୭୦ଜଣ ଆସିଛନ୍ତି। ପୂର୍ବରୁ ୨୮ଜଣ ଆସିଥିବା ରିପୋର୍ଟ ଥିବାବେଳେ ଏହା ୭୦କୁ ବୃଦ୍ଧି ପାଇଛି ବୋଲି କରୋନା ଭୂତାଣୁ ସଂକ୍ରମଣ ସଚେତନତା କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ପୂର୍ବରୁ ନିଜାମୁଦ୍ଦିନ ଫେରନ୍ତାଙ୍କ ସଂଖ୍ୟା ୨୮ ଥିଲା। ଗତ ୪ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜାମୁଦ୍ଦିନ ଫେରନ୍ତାଙ୍କୁ ଭୟ ନ କରି ଆଗକୁ ଆସି ନିଜର ଚିହ୍ନଟ କରିବା ପାଇଁ ନିବେଦନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଅପିଲ ପରେ ସମ୍ମାନ ଜଣାଇ ଆହୁରି ୪୨ଜଣ ସାମ୍ନାକୁ ଆସିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ସେହି ବ୍ୟକ୍ତିଙ୍କୁ ଓ ତାଙ୍କ ପରିବାରବର୍ଗଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଏବେବି ଯଦି କେହି ଆଶଙ୍କିତ ଥାଆନ୍ତି କିମ୍ବା ଭୟ ଓ ଲାଜରେ ଥାଆନ୍ତି ତେବେ ସେମାନେ ସାମ୍ନାକୁ ଆସିବାକୁ ଅନୁରୋଧ କରାଯାଉଛି। ଯଦି ସନ୍ଦିଗ୍ଧ ହୋଇଥିବେ ତେବେ ସରକାର ସେମାନଙ୍କ ସବୁପ୍ରକାର ବ୍ୟବସ୍ଥା କରିବେ ଓ ଯଦି ସଂକ୍ରମିତ ହୋଇଥିବେ ତେବେ ସରକାର ତାଙ୍କର ଖର୍ଚ୍ଚ ସମ୍ପୂର୍ଣ୍ଣ ବହନ କରିବେ। ତେଣୁ ନିଜକୁ, ପରିବାରକୁ ଏବଂ ସମାଜକୁ ନିରାପଦ ରଖିବା ପାଇଁ ଆଗକୁ ଆସିବା ପାଇଁ ବାଗ୍‌ଚୀ ଆହ୍ୱାନ ଦେଇଛନ୍ତି।

## ‘ମାନବିକତାକୁ ଲକ୍‌ଡାଉନ୍‌ରେ ରଖନ୍ତୁ ନାହିଁ’

**ଭୁବନେଶ୍ୱର, ୭।୪(ବ୍ୟୁରୋ)**

ରାଜ୍ୟରେ କରେନା ସ୍ଥିତିକୁ ନେଇ ପ୍ରତିଦିନ ପରି ମଙ୍ଗଳବାର କରୋନା ଭୂତାଣୁ ସଂକ୍ରମଣ ସଚେତନତା କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ ଖବରଦାତା ସମ୍ମିଳନୀ ଜରିଆରେ ସୂଚନା ଦେଇଛନ୍ତି। ଏହି ସମୟରେ ସେ ଏକ ସମ୍ବେଦନଶୀଳ ସୂଚନା ଦେଇଥିଲେ। ବାଗ୍‌ଚୀ କହିଥିଲେ, କରୋନା ମୁକାବିଲା ପାଇଁ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ନିଜ ଜୀବନକୁ ବାଜିରେ ଲଗାଇ କରୋନାକୁ ପରାଜିତ କରିବାକୁ ଦିନରାତି ଲାଗିପଡ଼ିଛନ୍ତି। ତେଣୁ ଏହି ସମୟରେ ସେମାନଙ୍କୁ ଘୃଣା ଏବଂ ଭୟ ଦୃଷ୍ଟିରେ ଦେଖିବା ଅନୁଚିତ। ବାଗ୍‌ଚୀ ହକିଛନ୍ତି ଯେ, ଓଡ଼ିଶା ଦକ୍ଷତା ବିକାଶ ତରଫରୁ ଗତବର୍ଷ ‘ଅରେଞ୍ଜ କ୍ରସ୍’ ବୋଲି ଏକ ସଂସ୍ଥାକୁ କ୍ରିଟିକାଲ ନର୍ସ ଟ୍ରେନିଂ ପାଇଁ ନିଯୁକ୍ତ କରାଯାଇଥିଲା। ଏହି ସଂସ୍ଥା ନର୍ସିଂ ଟ୍ରେନିଂ ପାଇଥିବା ଯୁବପିଢ଼ିଙ୍କୁ ହୋମ୍ ବେସ୍‌ଡ କ୍ରିଟିକାଲ କେୟାର କିପରି ଦିଆଯିବ ସେ ବିଷୟରେ ପ୍ରଶିକ୍ଷଣ ଦିଅନ୍ତି। ଅନେକ ସମୟରେ ବୟସ୍କ ବ୍ୟକ୍ତି ହସ୍ପିଟାଲରେ ଭର୍ତ୍ତି ହୁଅନ୍ତି। କିନ୍ତୁ ଅଧିକ ବୟସ ହୋଇଥିବାରୁ ହସ୍ପିଟାଲରେ ନ ରହି ଘରେ ଚିକିତ୍ସିତ ହେବା ପାଇଁ ହସ୍ପିଟାଲ ପକ୍ଷରୁ ପରାମର୍ଶ ଦିଆଯାଇଥାଏ। ଏହିପରି ବ୍ୟକ୍ତିଙ୍କୁ ଯେତେବେଳେ ଘରେ ଅଣାଯାଇ ରଖାଯାଏ, ସେଥିପାଇଁ ଅନ୍ୟ ପ୍ରକାରର ଦକ୍ଷତା ଆବଶ୍ୟକ ପଡ଼ିଥାଏ। ଏହିଭଳି ରୋଗୀଙ୍କୁ ଘରେ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ‘ଅରେଞ୍ଜ କ୍ରସ୍’ ସଂସ୍ଥା କାର୍ଯ୍ୟ କରୁଛି ବୋଲି ବାଗ୍‌ଚୀ ସୂଚନା ଦେଇଥିଲେ।

ତେବେ ଏହି ଟ୍ରେନିଂ ପାଇଥିବା ଦୁଇଜଣ ନର୍ସଙ୍କୁ ତାଙ୍କ ଘରମାଲିକ ବାହାର କରିଦେଇଛନ୍ତି। ଦୁଇଜଣ ନର୍ସ ସାରା ରାତି ରୋଗୀଙ୍କ ସେବା ପ୍ରଦାନ କରି ସକାଳେ ଫେରିବା ପରେ ତାଙ୍କ ଘରମାଲିକ ତାଙ୍କୁ ବାହାରିଯିବା ପାଇଁ କହିଥିଲେ। ଅରେଞ୍ଜ କ୍ରସ୍‌ର ଅଧିକାରୀଙ୍କୁ ଡକାଗଲା ଓ ପୋଲିସର ସହାୟତା ନେଇ ସେମାନଙ୍କ ଜିନିଷପତ୍ର ସମେତ ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଗଲା ବୋଲି ବାଗ୍‌ଚୀ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, କୋଭିଡ୍-୧୯ ଭୂତାଣୁର ସଂକ୍ରମଣ ଭୟ ସମସ୍ତଙ୍କୁ ଲାଗି ରହିଛି, ତାହା ଠିକ୍। କିନ୍ତୁ ତାହାର ଅର୍ଥ ନୁହେଁ, ରୋଗୀ ସେବାରେ ନିଯୁକ୍ତ ବ୍ୟକ୍ତିଙ୍କୁ ଆମେ ସନ୍ଦେହ ଚକ୍ଷୁରେ ଦେଖିବା ଓ ତାଙ୍କୁ ଘରୁ ବାହାର କରିଦେବା। ମଣିଷ ନିଶ୍ଚିତ ଲକ୍‌ଡାଉନ୍‌ରେ ରହିବ। କିନ୍ତୁ ମାନବିକତାକୁ ଲକ୍‌ଡାଉନ୍‌ରେ ରଖନ୍ତୁ ନାହିଁ। ନିଜର ମଣିଷ ପଣିଆ ହରାନ୍ତୁ ନାହିଁ ବୋଲି ବାଗ୍‌ଚୀ ପରାମର୍ଶ ଦେଇଛନ୍ତି।

# କରୋନା ଉପରେ ତାପମାତ୍ରାର ପ୍ରଭାବ

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ଅନୁଯାୟୀ କରୋନା ବା କୋଭିଡ-୧୯ ଏକ ଭୂତାଣୁଜନିତ ଜ୍ୱର, ଯାହା ମହାମାରୀର ରୂପ ନେଇସାରିଛି। ଆଗରୁ ବିଶ୍ୱବାସୀ ସମ୍ମୁଖୀନ ହୋଇଥିବା ସ୍ୱାଇନ୍ ଫ୍ଲୁ, ବାର୍ଡ ଫ୍ଲୁ ଏବଂ ଇବୋଲାକୁ ପଛରେ ପକାଇ କରୋନା ମାନବ ଜଗତ ଉପରେ ଆତଙ୍କ ଖେଳାଇ ଚାଲିଛି। ଏହାର ସଂକ୍ରମଣ ହାର ଅନ୍ୟ ଫ୍ଲୁ ଅପେକ୍ଷା ସର୍ବାଧିକ। ଭୂତାଣୁଜନିତ ଜ୍ୱରରେ ମୃତ୍ୟୁହାର ୦.୧ ପ୍ରତିଶତ ହୋଇଥିବା ବେଳେ କରୋନାରେ ମୃତ୍ୟୁହାର ୩%ରୁ ଅଧିକ ରହିଛି। କରୋନା ଭୂତାଣୁରେ ସଂକ୍ରମିତ ୮୦% ଲୋକଙ୍କଠାରେ ମୃଦୁ ଲକ୍ଷଣ କିମ୍ବା କୌଣସି ଲକ୍ଷଣ ଦେଖାଯାଇ ନ ଥାଏ। କେବଳ ୨୦% ସଂକ୍ରମିତଙ୍କଠାରେ କରୋନାର ଲକ୍ଷଣ ଦେଖିବାକୁ ମିଳିଥାଏ ଏବଂ ଏହି ୨୦% ରୋଗୀଙ୍କ ଚିକିତ୍ସା ଆବଶ୍ୟକ ପଡ଼ିଥାଏ। କୋଭିଡ୍-୧୯ ଭୂତାଣୁ ଶ୍ୱାସକ୍ରିୟାକୁ ପ୍ରଭାବିତ କରୁଥିବାରୁ କରୋନାରେ ପୀଡିତ ୫% ରୋଗୀଙ୍କ ଆଇସିୟୁ କିମ୍ବା ଭେଣ୍ଟିଲେଟରର ଆବଶ୍ୟକତା ରହିଛି। କୋଭିଡ୍-୧୯ର ପ୍ରତିଷେଧକ ଟିକା କିମ୍ବା ଔଷଧ ନ ଥିବାରୁ ଚିକିତ୍ସାରେ ବାଧା ଉପୁଜୁଛି। ବର୍ତ୍ତମାନ ସୁଦ୍ଧା ବିଶ୍ୱର ୨୦୮ ଦେଶର ପ୍ରାୟ ୧୨ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ କରୋନାରେ ପୀଡ଼ିତ ହୋଇଥିବାବେଳେ ପ୍ରାୟ ୬୯ ହଜାର ଲୋକଙ୍କର ମୃତ୍ୟୁ ଘଟିଲାଣି। ଆଶଙ୍କା କରାଯାଉଛି ଯେ, ୨କୋଟିରୁ ଅଧିକ ଲୋକ କରୋନା ଭୂତାଣୁରେ ସଂକ୍ରମିତ ହେବେ ଏବଂ ୪ ଲକ୍ଷରୁ ଅଧିକ ଲୋକଙ୍କ ଜୀବନ ଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି।

କରୋନା ତାତିରେ ବିଶ୍ୱରେ ଜରୁରୀ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଭାରତ ଭଳି ଗ୍ରୀଷ୍ମପ୍ରଧାନ ଦେଶରେ କରୋନା ସଂକ୍ରମଣର ପ୍ରଭାବ କମ୍ ରହିବ ବୋଲି ଆଶା କରାଯାଉଛି। ବିଗତ ବର୍ଷର ବିଭିନ୍ନ ଭୂତାଣୁଜନିତ ରୋଗର ବିଶ୍ଳେଷଣ କଲେ ଜଣାପଡୁଛି ଯେ, ଭାରତରେ ଆଗରୁ ଦେଖାଯାଇଥିବା ସ୍ୱାଇନ ଫ୍ଲୁ ଏବଂ ବାର୍ଡ ଫ୍ଲୁ ସାଧାରଣତଃ ଶୀତଋତୁରେ ହୋଇଥାଏ। ଗ୍ରୀଷ୍ମଋତୁରେ ଏହାର ପ୍ରଭାବ କମିଥାଏ। ଡବ୍ଲ୍ୟୁଏଚ୍‌ଓ ମଧ୍ୟ କହୁଛି ଭୂତାଣୁଜନିତ ଜ୍ୱର ଗ୍ରୀଷ୍ମପ୍ରଧାନ ଅଞ୍ଚଳରେ ଶୀତଋତୁରେ ହୋଇଥାଏ। ଅର୍ଥାତ୍ ଗ୍ରୀଷ୍ମପ୍ରଧାନ ଦେଶରେ ଭୂତାଣୁଜନିତ ଜ୍ୱର ନଭେମ୍ବରରୁ ଏପ୍ରିଲ ମଧ୍ୟରେ ହୋଇଥାଏ। କରୋନା ମଧ୍ୟ ଏକ ଭୂତାଣୁଜନିତ ଜ୍ୱର, ଏହା ମଧ୍ୟ ଶୀତଋତୁରେ ଆରମ୍ଭ ହୋଇଛି। ଗ୍ରୀଷ୍ମପ୍ରଧାନ ଦେଶରେ ଏହାର ପ୍ରଭାବ କମ୍ ରହିଛି। ହୁଏତ୍ ଏହାକୁ ବିଜ୍ଞାନ ସମ୍ମତ ନୁହେଁ ବୋଲି ଲୋକେ କହିପାରନ୍ତି, ହେଲେ ଭୁଲିଯିବା କଥା ନୁହେଁ; ବୈଜ୍ଞାନିକମାନେ ବିଭିନ୍ନ ତଥ୍ୟ ସଂଗ୍ରହ ସହିତ ତତ୍‌ଜନିତ ଜ୍ଞାନକୁ ତର୍ଜମା କରି ନୂତନ ଉଦ୍ଭାବନ କରିଥାନ୍ତି। ତଥ୍ୟ କହୁଛି ଗ୍ରୀଷ୍ମପ୍ରଧାନ ଅଞ୍ଚଳରେ କରୋନାର ପ୍ରଭାବ କମ୍ ରହିଛି। ବାୟୁମଣ୍ଡଳର ତାପମାତ୍ରାର ବୃଦ୍ଧି ସହିତ କରୋନାର ପ୍ରଭାବ କମିଛି।

**ତଥ୍ୟ ନଂ.୧.:**

ଭାରତ ସହିତ ଶ୍ରୀଲଙ୍କା, ବାଂଲାଦେଶ, ନେପାଳ, ଥାଇଲାଣ୍ଡ, ସୌଦି ଆରବ, ପାକିସ୍ତାନ, ସିଙ୍ଗାପୁର, ମାଳଦ୍ୱୀପ ଏବଂ ମ୍ୟାନ୍‌ମାର ଭଳି ଦେଶ, ଯେଉଁଠାରେ ବାୟୁମଣ୍ଡଳର ତାପମାତ୍ରା ୩୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ପାଖାପାଖି ଅଛି ସେଠାରେ କରୋନା ରୋଗୀଙ୍କ ସଂଖ୍ୟା ଶୀତପ୍ରଧାନ ଦେଶ ଅପେକ୍ଷା କମ୍ ରହିଛି। ଏହି ସବୁ ସ୍ଥାନରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ଆମେରିକା, ଚାଇନା, ଇଟାଲୀ ଭଳି ଦେଶ ତୁଳନାରେ ଯଥେଷ୍ଟ କମ୍। ସେହିପରି ଆଫ୍ରିକା ମହାଦେଶର ୫୪ ଦେଶ ମଧ୍ୟରୁ ଆଲଜେରିଆ, ଦକ୍ଷିଣ ଆଫ୍ରିକା, ଇଜିପ୍ଟକୁ ଛାଡି ଅନ୍ୟ ସବୁ ଦେଶରେ ବର୍ତ୍ତମାନ ତାପମାତ୍ରା ପ୍ରାୟ ୨୫ ଡିଗ୍ରୀ ସେଣ୍ଟିଗ୍ରେଡ୍ ପାଖାପାଖି ଅଛି। ଦୁଇଟି ଆଫ୍ରିକୀୟ ଦେଶ ଦକ୍ଷିଣ ସୁଦାନ ଏବଂ ଲେସ୍‌ଥୋରେ ବର୍ତ୍ତମାନ ସୁଦ୍ଧା କରୋନା ସଂକ୍ରମଣ ହୋଇନାହିଁ। ଆଫ୍ରିକାର ୨୧ ଦେଶରେ କରୋନା ରୋଗୀଙ୍କ ସଂଖ୍ୟା ୨ ଅଙ୍କରେ ସୀମିତ ଥିବାବେଳେ ୧୪ ଦେଶରେ ରୋଗୀ ସଂଖ୍ୟା ୧ ଅଙ୍କରେ ସୀମିତ ଅଛି। ସେହିପରି ୨୦ ଆଫ୍ରିକୀୟ ଦେଶରେ କୌଣସି କରୋନା ରୋଗୀଙ୍କ ମୃତ୍ୟୁ ହୋଇନାହିଁ।

**ତଥ୍ୟ ନଂ.୨:**

| ତାପମାତ୍ରା ଅଧିକ ଥିବା ଦେଶରେ କରୋନାର ପରିସଂଖ୍ୟାନ | | | | ତାପମାତ୍ରା କମ୍‌ଥିବା ଦେଶରେ କରୋନାର ପରିସଂଖ୍ୟାନ | | | |
|---|---|---|---|---|---|---|---|
| ଦେଶର ନାମ | ତାପମାତ୍ରା (ଡିଗ୍ରୀ/ସେ.) | ରୋଗୀ ସଂଖ୍ୟା | ମୃତ୍ୟୁ ସଂଖ୍ୟା | ଦେଶର ନାମ | ତାପମାତ୍ରା (ଡିଗ୍ରୀ/ସେ.) | ରୋଗୀ ସଂଖ୍ୟା | ମୃତ୍ୟୁ ସଂଖ୍ୟା |
| ଭାରତ | ୩୧° | ୪୭୮୯ | ୧୨୪ | ଆମେରିକା | ୬° | ୨୭୩୮୦୮ | ୭୦୨୦ |
| ଶ୍ରୀଲଙ୍କା | ୩୨° | ୧୫୯ | ୦୫ | ଇଟାଲୀ | ୧୨° | ୧୨୪୬୩୨ | ୧୫୩୬୨ |
| ବାଂଲାଦେଶ | ୩୪° | ୭୦ | ୦୮ | ସ୍ପେନ୍ | ୧୦° | ୧୨୪୭୩୬ | ୧୧୭୪୪ |
| ନେପାଳ | ୨୬° | ୦୯ | ୦ | ଜର୍ମାନୀ | ୯° | ୯୧୭୧୪ | ୧୩୪୨ |
| ଥାଇଲାଣ୍ଡ | ୩୪° | ୨୦୬୭ | ୨୦ | ଫ୍ରାନ୍ସ | ୮° | ୬୭୭୫୭ | ୭୫୪୬ |
| ପାକିସ୍ତାନ | ୨୮° | ୨୮୮୦ | ୪୫ | ସୁଇଜରଲାଣ୍ଡ | ୧୧° | ୨୦୪୮୯ | ୬୬୬ |
| ସୌଦି ଆରବ | ୩୦° | ୨୩୭୦ | ୨୯ | ତୁର୍କୀ | ୯° | ୨୩୯୩୪ | ୫୦୧ |
| ସିଙ୍ଗାପୁର | ୨୭° | ୧୧୮୯ | ୦୫ | ବେଲ୍‌ଜିୟମ | ୮° | ୧୮୪୩୧ | ୧୨୮ |
| ମାଳଦ୍ୱୀପ | ୩୨° | ୧୯ | ୦ | ନେଦରଲାଣ୍ଡ | ୧୦° | ୧୬୬୨୭ | ୧୬୫୧ |
| ମ୍ୟାନ୍‌ମାର | ୩୬° | ୨୦ | ୦୧ | | | | |

ଅନ୍ୟପକ୍ଷରେ ଦେଖିବାକୁ ଗଲେ ପାଖାପାଖି ୧୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ତାପମାତ୍ରା ଥିବା ଦେଶଗୁଡିକରେ କରୋନା ରୋଗୀଙ୍କ ସଂଖ୍ୟା ଅଧିକ ରହିଛି। ସେହି ସବୁ ଦେଶରେ କରୋନା ରୋଗୀଙ୍କ ମୃତ୍ୟୁହାର ମଧ୍ୟ ଅଧିକ। ସେହିସବୁ ଦେଶ ଗୁଡିକହେଲା- ଯୁକ୍ତରାଷ୍ଟ୍ର ଆମେରିକା, ଇଟାଲୀ, ସ୍ପେନ୍, ଜର୍ମାନୀ, ଫ୍ରାନ୍ସ, ଇଂଲଣ୍ଡ, ସୁଇଜରଲାଣ୍ଡ, ତୁର୍କୀ, ବେଲ୍‌ଜିୟମ ଏବଂ ନେଦରଲାଣ୍ଡ। ଯୁକ୍ତରାଷ୍ଟ୍ର ଆମେରିକାର ନ୍ୟୁୟର୍କ ଏବଂ ନ୍ୟୁଜର୍ସି ରାଜ୍ୟରେ ସର୍ବାଧିକ ଲୋକ କରୋନା ଆକ୍ରାନ୍ତ ହୋଇଛନ୍ତି। ତଦନୁଯାୟୀ ଅଧିକ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଏହି ସବୁସ୍ଥାନରେ ତାପମାତ୍ରା ୩ ଡିଗ୍ରୀରୁ ୪ ଡିଗ୍ରୀ ମଧ୍ୟରେ ରହିଛି।



ଅଶୋକ କୁମାର ବରାଳ

ସେହିପରି ତାପମାତ୍ରା ଅଧିକ ଥିବା ଆମେରିକୀୟ ରାଜ୍ୟରେ କରୋନା ଆକ୍ରାନ୍ତ ଏବଂ ମୃତ୍ୟୁସଂଖ୍ୟା କମ୍ ରହିଛି।

**ତଥ୍ୟ ନଂ.୩:**

କୋଭିଡ୍-୧୯ ଉତ୍ପନ୍ନ ହୋଇଥିବା ଚାଇନାରେ ଜାନୁୟାରୀ ୩୧ସୁଦ୍ଧା ୨୭୮ଜଣ କରୋନାରେ ଆକ୍ରାନ୍ତ ହୋଇଥିଲେ। ସେଠାରେ ସେତେବେଳେ ସର୍ବାଧିକ ତାପମାତ୍ରା ୮ ଡିଗ୍ରୀ ଥିଲା। ଜାନୁୟାରୀ ୨୮ ବେଳକୁ ଏହି ସଂଖ୍ୟା ୪୫୩୭କୁ ବୃଦ୍ଧି ପାଇଥିଲା ଅର୍ଥାତ୍ ସେଠାରେ ଏକ ସପ୍ତାହରେ ରୋଗୀ ସଂଖ୍ୟାରେ ପ୍ରାୟ ୧୬ଗୁଣ ବୃଦ୍ଧି ଘଟିଥିଲା। ପରବର୍ତ୍ତୀ ସପ୍ତାହରେ ରୋଗୀ ସଂଖ୍ୟା ୩ ଗୁଣ ଏବଂ ଏହାର ଦୁଇ ସପ୍ତାହ ଏହା ପ୍ରାୟ ଦୁଇ ଗୁଣ ବୃଦ୍ଧି ପାଇଥିଲା। ମାର୍ଚ୍ଚ ୮ ବେଳକୁ ସେଠାକାର ତାପମାତ୍ରା ୨୦ ଡିଗ୍ରୀ ପାଖାପାଖି ପହଞ୍ଚିଥିଲା। ସେତେବେଳେ ନୂତନ ରୋଗୀଙ୍କ ସଂଖ୍ୟା ପ୍ରତିଦିନ ଦୁଇଅଙ୍କକୁ କମିଆସିଥିଲା। ମାର୍ଚ୍ଚ ୧୩ରେ ଚାଇନାରେ ନୂତନ କରୋନା ରୋଗୀଙ୍କ ସଂଖ୍ୟା ମାତ୍ର ୧୧ ଥିଲା। ବର୍ତ୍ତମାନ ହୁବେଇ ପ୍ରଦେଶ ଯାହାର ରାଜଧାନୀ ଉହାନ ସେଠାରେ ତାପମାତ୍ରା ପ୍ରାୟ ୨୦ ଡିଗ୍ରୀ ରହିଛି ଏବଂ ଚାଇନାରେ କରୋନା ସଂକ୍ରମଣ ନିୟନ୍ତ୍ରଣରେ ଥିବା କୁହାଯାଉଛି। ଏହା ମଧ୍ୟ ସୂଚିତ କରୁଛି ଯେ ତାପମାତ୍ରା ବୃଦ୍ଧି ସହ ଚାଇନାରେ କରୋନା ସଂକ୍ରମଣ କମିଛି। ୬ ଏପ୍ରିଲ ସୁଦ୍ଧା ଚାଇନାରେ ସମୁଦାୟ ୮୨,୯୩୦ଜଣ କରୋନାରେ ପୀଡିତ ହୋଇଥିବା ବେଳେ ୩,୩୩୮ ଜଣଙ୍କର ମୃତ୍ୟୁ ଘଟିଛି।

**ତଥ୍ୟ ନଂ.୪:**

ଭାରତ କଥା ଯଦି ଦେଖିବା ଏଠାରେ ଜାନୁୟାରୀ ୩୦ରେ ପ୍ରଥମ କରୋନା ରୋଗୀ ଚିହ୍ନଟ ହୋଇଥିଲେ। ଫେବୃୟାରୀ ୨ରେ ଦ୍ୱିତୀୟ ଏବଂ ୩ ତାରିଖରେ ତୃତୀୟ ରୋଗୀ ଚିହ୍ନଟ ହୋଇଥିଲେ। ମାର୍ଚ୍ଚ ୫ ବେଳକୁ ଏହି ସଂଖ୍ୟା ୩୮ରେ ପହଞ୍ଚିଥିଲା। ମାର୍ଚ୍ଚ ୧୩ରେ ଦେଶର ପ୍ରଥମ କରୋନା ରୋଗୀଙ୍କ ମୃତ୍ୟୁ ଘଟିଥିଲା ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ରିପୋର୍ଟରେ ପ୍ରକାଶ କରିଛି। ସେହିପରି ମାର୍ଚ୍ଚ ୧୫ ତାରିଖ ବେଳକୁ ଭାରତରେ କରୋନା ରୋଗୀଙ୍କ ସଂଖ୍ୟା ୧୦୭କୁ ବୃଦ୍ଧି ପାଇଥିଲା। ଏପ୍ରିଲ୍ ୭ ରାତି ୧୦ଟା ସୁଦ୍ଧା ଦେଶରେ କରୋନା ରୋଗୀଙ୍କ ସଂଖ୍ୟା ୪୭୮୯କୁ ବୃଦ୍ଧି ପାଇଥିବା ବେଳେ ମୃତ୍ୟୁ ସଂଖ୍ୟା ୧୨୪ରେ ପହଞ୍ଚିଛି। ତେବେ ଏଠାରେ ଗୋଟିଏ କଥା ଦେଖିବାର ଅଛି ଯେ, କରୋନା ଭୟରେ ସଂକ୍ରମିତ ଦେଶରୁ ଭାରତକୁ ଲକ୍ଷାଧିକ ଲୋକ ଫେରିଆସିଛନ୍ତି। ଚାଇନାରୁ ମଧ୍ୟ ଭାରତକୁ ବହୁ ଲୋକ ଫେରିଛନ୍ତି। ଏପରିସ୍ଥଳେ କରୋନା ଆକ୍ରାନ୍ତ ସଂଖ୍ୟା ଏବଂ ତତ୍‌ଜନିତ ମୃତ୍ୟୁ ସଂଖ୍ୟା ଶୀତ ପ୍ରଧାନ ଦେଶଠାରୁ କ’ଣ କମ୍ ନୁହେଁ?

**ତଥ୍ୟ ନଂ.୫:**

ଓଡ଼ିଶା କଥା ଯଦି ଦେଖିବା ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୪୨ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ମାର୍ଚ୍ଚ ୧୪ରେ ଭୁବନେଶ୍ୱରରେ ପ୍ରଥମ କରୋନା ରୋଗୀ ଚିହ୍ନଟ ହୋଇଥିଲା। ଇଟାଲୀରୁ ଫେରିଥିବା ଏହି ରୋଗୀ ଜଣଙ୍କ ପ୍ରାୟ ୧୨୯ଜଣଙ୍କ ସଂସ୍ପର୍ଶରେ ଆସିଥିଲେ। ଘରେ ମା’ବାପାଙ୍କ ସାଙ୍ଗରେ ରହିବା ସହିତ ଏକ ଘରୋଇ କ୍ଲିନିକ୍‌କୁ ଚିକିତ୍ସା ପାଇଁ ଯାଇଥିଲେ। ତେବେ ରୋଗୀଙ୍କ ମା’ବାପା କିମ୍ବା ଘରୋଇ କ୍ଲିନିକ୍‌ର ଡାକ୍ତରଙ୍କ ମଧ୍ୟରୁ କେହି ସଂକ୍ରମିତ ହୋଇ ନ ଥିବା ମେଡିକାଲ ରିପୋର୍ଟ ଆସିଛି। ଏହିବ୍ୟକ୍ତି ଭୁବନେଶ୍ୱରର ଯେଉଁ ଅଞ୍ଚଳରେ ରହୁଥିଲେ ଏ ପର୍ଯ୍ୟନ୍ତ ଉକ୍ତ ଅଞ୍ଚଳର କୌଣସି ବ୍ୟକ୍ତି ସଂକ୍ରମିତ ହୋଇନାହାନ୍ତି। ରାଜ୍ୟର ପ୍ରଥମ କରୋନା ବ୍ୟକ୍ତି ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ରାଜ୍ୟର ୨ୟ ସଂକ୍ରମିତ ବ୍ୟକ୍ତି ଇଂଲଣ୍ଡରୁ ଆସିଥିଲେ। ତାଙ୍କ ସଂସ୍ପର୍ଶରେ ୪୬ରୁ ଅଧିକ ବ୍ୟକ୍ତି ଆସିଥିଲେ। ରାଜ୍ୟର ଦ୍ୱିତୀୟ କରୋନା ସଂକ୍ରମିତ ବ୍ୟକ୍ତି ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ତାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କ ସଂକ୍ରମିତ ହେବାର ସୂଚନା ନାହିଁ। ରାଜ୍ୟର ୩ୟ ସଂକ୍ରମଣ ବ୍ୟକ୍ତି ସର୍ବାଧିକ ୧୨୪ଜଣଙ୍କ ସଂସ୍ପର୍ଶରେ ଆସିଥିଲେ। ସେତେବେଳେ କୁହାଯାଉଥିଲା ଏହି ବ୍ୟକ୍ତିଜଣଙ୍କ ବୋଧହୁଏ ରାଜ୍ୟରେ ସୁପର ସ୍ପ୍ରେଡ୍‌ର ହେବେ। ହେଲେ ଦିଲ୍ଲୀରୁ ସାଙ୍ଗ ହୋଇ ଫେରିଥିବା ତାଙ୍କ ସ୍ତ୍ରୀ, ଝିଅ ଏବଂ ତାଙ୍କୁ ଚିକିତ୍ସା କରିଥିବା ଡାକ୍ତରଙ୍କ ନେଗେଟିଭ୍ ରିପୋର୍ଟ ଆସିଛି। ବିଭିନ୍ନ ରାଜ୍ୟରୁ ଓଡ଼ିଶାକୁ ପ୍ରାୟ ୮୦ହଜାର ବ୍ୟକ୍ତି କରୋନା ଭୟରେ ଫେରିଥିବା ବେଳେ ବିଦେଶରୁ ୪ହଜାରରୁ ଅଧିକ ବ୍ୟକ୍ତି ଆସିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ତଥ୍ୟ ଅନୁସାରେ ଜଣେ କରୋନା ରୋଗୀ ଅତି କମ୍‌ରେ ଦୁଇଜଣଙ୍କୁ ସଂକ୍ରମିତ କରିଥାଏ। ଏବେ ରାଜ୍ୟରେ ରୋଗୀଙ୍କ ସଂଖ୍ୟା ମାତ୍ର ୪୨ କାହିଁକି? ରାଜ୍ୟରେ ତାପମାତ୍ରା ୩୫ ଡିଗ୍ରୀରୁ ଅଧିକ ଥିବାରୁ ଏପରି ହୋଇନାହିଁ ତ! ସେହିପରି ମାର୍ଚ୍ଚ ୧୪, ଯେଉଁଦିନ କ୍ୟାପିଟାଲ ହସ୍ପିଟାଲରେ କରୋନା ରୋଗୀଙ୍କ ଚିକିତ୍ସା କରାଯାଇଥିଲା ସେ ଦିନ ଆମ ପାଖରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଦ୍ୱାରା କରୋନା ରୋଗ ଚିକିତ୍ସା ପାଇଁ ନିର୍ଦ୍ଧାରିତ ପର୍ସନାଲ ପ୍ରୋଟେକ୍ଟିଭ୍ ଇକ୍ୟୁପ୍‌ମେଣ୍ଟ (ପିପିଇ) ନ ଥିଲା ଏବଂ ଯେଉଁ ଡାକ୍ତର କରୋନା ରୋଗୀଙ୍କ ଚିକିତ୍ସା କରୁଥିଲେ ସେ ମଧ୍ୟ ଆଉଟ୍‌ଡୋରରେ ଅନ୍ୟ ରୋଗୀଙ୍କ ଚିକିତ୍ସା କରୁଥିଲେ। କ୍ୟାପିଟାଲ ହସ୍ପିଟାଲକୁ ପ୍ରତିଦିନ ପ୍ରାୟ ୩ ହଜାର ରୋଗୀ ବିଭିନ୍ନ ରୋଗର ଚିକିତ୍ସା ପାଇଁ ଆସୁଥିବା ବେଳେ ଏଠାରେ ଏ ପର୍ଯ୍ୟନ୍ତ ସେପରି ସଂକ୍ରମିତ ହେଲାଭଳି ଲାଗୁନାହିଁ। ଏହାର କାରଣ ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧି ନୁହେଁ ତ?

ଆମ୍ଭେ ସମସ୍ତେ ଜାଣିଛେ ସୂର୍ଯ୍ୟ ହେଉଛନ୍ତି ସକଳ ଶକ୍ତିର ଆଧାର। ଆମ ଦେଶରେ ସୂର୍ଯ୍ୟଙ୍କ ପୂଜା କରାଯାଇଥାଏ। ଲୋକମାନେ ସୂର୍ଯ୍ୟଙ୍କୁ ଆଞ୍ଜୁଳାରେ ପାଣି ଦେଇ ପୂଜା କରନ୍ତି। ଆମ ରାଜ୍ୟରେ ସୂର୍ଯ୍ୟଦେବଙ୍କ ମନ୍ଦିର କୋଣାର୍କଠାରେ ରହିଛି। ଯାହା ସୂର୍ଯ୍ୟ ଉପାସନାର ଜ୍ୱଳନ୍ତ ଉଦାହରଣ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସୂର୍ଯ୍ୟ କିରଣ ବଡ଼ ବିଶୋଧକ (ସାନିଟାଇଜର)। ସୂର୍ଯ୍ୟକିରଣ ବାୟୁମଣ୍ଡଳରୁ ଜୀବାଣୁ ଏବଂ ଭୂତାଣୁକୁ ମାରି ବାୟୁମଣ୍ଡଳକୁ ମୁକ୍ତ କରିଥାଏ। ଏହାଛଡା ସୂର୍ଯ୍ୟକିରଣ ମଣିଷ ଶରୀରରେ ଭିଟାମିନ୍-ଡି ପ୍ରସ୍ତୁତ କରିଥାଏ। ଭିଟାମିନ୍-ଡି କ୍ୟାଲସିୟମ ଏବଂ ଫସଫରସ୍ ପ୍ରସ୍ତୁତ କରି ଶରୀରର ରୋଗପ୍ରତିଷେଧକ କାର୍ଯ୍ୟରେ ସହାୟକ ହୋଇଥାଏ।

ତାପମାତ୍ରା ବଢ଼ିବା ସହିତ କରୋନା ସଂକ୍ରମଣ ସଂଖ୍ୟା ହ୍ରାସ ହେଉଛି ଏହା ତଥ୍ୟଭିତ୍ତିକ ଯୁକ୍ତି! ଏହା ବୈଜ୍ଞାନିକ ସମ୍ମତ ନୁହେଁ। ଯୁକ୍ତିର ସତ୍ୟାସତ୍ୟ କରୋନା ଭୂତାଣୁର ସଂକ୍ରମଣ ହ୍ରାସ ପରେ ଜଣାପଡ଼ିବ। ସେ ପର୍ଯ୍ୟନ୍ତ ଏହି ମାରାତ୍ମକ ଭୂତାଣୁ ସଂକ୍ରମଣରୁ ନିଜ ସହିତ ନିଜ ପରିବାର, ବନ୍ଧୁବାନ୍ଧବ, ରାଜ୍ୟବାସୀ, ଦେଶବାସୀ ଏବଂ ବିଶ୍ୱବାସୀଙ୍କ ସୁରକ୍ଷା ପାଇଁ ଆମକୁ ସାମାଜିକ ଦୂରତ୍ୱ ବଜାୟ ରଖିବା ସହିତ ସରକାରଙ୍କ ମାର୍ଗଦର୍ଶିକା ମାନି କାର୍ଯ୍ୟକରିବା ଆବଶ୍ୟକ।

ପ୍ଲଟ୍ ନଂ.୧୩୫୦, ପାଇକ ନଗର, ଭୁବନେଶ୍ୱର
ମୋ.୯୪୩୮୦୪୧୦୨୦

> ଶିଖର ଚିରଦିନ ଆକର୍ଷଣ କରୁଥାଏ ନିମ୍ନଭୂମିକୁ। କାରଣ ସେ ଚାହେଁ-ନିମ୍ନ ଭାଗ ଉଠିଆସୁ ତା'ଉଚ୍ଚତାକୁ। ବିପୁଳ ମଧ୍ୟ କ୍ଷୁଦ୍ରକୁ ତା'ର ବୃହତ୍ତର ଅଭିଯାନରେ ଚାଲିବା ଲାଗି ଚିରଦିନ ଆକର୍ଷଣ କରୁଥାଏ। -ଶ୍ରୀଅରବିନ୍ଦ



# କରୋନାରୁ ଶିକ୍ଷା

ପ୍ରାକୃତିକ ହେଉ ବା ମନୁଷ୍ୟକୃତ ବିପର୍ଯ୍ୟୟରୁ ମଣିଷ ବହୁ କଥା ଶିଖିଥାଏ। ଆଜି କୋଭିଡ୍‌-୧୯ ରୋଗ ଲୋକଙ୍କ ମନରେ ଭୟ ସୃଷ୍ଟି କରିଦେଇଛି। ୨୦୧୯ ଶେଷ ଆଡ଼କୁ ଚାଇନାରୁ ବାହାରିଥିବା ଏହି ଭୂତାଣୁ ଯୋଗୁ ବିଶ୍ୱରେ ଅଦ୍ୟାବଧି ୭୬,୩୧୫ ଜଣଙ୍କ ପ୍ରାଣହାନି ଘଟିସାରିଲାଣି। ଦେଖିବାକୁ ଗଲେ ପ୍ରତିବର୍ଷ ଏହି ସମୟରେ ଥଣ୍ଡା, କାଶ, ଜ୍ୱର, ମ୍ୟାଲେରିଆ, ଯକ୍ଷ୍ମା ଆଦି ରୋଗରେ ପୀଡ଼ିତ ହୋଇ ଅନେକ ଲୋକଙ୍କ ମୃତ୍ୟୁ ଘଟିଥାଏ। ହେଲେ କୌଣସି ଦେଶ ତା'ର ସାମଗ୍ରିକ ରିପୋର୍ଟ ପ୍ରସ୍ତୁତ କରୁନାହିଁ। ସମ୍ଭବତଃ ଏସବୁକୁ ସାଧାରଣ ସ୍ତରର ରୋଗ ଭାବେ ଦେଖାଯାଉଛି। ସେହି ଦୃଷ୍ଟିରୁ ଚିନ୍ତା କଲେ ଉପରଲିଖିତ କରୋନାଜନିତ ମୃତ୍ୟୁସଂଖ୍ୟା ସେଭଳି ଭୟ ସୃଷ୍ଟି କରିବା କଥା ନୁହେଁ। ୬ ଏପ୍ରିଲରେ 'ଧରିତ୍ରୀ ଲାଇଭ୍‌'ରେ ପ୍ରସାରିତ ଓଡ଼ିଶାର ପ୍ରଥମ କରୋନା ଆକ୍ରାନ୍ତ ବ୍ୟକ୍ତି ଆରୋଗ୍ୟ ହେବା ପରେ ଦେଇଥିବା ଭିଡିଓ ବାର୍ତ୍ତାରୁ ସ୍ପଷ୍ଟ ଜଣାପଡୁଛି ଯେ, ଏହି କୋଭିଡ୍‌-୧୯ ରୋଗ ଆଦୌ ଭୟ ସୃଷ୍ଟି କରିବା କଥା ନୁହେଁ। ଦେଖିବାକୁ ଗଲେ ଭାରତରେ ପ୍ରତ୍ୟେକ ବର୍ଷ ଅନାହାର ଯୋଗୁ କେବଳ ୩ ଲକ୍ଷ ଶିଶୁଙ୍କ ମୃତ୍ୟୁ ଘଟିଥାଏ। ୨୦୧୮ରେ ଅନାହାର ମୃତ୍ୟୁ ସଂକ୍ରାନ୍ତ ପ୍ରକାଶ ପାଇଥିବା ଏକ ରିପୋର୍ଟରୁ ଏହା ଜଣାପଡ଼ିଥିଲା। ସେହିଭଳି ପଞ୍ଜାବଠାରୁ ଆରମ୍ଭକରି ଓଡ଼ିଶାର ବରଗଡ଼ ଜିଲା ପର୍ଯ୍ୟନ୍ତ କର୍କଟ ରୋଗରେ ଆକ୍ରାନ୍ତ ଅନେକ ଶହ ଲୋକଙ୍କ ମୃତ୍ୟୁ ପ୍ରତିବର୍ଷ ଘଟୁଛି। କେବଳ ତଫାତ୍‌ ହେଉଛି ଯେ, କୋଭିଡ୍‌ ଭାଇରସ୍‌ ସଂକ୍ରାମକ। ସେଥିପାଇଁ ସାଧାରଣରେ ଅତ୍ୟଧିକ ମାତ୍ରାରେ ଭୟ ସୃଷ୍ଟି ହେଉଛି। ଅନ୍ୟପଟେ ଏହା ମଧ୍ୟ ଜଣାପଡ଼ିଛି ଯେ, ଏହି ଭାଇରସ୍‌ ଦ୍ୱାରା ସଂକ୍ରମିତ ଅଧିକାଂଶ ବ୍ୟକ୍ତି ଆରୋଗ୍ୟ ହେଉଛନ୍ତି। ଏଥିସହିତ ଅନେକଙ୍କୁ ଏହି ସଂକ୍ରମଣ ଗ୍ରାସ କରିଥିବା ସତ୍ତ୍ୱେ ସେମାନେ ତାହାର ପ୍ରଭାବ ଜାଣିବାରେ ଅକ୍ଷମ। ଅର୍ଥାତ୍‌ ଆମ ଭିତରୁ ଅନେକଙ୍କୁ ଏହି ଭୂତାଣୁ ଧରିସାରି ଛାଡ଼ି ଦେଲାଣି ଏବଂ ଆମେ ସେ ସମ୍ପର୍କରେ କିଛି ଜାଣିପାରି ନାହୁଁ।

ଏହି ପରିପ୍ରେକ୍ଷୀରେ ଭାରତକୁ ଦେଖାଯାଉ। ଏଠାରେ ଅନେକ ଲୋକ ଅମାନିଆ ହେବାକୁ ପସନ୍ଦ କରିଥାଆନ୍ତି। ଭିଡ଼ ସେମାନଙ୍କୁ ସୁହାଇଥାଏ। ରାସ୍ତାରେ ଛେପ ଓ ପାନଛେପ ପକାଇବାରେ ଆନନ୍ଦ ପାଇଥାଆନ୍ତି। ପାଇଖାନା ବ୍ୟବହାର କରିବା ପରେ ସାମାନ୍ୟ ଦାୟିତ୍ୱ ପାଳନ ନ କରି ଅନେକେ ତାହାକୁ ଅପରିଷ୍କାର କରି ଛାଡ଼ିଯାଉଥିବା ଦୃଶ୍ୟ ଦେଖିବାକୁ ମିଳିଥାଏ। ବସ୍‌ଷ୍ଟାଣ୍ଡଠାରୁ ଆରମ୍ଭ କରି ରେଳ ଷ୍ଟେଶନରେ ଭାରତୀୟଙ୍କ ଅପରିଚ୍ଛନ୍ନ ଚରିତ୍ର ସ୍ପଷ୍ଟ ବାରି ହୋଇପଡ଼ିଥାଏ। ଏପରି କି ଉଡ଼ାଜାହାଜରେ ଯାଉଥିବା ଦାମୀ ଲୋକମାନେ ବିମାନ ବନ୍ଦରରେ ଯଥେଷ୍ଟ ଜାଗା ଥିଲେ ମଧ୍ୟ ପରସ୍ପରକୁ ଛୁଇଁଥାଆନ୍ତି। ପାଶ୍ଚାତ୍ୟରେ ଲୋକମାନେ ସାଧାରଣରେ ପରିଷ୍କାର ପରିଚ୍ଛନ୍ନତାକୁ ଗୁରୁତ୍ୱ ଦେଉଥିଲେ ମଧ୍ୟ ଅନେକେ ବ୍ୟକ୍ତିଗତ ସ୍ତରରେ ସ୍ୱଚ୍ଛ ହେଉ ନ ଥିବାରୁ ଆଜି ସେଠାରେ ପରିସ୍ଥିତି ଭୟଙ୍କର ରୂପ ଧାରଣ କରିଛି। ସୁଉଚ୍ଚ କୋଠା, ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା, କଳା ମଚମଚ ରାସ୍ତା, ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ବୈଷୟିକ ବିକାଶ ଭଳି ଯେତେ ପ୍ରକାର ଭିତ୍ତିଭୂମି ଉନ୍ନତି କରାଯାଇଥିଲେ ମଧ୍ୟ ମଣିଷ ଶୃଙ୍ଖଳା ବଜାୟ ନ ରଖିବାରୁ ଆଜି କୋଭିଡ୍‌ କବଳରେ ପଡ଼ି ମାନସିକ ସ୍ତରରେ ହନ୍ତସନ୍ତ ହେଉଛି। ଏହି ରୋଗରେ ମରିବା ସୁନିଶ୍ଚିତ ନ ଥିଲେ ମଧ୍ୟ ଆମ ମଧ୍ୟରୁ ଅନେକେ ଭୟରେ ମରିଯାଉଛୁ। ବିଧିବଦ୍ଧ ଭାବେ ଯେତେ ଥର ଦୋହରା ଯାଉଛି ଯେ ଭୟ କରନାହିଁ, ଲୋକଙ୍କ ଡର ସେତିକି ପରିମାଣରେ ବୃଦ୍ଧି ପାଉଛି। ଏହି ମନୁଷ୍ୟକୃତ ରୋଗ ପାଇଁ ଔଷଧ ବାହାରିପାରି ନାହିଁ। ଏହାକୁ ନିୟନ୍ତ୍ରଣରେ ରଖିପାରିଥିବା ଚାଇନା ଆଜି ତା'ର ପଦ୍ଧତିକୁ ଗୋପନୀୟ ରଖିଆସିଛି। ଅନ୍ୟପକ୍ଷରେ ପ୍ରତ୍ୟେକ ଦେଶ ନିଜର ଗବେଷଣା ଓ ବିକାଶ ବିଭାଗ ବା ଶାଖା ମାଧ୍ୟମରେ ଏହାର ଔଷଧ ବାହାର କରିବା ନିମନ୍ତେ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ଯେହେତୁ ଔଷଧ ବାହାରିପାରି ନାହିଁ, ସାମାଜିକ ଦୂରତା ଓ ବ୍ୟକ୍ତିଗତ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯାଉଛି। ଏହା ମଧ୍ୟ କୁହାଗଲାଣି ଯେ, ଜଣେ ବ୍ୟକ୍ତି ସୁସ୍ଥ ସବଳ ରହିବା ପାଇଁ ଗ୍ରହଣ କରୁଥିବା ଖାଦ୍ୟ ଓ ଜୀବନଶୈଳୀରେ ପରିବର୍ତ୍ତନ ଆଣିପାରୁ ନ ଥିବାରୁ ତା' ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇଯାଉଛି। ରୋଗଗ୍ରସ୍ତ ବ୍ୟକ୍ତି ଓ ଭୟ ଜର୍ଜରିତ ମଣିଷ କରୋନା ଭଳି ଭୂତାଣୁ କଥା ଶୁଣି ଡରିଗଲେ ସେ ମାନସିକ ସ୍ତରରେ ଅଧିକ ଦୁର୍ବଳ ହୋଇଯାଆନ୍ତି। ମ୍ୟାଲେରିଆ, ଯକ୍ଷ୍ମା ଭଳି ରୋଗ ପାଇଁ ଔଷଧ ଥିଲେ ମଧ୍ୟ ପୃଥିବୀବ୍ୟାପୀ ଅନେକ ଲୋକ ମୃତ୍ୟୁମୁଖରେ ପଡୁଛନ୍ତି। ତେଣୁ କରୋନାକୁ ଭୟ କଲେ ଏହା ଡରାଇ ଚାଲିବ।

କେତେକେ କହୁଛନ୍ତି ଯେ, ମେ ମାସ ଆଡ଼କୁ କୋଭିଡ୍‌-୧୯ ପୃଥିବୀରୁ ବିଦାୟ ନେଇଯିବ। କାରଣ ଖରା ତାପରେ ସେତେବେଳକୁ ଭୂତାଣୁଗୁଡ଼ିକ ମରିଯିବେ। କିନ୍ତୁ ସେଭଳି ଗ୍ୟାରେଣ୍ଟି କେହି ଦେଇପାରିବେ ନାହିଁ। ପୁଣି ଏବେ ଲୋକଙ୍କୁ ୨୦ ସେକେଣ୍ଡ ପାଇଁ ହାତ ଧୋଇବା ଓ ମୁହଁରେ ମାସ୍କ ବା କନା ଗୁଡ଼ାଇବା ସକାଶେ ଅଧିକ ଜୋର ଦିଆଯାଉଛି। ନିଶ୍ଚିତ ଭାବେ ଏହି ପ୍ରତିଷେଧକ ପଦକ୍ଷେପ ନିଆଯିବା ଉଚିତ। ସବୁ ଭଲ କଥାକୁ ମାନିଲେ ଆମେ ନିଜେ ସୁରକ୍ଷିତ ରହିବା। ଅନ୍ୟପଟେ ମନେରଖିବାକୁ ହେବ ଯେ, କୋଭିଡ୍‌-୧୯ ରୋଗ ଏହି ମେ' ମାସରେ ନୁହେଁ, ସମ୍ଭବତଃ ପୃଥିବୀ ପୃଷ୍ଠରୁ କେବେ ହେଲେ ଯିବ ନାହିଁ। ଗବେଷକଙ୍କ ମତରେ ଏହା ଏକ ସ୍ଥାୟୀ ଭୂତାଣୁ। ମଝିରେ ମଝିରେ ଆସିବ ଓ ପଳାଇଯିବ। ସେଥିପାଇଁ ଡରରେ ମରିବା ପରିବର୍ତ୍ତେ ନିଜ ଜୀବନରେ ଏବଂ ଅନ୍ୟମାନଙ୍କ ସୁରକ୍ଷା ପାଇଁ ସାମାଜିକ ଦୂରତା, ସ୍ୱଚ୍ଛତା ଏବଂ ଶୃଙ୍ଖଳିତ ବ୍ୟବହାରକୁ ସ୍ଥାୟୀ ରଖିପାରିଲେ ଆୟୁଷ ଅନୁଯାୟୀ ମୃତ୍ୟୁ ଆସିବ, କିନ୍ତୁ ଅକାଳରେ ଝଡ଼ିପଡ଼ିବା ନାହିଁ।

## ୨୫ ବର୍ଷ ତଳର ଧରିତ୍ରୀ

୮ ଏପ୍ରିଲ ୧୯୯୫

- ଶିମଳା ରାଜିନାମା ଅନୁସାରେ ଭାରତ ସହ ଦ୍ୱିପାକ୍ଷିକ କଥାବାର୍ତ୍ତା ଆରମ୍ଭ କରିବା ପାଇଁ ପାକିସ୍ତାନକୁ ପ୍ରବର୍ତ୍ତାଇବା ଲାଗି ଆମେରିକା କଂଗ୍ରେସରେ ଆଗତ ଏକ ପ୍ରସ୍ତାବରେ ରାଷ୍ଟ୍ରପତି କ୍ଲିଣ୍ଟନଙ୍କୁ ଅନୁରୋଧ କରାଯାଇଛି।
- ଆଣବିକ କ୍ଷମତା ହାସଲ କରି ନ ଥିବା ଯେ କୌଣସି ରାଷ୍ଟ୍ରକୁ ସବୁ ପ୍ରକାର ସାହାଯ୍ୟ ଯୋଗାଇଦେବା ତଥା ସେମାନଙ୍କ ଉପରେ ଆକ୍ରମଣ ହେଲେ ସୁରକ୍ଷା ଦେବା ପାଇଁ ବିଶ୍ୱର ୫ଟି ଅଣୁ କ୍ଷମତାସମ୍ପନ୍ନ ରାଷ୍ଟ୍ର ବ୍ରିଟେନ, ଆମେରିକା, ଫ୍ରାନ୍ସ, ରୁଷିଆ ଓ ଚାଇନା ପକ୍ଷରୁ ପ୍ରସ୍ତାବ ଦିଆଯାଇଛି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 9 | B | | D | E | | | | 3 | | 1 |
| | | | | | E | | 7 | 6 | | | C | | | 5 |
| | | | 5 | 8 | | 4 | | 1 | 3 | | | | | 6 |
| | | | | | 0 | 8 | | | 6 | | 5 | | | |
| | 1 | 8 | 6 | D | | | 9 | | | | | | | |
| | 4 | | | B | | 0 | 2 | 3 | | | | | | |
| D | 5 | | 0 | | | B | 8 | | 2 | | | | | A |
| | 7 | | | A | | | | | | | 8 | | | |
| 2 | | 6 | 8 | E | | | | 5 | C | 1 | | | | |
| | B | A | | | | 9 | | | | D | | 5 | 1 | C |
| | | 4 | | C | | | | 9 | | 0 | | | | |
| | | C | 4 | 6 | | 1 | | | | 2 | 7 | | | |
| | A | | | 7 | 9 | 3 | 5 | | | | | | 6 | 8 |
| | | | | | A | | C | 2 | | B | | | | |
| E | | 2 | 1 | | | | | | 8 | | 4 | | 9 | D |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 4 | 2 | 9 | 6 | E | 0 | A | B | 3 | C | 5 | 8 | 7 | 1 |
| 3 | 9 | 5 | A | 0 | 4 | 8 | 7 | 1 | 2 | B | D | E | 6 | C |
| B | C | 6 | 8 | 7 | 5 | 3 | 4 | E | 0 | 1 | A | 2 | 9 | D |
| 1 | A | 7 | B | 2 | D | 9 | C | 6 | E | 8 | 4 | 5 | 3 | 0 |
| 8 | E | 0 | 1 | 3 | C | D | 5 | 2 | 6 | 9 | 7 | B | 4 | A |
| 0 | 7 | C | 2 | 9 | A | 4 | D | 8 | 5 | 3 | 6 | 1 | E | B |
| 6 | D | A | C | B | 7 | 5 | E | 9 | 1 | 0 | 2 | 4 | 8 | 3 |
| 4 | 3 | B | E | 1 | 0 | 2 | 6 | A | C | 7 | 8 | 9 | D | 5 |
| 9 | 2 | 1 | 5 | 4 | 8 | B | 3 | 7 | D | A | E | C | 0 | 6 |
| E | 5 | 8 | 3 | D | 6 | 1 | 0 | C | 9 | 4 | B | A | 2 | 7 |
| C | 6 | D | 0 | E | 3 | A | 1 | 4 | B | 2 | 9 | 7 | 5 | 8 |
| A | 1 | 3 | 7 | 8 | B | E | 2 | 5 | 4 | D | 0 | 6 | C | 9 |
| 7 | 0 | E | 4 | A | 1 | 6 | 9 | D | 8 | 5 | C | 3 | B | 2 |
| 2 | B | 4 | D | 5 | 9 | C | 8 | 3 | 7 | 6 | 1 | 0 | A | E |
| 5 | 8 | 9 | 6 | C | 2 | 7 | B | 0 | A | E | 3 | D | 1 | 4 |

ଗତକାଲିର ଉତ୍ତର

# ଗାନ୍ଧୀଙ୍କ ଈଶ୍ୱର



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ପ୍ରଖ୍ୟାତ ବୈଜ୍ଞାନିକ ନିଉଟନ ବିଶ୍ୱାସ କରୁଥିଲେ ଯେ ଏ ସମଗ୍ର ବିଶ୍ୱର ସୃଷ୍ଟି ଏକ ସଚେତନ ମହାଶକ୍ତି ଦ୍ୱାରା ସମ୍ଭବ ହୋଇଛି। ମାତ୍ର ତାଙ୍କର ଜଣେ ବନ୍ଧୁ ନିଉଟନଙ୍କ ସହ ଏକମତ ନ ଥିଲେ। ସେ କହୁଥିଲେ ଏହି ବିଶ୍ୱକୁ କୌଣସି ସଚେତନ ମହାଶକ୍ତି ସୃଷ୍ଟି କରିନାହିଁ। ଏହା ଆପେ ଆପେ ସୃଷ୍ଟି ହୋଇଛି। ଏହି ନାସ୍ତିକ ବନ୍ଧୁ ଦିନେ ନିଉଟନଙ୍କ ଘରକୁ ଆସିଥାଆନ୍ତି। ନିଉଟନଙ୍କ ଟେବୁଲ ଉପରେ ଥାଏ ଆମ ସୌରଜଗତର ଏକ ଧାତୁ ନିର୍ମିତ ପ୍ରତିରୂପ। ସୂର୍ଯ୍ୟଙ୍କ ଚତୁର୍ଦ୍ଦିଗରେ ଘୁରୁଥିବା ଗ୍ରହ ଉପଗ୍ରହମାନଙ୍କ ସ୍ଥିତି ସେହି ପ୍ରତି ରୂପରେ ସୁନ୍ଦର ଭାବରେ ପ୍ରକାଶ ପାଇଥାଏ। ନିଉଟନଙ୍କ ନାସ୍ତିକ ବନ୍ଧୁ ଏହା ଦେଖି ସେହି ପ୍ରତିରୂପ ପ୍ରତି ଆକର୍ଷିତ ହେଲେ ଓ କହିଲେ ବନ୍ଧୁ! କିଏ ଏହାର ଶିଳ୍ପୀ। ମୋ ପାଇଁ ଏହିଭଳି ଏକ ପ୍ରତିରୂପ ଆଣିଦିଅ। ଏହାର ଶିଳ୍ପୀର ବୁଦ୍ଧି, ଶକ୍ତି ଓ ଜ୍ଞାନ ଅତ୍ୟନ୍ତ ଚମତ୍କାର। ନିଉଟନ ଉତ୍ତର ଦେଲେ ଏହାକୁ କେହି ତିଆରି କରିନାହାନ୍ତି। ଆଶ୍ଚର୍ଯ୍ୟ ହେଲେ ନାସ୍ତିକ ବନ୍ଧୁ। ସେ ନିଉଟନଙ୍କୁ ଏପରି କହି ଥଟ୍ଟା ନ କରିବାକୁ କହନ୍ତେ ନିଉଟନ କହିଲେ, ତୁମ ମତରେ ଯଦି ସମଗ୍ର ବିଶ୍ୱ କୌଣସି ସଚେତନ ମହାଶକ୍ତି ବିନା ଆପେ ଆପେ ତିଆରି ହୋଇଗଲା ତା' ହେଲେ ଏହି ସୌରଜଗତର ପ୍ରତିରୂପ ନିର୍ମାଣ ପାଇଁ ଜଣେ ସଚେତନ ଶିଳ୍ପୀ ଥିବ ବୋଲି କାହିଁକି ଧାରଣା ରଖୁଛ। ନାସ୍ତିକ ବନ୍ଧୁ ବୋଧହୁଏ ବୁଝିପାରିଲେ ଯେ ପ୍ରତ୍ୟେକ ସୃଷ୍ଟି ପଛରେ ଜଣେ ସ୍ରଷ୍ଟା ଅଛନ୍ତି। ମହାତ୍ମା ଗାନ୍ଧୀ ମଧ୍ୟ ଏହିଭଳି ଏକ ମହାଶକ୍ତି ଉପରେ ବିଶ୍ୱାସ କରୁଥିଲେ। ସେ ଗୋଲ ଟେବୁଲ ବୈଠକରେ ଯୋଗ ଦେବା ପାଇଁ ଲଣ୍ଡନ ଯାଇଥିବା ବେଳେ ମିସେସ ମୁରିଏଲ ଲେଷ୍ଟରଙ୍କ ନିମନ୍ତ୍ରଣ ରକ୍ଷା କରି ତାଙ୍କ ଘରେ ଅତିଥି ହୋଇଥିଲେ। ସେତେବେଳେ ସେ କହିଥିଲେ ମୁଁ ସୂକ୍ଷ୍ମ ଭାବରେ ଅନୁଭବ କରୁଛି ମୋ ଚାରିପଟେ ଥିବା ସବୁ କିଛି ଜିନିଷ ପରିବର୍ତ୍ତନଶୀଳ ଓ ନଶ୍ୱର। କିନ୍ତୁ ଏସବୁ ପରିବର୍ତ୍ତନର ଅନ୍ତରାଳରେ ଏକ ଜୀବନ୍ତ ଶକ୍ତି ବିଦ୍ୟମାନ ଯାହା ଚିରନ୍ତନ ଯାହା ସମସ୍ତଙ୍କୁ ଏକତ୍ର କରି ଧରି ରଖିଛି; ଯାହା ସୃଷ୍ଟି କରେ, ଧ୍ୱଂସକରେ ଓ ପୁନଃ ସୃଷ୍ଟି କରେ। ସେ ଏକ ରହସ୍ୟମୟ ଶକ୍ତି ବିଶ୍ୱରେ ଥିବା ସମସ୍ତ ବସ୍ତୁ ଓ ପ୍ରାଣୀମାନଙ୍କୁ ପରିଚାଳିତ କରୁଛି ବୋଲି ବିଶ୍ୱାସ କରୁଥିଲେ। ତାଙ୍କ ଭାଷାରେ ଏହା ଏକ ଅନ୍ଧ ନିୟମ ନୁହେଁ, କାରଣ କୌଣସି ଅନ୍ଧ ନିୟମ ସଜୀବ ପ୍ରାଣୀଙ୍କ ବ୍ୟବହାରକୁ ନିୟନ୍ତ୍ରଣ କରିପାରିବ ନାହିଁ। ସମସ୍ତ ଜୀବନକୁ ନିୟନ୍ତ୍ରଣ କରୁଥିବା ନିୟମ ହିଁ ଭଗବାନ। ନିୟମ ଓ ନିୟମ କର୍ତ୍ତା ଏକ ଓ ଅଭିନ୍ନ।

ପରବର୍ତ୍ତୀ ସମୟରେ ଗାନ୍ଧୀ ଉପଲବ୍ଧି କଲେ ସତ୍ୟ ହିଁ ଭଗବାନ। ସତ୍‌ ଶବ୍ଦରୁ ସତ୍ୟର ଉତ୍ପତ୍ତି। ସତ୍‌ ଅର୍ଥ ଯାହା ଅଛି। ଏହି କାରଣରୁ ସେ ସତ୍ୟ ହିଁ ଈଶ୍ୱର ସଂଜ୍ଞାକୁ ବାଛିଥିଲେ। ସେ ଅନୁଭବ କରିଥିଲେ ପ୍ରକୃତିର ସକଳ ବସ୍ତୁ ଭଗବାନ ଓ ତାଙ୍କ ଭିତରେ ଅଭେଦ ସମ୍ପର୍କ ବିଦ୍ୟମାନ। ତେଣୁ ସେ ନିଜକୁ ସମଗ୍ରର ଏକ ଅଂଶ ଭାବରେ ବିବେଚନା କରୁଥିଲେ। ଅନ୍ୟମାନଙ୍କଠାରୁ ସେ ନିଜକୁ ଅଲଗା ବୋଲି ମନେ କରୁ ନ ଥିଲେ। ତାଙ୍କ ମତରେ ମଣିଷର ସେବା ମାଧ୍ୟମରେ ଭଗବାନଙ୍କୁ ପ୍ରତ୍ୟକ୍ଷ କରିବାର ପ୍ରୟାସ ହିଁ ଭଗବାନଙ୍କୁ ଉପଲବ୍ଧି କରିବାର ଏକମାତ୍ର ପନ୍ଥା। ଏଣୁ ହରିଜନ ପତ୍ରିକାରେ (୨୪।୦୮।୧୯୪୭) ସେ ଲେଖିଥିଲେ 'ମଣିଷମାନଙ୍କ ବାହାରେ ମୁଁ ତାଙ୍କୁ ଅନ୍ୟତ୍ର ଦେଖି ପାରିବି ନାହିଁ।' ଗାନ୍ଧିଜୀଙ୍କ ଏହି ବିଶ୍ୱାସରେ ଅଦ୍ୱୈତ ବେଦାନ୍ତର ବ୍ୟାବହାରିକ ଦିଗ ପ୍ରତିଫଳିତ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଧର୍ମ କହିଲେ ଗାନ୍ଧୀ ମନ୍ଦିର, ମସଜିଦ, ଗୀର୍ଜାକୁ ଯିବା କିମ୍ବା ନିୟମିତ ପ୍ରାର୍ଥନା କରିବା ବୁଝୁ ନ ଥିଲେ। ୧୯୨୦ ମାର୍ଚ୍ଚ ୧୨ ତାରିଖରେ ୟଙ୍ଗ ଇଣ୍ଡିଆରେ ସେ ଲେଖିଥିଲେ "ଧର୍ମ କହିଲେ ମୁଁ ହିନ୍ଦୁ ଧର୍ମକୁ ବୁଝେ ନାହିଁ ଯଦିଓ ସବୁଧର୍ମ ଅପେକ୍ଷା ଏହାକୁ ମୁଁ ବେଶି ଭଲ ପାଏ। ମୋ ଧର୍ମ ବିଶ୍ୱାସ ହିନ୍ଦୁ ଧର୍ମର ଊର୍ଦ୍ଧ୍ୱରେ। ଏହା ମଣିଷର ପ୍ରକୃତିକୁ ପରିବର୍ତ୍ତନ କରେ। ମଣିଷକୁ ତା'ର ଅନ୍ତଃସ୍ଥିତି ସତ୍ୟ ସହିତ ଦୃଢ଼ ଭାବରେ ବାନ୍ଧି ରଖେ ଓ ତାକୁ ସର୍ବଦା ଶୁଦ୍ଧ କରେ।" ପ୍ରକୃତରେ ସତ୍ୟର ସଂଜ୍ଞା ଖୋଜିବା ଏକ କଷ୍ଟକର ବ୍ୟାପାର। ଗାନ୍ଧିଜୀ କହୁଥିଲେ, ମୋ ଭିତରର ଅନ୍ତଃସ୍ୱର ଯେଉଁ ପଥ ପ୍ରଦର୍ଶନ କରିବ ତାହା ହିଁ ମୋ ପାଇଁ ସତ୍ୟ। ବିଭିନ୍ନ ଲୋକଙ୍କ ଅନ୍ତଃସ୍ୱର ବିଭିନ୍ନ ହେବାର ସମ୍ଭାବନା ଥିବାରୁ ଯାହା ଜଣକ ପାଇଁ ସତ୍ୟ, ତାହା ଅନ୍ୟ ଜଣକ ପାଇଁ ଅସତ୍ୟ ହୋଇପାରେ। ଏଣୁ ସତ୍ୟକୁ ଈଶ୍ୱର ରୂପେ ଉପଲବ୍ଧି କରିବାକୁ ହେଲେ କେତୋଟି ସର୍ତ୍ତ ପୂରଣ କରିବାକୁ ପଡିବ। ସତ୍ୟ କଥନ, ବ୍ରହ୍ମଚର୍ଯ୍ୟ, ଅହିଂସା, ଅସଂଗ୍ରହ ଆଦି ବ୍ରତ ପାଳନ କରୁ ନ ଥିଲେ ଅନ୍ତଃସ୍ୱରକୁ ଠିକ ଭାବରେ ଶୁଣି ହେବ ନାହିଁ। ଗାନ୍ଧୀ କହୁଥିଲେ ଲକ୍ଷ୍ୟ ଯେତେ ମହତ୍‌ ହେଲେ ମଧ୍ୟ ସାଧନ ଶୁଦ୍ଧ ଓ ମହତ୍‌ ନ ହେଲେ ପରିଣାମ ମଙ୍ଗଳଦାୟକ ହୋଇ ନ ଥାଏ। ଗାନ୍ଧିଜୀ ଯେଉଁ ଅନ୍ତଃସ୍ୱର କଥା କହିଛନ୍ତି ତାହା ଆତ୍ମାର ଅନ୍ୟ ନାମ ବୋଲି କୁହାଯାଇପାରେ। ଏହି ପ୍ରସଙ୍ଗରେ ମନେପଡେ ଜନକ ଯାଜ୍ଞବଲ୍‌କ୍ୟ ଖବର।

ଥରେ ଜନକ ଯାଜ୍ଞବଲ୍‌କ୍ୟଙ୍କୁ ପ୍ରଶ୍ନ କଲେ 'ମଣିଷ ପାଇଁ ଆଲୋକ କ'ଣ।' ଯାଜ୍ଞବଲ୍‌କ୍ୟ କହିଲେ 'ସୂର୍ଯ୍ୟ ହିଁ ଆଲୋକ, କାରଣ ତାରି ଆଲୋକରେ ମଣିଷ ଦେଖେ ଓ କର୍ମ କରେ।' ଜନକ କହିଲେ 'ଋଷି! ସୂର୍ଯ୍ୟ ଅସ୍ତଗଲେ ମଣିଷ ପାଇଁ ଆଲୋକ କ'ଣ।' ଯାଜ୍ଞବଲ୍‌କ୍ୟଙ୍କ ଉତ୍ତର ଥିଲା 'ଚନ୍ଦ୍ର'। ଜନକ ପୁଣି ପଚାରିଲେ ଯଦି ସୂର୍ଯ୍ୟ ନ ଥାନ୍ତି କି ଚନ୍ଦ୍ର ନ ଥାନ୍ତି, ମଣିଷ ପାଇଁ ଆଲୋକ କ'ଣ। ଯାଜ୍ଞବଲ୍‌କ୍ୟ ଉତ୍ତର ଦେଲେ 'ଅଗ୍ନି'। ଜନକ କହିଲେ 'ହେ ଋଷି! ଯେତେବେଳେ ସୂର୍ଯ୍ୟ, ଚନ୍ଦ୍ର, ଅଗ୍ନି ନିର୍ବାପିତ, ସେତେବେଳେ?' ଯାଜ୍ଞବଲ୍‌କ୍ୟ ଉତ୍ତର ଦେଲେ, 'ସେତେବେଳେ ବାକ୍‌ ହିଁ ମଣିଷ ପାଇଁ ଆଲୋକ', କାରଣ ବାକ୍‌ ଶକ୍ତିର ଉପଯୋଗ କରି ସେ ଅନ୍ୟ ସହ ଭାବ ବିନିମୟ କରେ ଓ କର୍ମ କରେ। ତଥାପି ଜନକ ସନ୍ତୁଷ୍ଟ ନ ହୋଇ ପଚାରିଲେ, 'ଯେତେବେଳେ ସୂର୍ଯ୍ୟ, ଚନ୍ଦ୍ର ଓ ଅଗ୍ନି ନିର୍ବାପିତ ଏବଂ ବାକ୍‌ ନୀରବ, ସେତେବେଳେ ମଣିଷ ପାଇଁ ଆଲୋକ କ'ଣ।' ଯାଜ୍ଞବଲ୍‌କ୍ୟ କହିଲେ 'ସେତେବେଳେ ମଣିଷ ପାଇଁ ଆଲୋକ ତା'ର ଆତ୍ମା।' ଏହି ଆତ୍ମା ହିଁ ଗାନ୍ଧୀଙ୍କ ଅନ୍ତଃସ୍ୱର ଓ ଏହି ଅନ୍ତଃସ୍ୱର ଯେଉଁ ପଥ ପ୍ରଦର୍ଶନ କରେ ତାହା ହିଁ ଗାନ୍ଧୀଙ୍କ ପାଇଁ ଥିଲା ସତ୍ୟ। ଲବଣ ସତ୍ୟାଗ୍ରହ ସମୟର କଥା। ଗାନ୍ଧୀ ଜେଲରେ ୨୧ ଦିନ ଅନଶନ କରିବାକୁ ଘୋଷଣା କଲାବେଳେ ଲବଣ ସତ୍ୟାଗ୍ରହ ସମ୍ପର୍କରେ ଚିନ୍ତା କରି ନ ଥିଲେ। ରାତି ଅଧରେ ସତେ ଯେପରି ଅନ୍ତରାତ୍ମା ତାକୁ ନିଦରୁ ଉଠାଇ ଅନଶନ କରିବାକୁ କହିଲା ବୋଲି ଗାନ୍ଧୀ ନିଜେ କହିଛନ୍ତି। ଲବଣ ସତ୍ୟାଗ୍ରହର ଫଳ କ'ଣ ହେବ ସେ ସମ୍ପର୍କରେ ମଧ୍ୟ ତାଙ୍କର କୌଣସି ଧାରଣା ନ ଥିଲା। ଗାନ୍ଧିଜୀ ନିଜେ ସ୍ୱୀକାର କରିଛନ୍ତି ଏହି ଧାରଣାଟି ଗୋଟିଏ ଜ୍ୟୋତି ଭଳି ମୋ ମନକୁ ଆସିଥିଲା ଓ ତାହା ସଫଳ ମଧ୍ୟ ହୋଇଥିଲା। ଗାନ୍ଧିଜୀ ତାଙ୍କର ଆତ୍ମକଥାରେ ଲେଖିଛନ୍ତି ମୋ ମତରେ ସତ୍ୟ ହିଁ ସବୁରି ଉପରେ ଏବଂ ସେଥିରେ ଅଗଣିତ ବିଷୟର ସମାବେଶ ହୋଇଯାଉଛି। ଏହି ସତ୍ୟ ସେହି ସ୍ଥୂଳ ବାଚିକ ସତ୍ୟ ନୁହେଁ। ଏହା ବଚନରେ ଯେପରି ସତ୍ୟ, ବିଚାରରେ ମଧ୍ୟ ସେହିପରି ସତ୍ୟ। ଏ ସତ୍ୟ କେବଳ ଆମର କଳ୍ପନାର ସତ୍ୟ ନୁହେଁ। କିନ୍ତୁ ଏହା ସ୍ୱତନ୍ତ୍ର ଚିରସ୍ଥାୟୀ ସତ୍ୟ ଅର୍ଥାତ୍‌ ପରମେଶ୍ୱର ହିଁ ଅଟେ। ପରମେଶ୍ୱରଙ୍କ ବ୍ୟାଖ୍ୟା ବା ସଂଜ୍ଞା ଅଗଣିତ, କାରଣ ତାଙ୍କର ବିଭୂତି ମଧ୍ୟ ଅଗଣିତ। ଏ ସମସ୍ତ ବିଭୂତି ବା ଅଭିବ୍ୟକ୍ତି ମୋତେ ଆଶ୍ଚର୍ଯ୍ୟ କରୁଛି। ଏସବୁ ମୋତେ କ୍ଷଣକ ପାଇଁ ମୁଗ୍ଧ କରିଦିଅନ୍ତି। ମାତ୍ର ମୁଁ ସତ୍ୟରୂପୀ ପରମେଶ୍ୱରଙ୍କ ପୂଜାରୀ, ସେହି ଏକ ହିଁ ସତ୍ୟ, ଆଉ ସବୁ ମିଥ୍ୟା। ମୋତେ ଏ ସତ୍ୟ ମିଳି ନାହିଁ। କିନ୍ତୁ ମୁଁ ତାହାକୁ ଖୋଜୁଛି। ତାକୁ ଖୋଜି ପାଇବା ପାଇଁ ମୁଁ ମୋର ସବୁଠାରୁ ପ୍ରିୟ ଜିନିଷକୁ ତ୍ୟାଗ କରିବାକୁ ପ୍ରସ୍ତୁତ। ମୋର ବିଶ୍ୱାସ ଯେ ଏହି ଅନୁସନ୍ଧାନ ରୂପୀ ଯଜ୍ଞରେ ମୁଁ ଏହି ଦେହକୁ ସୁଦ୍ଧା ଆହୂତି ଦେବାକୁ ପ୍ରସ୍ତୁତ ଓ ସେଥିପାଇଁ ମୋର ଶକ୍ତି ଅଛି। ଯେ ପର୍ଯ୍ୟନ୍ତ ଏହି ସତ୍ୟର ସାକ୍ଷାତ ନ ପାଇଛି, ସେ ପର୍ଯ୍ୟନ୍ତ ମୋର ଅନ୍ତରାତ୍ମା ଯାହାକୁ ସତ୍ୟ ମଣୁଛି, ସେହି କାଳ୍ପନିକ ସତ୍ୟକୁ ମୁଁ ଆପଣାର ଆଧାର କରି ମୋର ଦୀପଦଣ୍ଡି ମନେକରି ତାହାରି ଆଶ୍ରୟରେ ମୋର ଜୀବନ କଟାଉଛି। (ଅନୁବାଦ-ଗୋପବନ୍ଧୁ ଚୌଧୁରୀ)। ଗାନ୍ଧିଜୀ ଈଶ୍ୱରଙ୍କୁ କେବେ ଜଣେ ବ୍ୟକ୍ତି ରୂପେ ଗ୍ରହଣ କରି ନାହାନ୍ତି। ସତ୍ୟକୁ ହିଁ ଈଶ୍ୱର ଭାବରେ ଅନୁଭବ କରିଛନ୍ତି ଓ ପ୍ରେମ ହିଁ ସତ୍ୟ ପାଖରେ ପହଞ୍ଚାଇବାର ଏକମାତ୍ର ମାର୍ଗ ବୋଲି ସେ ଦୃଢ଼ ଭାବରେ କହିଛନ୍ତି। ଏହି ପ୍ରେମ ଅହିଂସାର ଅନ୍ୟ ରୂପ। ସତ୍ୟକୁ ଈଶ୍ୱର ଭାବରେ ଗ୍ରହଣ କରିବା ପଛରେ ଗାନ୍ଧିଜୀଙ୍କ ଏକ ସୁନ୍ଦର ଯୁକ୍ତି ଅଛି। 'ନାସ୍ତିକ ଈଶ୍ୱରଙ୍କ ସ୍ଥିତିକୁ ସିନା ଅସ୍ୱୀକାର କରେ, ସତ୍ୟର ଶକ୍ତିକୁ ସ୍ୱୀକାର କରେ।' ଏଣୁ ସେ ଈଶ୍ୱର ସତ୍ୟ କହିବା ପରିବର୍ତ୍ତେ ସତ୍ୟ ହିଁ ଈଶ୍ୱର କହୁଥିଲେ।

ପ୍ରାକ୍ତନ କଲେଜ ଅଧ୍ୟକ୍ଷ, ଟିଟିଲାଗଡ଼
ମୋ-୯୪୩୭୩୨୯୨୬୩

# ଗୋଟିଏ ଡଙ୍ଗାରେ ସମସ୍ତେ



ଅଭିମନ୍ୟୁ ଧଳ

ସମସ୍ତ ବିଶ୍ୱବାସୀ ବର୍ତ୍ତମାନ ଗୋଟିଏ ଡଙ୍ଗାରେ ବସିଛନ୍ତି। ନଦୀର ଅଥଳ ପାଣି, ପ୍ରଖର ସ୍ରୋତକୁ ପାରିକରି ନାଆ ସୁରୁଖୁରୁରେ କୂଳରେ ଲାଗିଲେ ସମସ୍ତେ ନିରାପଦରେ ଓହ୍ଲାଇବେ। ସ୍ରୋତରେ ଥିବା ନାଆର ଯାତ୍ରା ଭୀତତ୍ରସ୍ତ ହୋଇ ଏପଟସେପଟ ହେଲେ ଡଙ୍ଗା ବୁଡ଼ିଯିବାର ଭୟ ଅଛି। ଏହି ନୌକାକୁ ଚଳାଉଥିବା ନାଉରୀ ଖୁବ୍‌ ସତର୍କତାର ସହିତ ଜୀବନକୁ ବାଜି ଲଗାଇ ଚଳାଉଛନ୍ତି। ଏମାନେ ହେଲେ ଡାକ୍ତର, ନର୍ସ, ପୋଲିସ, ସଫେଇ କର୍ମଚାରୀ ଓ ସାମାଜିକ କର୍ମୀ। ଡଙ୍ଗାର ଲଙ୍ଗର ଧରିଛନ୍ତି କେନ୍ଦ୍ର ଓ ରାଜ୍ୟ ସରକାର। କରୋନା ବା କୋଭିଡ୍‌-୧୯ ଭାଇରସ୍‌ ପ୍ରଥମେ ଚାଇନାରେ ଉତ୍ପତ୍ତି ବୋଲି ଜଣାପଡ଼ିଥିଲା। ସେମାନେ ଯଦିଓ ସେତେବେଳେ ଏହାକୁ ଯୁଦ୍ଧକାଳୀନ ଭିତ୍ତିରେ ପରିଚାଳନା କରିଥାନ୍ତେ, ଏହା ମହାମାରୀର ଭୟାବହ ରୂପ ଧାରଣ କରି ସମଗ୍ର ବିଶ୍ୱରେ କାୟା ବିସ୍ତାର କରି ନ ଥା'ନ୍ତା। ଏବେ ଚାଇନା ଓ ଆମେରିକା ପରସ୍ପର କାଦୁଅ ଫିଙ୍ଗାରେ ବ୍ୟସ୍ତ। ଚାଇନା କହେ ଆମେରିକାରେ ଏହାର ଉତ୍ପତ୍ତିସ୍ଥଳୀ। ଅତୀତରେ ଯେତେସବୁ ମାରାତ୍ମକ ଭୂତାଣୁ ଜୀବନହାନି ଘଟାଇଛି ସେସବୁ ବାହାର ଦେଶରୁ ସୃଷ୍ଟି ହୋଇଛି। ୨୦୦୩ରେ ଏସ୍‌ଏଆର୍‌ଏସ୍‌ ଭୂତାଣୁ, ୨୦୦୯ରେ ସ୍ୱାଇନ୍‌ ଫ୍ଲୁ ଭୂତାଣୁ, ୨୦୦୪ରେ ଇବୋଲାରୁ ବର୍ତ୍ତମାନର କରୋନା ଭୂତାଣୁ ଅଧିକ ଆତଙ୍କ ସୃଷ୍ଟି କରିଛି। କାରଣ ସମଗ୍ର ବିଶ୍ୱରେ ଏହା କାୟା ବିସ୍ତାର କରିଛି ଓ ଏହାର ପ୍ରତିଷେଧକ ଟିକା କିମ୍ବା ଔଷଧ ବାହାରି ନାହିଁ। ତଥାପି ଡାକ୍ତରଙ୍କ ଚେଷ୍ଟା ଫଳରେ ୯୦ ହଜାରରୁ ଊର୍ଦ୍ଧ୍ୱ ଆରୋଗ୍ୟଲାଭ କଲେଣି। ଇଟାଲୀ ଚାଇନାକୁ ଟପିଗଲାଣି। ୨୦ ତାରିଖ ସୁଦ୍ଧା ଇଟାଲୀରେ ଆକ୍ରାନ୍ତଙ୍କ ସଂଖ୍ୟା ୩୫,୮୦୦ ଟପିଥିଲା ବେଳେ ମୃତ୍ୟୁସଂଖ୍ୟା ୩୪୦୫, ଚାଇନାରେ ମୃତ୍ୟୁ ସଂଖ୍ୟା ୩୨୪୫। ଏହାବ୍ୟତୀତ ଇରାନ, ସ୍ପେନ୍‌, ଜର୍ମାନୀରେ ସ୍ଥିତି ସଙ୍ଗିନ। ସାରା ବିଶ୍ୱରେ ଆକ୍ରାନ୍ତଙ୍କ ସଂଖ୍ୟା ୨,୨୭,୭୬୪ ଥିବା ବେଳେ ମୃତ୍ୟୁ ସଂଖ୍ୟା ୯୮୩୪। ଦୁଇଟି ବିଶ୍ୱଯୁଦ୍ଧଠାରୁ ଅଧିକ ଭୟଙ୍କର।

ଆଶ୍ୱସ୍ତିକର ବିଷୟ ଭାରତ ଅଳ୍ପ ବିଳମ୍ବରେ ହେଉ ପଛେ ଯୁଦ୍ଧକାଳୀନ ଭିତ୍ତିରେ କରୋନା ସଂକ୍ରମଣ ରୋକିବାରେ ଲାଗିଛି। ସମସ୍ତ ରାଜ୍ୟ ମଧ୍ୟରେ ଓଡ଼ିଶା ସର୍ବାଗ୍ରେ। ବର୍ତ୍ତମାନ ଭାରତରେ ଏହା ଦ୍ୱିତୀୟ ଷ୍ଟେଜ୍‌ରେ ଅଛି। ୨୩୬ ଜଣ ଆକ୍ରାନ୍ତ ହୋଇଥିବା ବେଳେ ୧୯ ଜଣ ଆରୋଗ୍ୟ ଲାଭ କଲେଣି। ଏଠାରେ ପ୍ରଶ୍ନଉଠେ ଔଷଧ, ଟିକା ବାହାରି ନ ଥିବା ବେଳେ ଏମାନେ ଆରୋଗ୍ୟଲାଭ କଲେ କେମିତି? ଏହା ବିଷୟରେ ଏକ ରୋଚକ ତଥ୍ୟ ଆସିଛି ସବାଇ ମାନସିଂ ହସ୍ପିଟାଲର ଡାକ୍ତରଙ୍କ ନିକଟରୁ। ସେଠାରେ ଚିକିତ୍ସିତ ହେଉଥିବା ୩ ଜଣ କରୋନା ଆକ୍ରାନ୍ତ ରୋଗୀ ୩ ଦିନ ଓ ୫ ଦିନରେ ଆରୋଗ୍ୟ ହୋଇଛନ୍ତି। ଏଥିପାଇଁ ସେମାନେ ଏଚ୍‌ଆଇଭି, ସ୍ୱାଇନ୍‌ ଫ୍ଲୁ ଓ ମ୍ୟାଲେରିଆ ବଟିକା ରୋଗୀଙ୍କୁ ଦେଇଥିଲେ। ଆଶ୍ୱସ୍ତିର ବିଷୟ ଏହି କି ଏକ ସର୍ଭେରୁ ଜଣାପଡ଼ିଛି ଭାରତରେ ସମୂହ ସଂକ୍ରମଣ ହୋଇନାହିଁ। ବର୍ତ୍ତମାନ ଏହି ଘଡ଼ିସନ୍ଧି ସମୟରେ ନିଜେ ବଞ୍ଚିବା ଓ ଅନ୍ୟକୁ ବଞ୍ଚାଇବା ପ୍ରଥମ କାମ। ସଚେତନ ରହିଲେ ଆମେ ନିରାପଦ ରହିପାରିବା। ବରିଷ୍ଠ ନାଗରିକ ୬୦ ବର୍ଷରୁ ଊର୍ଦ୍ଧ୍ୱ ଓ ଶିଶୁ ୧୦ ବର୍ଷରୁ କମ୍‌ ଏମାନଙ୍କ ଶରୀରରେ ଇମ୍ୟୁନିଟି ଶକ୍ତି କମ୍‌ ଥିବାରୁ ଆକ୍ରାନ୍ତ ହେବାର ଅଧିକ ଦେଖାଯାଉଛି। ଏମାନଙ୍କୁ ସର୍ବଦା ନିରାପଦସ୍ଥଳୀରେ ରଖାଯିବା ଉଚିତ। ଯେଉଁ ବ୍ୟାଧି ପାଇଁ ଔଷଧ ନାହିଁ, ସେଠାରେ ଆତ୍ମବିଶ୍ୱାସ କାର୍ଯ୍ୟକରେ। ସକାରାତ୍ମକ ମନୋଭାବ ମଣିଷକୁ ମଜବୁତ କରେ। ସତର୍କତା ଅବଲମ୍ବନ ସର୍ବାଦୌ ଆମ ସମସ୍ତଙ୍କର କର୍ତ୍ତବ୍ୟ। ସଂକ୍ରମିତ ରୋଗୀ ସହିତ ମିଳାମିଶା କଲେ, ଶରୀର ସ୍ପର୍ଶ କଲେ, ଦୂରତା ରକ୍ଷା ନ କଲେ, ଏକତ୍ର ଭୋଜନ, ଶୟନ କଲେ, ରୋଗୀର ସାମଗ୍ରୀକୁ ଛୁଇଁବା କିମ୍ବା ବ୍ୟବହାର କଲେ ଏହା ସଂକ୍ରମିତ ହୋଇଥାଏ। ମୁହଁରେ ମାସ୍କ ଲଗାଇ ବାହାରକୁ ଯିବା, ହାତକୁ ବାରମ୍ବାର ସାବୁନ୍‌ରେ ୨୦ ସେକେଣ୍ଡ ଯାଏ ସଫା କରିବା ଉଚିତ। ଗୁଜବକୁ ଆଦୌ ବିଶ୍ୱାସ କରିବା ଉଚିତ ନୁହେଁ।

ପିଲାଙ୍କୁ ହାଡ଼ଫୁଟି ହେଲେ, ମା'ମାନେ ତାଙ୍କୁ ୧୪ ଦିନ ପାଇଁ ଅଲଗା ରଖନ୍ତି। କାହା ସହିତ ମିଳାମିଶା ବାରଣ କରାଯାଏ। ସ୍ନାନପୂର୍ଣ୍ଣିମାରେ ପ୍ରଭୁ ଶ୍ରୀଜଗନ୍ନାଥ ସ୍ନାନପରେ ଜରରେ ପଡ଼ନ୍ତି। ୧୪ ଦିନ ପର୍ଯ୍ୟନ୍ତ ତାଙ୍କୁ ଅଣସରରେ ରଖି ଗୁପ୍ତ ଚିକିତ୍ସା କରାଯାଏ। ସେହିପରି ଯେଉଁମାନେ ନିକଟରେ ବିଦେଶରୁ ଫେରିଛନ୍ତି ସେମାନେ ୧୪ ଦିନ ପର୍ଯ୍ୟନ୍ତ ସଂଗରୋଧରେ ରହିବେ। ଭାରତରେ ଏମାନଙ୍କ ସଂଖ୍ୟା ୪୦ ହଜାରରୁ ଊର୍ଦ୍ଧ୍ୱ ଓ ଓଡ଼ିଶାରେ ୨୬୨୬ରୁ ଊର୍ଦ୍ଧ୍ୱ। ଏମାନଙ୍କ ରହିବା ପାଇଁ ୬୩୨ଟି କୋଠାଘରକୁ ଚିହ୍ନଟ କରାଯାଇଛି। ସହରାଞ୍ଚଳରେ ୨୬୧ଟି କୋଠାଘର ଚିହ୍ନଟ ହୋଇଛି। ଏହାଛଡ଼ା ଭୁବନେଶ୍ୱରରେ ତିନିଟି ହୋଟେଲରେ ସୁବିଧା ଉପଲବ୍ଧ। ଆମେରିକାରୁ ଫେରି ଗଜପତି ମହାରାଜା, ମହାରାଣୀ ଓ ପରିବାରବର୍ଗ ସଂଗରୋଧରେ ରହିଥିବା ବେଳେ, ମୁଖ୍ୟମନ୍ତ୍ରୀଙ୍କ ଭଉଣୀ ବିଦେଶରୁ ଫେରିଥିବା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ପୋର୍ଟାଲରେ ପଞ୍ଜୀକରଣ କରିଛନ୍ତି। ୨୨ ତାରିଖରେ 'ଜନତା କର୍ଫ୍ୟୁ' ସଫଳ ହୋଇଛି। ଆର୍ଥିକ ମାନଦଣ୍ଡ ଦୋହଲିଲାଣି। ସ୍କୁଲ, କଲେଜ, ଯାତ୍ରା, କ୍ରୀଡ଼ା, ମଲ, ସିନେମା ହଲ୍‌ ସମସ୍ତ ଜନଗହଳି ଉପରେ ରୋକ୍‌। ଦିନମଜୁରିଆ, ଶ୍ରମିକମାନେ ପ୍ରମାଦ ଗଣିଲେଣି।

ମଣିଷ ସମାଜ ପାଇଁ ନାନା ସଙ୍କଟ ତଥା ଦୈବଦୁର୍ବିପାକ ଲାଗିରହିଛି। ଏହାର ମୁକାବିଲା କରି ମଣିଷ ତିଷ୍ଠି ଆସିଛି। ଚାଇନାର ଉତ୍ପତ୍ତିସ୍ଥଳ ଉହାନ ଏବେ ଏକ ପ୍ରକାର ବିପଦମୁକ୍ତ। ତେଣୁ ସରକାରଙ୍କ ନିୟମ ତଥା ସଚେତନତାରେ ରହି ଓ ଅନ୍ୟମାନଙ୍କୁ ସଚେତନ କରାଇ ଏଭଳି କଠିନ ସମୟର ମୁକାବିଲା କରିବା।

ଓସଂଗରା, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା
ମୋ: ୯୮୬୧୦୪୮୦୫୨

## ଏଇ ଭାରତରେ

ଚାକିରି ଛାଡି ବ୍ୟକ୍ତିଗତ ଉଦ୍ୟମରେ ଜଣେ ବ୍ୟାଘ୍ର ଅଭୟାରଣ୍ୟ ସୃଷ୍ଟି କରିପାରିବା ଘଟଣା ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। ଏମିତି ଏକ ଅଭୟାରଣ୍ୟ ସୃଷ୍ଟି କରିଛନ୍ତି ପୂର୍ବତନ ଆଇଏଏସ୍‌ ଆଦିତ୍ୟ ସିଂ। ତାଙ୍କୁ ଏଥିରେ ସହଯୋଗ କରିଛନ୍ତି ତାଙ୍କ ସ୍ତ୍ରୀ ପୁନମ୍‌। ବାଘ-ମଣିଷ ମଧ୍ୟରେ ଲାଗି ରହିଥିବା ଲଢେଇକୁ ରୋକିବା ପାଇଁ ଏମାନେ ଏଭଳି ଏକ ଅଭୟାରଣ୍ୟ ସୃଷ୍ଟି କରିଛନ୍ତି। ଏଥିଲାଗି ତାଙ୍କୁ ୨୦ ବର୍ଷ ଲାଗିଯାଇଛି। ଆଦିତ୍ୟ ସଂଚାର ମନ୍ତ୍ରଣାଳୟରେ ଚାକିରି କରିଥିଲେ। ପରେ ଚାକିରି ଛାଡି ପ୍ରଥମେ ରାଜସ୍ଥାନର ରନ୍ଥମ୍ବୋର ବ୍ୟାଘ୍ର ଅଭୟାରଣ୍ୟ(ଆର୍‌ଟିଆର୍‌)ରେ ଜଣେ ଫଟୋଗ୍ରାଫର ଭାବେ ସମୟ କଟାଇଥିଲେ। ପରେ ଆର୍‌ଟିଆର୍‌ ନିକଟସ୍ଥ ସହର ସାୱାଇ ମାଧପୁରାରେ ରହିଥିଲେ। ଏହି ସମୟରେ ପୁନମ ସିଂ ବି ରନ୍ଥମ୍ବୋରରେ ଏକ ଟୁରିଷ୍ଟ ଲଜ୍‌ ଆରମ୍ଭ କରିଥିଲେ। ବ୍ୟାଘ୍ର ଅଭୟାରଣ୍ୟ ପାଖରେ ଥିବା ଭଦ୍‌ଲାଭ ଓ ଏହାର ଆଖପାଖ ଗାଁକୁ ବାଘ ଶିକାର କରିବାକୁ ପଶିଆସୁଥିବା ସେମାନେ ଲକ୍ଷ୍ୟ କରିଥିଲେ। ଏହାଦ୍ୱାରା କୃଷକମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏହି କାରଣରୁ କୃଷକମାନେ ଅଭୟାରଣ୍ୟକୁ ଲାଗି ରହିଥିବା ସେମାନଙ୍କ ଜମି ବିକ୍ରି କରିଦେଉଥିଲେ। ଆଦିତ୍ୟ ଓ ତାଙ୍କ ସ୍ତ୍ରୀ ପୁନମ ଏହି ସବୁ ଜମି କିଣି ବାଘମାନଙ୍କ ପାଇଁ ଏକ ସୁନ୍ଦର ଜଙ୍ଗଲ ସୃଷ୍ଟି କରିପାରିଛନ୍ତି, ଯାହାଦ୍ୱାରା ଆଉ ବାଘ ଗାଁ ଆଡକୁ ଆସୁନାହାନ୍ତି କି କୃଷକମାନଙ୍କର କୌଣସି କ୍ଷତି ମଧ୍ୟ କରୁନାହାନ୍ତି। ୨୦୦୦ରୁ ଏବେ ସୁଦ୍ଧା ସେମାନେ ୩୫ ଏକରରୁ ଅଧିକ ଜମିରେ ଜଙ୍ଗଲ ସୃଷ୍ଟି କରିସାରିଲେଣି। ଏହାର ନାମ ରଖିଛନ୍ତି ଭଦ୍‌ଲାଭ ବ୍ୟାଘ୍ର ଅଭୟାରଣ୍ୟ। ଏହା ପୂରା ରନ୍ଥମ୍ବୋର ଅଭୟାରଣ୍ୟକୁ ଲାଗି ରହିଛି। ତା' ଭିତରେ ବି ଜଳାଶୟ ରହିଛି। ଏହା କଡ଼ରେ ତାର ବାଡ ମଧ୍ୟ ଦେଇଛନ୍ତି ଏହି ଦମ୍ପତି। ବହୁ ସମୟରେ ଆର୍‌ଟିଆର୍‌ରୁ ବାଘ ବାହାରକୁ ଆସିଲେ ବି ଏହି ଜଙ୍ଗଲରେ ରହିଯାଉଛନ୍ତି। ଏହାଦ୍ୱାରା ସେଠାରେ ମଣିଷ ଓ ବାଘ ଲଢ଼େଇ ଏକ ପ୍ରକାର ଶେଷ ହୋଇଯାଇଛି। ଜଙ୍ଗଲର ସୁରକ୍ଷା ଲାଗି ଆଦିତ୍ୟ ଗାର୍ଡଙ୍କୁ ବି ନିଯୁକ୍ତି ଦେଇଛନ୍ତି।

## ଚିରନ୍ତନୀ

ସନ୍ଧ୍ୟା ଆସେ ପଡ଼ି
ଦୂର ଗ୍ରାମୁଁ ବହି ଆସେ ପକ୍ଷୀର କାକଳି
ଦିଗନ୍ତ-ବିସ୍ତାରୀ ପକ୍ୱ ଧାନ୍ୟକ୍ଷେତ୍ର ପରେ
ପଉଷ-କାକର ରାଶି ଝରେ
ବିଜନ ପଥଟି ମୋର ମିଶିଅଛି ଦିଗନ୍ତ ଅନ୍ଧାରେ
ଆଜି ଏହି ଉଦାସ ସନ୍ଧ୍ୟାରେ! (ଚକ୍ରବାକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଚେତା ପଶୁନାହିଁ କାହିଁକି

ମହାଶୟ,

'ବଳଶାଳୀ ବିଲ୍‌ଡରଙ୍କ...' ଶୀର୍ଷକରେ ଭୁବନେଶ୍ୱର ନୟାପଲ୍ଲୀ ଅନ୍ତର୍ଗତ ପାଇକନଗରରେ ସରକାରୀ ଜମିରେ ଜବରଦଖଲକୁ ବିରୋଧ କରି ସ୍ଥାନୀୟ ଲୋକେ ଧାରଣାଦେବାର ଖବର ପ୍ରକାଶ ପାଇଛି। ଜଳାଶୟ, ଜମିକୁ ଘରବାରି କିସମରେ ପରିବର୍ତ୍ତନ କରି ସ୍ଥିତିବାନ ସ୍ୱତ୍ୱରେ ନିଜ ନାମରେ ରେକର୍ଡ କରି ଜଣେ ବିଲ୍‌ଡର ଏହି ସଂଲଗ୍ନ ଆଉ କିଛି ସରକାରୀ ଜମି ହାତେଇ ନେବାର ପ୍ରୟାସରେ ଥିବାର ଅଭିଯୋଗ ହେବା ବିସ୍ମୟକର। ପୁଣି ଖୋଦ୍‌ ରାଜଧାନୀରେ ଯେଉଁଠି ପ୍ରତି ବିଭାଗରେ ୫-ଟି ଜୋରସୋରରେ କାର୍ଯ୍ୟକାରୀ ହେବାର ଖବର ଘନ ଘନ ପ୍ରକାଶ ପାଉଛି ଏପରି ବିଲ୍‌ଡରଙ୍କ କାରନାମା ଯୋଗୁ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇବା ଶୋଭନୀୟ ନୁହେଁ। ଅବଶ୍ୟ ରାଜଧାନୀରେ କେତେକ ରାଜନେତା, ଅଫିସର, ଶିଳ୍ପପତି ପ୍ରମୁଖ ସରକାରୀ, ପତିତ, ଅନାବାଦୀ, ଜଳାଶୟ ଆଦି ଜାଗାରେ ବେଆଇନ ଦଖଲ କରି ବହୁତଳ ପ୍ରାସାଦ, ଅଟାଳିକା ନିର୍ମାଣ କରି ବର୍ଷ ବର୍ଷ ଧରି ନିଜ ଅକ୍ତିଆରରେ ରଖି ବେପାର କରୁଛନ୍ତି। ଧରପଗଡ ନାହିଁ। ତହସିଲଦାରଙ୍କ ନିକଟରେ ବେଆଇନ ଦଖଲ ଓ ଜବରଦଖଲ କରି ସରକାରୀ ଜମିରେ ଘର ତିଆରି କରିବାର ଲମ୍ବା ତାଲିକା ଥିଲେ ହେଁ ସରକାର କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ନିକଟ ଅତୀତରେ ସୁପ୍ରିମକୋର୍ଟଙ୍କ ଆଦେଶାନୁୟାୟୀ କେରଳର କୋଚିରେ ବେଆଇନ ଭାବେ ନିର୍ମିତ ଅଟାଳିକା ଡିଟୋନେଟର ସାହାଯ୍ୟରେ ମୁହୂର୍ତ୍ତକ ମଧ୍ୟରେ ଧୂଳିସାତ୍‌ ହେଲା। ତାହା ଗଣମାଧ୍ୟମରେ ପ୍ରସାରିତ ହେଲେ ସୁଦ୍ଧା କିପରି ଲୋକମାନେ ଚେତୁନାହାନ୍ତି ତାହା ଆଶ୍ଚର୍ଯ୍ୟଜନକ ବୋଲି ମନେହୁଏ।

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

### କାଉନ୍‌ସିଲରଙ୍କ ଦରମା ବ୍ୟବସ୍ଥା ହେଉ

ଗଣତାନ୍ତ୍ରିକ ବ୍ୟବସ୍ଥାରେ ନିର୍ବାଚନ ଗୋଟିଏ ପ୍ରକ୍ରିୟା। ସରକାର ତୃଣମୂଳ ସ୍ତରରୁ ଶାସନ ବ୍ୟବସ୍ଥାକୁ ଦୃଢ଼ କରିବା ପାଇଁ ପଞ୍ଚାୟତ, ବିଜ୍ଞାପିତ ଅଞ୍ଚଳ ପରିଷଦ, ପୌର ପରିଷଦ ଗଠନ କରାଯାଇଛି। ନିର୍ବାଚିତ ପ୍ରତିନିଧିମାନେ ମ୍ୟୁନିସିପାଲିଟିର ପ୍ରତ୍ୟକ୍ଷରେ କାର୍ଯ୍ୟ କରିଥାନ୍ତି। ସହରଠାରୁ ଗାଁ ପର୍ଯ୍ୟନ୍ତ ରାସ୍ତାଘାଟ, ନାଳନର୍ଦ୍ଦମା ଆଦିର ନିର୍ମାଣ, ପୁନଃ ଉଦ୍ଧାର କରିଥାନ୍ତି। ମ୍ୟୁନିସିପାଲିଟିର ନିୟମ ଅନୁସାରେ ପ୍ରତିନିଧିମାନେ ମିଟିଂ ପାଇଁ କିଛି ପଇସା ପାଇଥାନ୍ତି, ଯେଉଁ ପଇସା କହିବାକୁ ଲାଜ ଲାଗିବ। ଆମର ଅନୁରୋଧ ନଗର ଉନ୍ନୟନ ବିଭାଗ ନିର୍ବାଚିତ ପ୍ରତିନିଧିମାନଙ୍କ ମାସିକ ଭତ୍ତା ବ୍ୟବସ୍ଥା କଲେ ଭଲ ହୁଅନ୍ତା। କାରଣ ସେମାନେ ହଜାର ହଜାର ଟଙ୍କା ନିର୍ବାଚନ ସମୟରେ ଖର୍ଚ୍ଚ କରିଥାନ୍ତି। ତା'ର ଭରଣ ପାଇଁ ନାନା ପ୍ରକାର ଅସଦ୍‌ ଉପାୟ ଯଥା ବିଭିନ୍ନ ରାସ୍ତା, ନାଳ, ପୋଖରୀ ଆଦି କାମ କରୁଥିବା ଠିକାଦାରଙ୍କଠାରୁ ଅନ୍ୟାୟରେ ପିସି ନେବା ପାଇଁ ବାଧ୍ୟ ହେଉଛନ୍ତି। ବାସ୍ତବିକ ଅର୍ଥ ସବୁ ଅନର୍ଥର କାରଣ ବୋଲି କୁହାଯାଏ। ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ ଏନ.ଏ.ସି. ଏବଂ ମ୍ୟୁନିସିପାଲିଟି ପ୍ରତିନିଧିମାନଙ୍କୁ ଭତ୍ତା (ଦରମା) ଦେବା ବ୍ୟବସ୍ଥା କରନ୍ତୁ ନଚେତ ପିସି ବେପାର କ୍ୟାନ୍‌ସର ଭଳି ବଢି ଚାଲିବ।

ଶ୍ରୀନିବାସ ମଙ୍ଗରାଜ, କୁଦିଆରୀ, ଜଟଣୀ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଘର ପାଖରେ ୬୮ ଅତ୍ୟାବଶ୍ୟକ ସାମଗ୍ରୀ ବଜାର ଖୋଲିବ ବିଏମ୍‌ସି

ଭୁବନେଶ୍ୱର, ୭।୪(ବ୍ୟୁରୋ): ଭୁବନେଶ୍ୱରରେ ଦିନକୁ ଦିନ କୋଭିଡ୍‌-୧୯ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସଂକ୍ରମଣ ରୋକିବା ପାଇଁ ଲକ୍‌ଡାଉନ ଜାରି ରହିଥିବାବେଳେ ସାମାଜିକ ଦୂରତ୍ୱ ଉପରେ ଗୁରୁତ୍ୱ ଦିଆଯାଉଛି। ତେଣୁ ଅତ୍ୟାବଶ୍ୟକ ସେବା ଓ ସାମଗ୍ରୀ କ୍ଷେତ୍ରରେ ଲୋକେ ଯେପରି ଅସୁବିଧାର ସମ୍ମୁଖୀନ ନ ହେବେ ସେଥିପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପଦକ୍ଷେପ ଗ୍ରହଣ କରୁଛି। ହାଟ ଓ ବଜାରରେ ଭିଡ଼ ରୋକିବା ପାଇଁ ଲୋକଙ୍କ ଆବଶ୍ୟକତାକୁ ଲକ୍ଷ୍ୟ କରି କଲୋନୀ, ସାହି ଓ ୱାର୍ଡ ସ୍ତରରେ ଅତ୍ୟାବଶ୍ୟକ ସାମଗ୍ରୀ ବଜାର ଖୋଲିବା ପାଇଁ ନିଷ୍ପତ୍ତି ନେଇଛି। ଏକାଧିକ ସ୍ଥାନରେ ଏହି ସୁବିଧା ଉପଲବ୍ଧ ହେଲେ ଲୋକେ ସାମାଜିକ ଦୂରତା ବଜାୟ ରଖିବା ସହ ସୁରକ୍ଷିତ ରହିପାରିବେ ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି। ତାଙ୍କ ସୂଚନାନୁସାରେ, ବିଏମ୍‌ସି ପକ୍ଷରୁ ୬୭ ୱାର୍ଡରେ ୬୮ ବଜାର ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। ଘର, କଲୋନୀ ପାଖରେ କିଛି ବ୍ୟବସାୟୀଙ୍କୁ ବସାଯାଇ ସେଠାରେ ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି କରାଯିବ। ୩ ଜୋନ୍ ଯଥା ଦକ୍ଷିଣ ପୂର୍ବ, ଦକ୍ଷିଣ ପଶ୍ଚିମ ଓ ଉତ୍ତର ଜୋନର ଜୋନାଲ ଡେପୁଟି କମିଶନରମାନଙ୍କୁ ଏହାର ନିରୀକ୍ଷଣ ଦାୟିତ୍ୱ ଦିଆଯାଇଛି। ଏଥିସହ ଲୋକେ କିପରି ହାଟ ବଜାରରେ ଭିଡ଼ ନ କରିବେ ଓ ସାମାଜିକ ଦୂରତ୍ୱ ବଜାୟ ରଖିବେ ସେନେଇ ବିଏମ୍‌ସି ପକ୍ଷରୁ ହୋମ୍ ଡେଲିଭରି ବିକଳ୍ପ ବ୍ୟବସ୍ଥା ମଧ କରାଯାଇଛି ବୋଲି କମିଶନର ଚୌଧାରୀ କହିଛନ୍ତି।

### ସିଲ୍ ଅଞ୍ଚଳରେ ମୋବାଇଲ୍ ଏଟିଏମ୍ ସେବା ଆରମ୍ଭ




ଭୁବନେଶ୍ୱର, ୭।୪(ବ୍ୟୁରୋ): ସଂକ୍ରମଣ ରୋକିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ଭୁବନେଶ୍ୱରର ସୂର୍ଯ୍ୟନଗର, ବମିଖାଲ ସମେତ ଆଉ କେତେକ ଅଞ୍ଚଳକୁ ଆବଦ୍ଧ ଜୋନ୍ ଘୋଷଣା କରିଛି। ସମ୍ପୃକ୍ତ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ଘରୁ ବାହାରିବା ପାଇଁ ମନା କରାଯାଇଥିବାବେଳେ ଘର ନିକଟରେ ସମସ୍ତ ସେବା ଯୋଗାଇ ଦିଆଯାଉଛି। ଏହି ସମୟରେ ଯେପରି ଲୋକଙ୍କର ଅର୍ଥ ସମସ୍ୟା ନ ଉପୁଜିବ ସେଥିପାଇଁ ବିଏମ୍‌ସି ଦ୍ୱାରା ମୋବାଇଲ୍ ଏଟିଏମ୍ ଭ୍ୟାନ୍ ବ୍ୟବସ୍ଥା କରାଯାଇଛି। ଭ୍ୟାନ୍‌ଟି ସମସ୍ତଙ୍କ ଘର ଦୁଆରରେ ପହଞ୍ଚିବା ସହ ଆବଶ୍ୟକ କରୁଥିବା ଲୋକଙ୍କୁ ଅର୍ଥ ଯୋଗାଣ ଆରମ୍ଭ କରିଛି। ସୂଚନାଯୋଗ୍ୟ, ସିଲ୍ ଅଞ୍ଚଳଗୁଡ଼ିକରେ ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି କରିବା ପାଇଁ ବିଏମ୍‌ସି ଦିନକୁ ଦୁଇଥର ଗାଡ଼ି ପଠାଉଛି। ଉକ୍ତ ଗାଡ଼ିଗୁଡ଼ିକରେ କ୍ୟାଶ୍‌ଲେସ୍ ବ୍ୟବସ୍ଥା ନ ଥିବାରୁ କିଛି ଲୋକ ସାମଗ୍ରୀ କିଣି ପାରୁନାହାନ୍ତି। କିଛି ଲୋକଙ୍କ ପାଖରେ ଅର୍ଥ ନ ଥିବାରୁ ଅତ୍ୟାବଶ୍ୟକ ସାମଗ୍ରୀ କିଣିପାରୁ ନ ଥିବା ସୂଚନା ମିଳିବା ପରେ ଏହି ବ୍ୟବସ୍ଥା ଆରମ୍ଭ କରାଯାଇଥିବା ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି।

# ଚିନ୍ତା ବଢ଼ାଇଛି ପରିବା ଦର



**ଭୁବନେଶ୍ୱର, ୭।୪(ବ୍ୟୁରୋ)**

ଅତ୍ୟାବଶ୍ୟକ ସାମଗ୍ରୀ ମଧ୍ୟରେ ପନିପରିବା ରହିଛି। ଶଟ୍‌ଡାଉନ୍ ପରଠାରୁ ଏବେ ବଜାରରେ ସବୁଜ ପନିପରିବା ଦର ହୁ ହୁ ହୋଇ ବଢ଼ି ଚାଲିଛି। ବେପାରୀମାନେ ମନଇଚ୍ଛା ଦର ନେଉଥିଲେ ମଧ ସେମାନଙ୍କ ଉପରେ ଅଙ୍କୁଶ ରହୁନି। ଏପରିଆକାଶଛୁଆଁଦରକୁନେଇଲୋକେଚିନ୍ତାରେପଡିଛନ୍ତି।

ସହରର ଅଧିକାଂଶ ଲୋକ ଭୁବନେଶ୍ୱର ୟୁନିଟ-୧ ଓ ୟୁନିଟ-୪ ଭଳି କେତେକ ହୋଲ୍‌ସେଲିଂ ବଜାର ଉପରେ ନିର୍ଭର କରୁଥିଲେ। କରୋନା କଟକଣା ପାଇଁ ପରିବାର ବଜାରକୁ ଖୋଲାସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲେ ମଧ ଲୋକଙ୍କ ଗହଳି କମୁନି କି ସାମାଜିକ ଦୂରତ୍ୱ ରହୁନି। ତେଣୁ ଲୋକଙ୍କୁ ହୋଲ୍‌ସେଲିଂ ଦୋକାନ ମନା କରାଯାଇଥିବାବେଳେ ବିଭିନ୍ନ କଲୋନୀରେ ୬୮ ଖୁଚୁରା ପରିବା ବଜାର ଖୋଲାଯାଇଛି। ଲୋକଙ୍କ ପାଇଁ ହାଟ ବଜାର ବନ୍ଦ ହେବା ପରେ ଏହାର ସୁଯୋଗ ନେଇ ଏବେ ଖୁଚୁରା ବ୍ୟବସାୟୀ ଚଢ଼ା ଦରରେ ସାମଗ୍ରୀ ବିକ୍ରି କରୁଥିବା ନଜରକୁ ଆସିଛି। କେତେଜଣ ଅସାଧୁ ବ୍ୟବସାୟୀ କଳାବଜାରି ଆରମ୍ଭ କରି ଚଢ଼ା ଦରରେ ସାମଗ୍ରୀ ବିକ୍ରି କରୁଥିବା ଲୋକେ ଅଭିଯୋଗ କରିଛନ୍ତି। ସୋମବାର ହାଟରେ ଆଳୁ ଦର ୨୦ରୁ ୨୫ ଟଙ୍କା ଥିବାବେଳେ ମଙ୍ଗଳବାର ଖୁଚୁରା ବ୍ୟବସାୟୀମାନେ ଏହାକୁ ୩୦ରୁ ଅଧିକ ଟଙ୍କାରେ ବିକ୍ରି କରିଥିଲେ। ସେହିପରି ସବୁଜ ପନିପରିବା ଦର ୫୦ରୁ ଅଧିକ ରହିଥିଲା।

ଏନେଇ ବିଏମ୍‌ସି ଆଡିଶନାଲ କମିଶନର ସୁରଥଚନ୍ଦ୍ର ମଲ୍ଲିକ କହିଛନ୍ତି, ଭୁବନେଶ୍ୱର ନାଗରିକଙ୍କଠାରୁ ଏନେଇ କିଛି ବି ଅଭିଯୋଗ ବିଏମ୍‌ସିର ହସ୍ତଗତ ହୋଇନାହିଁ। ଯଦି ଏପରି କିଛି କାର୍ଯ୍ୟ ହେଉଥିବ ତା ହେଲେ ସମ୍ପୃକ୍ତ ବ୍ୟବସାୟୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଉକ୍ତ ବ୍ୟବସାୟୀଙ୍କ ଟ୍ରେଡ୍ ଲାଇସେନ୍ସ ବାଜ୍ୟାପ୍ତ କରାଯିବା ସହ ମୋଟା ଅଙ୍କର ଜରିମାନା ଆଦାୟ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

### ବାହାର ରାଜ୍ୟରୁ ଆସିପାରୁନି ପରିବା

ଶଟ୍‌ଡାଉନ୍‌ଠାରୁ ରାଜ୍ୟ ବାହାରୁ ଆସୁଥିବା ପନିପରିବା ଏବେ ଆସିବା ସମ୍ଭବ ହେଉନାହିଁ। ଯାହା ବି ଆସୁଛି ତାହା ରାସ୍ତାରେ ରହି ନଷ୍ଟ ହୋଇଯାଉଛି। ତେଣୁ ବାହାର ରାଜ୍ୟର ବ୍ୟବସାୟୀ ମଧ ଆଉ ପରିବା ପଠାଇବାକୁ ରାଜିହେଉ ନାହାନ୍ତି। ରାଜଧାନୀ ବଜାରକୁ ଦୁଇଦିନ ହେବ ଆବଶ୍ୟକ ମୁତାବକ କଞ୍ଚା ପରିବା ଆସୁ ନ ଥିବାରୁ ଦର ଅଧିକ ରହୁଛି।

**–କଞ୍ଚା ପରିବା ବ୍ୟବସାୟୀ ସଂଘ, ଭୁବନେଶ୍ୱର**

### ଅଧିକରେ କିଣୁଛୁ ବୋଲି ଅଧିକରେ ବିକୁଛୁ

ଭୁବନେଶ୍ୱର ବଜାରରେ ଏବେ ପନିପରିବା ମିଳୁନାହିଁ। ସହରକୁ ଆଖପାଖ ଜିଲାରୁ ଆସୁଥିବା ପରିବାର ବି ଏବେ ଆସୁନି। ଫଳରେ ହୋଲ୍‌ସେଲ୍‌ରଙ୍କଠାରୁ ଆମକୁ ଚଢ଼ାଦରରେ କିଣିବାକୁ ପଡୁଛି। ଅଧିକ ଦରରେ କିଣୁଥିବାରୁ ସେହି ଅନୁସାରେ ଗ୍ରାହକଙ୍କଠାରୁ ଅଧିକ ନେବାକୁ ବାଧ ହେଉଛୁ।

**–ରାମେଶ୍ୱର ସାହୁ, ପରିବା ବ୍ୟବସାୟୀ, ରସୁଲଗଡ଼ ଛକ**

### ଯାହା ପାଟିକୁ ଆସିଲା ସେହି ଦର ନେଉଛନ୍ତି



ଘର ପାଖରେ ଦୋକାନ ଦେଇଥିବା ବ୍ୟବସାୟୀ ପାଟିକୁ ଯେଉଁ ଦର ଆସୁଛି ସେହି ଦର କହୁଛନ୍ତି। ପଚାରିଲେ, ନବାର ଅଛି ଯଦି ନିଅ ନ ହେଲେ ନାହିଁ ରଖିଦିଅ ବୋଲି କହୁଛନ୍ତି। ଏହି ସମୟରେ ଘରୁ ଗାଡ଼ି କାଢ଼ି ବାହାରକୁ ଯାଇ ହେଉ ନ ଥିବା ବେଳେ ବ୍ୟବସାୟୀଙ୍କ ଦୌରାତ୍ମ୍ୟ ଚରମସୀମାରେ ପହଞ୍ଚିଛି।

**– ଜ୍ୟୋତ୍ସ୍ନାମୟୀ ଶତପଥୀ, ଗୃହିଣୀ, ଭୁବନେଶ୍ୱର**

### କରୋନା ଭୟଠାରୁ ବଳିଗଲା ପରିବା ଦର



କରୋନା ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଘରେ ରହୁଛୁ। ହେଲେ ବଢୁଥିବା ପରିବା ଦରକୁ ଦେଖିଲେ କରୋନାଠାରୁ ଅଧିକ ଡର ଲାଗୁଛି। କରୋନା ସଂକ୍ରମଣ ଯେତିକି ଡରାଉନି ବଢୁଥିବା ପରିବା ଦର ସେତିକି ଡରାଉଛି। ଆକାଶ ଛୁଆଁ ଦର ଚିନ୍ତା ଲାଗୁଛି।

**– ସୁମିତ୍ରା ପ୍ରଧାନ, ଗୃହିଣୀ, ଭୁବନେଶ୍ୱର**

## ବିଏମ୍‌ସି ସେବାକୁ ନେଇ ଲୋକଙ୍କ ଅସନ୍ତୋଷ

**ଭୁବନେଶ୍ୱର, ୭।୪ (ବ୍ୟୁରୋ)**

ଭୁବନେଶ୍ୱରରେ ସର୍ବାଧିକ କରୋନା ଆକ୍ରାନ୍ତ ଚିହ୍ନଟ ହେବାପରେ ସହରବାସୀଙ୍କ ନିଦ ହଜିଛି। ସହରର ଅଧିକାଂଶ ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯିବା ସହ ସିଲ୍ କରିଦିଆଯାଇଛି। ଏଭଳି ସ୍ଥଳେ ଘରେ ଘରେ ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚାଇବାକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ହେଲେ ଏହି ସେବାକୁ ନେଇ ଏବେ ନାନା ଅଭିଯୋଗ ହୋଇଛି। ସେବାରୁ ବଞ୍ଚିତ ଲୋକେ ଅସନ୍ତୋଷ ପ୍ରକାଶ କରୁଥିବାବେଳେ ଟୁଇଟରରେ ଅଭିଯୋଗ ବଢ଼ି ଚାଲିଛି। ଲୋକଙ୍କ ଘର ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚାଇବାକୁ ବିଏମ୍‌ସି ପକ୍ଷରୁ ହୋମ୍ ଡେଲିଭରି ସହ ସିଲ୍ ଅଞ୍ଚଳରେ ମୋବାଇଲ୍ ଭ୍ୟାନ୍‌ରେ ସାମଗ୍ରୀ ଯୋଗାଣର ବ୍ୟବସ୍ଥା ହୋଇଛି। ଜୋନ୍ ଅନୁସାରେ ନିର୍ଦ୍ଦିଷ୍ଟ ଫୋନ୍ ନମ୍ବର ଜାରି କରାଯାଇଥିଲେ ମଧ ଲୋକେ ଯୋଗାଯୋଗ କରି ସାମଗ୍ରୀ ପାଇବାରୁ ବଞ୍ଚିତ ହେଉଛନ୍ତି। ଅଧିକାଂଶ ସମୟରେ ଫୋନ୍ ଅପହଞ୍ଚ ରହୁଛି। ଯେତେବେଳେ ଲାଗୁଛି ସେତେବେଳେ କିଏ ଫୋନ୍ କାଟି ଦେଉଛି ତ କିଏ ଉତ୍ତର ଦେଉନାହିଁ। ସେହିଭଳି କ୍ଷୀର, ଦହି ଭଳି ଅତ୍ୟାବଶ୍ୟକ ଦୁଗ୍ଧଜାତ ଦ୍ରବ୍ୟ ପାଇବାରୁ ମଧ ଅଧିକାଂଶ ବଞ୍ଚିତ ହେଉଛନ୍ତି। କଣ୍ଟେନ୍‌ମେଣ୍ଟ ଜୋନ୍‌ଗୁଡ଼ିକରେ ଏହି ସମସ୍ୟା ଅଧିକ ଦେଖିବାକୁ ମିଳୁଛି। ଟୁଇଟ୍‌ର ଉତ୍ତର ମଧ ଦିଆଯାଉଛି। କେବଳ ଭିଆଇପି ଅଞ୍ଚଳରେ ସାମଗ୍ରୀ ପହଞ୍ଚାଇବାକୁ ବିଏମ୍‌ସି ଅଧିକ ଗୁରୁତ୍ୱ ଦେଉଥିବାରୁ ଅନ୍ୟ ଅଞ୍ଚଳକୁ ଗୁରୁତ୍ୱ ଦିଆଯାଉନି ବୋଲି ଅଭିଯୋଗରେ ଉଲ୍ଲେଖ ରହିଛି।

## ନିରତାରରେ ଅନ୍‌ଲାଇନ ପାଠପଢ଼ା ଆରମ୍ଭ

**କଣ୍ଟାପଡା, ୭।୪(ଡି.ଏନ୍.ଏ.)**

ମହାମାରୀ କରୋନା ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଓଲଟପୁରସ୍ଥିତ ପାରାମେଡିକାଲ ଏସ୍. ଭି. ନିରତାରକୁ ଲକ୍ ଡାଉନଠାରୁ ବନ୍ଦ କରିଦିଆଯିବା ସହ ହଷ୍ଟେଲ ଖାଲି କରିଦିଆଯାଇଛି। ଫଳରେ ଏଠାରେ ପଢୁଥିବା ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ନିରତାର କର୍ତ୍ତୃପକ୍ଷ ଅନ୍‌ଲାଇନରେ ପାଠପଢ଼ା ବ୍ୟବସ୍ଥା କରିଛନ୍ତି। ଛାତ୍ରୀଛାତ୍ର ପ୍ରତିଦିନ ଯେଭଳି ରୁଟିନ ମୁତାବକ କ୍ଲାସ କରୁଥିଲେ ସେହିଭଳି କଲେଜର ଅଧ୍ୟାପିକା ଓ ଅଧ୍ୟାପକମାନେ ଅନ୍‌ଲାଇନରେ ପାଠ ପଢ଼ାଇବା ଆରମ୍ଭ କରିଛନ୍ତି। ଫଳରେ ଛାତ୍ରୀଛାତ୍ରମାନେ ଏଣିକି ପାଠପଢ଼ାରେ କୌଣସି ଅସୁବିଧାର ସମ୍ମୁଖୀନ ହେବେ ନାହିଁ ଓ ଭବିଷ୍ୟତକୁ ନେଇ ଚିନ୍ତିତ ରହିବେ ନାହିଁ ବୋଲି ନିରତାର ନିର୍ଦ୍ଦେଶକ ଡା. ଶକ୍ତି ପ୍ରସାଦ ଦାସ କହିଛନ୍ତି।

### ମିଳୁଛି ୨୪ ଘଣ୍ଟିଆ ଚିକିତ୍ସା ସେବା

ଅନ୍ୟପକ୍ଷରେ କରୋନା ଯୋଗୁ ଫିଜିଓ ଥେରାପି, ଅକ୍ୟୁପେଶନାଲ ଥେରାପି ଚିକିତ୍ସା ସମ୍ପୂର୍ଣ୍ଣ ବନ୍ଦ ଥିବାରୁ ଏହାର ଚିକିତ୍ସା ସମ୍ପର୍କିତ ଭିଡିଓ ନିରତାର ୱେବ୍‌ସାଇଟରେ ଛଡାଯାଇଛି। ଏହି ଭିଡିଓ ଜରିଆରେ ଦିବ୍ୟାଙ୍ଗମାନେ ବିଭିନ୍ନ ବ୍ୟାୟାମ ଓ ଅନ୍ୟାନ୍ୟ ଶାରୀରିକ ଚିକିତ୍ସା ସୁବିଧା ପାଇପାରିବେ। ଏହା ବ୍ୟତୀତ ନିରତାରରେ ୨୪ ଘଣ୍ଟିଆ ଜରୁରୀକାଳୀନ ଚିକିତ୍ସା ସୁବିଧା ଉପଲବ୍ଧ ରହିଥିବା ପ୍ରଶାସନିକ ଉପନିର୍ଦ୍ଦେଶକ ରଶ୍ମିରଞ୍ଜନ ସେଠୀ କହିଛନ୍ତି।

## ଦାନଗୋହିରୀରେ ଖାଦ୍ୟ ବାଣ୍ଟିଲା ପୋଲିସ

**ପିପିଲି, ୭।୪(ଡି.ଏନ.ଏ):** ପିପିଲି ବ୍ଲକ ଅନ୍ତର୍ଗତ ଦାନଗୋହିରୀ ଗ୍ରାମରୁ ଜଣେ କରୋନା ସଂକ୍ରମିତ ରୋଗୀ ଚିହ୍ନଟ ହେବା ପରେ ପୁରୀ ଜିଲା ପ୍ରଶାସନ ପକ୍ଷରୁ ଉକ୍ତ ଗ୍ରାମ ସହିତ ପାଖ ୨ଟି ଗ୍ରାମକୁ ୧୪ ତାରିଖ ପର୍ଯ୍ୟନ୍ତ ସିଲ କରିଦିଆଯାଇଛି। ୩ଦିନ ହେଲା ସେହି ଗ୍ରାମକୁ କେହି ଯା'ଆସ କରୁ ନ ଥିବାରୁ ପିଲା, ବୃଦ୍ଧାବୃଦ୍ଧ ଖାଦ୍ୟ ପାଇଁ ହଇରାଣ ହେଉଛନ୍ତି। ମଙ୍ଗଳବାର ପିପିଲି ଥାନା ଇନ୍ସପେକ୍ଟର ଶରତ କୁମାର ସାହୁ ଏକ ପୋଲିସ ଟିମ୍ ସହ ଉକ୍ତ ଗ୍ରାମଗୁଡ଼ିକୁ ଯାଇ ପାଣି, ବିସ୍କୁଟ, ସାନିଟାଇଜେଶନ ଏବଂ ମାସ୍କ ବଣ୍ଟନ କରିଛନ୍ତି। ରାଶନ ସାମଗ୍ରୀ ଓ ପନିପରିବା ପହଞ୍ଚାଇବା ପାଇଁ ମଧ ପ୍ରତିଶ୍ରୁତି ଦେଇଛନ୍ତି।

## ଭୁବନେଶ୍ୱରର ସ୍ୱତନ୍ତ୍ର ଦାୟିତ୍ୱରେ ୬ ଓଏଏସ୍ ଅଫିସର

**ଭୁବନେଶ୍ୱର, ୭।୪(ବ୍ୟୁରୋ)**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ସବୁଠୁ ଅଧିକ କରୋନା ସଂକ୍ରମିତ ବ୍ୟକ୍ତି ଚିହ୍ନଟ ହୋଇଛନ୍ତି। ଘାତକ ଭାଇରସ୍ କୋଭିଡ୍-୧୯ ସଂକ୍ରମଣ ରୋକିବା ସବୁଠୁ ବଡ଼ ଚ୍ୟାଲେଞ୍ଜ ହୋଇଛି। ତେଣୁ ବିଏମ୍‌ସିର ସଂକ୍ରମଣ ପ୍ରବଣ ଓ ପ୍ରତିରୋଧ ଜୋନ୍‌ଗୁଡ଼ିକର ଉପଯୁକ୍ତ ପରିଚାଳନା ଏବଂ ତତ୍ତ୍ୱାବଧାନ ପାଇଁ ରାଜ୍ୟ ସରକାର ୬ଜଣ ବରିଷ୍ଠ ଓଏଏସ୍ ଅଫିସରଙ୍କୁ ନିଯୁକ୍ତ କରିଛନ୍ତି। ସେମାନେ ନାଗରିକ ସୁରକ୍ଷା, ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ଏବଂ ପର୍ଯ୍ୟାପ୍ତ ବିଶୋଧନ କାର୍ଯ୍ୟର ପରିଚାଳନା ଦାୟିତ୍ୱ ତୁଲାଇବେ। ସେମାନେ ହେଲେ ଗଙ୍ଗାଧର ସାହୁ, ଆଲୋକ କୁମାର କର, ସୁବ୍ରତ କୁମାର ପଣ୍ଡା, ରଶ୍ମିରଞ୍ଜନ ନାୟକ, ଶତ୍ରୁଘ୍ନ କର, ଦେବାନନ୍ଦ ମଲ୍ଲିକ। ଏନେଇ ରାଜ୍ୟ ସାଧାରଣ ପ୍ରଶାସନିକ ଓ ଜନ ଅଭିଯୋଗ ବିଭାଗ ପକ୍ଷରୁ ଜାରି ଚିଠିରେ ଉଲ୍ଲେଖ କରାଯାଇଛି।

## ଲାଠିମାଡ଼ ପରେ ବି ସୁଧୁରିଲେନି

**ଭୁବନେଶ୍ୱର,୭।୪ (ବ୍ୟୁରୋ)**

ଘାତକ କରୋନା ଭାଇରସ୍‌ଠାରୁ ରକ୍ଷା ପାଇବାକୁ ହେଲେ ଘରେ ରହିବା ହିଁ ସବୁଠୁ ଓ ଏକମାତ୍ର ଭଲ ବିକଳ୍ପ। ସରକାରଙ୍କଠାରୁ ଆରମ୍ଭ କରି ପୋଲିସ ଓ ବିଭିନ୍ନ ସଂଗଠନ ଲୋକଙ୍କୁ ବାରମ୍ବାର ବୁଝାଉଛନ୍ତି। କଟକଣା ସହ କାର୍ଯ୍ୟାନୁଷ୍ଠାନ ମଧ ଗ୍ରହଣ କରାଯାଉଛି। ସୋମବାର କମିଶନରେଟ ପୋଲିସ ଅମାନିଆଙ୍କୁ ସାବାଡ଼ କରିବା ପାଇଁ ଲାଠି ପାହାର ଦେବା ସହ ସେମାନଙ୍କ ବାଇକକୁ ଜବତ କରିଥିଲା। ଗୋଟିଏ ଦିନରେ ଟ୍ୱିନ୍ ସିଟି କଟକ ଓ ଭୁବନେଶ୍ୱରରୁ ୨ ହଜାରରୁ ଉର୍ଦ୍ଧ୍ୱ ବାଇକ ଜବତ କରାଯାଇଥିଲା। ତଥାପି ସୁଧୁରିଲେନି ସେହି ଅମାନିଆ। ମଙ୍ଗଳବାର ନିୟମ ନ ମାନି ଭୁବନେଶ୍ୱର ସହର ଭିତରେ ବୁଲୁଥିବା ୭୨୧ ଜଣଙ୍କୁ ପୋଲିସ ଧରିଛି। ବାଇକ ଜବତ କରିବା ସହ ସେମାନଙ୍କଠାରୁ ଜରିମାନା ଆଦାୟ କରିଛି। ସେହିପରି କଟକରେ ୭୫୦ ଜଣଙ୍କୁ ଧରି ବାଇକ ଜବତ କରିଥିବା କମିଶନରେଟ ପୋଲିସ ପକ୍ଷରୁ କୁହାଯାଇଛି। ଆଇନଜୀବୀ ଚିତ୍ତରଞ୍ଜନ ଦାଶ କହିଛନ୍ତି, ଅମାନିଆଙ୍କ ବିରୋଧରେ ନିଆଯାଉଥିବା କାର୍ଯ୍ୟାନୁଷ୍ଠାନ କୋହଳ ହେଉଥିବାରୁ ସେମାନେ ଏପରି ବୁଲୁଛନ୍ତି। ଯଦି ସେମାନଙ୍କ ବିରୋଧରେ ପୋଲିସ ଅଧିକ ଜରିମାନା କରନ୍ତା ଓ କଠୋର କାର୍ଯ୍ୟାନୁଷ୍ଠାନ ନିଅନ୍ତା, ତେବେ ସେମାନେ ଘରୁ ଗାଡି କାଢିବାକୁ ଡରନ୍ତେ ବୋଲି ଦାଶ କହିଛନ୍ତି। ଅନ୍ୟପକ୍ଷରେ ଗତ ଦୁଇଦିନ ଭିତରେ ରାଜ୍ୟରେ ଲକ୍‌ଡାଉନ୍ ନିୟମ ଉଲ୍ଲଂଘନ କରିଥିବା ୨୨୭ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ସେହିଭଳି ହୋମ୍ କ୍ୱାରେଣ୍ଟାଇନ୍ ନିୟମ ଭାଙ୍ଗିବାରୁ ୩ ଜଣଙ୍କ ନାମରେ ମାମଲା ରୁଜୁ କରାଯାଇଛି।




ଜବତ ଗାଡ଼ିକୁ ପୋଲିସ୍ ଉଠାଇ ନେଉଛି।

- କଟକ, ଭୁବନେଶ୍ୱରରୁ ୧୪୭୧ ବାଇକ ଜବତ, ଜରିମାନା ଆଦାୟ
- ରାଜ୍ୟରେ ଲକ୍‌ଡାଉନ ନିୟମ ଭାଙ୍ଗିବାରୁ ୨୨୭ ମାମଲା

### ସାଇକେଲରେ ବୁଲିଲେ ଅମାନିଆ

ବାଇକରେ ବୁଲିଲେ ପୋଲିସ ମାଡ଼ ମାରିବା ସହ ବସ୍‌ଉଠ, ଜରିମାନା ଆଦି ଦଣ୍ଡ ଦେଉଥିବାରୁ କେତେଜଣ ଅମାନିଆ ଭିନ୍ନ ଢଙ୍ଗରେ ପୋଲିସକୁ ଚକ୍‌ମା ଦେଖାଇଛନ୍ତି। ଆବଶ୍ୟକ ନ ଥାଇ ସାଇକେଲ ଧରି ଚକ୍କର କାଟିଥିବା ଦେଖିବାକୁ ମିଳିଛି। କେହି ସାଇକେଲରେ ଖାଲି ବୋତଲ ଧରି ତେଲ ଆଣିବା ବାହାନା କରିଥିଲେ ତ ପୁଣି ଆଉ କିଏ ପରିବା ଓ ଅନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ନାଁରେ ଘୂରିବୁଲିଥିଲେ। ବିଶେଷକରି ସୋମବାର ଯେଉଁ ସ୍ଥାନରେ ଧରାପଡିଥିଲେ ସେହି ସ୍ଥାନରେ ସାଇକେଲରେ ପହଞ୍ଚି ପୋଲିସକୁ ଚକ୍‌ମା ଦେଇଛନ୍ତି।

## ପୂର୍ବତଟ ରେଳପଥରେ ଆଉ ୨ ପାର୍ସଲ ଏକ୍ସପ୍ରେସ୍

### ବିଶାଖାପାଟଣାରୁ ସମ୍ବଲପୁର, କଟକ ମଧ୍ୟରେ ଚାଲିବ

**ଭୁବନେଶ୍ୱର, ୭।୪ (ବ୍ୟୁରୋ):** ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ପାଇଁ ଅଧିକ ପାର୍ସଲ ଟ୍ରେନ୍ ଚଳାଚଳ ଉପରେ ଗୁରୁତ୍ୱ ଦେଇଛି ପୂର୍ବତଟ ରେଳପଥ। ଆବଶ୍ୟକତାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ଏହାର ପରିସୀମା ମଧ୍ୟରେ ଆଉ ଦୁଇଟି ପାର୍ସଲ ଏକ୍ସପ୍ରେସ୍ ଟ୍ରେନ୍ ଚଳାଇବାକୁ ନିଷ୍ପତ୍ତି ନେଇଛି। ଗୋଟିଏ ବିଶାଖାପାଟଣା-ସମ୍ବଲପୁର-ବିଶାଖାପାଟଣା ଓ ଆଉ ଗୋଟି ବିଶାଖାପାଟଣା-କଟକ-ବିଶାଖାପାଟଣା ମଧ୍ୟରେ ଚଳାଚଳ କରିବ। ଉଭୟ ଟ୍ରେନ୍ କୋଇଲା, ଖାଦ୍ୟଶସ୍ୟ, ସାର, ପେଟ୍ରୋଲିୟମ ଉତ୍ପାଦ, ଫଳ ଓ ପନିପରିବା, ଦୁଗ୍ଧ, ଜାଳେଣି ତେଲ, ଚିନି, ଲୁଣ ଓ ଔଷଧଭଳି ଅତ୍ୟାବଶ୍ୟକ ସାମଗ୍ରୀକୁ ବାଧାହୀନ ଭାବେ ପରିବହନ କରିବ। ଏଭଳି ସଙ୍କଟ ସମୟରେ ସରକାର ନିଜର ଆବଶ୍ୟକତା ପୂରଣ କରିବା ସହ ଓ ବ୍ୟବସାୟୀମାନେ ନିଜ ସାମଗ୍ରୀ ମଧ ପାର୍ସଲ ଟ୍ରେନ୍ ମାଧ୍ୟମରେ ପରିବହନ କରିପାରିବେ। ବିଶାଖାପାଟଣା-ସମ୍ବଲପୁର-ବିଶାଖାପାଟଣା ପାର୍ସଲ ଏକ୍ସପ୍ରେସ୍ ଏପ୍ରିଲ ୯, ୧୧ ଓ ୧୩ ତାରିଖ ସକାଳ ୯ଟାରେ ବିଶାଖାପାଟଣାରୁ ସମ୍ବଲପୁର ଅଭିମୁଖେ ଯାତ୍ରା ଆରମ୍ଭ କରିବ। ୧୦, ୧୨ ଓ ୧୪ ତାରିଖ ସକାଳ ୯ଟାରେ ସମ୍ବଲପୁରରୁ ବିଶାଖାପାଟଣା ଅଭିମୁଖେ ଯିବ। ସେହିଭଳି ବିଶାଖାପାଟଣା-କଟକ-ବିଶାଖାପାଟଣା ପାର୍ସଲ ଏକ୍ସପ୍ରେସ୍ ୯ରୁ ୧୪ ତାରିଖ ମଧ୍ୟରେ ପ୍ରତ୍ୟହ ପୂର୍ବାହ୍ନ ୧୦ଟାରୁ ବିଶାଖାପାଟଣାରୁ ଛାଡ଼ିବ। ୧୦ରୁ ୧୫ ତାରିଖ ମଧ୍ୟରେ ପ୍ରତ୍ୟହ ସକାଳ ୯ଟାରେ ଏହା କଟକରୁ ବିଶାଖାପାଟଣା ଅଭିମୁଖେ ଯିବ। ଅତ୍ୟାବଶ୍ୟକ ପଦାର୍ଥ ପରିବହନ ପାଇଁ ଅଧିକ ସୂଚନା ନିମନ୍ତେ ଷ୍ଟେଶନ ମ୍ୟାନେଜର ଓ ପାର୍ସଲ ସୁପରଭାଇଜରଙ୍କ ସହ ଯୋଗାଯୋଗ କରିବାକୁ ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି।

## ରେଳ ସମ୍ପତ୍ତିକୁ ଜଗିବ ଡ୍ରୋନ୍

### ପୂର୍ବତଟ ରେଳପଥ ଦେଶରେ ପ୍ରଥମ

**ଭୁବନେଶ୍ୱର, ୭।୪ (ବ୍ୟୁରୋ)**

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଭାରତୀୟ ରେଳପଥ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ବନ୍ଦ କରିଥିଲେ ମଧ ସାରା ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚାଇବାକୁ ମାଲ୍‌ବାହୀ ଟ୍ରେନ୍‌ଗୁଡ଼ିକ ନିୟମିତ ଚଳାଚଳ କରୁଛି। ସାମାଜିକ ଦୂରତ୍ୱ ରକ୍ଷା ସହ ସଂକ୍ରମଣ ରୋକିବା ପାଇଁ ପୂର୍ବତଟ ରେଳପଥର କେତେକ ଶାଖାରେ ରେଳ ସୁରକ୍ଷାବଳ(ଆର୍‌ପିଏଫ୍)ଙ୍କୁ ମୁତୟନ ବନ୍ଦ କରାଯାଇଛି। ସେହିଭଳି ଆଉକିଛି ସ୍ଥାନରେ କମ୍‌ସଂଖ୍ୟକ କର୍ମଚାରୀ ସୁରକ୍ଷା ଦାୟିତ୍ୱରେ ରହିଛନ୍ତି। ଟ୍ରେନ୍ କୋଚ୍ ଓ ଯାତ୍ରୀ ସଂରକ୍ଷଣ କେନ୍ଦ୍ର ଏବେ ବ୍ୟବହାର ନ ହୋଇ ବନ୍ଦ ରହିଥିବାବେଳେ ସିଗ୍‌ନାଲ ଭିତ୍ତିଭୂମି, ଷ୍ଟେଶନ ରିଲେ ରୁମ୍, ଗୁଡ୍‌ସ ସେଡ୍, ୱାଗନ୍ ଷ୍ଟକ୍ ଆଦିର ସୁରକ୍ଷା ଜରୁରୀ ହୋଇପଡ଼ିଛି। ଅନ୍ୟପକ୍ଷରେ ପୂର୍ବତଟ ରେଳପଥ ପରିସୀମାର ବୃହତ ଅଞ୍ଚଳ ମାଓବାଦୀପ୍ରବଣ ହୋଇଥିବାରୁ ପ୍ରତ୍ୟେକ ମୁହୂର୍ତ୍ତରେ ରେଳପଥର ସମସ୍ତ ସ୍ଥିର ଓ କାର୍ଯ୍ୟକ୍ଷମ ହେଉଥିବା ମୂଲ୍ୟବାନ ସମ୍ପତ୍ତିର ସୁରକ୍ଷା ଏବେର ଲକ୍‌ଡାଉନ୍ ସମୟରେ ବଡ଼ ଚ୍ୟାଲେଞ୍ଜ ହୋଇଛି। ଏଭଳିସ୍ଥିତିରେ ଭାରତୀୟ ରେଳପଥରେ ପ୍ରଥମ ପଦକ୍ଷେପ ସ୍ୱରୂପ ପୂର୍ବତଟ ରେଳପଥ ନିଜ ସମ୍ପତ୍ତିର ସୁରକ୍ଷା ଓ ଏହା ଉପରେ ନଜର ରଖିବାକୁ ୨୪ ଘଣ୍ଟିଆ ଡ୍ରୋନ୍ କ୍ୟାମେରା ମୁତୟନ ବ୍ୟବସ୍ଥା ହୋଇଛି। ଏହି ଡ୍ରୋନ୍ ଆର୍‌ପିଏଫ୍ ଦ୍ୱାରା ପରିଚାଳିତ ହେଉଥିବାବେଳେ ରେଳପଥ ଟ୍ରାକ୍ ଉପରେ କୌଣସି ଲୋକଙ୍କ ଅନଧିକୃତ ଯାତାୟାତ ଉପରେ ମଧ ଏହା ନଜର ରଖିବ। ବିଶେଷକରି ବିସ୍ତୃତ ଟ୍ରାକ୍ ଉପରେ ନଜର ରଖିବାରେ ଏହା ସାହାଯ୍ୟ କରିବ। ପ୍ରାଥମିକ ପର୍ଯ୍ୟାୟରେ ଏହା ବିଶାଖାପାଟଣା, ଖୋର୍ଦ୍ଧା, ଭୁବନେଶ୍ୱର ଓ ପୁରୀ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ କାର୍ଯ୍ୟକ୍ଷମ କରାଯିବ। ପରବର୍ତ୍ତୀ ସମୟରେ ଅନ୍ୟ ସ୍ଥାନରେ ନିୟୋଜିତ ହେବ। ଏହି ଡ୍ରୋନ୍ କ୍ୟାମେରା ବ୍ୟବସ୍ଥା ରାଜ୍ୟ ସରକାର, ନୌସେନା ଓ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ଅନୁମତି ପାଇବାପରେ ଆରମ୍ଭ କରାଯାଇଛି। ଏହାର କମ୍ୟୁନିକେଶନ ଲିଙ୍କ୍ ହାରାହାରି ୨ କିମି ରହିଥିବାବେଳେ ରେଳ ଟ୍ରାକ୍ ଓ ବିଭିନ୍ନ ସ୍ଥାନର ଇମେଜ୍ ଓ ଭିଡିଓକୁ ଅପରେଟର ନିକଟରେ ପହଞ୍ଚାଇବ। ଏହାବ୍ୟତୀତ ରିଅଲ୍‌ଟାଇମ୍ ମନିଟରିଂ ଦ୍ୱାରା ଭବିଷ୍ୟତର ରେଫରେନ୍ସ ନିମନ୍ତେ ଭିଡିଓ ଲାଇବ୍ରେରି ସ୍ଥାପନ କରି ଡାଟାଗୁଡ଼ିକୁ ଷ୍ଟୋର୍ କରାଯାଇପାରିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି।



**MINERAL EXPLORATION CORPORATION LIMITED**
**(A GOVERNMENT OF INDIA ENTERPRISE)**
AN ISO 9001-2008 CERTIFIED COMPANY
**BOLANGIR PROJECT**
ADDRESS: H.No. 290/C, Back Side of Irrigation Colony
PO: Rajendra College, Laltikra, Bolangir, Odisha-767002,
**Website: www.mecl.co.in,** E-mail: lakshmanarao.mecl@gmail.com

**NOTICE INVITING TENDER**

Dated. 08.04.2020

Sealed tenders are hereby invited IN TWO PARTS from Registered (under Shop and Establishment Act/ PWD registration/others Act) licensed manpower supplier firms /Labour contractor with Labour Department of any State Government/Central Government for the Following:

| TRNDER NO.& OPENING DATE | PARTICULARS & APPROXIMATE QUANTITY | TENDER FEE (Rs) | EMD(Rs) |
|---|---|---|---|
| MECL/BP/NIT/ C.Labour/2020-21/01, Dated: 08.04.2020<br>OPENING DATE: 22.04.2020 | "Supply of 31 Nos. of Contract Workers of different categories (i.e Skilled, Unskilled and Watch & Ward) as per requirement for exploration work like drilling, surveying & driving etc. at Bolangir Project of MECL". by complying all statutory requirements under various labour laws, on contract basis. | Rs. 1070/- | Rs. 1,06,650/- |

LAST DATE FOR SALE OF TENDER DOCUMENT: 22-04-2020, 12:00 PM.

Tender documents can be obtained from the undersigned during office hours on payment of prescribed tender fee, by DD in favour of Mineral Exploration Corporation Ltd., payable at SBI, Bolangir, Odisha. Sealed tenders, IN TWO PARTS, subscribing tender number & opening date shall be addressed and posted to the undersigned or deposited in the tender box kept in the office of Project Manager of MECL. Tenders shall be received up to 2.30 PM on 22-04-2020 and Part-1 tender shall be opened on the same day at 3.00 PM on 22-04-2020 in the presence of attending tenderers. Firms registered with DGS&D/ NSIC/ MSME (for the product for which they are registered are exempted from payment of EMD and Tender Fee. MECL reserves the right to accept or reject any or all tenders without assigning any reasons thereof. Public procurement policy for Micro and Small Enterprises (MSEs) as per Government of India guideline shall be applicable.

**PROJECT MANAGER, MECL, BOLANGIR PROJECT**

**ସଂକ୍ଷେପରେ**

## ନିୟମ ଉଲ୍ଲଂଘନ: ୬ ଦୋକାନ ସିଲ୍

**ଖୋର୍ଦ୍ଧା ଅଫିସ, ୭।୪:** କୋଭିଡ ୧୯ ଭୂତାଣୁ ସଂକ୍ରମଣ ରୋକିବା ଲାଗି ପ୍ରଶାସନ ପକ୍ଷରୁ ସମସ୍ତ ଦୋକାନ ବଜାର ବନ୍ଦ କରାଯାଇଛି। କେବଳ ଅତ୍ୟାବଶ୍ୟକ ସାମଗ୍ରୀ ବ୍ୟତୀତ ଅନ୍ୟ କୌଣସି ଦୋକାନ ଖୋଲା ନ ରଖିବା ଲାଗି ପ୍ରଶାସନର କଡା ତାଗିଦ ସତ୍ତ୍ୱେ ଏହାକୁ ଉଲ୍ଲଂଘନ କରାଯାଉଛି। ଦୋକାନ ଖୋଲା ରଖିବା ଅଭିଯୋଗରେ ଖୋର୍ଦ୍ଧା ପୌର ପ୍ରଶାସନ ୬ଟି ଦୋକାନକୁ ସିଲ କରିଛନ୍ତି। ଏଥିମଧ୍ୟରୁ ଗୁରୁଜଙ୍ଗ, ମୁକୁନ୍ଦପ୍ରସାଦ ଏବଂ ଖୋର୍ଦ୍ଧାରୁ ୨ଟି ଲେଖାଏ ଦୋକାନ ରହିଛି। ଚାହା ଓ ପାନଦୋକାନ ସମେତ ୨ଟି ଉଠାଦୋକାନ ରହିଛି। ଏହି ଦୋକାନଗୁଡ଼ିକୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ସିଲ କରାଯାଇଛି।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦାନ

**ଗୋପ, ୭।୪(ଡି.ଏନ୍.ଏ):** କରୋନା ମୁକାବିଲା ପାଇ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଗୋପ ବ୍ଲକ ଅଧିନ ମହଲପଡ଼ା ଗ୍ରାମପଞ୍ଚାୟତ ପକ୍ଷରୁ ୧୦ ହଜାର ଟଙ୍କା ଦାନ କରାଯାଇଛି। ମଙ୍ଗଳବାର ସମିତି ସଭ୍ୟା ଅନ୍ନପୂର୍ଣ୍ଣା ନାୟକ, ପୂର୍ବତନ ସରପଞ୍ଚ ରବିନାରାୟଣ ପତି ଏବଂ ପଞ୍ଚାୟତର ବିଜେଡି ସଭାପତି ନରେଶ ଜେନା ପ୍ରମୁଖ ଏହି ଅର୍ଥରାଶିର ଚେକ୍ ବିଡିଓଙ୍କୁ ପ୍ରଦାନ କରିଥିଲେ। ଏହି ସମୟରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ତହସିଲଦାର ପୃଥ୍ୱୀରାଜ ମଣ୍ଡଳ, ଗୋପ ଥାନା ଅଧିକାରୀ ସୁଧିର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଖୋର୍ଦ୍ଧା ଜିଲା ଚୁକ୍ତିଭିତ୍ତିକ ଶିକ୍ଷକ ସଂଘର ସହାୟତା

**ଖୋର୍ଦ୍ଧା ଅଫିସ, ୭।୪:** କରୋନା ମୁକାବିଲା ପାଇଁ ଖୋର୍ଦ୍ଧା ଜିଲା ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨୬ ,୧୩୨ ଟଙ୍କା ଏବଂ ପ୍ରଧାନମନ୍ତ୍ରୀ କେୟାର ପାଣ୍ଠିକୁ ୧୦,୦୦୦ ଟଙ୍କା ପ୍ରଦାନ କରାଯାଇଛି। ସଂଘ ସଭାପତି ମାନସ କୁମାର ସେଠୀ ଜିଲାର ବିଭିନ୍ନ ସଙ୍ଗଠନକୁ ଏଭଳି ବିପର୍ଯ୍ୟୟର ମୁକାବିଲା କରିବା ପାଇଁ ଅଣ୍ଟା ଭିଡ଼ିବା ଏବଂ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ପାଣ୍ଠିକୁ ମୁକ୍ତ ହସ୍ତରେ ଦାନ କରିବା ପାଇଁ ନିବେଦନ କରିଛନ୍ତି। ଜିଲା କୋଷାଧ୍ୟକ୍ଷ ରଶ୍ମିରଞ୍ଜନ ସାହୁ, କାର୍ଯ୍ୟକାରୀ ସଭାପତି ପ୍ରଦୀପ୍ତ ବେହେରା, ସମ୍ପାଦକ ମୋନାଲିସା ସାମଲ, ଉପସଭାପତି ସୁଜିତ ଦଳାଇ, ଚନ୍ଦନ ରଣା ପ୍ରମୁଖ ଏଥିପାଇଁ ଜିଲାର ଚୁକ୍ତିଭିତ୍ତିକ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ଆଜି ନରେନ୍ଦ୍ରରୁ କଢ଼ାଯିବ ଡଙ୍ଗା

**ପୁରୀ ଅଫିସ,୭।୪:** ଆସନ୍ତା ୨୬ ତାରିଖରୁ ଆରମ୍ଭ ହେବ ମହାପ୍ରଭୁଙ୍କ ଚନ୍ଦନଯାତ୍ରା। ଚନ୍ଦନଯାତ୍ରାରେ ମହାପ୍ରଭୁ ପବିତ୍ର ନରେନ୍ଦ୍ର ପୁଷ୍କରିଣୀରେ ଚାପ ଖେଳିବେ। ତେଣୁ ଠାକୁରଙ୍କର ନନ୍ଦା ଓ ଭଦ୍ରା ଚାପ ନିର୍ମାଣ ନିମନ୍ତେ ଆରମ୍ଭ ହୋଇଯାଇଛି ପ୍ରସ୍ତୁତି। ପରମ୍ପରା ମୁତାବକ ନରେନ୍ଦ୍ର ପୁଷ୍କରିଣୀ ମଧରେ ବୁଡ଼ାଯାଇଥିବା ୫ଡଙ୍ଗାକୁ ଚୈତ୍ର ପୂର୍ଣ୍ଣିମାରେ କଢାଯାଇଥାଏ। ତେଣୁ ବୁଧବାର ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ଭୋଇ ସେବକମାନେ ନରେନ୍ଦ୍ର ପୁଷ୍କରିଣୀ ମଧରୁ ଡଙ୍ଗା କାଢ଼ିବେ। ଏହାପରେ ଆବଶ୍ୟକ ମରାମତି ଏବଂ ରଙ୍ଗ ଦିଆଯାଇ ନନ୍ଦା ଏବଂ ଭଦ୍ରା ଚାପ ତିଆରି କରାଯିବ।

# ବିପଦ ବେଳର ବନ୍ଧୁ ସାହିଭାଇ

ମାନବ ସେବା ହିଁ ମାଧବ ସେବା। ଏଭଳି ଉକ୍ତିଠାରୁ ସେମାନେ ଟିକେ ଊର୍ଦ୍ଧ୍ୱରେ। କେବଳ ମାନବ ସେବା ନୁହେଁ, ପଶୁପକ୍ଷୀଙ୍କ ସେବାକୁ ବି ସେମାନେ ବ୍ରତ ଭାବେ ଧରିନେଇଛନ୍ତି। ସେବା ହେଉଛି ତାଙ୍କ ଧର୍ମ, ସାହାଯ୍ୟ ସେମାନଙ୍କ ସହଜାତ ପ୍ରବୃତ୍ତି। ଭୋକିଲା ମୁହଁରେ ହସ ଫୁଟାଇପାରିଲେ ଜୀବନ ସାର୍ଥକ ବୋଲି ସେମାନେ ଅନୁଭବ କରିଥାନ୍ତି। ସମାଜର ଦୁର୍ବଳ ଶ୍ରେଣୀର ଲୋକଙ୍କୁ ସର୍ବଦା ସାହାଯ୍ୟ ଓ ସହଯୋଗର ହାତ ବଢାଇ ଆସୁଥିବା ଏହିଭଳି ଏକ ଅନୁଷ୍ଠାନ ହେଉଛି ସାହିଭାଇ। **ପୁରୀ ଅଫିସ,୭।୪:** କରୋନା ଭୂତାଣୁ ସଂକ୍ରମଣ ରୋକିବା ଲାଗି ଦେଶରେ ୨୧ ଦିନିଆ ଲକ୍‌ଡାଉନ ଚାଲିଛି। ଏହି ଘୋଷଣା ପରେ ବନ୍ଦ ହୋଇଯାଇଛି ଦୋକାନ ବଜାର, ହୋଟେଲ, ଜଳଖିଆ ଦୋକାନ। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ସମସ୍ତେ ସମସ୍ୟାରେ ପଡ଼ିଛନ୍ତି। ଅନେକ ନିରାଶ୍ରୟ, ଗରିବ ଓ ଦିନମଜୁରିଆ ପେଟକୁ ଦିମୁଠା ଖାଇବା ପାଇଁ ସଂଘର୍ଷ କରୁଥିବାବେଳେ ରାସ୍ତାରେ ବୁଲୁଥିବା ଗାଈ, ଷଣ୍ଢ, କୁକୁର, ମାଙ୍କଡ଼ ପ୍ରଭୃତି ପଶୁପକ୍ଷୀଙ୍କ ଅବସ୍ଥା କହିଲେ ନ ସରେ। ଭୋକରେ ସେମାନେ ଆଉଟୁ ପାଉଟୁ ହେଉଛନ୍ତି। ଏଣେତେଣେ ଘୂରି ବୁଲୁଛନ୍ତି। ହେଲେ ଏଭଳି ବିପଦ ସମୟରେ ସେମାନଙ୍କ ପାଇଁ ଦେବଦୂତ ସାଜିଛି ସାହିଭାଇ ଅନୁଷ୍ଠାନ। ବୁଲା ଗାଈ, ଷଣ୍ଢ, କୁକୁର, ମାଙ୍କଡ଼ ଏପରି କି



**ରାସ୍ତାରେ ବୁଲି ବୁଲି ବାଣ୍ଟୁଛନ୍ତି ଖାଦ୍ୟ**

**କୁକୁର, ମାଙ୍କଡ଼, ଗାଈ, ଷଣ୍ଢଙ୍କ ମେଣ୍ଟୁଛି ଭୋକ**

ଅସହାୟ ମଣିଷଙ୍କୁ ବୁଲି ବୁଲି ଖାଇବାକୁ ଦେଉଛନ୍ତି। ସବୁଠୁ ବଡ଼କଥା ହେଉଛି ଅନ୍ୟମାନଙ୍କଠାରୁ ମାଗିଯାଚି ଆଣି ଭୋକିଲାଙ୍କ ମୁହଁରେ ହସଫୁଟାଉଛି ସାହିଭାଇ। ବିପଦର ପ୍ରକୃତ ବନ୍ଧୁ ପାଲଟିଛି ଶ୍ରୀକ୍ଷେତ୍ରର ଏହି ଅନୁଷ୍ଠାନ।

ସାହିଭାଇ ପୁରୀର ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ। ପ୍ରାୟ ୫ବର୍ଷ ହେବ ବିଭିନ୍ନ ପ୍ରକାର ସାମାଜିକ ସେବା କରିଆସୁଛି ଏହି ଅନୁଷ୍ଠାନ। ସ୍ୱର୍ଗଦ୍ୱାରରେ ଶବଦାହ ହେଉ କି ରାସ୍ତାରେ ଅସୁସ୍ଥ ହୋଇପଡ଼ିଥିବା ବୁଲା ଗାଈ, ଷଣ୍ଢ ହୁଅନ୍ତୁ ଅବା ରଥଯାତ୍ରା ସମୟରେ ଶାନ୍ତିଶୃଙ୍ଖଳା ରକ୍ଷାସହ ବିଭିନ୍ନ ପ୍ରକାର ସାମାଜିକ ସେବା କାର୍ଯ୍ୟକୁ ବେଶ୍ ଭଲ ଭାବେ ସମ୍ପାଦନ କରିଥାନ୍ତି ଏହାର ସଦସ୍ୟମାନେ। ଏଥିପାଇଁ ବିଭିନ୍ନ ଅନୁଷ୍ଠାନ ଏବଂ ଜିଲା ପ୍ରଶାସନ ପକ୍ଷରୁ ସମ୍ମାନିତ ଏବଂ ପୁରସ୍କୃତ ହୋଇଥିବା ସାହିଭାଇ ଏବେ ଲକ୍‌ଡାଉନ ସମୟରେ ବି ସେବା କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିଛନ୍ତି। କରୋନା ଭୂତାଣୁକୁ ନେଇ ବର୍ତ୍ତମାନ ସମୟରେ ଲୋକେ ଘରୁ ବାହାରିବାକୁ ଭୟ କରୁଥିବାବେଳେ ସାହିଭାଇର ଚନ୍ଦ୍ରଶେଖର ମିଶ୍ର, ବ୍ରଜବନ୍ଧୁ ମହାରଣା, ଡ. ସୁରେନ୍ଦ୍ର କୁମାର ମିଶ୍ର, ସନ୍ତୋଷ ଶେଖର ମହାନ୍ତି, ଗୋପୀନାଥ ଦାସ, ସୁରେଶ କର ପ୍ରମୁଖ ସଦସ୍ୟ ବିଭିନ୍ନ ଗଳିକନ୍ଦି ବୁଲି କୁକୁର, ମାଙ୍କଡ଼, ଗାଈ, ଷଣ୍ଢ ଓ ଅସହାୟଙ୍କ ଭୋକିଲା ମୁହଁରେ ଦାନା ଦେଉଛନ୍ତି।

ଅନୁଷ୍ଠାନର ସନ୍ତୋଷ ଶେଖର ମହାନ୍ତିଙ୍କ ସୂଚନା ମୁତାବକ, ରାତିରେ ବୁଲି ବୁଲି କୁକୁର, ମାଙ୍କଡ଼, ଗାଈ, ଷଣ୍ଢ ଓ ଅସହାୟ ବ୍ୟକ୍ତିଙ୍କୁ ଖାଇବାକୁ ଦିଆଯାଉଛି। କୁକୁରଙ୍କୁ ଚିକେନ ବିରିୟାନୀ, ଗାଈ, ଷଣ୍ଢଙ୍କୁ ଗରମପେୟ, ଚୂନି, କୁଣ୍ଡା ଓ ପାଣି, ମାଙ୍କଡ଼ଙ୍କୁ ବିସ୍କୁଟ ଓ ଚିନାବାଦାମ ଏବଂ ଅସହାୟ ମଣିଷଙ୍କୁ ରୁଟି ତରକାରି ଦିଆଯାଉଛି। ପ୍ରତିଦିନ ୪୦୦ କୁକୁରଙ୍କ ପାଇଁ ଚିକେନ ବିରିୟାନୀ ପ୍ରସ୍ତୁତ କରାଯାଉଛି। ବାଇକ୍ ଏବଂ ଏକ ଇ-ଅଟୋ ମାଧ୍ୟମରେ ସ୍ୱର୍ଗଦ୍ୱାରଠାରୁ ଷ୍ଟର୍ଲିଂ, ବଡ଼ଦାଣ୍ଡରେ ଶ୍ରୀମନ୍ଦିର କାର୍ଯ୍ୟାଳୟଠାରୁ ମେଡିକାଲ ଛକ, ସିଟି ରୋଡରୁ ଭୂଦାନ ଏବଂ ଭୂଦାନରୁ ରେଳ ଫାଟକ ପର୍ଯ୍ୟନ୍ତ ବୁଲି ବୁଲି କୁକୁରମାନଙ୍କୁ ଖାଇବାକୁ ଦିଆଯାଉଛି। ସେହିପରି ରାସ୍ତାରେ ବୁଲୁଥିବା ଗାଈ, ଷଣ୍ଢଙ୍କୁ ଖାଇବାକୁ ଦିଆଯାଉଥିବା ବେଳେ ପ୍ରତିଦିନ ପ୍ରାୟ ୪୦ରୁ ୫୦ଜଣ ଅସହାୟ ବ୍ୟକ୍ତିଙ୍କୁ ରୁଟି ତରକାରି ଦିଆଯାଉଛି। ମାଙ୍କଡ଼ଙ୍କୁ ବିସ୍କୁଟ ଖାଇବାକୁ ଦିଆଯାଉଛି। ଆରମ୍ଭରୁ ଅନୁଷ୍ଠାନ ସଦସ୍ୟ ମାଗିଯାଚି ଏପରି ମହତ କାର୍ଯ୍ୟକୁ ଆଗେଇ ନେଉଥିଲେ। ଏବେ ସହରର କେତେଜଣ ସହୃଦୟ ବ୍ୟକ୍ତି ବିଭିନ୍ନ ପ୍ରକାର ସାମଗ୍ରୀ ମଧ୍ୟ ଯୋଗାଇ ଦେଉଛନ୍ତି, ଯାହାଫଳରେ ଏହି ମହତ ସେବା କାର୍ଯ୍ୟ କରିବାକୁ ଆମମାନଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଛି ବୋଲି ଶେଖର କହିଛନ୍ତି।

# ନିର୍ଦ୍ଧାରିତ ଦରରୁ ଅଧିକ ନେଲେ କାର୍ଯ୍ୟାନୁଷ୍ଠାନ

**ଖୋର୍ଦ୍ଧା ଅଫିସ, ୭।୪**

- ଖୁଚୁରା ବଜାର ଉପରେ ପ୍ରଶାସନର ନଜର
- ଖାଉଟି କରିପାରିବେ ଅଭିଯୋଗ

ଲକ୍‌ଡାଉନ ସମୟରେ କେତେଜଣ କଳାବଜାରୀ ଖୁଚୁରା ବଜାରରେ ଅତ୍ୟାବଶ୍ୟକ ସାମଗ୍ରୀ କଳାବଜାର କରୁଥିବା ବିଭିନ୍ନ ଗଣମାଧ୍ୟମରେ ଖବର ପରିବେଷଣ ପରେ ଜିଲା ପ୍ରଶାସନର ଚେତା ପଶିଛି। ଖୁଚୁରା ବଜାରରେ ଦର ସୁବ୍ୟବସ୍ଥିତ ଉଦ୍ଦେଶ୍ୟରେ ବ୍ୟବସାୟୀ ସଂଘ ସହ ଆଲୋଚନା ପରେ ପାଇକାରୀ ଓ ଖୁଚୁରା ଦର ନିର୍ଦ୍ଧାରଣ କରାଯାଇଛି। କୌଣସି ବେପାରୀ ଧାର୍ଯ୍ୟ ଦରଠାରୁ ଅଧିକ ଟଙ୍କାରେ ସାମଗ୍ରୀ ବିକ୍ରି କରୁଥିବା ଅଭିଯୋଗ ଆସିଲେ ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଶୀତାଂଶୁ ରାଉତ କହିଛନ୍ତି। ସେ କହିଛନ୍ତି, କୌଣସି ବେପାରୀ ଅଧିକ ଦରରେ ସାମଗ୍ରୀ ବିକ୍ରି କଲେ, ଖାଉଟିମାନେ ସମ୍ପୃକ୍ତ ଥାନା ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଯୋଗାଣ ନିରୀକ୍ଷକ କିମ୍ବା ଏନଫୋର୍ସମେଣ୍ଟ ଅଫିସରଙ୍କ ଦୃଷ୍ଟି ଆକର୍ଷଣ କରିପାରିବେ। ଏ ନେଇ ସହକାରୀ ଯୋଗାଣ ଅଧିକାରୀ ଅଜୟ କୁମାର ରଥ କହିଛନ୍ତି, ନିର୍ଦ୍ଧାରିତ ଦର ଉପରେ ନଜର ରଖିବା ଲାଗି ସମସ୍ତ ବ୍ଲକ ଯୋଗାଣ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ନିର୍ଦ୍ଧାରିତ ଦର ତାଲିକା ମଧ୍ୟରେ ହରଡ ଡାଲି ପାଇକାରୀ (ଶହେ କି.ଗ୍ରା ପିଛା) ଦର ୮୮ଶହ ଟଙ୍କା ରହିଥିବା ବେଳେ ଖୁଚୁରା ଦର କେଜି ପିଛା ୯୨ଟଙ୍କା ରଖାଯାଇଛି। ସେହିପରି ମୁଗ ଡାଲି ପାଇକାରୀ ଦର ୧୦ ହଜାର ଏବଂ ଖୁଚୁରା ଦର କେଜି ପିଛା ୧୦୫, ବୁଟ ଡାଲି ପାଇକାରୀ ୬୪ଶହ ଓ କେଜି ପିଛା ୬୮, ବିରି ଡାଲି ପାଇକାରୀ ୯୨ଶହ ଓ କେଜି ପିଛା ୯୬ ଟଙ୍କା, ଅଟା ପାଇକାରୀ ଦର ୨୭୫୦ ରହିଥିବା ବେଳେ ଖୁଚୁରାରେ କେଜି ପିଛା ୩୨ ଟଙ୍କାରେ ବିକ୍ରି ହେବ। ସେହିପରି ମଇଦା ପାଇକାରୀ ୨୮ଶହ ଓ କେଜି ପିଛା ୩୩ ଟଙ୍କା ରହିଛି। ସୁଜି ପାଇକାରୀ ୨୯ଶହ ଓ ଖୁଚୁରାରେ କେଜି ପିଛା ୩୩ ଟଙ୍କା, ଆଳୁ ପାଇକାରୀ ୧୫ଶହ ଓ ଖୁଚୁରାରେ କେଜି ପିଛା ୧୯ ଟଙ୍କା, ପିଆଜ ପାଇକାରୀ ୨୪ଶହ ଟଙ୍କା ରହିଥିବା ବେଳେ ଖୁଚୁରାରେ କେଜି ପିଛା ୨୯ ଟଙ୍କା, ଚୁଡା ପାଇକାରୀ ୨୬ ଟଙ୍କା ଓ ଖୁଚୁରାରେ କେଜି ପିଛା ୩୦ଟଙ୍କା, ଚିନି ପାଇକାରୀ ୩୮୫୦ ଓ ଖୁଚୁରାରେ କେଜି ପିଛା ୪୨ଟଙ୍କା ଏବଂ ସୋରିଷ ତେଲ ପାଇକାରୀ ଦର ଲିଟର ପାଉଚ ୧୧୨ ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ ଖୁଚୁରାରେ ଲିଟର ପିଛା ୧୧୭ ଏବଂ ପାମ ଅଏଲ ଲିଟର ପିଛା ୮୧ ଓ ଖୁଚୁରାରେ ଲିଟର ପିଛା ୮୫ ଟଙ୍କାରେ ବିକ୍ରି ଲାଗି ଦର ଧାର୍ଯ୍ୟ କରାଯାଇଛି।

## ଦୟଣା ଲାଗି ହେଲେ ମହାପ୍ରଭୁ

**ପୁରୀ ଅଫିସ,୭।୪:** ଚୈତ୍ର ଶୁକ୍ଳ ତ୍ରୟୋଦଶୀରେ ରାମକୃଷ୍ଣ ଦୟଣା ଚୋରି କରିଥିଲେ। ମଦନମୋହନ, ଶ୍ରୀଦେବୀ, ଭୂଦେବୀ ଭୋଗମଣ୍ଡପ ଘରେ ବନ୍ଧା ପଡ଼ିଥିଲେ। ଚୈତ୍ର ଶୁକ୍ଳ ଚତୁର୍ଦ୍ଦଶୀରେ ସେମାନେ ମୁକ୍ତ ହୋଇଥିଲେ। ଶ୍ରୀଜଗନ୍ନାଥ, ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କୁ ଦୟଣା ଲାଗି କରାଯାଇଥିଲା। ମଙ୍ଗଳବାର ଶ୍ରୀମନ୍ଦିରରେ ସକାଳ ଧୂପ ସରିବା ପରେ ଠାକୁରଙ୍କ ମହାସ୍ନାନ ହୋଇଥିଲା। ପୂଜାପଣ୍ଡା ସାମନ୍ତ, ପତି ମହାପାତ୍ର ଏବଂ ମୁଦିରସ୍ତ ଘଟୁଆରୀ ଘରଠାରୁ ରୁପା ପିଙ୍ଗଣରେ ଚନ୍ଦନ ରତ୍ନସିଂହାସନକୁ ବିଜେ କରାଇ ସର୍ବାଙ୍ଗ ଲାଗି କରାଇଥିଲେ। ଏହାପରେ ନୂଆ ଲୁଗା ଲାଗି ହୋଇ ବେଶ ବଢିଥିଲା। ଛଅ ମୂର୍ତ୍ତି ଅଳଙ୍କାର ଲାଗି କରାଯାଇଥିଲା। ପଣ୍ଡା, ପତି, ମୁଦିରସ୍ତ ଭୋଗମଣ୍ଡପ ଘରକୁ ଯାଇଥିଲେ। ତିନି ପୁଷ୍ପାଳକ ତିନିବାଡ଼ ଚାଙ୍ଗୁଡି ଧରିଥିଲେ। ମହାଜନ ସେବକମାନେ ମଦନମୋହନ, ଭୂଦେବୀ, ଶ୍ରୀଦେବୀଙ୍କୁ ହାତରେ ବିଜେ କରାଇ ଘଣ୍ଟ, ଛତା, କାହାଳୀ ସହିତ ବଡ଼ଦେଉଳକୁ ୩ ଘେରା ପରିକ୍ରମା କରି ରତ୍ନସିଂହାସନରେ ବିଜେ କରାଇଥିଲେ। ତିନିଠାକୁରଙ୍କୁ ଦୟଣା ଲାଗି ହୋଇଥିଲା। ମୁଦିରସ୍ତ ପ୍ରସାଦ ଲାଗି କଲା ପରେ ତିନିଜଣ ପୂଜାପଣ୍ଡା ଷୋଡ଼ଶ ଉପଚାରରେ ଭୋଗ କରିଥିଲେ। ପାଣି ପଡ଼ି ବନ୍ଦାପନା ହେବା ପରେ ଠାକୁରଙ୍କୁ ଲାଗି ଦୟଣା ମଇଲମ ହୋଇ ନଅରକୁ ପଠାଯାଇଥିଲା। ମଦନମୋହନ ଦକ୍ଷିଣୀ ଘର ବିଜେ କରିବା ପରେ ଭୋଗମଣ୍ଡପ ସମ୍ପନ୍ନ ହୋଇ ଦୈନନ୍ଦିନ ନୀତି ବଢିଥିଲା।

## ଗ୍ରାମକୁ ସାନିଟାଇଜ୍ କଲେ ସମିତିସଭ୍ୟ

**ପିପିଲି, ୭।୪(ସ୍ୱ.ପ୍ର.):** ପିପିଲି ବ୍ଲକ ତେଇଶିପୁର ପଞ୍ଚାୟତର ନୁଆଗୋଡ଼ି, ନିର୍ମଳା, କାଙ୍କନଡୁଆ ପ୍ରଭୃତି ଗ୍ରାମକୁ ସାନିଟାଇଜ କରାଯାଇଛି। ତେଇସିପୁର ସମିତିସଭ୍ୟ ଧରଣୀଧର ସାହୁ ଗ୍ରାମର ଯୁବକମାନଙ୍କୁ ସାଥୀରେ ଧରି ରାସ୍ତାରେ ବ୍ଲିଚିଂ ପକାଇବା ସହ ସ୍ପ୍ରେ ମେଶିନ ମାଧ୍ୟମରେ ସାନିଟାଇଜ କରିଥିଲେ। ଏଥିସହ ଘର ଘର ବୁଲି ସମସ୍ତେ ସଚେତନ ହେବା ଏବଂ ସାମାଜିକ ଦୂରତା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ସେହିପରି ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ କୁମାର ସାହୁ, ଜିଆର୍‌ଏସ୍ ପ୍ରକାଶ ଚନ୍ଦ୍ର ଦାଶ, ଶିକ୍ଷକ ଶ୍ରୀଧର ପ୍ରଧାନ, ଅଙ୍ଗନୱାଡ଼ି କର୍ମୀ ସାଗରିକା ସାହୁ ପ୍ରମୁଖ ପୋଡଙ୍ଗ ଗ୍ରାମରେ ଘର ଘର ବୁଲି ରାଶନ କାର୍ଡଧାରୀମାନଙ୍କୁ ସରକାରଙ୍କ ପକ୍ଷରୁ ମିଳିଥିବା ଏକ ହଜାର ଟଙ୍କା ଲେଖାଏ ବଣ୍ଟନ କରିଥିଲେ।

## ଲୋକଙ୍କୁ ସଚେତନ କଲେ ଗଣଶିକ୍ଷା ମନ୍ତ୍ରୀ



**ଗୋପ, ୭।୪(ଡି.ଏନ.ଏ)**

ନିମାପଡ଼ା ବିଧାୟକ ତଥା ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମଙ୍ଗଳବାର ପୂର୍ବାହ୍ନରେ ଗୋପଠାରେ ଲୋକଙ୍କୁ କରୋନା ନେଇ ସଚେତନ କରାଇଛନ୍ତି। ସରକାରଙ୍କ ନିର୍ଦ୍ଦେଶ ମାନିବା ସହ ଘରୁ ନ ବାହାରିବା ଲାଗି ସେ ସମସ୍ତଙ୍କୁ ବୁଝାଇଛନ୍ତି। ପ୍ରକାଶ ଯେ, ଗୋପ ବ୍ଲକର ବିଭିନ୍ନ ସ୍ଥାନରେ ଲୋକେ ବାହାରକୁ ବାହାରିବା ସହିତ ଗାଡ଼ିରେ ବୁଲାବୁଲି କରୁଥିବା ଅଭିଯୋଗ ଆସୁଥିଲା। ଏହି କ୍ରମରେ ମନ୍ତ୍ରୀ ଗୋପ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓ ଦୀପ୍ତିରାଣୀ ଦାସ, ତହସିଲଦାର ପୃଥ୍ୱୀରାଜ ମଣ୍ଡଳ, ଥାନା ଅଧିକାରୀ ସୁଧିର କୁମାର ସାହୁଙ୍କ ସମେତ ଅନ୍ୟ କେତେଜଣ ଅଧିକାରୀଙ୍କୁ ଡାକି ଏକ ବୈଠକ କରିଥିଲେ। ଜନସାଧାରଣ କିପରି ସାମାଜିକ ଦୂରତା ବଜାୟ ରଖିବେ, ଲୋକେ କିପରି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପାଉଛନ୍ତି ସେ ସମ୍ପର୍କରେ ପଚାରି ବୁଝିଥିଲେ। ଗୋପ ବଜାର ପରିବା ହାଟକୁ ସପ୍ତାହରେ ୩ଦିନ ଖୋଲିବା ଲାଗି କହିବା ସହ ଅମାନିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ମନ୍ତ୍ରୀ ଗୋପ ବ୍ଲକ ଛକରେ ବାଇକ୍, ସାଇକେଲ ଓ ଚାଲିଚାଲି ଯାଉଥିବା ଲୋକଙ୍କୁ ସାମାଜିକ ଦୂରତ୍ୱ ରଖିବା ସମ୍ପର୍କରେ ବୁଝାଇଥିଲେ।

## କ୍ୱାରାଣ୍ଟାଇନ ସେଣ୍ଟର ପରିଦର୍ଶନ କଲେ ପିଡି

**ନିମାପଡ଼ା, ୭।୪(ଡି.ଏନ.ଏ)**

ପୁରୀ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ବିଶାଲ ସିଂ ମଙ୍ଗଳବାର ନିମାପଡ଼ା ବ୍ଲକ ଗସ୍ତରେ ଆସି ଭିଲିଗ୍ରାମ, ଭୋଗଶାଳଦା, ହରିପୁର ଓ ତେରୁଣ୍ଡିଆ ପଞ୍ଚାୟତରେ ଖୋଲା ଯାଇଥିବା କ୍ୱାରାଣ୍ଟାଇନ ସେଣ୍ଟର ପରିଦର୍ଶନ କରିଛନ୍ତି। ତେରୁଣ୍ଡିଆ ପଞ୍ଚାୟତ ସମେତ ବିଭିନ୍ନ ପଞ୍ଚାୟତରେ ରାଶନ କାର୍ଡଧାରୀଙ୍କୁ ସାମଗ୍ରୀ ଓ ୧ହଜାର ଟଙ୍କା ସରକାରୀ ସହାୟତା ପ୍ରଦାନ କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ। ଏହି ଅବସରରେ ସେ ବ୍ଲକ ଅଫିସରେ କରୋନା ସଂକ୍ରମଣ ସ୍ଥିତିର ସମୀକ୍ଷା କରିଥିଲେ। ବ୍ଲକର ୩୪ହଜାର ୧ ଶହ ଶ୍ରମିକଙ୍କୁ ୧୫ଶହ ଟଙ୍କା ଲେଖାଏ ସହାୟତା ଦେବାକୁ ବିଡିଓ ମନୋଜ ବେହେରାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକରେ ୪୨ହଜାର ରାଶନ କାର୍ଡଧାରୀଙ୍କ ମଧ୍ୟରୁ ୩୦ହଜାର ହିତାଧିକାରୀଙ୍କୁ ୧ହଜାର ଟଙ୍କା ଓ ୩ଶହ ନିର୍ମାଣ ଶ୍ରମିକଙ୍କୁ ୧୫ଶହ ଟଙ୍କା ଲେଖାଏ ସହାୟତା ଦିଆଯାଇଛି ବୋଲି ବିଡିଓ କହିଛନ୍ତି। ବୈଠକରେ ତହସିଲଦାର ଚନ୍ଦ୍ରକାନ୍ତ ମଲ୍ଲିକ, ସିଡିପିଓ କୁମୁଦିନୀ ମିଶ୍ର, ଯୋଗାଣ ନିରୀକ୍ଷକ ଶୁଭାଶିଷ ଜେନାଙ୍କ ସମେତ କନିଷ୍ଠଯନ୍ତ୍ରୀ, ପିଇଓମାନେଉପସ୍ଥିତଥିଲେ।

# ତୋଟାପଡ଼ାରେ ଗୋଷ୍ଠୀ ସଂଘର୍ଷ

**ଖୋର୍ଦ୍ଧା ଅଫିସ, ୭।୪**

- ଯୁକ୍ତିତର୍କରୁ ହାତାହାତି, ଟେକାପଥର ମାଡ଼
- ଉଭୟ ପକ୍ଷର ୯ ଅଟକ
- ୧୪୪ ଧାରା ଜାରି
- ୨ ପ୍ଲାଟୁନ ଫୋର୍ସ ମୁତୟନ

ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ତୋଟାପଡ଼ାରେ ମଙ୍ଗଳବାର ଅପରାହ୍ନରେ ଗୋଷ୍ଠୀ ସଂଘର୍ଷ ଘଟିଛି। କୌଣସି କାରଣକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଉଭୟ ପକ୍ଷ ମଧ୍ୟରେ ଧସ୍ତାଧସ୍ତି ଓ ଟେକାପଥର ମାଡ଼ ହୋଇଥିଲା। ଫଳରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବର ପାଇ ଉପଜିଲାପାଳ ଶାନ୍ତନୁ ମହାନ୍ତି, ତହସିଲଦାର ଶୁଭେନ୍ଦୁ କୁମାର ସାମଲ, ଆରକ୍ଷୀ ଅଧୀକ୍ଷକ ଅଜୟ ପ୍ରତାପ ସ୍ୱାଇଁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କୃତ୍ତିବାସ ଜେନା, ଏସ୍‌ଡିପିଓ ସୁଶୀଲ କୁମାର ମିଶ୍ର, ଥାନାଧିକାରୀ ଉମାଶଙ୍କର ସିଂ ପ୍ରମୁଖ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ଉପଜିଲାପାଳ ସେଠାରେ ୧୪୪ ଧାରା ଜାରି କରିଛନ୍ତି। ପୋଲିସ ଉଭୟ ପକ୍ଷରୁ ୯ଜଣଙ୍କୁ ନେଇ ଥାନାରେ ଅଟକ ରଖିଛି। ଘଟଣାସ୍ଥଳରେ ୨ ପ୍ଲାଟୁନ ଫୋର୍ସ ମୁତୟନ ରହିଛନ୍ତି।

ସୂଚନା ଅନୁଯାୟୀ, କରୋନା ଭାଇରସ୍ ଭୂତାଣୁ ସଂକ୍ରମଣ ରୋକାଯିବା ନେଇ ତୋଟାପଡ଼ାରେ ଆଲୋଚନା ଚାଲିଥିଲା। ଏହିସମୟରେ କୌଣସି କଥାକୁ ନେଇ ସେଠାରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ଉଭୟ ଗୋଷ୍ଠୀ ହାତାହାତି ହୋଇଥିଲେ। ତେବେ କିଛି ସମୟ ଲାଗି ଏହା ଥମିଯାଇଥିଲେ ମଧ୍ୟ ଉଭୟ ଗୋଷ୍ଠୀର ସମର୍ଥକମାନେ ପହଞ୍ଚି ଯିବାରୁ ଲଙ୍କାକାଣ୍ଡ ଘଟିଥିଲା। ଖବର ପାଇ ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଉଭୟ ପକ୍ଷରୁ ୯ଜଣଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଗ୍ରାମରେ ୧୪୪ ଧାରା ଜାରି କରାଯାଇଛି ଏବଂ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ ବୋଲି ଉପଜିଲାପାଳ ମହାନ୍ତି କହିଛନ୍ତି। ପରେ ଉଭୟ ପକ୍ଷଙ୍କୁ ନେଇ ଉପଜିଲାପାଳ ଆଦର୍ଶ ଥାନାରେ ଆଲୋଚନା କରିଛନ୍ତି। ଅନ୍ୟପକ୍ଷରେ ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି କହିଛନ୍ତି, ବର୍ତ୍ତମାନ ଲକ୍‌ଡାଉନ ଯୋଗୁ ସମସ୍ତ ଦୋକାନ ବଜାର ବନ୍ଦ ଥିବାବେଳେ ତୋଟାପଡା ଛକରେ କେତେକ ଲୋକ ବସି ଆଡ୍ଡା ଜମାଉଛନ୍ତି। ଏସ୍‌ପି କହିଛନ୍ତି, ଲକ୍‌ଡାଉନ ନିୟମ ଉଲ୍ଲଂଘନ କଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ପୋଲିସ ଏବଂ ଅନ୍ୟ ଅଧିକାରୀମାନେ ତୋଟାପଡ଼ା ଗ୍ରାମରେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

**ଫଟୋରେ ଖବର**



ପୁରୀରେ ଚୈତ୍ର ମାସ ଶେଷ ମଙ୍ଗଳବାର ଅବସରରେ ବ୍ରତଧାରୀ ମହିଳାମାନେ ସାମାଜିକ ଦୂରତା ପାଳନ କରି ପୂଜାର୍ଚ୍ଚନା କରୁଛନ୍ତି।



ପୁରୀ ଝାଡ଼େଶ୍ୱରୀ ଠାକୁରାଣୀଙ୍କଠାରେ ମାନସିକଧାରୀମାନେ ନିଆଁରେ ଚାଲୁଛନ୍ତି।



ପୁରୀ ଜିଲା ଡେଲାଙ୍ଗ ବ୍ଲକ ମଝିପଡ଼ା ପଞ୍ଚାୟତ ଡଙ୍କେରା ଗ୍ରାମରେ କରୋନା ସଂକ୍ରମଣରୁ ଲୋକଙ୍କୁ ସୁରକ୍ଷା ଦେବା ପାଇଁ ଏକ ପୋଖରୀ ତୁଠର ପାହାଚ ନିର୍ମାଣ କରାଯାଇଛି। ହେଲେ ଏଥିରୁ ଦଳ ବାହାର କରାଯାଇନଥିବାରୁ ଏହା ବ୍ୟବହାର ଯୋଗ୍ୟ ହୋଇପାରୁନାହିଁ।

# ଡବ୍ଲ୍ୟୁଏଚ୍‌ଓ ପ୍ରତିନିଧିଙ୍କ ସ୍ଥିତି ଅନୁଧ୍ୟାନ

■୨୪ ଜଣଙ୍କ ରକ୍ତ ନମୁନା ସଂଗ୍ରହ

■ନିଶ୍ଚିନ୍ତକୋଇଲିର ୧ ଓ ସାଲେପୁର ବ୍ଲକର ୨ ୱାର୍ଡ ସିଲ

କଟକ ଅଫିସ/ନିଶ୍ଚିନ୍ତକୋଇଲି/ସାଲେପୁର,୭।୪(ଡି.ଏନ.ଏ/ସ୍ୱ.ପ୍ର.)

ଯାଜପୁର ଜିଲା ବ୍ରହ୍ମବରଦାର କରୋନା ସଂକ୍ରମିତ କଟକ ଜିଲାକୁ ଆସିଥିଲେ। ଏକଥା ଜଣାପଡ଼ିବା ପରେ ଜିଲା ପ୍ରଶାସନ ପକ୍ଷରୁ ଜିଲା ଅଧୀନ ନିଶ୍ଚିନ୍ତକୋଇଲି ବ୍ଲକ ଜୟରାମପୁର ପଞ୍ଚାୟତର ୧ ନମ୍ବର ୱାର୍ଡ ଓ ସାଲେପୁର ବ୍ଲକ ମିର୍ଜାପୁର ପଞ୍ଚାୟତ ୧୨ ଏବଂ ୧୩ ନମ୍ବର ୱାର୍ଡକୁ ସଂକ୍ରମିତ ଅଞ୍ଚଳ ଭାବେ ଘୋଷଣା କରାଯିବା ସହ ସିଲ୍ କରାଯାଇଛି। ମଙ୍ଗଳବାର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍‌ଓ) ରାଜ୍ୟ ଶାଖାର ନୋଡାଲ ଅଫିସର ଦୀପକ କୁମାର କରଙ୍କ ନେତୃତ୍ୱରେ ଏକ ୫ ଜଣିଆ ଟିମ୍ ଜୟରାମପୁର ପଞ୍ଚାୟତର ୧ ନମ୍ବର ୱାର୍ଡରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେମାନେ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ସ୍ଥାନୀୟ ଗୋଷ୍ଠୀକେନ୍ଦ୍ରକୁ ପରାମର୍ଶ ଦେଇଛନ୍ତି। ଏହି ଗସ୍ତ ସମୟରେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡ. ଗଜେନ୍ଦ୍ର ଦାସ ଓ ସନ୍ତୋଷିନୀ ବେହେରା ଉପସ୍ଥିତ ଥିଲେ।


ଡବ୍ଲ୍ୟୁଏଚ୍‌ଓର ଓଡ଼ିଶା ଶାଖା ପ୍ରତିନିଧିମାନେ ବିଭିନ୍ନ ପଞ୍ଚାୟତର ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ସୋମବାର ୨୪ ଜଣଙ୍କ ସ୍ୱାବ୍‌ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅବଦଲ ଅଖତର ଏବଂ ଉପଜିଲାପାଳ ଶୁଭ୍ରାଂଶୁ ମିଶ୍ର ପ୍ରଥମେ ନିଶ୍ଚିନ୍ତକୋଇଲି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରୁ ବିଡିଓ କର୍ଣ୍ଣଦେବ ସମାଧାର ଓ ତହସିଲଦାର ଜିତେନ୍ଦ୍ର ପାତ୍ରଙ୍କ ସହ ମିଳିତଭାବେ ଜୟରାମପୁର ପଞ୍ଚାୟତର ୧ ନଂ. ୱାର୍ଡକୁ ଯାଇ ଲୋକଙ୍କୁ ବୁଝାଶୁଝା କରିଥିଲେ। ସମସ୍ତ ଲୋକଙ୍କୁ ଖାଦ୍ୟ ଓ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ଏକ ୭ଜଣିଆ ଡାକ୍ତରୀ ଟିମ୍ ଘରକୁ ଘର ବୁଲି ସ୍ୱାବ୍ ନମୁନା ସଂଗ୍ରହ କରିଥିଲେ। ସେଥିରେ ସାଲେପୁର ବ୍ଲକ୍‌ର ୧୦ଜଣ ଓ ନିଶ୍ଚିନ୍ତକୋଇଲି ବ୍ଲକ୍‌ର ୧୪ଜଣ ରହିଛନ୍ତି। ନମୁନାକୁ ପରୀକ୍ଷା ପାଇଁ କଟକ ଏସ୍‌ସିବିକୁ ପଠାଯାଇଛି। ମିର୍ଜାପୁର ପଞ୍ଚାୟତ ପକ୍ଷରୁ ଦୈନିକ ମୁଣ୍ଡପିଛା ୩ଶହ ଗ୍ରାମ ଚାଉଳ, ୨ଶହ ଗ୍ରାମ ଡାଲି ଓ ପନିପରିବା ୩ଦିନ ପାଇଁ ଯୋଗାଇ ଦିଆଯାଇଥିବା ମିର୍ଜାପୁର ସରପଞ୍ଚ ହରପ୍ରସନ୍ନ ବେହେରା ପ୍ରକାଶ କରିଛନ୍ତି।

ଜିଲା ପ୍ରଶାସନ ପକ୍ଷରୁ ଅଞ୍ଚଳକୁ ଯାନବାହନ ପ୍ରବେଶ ଏବଂ ପ୍ରସ୍ଥାନକୁ ବାରଣ କରାଯାଇଛି। ସମସ୍ତ ବାସିନ୍ଦାକୁ ଘରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅତ୍ୟାବଶ୍ୟକ ସାମଗ୍ରୀ ଏବଂ ଔଷଧ ଆଦି ବ୍ଲକ ପ୍ରଶାସନ ତରଫରୁ ଯୋଗାଇ ଦିଆଯାଉଛି। ନୋଡାଲ୍ ଅଧିକାରୀ ଭାବେ ନିଶ୍ଚିନ୍ତକୋଇଲି ବିଡିଓ ଏବଂ ସାଲେପୁର ବିଡିଓ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ଦାୟିତ୍ୱରେ ରହିଛନ୍ତି। ନିଶ୍ଚିନ୍ତକୋଇଲି ତହସିଲଦାର୍ ଏବଂ ସାଲେପୁର ତହସିଲଦାର୍ ଆଇନ ଶୃଙ୍ଖଳା ଏବଂ ଡାକ୍ତରୀ ଦଳଙ୍କୁ ନିଯୁକ୍ତି ଦାୟିତ୍ୱ ନେଇଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଦିଗରେ ପଦକ୍ଷେପ ନେଉଛନ୍ତି। କଟକ ସଦର ଉପଜିଲାପାଳଙ୍କୁ ତଦାରଖ ଦାୟିତ୍ୱ ଦିଆଯାଇଥିବା କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ସୂଚନା ଦେଇଛନ୍ତି।

## ୫୭ ବାଇକ୍ ଜବତ, ୭,୫୦୦ ଟଙ୍କା ଜରିମାନା ଆଦାୟ

ପୁରୀ ଅଫିସ,୭।୪

କରୋନା ମୁକାବିଲା ପାଇଁ ଦେଶବ୍ୟାପୀ ୨୧ ଦିନିଆ ଲକ୍‌ଡାଉନ ଚାଲିଛି। କୌଣସି ଜରୁରୀ କାମ ନ ଥିଲେ ଘରୁ ନ ବାହାରିବା ଲାଗି ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି। ହେଲେ ଅନେକ ଲୋକ କୌଣସି କାମ ନ ଥାଇ ବାହାରେ ବାଇକ୍ ଧରି ବୁଲୁଛନ୍ତି। ତେଣୁ ଏହିପରି ବାହାରେ ବୁଲୁଥିବା ଲୋକଙ୍କ ବାଇକ୍ ଜବତ କରିବା ସହ ଜରିମାନା ଆଦାୟ କରୁଛି ପୋଲିସ। କୌଣସି ମତେ ବାହାରକୁ ଗାଡି ନ ବାହାର କରିବାକୁ ସରକାର ବାରମ୍ବାର କହୁଛନ୍ତି। ମଙ୍ଗଳବାର ଏହି କଟକଣା ଆହୁରି କଡ଼ାକଡ଼ି କରାଯାଇଛି। କିନ୍ତୁ ଯେଉଁମାନେ ଅମାନିଆ ହେଉଛନ୍ତି ସେମାନଙ୍କ ବାଇକ୍ ଜବତ ହେଉଛି। ମଙ୍ଗଳବାର ପୁରୀ ପୋଲିସ ୫୭ଟି ବାଇକ୍ ଜବତ ସହ ଲକ୍‌ଡାଉନ ନିୟମକୁ ମାନୁ ନ ଥିବା ନେଇ ୭,୫୦୦ ଟଙ୍କା ଜରିମାନା ଆଦାୟ କରିଛି।

## ସଂକ୍ଷେପରେ

### ଚଢ଼ା ଦରରେ କିରୋସିନ ବିକ୍ରି ନେଇ ବିଡିଓଙ୍କୁ ଅଭିଯୋଗ

କଟକସଦର, ୭।୪(ଡି.ଏନ.ଏ): କଟକସଦର ବ୍ଲକ୍ ଅଞ୍ଚଳରେ ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି ବେଳେ ସାମାଜିକ ଦୂରତା ବଜାୟ ରଖାଯାଉନଥିବା ସୋମବାର ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ଏଥିସହିତ କିରୋସିନ ଦର କେନ୍ଦ୍ର ସରକାର ୧୨ ଟଙ୍କା ହ୍ରାସ କରିଛନ୍ତି। ଏପ୍ରିଲ ମାସରେ ମଧ ରିଟେଲରମାନେ କିରୋସିନ ୪୦ ଟଙ୍କାରେ ବିକ୍ରି କରାଯାଉଥିବା ଜଣାପଡିଛି। ଯାହା ଫଳରେ ଖାଉଟିଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଅଭିଯୋଗରୁ ପ୍ରକାଶ ୩ ମାସର ଚାଉଳ,ଗହମ,କିରୋସିନ ଦିଆଯିବା କଥା ମାତ୍ର ରିଟେଲରମାନଙ୍କ ପାଖରେ ଦରକାର ମୁତାବକ ସାମଗ୍ରୀ ପହଞ୍ଚିପାରିନାହିଁ। ଖାଲି ଏତିକି ନୁହେଁ ଯେତିକି ସାମଗ୍ରୀ ପହଞ୍ଚି ସାରିଛି ତାକୁ ବାଣ୍ଟିବା ବେଳେ କାର୍ଡଧାରୀ ମାନେ ଭିଡ ଜମାଉଛନ୍ତି। ଏବେ କାର୍ଡ ପିଛା ଏକ ହଜାର ଟଙ୍କାର ଆର୍ଥିକ ସହାୟତା ଦିଆଯିବ।ଏହି ଅର୍ଥ ବଣ୍ଟନ ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ କେନ୍ଦ୍ର କରାଯାଇଛି। ଏଠାରେ ଲୋକ ଗହଳି ହେବା ନିଶ୍ଚିତ । କେତେଜଣ ରିଟେଲର କମ୍ପ୍ୟୁଟର ଓଜନ ଯନ୍ତ୍ରରେ ଖାଉଟି ମାନଙ୍କୁ ଠକି ଚାଲିଥିବାର ଅଭିଯୋଗ ମଧ ଆସିଛି। ଅଭିଯୋଗ ସମ୍ପର୍କରେ ବିଡିଓ ରାଜୀବ ଲୋଚନ ପରିଡାଙ୍କୁ ପଚାରିବାରୁ ଏହା ଉପରେ କୌଣସି ମତାମତ ଦେବା ପାଇଁ ମନା କରିଥିଲେ।

### ଜିଲା କଂଗ୍ରେସ କମିଟି ଖୋଲିଲା କଣ୍ଟ୍ରୋଲ ରୁମ୍

**ପୁରୀ ଅଫିସ,୭।୪:** ବିଶ୍ୱ ମହାମାରୀ କରୋନାକୁ ନେଇ ଏବେ ସମସ୍ତେ ଚିନ୍ତାରେ। ଭାରତରେ ବି କରୋନା ସ୍ଥିତି ଗମ୍ଭୀର ରହିଛି। ଏହାକୁ କିପରି ପ୍ରତିହତ କରାଯାଇପାରିବ ସେ ଦିଗରେ ସରକାର ବିଭିନ୍ନ ପ୍ରକାର ପଦକ୍ଷେପ ନେଉଛନ୍ତି। ଅନ୍ୟପକ୍ଷରେ କରୋନା ସମ୍ପର୍କିତ ସହାୟତା ପାଇଁ ପ୍ରଦେଶ କଂଗ୍ରେସ କମିଟି ନିର୍ଦ୍ଦେଶମତେ ପୁରୀ ଜିଲା କଂଗ୍ରେସ କମିଟି ପକ୍ଷରୁ ଏକ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଜିଲା ସଂଯୋଜକ ଭାବେ ବୀରେନ୍ଦ୍ର ଭୂଷଣ ହୋତା ଦାୟିତ୍ୱରେ ରହିଛନ୍ତି। ଜିଲା ପାଇଁ ଅମୀୟ କୁମାର ପଟ୍ଟନାୟକ, ବୀରେନ୍ଦ୍ର ଭୂଷଣ ହୋତା, ବିନାୟକ ଦାସମହାପାତ୍ର ଏବଂ ବିଶ୍ୱନାଥ ଦାଶଙ୍କ ସହ ଯୋଗାଯୋଗ କରିବେ। ସେହିପରି ଜିଲା କଂଗ୍ରେସ କମିଟି ସଭାପତି ଅମିୟ ପଟ୍ଟନାୟକଙ୍କ ନେତୃତ୍ୱରେ ଏହାର ସୁପରିଚାଳନା ପାଇଁ ଜିଲାସ୍ତରୀୟ ୪୧ଜଣିଆ ସଦସ୍ୟ ବିଶିଷ୍ଟ କରୋନା ସମ୍ପର୍କିତ କ୍ୟାମ୍ପେନ କମିଟି ମଧ ଗଠନ କରାଯାଇଛି। ଏତଦ୍‌ବ୍ୟତୀତ କୋଣାର୍କ, ପିପିଲି, ନିମାପଡ଼ା ବିଜ୍ଞପିତ ଅଞ୍ଚଳ ପରିଷଦ ଏବଂ ପୁରୀ ପୌରସଂସ୍ଥା ସ୍ତରରେ ପ୍ରତି ଅଞ୍ଚଳ ପାଇଁ କଣ୍ଟ୍ରୋଲ ରୁମ୍ ଇନ୍‌ଚାର୍ଜ ଓ ସଦସ୍ୟ ମନୋନୀତ କରାଯାଇଥିବା ଜିଲା ସଂଯୋଜକ ହୋତା ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି। ଲକ୍‌ଡାଉନ ଯୋଗୁ ଜିଲାବାସୀ କୌଣସି ପରିସ୍ଥିତିରେ ଅସୁବିଧାର ସମ୍ମୁଖୀନ ହେଉଥିଲେ ଜିଲା କଣ୍ଟ୍ରୋଲ ରୁମ୍‌କୁ ଜଣାଇବା ପାଇଁ ଅନୁରୋଧ କରାଯାଇଛି।

### ସଚେତନ କରୁଛନ୍ତି ଓଡ଼ିଶୀ ନୃତ୍ୟଗୁରୁ



**ପୁରୀ ଅଫିସ,୭।୪:** କରୋନା ବିରୋଧୀ ଲଢେଇରେ ଜିତିବାକୁ ହେଲେ ଆମକୁ ସଚେତନ ହେବାକୁ ପଡ଼ିବ। ବାହାରକୁ ନ ବାହାରି ଘରେ ରହିବାକୁ ହେବ। କରୋନା ମୁକାବିଲାର ସବୁଠୁ ବଡ଼ ଅସ୍ତ୍ର ହେଉଛି ସାମାଜିକ ଦୂରତା। ଯଦି କୌଣସି ଜରୁରୀ କାମରେ ବାହାରକୁ କେହି ବାହାରୁଛନ୍ତି ତେବେ ସାମାଜିକ ଦୂରତା ରକ୍ଷା ଉପରେ ନିଶ୍ଚିତ ଗୁରୁତ୍ୱ ଦେବା ଦରକାର। ଏମିତି ଜନସାଧାରଣଙ୍କୁ ସଚେତନ କରୁଛନ୍ତି ଓଡ଼ିଶୀ ନୃତ୍ୟ ଗୁରୁ ନାରାୟଣ ପାଣ୍ଡେ। ନାରାୟଣ ବାଇକ୍‌ରେ ପୁରୀ ସହରର ବିଭିନ୍ନ ଗଳିକନ୍ଦିରେ ବୁଲି ଲୋକଙ୍କୁ କରୋନା ଭୂତାଣୁ ସଂକ୍ରମଣରୁ କିପରି ଆମେ ସୁରକ୍ଷିତ ରହିପାରିବା ସେ ନେଇ ସଚେତନ କରୁଥିଲେ। ଏ ସମ୍ପର୍କରେ ନାରାୟଣ କହିଛନ୍ତି, କରୋନା ଏବେ କାୟା ମେଲାଇ ବିଭିନ୍ନ ଦେଶରେ ଆତଙ୍କ ଖେଳାଇଛି। ଆମକୁ ସଚେତନ ହେବାକୁ ପଡ଼ିବ। ସରକାରଙ୍କ ନିର୍ଦ୍ଦେଶକୁ ମାନିବାକୁ ହେବ।

# ବାପାଙ୍କ ମୃତ୍ୟୁ ସତ୍ତ୍ୱେ ଛୁଟି ନେଲେନି ଜିଲାପାଳ

■କରୋନା ମୁକାବିଲା କାର୍ଯ୍ୟରେ ଯୋଗଦେଲେ

■ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କ ପ୍ରଶଂସା

କଟକ ଅଫିସ, ୭।୪

କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ପିତା ତଥା ପୂର୍ବତନ ପ୍ରଶାସକ ଦାମୋଦର ଚୟନୀଙ୍କର ମଙ୍ଗଳବାର ପରଲୋକ ହୋଇଛି। କଟକ ଜିଲାପାଳଙ୍କ ସରକାରୀ ବାସଭବନରେ ସକାଳ ପ୍ରାୟ ୬ଟା ୫୫ ମିନିଟ୍‌ରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୯୮ ବର୍ଷ ବୟସ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର ଭବାନୀ ଶଙ୍କରଙ୍କ ସମେତ ସହଧର୍ମିଣୀ ଶ୍ରୀୟାରାଣୀ, ଝିଅ ଡାକ୍ତର ନିରୁପମା, ମନୋରମା, ସୁଷମା ଏବଂ ପୁତ୍ରବଧୂ ଲିନୁଙ୍କ ସମେତ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ସ୍ୱର୍ଗତ ଚୟନୀ ୧୯୨୨ ମସିହାରେ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ନରୁଆ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ସେ ବିଭିନ୍ନ ସରକାରୀ ପଦପଦବୀରେ ରହିବା ସହ କଟକ ଜିଲାର ଆଠଗଡ଼ ଉପଜିଲାପାଳ ଭାବେ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଜିଲାର ବରିଷ୍ଠ ଅଧିକାରୀ, ବୁଦ୍ଧିଜୀବୀ, ସାମାଜିକ ସଙ୍ଗଠନର


ଦାମୋଦର ଚୟନୀ (ଫାଇଲ ଫଟୋ)

କର୍ମକର୍ତ୍ତାମାନେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ସମୟରେ ସାମାଜିକ ଦୂରତାକୁ ଗୁରୁତ୍ୱ ଦିଆଯାଇଥିଲା। ମରଶରୀରକୁ ଭୁବନେଶ୍ୱର ବାସଭବନ ଓ ପରେ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

ବାପାଙ୍କ ମୃତ୍ୟୁ ସତ୍ତ୍ୱେ ଜିଲାପାଳ ଚୟନୀ ଛୁଟି ନେଇନାହାନ୍ତି। ମୁଖାଗ୍ନି ଦେବା ପରେ କାର୍ଯ୍ୟରେ ଯୋଗଦେଇଛନ୍ତି। ଏବେ ସାରା ରାଜ୍ୟ କରୋନା ଭୂତାଣୁ ସଂକ୍ରମଣର ମୁକାବିଲା କରୁଥିବାବେଳେ କଟକ ଜିଲାରେ ଏହାର ନେତୃତ୍ୱ ନେଉଛନ୍ତି ନିଜେ ଜିଲାପାଳ ଚୟନୀ। ବାପାଙ୍କ ମୃତ୍ୟୁ ଭଳି ଏକ ଦୁଃଖଦ ସମୟରେ ସେ ଛୁଟି ନ ନେଇ ପ୍ରଶାସନିକ କାର୍ଯ୍ୟରେ ନିଜକୁ ସାମିଲ୍ କରିଥିବାରୁ ତାଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ ମାଧ୍ୟମରେ ଜିଲାପାଳ ଚୟନୀଙ୍କୁ ପ୍ରଶଂସା କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଜଣାଇବା ସହ କହିଛନ୍ତି, ଏକ ବିରାଟ ବ୍ୟକ୍ତିଗତ କ୍ଷତି ସତ୍ତ୍ୱେ ଜିଲାପାଳ ଚୟନୀ ଦିନଟିଏ ମଧ ଛୁଟି ନେଇନାହାନ୍ତି। ଏହା ତାଙ୍କ ଜନସେବା ମାନସିକତାକୁ ପ୍ରମାଣିତ କରିଛି। ତାଙ୍କ ପ୍ରେରଣାଦାୟୀ ନେତୃତ୍ୱକୁ ଓଡ଼ିଶା ସାଲ୍ୟୁଟ୍ କରୁଛି। ସେହିଭଳି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ ଜିଲାପାଳ ଚୟନୀଙ୍କୁ ପ୍ରଶଂସା କରିଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ, ଚୟନୀଙ୍କ ପିତାଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ। ତାଙ୍କ ସହିତ ଫୋନରେ କଥା ହୋଇ ସାନ୍ତ୍ୱନା ଜଣାଇବା ସହ ଅମର ଆତ୍ମାର ସଦ୍‌ଗତି କାମନା କଲି। କରୋନା ସଂକ୍ରମଣ ଭଳି ଆହ୍ୱାନ ମୂଳକ ସମୟରେ ପିତୃ ବିୟୋଗ ପରେ ମଧ କାର୍ଯ୍ୟରୁ ବିରତ ନ ହୋଇ ଯେପରି ନିଷ୍ଠାର ସହ କାର୍ଯ୍ୟ ସମ୍ପାଦନ କରିଛନ୍ତି ତାହା ନିଶ୍ଚିତ ଭାବେ ଓଡ଼ିଶାବାସୀଙ୍କ ପାଇଁ ପ୍ରେରଣାଦାୟୀ ହେବ। ସେହିଭଳି ରାଜ୍ୟ ସରକାରଙ୍କ କୋଭିଡ ମୁଖପାତ୍ର ସୁବ୍ରତ ବାଗ୍‌ଚୀ ମଧ ଜିଲାପାଳ ଚୟନୀଙ୍କୁ ପ୍ରଶଂସା କରିଛନ୍ତି। ଅଧାରେ କୌଣସି କାମ ନ ଛାଡ଼ିବାକୁ ସ୍ୱର୍ଗତ ଦାମୋଦର ଚୟନୀ ତାଙ୍କ ପିଲାମାନଙ୍କୁ ପରାମର୍ଶ ଦେଇ ଆସୁଥିଲେ। ବାପାଙ୍କ ଏହି ମନ୍ତ୍ରକୁ ଗ୍ରହଣ କରି କଟକ ଜିଲାପାଳ ବାପାଙ୍କ ଶେଷକୃତ୍ୟ ପାଇଁ ଛୁଟି ନେଇନାହାନ୍ତି। ସରକାରୀ କାର୍ଯ୍ୟ ଜାରି ରଖିଛନ୍ତି। କୋଭିଡ-୧୯ର ଲଢେଇରେ ସେ ନିଜକୁ ସମର୍ପିତ କରିଛନ୍ତି। ଓଡ଼ିଶା ରାଜ୍ୟବାସୀ ତାଙ୍କ ପାଇଁ ଗର୍ବିତ ବୋଲି ସେ କହିଛନ୍ତି।

## ସଞ୍ଚିତ ଅର୍ଥକୁ ଡିସିପିଙ୍କୁ ଦେଲେ ଆଦ୍ୟାଶା



କଟକ ଅଫିସ,୭।୪

କରୋନା ମୁକାବିଲା ପାଇଁ ସବୁଠୁ ଅଧିକ ସଜାଗ ରହିଛନ୍ତି ପୋଲିସ କର୍ମଚାରୀ। ଏମାନେ ପରିବାରଠାରୁ ଦୂରରେ ରହିଥିବାବେଳେ ସଚେତନ ଓ ସତର୍କ ରହିବାକୁ ଲୋକଙ୍କୁ ନିୟମିତ ପରାମର୍ଶ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ କଟକର ପୋଲିସ କର୍ମଚାରୀଙ୍କୁ ସହାୟତା ଦେବାକୁ ଆଗେଇ ଆସିଛନ୍ତି ମଙ୍ଗଳାବାଗ ଫ୍ରେଣ୍ଡସ କଲୋନୀର ଜଣେ ଝିଅ। ସେ ହେଲେ ଡାକ୍ତର ସନ୍ଦୀପ ଦେବାଶିଷ ମିଶ୍ର ଓ ଡାଏଟିସିଆନ ମଧୁସ୍ମିତା ମିଶ୍ରଙ୍କ ଝିଅ ଆଦ୍ୟାଶା ଇଭେଞ୍ଜେଲିଆ ମିଶ୍ର। ମଙ୍ଗଳବାର ଆଦ୍ୟାଶା ଡିସିପି ଅଖିଳେଶ୍ୱର ସିଂଙ୍କୁ ଭେଟି ନିଜ ସଞ୍ଚିତ ଅର୍ଥକୁ ଦାନ କରିଛନ୍ତି। ଆଦ୍ୟାଶା ଏବେ ସେଣ୍ଟ ଯୋଶେଫ ଗାର୍ଲସ ସ୍କୁଲର ୫ମ ଶ୍ରେଣୀ ଛାତ୍ରୀ। କରାଟେ, ସନ୍ତରଣ, ସ୍କେଟିଂ, ଯୋଗ, ସଙ୍ଗୀତ ଆଦିରେ ତାଙ୍କର ରୁଚି ରହିଛି। ଆଦ୍ୟାଶାଙ୍କର ସମାଜସେବା ଲାଗି ଆଗ୍ରହ ରହିଥିବା ତାଙ୍କ ମାତା ପିତା କହିଛନ୍ତି।

## ୧୭୪ ନମୁନାରୁ ଜଣେ ପଜିଟିଭ, ୬୯ଟିର ରିପୋର୍ଟ ଆସିନି

ପୁରୀ ଜିଲା

**ପୁରୀ ଅଫିସ,୭।୪:** ରାଜ୍ୟରେ ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢିଚାଲିଛି । ଏପରି କି କରୋନା ଆକ୍ରାନ୍ତରେ ରାଜ୍ୟରେ ଜଣଙ୍କ ମୃତ୍ୟୁ ମଧ ଘଟିଲାଣି। ଯାହାକୁ ନେଇ ରାଜ୍ୟବାସୀଙ୍କ ମଧ୍ୟରେ ଚିନ୍ତା ବଢିଥିବାବେଳେ କିପରି କରୋନା ଆକ୍ରାନ୍ତଙ୍କୁ ଠିକ୍ ଭାବେ ଚିହ୍ନଟ କରାଯାଇପାରିବ ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ଯେଉଁମାନଙ୍କଠାରେ କରୋନା ଲକ୍ଷଣ ଦେଖାଦେଉଛି ସେମାନେ ପ୍ରଶାସନକୁ ଅବଗତ କରାଇଲେ ଠିକଣା ସମୟରେ ରୋଗ ଚିହ୍ନଟ ଏବଂ ଚିକିତ୍ସା କରାଯାଇପାରିବ ବୋଲି ଜନସଚେତନତା ସୃଷ୍ଟି କରାଯାଉଛି। ମଙ୍ଗଳବାର ସୁଦ୍ଧା ପୁରୀ ଜିଲାରୁ ୧୭୪ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ସେଥିମଧ୍ୟରୁ ୧୦୫ଟିର ରିପୋର୍ଟ ଆସିଛି। ଏଥିରେ ଜଣେ ବ୍ୟକ୍ତି କରୋନା ଆକ୍ରାନ୍ତ ବୋଲି ଚିହ୍ନଟ ହୋଇଥିବାବେଳେ ୧୦୪ଜଣଙ୍କ ରିପୋର୍ଟ ନେଗେଟିଭ ରହିଛି। ମାତ୍ର ଆହୁରି ୬୯ଟିର ରିପୋର୍ଟ ଏବେ ସୁଦ୍ଧା ଆସିନାହିଁ। ଏହାର ରିପୋର୍ଟକୁ ପ୍ରଶାସନ ଅପେକ୍ଷା କରିଛି। ତେବେ ଏହି ରିପୋର୍ଟଗୁଡ଼ିକ ନେଗେଟିଭ ଆସିବ ବୋଲି ଆଶା ରଖିଛୁ ବୋଲି ଜଣେ ପ୍ରଶାସନିକ ଅଧିକାରୀ କହିଛନ୍ତି।

## ରିଲିଫ ପାଣ୍ଠିକୁ ଟ୍ରକ୍ ମାଲିକ ସଂଘ ଦେଲା ୧.୦୫ଲକ୍ଷ

**ପୁରୀ ଅଫିସ,୭।୪:** ବିଶ୍ୱ ମହାମାରୀ କରୋନା ଦିନକୁ ଦିନ ଉଗ୍ରରୂପ ଧାରଣ କରୁଛି। ଏହାର ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତାର ହାତ ବଢ଼ାଇବାକୁ କୁହାଯାଇଛି। ବିଭିନ୍ନ ସଙ୍ଗଠନ ଏବଂ ବ୍ୟକ୍ତିବିଶେଷ ମଧ ଏ ଦିଗରେ ଆଗ୍ରହ ପ୍ରକାଶ କରି ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଅର୍ଥରାଶି ପ୍ରଦାନ କରୁଛନ୍ତି । ମଙ୍ଗଳବାର ପୁରୀ ଜିଲା ପ୍ରଶାସନ ମାଧ୍ୟମରେ ଶ୍ରୀକ୍ଷେତ୍ର ଟ୍ରକ୍ ମାଲିକ ସଂଘ ୧ଲକ୍ଷ ୫ହଜାର ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରିଛି। ସେହିପରି ହରଚଣ୍ଡୀ ସାହିର ନରସିଂହ ବଲ୍ଲଭ ଜାଗା ୧୦ ହଜାର, ଚୈତନ୍ୟ ବିହାରର ତିଳୋତ୍ତମା ରଥ ୧ ହଜାର ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରିଛି । ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ପ୍ରଭାତ ରଞ୍ଜନ ମହାପାତ୍ର ପ୍ରଧାନମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୫ ହଜାର ଟଙ୍କା ଦେଇଛନ୍ତି ।

## ଗୁରୁ କେଳୁଚରଣଙ୍କ ସ୍ମୃତିଚାରଣ

ପୁରୀ ଅଫିସ,୭।୪

ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟଗୁରୁ କେଳୁଚରଣ ମହାପାତ୍ରଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ କରିଛି ପୁରୀ ଡ୍ୟାନ୍ସ ଏକାଡେମୀ। କରୋନା ଯୋଗୁ ଲକ୍‌ଡାଉନ କଟକଣା ଥିବାରୁ ସୀମିତ ସଦସ୍ୟଙ୍କ ମଧ୍ୟରେ ମଙ୍ଗଳବାର ଏକାଡେମୀ ପକ୍ଷରୁ ଗୁରୁ କେଳୁଚରଣଙ୍କ ସ୍ମୃତିଚାରଣ କରାଯାଇଛି। ପ୍ରାରମ୍ଭରେ ବିଶ୍ୱ ମହାମାରୀ କରୋନା କବଳରୁ ବିଶ୍ୱକୁ ମୁକ୍ତ କରିବା ଲାଗି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଅନୁଷ୍ଠାନର ସମ୍ପାଦକ ଗୁରୁ ନାରାୟଣ ପାଣ୍ଡେ ଓ ଛାତ୍ରୀଛାତ୍ର ଗୁରୁ କେଳୁଚରଣଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏଥିରେ ଦୁର୍ଗାପ୍ରସାଦ ପାଣ୍ଡେ, କୃଷ୍ଣକୁମାର ଦାସ, ରୋଜାଲିନ ମହାନ୍ତି, ରଶ୍ମିତା ମହାରଣା, ଶୁଭଲକ୍ଷ୍ମୀ ପୂଜାପଣ୍ଡା ଅଂଶଗ୍ରହଣ କରିଥିଲେ ।


ପୁରୀ ଡ୍ୟାନ୍ସ ଏକାଡ଼େମୀ ପକ୍ଷରୁ କେଳୁଚରଣଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରାର୍ଥନା।

## ବନ୍ଧା ପଡ଼ିଥିବା ରାଶନ କାର୍ଡ ଫେରିପାଇଲେ ହିତାଧିକାରୀ

ଟିଗିରିଆ,୭।୪(ଡି.ଏନ.ଏ.)

ଟିଗିରିଆ ବ୍ଲକ ଅଧୀନ ଜେମାଦେଇପୁର ପଞ୍ଚାୟତ ୧୬ନଂ ୱାର୍ଡର ୧୫ଜଣ ରାଶନକାର୍ଡଧାରୀଙ୍କୁ ବନ୍ଧକ ସୂତ୍ରରେ ଟଙ୍କା ଦେଇ ଜଣେ ବ୍ୟକ୍ତି କାର୍ଡ ହାତେଇ ନେଇଥିଲେ। ଏନେଇ ଅଭିଯୋଗ ହେବାପରେ ଜଣେ ବ୍ୟକ୍ତିଙ୍କ ଘରେ ଟିଗିରିଆ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ ୩ଟି ରାଶନକାର୍ଡ ଜବତ କରାଯାଇଛି। ସମ୍ପୃକ୍ତ ବ୍ୟକ୍ତି ଜଣକ ଟିଗିରିଆ ଥାନା ଅନ୍ତର୍ଗତ ପଙ୍କାଳ ଗ୍ରାମର ବସିର ଖାଁ ବୋଲି ଜଣାପଡ଼ିଛି। ସୋମବାର ବିଡିଓ ଦୀପ୍ତିମୟୀ ବେହେରା, ଅତିରିକ୍ତ ତହସିଲଦାର ହେମନ୍ତ କୁମାର ନାୟକ ଏବଂ ଥାନା ଅଧିକାରୀ ରବୀନ୍ଦ୍ର କୁମାର ଭୁଜବଳ ତାଙ୍କ ଘରେ ଚଢ଼ାଉ କରି ଉପରୋକ୍ତ କାର୍ଡକୁ ଜବତ କରିଥିଲେ। ଲୋକଙ୍କ ଅଭିଯୋଗ ଓ ପ୍ରଶାସନିକ ଚଢ଼ାଉ ହେବା ଖବର ପାଇ ବସିର ସୋମବାର ସକାଳେ ପାଖରେ ରଖିଥିବା ୧୨ଟି କାର୍ଡ ଲୋକଙ୍କୁ ଫେରସ୍ତ କରି ଦେଇଥିଲେ। ଅବଶିଷ୍ଟ ୩ଟି କାର୍ଡକୁ ଜବତ କରାଯାଇଥିଲା। ବସିରଙ୍କୁ ଥାନାରେ ଆଣି ଆଉ ଏଭଳି ଘୃଣ୍ୟ କାର୍ଯ୍ୟ ନ କରିବାକୁ ତାଗିଦ କରାଯିବା ପରେ ଛାଡ଼ି ଦିଆଯାଇଛି ବୋଲି ବିଡିଓ ଦୀପ୍ତିମୟୀ ବେହେରା ସୂଚନା ଦେଇଛନ୍ତି। ବ୍ଲକ ଯୋଗାଣ ନିରୀକ୍ଷକ ଦୁର୍ଗାପ୍ରସାଦ ପଟ୍ଟନାୟକ ଉକ୍ତ ଘଟଣା ସମ୍ପର୍କରେ ଅଭିଯୋଗ ପାଇବା ପରେ ଏହାର ତଦନ୍ତ କରିଥିଲେ।

## ବ୍ରହ୍ମଗିରି, କୃଷ୍ଣପ୍ରସାଦରେ ଜିଲାପାଳଙ୍କ କରୋନା ସମୀକ୍ଷା

ପୁରୀ ଅଫିସ/ କୃଷ୍ଣପ୍ରସାଦ (ଡି.ଏନ୍.ଏ), ୭।୪

କରୋନା ମୁକାବିଲା ପାଇଁ ଜିଲାର ବିଭିନ୍ନ ଅଞ୍ଚଳରେ ପ୍ରସ୍ତୁତି କେମିତି ରହିଛି ତାହାର ସମୀକ୍ଷା କରିଛନ୍ତି ଜିଲାପାଳ ବଳବନ୍ତ ସିଂ। ମଙ୍ଗଳବାର ଜିଲାପାଳ କରୋନା ସଚେତନତା ସମ୍ପର୍କିତ ପ୍ରସ୍ତୁତିର ସମୀକ୍ଷା ନିମନ୍ତେ ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକ ଗସ୍ତ କରିଥିଲେ। ପ୍ରଥମେ ଜିଲାପାଳ ରେବଣା ନୂଆଗାଁସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ସେଠାରେ କରୋନା ନିମନ୍ତେ ପ୍ରସ୍ତୁତ ଥିବା ଅସ୍ଥାୟୀ ଚିକିତ୍ସା କେନ୍ଦ୍ର ବୁଲି ଦେଖି ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ଗଡ଼ରୋଡଙ୍ଗସ୍ଥିତ ବକ୍ସି ଜଗବନ୍ଧୁ ହାଇସ୍କୁଲ ଓ ସୁନାମୁହିଁଠାରେ ଥିବା କୃଷକ ବିଦ୍ୟାପୀଠକୁ ଯାଇ ସେଠାରେ ଥିବା ଆଇସୋଲେଶନ ସେଣ୍ଟରରେ ଉପଲବ୍ଧ ସୁବିଧା ସୁଯୋଗ ସମ୍ପର୍କରେ ପଚାରି ବୁଝିଥିଲେ। ପରସ୍ପର ମଧ୍ୟରେ ସାମାଜିକ ଦୂରତା ଅନ୍ୟୂନ ୨ମିଟର ବଜାୟ ରଖିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ପରେ ଜିଲାପାଳ କୃଷ୍ଣପ୍ରସାଦ ଗସ୍ତକରି ଚିଲିକା ନୂଆପଡ଼ାସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, କୃଷ୍ଣପ୍ରସାଦ ଓ ରାମଲଙ୍କା ପଞ୍ଚାୟତରେ ଥିବା ଆଇସୋଲେଶନ ସେଣ୍ଟର ପରିଦର୍ଶନ କରି ସମସ୍ତ ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ । ସେଠାରେ ସବୁ ପ୍ରକାର ବ୍ୟବସ୍ଥା ଉପଲବ୍ଧ ହେଉଥିବା ଜାଣି ସନ୍ତୋଷ ବ୍ୟକ୍ତ କରିଥିଲେ । ଏହାପରେ ପୁରୀ-ଗଞ୍ଜାମ ସୀମାରେ ପହଞ୍ଚିଥିଲେ। ସୀମା ଦେଇ ଯେପରି କୌଣସି ବ୍ୟକ୍ତି ଯାତାୟାତ କରି ନ ପାରିବେ ସେଥିପାଇଁ କୃଷ୍ଣପ୍ରସାଦ ଆଇଆଇସି ଅଭିମନ୍ୟୁ ନାୟକଙ୍କୁ ପରାମର୍ଶ ଦେଇଥିଲେ । ଜିଲାପାଳଙ୍କ ଏହି ଗସ୍ତସମୟରେ ଉପଜିଲାପାଳ ଭବତାରଣ ସାହୁ, ବ୍ରହ୍ମଗିରି ଓ କୃଷ୍ଣପ୍ରସାଦର ବିଡିଓ ଓ ତହସିଲଦାର, ମେଡିକାଲ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳ ଚିଲିକା ନୂଆପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରୁଛନ୍ତି।



ଭାରତରେ ଏବେ ଶହେକୋଟି ପାଖାପାଖି ଏନ୍-୯୫ ମାସ୍କ ଥିବାବେଳେ ଦେଢ଼କୋଟିରୁ ଅଧିକ ବ୍ୟକ୍ତିଗତ ସୁରକ୍ଷା ଉପକରଣ(ପିପିଇ) କିଟ୍ ମହଜୁଦ୍ ରହିଛି। ଏସବୁକୁ ନର୍ସ ଏବଂ ଡାକ୍ତରଙ୍କ ପାଇଁ ଅଲଗା ରଖାଯାଇଛି। ଏହାସହିତ ୧,୧୨,୭୬ ୦୦୦ ଏନ୍-୯୫ ମାସ୍କ ଏବଂ ୧,୫୭,୩୨୦୦୦ ପିପିଇ କିଟ୍ ଲାଗି ଅର୍ଡର ଦିଆଯାଇଛି। ଖୁବ୍‌ଶୀଘ୍ର ଏହା ଭାରତକୁ ଆସିବ ବୋଲି କୁହାଯାଉଛି। ପ୍ରତି ସପ୍ତାହରେ ୧୦ ଲକ୍ଷ ପିପିଇ କିଟ୍ ଆମଦାନୀ କରିବା ଲକ୍ଷ୍ୟ ନେଇ କାର୍ଯ୍ୟଧାରା ଜାରି ରହିଥିବା ସରକାରଙ୍କ ପକ୍ଷରୁ କୁହାଯାଉଛି।

# ମାସ୍କରେ ୭ ଦିନ ସକ୍ରିୟ ରୁହେ କରୋନା ଭୂତାଣୁ



ବେଜିଂ: କରୋନା ସଂକ୍ରମଣ ନେଇ ଲୋକଙ୍କ ମଧ୍ୟରେ କୋକୁଆ ଭୟ ଦେଖାଦେଇଛି। ବିଶ୍ୱବ୍ୟାପୀ ୭୭ ହଜାର ଲୋକଙ୍କ ମୃତ୍ୟୁ ହେବା ପରେ ବି ଲୋକେ ସଚେତନ ହେଉନାହାନ୍ତି। କିପରି କରୋନା ବ୍ୟାପେ ସେନେଇ ଏବେ ବି ସେମାନେ ସନ୍ଦିହାନ। ଜଣେ ସଂକ୍ରମିତ ବ୍ୟକ୍ତି ବ୍ୟବହାର କରିଥିବା ବିଭିନ୍ନ ବସ୍ତୁ ଦ୍ୱାରା ଏହା ବ୍ୟାପିଥାଏ। ତେବେ କରୋନା ଭୂତାଣୁ ସର୍ଜିକାଲ ମାସ୍କରେ ୭ ଦିନ ପର୍ଯ୍ୟନ୍ତ ସକ୍ରିୟ ରହିଥାଏ। ତେଣୁ ଏହାକୁ ନ ଛୁଇଁବା ପାଇଁ ହଂକଂର ବିଶେଷଜ୍ଞମାନେ କହିଛନ୍ତି। ଏନେଇ ଏକ ରିପୋର୍ଟ ଲାସେଣ୍ଟ୍ ପତ୍ରିକାରେ ପ୍ରକାଶ ପାଇଛି। ସେହିପରି କାଗଜ ଟଙ୍କାରେ ୪ଦିନ ପର୍ଯ୍ୟନ୍ତ କରୋନା ଭୂତାଣୁ ସକ୍ରିୟ ରହିଥାଏ। ତେଣୁ ଶପିଂ ବ୍ୟାଗ୍‌କୁ ୨୪ ଘଣ୍ଟା ଅର୍ଥାତ୍ ଗୋଟିଏ ଦିନ ଅଲଗା ରଖିବା ପରେ ଏହାକୁ ବ୍ୟବହାର କରିବାକୁ ରିପୋର୍ଟରେ କୁହାଯାଇଛି। ଏହା ପ୍ରିଣ୍ଟିଂ ଏବଂ ଟିସୁ ପେପରରେ ୩ ଘଣ୍ଟାରୁ କମ୍ ସମୟ ପର୍ଯ୍ୟନ୍ତ ସକ୍ରିୟ ରହୁଥିବାବେଳେ କାଠ ଏବଂ ପୋଷାକ ଉପରେ ଗୋଟିଏ ଦିନ ପର୍ଯ୍ୟନ୍ତ ବଞ୍ଚିରୁହେ। ଏପରି ସ୍ଥଳେ କରୋନା ସଂକ୍ରମଣରୁ ନିଜକୁ ଦୂରେଇ ରହିବା ପାଇଁ ଏକ ମାତ୍ର ବିକଳ୍ପ ହେଉଛି ଦିନରେ ବାରମ୍ବାର ହାତ ଧୋଇବା। ଏହା ଦ୍ୱାରା ଭୂତାଣୁ ନଷ୍ଟ ହୋଇଯାଇଥାଏ ବୋଲି ରିପୋର୍ଟରେ ଦର୍ଶାଯାଇଛି।

## କରୋନାଠାରୁ ଭୟଙ୍କର ସୋସିଆଲ ମିଡିଆ ଗୁଜବ



ନୂଆଦିଲ୍ଲୀ: ଭାରତରେ ଦେଖାଦେଇଥିବା କରୋନା ସଙ୍କଟର ମୁକାବିଲା ଲାଗି ପ୍ରସ୍ତୁତି ଜାରି ରହିଛି। ଏପରିସ୍ଥଳେ ସୋସିଆଲ୍ ମିଡିଆରେ ଶେୟାର କରାଯାଉଥିବା କିଛି ଗୁଜବକୁ ନେଇ ସରକାର ବେଶ୍ ଚିନ୍ତାରେ ପଡ଼ିଛନ୍ତି। କରୋନା ଭୂତାଣୁଠାରୁ ସୋସିଆଲ ମିଡିଆର ଗୁଜବ ଅଧିକ ଭୟଙ୍କର ବୋଲି ଦିଲ୍ଲୀ ପୋଲିସ କହିଛି। ଏଥିପ୍ରତି ଧ୍ୟାନ ନ ଦେବାକୁ ସରକାରଙ୍କ ସହିତ ପୋଲିସ ପକ୍ଷରୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି। କେତେକ ଅସାମାଜିକ ବ୍ୟକ୍ତି ବିଶେଷ ସୋସିଆଲ ମିଡିଆର ସାହାରା ନେଇ ଲୋକଙ୍କୁ ଭ୍ରମିତ କରୁଛନ୍ତି। ଦିଲ୍ଲୀ ପୋଲିସ ପକ୍ଷରୁ ଫେକ୍ ନ୍ୟୁଜ୍ ନାମକ ଏକ ଭେରିଫିକେଶନ ମଡ୍ୟୁଲ୍ ପ୍ରସ୍ତୁତ କରାଯାଇଛି। ଏଥିରେ ସୋସିଆଲ ମିଡ଼ିଆରେ ଭାଇରାଲ ହେଉଥିବା ଗୁଜବ ସମ୍ପର୍କରେ ସୂଚନା ରହିଛି। ଏହାକୁ ଦିଲ୍ଲୀ ପୋଲିସର ୱେବ୍ ସାଇଟ୍‌ରେ ସଂଯୁକ୍ତ କରାଯାଇଛି। ଏହା ସହିତ ଦିଲ୍ଲୀ ପୋଲିସ ପକ୍ଷରୁ ହେଲ୍ପ ଲାଇନ୍ ନମ୍ବର ୨୩୪୬୯୫୨୬ ଜାରି ହୋଇଛି। ଇତିମଧ୍ୟରେ ଏହି ନମ୍ବରରେ ୧୩,୧୧୯ କଲ୍ ଆସିଥିବା ଦିଲ୍ଲୀ ପୋଲିସ କହିଛି। ସେଥିମଧ୍ୟରୁ କେତେକ କଲ୍ ଦିଲ୍ଲୀ ବାହାରୁ ମଧ୍ୟ ଆସିଥିବା କୁହାଯାଉଛି।

# ଅନ୍‌ଲାଇନରେ ଯୋଗ ଶିଖାଇବେ ମଲାଇକା



ମୁମ୍ବାଇ: ବଲିଉଡ୍‌ର ଫିଟ୍‌ନେସ୍ କୁଇନ୍ ମଲାଇକା ଆରୋରା, ହଲିଉଡ୍ ଆକ୍ଟ୍ରେସ୍ ଜେନିଫର ଲୋପେଜ୍, ଏଲେକ୍ସ ରୋଡ୍ରିଗେଜ, ମାର୍କ ମସ୍ତ୍ରୋବ ଓ ଐଶ୍ୱର୍ଯ୍ୟ ଧନୁଷ ୧୪ ଦିନିଆ ଇମ୍ୟୁନିଟି ବିଲ୍‌ଡର ପ୍ରୋଗ୍ରାମରେ ଯୋଡ଼ି ହୋଇ ଯାଇଛନ୍ତି। ମଲାଇକା ଆରୋରାଙ୍କ ଯୋଗ ଓ ୱେଲ୍‌ନେସ ଷ୍ଟୁଡିଓ ଚେନ ସର୍ବ ଦ୍ୱାରା ଆରମ୍ଭ କରାଯାଇଥିବା ଏହି କାର୍ଯ୍ୟକ୍ରମରେ ସେଲିବ୍ରିଟିମାନେ ଲୋକଙ୍କୁ ଯୋଗ ଶିଖାଇବେ ବୋଲି ଜଣାପଡିଛି। ଲକ୍‌ଡାଉନ୍ କାରଣରୁ ଘରେ ବସି ରହିଥିବା ଲୋକଙ୍କୁ ଅନ୍‌ଲାଇନରେ ଏମାନେ ୱାର୍କ ଆଉଟ୍ କରି ଫିଟ୍ ରଖିବାକୁ ଚେଷ୍ଟା କରୁଥିବା ଜଣାପଡିଛି। ତେବେ ଭାରତୀୟଙ୍କ ପାଇଁ ଏବେ ଆକର୍ଷଣର କେନ୍ଦ୍ର ପାଲଟିଛନ୍ତି ମଲାଇକା ଆରୋରା। ତାଙ୍କ ସଂସ୍ଥା ଦ୍ୱାରା କରାଯାଇଥିବା ଏହି କାର୍ଯ୍ୟକ୍ରମ ପ୍ରାୟ୨୫ଟି ଦେଶରେ ଏକମାସ ମଧ୍ୟରେ ୭.୫ ହଜାର ଲାଇଭ୍ ସେଶନ କରିବାକୁ ଲକ୍ଷ୍ୟ ରଖିଛି। ଏଥିରେ ପ୍ରାୟ ୫୦ ଜଣ ପ୍ରଶିକ୍ଷକଙ୍କୁ ସାମିଲ କରାଯାଇଥିବା କୁହାଯାଉଛି। ଗାୟିକା, ନୃତ୍ୟଶିଳ୍ପୀ ଓ ଅଭିନେତ୍ରୀ ଜେନିଫର କହିଛନ୍ତି, ସାରାବିଶ୍ୱ ଆଜି କରୋନା ମହାମାରୀ ପାଇଁ ଗୋଟିଏ ରାସ୍ତାରେ ଠିଆ ହୋଇଛି। ଏଭଳି ସ୍ଥିତିରେ ଘରେ ରହି ଯୋଗ ମାଧ୍ୟମରେ ଆମେ ସୁସ୍ଥ ରହିପାରିବା ସବୁଠାରୁ ଖୁସିର କଥା। ଯୋଗକୁ ସାଧାରଣତଃ ସମସ୍ତେ ଗ୍ରହଣ କରିବେ ଓ ଫିଟ୍‌ରହିବା ଲାଗି ପ୍ରୟାସ କରିବେ। ତେଣୁ ଆମ୍ଭମାନଙ୍କର ଏଭଳି ଉଦ୍ୟମ ସଫଳ ହେବ।

# ସ୍ମେଲ୍ ଟେଷ୍ଟରୁ ଜଣାପଡୁଛି ସଂକ୍ରମଣ ସୂଚନା



ସିଓଲ: କରୋନା ସଂକ୍ରମଣ ନେଇ ସାରା ପୃଥିବୀରେ ଆତଙ୍କ ଦେଖାଦେଇଛି। ସଂକ୍ରମିତଙ୍କ ଚିହ୍ନଟ କରିବା ଲାଗି ବିଭିନ୍ନ ପ୍ରକାରର ପରୀକ୍ଷା କରାଯାଉଥିବା ବେଳେ ଦକ୍ଷିଣ କୋରିଆରେ ସ୍ମେଲ୍ ଟେଷ୍ଟ୍ ଦ୍ୱାରା କରୋନା ସଂକ୍ରମଣର ପ୍ରାରମ୍ଭିକ ଲକ୍ଷଣ ସମ୍ପର୍କରେ ଜାଣିହେଉଛି। ଦକ୍ଷିଣ କୋରିଆରେ ଥିବା ଆମେରିକା ସେନା ବେସ୍‌ରେ ଏହି ପଦ୍ଧତିରେ ପରୀକ୍ଷା କରାଯାଉଛି। ଲୋକଙ୍କୁ ସେଓ ଏବଂ ଭିନେଗାରରୁ ପ୍ରସ୍ତୁତ ଏକ ତରଳ ପ୍ରଦାର୍ଥ ଶୁଙ୍ଘିବାକୁ ଦିଆଯାଉଛି। ଲୋକ ଏହାର ବାସ୍ନା ନ ଜାଣି ପାରିଲେ ତାଙ୍କୁ କରୋନା ସଂକ୍ରମଣ ହୋଇଥିବା ଜଣାପଡୁଛି। କରୋନା ସଂକ୍ରମଣ ହେଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ଶୁଙ୍ଘିବା ଏବଂ ସ୍ୱାଦ ବାରିବା ଶକ୍ତି ଧୀରେଧୀରେ କମ୍ ହୋଇଥାଏ ବୋଲି କୁହାଯାଉଛି। କୈରୋଲ ଏବଂ ହେନେରି ସୈନ୍ୟ ବେସ୍‌ରେ ମଧ୍ୟ ଏଭଳି ପଦ୍ଧତିରେ ଯାଞ୍ଚ୍ କରାଯାଉଛି।

# ମନ ମୋହୁଛି କରୋନା ମିଠା



କୋଲକାତା: କରୋନା ଭାଇରସ୍ ପାଇଁ ଏବେ ସାରାବିଶ୍ୱ ଚିନ୍ତାରେ। ଆଉ ଏହି ରୋଗ ଏଭଳି କାୟା ବିସ୍ତାର କରୁଛି ଯେ, ଲୋକେ କରୋନା ନାଁ ଶୁଣିବା ମାତ୍ରେ ଭୟଭୀତ ହୋଇପଡୁଛନ୍ତି। ତେବେ କରୋନା ନାଁରେ ବି ଏକ ସୁନ୍ଦର ସ୍ୱାଦିଷ୍ଟ ମିଠା ମିଳୁଛି ଏକଥାକୁ ହୁଏତ ଖୁବ୍ କମ୍ ଲୋକ ଜାଣିଥିବେ। କିନ୍ତୁ ଏଭଳି ଏକ ମିଠା ମିଳୁଛି କୋଲକାତାରେ। ଏଠାରେ ଏକ ମିଠା ଦୋକାନରେ କରୋନା ଭାଇରସ୍‌ର ପ୍ରତୀକାତ୍ମକ ଡିଜାଇନ୍‌ରେ ମିଠା ତିଆରି କରି ଲୋକଙ୍କୁ ଆକୃଷ୍ଟ କରିବାର ପ୍ରୟାସ କରାଯାଇଛି। କରୋନା ମିଠା ଦେଖି କିଛିଲୋକ ଆଗ୍ରହରେ ଏହାକୁ କିଣିବାକୁ ଆସୁଛନ୍ତି, କିନ୍ତୁ କିଛିଲୋକ ଏଭଳି ନାଁରେ ମିଠା ହୋଇଥିବା କଥାକୁ ଗ୍ରହଣ କରିପାରୁ ନାହାନ୍ତି। କାରଣ କରୋନା ଭାଇରସ୍ କାରଣରୁ ହଜାର ହଜାର ସଂଖ୍ୟାରେ ଲୋକେ ମରିବାରେ ଲାଗିଛନ୍ତି। ତେଣୁ ଏଭଳି ଏକ ନାଁରେ ମିଠା ତିଆରି ହେବା ଅଜବ ମନେ ହୋଇଛି। କିନ୍ତୁ ସମ୍ପୃକ୍ତ ଦୋକାନୀଙ୍କ କହିବା କଥା ହେଉଛି, କରୋନାକୁ ନେଇ ଲୋକଙ୍କ ମନରେ ଯେପରି ଆଉ ଭୟ ରହିବ ନାହିଁ ଓ ଲୋକେ ସଚେତନ ହେବେ, ସେଥିପାଇଁ ଏଭଳି ଏକ ମିଠା ପ୍ରସ୍ତୁତ କରାଯାଇଛି। ତେବେ ମିଠାର ସ୍ୱାଦ ଚାଖିବା ପରେ କିନ୍ତୁ ଲୋକେ ଏହାର ଖୁବ୍ ପ୍ରଶଂସା କରିବା ସହ କିଣିବା ପାଇଁ ଆଗ୍ରହ ଦେଖାଉଥିବା ଜଣାପଡ଼ିଛି।

# ଭୋକିଲାଙ୍କ ମୁହଁରେ ହସ ଫୁଟାଉଛନ୍ତି ସୌରଭ



ନୂଆଦିଲ୍ଲୀ: ଲକ୍‌ଡାଉନ୍ ପ୍ରଭାବରେ ଏବେ ବିଭିନ୍ନ ସ୍ଥାନରେ ଲୋକେ ଜୀବିକା ହରାଇଛନ୍ତି। ସେମାନଙ୍କ ମଧ୍ୟରେ ବହୁତ ଲୋକ ଅଛନ୍ତି, ଖାଇବାକୁ ପାଉନାହାନ୍ତି। ତେଣୁ ଏଭଳି ଏକ ସମୟରେ ଭୋକିଲାଙ୍କ ପେଟରେ ଆହାର ଯୋଗାଇବାକୁ ଆଗେଇ ଆସିଛନ୍ତି ଦିଲ୍ଲୀର ସୌରଭ ଜୈନ। ଦିଲ୍ଲୀର ଇଷ୍ଟ ଆଜାଦ ନଗର ଅଞ୍ଚଳରେ ତାଙ୍କର ଏକ କପଡ଼ା ତିଆରି କମ୍ପାନୀ ରହିଛି। ୨୧ ଦିନିଆ ଲକ୍‌ଡାଉନ୍ ଫଳରେ ବହୁ ଲୋକ କାମ ହରାଇବା ସହ ଖାଇବାକୁ ବି ପାଉ ନ ଥିବା ସେ ଦେଖିବାକୁ ପାଇଥିଲେ। ତେଣୁ ଏଭଳି ଲୋକଙ୍କ ପାଇଁ ସେ ଖାଦ୍ୟ ତିଆରିକରି ଖାଇବାକୁ ଦେବା ପାଇଁ ନିଷ୍ପତ୍ତି ନେଇଥିଲେ। ତେଣୁ ଲକ୍‌ଡାଉନ୍ ହେବା ପରଠାରୁ ସେ ପ୍ରତିଦିନ ଲୋକଙ୍କ ପାଇଁ ଖାଦ୍ୟ ତିଆରି କରୁଛନ୍ତି। କେବେ ଛୋଲେ ପୁରି ତ କେବେ ଆଳୁ ତରକାରି ଓ ପୁରି ସହିତ ପଲଉ ବି ତିଆରି କରି ଦେଉଛନ୍ତି। ଏହି ସବୁ ଖାଦ୍ୟକୁ ପ୍ୟାକିଂକରି ଭୋକିଲା ଲୋକଙ୍କୁ ବାଣ୍ଟୁଛନ୍ତି ସୌରଭ। ତେବେ ଖାଦ୍ୟ ବାଣ୍ଟିବା ସମୟରେ ସେ ସାମାଜିକ ଦୂରତ୍ୱ ବଜାୟ ରଖିବା ପାଇଁ ଧ୍ୟାନ ଦେଇଥାନ୍ତି। ତେବେ ତାଙ୍କ ପାଖକୁ ଆସିପାରୁ ନ ଥିବା ଭୋକିଲା ଲୋକଙ୍କୁ ଖାଦ୍ୟ ଦେବାପାଇଁ ସେମାନଙ୍କ ଘରେ ଖାଦ୍ୟ ପୁଡିଆ ପହଁଞ୍ଚାଇବାର ବି ସେ ବ୍ୟବସ୍ଥା କରିଥାନ୍ତି। ସୌରଭଙ୍କ ମତରେ ନିଜେ ବଞ୍ଚିବା ସହିତ ଅନ୍ୟକୁ ବି ବଞ୍ଚିବାକୁ ଦେବା ହେଉଛି ମଣିଷର କର୍ତ୍ତବ୍ୟ।

# କରୋନା ପାଇଁ ହଜିଥିବା ପୁଅ ଫେରିଲା

ଛାପ୍ରା: ପ୍ରାୟ ୭ବର୍ଷ ତଳୁ ପୁଅ ଘରଛାଡ଼ି କୁଆଡେ ଚାଲିଯାଇଥିଲା। ଯେତେ ଖୋଜ ଖବର ନେବା ପରେ ବି ପୁଅ ସମ୍ପର୍କରେ କିଛି ଜଣାପଡ଼ି ନ ଥିଲା। କିନ୍ତୁ ଏବେ କରୋନା ଭାଇରସ୍ ପାଇଁ ପୁଅ ଘରକୁ ଫେରିଛି। ଏମିତି ଏକ ଘଟଣା ଘଟିଛି ଉତ୍ତରପ୍ରଦେଶ ଛାପ୍ରା ଅଞ୍ଚଳରେ। ଏଠାରେ ଭେଲଦି ଥାନା ଅଧୀନରେ ଥିବା ମିତ୍ରସେନ୍ ଗାଁର ବାବୁଲାଲ୍ ଦାସଙ୍କ ପୁଅ ହଠାତ୍ ୭ ବର୍ଷ ତଳେ ଘରଛାଡ଼ି କୁଆଡେ ଚାଲିଯାଇଥିଲେ।



ପୁଅକୁ ଖୋଜିବା ପାଇଁ ବିଭିନ୍ନ ଅଞ୍ଚଳକୁ ଯାଇ ନିରାଶ ହୋଇଥିଲେ ଘରଲୋକେ। ତିନି ବର୍ଷ ପର୍ଯ୍ୟନ୍ତ ଖୋଜିବା ପରେ ଶେଷରେ ପୁଅର ଫେରିବା ଆଶା ପ୍ରାୟ ଛାଡ଼ିଦେଇଥିଲେ ସେମାନେ। କିନ୍ତୁ ଏବେ କିଛିଦିନ ତଳେ ହଠାତ୍ ତାଙ୍କ ପୁଅକୁ ଆଣି ପୋଲିସ ପରିବାର ଲୋକଙ୍କ ଜିମା ଦେଇଛି। ପୋଲିସର କହିବା ଅନୁସାରେ, ଘରୁ ଚାଲିଯିବା ପରେ ଅଜୟ ଭୁଲରେ ଉତ୍ତରପ୍ରଦେଶର ବାରବାଙ୍କି ଅଞ୍ଚଳରେ ଏକ ଆପରାଧୀକ ମାମଲାରେ ଫଶି ଯାଇଥିଲା। ତେଣୁ ଜେଲରେ ରହୁଥିଲା। ଏବେ କରୋନା ଭାଇରସ୍ ସଂକ୍ରମଣକୁ ରୋକିବା ପାଇଁ ଜେଲର କିଛି କଏଦୀଙ୍କୁ ଘରକୁ ପାରୋଲରେ ଯିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ଆଧାରରେ ଅଜୟକୁ ବି ତାଙ୍କ ଘରକୁ ଯିବାକୁ ନିର୍ଦ୍ଦେଶ ମିଳିଛି। ତେଣୁ ଅଜୟକୁ ତା'ର ଘର ଠିକଣା ପଚାରି ପୋଲିସ୍ ଫେରାଇ ଆଣିଛି। ତେବେ ଯାହା ହେଉ କରୋନା ଯୋଗୁ ହଜି ଯାଇଥିବା ପୁଅକୁ ପାଇ ଘରଲୋକେ ଖୁସି ହୋଇ ଯାଇଛନ୍ତି।

# ସଚେତନତା ପାଇଁ ଶର୍ଟ ଫିଲ୍ମ 'ଫ୍ୟାମିଲି'

ମୁମ୍ବାଇ: ଧୀରେ ଧୀରେ ମହାମାରୀ କରୋନାର ପ୍ରକୋପ ଭାରତରେ ବଢ଼ିବାରେ ଲାଗିଛି। ଏଥିପାଇଁ ସରକାରଙ୍କ ସହ ବଲିଉଡ୍ ସେଲିବ୍ରିଟିମାନେ ମଧ୍ୟ ସର୍ବଦା ସଚେତନତା ସୃଷ୍ଟି କରୁଛନ୍ତି। କିନ୍ତୁ ଏହା ସତ୍ତ୍ୱେ ବି ଲୋକେ ଲକ୍‌ଡାଉନ୍‌କୁ ମନ ମାନି ଘରୁ ପଦାକୁ ବାହାରୁଛନ୍ତି। ଫଳରେ ଦିନକୁ ଦିନ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଜନତାଙ୍କୁ ସଚେତନ କରିବା ପାଇଁ ଫିଲ୍ମ ଇଣ୍ଡଷ୍ଟ୍ରିର ବଡ଼ ବଡ଼ ତାରକାମାନେ ଏକ ଶର୍ଟ ଫିଲ୍ମ ତିଆରି କରିଛନ୍ତି, ଯାହାର ନାଁ ହେଉଛି 'ଫ୍ୟାମିଲି'। ମହାନାୟକ ଅମିତାଭ ବଚ୍ଚନ, ସାଉଥ୍ ସୁପରଷ୍ଟାର ରଜନୀକାନ୍ତ, ପ୍ରିୟଙ୍କା ଚୋପ୍ରା, ଚିରଞ୍ଜୀବ, ଆଲିଆ ଭଟ୍ଟ, ଦିଲଜିତ ଦୋସାଞ୍ଜ, ମୋହନଲାଲ୍, ବଙ୍ଗଳା ସୁପରଷ୍ଟାର ପ୍ରସନ୍‌ଜିତ ଓ ରଣବୀର କପୁରଙ୍କ ସହ ଅନ୍ୟ କେତେକ ତାରକା ଏଥିରେ ଅଭିନୟ କରିଛନ୍ତି। ବିଭିନ୍ନ ପ୍ରାନ୍ତର ଫିଲ୍ମ ଇଣ୍ଡଷ୍ଟ୍ରିର ଏହି ତାରକାମାନେ ଏକତ୍ରିତ ହୋଇ କରୋନା ଭାଇରସ୍ ବିଷୟରେ ସଚେତନତା ବାର୍ତ୍ତା ଦେଇଛନ୍ତି। ତେବେ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ଏହି ଫିଲ୍ମ ତିଆରି କରିବାକୁ କେହି ବି ନିଜ ଘରୁ ବାହାରି ନାହାନ୍ତି। ସମସ୍ତେ ଏହାକୁ ନିଜ ଘରେ ଶୁଟ୍ କରିଛନ୍ତି। ତେବେ ଏହି ଫିଲ୍ମର ଆଇଡିଆ ଦେଇଛନ୍ତି ପ୍ରସୂନ ପାଣ୍ଡେ। ଏହାକୁ ଅମିତାଭ ବଚ୍ଚନ ସମର୍ଥନ କରିଥିଲେ। ତେବେ ପୂର୍ବରୁ ଏପରି ଫିଲ୍ମ କେବେ ହୋଇ ନ ଥିଲା। ଦର୍ଶକଙ୍କୁ ଏହା ନିଶ୍ଚିତ ଭଲ ଲାଗିବ ବୋଲି ଅମିତାଭ କହିଛନ୍ତି।



## ସଂକ୍ଷେପରେ

### ସନ୍ଧ୍ୟାରେ ଖୋଲା ରହିବ ଔଷଧ ଦୋକାନ

**ଅନୁଗୋଳ ଅଫିସ୍, ୭।୪:** ଅନୁଗୋଳ ଜିଲାରେ ଲକ୍‌ଡାଉନ କଟକଣାକୁ କଡାକଡି କରାଯାଇଛି। ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି ହେଉଥିବା ଦୋକାନଗୁଡ଼ିକୁ ସକାଳ ୬ଟାରୁ ଅପରାହ୍ନ ୧ଟା ଯାଏ ଖୋଲା ରଖାଯାଉଛି। ହେଲେ ଔଷଧ ଦୋକାନଗୁଡ଼ିକ ସନ୍ଧ୍ୟାରେ ମଧ ଖୋଲାରହିବ ବୋଲି ମଙ୍ଗଳବାର ଜିଲା ପ୍ରଶାସନ ପକ୍ଷରୁ ସ୍ଥିର କରାଯାଇଛି।

### ବିଶୋଧନ ହେଲା ଜନଗହଳି ସ୍ଥାନ

**ଛେଣ୍ଡିପଦା, ୭।୪(ସ୍ୱ.ପ୍ର.)** ଛେଣ୍ଡିପଦାର ବିଭିନ୍ନ ଜନଗହଳି ସ୍ଥାନକୁ ମଙ୍ଗଳବାର ବିଶୋଧନ କରାଯାଇଛି। ଅଗ୍ନିଶମ ବିଭାଗ ସେକ୍ସନ ଅଧିକାରୀ ମନୋରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ବିଡିଓ ସୁନୀଲ କୁମାର କେରକେଟା, ତହସିଲଦାର ଡାନିଏଲ ଏକ୍କା, ବ୍ଲକ ଅଧକ୍ଷ ଅଶୋକ କୁମାର ପ୍ରଧାନ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ମହାମିଳନ ମୁର୍ମୁ, ଦିଲୀପ କୁମାର ବେହେରାଙ୍କ ଉପସ୍ଥିତିରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଥାନା ଓ ବଜାରକୁ ସାନିଟାଇଜ କରାଯାଇଛି। ଆଗାମୀ ଦିନରେ ବ୍ଲକର ଅନ୍ୟ ସ୍ଥାନକୁ ବିଶୋଧନ କରାଯିବ ବୋଲି ଅଗ୍ନିଶମ ସେକ୍ସନ ଅଧିକାରୀ ବିଶ୍ୱାଳ ପ୍ରକାଶ କରିଛନ୍ତି।

### ୪ ରହିଲେ କ୍ୱାରାଣ୍ଟାଇନ୍‌ରେ

**ଖମାର, ୭।୪:** ପାଲଲହଡ଼ା ଉପଖଣ୍ଡ ଖମାର ଥାନା ଶଙ୍ଖମୁର ପଞ୍ଚାୟତକୁ ଫେରିଥିବା ୪ଜଣଙ୍କୁ ଲକ୍ଷ୍ମୀନାରାୟଣ ଉଚ୍ଚ ବିଦ୍ୟାପୀଠ କ୍ୱାରାଣ୍ଟାଇନ୍ କକ୍ଷରେ ରଖାଯାଇଛି। ସେମାନଙ୍କ ମଧ୍ୟରୁ ଗୋଟିଏ ପରିବାରର ୩ଜଣ କଟକରୁ ଓ ଜଣେ ଯୋଡା ଅଞ୍ଚଳରୁ ଆସିଥିବା ବିଡିଓ ରବି ନାରାୟଣ ମାଝି ପ୍ରକାଶ କରିଛନ୍ତି। ଅପରପକ୍ଷରେ ମଦ ଦୋକାନଗୁଡ଼ିକ ବନ୍ଦ ରହିଥିବା ବେଳେ ଗାଁଗୁଡ଼ିକରେ ମଦ ପହଞ୍ଚୁଥିବା ଅଭିଯୋଗ ହେଉଛି। ଏ ନେଇ ଖମାର ଥାନା ଅଧିକାରୀ ନିରୋଦ ଦାସ କହିଛନ୍ତି, ଯଦି ସେମିତି କିଛି ନଜରକୁ ଆସେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ମାଧପୁରକୁ ବିଶୋଧନ ଦାବି

**ମାଧପୁର, ୭।୪:** କରୋନା ସଂକ୍ରମଣ ରୋକିବାକୁ ସରକାର ସାମାଜିକ ଦୂରତା ରକ୍ଷା କରିବା ଉପରେ ଗୁରୁତ୍ୱ ଦେଉଥିଲେ ହେଁ ଅନେକ ଲୋକ ଏହାକୁ ମାନୁ ନାହାନ୍ତି। ତେଣୁ ଆଠମଲ୍ଲିକ ବ୍ଲକ ମାଧପୁର ବଜାର ସହ ବ୍ୟାଙ୍କ, ରାଜସ୍ୱ ନିରୀକ୍ଷକଙ୍କ ଅଫିସ, ପଞ୍ଚାୟତ ଅଫିସ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଦିକୁ ବିଶୋଧନ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ମଦ ଜବତ, ୩ ଗିରଫ

**ବଇଣ୍ଡା/ପରଜଙ୍ଗ, ୭।୪(ଡି.ଏନ.ଏ.):** ହଣ୍ଡପା ପୋଲିସ ବିଭିନ୍ନ ଗ୍ରାମରେ ଚଢ଼ାଉ କରି ୩୨ ଲିଟର ଚୋରା ଦେଶୀ ମଦ ଜବତ କରିଛି। ଏଥିସହ ବଡଡଙ୍ଗିଆଣି ଗ୍ରାମର ଦୁଃଖିଆ ପ୍ରଧାନ, ଧଉରାଗୋଠ ଗ୍ରାମର ଶରତ ପ୍ରଧାନ ଓ ରମା ପ୍ରଧାନଙ୍କୁ ଗିରଫ କରିଛି। ହଣ୍ଡପା ଥାନା ଏଏସ୍‌ଆଇ କୁନି ବାରିକ, ଆର୍ ବିଶ୍ୱାଳ ଚଢ଼ାଉ କରିଥିଲେ। ସେହିପରି ଢେଙ୍କାନାଳ ଜିଲା ପରଜଙ୍ଗ ପୋଲିସ ପକ୍ଷରୁ ମଦ ଧରପଗଡ଼ ଅଭିଯାନକୁ ଜୋରଦାର କରାଯାଇଛି। ଶୁକ୍ରବାର ଆମ୍ବପଳାସ ଗ୍ରାମରୁ ୮୦୦ ଲିଟର, ସୋମବାର ଚାନ୍ଦପୁର ଗ୍ରାମର ବିଭୂତି ସାହୁଙ୍କ ଘରୁ ୨୫୦ ଲିଟର ଏବଂ ଆମ୍ବପଳାସ ଗ୍ରାମର ଅଶୋକ ମହାପାତ୍ରଙ୍କ ଘରୁ ୪୦୦ ଲିଟର ମହୁଲି ମଦ ଜବତ କରାଯାଉଛି। ଚଢ଼ାଉରେ ଥାନାଧିକାରୀ ସନ୍ତୋଷ ପ୍ରଧାନ, ମହାବିରୋଡ଼ ଫାଣ୍ଡି ଅଧିକାରୀ ସରୋଜ ସେଠୀ ପ୍ରମୁଖ ସାମିଲ ହୋଇଥିଲେ।

### ୧୨ଫୁଟର ଅହିରାଜ ଉଦ୍ଧାର



**ଢେଙ୍କାନାଳ ଅଫିସ, ୭।୪:** ଢେଙ୍କାନାଳ ସଦର ରେଞ୍ଜ୍ ଭୁବନପୁରର ଶରତ ନାୟକଙ୍କ ଘରୁ ଏକ ଅହିରାଜ ଉଦ୍ଧାର କରାଯାଇଛି। ଆୱାର୍ଡ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ସୌମ୍ୟଜିତ ରଥ, ଜନ୍ କୁମାର ମଲ୍ଲ, ପ୍ରମିଦ ଜେନା, ଦୀପୁ ଖଟିଆ, ଦୀପକ ସିଂ, ସୌମ୍ୟରଞ୍ଜନ ଖଟୁଆ, ଫରେଷ୍ଟର ପ୍ରଭାକର ରଣା, ଗାର୍ଡ ଶରତ ଚନ୍ଦ୍ର ମଲ୍ଲ ପ୍ରମୁଖ ସାପକୁ ଉଦ୍ଧାର କରିଥିଲେ। ଡିଏଫ୍‌ଓ ବିମଳ ପ୍ରସନ୍ନ ଆଚାର୍ଯ୍ୟଙ୍କ ନିର୍ଦ୍ଦେଶରେ ଅହିରାଜିକୁ ଜଙ୍ଗଲରେ ଛାଡ଼ି ଦିଆଯାଇଛି।

# ଅମାନିଆଙ୍କୁ ଲାଠି

- ୪୭ ନିୟମ ଉଲ୍ଲଂଘନକାରୀ ଗିରଫ
- ନିର୍ମାଣାଧୀନ ଘର ଉପରେ ଚଢ଼ାଉ
- ୨ଜଣ ରହିଲେ କ୍ୱାରାଣ୍ଟାଇନ୍‌ରେ



ସହରରେ ବୁଲୁଥିବା ଅମାନିଆଙ୍କୁ ପୋଲିସ ମାଡ଼ ମାରୁଛି।

**ଅନୁଗୋଳ ଅଫିସ, ୭।୪**

ଲକ୍‌ଡାଉନ ସମୟରେ ବାହାରେ ବୁଲାବୁଲି କରୁଥିବା ଅନୁଗୋଳର କେତେଜଣ ଅମାନିଆଙ୍କୁ ପୋଲିସ ଉତ୍ତମ ମଧ୍ୟମ ଦେଇଛି। ସେହିପରି ବଅଁରପାଳ ଅଞ୍ଚଳରେ କ୍ରିକେଟ ଖେଳୁଥିବା କେତେଜଣଙ୍କୁ ପୋଲିସ ଥାନାକୁ ଉଠାଇ ଆଣିବା ସହ ବ୍ୟାଟ୍, ବଲ ଓ ଉଇକେଟ୍ ଜବତ କରିଥିବା ସୂଚନା ମିଳିଛି। ଜିଲାରେ ନିୟମ ଉଲ୍ଲଂଘନ କରିଥିବା ୪୭ ଜଣଙ୍କ ନାମରେ ବିଭିନ୍ନ ଥାନାରେ ୯ଟି ମାମଲା ରୁଜୁ କରାଯାଇଛି ବୋଲି ଏସ୍‌ପି ଜଗମୋହନ ମୀନା ସୂଚନା ଦେଇଛନ୍ତି। ସେହିପରି କ୍ୱାରାଣ୍ଟାଇନ୍ ନିୟମ ଉଲ୍ଲଂଘନ କରି ୨ ଜଣ ଗିରଫ ହୋଇ କ୍ୱାରାଣ୍ଟାଇନ୍‌କୁ ଯାଇଛନ୍ତି। ଅନୁଗୋଳ ଥାନା ଅଞ୍ଚଳରେ ଦୁଇଟି ମାମଲା ରୁଜୁ ହୋଇଥିବା ବେଳେ ୯ ଜଣଙ୍କୁ ଗିରଫ ସହ ୯ଟି ମୋଟର ସାଇକେଲ ପୋଲିସ ଜବତ ହୋଇଛି। ବଅଁରପାଳ ଥାନା ପୋଲିସ ୩ ମାମଲାରେ ୩୨ ଜଣଙ୍କୁ ଗିରଫ କରିବା ସହ ଗୋଟିଏ କାର୍, ୫ଟି ମୋଟର ସାଇକେଲ ଜବତ କରିଛି। ବନ୍ତଲା ପୋଲିସ ୩ ଜଣଙ୍କୁ ଗିରଫ କରିବା ସହ ତାଳଚେର ଅଞ୍ଚଳର ଜଣଙ୍କୁ ଗିରଫ କରିଛି। ହଣ୍ଡପା ଥାନା ପୋଲିସ ଦୁଇଟି ମାମଲାରେ ଦୁଇ ଜଣଙ୍କୁ ଗିରଫ କରିବା ସହ ମଦ ଜବତ କରିଛି। ପାଲଲହଡା ପୋଲିସ ସ୍ଥାନୀୟ ତହସିଲଦାରଙ୍କ ନେତୃତ୍ୱରେ ସହରର ମୁଖ୍ୟ ବଜାର ସହ ବିଭିନ୍ନ ଛକରେ ବାଇକ୍‌ରେ ଆସୁଥିବା ଲୋକଙ୍କୁ ତାଗିଦ କରିବା ସହ ୧୦ରୁ ଅଧିକ ବାଇକ୍ ଜବତ କରିଛି। କ୍ୱାରାଣ୍ଟାଇନ୍ ନିୟମ ଉଲ୍ଲଂଘନ କରିଥିବା ନେଇ ଆଠମଲ୍ଲିକ ଓ ଖମାର ଥାନାରେ ଦୁଇଟି ମାମଲା ରୁଜୁ ସହ ୨ ଜଣଙ୍କୁ ଗିରଫ କରାଯାଇ କ୍ୱାରାଣ୍ଟାଇନ୍‌ରେ ରଖାଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି। ସେହିପରି ଅନୁଗୋଳ ସହରର ଗୋଟିଏ ସ୍ଥାନରେ ଘର କାମ ନିର୍ମାଣ ବେଳେ ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ ଚଢ଼ାଉ କରିଥିଲେ। ଘର ମାଲିକ ଅଣଓଡ଼ିଆ ଶ୍ରମିକଙ୍କୁ ଲଗାଇ କାର୍ଯ୍ୟ କରୁଥିବା ଦେଖି ସେମାନଙ୍କୁ ଉଠାଇ ଆଣିବା ସହ ପୋଲିସ ଜିମା ଦେଇଥିଲେ।

## ୨୮୬୧ ଶ୍ରମିକଙ୍କୁ ରନ୍ଧାଖାଦ୍ୟ

**ଅନୁଗୋଳ ଅଫିସ, ୭।୪**

ଲକ୍‌ଡାଉନ ଯୋଗୁ ରାଜ୍ୟ ବାହାର ଓ ଜିଲା ବାହାରର ବିଭିନ୍ନ ଶ୍ରମିକ ଅନୁଗୋଳରେ ଫସି ରହିଛନ୍ତି। ଏହି ଶ୍ରମିକମାନଙ୍କୁ ଚିହ୍ନଟ କରି ଜିଲା ପ୍ରଶାସନ ପକ୍ଷରୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ୧୩ଟି ରାଜ୍ୟର ୨,୨୬୩ ଜଣଙ୍କୁ ଓ ୨୪ ଜିଲାର ୫୯୮ ଜଣଙ୍କୁ ରନ୍ଧା ଖାଦ୍ୟ ପ୍ରଶାସନ ପକ୍ଷରୁ ବଣ୍ଟନ କରାଯାଉଛି।

## ଦମ୍ପତିଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା, ୭।୪(ଡି.ଏନ.ଏ.)**

କିଶୋରନଗର ବ୍ଲକ ହଣ୍ଡପା ଥାନା ଉରୁକୁଳା ଗ୍ରାମରେ କୌଶଲ୍ୟା ବେହେରା ଓ ତାଙ୍କ ସ୍ୱାମୀ ଡମ୍ବରୁ ବେହେରାଙ୍କୁ ସେହି ଗ୍ରାମର ତଅଁଲୁ ବେହେରା, ଅନାଦି ବେହେରା, କନକ ବେହେରା ମାଡ଼ ମାରିଥିବା ସୋମବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ.୫୭/୨୦ରେ ମାମଲା ରୁଜୁ କରିଛି। ପୋଲିସ କହିଛି, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଅଭିଯୁକ୍ତମାନେ ଦମ୍ପତିଙ୍କୁ ଆକ୍ରମଣ କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

## ସଚେତନତା କାର୍ଯ୍ୟକ୍ରମ

**ଆଠମଲ୍ଲିକ,୭।୪(ଡି.ଏନ.ଏ.)**

ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ସମାଧାନ ପକ୍ଷରୁ ଜାମୁଁଡୋଲି, ଅଏଡା, ଲୁହାସିଙ୍ଗା ଆଦି ପଞ୍ଚାୟତରେ କରୋନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସମ୍ପାଦକ ବିନୟ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆଠମଲ୍ଲିକ ଥାନା ଆଇଆଇସି ପ୍ରିୟବ୍ରତ ଦାଶ, ସରପଞ୍ଚ ଦଶରଥ ପ୍ରଧାନ, ଡା. ଅଶ୍ୱିନୀ କ୍ଷେତି ପ୍ରମୁଖ ଯୋଗଦେଇ ସାମାଜିକ ଦୂରତ୍ୱ ରଖିବା, ସାବୁନରେ ହାତ ଧୋଇବା, ମାସ୍କ ବ୍ୟବହାର ଆଦି ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ।

## ରିଲିଫ ଫଣ୍ଡକୁ ଦାନ





ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ପାଲଲହଡ଼ା ବ୍ଲକ ବିଜେଡି ସଭାପତି ଗଙ୍ଗାଧର ଜିତ ୫ ହଜାର ଓ ମାଲ୍ୟଗିରି ମହାବିଦ୍ୟାଳୟ ପକ୍ଷରୁ ୩୯,୨୭୦ ଟଙ୍କା ଦାନ କରାଯାଉଛି।



ଆଠମଲ୍ଲିକ ବ୍ଲକ କୁରିବାସପୁର ପଞ୍ଚାୟତ ତିଳେଶ୍ୱର ଗ୍ରାମବାସୀ ୪୭୯୪୬ ଟଙ୍କା ଦାନ କରିଛନ୍ତି।



ଏନ୍‌ଟିପିସି ସେକ୍ସନ ଅଫିସର ଶୈଳବାଳା ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ୧୦ ହଜାର ଟଙ୍କା ଦାନ କରୁଛନ୍ତି।



କାମାକ୍ଷାନଗର ବ୍ଲକ ପିଇଓ ମାଧବ ଚନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡକୁ ମାସକର ଦରମା ଏବଂ ପ୍ରଧାନମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡକୁ ଦିନକର ଦରମା ପ୍ରଦାନ ପ୍ରଦାନ କରୁଛନ୍ତି।



ଢେଙ୍କାନାଳ ଜିଲା ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ର ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧୫ ହଜାର ଟଙ୍କାର ଏକ ଚେକ୍ ଜିଲାପାଳଙ୍କ ଜରିଆରେ ପ୍ରଦାନ କରୁଛନ୍ତି।

# ବିନା ଶ୍ରଦ୍ଧାଳୁରେ ହିଙ୍ଗୁଳାଯାତ୍ରା

**ଅନୁଗୋଳ ଅଫିସ/ତାଳଚେର, ୭।୪**



ମା' ହିଙ୍ଗୁଳା ଯାତ୍ରା ବେଳେ ମନ୍ଦିର ପରିସର ଶ୍ରଦ୍ଧାଳୁଶୂନ୍ୟ ରହିଛି।

ଅନୁଗୋଳ ଜିଲା ତାଳଚେର ଗୋପାଳପ୍ରସାଦସ୍ଥିତ ମା' ହିଙ୍ଗୁଳାଙ୍କ ବାର୍ଷିକ ଯାତ୍ରା ମଙ୍ଗଳବାର ନିରାଡମ୍ବର ଭାବେ ଆରମ୍ଭ ହୋଇଛି। ବିନା ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ମା'ଙ୍କ ଯଥାବିଧି ପୂଜାର୍ଚ୍ଚନା କରାଯାଇଛି। କରୋନା ସଂକ୍ରମଣ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ଜାରି କଟକଣାକୁ ମାନି ଜଣେ ହେଲେ ଶ୍ରଦ୍ଧାଳୁ ଯାତ୍ରାରେ ଯୋଗ ଦେଇ ନ ଥିଲେ ବି ବହୁ ସଂଖ୍ୟାରେ ପୋଲିସ ମୁତୟନ ହୋଇଥିଲେ। ଅନୁଗୋଳ ଏସ୍‌ପି ଜଗମୋହନ ମୀନା ତାଙ୍କ ଫେସବୁକ ଆକାଉଣ୍ଟରେ ମନ୍ଦିର ପରିସରର କିଛି ଫଟୋ ପୋଷ୍ଟ କରିବା ସହ କଟକଣା ମାନି ମନ୍ଦିର ଆସି ନ ଥିବା ଅନୁଗୋଳ ଜିଲାର ଶ୍ରଦ୍ଧାଳୁମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।



ବର୍ଷା ପୂର୍ବରୁ ବସା ବାନ୍ଧିବାକୁ ପାରାଟିଏର ପ୍ରସ୍ତୁତି। (ଫଟୋ- ବୁଲୁ)

# କରୋନା ପ୍ରତିରୋଧ କାର୍ଯ୍ୟକ୍ରମ

**ଢେଙ୍କାନାଳ ଅଫିସ, ୭।୪**



କରୋନା ଭୂତାଣୁ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ।

ଢେଙ୍କାନାଳ ସଦର ବ୍ଲକ ବଣସିଂହ ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର କରୋନା ପ୍ରତିରୋଧ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇଡିଅଟ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନାବଶ୍ୟକ ଭାବେ ପଦାକୁ ନ ବାହାରିବା, ସାମାଜିକ ଦୂରତା ବଜାୟ ରଖିବା, ବାରମ୍ବାର ହାତ ଧୋଇବା, ମାସ୍କ ବ୍ୟବହାର କରିବା, ସନ୍ଦିଗ୍ଧଙ୍କ ଏକାନ୍ତବାସ, ସଙ୍ଗରୋଧରେ ରଖିବା ଲାଗି ସରକାରଙ୍କ ଗାଇଡ୍ ଲାଇନ ପାଳନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସରପଞ୍ଚ କପିଳ ଘଡ଼େଇ, ନାଏବ ସରପଞ୍ଚ ପୁଷ୍ପାଞ୍ଜଳି ପରିଡ଼ା, ସ୍ୱାସ୍ଥ୍ୟକର୍ମୀ ଶ୍ରଦ୍ଧାଞ୍ଜଳି ବେହେରା, ୱାର୍ଡମେମ୍ବର ପ୍ରସନ୍ନ ପଣ୍ଡା, ଶଶିଭୂଷଣ ପଣ୍ଡା, ସରୋଜ ଶତପଥୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ବିଡିଓ ସୁକାନ୍ତ ମାଝି, ତହସିଲଦାର ଲକ୍ଷ୍ମୀଧର ରାଉତ, ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା ଏବଂ ପୋଲିସ କର୍ମଚାରୀମାନେ ବିଭିନ୍ନ ଗ୍ରାମ ପରିଦର୍ଶନ କରି ବାହାରୁ ଆସିଥିବା ଲୋକଙ୍କୁ ଏକାନ୍ତବାସରେ ରହିବାକୁ ପରାମର୍ଶ ଦେଇଥିଲେ। ଏଥିସହ ସାମାଜିକ ଦୂରତ୍ୱ ରକ୍ଷା ସମ୍ପର୍କରେ ସଚେତନ କରାଇଥିଲେ।

## ବିଭ୍ରାନ୍ତି, ଭୟ ସୃଷ୍ଟି ଅଭିଯୋଗରେ ଜଣେ ଗିରଫ




ସୋସିଆଲ ମିଡିଆରେ ମନ୍ଦିରରେ ଭିଡ଼ ସମ୍ପର୍କିତ ପୋଷ୍ଟ।

**ତାଳଚେର,୭।୪(ନି.ପ୍ର.)**

ତାଳଚେର ଗୋପାଳପ୍ରସାଦସ୍ଥିତ ମା' ହିଙ୍ଗୁଳାଙ୍କ ବାର୍ଷିକ ଯାତ୍ରା ନିରାଡ଼ମ୍ବର ଭାବେ ଓ ବିନା ଶ୍ରଦ୍ଧାଳୁରେ ଆରମ୍ଭ ହୋଇଥିବା ବେଳେ ସୋସିଆଲ ମିଡିଆରେ ଜନ ସମାଗମର ପୁରୁଣା ଫଟୋ ପୋଷ୍ଟ କରି ଲୋକଙ୍କୁ ବିଭ୍ରାନ୍ତ ତଥା କରୋନା ବ୍ୟାପିବା ନେଇ ଭୟର ବାତାବରଣ ସୃଷ୍ଟି କରିଥିବା ଅଭିଯୋଗରେ ଅନୁଗୋଳ ହାକିମପଡ଼ାର ଅବିନାଶ ସାମନ୍ତରାୟ(୩୦) ଗିରଫ ହୋଇଛନ୍ତି। ପୋଲିସ ତାଙ୍କଠାରୁ ଗୋଟିଏ ମୋବାଇଲ ଜବତ କରିଛି। ମା' ହିଙ୍ଗୁଳା ଟ୍ରଷ୍ଟ ବୋର୍ଡର ସଦସ୍ୟ ମୁରଲୀଧର ସାହୁ ଏ ନେଇ କୋଲିୟରୀ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ନଂ. ୧୦୩/୨୦ରେ ମାମଲା ରୁଜୁ କରାଯାଇଥିବା ଆଇଆଇସି ସବ୍ୟସାଚୀ ରାଉତ ସୂଚନା ଦେଇଛନ୍ତି।

# ସାମାଜିକ ଦୂରତା ନିୟମ କଡ଼ାକଡ଼ି

**ଢେଙ୍କାନାଳ ଅଫିସ, ୭।୪**

- କେବଳ ସକାଳେ ଖୋଲିବ ଦୋକାନ
- ସହରରେ ଗଡ଼ିବନି ୨ ଚକିଆ ଯାନ

ସାମାଜିକ ଦୂରତ୍ୱ ନିୟମକୁ ଅଧିକ କଡ଼ାକଡ଼ି କରିଛି ଢେଙ୍କାନାଳ ଜିଲା ପ୍ରଶାସନ। ଏଣିକି ସହରରେ କେବଳ ସକାଳ ବେଳା ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲା ରହିବ। ଏଥିଲାଗି ସକାଳ ୭ଟାରୁ ପୂର୍ବାହ୍ନ ୧୧ଟା ଯାଏ ସମୟ ଧାର୍ଯ୍ୟ କରାଯାଇଥିବା ପୌରସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଔଷଧ ଦୋକାନକୁ ଏଥିରୁ ବାଦ୍ ଦିଆଯାଇଛି। ଔଷଧ ଦୋକାନ ସବୁ ସମୟରେ ଖୋଲା ରହିପାରିବ। ଏ ନେଇ ଡାକବାଜି ଯନ୍ତ୍ର ସହାୟତାରେ ଜନସାଧାରଣଙ୍କୁ ଅବଗତ କରାଯାଇଛି। ପୂର୍ବରୁ ବୁଧବାର ଏବଂ ରବିବାର ଅପରାହ୍ନରେ ଦୋକାନ ଖୋଲାଯିବାକୁ ନିଷ୍ପତ୍ତି ହୋଇଥିବାବେଳେ ମଙ୍ଗଳବାର ଏହାକୁ ରଦ୍ଦ କରାଯାଇଛି। ସେହିପରି ରଥଗଡ଼ାସ୍ଥିତ ସମସ୍ତ ପରିବା ଏବଂ ଆମିଷ ଦୋକାନକୁ ଜଗନ୍ନାଥରୋଡସ୍ଥିତ ପୋତାପୋଖରୀ ପଡ଼ିଆକୁ ସ୍ଥାନାନ୍ତର କରାଯାଇଛି। ବ୍ୟବସାୟୀମାନେ ଏହାକୁ ଅମାନ୍ୟ କଲେ ଦୋକାନ ସିଲ କରିଦିଆଯିବ ବୋଲି ପୌରସଂସ୍ଥା ପକ୍ଷରୁ ତାଗିଦ୍ କରାଯାଇଛି। ସାମାଜିକ ଦୂରତା ରକ୍ଷାରେ ସହଯୋଗ ନ କଲେ ବ୍ୟବସାୟୀଙ୍କ ଦୋକାନ ସିଲ୍ କରାଯିବ। ତାଙ୍କର ଟ୍ରେଡ୍ ଲାଇସେନ୍ସ ରଦ୍ଦ କରାଯିବ। ଏଥିସହ ଆପରାଧିକ ମାମଲା ରୁଜୁ କରାଯିବ ବୋଲି ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ ସୂଚନା ଦେଇଛନ୍ତି।

ସେହିପରି ସହରରେ ଦୁଇଚକିଆ ଯାନ ଚଳାଚଳ ନିଷେଧ କରାଯାଇଛି। ମଙ୍ଗଳବାର ଟାଉନ ଥାନା ପୋଲିସ ବାଇକ୍ ଆରୋହୀଙ୍କୁ ଏ ନେଇ ସଚେତନ କରାଇଥିଲା। ଏଥିସହ ନିୟମ ଉଲ୍ଲଂଘନ କରିବା ଅଭିଯୋଗରେ ୧୦ଜଣଙ୍କୁ ଗିରଫ କରାଯିବା ସହ ୮ବାଇକ ଜବତ କରାଯାଇଛି। ଏଥିସହିତ ୧୬ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ବାଇକ୍ ଆରୋହୀଙ୍କ ଉପରେ ଏପରି କଟକଣାକୁ ନେଇ ବିଭିନ୍ନ ସ୍ଥାନରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ବାଇକ୍ ଆରୋହୀମାନେ ଯୁକ୍ତିତର୍କ କରୁଥିବାବେଳେ ସେମାନଙ୍କୁ ବୁଝାଶୁଝା କରି ପୋଲିସ ପଠାଇ ଦେଇଥିଲା। ଏସ୍‌ପିଙ୍କ ଅନୁପମା ଜେମ୍‌ସଙ୍କ ନିର୍ଦ୍ଦେଶରେ ଲକ୍‌ଡାଉନ୍‌କୁ ସଫଳ କରିବାକୁ ପାଟ୍ରୋଲିଂ ଚାଲିଥିବା ଟାଉନ ଥାନାଧିକାରୀ ଜ୍ଞାନରଞ୍ଜନ ସାମଲ ସୂଚନା ଦେଇଛନ୍ତି।



ଅମାନିଆ ଗାଡ଼ି ଚାଳକଙ୍କୁ ପୋଲିସ ସଚେତନ କରାଉଛି।

**ସଂକ୍ଷେପରେ**

## ଆହତ ଶମ୍ବରକୁ ଚିକିତ୍ସା କରାଗଲା

ଧମା, ୭।୪ (ଡି.ଏନ.ଏ.): ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ୍ ଖୁଣ୍ଟା ଗ୍ରାମର ଖଲିଆବନ୍ଧ ନିକଟରୁ ଧମା ବନ ବିଭାଗ ମଙ୍ଗଳବାର ସକାଳେ ଏକ ଆହତ ଶମ୍ବରକୁ ଉଦ୍ଧାର କରିଛି । ଲୋକଙ୍କଠାରୁ ଖବର ପାଇ ରେଞ୍ଜର ଆଲୋକ ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ କର୍ମଚାରୀମାନେ ଶମ୍ବରକୁ ଉଦ୍ଧାର କରିଛନ୍ତି । ଧମା ରେଞ୍ଜ କାର୍ଯ୍ୟାଳୟକୁ ଏହି ଶମ୍ବରଟିକୁ ଧରି କର୍ମଚାରୀ ପହଞ୍ଚିଥିଲେ। ଏହାପରେ ପ୍ରାଣୀ ଧନ ଚିକିତ୍ସକଙ୍କ ଦ୍ୱାରା ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଏହି ଶମ୍ବରଟିର ମୁହଁକୁ କୁରାଢ଼ିରେ ହଣା ଯାଇଥିବା ଦେଖିବାକୁ ମିଳିଛି। ଏଣୁ ଶିକାରୀ କବଳରୁ ଶମ୍ବରଟି ଖସି ଆସିଥିବା ଅନୁମାନ କରାଯାଉଛି।

## ୩ ଦୋକାନ ସିଲ୍, ୨୨ ଜଣଙ୍କ ନାଁରେ ମାମଲା

ସମ୍ବଲପୁର,୭।୪(ବ୍ୟୁରୋ): କରୋନା ଭୂତାଣୁର ମୁକାବିଲା ଲାଗି ସରକାର କଟକଣା ଜାରି କରିଛନ୍ତି। ଏପ୍ରିଲ ୧୪ ପର୍ଯ୍ୟନ୍ତ ସାରା ଦେଶକୁ ଲକ୍ ଡାଉନ୍ ଘୋଷଣା କରିଛନ୍ତି। ହେଲେ ନିୟମ ପାଳନ କରୁ ନ ଥିବା ସମ୍ବଲପୁରର ଅମାନିଆମାନଙ୍କୁ ପୋଲିସ ସାବାଡ କରିଛି । ଗତ ୨୪ ଘଣ୍ଟା ଭିତରେ ପୋଲିସ ପକ୍ଷରୁ ହୋଇଥିବା କାର୍ଯ୍ୟାନୁଷ୍ଠାନରେ ୩ କିରାନା ଦୋକାନ ସିଲ କରାଯାଇଛି । ଏଗୁଡିକ ଧନୁପାଲି ଥାନା ପିଡବ୍ଲୁଡି କଲୋନୀ, ଅଇଁଠାପାଲି ଥାନା ଆଦର୍ଶ ନଗର ଓ କ୍ଷେତରାଜପୁର ଥାନା ମାଲବାରୀ ଅଞ୍ଚଳର। କଟକଣା ସମରେ ଦୋକାନରେ ସମାଜିକ ଦୂରତା ରହି ନ ଥିଲା। ଏହା ସହ ଗ୍ରାହକଙ୍କ ହାତ ଧୋଇବା ପାଇଁ ବ୍ୟବସ୍ଥା କରି ନ ଥିବାରୁ ଦୋକାନ ଗୁଡିକ ସିଲ୍ କରାଯାଇଥିଲା। ସେହିପରି ବିଭିନ୍ନ ଥାନା ଅଞ୍ଚଳରୁ ୨୨ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ୩୫ ବାଇକ୍ ଜବତ ହୋଇଛି ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

## ଲକ୍‌ଡାଉନ ଉଲ୍ଲଂଘନ କରି ଗିରଫ

ମନମୁଣ୍ଡା, ୭।୪ (ଡି.ଏନ.ଏ) ମନମୁଣ୍ଡା ଥାନା ଅଧୀନ ପରା ନିବାସୀ ଆଦିତ୍ୟ ପ୍ରଧାନ (୩୨) ଲକ୍ ଡାଉନ ଉଲ୍ଲଂଘନ କରିବା ଅଭିଯୋଗରେ ସୋମବାର ଗିରଫ ହୋଇଛନ୍ତି। ଏ ନେଇ ଏକ ମାମଲା (ନଂ.୫୪/୨୦) ରୁଜୁ କରି ମଙ୍ଗଳବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି। କିରାନା, ପନିପରିବା, ଆମିଷ ଏବଂ ଔଷଧ ଦୋକାନ ସକାଳ ୭ରୁ ୧୧ ପର୍ଯ୍ୟନ୍ତ ଖୋଲା ରଖି ସାମାଜିକ ଦୂରତା ବଜାୟ ରଖି ବ୍ୟବସାୟ କରିବାକୁ ଜିଲା ପ୍ରଶାସନ ଅନୁମତି ଦେଇଥିଲା । ଅନ୍ୟ ସବୁ ଦୋକାନ ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଥିଲା । ତେବେ ଅଭିଯୁକ୍ତ ଆଦିତ୍ୟ ପ୍ରଧାନ ସୋମବାର ପଲସାଗୋରା ସ୍ଥିତ ତାଙ୍କ କିରାନା ଦୋକାନ ଅପରାହ୍ନ ସାଢ଼େ ୧୨ଟା ପର୍ଯ୍ୟନ୍ତ ଖୋଲାରଖି ବ୍ୟବସାୟ ଚଳାଇଥିଲେ। ଏହି ସମୟରେ ମାଜିଷ୍ଟ୍ରେଟ ଅତିରିକ୍ତ ତହସିଲଦାର ସୁଶୀଲ କୁମାର କୁଅଁର ଏବଂ ଆଇଆଇସି ଗୋପୀନାଥ ପ୍ରଧାନ ପଲସାଗୋରାକୁ ଲକ୍ ଡାଉନ ସ୍ଥିତି ଅନୁଧ୍ୟାନ କରିବାକୁ ଯାଇ ଅଭିଯୁକ୍ତ ଦୋକାନ ଖୋଲି ବସିଥିବା ଦେଖି ତାଙ୍କୁ ଗିରଫ କରିଥିଲେ ।

## କାନିଜୁରୀରେ ଜଳଯୋଗାଣ ବନ୍ଦ

ସମ୍ବଲପୁର, ୭।୪(ବ୍ୟୁରୋ): କରୋନା ଭୂତାଣୁ ମୁକାବିଲା ଲାଗି ସରକାରଙ୍କ କଟକଣାକୁ ସମ୍ବଲପୁରବାସୀ ପାଳନ କରୁଛନ୍ତି। ଲକ୍ ଡାଉନ୍ ଯୋଗୁ ସେମାନେ ଘରୁ ପାଦ କାଢ଼ିବାକୁ ଭୟ କରୁଛନ୍ତି । ହେଲେ ୩ ଦିନ ହେଲା କାନିଜୁରୀରେ ଜଳ ଯୋଗାଣ ବନ୍ଦ ରହିଛି । ଏପଟେ କଟକଣା ସେପଟେ ଜଳଯୋଗାଣ ବନ୍ଦ ରହିବାରୁ ଲୋକମାନେ ପାଣି ପାଇଁ ଡହଳ ବିକଳ ହେଉଛନ୍ତି। ଲୋକେ ଜିଲା ପ୍ରଶାସନ ପାଖରେ ଅଭିଯୋଗ କରିଛନ୍ତି। ଅଭିଯୋଗ କ୍ରମେ ମହାନଗର ନିଗମ ୧୫ ନମ୍ବର ୱାର୍ଡର କାନିଜୁରୀରେ ପ୍ରାୟ ୬ ଶହ ପରିବାର ବସବାସ କରୁଛନ୍ତି। ଗ୍ରାମରେ ଥିବା ଷ୍ଟାଣ୍ଡପୋଷ୍ଟ ଗୁଡିକରେ ପାଣି ଆସୁନାହିଁ। ମାତ୍ର ୨ଟି ନଳକୂଅ ଥିଲେ ବି ଆବଶ୍ୟକ ପାଣି ବାହାରୁନାହିଁ । କିଛି ଦିନ ପୂର୍ବରୁ ରାସ୍ତାରୋକ କରିବାରୁ ଟ୍ୟାଙ୍କର ଯୋଗେ ଏଠାରେ ପାଣି ଯୋଗାଇ ଦିଆଯାଉଛି। ହେଲେ ସକାଳେ ଗୋଟିଏ ଟ୍ୟାଙ୍କର ପାଣି ଆସୁଛି। ତାହା କିନ୍ତୁ ଜନସଂଖ୍ୟାକୁ ଦେଖିଲେ ନିଅଣ୍ଟ ପଡୁଛି। ଗୋଟିଏ ପଡାରେ ପାଣି ସରିଯାଉଛି । ଅନ୍ୟପଡାକୁ ପାଣି ପହଞ୍ଚି ପାରୁନାହିଁ ।

# ଲୋକଙ୍କ ପ୍ରଶ୍ନକୁ ସାମ୍ନା କରୁଛୁ

**ଭୟ ଭିତରେ ଗ୍ୟାସ୍ ଡେଲିଭରି**

କରୋନା ଭୂତାଣୁ ସଂକ୍ରମଣରେ ବିଶ୍ୱ କବଳିତ ହେଉଛି । କରୋନା ସଂକ୍ରମଣ ପ୍ରତିଷେଧକ ଭାବେ ବିଶ୍ୱ ସମୁଦାୟ ବିବିଧ ପଦକ୍ଷେପ ହାତକୁ ନେଇଛନ୍ତି । ଭାରତ ମଧ୍ୟ ପ୍ରତିଷେଧକ ଭାବେ ଜନତା କର୍ଫ୍ୟୁ ଓ ଲକ୍‌ଡାଉନ, ସଟ୍‌ଡାଉନ ପ୍ରଭୃତି ପଦକ୍ଷେପ ଗ୍ରହଣ କରିଛନ୍ତି। ତେବେ ଲକ୍‌ଡାଉନ ସତ୍ତ୍ୱେ କ୍ଷୀର, ଔଷଧ, ରାଶନ ସାମଗ୍ରୀ, ଫଳ, ପନିପରିବା ବିକ୍ରି ହେଉଛି । ଏହି ସାମଗ୍ରୀ ସହ ରନ୍ଧନ ଗ୍ୟାସ ମଧ୍ୟ ଅତ୍ୟାବଶ୍ୟକ ସାମଗ୍ରୀ। ଏଣୁ ରନ୍ଧନ ଗ୍ୟାସ ଯୋଗାଇଦେଉଥିବା ବ୍ୟକ୍ତିଙ୍କ ମଧ୍ୟରେ କରୋନା ଭୂତାଣୁ ଭୟ ମଧ୍ୟ ରହିଛି । ସେମାନେ ସତର୍କତା ଅବଲମ୍ବନ କରି କର୍ତ୍ତବ୍ୟ କରୁଛନ୍ତି। ତଥାପି ଘରକୁ ଗଲେ ପରିବାରବର୍ଗଙ୍କ ଅନେକ ପ୍ରଶ୍ନର ଉତ୍ତର ଦେବାକୁ ପଡୁଛି ।



କରୋନା ଭୂତାଣୁ ଯୋଗୁ ଜନସାଧାରଣଙ୍କ ବ୍ୟବହାରରେ ପରିବର୍ତ୍ତନ ଦେଖାଯାଇଛି । ପୂର୍ବରୁ ଘର ଭିତରକୁ ଗ୍ୟାସ ନେବା ପାଇଁ ଅନୁରୋଧ କରୁଥିଲେ। ଏବେ ଘର ଫାଟକରେ ଗ୍ୟାସ ରଖି ଚାଲି ଯିବାକୁ କହୁଛନ୍ତି । ଜରୁରୀ କାର୍ଯ୍ୟ ହୋଇଥିବାରୁ ରନ୍ଧନ ଗ୍ୟାସ ଯୋଗାଇବାକୁ ବାଧ ହେଉଛୁ। ଗ୍ୟାସ ଦେଲା ପରେ ହାତ ସାନିଟାଇଜ କରି ଇଚ୍ଛା ଅନୁସାରେ ଗ୍ରାହକମାନେ ୧୦ ରୁ ୨୦ ଟଙ୍କା ଆମକୁ ଦେଉଛନ୍ତି । ବିଗତ ୨ ବର୍ଷ ହେବ ଗ୍ୟାସ ଯୋଗାଣ କରି ପରିବାର ପ୍ରତିପୋଷଣ କରୁଛି ।

**-ଯବିନ୍ଦ୍ର ବାଗ, ଅଇଁଠାପାଲି**



ଲକ୍‌ଡାଉନ ଯୋଗୁ ସମସ୍ତେ ଘରେ ରହୁଛନ୍ତି । କିନ୍ତୁ ପେଟପାଟଣା ଲାଗି ଘରୁ ବାହାରକୁ ଆସିବାକୁ ପଡୁଛି। ରନ୍ଧନ ଗ୍ୟାସ ଯୋଗାଇବା ବର୍ତ୍ତମାନ ପରିସ୍ଥିତିରେ ଜରୁରି ସେବା। ଏହି ସେବାରୁ କିଛି ଅର୍ଥ ଉପାର୍ଜିତ ହେଉଛି । ଏହାକୁ ନେଇ ୫ଜଣଙ୍କୁ ନେଇ ପରିବାର ପ୍ରତିପୋଷଣ କରୁଛି । ହେଲେ କମ୍ପାନୀ ପକ୍ଷରୁ କୌଣସି ପ୍ରକାର ପ୍ରତିଷେଧକ ବ୍ୟବସ୍ଥା କରାଯାଉନି।

**-କିଶୋର ମହାନନ୍ଦ, ଭୀମଭୋଇନଗର**



ସମ୍ବଲପୁର ସହରଠାରୁ ୧୪ କିମି ଦୂର ବିଶିପାଲିଠାରୁ ଗ୍ୟାସ ବିତରଣ କରିବାକୁ ଆସୁଛି । ଗାଁ ଲୋକ କରୋନା କଟକଣାକୁ ନେଇ ବିଭିନ୍ନ ଇଙ୍ଗିତ କରୁଛନ୍ତି । ପରିବାର ଲୋକ କହୁଛନ୍ତି ଭୋକରେ ରହିବା ପଛେ ତମେ ସହରକୁ ଯାଅନି। କିନ୍ତୁ ବିଗତ ୧୪ ବର୍ଷ ହେବ ଗ୍ୟାସ ବିତରଣ କରି ପରିବାର ପ୍ରତିପୋଷଣ କରୁଛି । ଅପରପକ୍ଷେ ଗ୍ରାହକମାନେ ମଧ୍ୟ ଫୋନ ଯୋଗେ ଗ୍ୟାସ ଯୋଗାଇବାକୁ ଅନୁରୋଧ କରୁଛନ୍ତି । ଏହି ଘଡିସନ୍ଧି ସମୟରେ କରୋନା ଭୟକୁ ଦୂରେଇ ଦେଇ ଗ୍ୟାସ ବିତରଣ କରୁଛି। **-ଉଦ୍ଧବ ମହାନନ୍ଦ, ବୁଢ଼ାରଜା**



ବିଗତ ୯ ବର୍ଷ ହେବ ପୁଟିବନ୍ଧଠାରୁ ସହର ଭିତରକୁ ଗ୍ୟାସ ଯୋଗାଇ ଆସୁଛି । ସଂପ୍ରତି ଲକ୍‌ଡାଉନ ଯୋଗୁ ସମସ୍ତ ଦୋକାନ ବଜାର ବନ୍ଦ ରହିଛି । ପୂର୍ବରୁ ଗ୍ୟାସ ଯୋଗାଣ ବେଳେ ବିଭିନ୍ନ ଗ୍ରାହକଙ୍କ ଘରେ କିଛି ଖାଇବା ଓ ସରବତ ପିଇବାକୁ ଦେଉଥିଲେ । ବର୍ତ୍ତମାନ ଏହା କରୋନା ଭୟରୁ ଦୂରେଇ ଯାଇଛି । ବାବୁରେ ଗ୍ୟାସ ବାହାରେ ରଖିଦିଅ ପରେ ଆମେ ନେଇ ଯିବୁ ବୋଲି କହୁଛନ୍ତି । ଗ୍ରାହକମାନେ ଗ୍ୟାସ ଯୋଗାଣ ପାଇଁ ୨୦ ଟଙ୍କା ଦେଇଥାନ୍ତି । ଏଥିରେ ପରିବାର ଖୁସିରେ ଚଳିଥାଇଁ । ଅନ୍ୟ କୌଣସି ବ୍ୟବସାୟ ନାହିଁ । **-ଦେବାନନ୍ଦ ପାଉଲ, ପୁଟିବନ୍ଧ**

**ପ୍ରସ୍ତୁତି: ବି. ଶଙ୍କର, ସମ୍ବଲପୁର**

## କଟକଣା ନ ମାନିବାରୁ ୨୫୦ରୁ ଅଧିକ ବାଇକ୍ ଜବତ

**ଝାରସୁଗୁଡା ଅଫିସ,୭।୪**

କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ ସମଗ୍ର ଦେଶରେ ଲକ୍‌ଡାଉନ କଟକଣା ପାଳନ କରାଯାଉଛି। ତଥାପି ଲୋକେ ଲାକ୍‌ଡାଉନ କଟକଣାକୁ ଠିକ ଭାବେ ପାଳନ କରୁ ନାହାନ୍ତି। ଏଣୁ ରାଜ୍ୟ ସରକାର ଏହାକୁ କଡାକଡି ଭାବେ ପାଳନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ନିୟମ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ କରିବାକୁ ଚେତାବନୀ ଦେଇଛନ୍ତି। ଝାରସୁଗୁଡା ସହରରେ ଲକ୍‌ଡାଉନ କଟକଣା ନ ମାନିବାରୁ ମଙ୍ଗଳବାର ପ୍ରାୟ ୨୫୦ ରୁ ଅଧିକ ମୋଟରସାଇକେଲ ଜବତ କରାଯାଇଛି। ସହରର କିଶାନ ଛକ, ବସଷ୍ଟାଣ୍ଡ ଛକ, ରେଳ ଷ୍ଟେସନ ଛକ ଓ ଥାନା ଛକ ଆଦିରେ ପୋଲିସ କର୍ମଚାରୀମାନେ ରହି ବିନାକାରଣରେ ସହରରେ ଯିବା ଆସିବା କରୁଥିବା ଲୋକଙ୍କୁ ବାରଣ କରୁଛନ୍ତି। ତେବେ ରାଜ୍ୟ ସରକାର ଓ ଜିଲା ପ୍ରଶାସନର ନିର୍ଦ୍ଦେଶ ପରେ ପୋଲିସ ଆକ୍ସନ ମୁଡ୍‌କୁ ଆସି କାର୍ଯ୍ୟାନୁଷ୍ଠାନ ନେଇଛି। ଲକ୍‌ଡାଉନ ଶେଷ ହେବା ପରେ ହିଁ ଏହି ବାଇକଗୁଡିକୁ ଛଡା ଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ପ୍ରକାଶଥାଉ କି ଲକ୍‌ଡାଉନ କଟକଣା ମଙ୍ଗଳବାରଠାରୁ କଡାକଡି କରାଯାଇଛି। ପୂର୍ବରୁ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ କ୍ରୟ କରିବା ପାଇଁ ସକାଳ ୬ଟାରୁ ଦିନ ୧୧ଟା ଯାଏ ଅନୁମତି ପ୍ରଦାନ କରାଯାଇଥିଲା। ମଙ୍ଗଳବାରଠାରୁ ଏହି ସମୟ ସୀମାକୁ ଏକଘଣ୍ଟା ହ୍ରାସ କରାଯାଇ ସକାଳ ୬ରୁ ଦିନ ୧୦ ପର୍ଯ୍ୟନ୍ତ କରାଯାଇଛି। ଜିଲାପାଳ ସରୋଜ କୁମାର ସାମଲଙ୍କ ନିର୍ଦ୍ଦେଶ ମୁତାବକ ଜଣେ ବ୍ୟକ୍ତି ବାହାରକୁ କୌଣସି ଅତ୍ୟାବଶ୍ୟକ କାର୍ଯ୍ୟରେ ବାହାରିଲେ ଚାଲି ଚାଲି କିମ୍ବା ସାଇକେଲରେ ବାହାରି ସମୟ ସୀମା ମଧ୍ୟରେ ଘରକୁ ଫେରିବେ। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କୌଣସି ଆବଶ୍ୟକତା ଥିଲେ ମୋଟରଯାନ ବ୍ୟବହାର କରିପାରିବେ। ମାତ୍ର ଏଥିପାଇଁ ସମ୍ପୃକ୍ତ ବ୍ୟକ୍ତି ନିଜ ପାଖରେ ଆବଶ୍ୟକ କାଗଜପତ୍ର ପାଖରେ ରଖିବେ। କାର୍ଯ୍ୟରତ ପୋଲିସ କିମ୍ବା ମାଜିଷ୍ଟ୍ରେଟଙ୍କ ଅନୁମତି ନେଇ ଡାକ୍ତରଖାନା କିମ୍ବା ଔଷଧ ଦୋକାନ ଯାଇପାରିବେ ବୋଲି କୁହାଯାଇଛି।

## ନିଖୋଜ ବାଳକର ମୃତଦେହ ଉଦ୍ଧାର

**ହତ୍ୟା ସନ୍ଦେହ, ଅଟକ ଯୁବକଙ୍କୁ ପଚରାଉଚୁରା**

**ଦେଓଗାଁ, ୭।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ବନ୍ଧପଡା ଫାଣ୍ଡି ବିଲାସପୁରୁ ନିଖୋଜ ଜଣେ ନବମ ଶ୍ରେଣୀ ଛାତ୍ରର ମୃତଦେହ ସୋମବାର ରାତିରେ ନିକଟସ୍ଥ ଘାଗୁଲଡୁଙ୍ଗୁରୀ ଗାଁ ପାଖରୁ ପୋଲିସ ଉଦ୍ଧାର କରିଛି। ମୃତ ଛାତ୍ର ହେଉଛନ୍ତି ବିଲାସପୁରର ରାମକୃଷ୍ଣ ମଲ୍ଲିକଙ୍କ ପୁଅ ରାଜେଶ(୧୩)। ମଙ୍ଗଳବାର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ପଠାଇଛି। ଏସ୍‌ଡିପିଓ ଶ୍ରୀମନ୍ତ ବାରିକ, ଥାନାଧିକାରୀ ରଞ୍ଜନ ବରିହା, ବନ୍ଧପଡା ଫାଣ୍ଡି ଅଧିକାରୀ କମଳଲୋଚନ ମାଝୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତନାଘନା ଚଳାଇଛନ୍ତି। କେତେକ ଯୁବକଙ୍କୁ ସନ୍ଦେହରେ ଅଟକ ରଖି ପୋଲିସ ପଚରାଉଚୁରା କରୁଛି। ସୂଚନା ଅନୁସାରେ ରାଜେଶ ରବିବାର ଅପରାହ୍ନରେ କ୍ରିକେଟ ଖେଳିବାକୁ ଯାଉଛି କହି ଘରୁ ବାହାରିଥିଲେ। ସନ୍ଧ୍ୟା ଯାଇ ରାତି ହେଲେ ମଧ୍ୟ ସେ ଘରକୁ ଫେରି ନ ଥିଲେ। ସୋମବାର ଅଜା ନାକା ଭୋଇ ରାଜେଶଙ୍କ ନିଖୋଜ ସମ୍ପର୍କରେ ବନ୍ଧପଡା ଫାଣ୍ଡିରେ ଅଭିଯୋଗ କରିଥିଲେ। ଅପରପକ୍ଷରେ ସେହିଦିନ ସନ୍ଧ୍ୟାରେ ଘାଗୁଲଡୁଙ୍ଗୁରୀ ନିକଟସ୍ଥ ଏକ ଜମିରେ ଏକ ବାଳକର ମୃତଦେହ ପଡିଥିବା କେତେକ ଲୋକ ଦେଖି ପୋଲିସକୁ ଖବର ଦେଇଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଅଧିକ ତଥ୍ୟ ମିଳିପାରିବ ବୋଲି ପୋଲିସ କହିଛି। ମୃତ ବାଳକର ମା' ବାପା କାମ ଅନ୍ୱେଷଣରେ ଭଞ୍ଜନଗର ଯାଇଥିବା ବେଳେ ସେ ମାମୁ ଘରେ ରହି ପାଠ ପଢୁଥିଲେ। ଏ ନେଇ ଦେଓଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା(୮/୨୦) ରୁଜୁ ହୋଇଛି।

## ବନ୍ଧରୁ ଶିଶୁକନ୍ୟା ମୃତଦେହ ଉଦ୍ଧାର

**ବଲାଙ୍ଗୀର ଅଫିସ, ୭।୪**

ବଲାଙ୍ଗୀର ସହର ଠିକାଦାରପଡା ବନ୍ଧରୁ ମଙ୍ଗଳବାର ସକାଳେ ଏକ ଶିଶୁକନ୍ୟାର ମୃତଦେହ ଉଦ୍ଧାର କରାଯାଇଛି । ମୃତ ଶିଶୁକନ୍ୟା ଠିକାଦାରପଡା ନିବାସୀ ପ୍ରସନ୍ନ ବାଗଙ୍କ ଝିଅ ସରିତା କୁମାରୀ (୩) ବୋଲି ଚିହ୍ନଟ କରାଯାଇଛି। ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ପଠାଇଛି। ଶିଶୁକନ୍ୟା କେଉଁ ପରିସ୍ଥିତିରେ ବନ୍ଧକୁ ଯାଇ ପାଣିରେ ବୁଡି ମୃତ୍ୟୁବରଣ କଲା ସେନେଇ ଠୋସ୍ ସୂଚନା ମିଳି ନ ଥିଲେ ମଧ୍ୟ ଉଭୟ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ସମ୍ପର୍କ ତିକ୍ତ ରହିଥିବା ଜଣାପଡିଛି। ମହିଳା ଜଣକ ଅନ୍ୟତ୍ର ରହୁଥିବାବେଳେ ଝିଅର ପିତାଙ୍କ ସୂଚନାକୁ ଆଧାର କରି ପୋଲିସ ଶିଶୁକନ୍ୟାଙ୍କ ମାତାଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି।

## ପିଡିଏସ୍ ସାମଗ୍ରୀ ବଣ୍ଟନ ବେଳେ ଭିଡ଼

**ବାମରା, ୭।୪ (ଡି.ଏନ.ଏ)**



ପିଡିଏସ୍ ସାମଗ୍ରୀ ପାଇଁ ଲୋକେ ଭିଡ ଜମାଇଛନ୍ତି ।

କରୋନା ବ୍ୟାପିବା ଆଶଙ୍କା ଥିବାରୁ ସରକାରଙ୍କ ପକ୍ଷରୁ ସାମାଜିକ ଦୂରତା ପାଳନ କରିବା ପାଇଁ କଡାକଡି ନିୟମ ହୋଇଛି । ମାତ୍ର ଲୋକେ ସାମାଜିକ ଦୂରତାର ମହତ୍ତ୍ୱ ନ ବୁଝି ବିଭିନ୍ନ ସମୟରେ ଗହଳି କରୁଥିବା ଦେଖିବାକୁ ମିଳିଛି । ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି ବାମରା ବ୍ଲକ କାର୍ଯ୍ୟାଳୟ ରାଜୀବ ଭବନରେ । ମଙ୍ଗଳବାର ଏଠାରେ ପିଡିଏସ ଚାଉଳ ବଣ୍ଟନ ହେଉଥିବା ସମୟରେ ପ୍ରାୟ ୨ ଶହ ଲୋକ ରୁଣ୍ଡ ହୋଇଥିଲେ । ବାରମ୍ବାର ତାଗିଦ ସତ୍ତ୍ୱେ ସେମାନେ ସାମାଜିକ ଦୂରତ୍ୱ ପାଳନ କରୁ ନ ଥିଲେ ଶେଷରେ । ଖବର ପାଇ ଗୋବିନ୍ଦପୁର ଥାନା ଅଧିକାରୀ ପ୍ରତାପ ରଣା ସଦଳବଳ ଘଟଣାସ୍ଥଳରେ ପହଞ୍ଚିବା ପରେ ପରିସ୍ଥିତି ଆୟତ୍ତ ହୋଇଥିଲା । ଗୋବିନ୍ଦପୁର ପୋଲିସ ପକ୍ଷରୁ ସମସ୍ତ ପିଡିଏସ ହିତାଧିକାରୀଙ୍କୁ ସାମାଜିକ ଦୂରତ୍ୱ ବଜାୟ ରଖିବା ପାଇଁ କଡାକଡି ତାଗିଦ କରିବା ସହିତ ସାମଗ୍ରୀ ବଣ୍ଟନ ସମୟରେ ଆବଶ୍ୟକୀୟ ପୋଲିସ କର୍ମଚାରୀ ମୁତୟନ କରାଯିବ ବୋଲି କହିଛନ୍ତି ।

**ଫଟୋରେ ଖବର...**



ମଙ୍ଗଳବାର ଅପରାହ୍ନରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅଞ୍ଚଳରେ ବର୍ଷା ସହ କୁଆପଥର ମାଡ଼ ଯୋଗୁ ପରିବା ଫସଲ ନଷ୍ଟ ହୋଇଛି ।

## ପୋଖରୀରୁ ମିଳିଲା ନବଜାତକର ମୃତଦେହ

**ଦେଓଗାଁ, ୭।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ପିପଲପଦର ବନ୍ଧରେ ମଙ୍ଗଳବାର ଏକ ନବଜାତକର ମୃତଦେହ ଭାସୁଥିବା ନଜରକୁ ଆସିଥିଲା। ସକାଳେ ବନ୍ଧରେ ଏକ ଶିଶୁର ମୃତଦେହ ଭାସୁଥିବା ଗାଁର କେତେକ ଲୋକ ଦେଖିଥିଲେ। ଏହି ଘଟଣାକୁ ନେଇ ଗାଁରେ ନାନା ଚର୍ଚ୍ଚା ହୋଇଥିଲା। ପରେ ମୃତଦେହକୁ ପୋଖରୀରୁ ଉଦ୍ଧାର କରି ଗାଁର କେତେକ ଯୁବକ ପୋତି ଦେଇଥିଲେ।

## ପାଇକମାଳରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ

**ପାଇକମାଳ, ୭।୪ (ଡି.ଏନ.ଏ)**

ପାଇକମାଳ ଡାକ୍ତରଖାନା ପରିସରରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଡାକ୍ତରଖାନାର ଡା. ଶ୍ରୀଧର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପିଏଚ୍‌ଇଓ ତୁଷ କୁମାର ଚନ୍ଦ୍ରକାର, ଡା. ସଙ୍ଗୀତା ସାହୁ, ଚିତ୍ତରଞ୍ଜନ ଦାଶ, ସୁବ୍ରତ ବିଶ୍ୱାଳ ଓ ଡାକ୍ତରଖାନାର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ । ବର୍ତ୍ତମାନ ସମୟରେ ବିଶ୍ୱକୁ କରୋନା ଦାଉରୁ ରକ୍ଷା କରିବା ପାଇଁ ସାମାଜିକ ଦୂରତା ରକ୍ଷା କରିବା, କର୍ମଚାରୀମାନେ ମୁହଁରେ ମାସ୍କ ପିନ୍ଧିବାକୁ ଡା. ପ୍ରଧାନ ପରାମର୍ଶ ଦେଇଥିଲେ ।

## ସହର ବୁଲି ପରିବା ବିକୁଛନ୍ତି ମହିଳା

**ସମ୍ବଲପୁର,୭।୪ (ବ୍ୟୁରୋ)**

କରୋନା ମୁକାବିଲା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉଥିବା ବେଳେ ବିଭିନ୍ନ ସାମାଜିକ ସଂଗଠନ ମଧ୍ୟ ସହଯୋଗ କରୁଛନ୍ତି । ରବିବାର ଏଥିରେ ଏସଏଚଜି ମହିଳାମାନେ ସାମିଲ ହୋଇଛନ୍ତି। ଜଲାନ ଫାଉଣ୍ଡେଶନ ପକ୍ଷରୁ ସେମାନଙ୍କୁ ପନିପରିବା ନେବା ପାଇଁ ଅଟୋ ଯୋଗାଇ ଦିଆଯାଇଛି। ଓରମାସ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ମାନେଶ୍ୱର ବ୍ଲକ୍ ନୂଆଁତିହୁରା ପଞ୍ଚାୟତ ଜୟ ଜଗନ୍ନାଥ ଏସଏଚଜି ଗ୍ରୁପର ସଦସ୍ୟମାନେ ଅଟୋରେ ପରିବା ନେଇ ସମ୍ବଲପୁର ଆସିଥିଲେ। ସମ୍ବଲପୁର ଡିଆରଡିଏ କାର୍ଯ୍ୟାଳୟ ପରିସରରୁ ଓମ୍ ଏବଂ ଶ୍ରୀୟାଂସ ଏସଏଚଜିର ମହିଳାମାନେ ଦୁଇଟି ଅଟୋରେ ପରିବା ନେଇ ବିଭିନ୍ନ ଅଞ୍ଚଳରେ ବିକ୍ରି କରୁଛନ୍ତି । ଓରମାସ ଜିଲା ସଂଯୋଜକ ଶ୍ରୀମନ୍ତ ହୋତାଙ୍କ ସହିତ ସମସ୍ତ ଟିମ୍ ଏହାକୁ ପରିଚାଳନା କରୁଛନ୍ତି।



ସମ୍ବଲପୁରରେ ଏସ୍‌ଏଚ୍‌ଜିର ସଦସ୍ୟାମାନେ ପନିପରିବା ବିକ୍ରି କରୁଛନ୍ତି ।

## ହାତବାନ୍ଧି ବସିଛନ୍ତି ମତ୍ସ୍ୟଜୀବୀ

**କଳାହାଣ୍ଡିରେ କରୋନା ମାଡ଼**

- ବାଲୁଗାଁ ଓ ଆନ୍ଧ୍ରପ୍ରଦେଶରୁ ଆସୁଥିଲା ଶହ ଶହ କୁଇଣ୍ଟାଲ ମାଛ
- ଗାଡ଼ିମୋଟର ଚଳାଚଳ ବନ୍ଦ ହେବା ପରେ ମାଛ ଆମଦାନୀ ଠପ୍
- ପରିବାର ପ୍ରତିପୋଷଣ ପାଇଁ ବଢ଼ିଯାଇଛି ଚିନ୍ତା

**ଭବାନୀପାଟଣା, ୭।୪(ଡି.ଏନ.ଏ)**

କରୋନା ସଂକ୍ରମଣ ରୋକିବାକୁ ଏବେ ଦେଶ ବ୍ୟାପୀ ୨୧ ଦିନିଆ ଲକ୍‌ଡାଉନ୍ ବଳବତ୍ତର ଥିବା ସମୟରେ କଳାହାଣ୍ଡି ଜିଲାର ମତ୍ସ୍ୟଜୀବୀମାନେ ପ୍ରଭାବିତ ହୋଇଛନ୍ତି । କଳାହାଣ୍ଡି ଜିଲାକୁ ଆନ୍ଧ୍ରପ୍ରଦେଶ ଓ ଓଡିଶାର ବାଲୁଗାଁରୁ ପ୍ରତିଦିନ ପ୍ରାୟ ଶହ ଶହ କୁଇଣ୍ଟାଲରୁ ଅଧିକ ବିଭିନ୍ନ ଜାତିର ମାଛ ବିକ୍ରି ପାଇଁ ଆସିଥାଏ । ଏପରିକି ଭବାନୀପାଟଣାର ଓଡିଆ ବାଙ୍ଗଟିପଡା ଓ ତେଲଗୁ ବାଙ୍ଗଟିପଡା ସମେତ ଜିଲାର ବିଭିନ୍ନ ଅଞ୍ଚଳରେ ବସବାସ କରୁଥିବା ମତ୍ସ୍ୟଜୀବୀମାନେ ପ୍ରତିଦିନ ବିଭିନ୍ନ ନଦୀନାଳକୁ ମାଛ ଧରିବାକୁ ଯାଇଥାନ୍ତି । କରୋନା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଲକ୍‌ଡାଉନ୍ ଘୋଷଣା କରିବା ପରେ ସମସ୍ତ ଯାନବାହନ ଓ ଟ୍ରେନ୍ ଚଳାଚଳ ବନ୍ଦ ରହିଛି । ଏପରିକି କଳାହାଣ୍ଡି ଜିଲାକୁ ବାହାର ଜିଲା କିମ୍ବା ରାଜ୍ୟ ବାହାରରୁ ଗାଡିମୋଟର ଆସୁନାହିଁ । ଫଳରେ ଆନ୍ଧ୍ର ପ୍ରଦେଶ ଓ ଓଡିଶାର ବାଲୁଗାଁ ଅଞ୍ଚଳରୁ ଟ୍ରକ୍ ଓ ଟ୍ରେନ୍ ଦ୍ୱାରା କେସିଙ୍ଗାର ଓ ଭବାନୀପାଟଣାର ମାଛ ହୋଲ୍‌ସେଲର୍‌ମାନଙ୍କ ପାଖକୁ ଶହ ଶହ କୁଇଣ୍ଟାଲ ମାଛ ଆସିବା ବନ୍ଦ ହୋଇଯାଇଛି। ତେଣୁ କେସିଙ୍ଗା ଓ ଭବାନୀପାଟଣା ମାଛ ହୋଲ୍‌ସେଲର ଜିଲାର ବିଭିନ୍ନ ଅଞ୍ଚଳକୁ ମାଛ ପଠାଇପାରୁନାହାନ୍ତି । ବର୍ତ୍ତମାନ ମାଛ ନ ଆସିବା ଯୋଗୁ ମତ୍ସ୍ୟଜୀବୀମାନେ ହାତ ବାନ୍ଧି ବସିଛନ୍ତି । ଏପରିକି ଗାଡି ମୋଟର ବନ୍ଦ ଥିବା ଯୋଗୁ ମତ୍ସ୍ୟଜୀବୀମାନେ କୌଣସି ନଦୀନାଳ ଓ ପୋଖରୀକୁ ଯାଇ ମାଛ ମାରିବା ସମ୍ଭବ ପର ହେଉନାହିଁ । ଯାହା ଫଳରେ ଏମାନେ କାଁ ଭାଁ ନିକଟସ୍ଥ ନାଳ ଓ କଟାକୁ ଯାଇ କିଛି ମାଛ ମାରି ଆଣି ଭବାନୀପାଟଣା ସମେତ ଅନ୍ୟାନ୍ୟ ବଜାରରେ ବିକ୍ରି କରୁଥିବା ଦେଖିବାକୁ ମିଳୁଛି । ଅଧିକାଂଶ ମତ୍ସ୍ୟଜୀବୀ ପରିବାର ବର୍ତ୍ତମାନ ସ୍ଥିତିରେ ପରିବାର ଭରଣ ପୋଷଣକୁ ନେଇ ଚିନ୍ତିତ ହୋଇପଡିଛନ୍ତି । ଇତି ମଧ୍ୟରେ ଘରେ ଗଚ୍ଛିତ ଥିବା ସମ୍ବଳ ଧୀରେ ଧୀରେ ସରିବାକୁ ବସିଲାଣି। ପେଟକୁ ଦାନା କିଭଳି ଯୋଗାଡ କରିବେ ସେହି ଚିନ୍ତାରେ ମତ୍ସ୍ୟଜୀବୀ ପରିବାର ଦିନ କାଟୁଛନ୍ତି । ତେଣୁ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଦାବି ହେଉଛି ।

## ୨ ଦିନର ଦରମା ଦେଲେ ଗୋଳାବାରୁଦ କାରଖାନା କର୍ମଚାରୀ



**ଟିକ୍ରାପଡା, ୭।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇନ୍ତଳା ବଡମାଲସ୍ଥିତ ଗୋଳାବାରୁଦ କାରଖାନାର କର୍ମଚାରୀମାନେ ସେମାନଙ୍କର ଦୁଇ ଦିନର ଦରମା ୬୨ ଲକ୍ଷ ୩୦ ହଜାର ୮୭୨ ଟଙ୍କା କୋଭିଡ୍-୧୯ର ମୁକାବିଲା ପାଇଁ ଗଠିତ ପିଏମ୍ କେୟାର୍ସ ଫଣ୍ଡକୁ ଦାନ କରିଛନ୍ତି। କାରଖାନା ସୂତ୍ରରୁ ଏହା ପ୍ରକାଶ । ଅନ୍ୟପକ୍ଷେ କାରଖାନା ଦ୍ୱାରା ପ୍ରସ୍ତୁତ ୪୦ ଲିଟର ସାନିଟାଇଜରକୁ ଜିଲା ସ୍ୱାସ୍ଥ୍ୟ ବିଭାଗକୁ ଦିଆଯାଇଛି। କାରଖାନାର ଜିଜିଏମ ମହମ୍ମଦ ରୈଫ, ୱର୍କସ ମ୍ୟାନେଜର ମୋହନ ଅଗ୍ରୱାଲ, ପ୍ରଭାତ ଭୋଇ, ରାହୁଲ ପାଲି, କପିଳ କୁମାର ଖାଲକୋ, ଡ. ଜେ. ହରୋ ପ୍ରମୁଖ ଏହି ସାନିଟାଇଜର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ବ୍ଲକର ଆଇସୋଲେଶନ ସେଣ୍ଟର ପ୍ରସ୍ତୁତ

ଗୁମ୍ମା,୭।୪(ଡି.ଏନ୍.ଏ.): କରୋନା ମୁକାବିଲା ପାଇଁ ସବୁ ଅଞ୍ଚଳରେ ତତ୍ପରତା ଜାରି ରହିଛି। ଗଜପତି ଜିଲା ଗୁମ୍ମା ବ୍ଲକର ୨୦ଟି ପଞ୍ଚାୟତରେ ଏକ ମିନି ମେଡିକାଲ ବା ଆଇସୋଲେଶନ ୱାର୍ଡ ଖୋଲାଯାଇଛି। ସେଠାରେ କରୋନା ସନ୍ଦିଗ୍ଧ ଓ ବାହାର ରାଜ୍ୟରୁ ଆସିଥିବା ଲୋକଙ୍କୁ ରଖାଯିବ ବୋଲି ବିଡିଓ ନଟବର ଗରଡ଼ା କହିଛନ୍ତି। ଏହି ମିନି ମେଡିକାଲ ୧୦ ଶଯ୍ୟାବିଶିଷ୍ଟ ହୋଇଥିବା ବେଳେ ଉତ୍ତମ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି। ଏଠାରେ ମେଡିକାଲ ଟିମ ଓ କର୍ମଚାରୀ ରହି ସମସ୍ତ ପ୍ରକାର କାର୍ଯ୍ୟ ତୁଲାଇବେ ବୋଲି ମେଡିକାଲ ଅଧିକାରୀ ସୂଚନା ଦେଇଛନ୍ତି ।

## ଦୁଇଚକିଆ ଗାଡ଼ିକୁ ମିଳିଲାନି ପେଟ୍ରୋଲ

ଜୟପୁର,୭।୪(ଡି.ଏନ୍.ଏ.): ଲକ୍ ଡାଉନ ବେଳେ ଦୁଇଚକିଆ ଗାଡ଼ିର ବହୁଳ ବ୍ୟବହାର, ଦୋକାନ ବଜାରରେ କିଣାବିକା ବେଳେ ଜନଗହଳି, ସାମାଜିକ ଦୂରତା ରକ୍ଷା ନ ହେବା ଦେଖି କୋରାପୁଟ ଜିଲା ପୋଲିସ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ମଙ୍ଗଳବାର ପୂର୍ବାହ୍ନରୁ ଜୟପୁର ସହରର ପେଟ୍ରୋଲ ପମ୍ପରେ ଦୁଇଚକିଆ ଗାଡ଼ିକୁ ପେଟ୍ରୋଲ ବିକ୍ରି ବନ୍ଦ କରାଯାଇଥିଲା। ପୂର୍ବାହ୍ନ ୧୧ରୁ ସହରରେ ଦୁଇଚକିଆ ଯାନ ବାରଣ ରହିଛି। କେବଳ ସରକାରୀ ଓ କରୋନା ଦାୟିତ୍ୱରେ ଥିବା ଚାରିଚକିଆ ଓ ଦୁଇଚକିଆ ଗାଡ଼ିକୁ ଡିଜେଲ ଓ ପେଟ୍ରୋଲ ଦିଆଯାଇଛି। ସହରର ଅନ୍ୟ ପେଟ୍ରୋଲ ପମ୍ପ ପୂର୍ବାହ୍ନରୁ ପେଟ୍ରୋଲ ଦେବା ବନ୍ଦ କରିଥିବାବେଳେ ପାୱାର ହାଉସ ଛକ ପେଟ୍ରୋଲ ପମ୍ପରେ ପୂର୍ବାହ୍ନ ୧୧ଟା ଯାଏ ବିକ୍ରି ଚାଲିଥିଲା। ଏସ୍‌ଡିପିଓ ବିମଳଚନ୍ଦ୍ର ବ୍ରହ୍ମା, ଡିଏସ୍‌ପି ଟ୍ରେନି ଅଂଶୁମାନ ଦ୍ୱିବେଦୀ, ଇନ୍ସପେକ୍ଟର ରଘୁନାଥ ମାଝି ପାଟ୍ରୋଲିଂ କଡ଼ାକଡ଼ି କରି ବୁଲାବୁଲି କରୁଥିବା ବାଇକ ଓ ପଥଚାରୀଙ୍କୁ ଥାନାକୁ ନେଇଥିଲେ।

## କରୋନା ପାଇଁ ସହାୟତା

ଉମରକୋଟ,୭।୪(ଡି.ଏନ୍.ଏ.): ଜିଲାପାଳ ଡ. ଅଜିତ୍ ମିଶ୍ର ଓ ଏସ୍‌ପି ନିତିନ୍ କୁଶଲ୍‌କର ମଙ୍ଗଳବାର ଉମରକୋଟ ଗସ୍ତରେ ଆସି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଲୋକେ ପଦାକୁ ନ ବାହାରିବା ଓ ସାମାଜିକ ଦୂରତ୍ୱ ବଜାୟ ରଖିବା ସେମାନେ ଗୁରୁତ୍ୱାରୋପ କରିଛନ୍ତି। କରୋନା ମୁକାବିଲା ପାଇଁ ସାହିତ୍ୟ ଅନୁଷ୍ଠାନ ଦାସିଆ ସାଂସ୍କୃତିକ ପରିଷଦ ପକ୍ଷରୁ ୧୦ ହଜାର, ରୋଟାରି କ୍ଲବ୍ ପକ୍ଷରୁ ୧୦ ହଜାର ଓ କ୍ଲବ୍‌ର ପୂର୍ବତନ ସଭାପତି ରୋଟାରିଆନ୍ ଝାଡ଼େଶ୍ୱର ମହାନ୍ତି ବ୍ୟକ୍ତିଗତ ଭାବେ ୧୧ ହଜାର ଟଙ୍କାର ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ଦେଇଛନ୍ତି।

## ମହିଳାଙ୍କୁ ଦୁର୍ବ୍ୟବହାର କରି ଯୁବକ ଗିରଫ

ଏମଭି୭୯/କାଲିମେଲା,୪।୭(ଡି.ଏନ.ଏ.)- ମାଲକାନଗିରି ଜିଲା ଏମଭି-୭୯ ଥାନା ଅଞ୍ଚଳରେ ଜଣେ ଯୁବକ ଜନୈକା ମହିଳାଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ଉଦ୍ୟମ କରି ଗିରଫ ହୋଇଛନ୍ତି। ତାଙ୍କ ନାମ ବାସୁଦେବ ଦେବନାଥ। ଖବରରୁ ଜଣାପଡିଛି ସୋମବାର ରାତିରେ ଏମଭି-୭୯ ଗ୍ରାମର ବାସୁଦେବ ଏମପିଭି-୪୪ ଗ୍ରାମର ଜଣେ ମହିଳାଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ଉଦ୍ୟମ କରିଥିଲେ। ଏହା ଜାଣି ଗ୍ରାମବାସୀ ବାସୁଦେବଙ୍କୁ ଧରି ପଚରାଉଚୁରା କରିଥିଲେ। ତାଙ୍କୁ ଅଟକ ରଖିଥିବା ବେଳେ ସେ କୌଶଳକ୍ରମେ ସେଠାରୁ ଖସିଯାଇ ନିଜ ଘରକୁ ଚାଲିଯାଇଥିଲେ। ପରେ ମଙ୍ଗଳବାର ସକାଳେ ବାସୁଦେବ ଏମପିଭି-୪୪ ଗ୍ରାମରେ ପହଞ୍ଚି ସମ୍ପୃକ୍ତା ମହିଳାଙ୍କୁ ଗାଳିଗୁଲଜ କରିଥିଲେ। ଏହା ଦେଖି ଗ୍ରାମବାସୀ ବାସୁଦେବଙ୍କୁ ଧରି ଏକ ଖମ୍ବରେ ବାନ୍ଧି ରଖିଥିଲେ। ଖବର ପାଇ ଏମଭି-୭୯ ପୋଲିସ ବାସୁଦେବଙ୍କୁ ଗିରଫ କରିଥିଲା। ଏନେଇ ମହିଳା ଜଣକ ଥାନାରେ ଏତଲା ଦେବା ପରେ କେସ ନଂ ୨୪/୨୦ରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ହରିଶ୍ଚନ୍ଦ୍ର ଗୋଲୋରି କହିଛନ୍ତି।

## ରିଲିଫ ପାଣ୍ଠିକୁ ସହାୟତା

ଚନ୍ଦାହାଣ୍ଡି,୭।୪(ଡି.ଏନ.ଏ.)-ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଜିଲା ପରିଷଦ ସଭ୍ୟ ଶ୍ୟାମ ସୁନ୍ଦର ମାଝୀ ପ୍ରଧାନମନ୍ତ୍ରୀ କୋଭିଡ଼-୧୯ ରିଲିଫ ଫଣ୍ଡକୁ ୧୦ହଜାର ଶହେ ଟଙ୍କା ପ୍ରଦାନ କରିଛନ୍ତି। ସେହିପରି ଚନ୍ଦାହାଣ୍ଡି ବ୍ଲକ ଦଳବେଡା ପଞ୍ଚାୟତ ଭାଟିପଡା (ଖୁଟଗୁଡା) ଗ୍ରାମବାସୀ, ଭାଜପା ନେତା ମୁରଲୀ ପୋଡ଼ଙ୍କ ନେତୃତ୍ୱରେ ଦେବାନନ୍ଦ ସାହୁ, ଦଶରଥ ମାଝୀ, ଧର୍ମୁ ବାଘ, କ୍ଷୀରସିନ୍ଧୁ ପୋଡ଼ ପ୍ରମୁଖ ବିଡ଼ିଓ ଧର୍ମରାଜ ମାଝୀ ଙ୍କୁ ପ୍ରଧାନମନ୍ତ୍ରୀ କୋଭିଡ଼ ରିଲିଫ ଫଣ୍ଡକୁ ୭ହଜାର ୭୦୦ ଟଙ୍କା ଏବଂ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ୩୧ଶହ ଟଙ୍କା ପ୍ରଦାନ କରିଛନ୍ତି।

# ପ୍ରଶାସନ ଦାୟିତ୍ୱରେ ଚିତ୍ରକୋଣ୍ଡା ମସ୍‌ଜିଦରେ ରହିଛନ୍ତି ୧୫

ଚିତ୍ରକୋଣ୍ଡା,୭।୪(ଡି.ଏନ.ଏ.)

ସ୍ଥାନୀୟ ଚିତ୍ରକୋଣ୍ଡା ମସଜିଦ ରେ ପ୍ରଶାସନର ହେପାଜତରେ ୧୨ ମୁସଲିମଙ୍କ ସହ ୩ ଜଣ ବସ୍ତ୍ର ବ୍ୟବସାୟୀ ସୁରକ୍ଷିତ ଭାବେ ରହିଛନ୍ତି। ଲକ୍‌ଡାଉନ ଘୋଷଣା ପୂର୍ବରୁ ଦକ୍ଷିଣ ଓଡ଼ିଶାର ବିଭିନ୍ନ ମସଜିଦକୁ ମୁସଲିମ୍‌ମାନେ ସେମାନଙ୍କ ଧର୍ମ କାର୍ଯ୍ୟରେ ଆସିଥିଲେ। ଚିତ୍ରକୋଣ୍ଡା ମସ୍‌ଜିଦ୍‌କୁ ମଧ୍ୟ ୧୨ ଜଣ ଆସିଥିଲେ। ମାତ୍ର ଲକ୍ ଡାଉନ ଘୋଷଣା ପରେ ଗ୍ରାମକୁ ଯାଇପାରି ନ ଥିଲେ। ଗତ ୪ ଦିନ ତଳେ ଏମାନଙ୍କ ସମ୍ପର୍କରେ ପ୍ରଶାସନ ଖବର ପାଇ ଥାନା ଅଧିକାରୀ ଯୁଗଳ ଶବର, ବିଡ଼ିଓ ଲରିମନ ଖରସେଲ ଏବଂ ଚିତ୍ରକୋଣ୍ଡା ତହସିଲଦାର ଟି. ପଦ୍ମନାଭ ଦୋରା ସେମାନଙ୍କ ନିକଟରେ ପହଞ୍ଚି ଆସିବା କାରଣ ପଚାରି ବୁଝିବା ସହ ସେମାନଙ୍କ ପରିଚୟପତ୍ର ଯାଞ୍ଚ କରିଥିଲେ। ସେମାନଙ୍କୁ କରୋନା ସମ୍ପର୍କିତ ବିଭିନ୍ନ ପରୀକ୍ଷା କରାଯାଇଥିଲା। ମାତ୍ର ସେମାନଙ୍କଠାରେ କରୋନାର କୌଣସି ଲକ୍ଷଣ ମିଳି ନ ଥିଲା। ସେମାନଙ୍କୁ ଆଉ କୌଣସି ଆଡେ ନ ଯାଇ ସେହି ସ୍ଥାନରେ ରହିବା, ମାସ୍କ ବ୍ୟବହାର କରିବା, ସାମାଜିକ ଦୂରତା ବଜାୟ ରଖିବା ଏବଂ ଦୈନିକ ବାରମ୍ବାର ହାତ ଧୋଇବାକୁ ଅଧିକାରୀମାନେ ପରାମର୍ଶ ଦେଇଥିଲେ। ସେହିପରି ୩ ଜଣ ବସ୍ତ୍ର ବ୍ୟବସାୟୀଙ୍କୁ ମଧ୍ୟ ପରୀକ୍ଷା ନିରୀକ୍ଷା ସହ ସେମାନଙ୍କୁ ମସଜିଦରେ ରଖାଯାଇଥିବା ଜଣାପଡିଛି। ଲକ୍‌ଡାଉନ ଶେଷ ହେବା ପର୍ଯ୍ୟନ୍ତ ସେମାନେ ସେଇଠି ରହିବେ। ଲକ ଡାଉନ ପରେ ସେମାନଙ୍କୁ ଛଡାଯିବ ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି।

# ୧୪ ଦିନରେ ୪୭ ମାମଲା

**ଲକ୍‌ଡାଉନ ଉଲ୍ଲଂଘନ**

ଜୟପୁର,୭।୪(ଡି.ଏନ୍.ଏ.)

କୋରାପୁଟ ଜିଲା ଜୟପୁରର ୨ଟି ଥାନା ଅଞ୍ଚଳରେ ଲକ୍ ଡାଉନ ଉଲ୍ଲଂଘନ ପ୍ରସଙ୍ଗରେ ଗତ ୧୪ ଦିନରେ ୪୭ଟି ମାମଲା ରୁଜୁ ହୋଇଛି। ଗତ ୨୫ ତାରିଖ ଲକ୍ ଡାଉନଠାରୁ ମଙ୍ଗଳବାର ପର୍ଯ୍ୟନ୍ତ ୧୪ଦିନରେ ଜୟପୁର ଟାଉନଥାନାରେ ଲକ୍ ଡାଉନ ଉଲ୍ଲଂଘନ କରିବା ଅଭିଯୋଗରେ ୩୬ଟି ମାମଲା ରୁଜୁ ହେଲାଣି। ସେହିପରି ସଦରଥାନାରେ ସମାନ ଅଭିଯୋଗରେ ୧୧ଟି ମାମଲା କରାଯାଇଛି। କେବଳ ମଙ୍ଗଳବାର ହିଁ ଟାଉନଥାନାରେ ୪ଟି ଏବଂ ସଦରଥାନାରେ ଗୋଟିଏ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ଏହିପରି ଶତାଧିକ ବାଇକ ଜବତ କରାଯାଇ ଥାନାରେ ଅଟକ ରଖାଯାଇଛି। ଲକ୍ ଡାଉନ ଉଲ୍ଲଂଘନ, ସାମାଜିକ ଦୂରତା ରକ୍ଷା କରା ନ ଯିବା, ବିଭିନ୍ନ ଦୋକାନୀଙ୍କ ଆଇନ ପ୍ରତି ବେଖାତିର ମନୋଭାବ, କରୋନା ଆତଙ୍କ ବେଳେ ମାଦକ ଦ୍ରବ୍ୟ ବିକ୍ରି ଓ ଚାଲାଣ ଭଳି ମାମଲା ଏଥିରେ ସାମିଲ ରହିଛି। ଅନ୍ୟପକ୍ଷରେ ସୋସିଆଲ ମିଡିଆରେ କରୋନା ସମ୍ପର୍କିତ ଅପପ୍ରଚାର କରିବା ଅଭିଯୋଗରେ ୨ ଜଣଙ୍କ ନାଁରେ ମାମଲା ହୋଇଛି।

# ନିୟମ ନ ମାନିଲେ ଆପରାଧିକ ମାମଲା

ମାଲକାନଗିରି,୭।୪(ଡି.ଏନ୍.ଏ.)

- ପରିବର୍ତ୍ତନ ହେଲା ଦୋକାନ ଖୋଲିବା ସମୟ
- ୨/୪ଚକିଆ ଗାଡ଼ି ଆଣି ଆସିଲେ ସିଜ୍ କରାଯିବ
- ମାସ୍କ କିମ୍ବା ମୁହଁରେ ରୁମାଲ ବାନ୍ଧିବା ବାଧ୍ୟତାମୂଳକ



ଜିଲାପାଳ ମନୀଷ ଅଗ୍ରୱାଲ

ସମ୍ପ୍ରତି କରୋନା ଭୂତାଣକୁ ନେଇ ସାରା ବିଶ୍ୱ ତଥା ଆମ ଦେଶ ଚିନ୍ତିତ ଥିବା ବେଳେ ଲୋକଙ୍କୁ ସଚେତନ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। କରୋନାର ପ୍ରତିରୋଧ ପାଇଁ ମାଲକାନଗିରି ଜିଲା ପ୍ରଶାସନ ପକ୍ଷରୁ ଆମିଷ ବଜାରକୁ ସାପ୍ତାହିକ ବଜାରକୁ ସ୍ଥାନାନ୍ତର କରାଯାଇଛି। ଏହି ୨ଟି ବଜାରରେ ସାମାଜିକ ଦୂରତା ପାଳନ କରାଯାଉ ନ ଥିବା ଜଣାପଡ଼ିବା ପରେ ପ୍ରଶାସନ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ମଙ୍ଗଳବାରଠାରୁ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲିବା ସମୟ ପରିବର୍ତ୍ତନ କରାଯାଇଛି । ପୂର୍ବରୁ ସକାଳ ୭ ରୁ ସନ୍ଧ୍ୟା ୫ଟା ଥିବା ବେଳେ ମଙ୍ଗଳବାରଠାରୁ ମଧ୍ୟାହ୍ନ ୧ଟା ପର୍ଯ୍ୟନ୍ତ କରାଯାଇଛି । ରାସ୍ତାରେ ଗାଡି ଚଳାଇଲେ ଦୁଇଚକିଆ ପାଇଁ ୧ହଜାର ଟଙ୍କା ଓ ଚାରିଚକିଆ ଯାନ ପାଇଁ ୨ହଜାର ଟଙ୍କା ଜରିମାନା ଦେବାକୁ ଧାର୍ଯ୍ୟ ହୋଇଛି। ଆବଶ୍ୟକ ସ୍ଥଳେ ଗାଡ଼ି ସିଜ୍ କରିବା ସହ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯିବ। ସେହିପରି ମାସ୍କ କିମ୍ବା ମୁହଁରେ ରୁମାଲ ବାନ୍ଧିବା ବାଧ୍ୟତାମୂଳକ କରାଯାଇଛି। ଦୋକାନଗୁଡ଼ିକରେ ସାମାଜିକ ଦୂରତା ପାଳନ ନ କଲେ ଦୋକାନ ସିଲ୍ ସହ ଆପରାଧିକ ମାମଲା ଓ ଲାଇସେନ୍ସ ମଧ୍ୟ ରଦ୍ଦ ହେବ ବୋଲି ଜିଲାପାଳ ମନୀଷ ଅଗ୍ରୱାଲ କହିଛନ୍ତି। ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ,ପନିପରିବା ଓ ଔଷଧ ପରିବହନ କରୁଥିବା ଗାଡ଼ିଗୁଡ଼ିକୁ ଏହି ନିୟମରୁ ବାଦ୍ ଦେଇଥିବା ଜିଲାପାଳ କହିଛନ୍ତି। ଅନ୍ୟପକ୍ଷରେ ମଙ୍ଗଳବାର ସହରରୁ ୨୬ଟି ଦୁଇଚକିଆ ଗାଡ଼ି ଜବତ ହୋଇଛି।

# ଗାଁ ସୁରକ୍ଷା ଦାୟିତ୍ୱରେ ଏସ୍‌ଏଚ୍‌ଜି




ଉମରକୋଟ,୭।୪(ଡି.ଏନ୍.ଏ.)

କରୋନା ଭାଇରସ୍‌କୁ ଗାଁ ମାଡ଼ିବାକୁ ଦେବୁନି। ଉମରକୋଟ ସହରାଞ୍ଚଳର ଚଢ଼େଇଗୁଡ଼ା ଗ୍ରାମର ଇନ୍ଦିରା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ଏ ନେଇ ପଣ କରିଛନ୍ତି। ଗାଁର ଯୁବଗୋଷ୍ଠୀଙ୍କ ସହାୟତାରେ ମହିଳାମାନେ ଲକ୍ ଡାଉନ୍ ଘୋଷଣା ପରଠାରୁ ଗାଁ ଯାଇଥିବା ମୁଖ୍ୟ ରାସ୍ତାକୁ ସିଲ୍ କରିଛନ୍ତି। ଗାଁକୁ ପ୍ରବେଶ କରୁଥିବା ଲୋକଙ୍କୁ ଏମାନେ ପ୍ରଥମେ ସାବୁନ୍ ଓ ସାନିଟାଇଜର ଦେଇ ହାତ ଧୋଇବାକୁ ବାଧ୍ୟ କରୁଛନ୍ତି। ଏହାପରେ ଗାଁକୁ ଛାଡୁଛନ୍ତି। ବାହାରୁ ଆସୁଥିବା ବ୍ଯକ୍ତି କିମ୍ବା ଅଚିହ୍ନା ଲୋକଙ୍କୁ ଏମାନେ ଗାଁକୁ ପ୍ରବେଶ ନିଷେଧ କରିଛନ୍ତି। ଏଥିସହ କରୋନା ମୁକାବିଲା ପାଇଁ ସରକାର ତଥା ଜିଲା ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ନିୟମ ଓ କଟକଣା ବିଷୟରେ ମହିଳାମାନେ ପ୍ରତ୍ୟେକ ଦିନ ଲୋକଙ୍କୁ ବୁଝାଇବା ସହ ଘରେ ରହିବାକୁ ସଚେତନ କରୁଥିବା ଗୋଷ୍ଠୀର ସଭାନେତ୍ରୀ ସନ୍ତୁଳା ଧରୁଆ, ସମ୍ପାଦିକା ବାସନ୍ତୀ ହରିଜନ କହିଛନ୍ତି। ସଭ୍ୟ ବାଲ ହରିଜନ, ସୁକୁ, ହେମ, ପାର୍ବତୀଙ୍କ ସମେତ ସାମାଜିକ କର୍ମୀ ରବି ହରିଜନ ଓ ଯୁବଗୋଷ୍ଠୀ ଏମାନଙ୍କୁ ସହଯୋଗ କରୁଛନ୍ତି।

## ୭ ସ୍ଥାନରେ ପରିବା ଦୋକାନ ସ୍ଥାନାନ୍ତର

ମୁନିଗୁଡ଼ା,୭।୪(ଡି.ଏନ୍.ଏ.)– ଲକ୍ ଡାଉନ ବେଳେ ନିୟମ ଅମାନ୍ୟ କରୁଥିବାରୁ ମୁନିଗୁଡ଼ା ଥାନା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ଦେହୁରୀଙ୍କ ନିର୍ଦ୍ଦେଶରେ ମୁନିଗୁଡ଼ାର ବିଭିନ୍ନ ସ୍ଥାନରେ ଯାଞ୍ଚ କଡ଼ାକଡ଼ି କରାଯାଇଛି। ବିନା କାରଣରେ ବୁଲୁଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ସକାଳ ୭ରୁ ୧୧ ପର୍ଯ୍ୟନ୍ତ ଖୋଲା ରହୁଥିବା ଦୋକାନରେ ଲୋକେ ଭିଡ଼ ଜମାଇବା ସହ ସାମାଜିକ ଦୂରତା ରକ୍ଷା କରୁନାହାନ୍ତି। ତେଣୁ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାର ଦେବାଶିଷ ଗୌଡ଼ ଓ ବିଡିଓ ଦିଲ୍ଲୀପ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ମୁନିଗୁଡ଼ାର ୭ଟି ସ୍ଥାନରେ ପରିବା ଦୋକାନ ସ୍ଥାନାନ୍ତର କରାଯାଇଛି। ହୋମଗାର୍ଡ ପ୍ଲାଟୁନ କମାଣ୍ଡର ସନ୍ତୋଷ ପାଢ଼ୀଙ୍କ ନେତୃତ୍ୱରେ ଏକ ହୋମଗାର୍ଡ ଟିମ କରାଯାଇ ସାଇକେଲ ଯୋଗେ ଜାର ଓ ସାହି ସାହି ବୁଲି ଲୋକଙ୍କୁ ସଚେତନ କରାଯାଉଛି।

# ପାରଳାଖେମୁଣ୍ଡିରୁ କେହି ନିଜାମୁଦ୍ଦିନ ସମ୍ମିଳନୀକୁ ଯାଇନାହାନ୍ତି

ପାରଳାଖେମୁଣ୍ଡି, ୭।୪ (ସ୍ୱ.ପ୍ର.)

**ସ୍ପଷ୍ଟ କଲେ ୩ ମସ୍‌ଜିଦର ସଭାପତି, ସମ୍ପାଦକ**

ଗଜପତି ଜିଲା ପାରଳାଖେମୁଣ୍ଡି ସହରରେ ରହିଥିବା ୩ଟି ମସ୍‌ଜିଦର ସଭାପତି ଓ ସମ୍ପାଦକ ଏକ ପ୍ରେସ୍ ବିଜ୍ଞପ୍ତିଦେଇ ଗତ ମାର୍ଚ୍ଚ ମାସରେ ଦିଲ୍ଲୀ ନିଜାମୁଦ୍ଦିନ ସମ୍ମିଳନୀରେ ପାରଳାଖେମୁଣ୍ଡିର ଜଣେ ହେଲେ ମୁସ୍‌ଲିମ ସାମିଲ ହୋଇ ନ ଥିବା କହିଛନ୍ତି। ମାତ୍ର ଏହାକୁ ନେଇ ଯେଉଁଭଳି ଗୁଜବ ପ୍ରଚାର ହେଉଛି ତାହା କରିବା ଅନୁଚିତ ବୋଲି ସଭାପତି ଓ ସମ୍ପାଦକ ପ୍ରକାଶ କରିଛନ୍ତି । ପଟେଲ ରୋଡ୍‌ସ୍ଥିତ ମଦିନା ମସ୍‌ଜିଦର ସମ୍ପାଦକ ମହମ୍ମଦ ନାସିରବେଗ, ମାଠିଆସାହିସ୍ଥିତ ଜାମା ମସ୍‌ଜିଦର ସଭାପତି ମହମ୍ମଦ ଫିରୋଜ ଖାଲିକ୍ ଏବଂ ସଞ୍ଜୟଗାନ୍ଧୀ କଲୋନୀସ୍ଥିତ ଅବୁବାକର ମସ୍‌ଜିଦର ସଭାପତି ଏସ୍.ଦାଦା ଭାଇ ପ୍ରମୁଖ ମିଳିତ ଭାବେ ଏହା ପ୍ରକାଶ କରିଛନ୍ତି। ପାରଳାଖେମୁଣ୍ଡି ସହରରେ ପ୍ରାୟ ୫ଶହ ଜଣ ମୁସ୍‌ଲିମ ସମ୍ପ୍ରଦାୟର ଲୋକ ବସବାସ କରନ୍ତି । ସମସ୍ତେ ସ୍ଥାନୀୟ ଲୋକଙ୍କ ସହ ଭାଇଚାରା ରଖି ଚଳିଆସୁଛନ୍ତି। ତେବେ ନିଜାମୁଦ୍ଦିନ ସମ୍ମିଳନୀ ଫେରନ୍ତାଙ୍କ ମଧ୍ୟରେ ଅଧିକାଂଶ ଲୋକ କରୋନାରେ ଆକ୍ରାନ୍ତ ହୋଇଥିବା ଘଟଣା ଜଣାପଡିବା ପରେ ଲୋକଙ୍କ ମନରେ ଏକ ଭୟର ବାତାବରଣ ସୃଷ୍ଟି ହୋଇଥିଲା । ସେମାନଙ୍କ ଉପରକୁ ଅଙ୍ଗୁଳି ଉଠିଥିଲା। ପରିସ୍ଥିତି ଏବେ ଏପରି ହୋଇଛି ଯେ, ଏପରି ହେବା ସ୍ୱାଭାବିକ ବୋଲି ସେମାନେ କହିଛନ୍ତି। ଅନ୍ୟପକ୍ଷରେ ଏନେଇ ପ୍ରଶାସନ ନିକଟରେ ଅଭିଯୋଗ ହେବା ପରେ ପ୍ରଶାସନିକ ଅଧିକାରୀମାନେ ଆମମାନଙ୍କ ଘରକୁ ଏକାଧିକ ବାର ଆସି ଯାଞ୍ଚ କରି ଫେରିଛନ୍ତି। ଆଗକୁ ମଧ୍ୟ ପ୍ରଶାସନ ଯଦି ଚାହିଁବ ଯାଞ୍ଚ କରିପାରିବ। ଏଥିରେ ଆମେ ସମସ୍ତ ପ୍ରକାର ସହଯୋଗ କରିବୁ ବୋଲି ସୂଚନା ଦେଇଛନ୍ତି। ଯେଉଁମାନେ ସରକାରୀ ନିୟମକୁ ଉଲ୍ଲଂଘନ କରୁଛନ୍ତି କିମ୍ବା କରୋନାକୁ ସଂକ୍ରମିତ କରାଇବାକୁ ଅପଚେଷ୍ଟା କରୁଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏହି ସଙ୍ଗଠନମାନେ ଦାବି କରିଛନ୍ତି ।

# ଜିସିଡି ପଡ଼ିଆକୁ ଉଠିଲା ଆମିଷ ବଜାର

ରାୟଗଡ଼ା ଅଫିସ,୭।୪



**୩ କିରାଣା ଦୋକାନ ସିଲ୍, ମାମଲା ରୁଜୁ**

ବାରମ୍ବାର ସଚେତନତା ଓ ଡାକବାଜି ଯନ୍ତ୍ର ଦ୍ୱାରା କୋଭିଡ୍-୧୯ ପାଇଁ ସାମାଜିକ ଦୂରତ୍ୱ ରକ୍ଷା ଓ ଜିଲାପାଳ ନେଉଥିବା ପଦକ୍ଷେପକୁ ଲୋକେ ମାନିବାକୁ ନାରାଜ। ଲୋକଙ୍କ ସୁରକ୍ଷା ଓ ଭିଡ଼ ନିୟନ୍ତ୍ରଣକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ସକାଳ ୭ରୁ ଦିନ ୧୧ଟା ଯାଏ ଖାଦ୍ୟ ସାମଗ୍ରୀ କିଣାକିଣି ପାଇଁ ଅନୁମତି ଦେଇଥିଲା। କିନ୍ତୁ ମଙ୍ଗଳବାର ସହରର ୩ଟି କିରାଣା ଦୋକାନ ନିୟମ ଭାଙ୍ଗି ଦୋକାନ ଖୋଲି ସେଠାରେ ଭିଡ଼ ଜମାଇଥିବାରୁ ପୋଲିସ ଚଢ଼ାଉ କରିଛି। ଜିଲାପାଳଙ୍କ ନିର୍ଦ୍ଦେଶରେ ସେହି ୩ଟି ଦୋକାନ ସିଲ କରାଯାଇଛି। ରାମା ଟକିଜ, ଥାନା ନିକଟସ୍ଥ କିରାଣା ଦୋକାନ ଓ ଆର୍.କେ. ନଗରର ୩ଟି ଦୋକାନ ସିଲ କରାଯିବା ସହ ତାହାର ମାଲିକଙ୍କ ବିରୋଧରେ କୋଭିଡ୍-୧୯ ନିୟମ ଉଲ୍ଲଂଘନ ମାମଲା ରୁଜୁ କରାଯାଇଛି। ସକାଳ ୭ରୁ ଦିନ ୧୧ ଯାଏ ଖାଦ୍ୟ ସାମଗ୍ରୀ କିଣାବିକା ବ୍ୟବସ୍ଥା ଥିବାରୁ ଭିଡ଼ ହେଉଛି। ତେଣୁ ଓଭରବ୍ରିଜ ତଳେ ଓ ସହରର ବିଭିନ୍ନ ସ୍ଥାନରେ ଥିବା ଆମିଷ ବଜାରକୁ ସ୍ଥାନୀୟ ଜିସିଡି ଖେଳ ପଡ଼ିଆକୁ ସ୍ଥାନାନ୍ତର କରାଯିବ। ଶୁକ୍ରବାରଠାରୁ ସେଠାରେ ଆମିଷ ଦ୍ରବ୍ୟ ବିକ୍ରି ହେବ। ବ୍ୟାରିକେଡ୍ ଭିତରେ ରହି ୪ ଜଣ ଲେଖାଏ ଗୋଟିଏ ଦୋକାନରେ ଦୂରତା ବଜାୟ ରଖି ଜିନିଷ କିଣିବେ।

# ଲିଫ୍ଟ ଦେଇ ଫସିଲେ ବ୍ୟାଙ୍କ କର୍ମଚାରୀ

ପାପଡାହାଣ୍ଡି, ୭।୪(ଡି.ଏନ.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ମୋକିଆଠାରେ ଥିବା ଷ୍ଟେଟ ବ୍ୟାଙ୍କକୁ ମଙ୍ଗଳବାର ତାଲା ପକାଯାଇଛି। ବ୍ୟାଙ୍କର ଜଣେ କର୍ମଚାରୀଙ୍କ କରୋନାରେ ଆକ୍ରାନ୍ତ ହୋଇଥିବା ସନ୍ଦେହ ଉପୁଜିବାରୁ ଆସନ୍ତା ୧୪ ପର୍ଯ୍ୟନ୍ତ ବ୍ୟାଙ୍କରେ ତାଲା ପକାଇବାକୁ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ପ୍ରକାଶ ଯେ, ବ୍ୟାଙ୍କର ଜଣେ କର୍ମଚାରୀ ଗତ ୨୪ରେ ବ୍ୟାଙ୍କ ଆସି ଫେରିବା ସମୟରେ ଜଣେ ଅଜଣା ବ୍ୟକ୍ତିଙ୍କୁ ଲିଫ୍ଟ ଦେଇଥିଲେ। ଓହ୍ଲାଇବା ବେଳେ ସମ୍ପୃକ୍ତ ବ୍ୟକ୍ତି ଜଣକ ଦିଲ୍ଲୀରୁ ଆସିଥିବା କହିବା ପରେ କର୍ମଚାରୀ ଜଣକ ଭୟଭୀତ ହୋଇପଡିଥିଲେ। ଗତ ୨୬ ଓ ୨୯ରେ କର୍ମଚାରୀ ଜଣକ ବ୍ୟାଙ୍କ ଆସିଥିଲେ। ପରେ ତାଙ୍କୁ ଥଣ୍ଡା ଓ କାଶ ହେବାରୁ ସେ ଡରି ଯାଇଥିଲେ। ଏ ନେଇ ସେ ସମସ୍ତଙ୍କୁ ଜଣାଇବା ପରେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ଦାୟିତ୍ୱରେ ଥିବା ଡାକ୍ତର କର୍ମଚାରୀ ଜଣକ ମାନସିକ ଚିନ୍ତାରେ ରହିବାରୁ ଏପରି ହୋଇଥିବା କହିଥିଲେ। ୨ରେ କର୍ମଚାରୀ ଜଣକ ନାମ ପଞ୍ଜୀକରଣ କରାଇବା ସହ ଡାକ୍ତରଙ୍କ ପରାମର୍ଶକ୍ରମେ କ୍ୱାରାଣ୍ଟାଇନରେ ରହିଛନ୍ତି। ବ୍ୟାଙ୍କ ଖୋଲା ହେବା ପର୍ଯ୍ୟନ୍ତ ପାପଡାହାଣ୍ଡି ବ୍ୟାଙ୍କରେ ସମସ୍ତ କାମ ହେବ ବୋଲି କୁହାଯାଇଛି।

## ବ୍ୟାଙ୍କ ଖୋଲା ରହିବ: ଜିଲାପାଳ

ନବରଙ୍ଗପୁର, ୭।୪(ବି.ପ୍ର.)–

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ମୋକିଆଠାସ୍ଥିତ ଷ୍ଟେଟ ବ୍ୟାଙ୍କ ବୁଧବାରଠାରୁ ବନ୍ଦ ରହିବା ନେଇ ପରିଚାଳକ ନେଇଥିବା ନିଷ୍ପତ୍ତିକୁ ଜିଲାପାଳ ଅଜିତ୍ କୁମାର ମିଶ୍ର ନାପସନ୍ଦ କରିଛନ୍ତି। ସେ ଏନେଇ ଜିଲାପାଳ ଓ ଏସପିଙ୍କୁ ଜଣାଇବା ଆବଶ୍ୟକ ଥିଲା ବୋଲି ସମ୍ପୃକ୍ତ ବ୍ୟାଙ୍କ ପରିଚାଳକଙ୍କୁ କହିଛନ୍ତି। ତେବେ ଏନେଇ ସମ୍ପୃକ୍ତ ବ୍ୟାଙ୍କ ପରିଚାଳକ ନିଜ ଭୁଲ୍ ସ୍ୱୀକାର କରିଛନ୍ତି। ଏ ସମ୍ପର୍କରେ ସେ ଏକ ଲିଖିତ ଭାବେ ଦେଇଛନ୍ତି। ଅନ୍ୟପକ୍ଷରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ମିଶ୍ର ବ୍ୟାଙ୍କ ଜିଏମ୍ ଏବଂ ଡିଜିଏମ୍‌ଙ୍କ ସହ କଥା ହୋଇଛନ୍ତି। ବୁଧବାରଠାରୁ ପ୍ରତେକ ଦିନ ବ୍ୟାଙ୍କ ଖୋଲା ରହିବ। ନବରଙ୍ଗପୁର ଜିଲାରେ କେହି କୋରନା ପଜେଟିଭ୍ ଏଯାବତ୍ ଚିହ୍ନଟ ହୋଇନାହାନ୍ତି। ଏଥିପାଇଁ କେହି ଭୟଭୀତ ନ ହେବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି।

## ରିଲିଫ ପାଣ୍ଠିକୁ ସହାୟତା ଦେଲେ ଛାତ୍ରୀ

ଡାବୁଗାଁ,୭।୪(ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଜିଲା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀମାନେ ସେମାନଙ୍କର ଗୋଟିଏ ଦିନର ଦରମା ୩୩,୭୨୦ ଟଙ୍କା ଏବଂ ବିଦ୍ୟାଳୟର ଛାତ୍ରୀମାନେ ସେମାନଙ୍କ ଦ୍ୱାରା ପରିଚାଳିତ ସମବାୟ ଭଣ୍ଡାରରୁ ଚଳିତ ବର୍ଷରେ ଲାଭ ହୋଇଥିବା ୬୨୮୦ ଟଙ୍କା କାରୋନା ମହାମାରୀର ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରିଛନ୍ତି। ଉକ୍ତ ଅର୍ଥ ରାଶିକୁ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ସ୍ୱାଇଁ ମଙ୍ଗଳବାର ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନଙ୍କୁ ପ୍ରଦାନ କରିଛନ୍ତ। ଏଥିସହ ଝରିଗାଁ ବ୍ଲକ ଅଧୀନ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ବିଭିନ୍ନ ବିଦ୍ୟାଳୟ ତରଫରୁ ୬୫,୩୨୨ଟଙ୍କା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଫୁଲ୍ଲ କୁମାର ସେଠୀ ଜିଲା ମଙ୍ଗଳ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ସେହିପରି ଉମରକୋଟ ବ୍ଲକର ବିଭିନ୍ନ ବିଦ୍ୟାଳୟର ପକ୍ଷରୁ ମୋଟ ୧,୧୩,୫୫୦ ଟଙ୍କା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଟିକିରାମ ଚନ୍ଦ୍ରକାର ଜିଲା ମଙ୍ଗଳ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି।

# ଦରମା ଦାନକଲେ ଦୁଇ ବିଧାୟକ

ରାୟଗଡ଼ା ଅଫିସ/ଗୁଣପୁର,୭।୪(ଡି.ଏନ୍.ଏ.)

ରାୟଗଡ଼ାରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଧାୟକ ନିର୍ବାଚିତ ହୋଇଥିବା ମକରନ୍ଦ ମୁଦୁଲି କୋଭିଡ-୧୯ର ମୁକାବିଲା ପାଇଁ ସହାୟତାର ହାତ ବଢ଼ାଇଛନ୍ତି। ସେ ସୋମବାର ଜିଲାପାଳ ପ୍ରମୋଦ ବେହେରାଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ନିଜ ୩ ମାସର ଦରମା ବାବଦକୁ ୧ ଲକ୍ଷ ୫ ହଜାର ଟଙ୍କା ଚେକ୍ ଆକାରରେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ପ୍ରଦାନ କରିଛନ୍ତି। ସେହିପରି ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧ ଲକ୍ଷ ୫ ହଜାର ଟଙ୍କା ପ୍ରଦାନ କରିଛନ୍ତି। ଗୁଣପୁର ଉପଜିଲାପାଳ ଡ. ସିଦ୍ଧେଶ୍ୱର ବଳିରାମ ବନ୍ଦରଙ୍କୁ ଚେକ ଆକାରରେ ସେ ଏହି ଟଙ୍କା ଦେଇଛନ୍ତି। ତାଙ୍କ ବ୍ୟତୀତ ଗୁଣପୁର ଆର୍‌ଏମ୍‌ସି କର୍ମଚାରୀ ୨୨,୭୦୦ ଟଙ୍କା, ଆଶା ସଂସ୍ଥା ୨୧ ହଜାର, ଶିଶିରକାନ୍ତ ମହାପାତ୍ର ଓ ତପସ୍ୱିନୀ ମହାପାତ୍ର ୧୦ ହଜାର ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତା କରିଛନ୍ତି।

## ୨ ଜଣଙ୍କ ନାଁରେ ମାମଲା

ଗୁଣପୁର,୭।୪(ଡି.ଏନ୍.ଏ.): ରାୟଗଡ଼ା ଜିଲା ଗୁଣପୁର ପୋଲିସ ୨ ଜଣଙ୍କ ନାମରେ ମଙ୍ଗଳବାର ମାମଲା ରୁଜୁ କରିଛି। ସେମାନେ ହେଲେ ସ୍ଥାନୀୟ ଜାଙ୍ଗଏମ ସାହିର ଏମ୍. ରବି କୁମାର ଓ ଏମ୍. ରାଜା। ଦୁହେଁ ପୁରୁଣା ଗୁଣପୁର ଗ୍ରାମଦେବୀ ମନ୍ଦିରରେ ବସିବା ସହ ପୂଜା ଆୟୋଜନ କରୁଥିଲେ। ଚୈତ୍ର ମାସର ଶେଷ ମଙ୍ଗଳବାର ପାଇଁ ସେଠାରେ ଲୋକେ ମଧ୍ୟ ଭିଡ଼ ଜମାଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ସ୍ଥଳରେ ପହଞ୍ଚି ଦୁଇ ଜଣଙ୍କୁ ଆଣି ସେମାନଙ୍କ ନାମରେ ମାମାଲା ରୁଜୁ କରିଥିବା ଆଇଆଇସି ରଶ୍ମିରଞ୍ଜନ ପ୍ରଧାନ କହିଛନ୍ତି। ପୂର୍ବରୁ ଗୁଣପୁର ପୋଲିସ ଲକ୍ ଡାଉନ ଅବମାନନା ଅଭିଯୋଗରେ ୯ ଜଣଙ୍କ ନାମରେ ମାମଲା ରୁଜୁ କରିଛି।

# ରକ୍ତ ଅଭାବ ପୂରଣ କଲେ ଯୁବଗୋଷ୍ଠୀ

ସୁନାବେଡ଼ା/ସେମିଳିଗୁଡ଼ା, ୭।୪(ସ୍ୱ.ପ୍ର.)

**ଭ୍ରାମ୍ୟମାଣ ଯାନ ସଂଗ୍ରହ କଲା ୭୧ ୟୁନିଟ୍ ରକ୍ତ**

କିଛି ଦିନ ହେବ କୋରାପୁଟ ରକ୍ତଭଣ୍ଡାରରେ ରକ୍ତର ଅଭାବ ଲାଗିରହିଛି। ଏଥିପାଇଁ ତିନିଦିନ ହେଲା ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ଯାନ ଦ୍ୱାରା ସ୍ୱେଚ୍ଛାକୃତ ରକ୍ତଦାନ ଅଭିଯାନ ଆରମ୍ଭ କରିଛି ଜିଲା ରକ୍ତଦାତା ଓ ପ୍ରବର୍ତ୍ତକ ଫୋରମ। ସୋମବାର ଡୁମୁରିପୁଟ ନିକଟସ୍ଥ ନିଗାମାନିଗୁଡ଼ା ଗ୍ରାମରେ ଉକ୍ତ ରକ୍ତ ସଂଗ୍ରହ ଯାନ ପହଞ୍ଚିବା ପରେ ଯୁବ ସ୍ୱେଚ୍ଛାସେବୀ ନବୀନ ଚୌଧୁରୀଙ୍କ ନେତୃତ୍ୱରେ ୧୫ ଜଣ ରକ୍ତଦାନ କରିଥିଲେ। ସୁନାବେଡ଼ା ଷ୍ଟାଡିୟମ କଂପ୍ଲେକ୍ସ ନିକଟରେ ଉକ୍ତ ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ଯାନ ପହଞ୍ଚିବା ପରେ କୋରାପୁଟ ଡିଏଭି ଆଲୁମିନି ସଂଘର ସଭାପତି ଅଯୋଧ୍ୟାନାଥ ସାମଲଙ୍କ ସହଯୋଗରେ ଅନେକ ଯୁବ ରକ୍ତଦାତା ରକ୍ତ ଦେଇଥିଲେ। ଜିଲା ରକ୍ତଦାତା ଓ ପ୍ରବର୍ତ୍ତକ ଫୋରମ କର୍ମକର୍ତ୍ତା ଡାକ୍ତର ଉମାଶଙ୍କର ପ୍ରସାଦ ପାତ୍ର, ଗୋବିନ୍ଦ ବଲ୍ଲଭ ପାଢ଼ୀ, ଶେଖ ଇବ୍ରାହିମ, ଶାହେଦା ପରବିନ ଭ୍ରାମ୍ୟମାଣ ରକ୍ତଦାନ ଶିବିର ପରିଚାଳନା କରୁଥିଲେ। କୋରାପୁଟ ରକ୍ତ ଭଣ୍ଡାର ଅଧିକାରୀ ଡା. ମଧୁସୂଦନ ବଳିଆରସିଂଙ୍କ ତତ୍ତ୍ୱାବଧାନରେ ୩୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସେହିପରି ସେମିଳିଗୁଡ଼ା ଶିବଶକ୍ତି ବଣିକ ସଂଘ ପକ୍ଷରୁ ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ଯାନ ସାହାଯ୍ୟରେ ସଭାପତି ରାଜେନ୍ଦ୍ର ପାତ୍ର, ସଦସ୍ୟ ଏମ୍. ରମେଶ, ଗୋବର୍ଦ୍ଧନ ଜେନା, ସୁଧୀର ପଟ୍ଟନାୟକ, ଆଲୋକ ଦାଶ, ଅନୁଜ ସାମଲ, କୈଳାସ ଲେଙ୍କାଙ୍କ ଉଦ୍ୟମରେ ୪୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।




ସୁନାବେଡାରେ ଭ୍ରାମ୍ୟମାଣ ଯାନ ଯୁବକଙ୍କଠାରୁ ରକ୍ତ ସଂଗ୍ରହ କରୁଛି ।

## ସଂକ୍ଷେପରେ

### ଜନ୍ମଦିନ ପାଳିଲେନି, ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିକୁ ୧୫ ହଜାର ଦେଲେ ଛାତ୍ରୀ



ଭଞ୍ଜନଗର,୭।୪(ଡି.ଏନ.ଏ)- ଭଞ୍ଜନଗର ବିଡିଓ ଅନିଲ କୁମାର ସେଠୀଙ୍କ ଝିଅ ଆଦ୍ୟାଶା ଗତ ୪ ତାରିଖରେ ନିଜ ଜନ୍ମଦିନ ପାଳନ ନ କରି ମୁଖ୍ୟମନ୍ତ୍ରୀଙ୍କ (କୋଭିଡ୍ ଫଣ୍ଡ)କୁ ୧୫ ହଜାର ଟଙ୍କା ଦାନ କରିଛନ୍ତି । ମଙ୍ଗଳବାର ଅନଲାଇନ୍ ମାଧମରେ ସେ ଏହି ଟଙ୍କା ପଠାଇଛନ୍ତି। ଆଦ୍ୟାଶା ଭଞ୍ଜନଗର କେନ୍ଦ୍ରୀୟ ବିଦ୍ୟାଳୟର ୫ମ ଶ୍ରେଣୀ ଛାତ୍ରୀ।

### ସଙ୍ଗରୋଧ ଗୃହରେ ଭୁବନେଶ୍ୱର ଫେରନ୍ତା

ଦାରିଙ୍ଗବାଡ଼ି,୭।୪(ଡି.ଏନ.ଏ.)- ଭୁବନେଶ୍ୱରରେ ରହୁଥିବା ଦାରିଙ୍ଗବାଡି ବ୍ଲକ ଅଞ୍ଚଳର ୩ ପରିବାରର ପ୍ରାୟ ୧୪ ଜଣ ଗାଁକୁ ଫେରିଛନ୍ତି। ଦାରିଙ୍ଗବାଡ଼ିର ଡବେରୀ ଗ୍ରାମରେ ସେମାନେ ପହଞ୍ଚିବା ପରେ ପୋଲିସ ପକ୍ଷରୁ ସୀମା ସିଲ୍ କରାଯାଇ ନଜର ରଖାଯାଇଥିଲା। ଏତେ ଲୋକଙ୍କୁ ଦେଖି ଥାନା ଆଇଆଇସି କୌଶିକ ମାଝି ଦାରିଙ୍ଗବାଡ଼ି ତହସିଲଦାର ନୀତିଶ ତ୍ରିପାଠୀ ଏବଂ ବିଡିଓ ଜଗଦୀଶ ଷଡଙ୍ଗୀଙ୍କୁ ସୂଚନା ଦେଇଥିଲେ। ପ୍ରଶାସନିକ ଅଧିକାରୀ ପହଞ୍ଚି ଡବେରୀଠାରେ କରାଯାଇଥିବା ସଙ୍ଗରୋଧ ପ୍ରକୋଷ୍ଠରେ ରଖିବା ସହ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।

### ୨୪ ଘଣ୍ଟାରେ ୧୧୭ ବାଇକ୍ ଜବତ

ଛତ୍ରପୁର,୭।୪(ଡି.ଏନ.ଏ.):କରୋନା ସଂକ୍ରମଣ ପ୍ରତିହତ ଉଦ୍ଦେଶ୍ୟରେ ଗଞ୍ଜାମ ଜିଲାରେ ବାଇକ୍ ଚଳାଚଳକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ତଥାପି କେତେଜଣ ବାଇକ୍ ଧରି ବୁଲୁଥିବାରୁ ପୋଲିସ ଜବତ କରୁଛି। ଗତ ୨୪ ଘଣ୍ଟାରେ ବିଭିନ୍ନ ଥାନା ପକ୍ଷରୁ ୧୧୭ ବାଇକ୍ ଜବତ ହୋଇଛି। ଏଥିସହ ନିର୍ଦ୍ଦେଶନାମା ଉଲ୍ଲଂଘନ ନେଇ ୧୪ ଜଣଙ୍କ ନାମରେ ମାମଲା ରୁଜୁ କରାଯାଇଛି। ଆଇନ ଅନୁଯାୟୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି।

### ଘରେ ରହିଲେନି, ମେଡିକାଲକୁ ଉଠାଇନେଲା ପୋଲିସ

ଭଞ୍ଜନଗର,୭।୪(ଡି.ଏନ.ଏ)- ଭୁବନେଶ୍ୱରରୁ ଗତ ସପ୍ତାହକ ମଧରେ ଭଞ୍ଜନଗରକୁ ୬୮ଜଣ ଫେରିଛନ୍ତି । ସେମାନଙ୍କୁ ହୋମ କ୍ୱାରାଣ୍ଟାଇନ୍‌ରେ ରହିବା ପାଇଁ ପ୍ରଶାସନ ନିର୍ଦ୍ଦେଶ ଦେଇଛି। ଏଥିସହ ସେମାନଙ୍କ ଗତିବିଧି ଉପରେ ମଧ କଡ଼ା ନଜର ରଖାଯାଇଛି। ଭୁବନେଶ୍ୱରରୁ ଭଞ୍ଜନଗର ଅଞ୍ଚଳକୁ ଆସିଥିବା ଗୋଟିଏ ପରିବାରର ୬ ଜଣ ଠିକ୍ ଭାବେ ଘରେ ନ ରହିବାରୁ ସେମାନଙ୍କୁ ପଞ୍ଚାୟତର ଆଇସୋଲେଶନ ୱାର୍ଡ଼ରେ ରଖାଯାଇଥିଲା। ସେଠି ମଧ ସ୍ଥିର ଭାବେ ନ ରହି ଏଣେତେଣେ ବୁଲିବାରୁ ମଙ୍ଗଳବାର ଅପରାହ୍ଣରେ ପୋଲିସ ସହାୟତାରେ ପ୍ରଶାସନ ସେମାନଙ୍କୁ ଭଞ୍ଜନଗର ମେଡ଼ିକାଲକୁ ସ୍ଥାନାନ୍ତର କରିଛି। ସମସ୍ତେ ସୁସ୍ଥ ଥିଲେ ମଧ ସରକାରୀ ନିର୍ଦ୍ଦେଶନାମା ନ ମାନିବାରୁ ଏପରି କରାଯାଇଛି।

### କରୋନା ମୁକାବିଲା ବ୍ୟବସ୍ଥା ଅନୁଧ୍ୟାନ କଲେ ଡିଆଇଜି

ଛତ୍ରପୁର,୭।୪(ଡି.ଏନ.ଏ.):ଦକ୍ଷିଣାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇ ମଙ୍ଗଳବାର ଛତ୍ରପୁର ଆସି ପୋଲିସ ବାରାକ, ରିଜର୍ଭ ଅଫିସ ପରିଦର୍ଶନ କରିଛନ୍ତି। କରୋନା ପ୍ରତିହତ ପାଇଁ କି ପଦକ୍ଷେପ ନିଆଯାଇଛି ତାହା ଅନୁଧ୍ୟାନ କରିଥିଲେ। ପରିମଳ ବ୍ୟବସ୍ଥା ସୁଦୃଢ କରିବା, ହାତ ଧୋଇବା, ସାନିଟାଇଜର ରଖିବା, ପୋଲିସ କର୍ମଚାରୀ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତା ଅବଲମ୍ବନ କରିବା ନେଇ ସଚେତନ କରିବାକୁ ଡିଆଇଜି ନିର୍ଦ୍ଦେଶ ଦେଇଛନ୍ତି। ଡିଆଇଜିଙ୍କ ଗସ୍ତ ବେଳେ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରୟ, ଅତିରିକ୍ତ ଏସ୍‌ପି ଠାକୁର ପ୍ରସାଦ ପାତ୍ର, ଡିଏସ୍‌ପି ଉତ୍କଳ କେଶରୀ ଦାଶ ଓ ଅଜୟ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ନିୟମ ଉଲ୍ଲଂଘନକାରୀଙ୍କୁ ଜରିମାନା

## ମାସ୍କ ନ ପିନ୍ଧି ଧରାପଡ଼ିଲେ ଖବରଦାତା, ପୋଲିସ, ସରକାରୀ କର୍ମଚାରୀ

ବ୍ରହ୍ମପୁର ଅଫିସ/ଛତ୍ରପୁର/ ଆସିକା/ ଦିଗପହଣ୍ଡି/ହିଞ୍ଜିଳିକାଟୁ,୭।୪ (ଡି.ଏନ୍.ଏ):

କରୋନା ପ୍ରତିହତ ପାଇଁ ଜିଲାରେ ଆଂଶିକ ଶଟ୍‌ଡାଉନ୍ ଜାରି କରାଯାଇଛି। ପ୍ରଶାସନ ଓ ପୋଲିସ ପକ୍ଷରୁ ବିଭିନ୍ନ ନିର୍ଦ୍ଦେଶନାମା ଜାରି ହୋଇଛି। ନିୟମ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ କରାଯାଉଛି। ମାସ୍କ ପିନ୍ଧି ନ ଥିଲେ ସହରାଞ୍ଚଳରେ ୧ ହଜାର ଓ ଗ୍ରାମାଞ୍ଚଳରେ ୫୦୦ ଟଙ୍କା ଜରିମାନା ଆଦାୟ କରିବାକୁ ରବିବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ନିର୍ଦ୍ଦେଶନାମା ଜାରି କରିଛନ୍ତି। ମଙ୍ଗଳବାର ବ୍ରହ୍ମପୁର ଉପଖଣ୍ଡ ଅଞ୍ଚଳରେ ବିନା ମାସ୍କରେ ବୁଲୁଥିବା ୧୭ ଜଣଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ଏହାବ୍ୟତୀତ ସାମାଜିକ ଦୂରତ୍ୱ ନିୟମ ଉଲ୍ଲଂଘନ ଅଭିଯୋଗରେ ବ୍ରହ୍ମପୁର ଖୋଡାସିଙ୍ଗି ଅଞ୍ଚଳର ମୋଗଲି ମାର୍ଟଠାରୁ ୪ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । ଜଣେ ତେଜରାତି ଦୋକାନୀ ମାସ୍କ ବ୍ୟବହାର କରି ନ ଥିବାରୁ ୧୦୦୦ ଟଙ୍କାର ଜରିମାନା ଆଦାୟ କରାଯାଇଛି।

ସେହିପରି ଛତ୍ରପୁରରେ ବିଡ଼ିଓ ଅମ୍ବିକା ପ୍ରସାଦ ଦାଶ ମଙ୍ଗଳବାର ଲାଠି ଧରି ମାସ୍କ ପିନ୍ଧି ନ ଥିବା ବ୍ୟକ୍ତି ଓ ବାଇକ ଚାଳକଙ୍କଠାରୁ ଜରିମାନା ଆଦାୟ କରିବା ସହ ବାଇକ୍ ଜବତ କରିଛନ୍ତି। ବ୍ରହ୍ମପୁରର ଜଣେ ଖବରଦାତା, ବ୍ଲକ କାର୍ଯ୍ୟାଳୟ ଗାଡି ଚାଳକ, ଏସ୍‌ପି ଅଫିସର କନଷ୍ଟେବଲଙ୍କ ଠାରୁ ବିଡ଼ିଓ ଜରିମାନା ଆଦାୟ କରିଥିଲେ।

ଆସିକା ବ୍ଲକ ଅଞ୍ଚଳରେ ମାସ୍କ ନ ପିନ୍ଧି ରାସ୍ତାରେ ଯାଉଥିବା ୪ ଜଣଙ୍କଠାରୁ ୨ ହଜାର ଟଙ୍କା ଜରିମାନା ଆଦାୟ ହୋଇଥିବା ବିଡିଓ ପ୍ରଦୀପ କୁମାର ପଣ୍ଡା ସୂଚନା ଦେଇଛନ୍ତି। ସେହିପରି ଗାଙ୍ଗପୁର ପୋଲିସ କୌଣସି କାରଣ ନ ଥାଇ ବାଇକ୍ ଧରି ବୁଲୁଥିବା ୪ ଜଣଙ୍କଠାରୁ ୨ ହଜାର ଟଙ୍କା ଜରିମାନା ଆଦାୟ କରିଛି। ଲକ୍‌ଡାଉନ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ଦିଗପହଣ୍ଡି ସହରର ୫ ଜଣଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ନଂ.୭୩/୨୦ରେ ମାମଲା ରୁଜୁ କରାଯାଇଥିବା ଆଇଆଇସି ବସନ୍ତ କୁମାର ସେଠୀ କହିଛନ୍ତି।

ହିଞ୍ଜିଳିକାଟୁରେ ରାଜସ୍ୱ କର୍ମଚାରୀ ଏବଂ ପୋଲିସ ଉପସ୍ଥିତିରେ ସୋମପୁରଠାରେ ଯାଞ୍ଚ କରି ମାସ୍କ ପିନ୍ଧି ନ ଥିବା ୧୦ ଜଣଙ୍କ ଠାରୁ ୫ଶହ ଟଙ୍କା ଲେଖାଏ ଜରିମାନା ଆଦାୟ କରିଥିଲେ। ବିଜୁ ପଟ୍ଟନାୟକ ଛକରେ ଅନ୍ୟ ଏକ ଟିମ ୨ ଜଣଙ୍କଠାରୁ ୧ ହଜାର ଟଙ୍କା ଜରିମାନା ଆଦାୟ କରିଥିଲେ।



ଛତ୍ରପୁର ବିଡିଓ ସ୍କୁଟର ଆରୋହୀ ୨ ଜଣଙ୍କୁ ଲାଠି ଦେଖାଇ ତାଗିଦ୍ କରୁଛନ୍ତି।

## ଏମ୍‌କେସିଜିରେ ଭୁବନେଶ୍ୱର ଫେରନ୍ତା କରୋନା ସନ୍ଦିଗ୍ଧ

ବ୍ରହ୍ମପୁର ଅଫିସ,୭।୪

ରାଜ୍ୟରେ କରୋନା ମହାମାରୀର ପ୍ରକୋପ ଦିନକୁ ଦିନ ବଢିବାରେ ଲାଗିଛି। ବ୍ରହ୍ମପୁର ବଡ ମେଡିକାଲରେ ବହୁ କରୋନା ସନ୍ଦିଗ୍ଧ ସ୍ୱାବ ପରୀକ୍ଷା ପାଇଁ ଭର୍ତ୍ତି ହେଉଛନ୍ତି। ଗତ ୨୯ ତାରିଖରେ ଭୁବନେଶ୍ୱରରୁ ଫେରିଥିବା ଜଣେ ବ୍ୟକ୍ତିଙ୍କ କାଶ ଓ ଜ୍ୱର ହେବାରୁ ମଙ୍ଗଳବାର ସକାଳେ ସେ ବଡ଼ ମେଡିକାଲର ସ୍ୱତନ୍ତ୍ର କରୋନା ୱାର୍ଡରେ ଭର୍ତ୍ତି ହୋଇଛନ୍ତି। ତାଙ୍କ ସ୍ୱାବ ପରୀକ୍ଷା ପାଇଁ ପଠାଯିବ ବୋଲି ମେଡିକାଲ ଅଧୀକ୍ଷକ ପ୍ରଫେସର ଡ. ସନ୍ତୋଷ କୁମାର ମିଶ୍ର ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ମହାରାଷ୍ଟ୍ର ପୁଣେରୁ ଗତ ୨୦ ତାରିଖରେ ଦିଗପହଣ୍ଡି ବ୍ଲକ ଡେଙ୍ଗାପଦର ଗ୍ରାମକୁ ଫେରିଥିବା ଜଣେ ବ୍ୟକ୍ତି ସୋମବାର ଏମ୍‌କେସିଜିରେ ଭର୍ତ୍ତି ହୋଇଥିଲେ। ତାଙ୍କ ସ୍ୱାବ ପରୀକ୍ଷା ପାଇଁ ଭୁବନେଶ୍ୱରସ୍ଥିତ ଆର୍‌ଏମ୍‌ଆରସିକୁ ପଠାଯାଇଥିବା ମେଡିକାଲ ଅଧୀକ୍ଷକ କହିଛନ୍ତି। ଆଇସିଏମ୍‌ଆର ଠାରୁ ଅନୁମତି ମିଳିଲେ ଏମ୍‌କେସିଜିରେ ସ୍ଥାପିତ ହୋଇଥିବା ପାଲିମେରାଇଜ୍ ଚେନ୍ ରିଆକ୍ସନ (ପିସିଆର) ମେଶିନରେ କୋଭିଡ଼-୧୯ ତଥା କରୋନା ପରୀକ୍ଷା ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ସେ ସୂଚନା ଦେଇଛନ୍ତି।

## ଭକ୍ତଙ୍କ ବିନା ସରିଲା ତାରାତାରିଣୀଙ୍କ ଚୈତ୍ରଯାତ୍ରା

ପୁରୁଷୋତ୍ତମପୁର, ୭।୪(ଡି.ଏନ.ଏ.)

ମା’ ତାରାତାରିଣୀଙ୍କ ଚୈତ୍ର ମଙ୍ଗଳବାର ଯାତ୍ରା ବିନା ଭକ୍ତରେ ଉଦ୍‌ଯାପିତ ହୋଇଯାଇଛି। ଚଳିତବର୍ଷ ଯାତ୍ରାକୁ ଅଧିକ ଆକର୍ଷଣୀୟ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଇଥିଲା। ମାତ୍ର ପ୍ରଥମ ପାଳି ଛଡ଼ା ଅନ୍ୟ ୪ ପାଳିରେ କରୋନା ପାଇଁ ଭକ୍ତଙ୍କ ପ୍ରବେଶ ଉପରେ କଟକଣା ଲାଗୁ ହୋଇଥିଲା। ଶେଷ ପାଳିରେ ମନ୍ଦିର ନିର୍ବାହୀ ଅଧିକାରୀ ଟି. କେ. ରେଡ୍ଡୀଙ୍କ ତତ୍ତ୍ୱାବଧାନରେ ବାପୁଜୀ ରଣାଙ୍କ ସମେତ ଅନ୍ୟ ସେବାୟତମାନେ ପରମ୍ପରା ଅନୁସାରେ ପୂଜାର୍ଚ୍ଚନା କରି ମା’ ତାରାତାରିଣୀ ଦୁଇ ଭଉଣୀଙ୍କୁ ରାଜ ରାଜେଶ୍ୱରୀ ବେଶରେ ସଜ୍ଜିତ କରାଇଥିଲେ। ସକାଳ ସାଢେ ୬ଟାରେ ସାହାଣ ମେଲା ହୋଇଥିଲା। ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ପୁରୁଷୋତ୍ତମପୁର ତହସିଲଦାର ଅରୁଣ କୁମାର ନାୟକ, ଏସ୍‌ଡିପିଓ ସୀମା ସ୍ୱାଇଁ, ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକଙ୍କ ସମେତ ପୋଲିସ ଫୋର୍ସ ମୁତୟନ ରହି ପରିସ୍ଥିତି ଉପରେ ନଜର ରଖିଥିଲେ।



ମା’ତାରାତାରିଣୀଙ୍କ ରାଜ ରାଜେଶ୍ୱରୀ ବେଶ।

## ମାଟିଆସାହି ସିଲ୍, ସ୍ଥିତି ଅନୁଧ୍ୟାନ କଲେ ଜିଲାପାଳ



ଜିଲାପାଳ ସୁମିତ୍ରାଙ୍କଠାରୁ ସଞ୍ଚିତ ଅର୍ଥ ଗ୍ରହଣ କରୁଛନ୍ତି।

ବେଗୁନିଆପଡା,୭।୪(ଡି.ଏନ.ଏ.)

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମଙ୍ଗଳବାର ବେଗୁନିଆପଡ଼ା ବ୍ଲକ, ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଅସ୍ଥାୟୀ ସଙ୍ଗରୋଧ ଗୃହ ପରିଦର୍ଶନ କରିଛନ୍ତି। ଭୁବନେଶ୍ୱର ଫେରନ୍ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ନିର୍ଦ୍ଦେଶ ଦେବାସହ ସୋମବାର ସିଲ୍ କରାଯାଇଥିବା ସାଙ୍କୁଡା ପଞ୍ଚାୟତ ମାଟିଆସାହିର ପରିସ୍ଥିତି ବିଷୟରେ ଆଲୋଚନା କରିଥିଲେ। ତ୍ରିପତି ମୋଟର୍ସ ମାଲିକ ତ୍ରିପତି ନାୟକ ଜିଲାପାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡକୁ ୩୧ ହଜାର ଟଙ୍କାର ଚେକ୍ ଓ ୧୦ମ ଶ୍ରେଣୀ ଛାତ୍ରୀ ସୁମିତ୍ରା ଗୌଡ଼ ଅର୍ଥ ସଞ୍ଚୟ କରି ରଖିଥିବା ଏକ କୁମ୍ଭି ପ୍ରଦାନ କରିଥିଲେ। ବିଡିଓ ବେଦବର ପ୍ରଧାନ, ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ସଞ୍ଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।ପ୍ରକାଶ ଯେ, ମାଟିଆ ସାହିର ୫୩ ଜଣ ଭୁବନେଶ୍ୱର ଓ କଟକ ଅଞ୍ଚଳରୁ ଆସିଥିବା ନେଇ ଖବର ମିଳିବାପରେ କୋଦଳା ତହସିଲଦାର ପ୍ରଭାତ କୁମାର ପରିଡା ସୋମବାର ତଦନ୍ତ କରିଥିଲେ। ଭୁବନେଶ୍ୱର ଅଞ୍ଚଳରୁ ଆସିଥିବା ଶ୍ରମିକ ବମିଖାଲ ଅଞ୍ଚଳରେ ରହୁ ନ ଥିଲେ ବୋଲି କହିଥିଲେ। ମାତ୍ର ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି ପହଞ୍ଚି ସମସ୍ତ ବିଷୟ ଅନୁଧ୍ୟାନ କରିବା ସହ ଏହି ଗାଁକୁ ସିଲ୍ କରିଥିଲେ।

## ସିଲ୍ ହେଲା ଦୃତିପଡା ପଞ୍ଚାୟତ

ଖଜୁରିପଡା,୭।୪(ଡି.ଏନ୍.ଏ.)

ଖଜୁରିପଡା ବ୍ଲକ ଦୃତିପଡା ପଞ୍ଚାୟତକୁ ମଙ୍ଗଳବାର ସିଲ୍ କରାଯାଇଛି। ଦୃତିପଡା ପଞ୍ଚାୟତ ମାଲଗୁଣ୍ଡି, ଜାମଝରି ଓ ମେକାନି ସାହିର ପ୍ରାୟ ୧୨ଜଣ ଭୁବନେଶ୍ୱର ବମିଖାଲ ଅଞ୍ଚଳରେ ରହି କାମ କରୁଥିଲେ। ସେମାନେ ନିକଟରେ ଘରକୁ ଫେରିଥିବା ଖବର ମିଳିବା ପରେ ସ୍ଥାନୀୟ ପ୍ରଶାସନ ପଞ୍ଚାୟତର ସମସ୍ତ ଗ୍ରାମରେ ଡ଼ାକବାଜି ଯନ୍ତ୍ର ଯୋଗେ ପ୍ରଚାର କରି ଘରୁ ବାହାରକୁ ନ ବାହାରିବାକୁ କହିବା ସହ ଗ୍ରାମଗୁଡିକୁ ସିଲ୍ କରିଛନ୍ତି। ଗାଁ ପ୍ରବେଶ ପଥରେ ପୋଲିସ ମୁତୟନ ହୋଇଛନ୍ତି। ଯେଉଁମାନେ ଭୁବନେଶ୍ୱରରୁ ଫେରିଛନ୍ତି ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆଇସୋଲେଶନରେ ରଖାଯାଇଛି ବୋଲି ବିଡିଓ ରବୀନ୍ଦ୍ର ନାଥ କହଁର କହିଛନ୍ତି।

## ଢେଙ୍କାନାଳ ନାବାଳକ ଛତ୍ରପୁରରୁ ଉଦ୍ଧାର ଆଇସୋଲଶନ ସେଣ୍ଟରରେ ରହିଲେ

ଛତ୍ରପୁର,୭।୪(ଡି.ଏନ୍.ଏ.)-ଢେଙ୍କାନାଳ ସହରର ଜଣେ ନାବାଳକଙ୍କୁ ମଙ୍ଗଳବାର ଛତ୍ରପୁର ବ୍ଲକ କୁମରବେଗପଲି ଗାଁ ରାସ୍ତା ପାର୍ଶ୍ୱରୁ ଉଦ୍ଧାର କରାଯାଇଛି। ତାଙ୍କୁ କୋଭିଡ ଆମ୍ବୁଲାନ୍ସ ଯୋଗେ ଅଗସ୍ତିନୂଆଗାଁ ପଞ୍ଚାୟତ ନୋଳିଆନୂଆଗାଁ ଆଇସୋଲଶନ ସେଣ୍ଟରରେ ରଖାଯାଇଛି। ସେଠାରେ ତାଙ୍କ ଖାଇବା ବ୍ୟବସ୍ଥା କରାଯାଇଛି। ସଂପୃକ୍ତ ନାବାଳକ କହିଛନ୍ତି ଯେ, ବ୍ରହ୍ମପୁରର ୨ ଜଣ ଢେଙ୍କାନାଳ ସହରରେ କାମ କରୁଥିଲେ। ବ୍ରହ୍ମପୁରରେ ଭଲ କାମ ମିଳିବ ବୋଲି ସେମାନେ ତାଙ୍କୁ ଓ ଅନ୍ୟ ଜଣେ ଯୁବକଙ୍କୁ ୨ ସାଙ୍ଗରେ ନେଇ ଗତ ୪ ଦିନ ପୂର୍ବେ ଗଞ୍ଜାମ ଜିଲ୍ଲାକୁ ଟ୍ରକ ଯୋଗେ ଆସିଥିଲେ। ତେବେ କରୋନା ନେଇ କଟକଣା ଲାଗିଥିବାରୁ ୩ ଦିନ ପୂର୍ବେ ବ୍ରହ୍ମପୁରର ଯୁବକଦ୍ୱୟ ନାବାଳକଙ୍କୁ ସାଇକେଲରେ ଆଣି ୧୬ ନଂ. ଜାତୀୟ ରାଜପଥରେ ଛାଡି ଚାଲିଯାଇଥିଲେ। ୩ ଦିନ ଧରି ଏଠି ସେଠି ରହି ନାବାଳକ ଜଣକ ମଙ୍ଗଳବାର କୁମରବେଗପଲିଠାରେ ପହଞ୍ଚିଥିଲେ। ସେଠାରେ ଲୋକେ ତାଙ୍କୁ ଖାଇବାକୁ ଦେଇ ପ୍ରଶାସନକୁ ଖବର ଦେଇଥିଲେ ।

## ଜି.ଉଦୟଗିରି ବିଧାୟକ ଦେଲେ ୪୦ ଲକ୍ଷ

ଦାରିଙ୍ଗବାଡ଼ି, ୭।୪(ଡି.ଏନ.ଏ.)

କରୋନା ମୁକାବିଲା ପାଇଁ କନ୍ଧମାଳ ଜିଲାପ୍ରଶାସନକୁ ପ୍ରଚୁର ପାଣ୍ଠିର ଆବଶ୍ୟକତା ରହିଛି। ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ତାଙ୍କ ଅତିରିକ୍ତ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ନିଜ ନିର୍ବାଚନ ମଣ୍ଡଳୀ ଟିକାବାଲି, ଜି.ଉଦୟଗିରି, ରାଇକିଆ ଏବଂ ଦାରିଙ୍ଗବାଡ଼ି ସକାଶେ ୨୦ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବାକୁ ଜିଲାପାଳ ଡ. ବୃନ୍ଦା ଡିଙ୍କୁ କ୍ଷମତା ପ୍ରଦାନ କରିଥିବା ଚିଠି ସ୍ଥାନୀୟ ବିଡିଓ ଡ. ଜଗଦୀଶ ଷଡଙ୍ଗୀଙ୍କ ଜରିଆରେ ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ବିଧାୟକ ପ୍ରଧାନ କରୋନା ମୁକାବିଲା ଲାଗି ୨୦ଲକ୍ଷ ନିଜ ପାଣ୍ଠିରୁ ଖର୍ଚ୍ଚ କରିବାକୁ ଜିଲାପ୍ରଶାସନକୁ ନିବେଦନ କରିଥିଲେ।



ବିଡିଓଙ୍କୁ ବିଧାୟକ ଚିଠି ପ୍ରଦାନ କରୁଛନ୍ତି ।

## ୨୩୯ ନିର୍ମାଣ ଶ୍ରମିକଙ୍କୁ ଆର୍ଥିକ ସହାୟତା

ବ୍ରହ୍ମପୁର ଅଫିସ,୭।୪

କରୋନା ମୁକାବିଲା ପାଇଁ ଲକ୍‌ଡାଉନ୍ ଜାରି କରାଯାଇଛି। ଏହାର ପ୍ରଭାବରେ ନିର୍ମାଣ ଶ୍ରମିକ ରୋଜଗାର ହରାଇଛନ୍ତି । ଫଳରେ ଉକ୍ତ ନିର୍ମାଣ ଶ୍ରମିକଙ୍କୁ କୋଭିଡ-୧୯ ସହାୟତା ରାଶି ପ୍ରଦାନ ନେଇ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାରରୁ ବ୍ରହ୍ମପୁର ଶ୍ରମ ଜିଲା ଅଧୀନ ବିଭିନ୍ନ ବ୍ଲକ ଓ ଏନ୍‌ଏସି ଅଞ୍ଚଳରେ ଯୋଗ୍ୟ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ୧୫୦୦ ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି । ପ୍ରଥମ ଦିନରେ ଆସ୍କା ବ୍ଲକ, ଆସ୍କା ଏନ୍‌ଏସି, ଶେରଗଡ ବ୍ଲକ, ରଙ୍ଗେଇଲୁଣ୍ଡା ବ୍ଲକରେ ୨୩୯ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ଏହି ସହାୟତା ପ୍ରଦାନ କରାଯାଇଛି । ବିଡିଓ ଓ ଏନ୍‌ଏସି ନିର୍ବାହୀ ଅଧିକାରୀ ନିର୍ମାଣ ଶ୍ରମିକଙ୍କ ଘରକୁ ଯାଇ ସହାୟତା ରାଶି ପ୍ରଦାନ କରିଥିବା ବ୍ରହ୍ମପୁର ଜିଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଖୁବ୍‌ଶୀଘ୍ର ବ୍ରହ୍ମପୁର ଶ୍ରମ ଜିଲା ଅଧୀନ ବ୍ରହ୍ମପୁର ମହାନଗର ନିଗମ ସମେତ ସମସ୍ତ ୧୪ ବ୍ଲକ, ୭ ଏନ୍‌ଏସି ଅଞ୍ଚଳରେ ଥିବା ଯୋଗ୍ୟ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ସହାୟତା ପ୍ରଦାନ କରାଯିବା ନେଇ ଶ୍ରମ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ।



ଶେରଗଡ ବିଡିଓ ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ପ୍ରଦାନ କରୁଛନ୍ତି ।

## ଅବାଧ ପ୍ରବେଶ ବିପଦକୁ ଟାଣୁଛି

ଫୁଲବାଣୀ ଅଫିସ, ୭।୪

କରୋନା ପ୍ରତିହତ ପାଇଁ ଯେତେ କଡ଼ା ପଦକ୍ଷେପ ନିଆଯାଉଥିଲେ ମଧ ଲୋକେ ସଚେତନ ହେଉନାହାନ୍ତି । କେତେଜଣ ବିନା କାରଣରେ ବାହାରେ ବୁଲାବୁଲି କରୁଛନ୍ତି। ଏବେ ଜିଲା ଲକ୍‌ଡାଉନରେ ଥିଲେ ମଧ ଗଳିବାଟ ଦେଇ ପଶୁଥିଆ ଏବଂ କେତେକ ସରକାରୀ କର୍ମଚାରୀ କାହାକୁ ନା କାହାକୁ ଢ଼ାଲ କରି ଜିଲାକୁ ଅବାଧ ପ୍ରବେଶ କରୁଛନ୍ତି। ଭୁବନେଶ୍ୱର ବମିଖାଲ ଅଞ୍ଚଳର ଜଣେ ବ୍ୟକ୍ତି, ଯିଏକି କନ୍ଧମାଳରେ ସରକାରୀ ଚାକିରି କରନ୍ତି, ତାଙ୍କ ଅବାଧ ପ୍ରବେଶକୁ ନେଇ କେବଳ ଜିଲା ପ୍ରଶାସନ ନୁହେଁ, ଅନ୍ୟମାନେ ମଧ ଭୟଭୀତ ଅବସ୍ଥାରେ ଅଛନ୍ତି। ସମ୍ପୃକ୍ତ ସରକାରୀ କର୍ମଚାରୀ ଜଣକ କ୍ୱାରାଣ୍ଟାଇନରେ ରହିଛନ୍ତି। ସରକାର ଏବଂ ପ୍ରଶାସନର ନିର୍ଦ୍ଦେଶକୁ ଜାଣିଶୁଣି ନ ମାନିବା ଜିଲାବାସୀଙ୍କ ପାଇଁ ଚିନ୍ତାର କାରଣ ହୋଇଥିବା ବେଳେ ଏହି ଅବାଧ ପ୍ରବେଶ ବିପଦକୁ ମଧ ଟାଣି ଆଣିଛି।

## ଘର ଘର ବୁଲି ପରିବା ବିକ୍ରି



ବିଭିନ୍ନ ସାହିକୁ ପରିବା ବିକ୍ରି ଲାଗି ନିଆଯାଉଛି ।

ଜି.ଉଦୟଗିରି,୭।୪(ଡି.ଏନ.ଏ.)

କରୋନା କଟକଣା ପାଇଁ ଜି. ଉଦୟଗିରି ସହରର ପରିବା ଓ ଗ୍ରସେରି ଦୋକାନ ସକାଳ ୭ ଟାରୁ ପୂର୍ବାହ୍ନ ୧୧ ଟା ଯାଏ ଖୋଲା ରହୁଛି। ତା’ପରେ ଜିନିଷ କିଣିବାକୁ ନେଇ ଲୋକମାନଙ୍କୁ ଅସୁବିଧା ହେଉଛି। ପୁଣି ବାଇକ୍ ନ ଆଣିବା ପାଇଁ ପ୍ରଶାସନ ତରଫରୁ କଟକଣା ଜାରି ହୋଇଛି। ଏସବୁ ଅସୁବିଧାକୁ ଦୃଷ୍ଟିରେ ରଖି ସ୍ୱାତି ଓ କନ୍ଧମାଳ ଫ୍ରେସ୍ ଉଦ୍ୟମରେ କୃଷି ଉତ୍ପାଦନ ଗୋଷ୍ଠୀ ପକ୍ଷରୁ ମଙ୍ଗଳବାର ଅପରାହ୍ଣ ୪ ଟାରେ ପନିପରିବା ଘରେ ଘରେ ପହଞ୍ଚାଇବାର ଉଦ୍ୟମ କରାଯାଇଛି। ସ୍ଥାନୀୟ ବିଡିଓ ଶାନ୍ତନୁ କୁମାର ନାୟକ, ଜିଲା ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ମନୋଜ ଦାଶ, ସ୍ୱାତି ସମ୍ପାଦକ ହରିଶଙ୍କର ରାଉତ ପ୍ରମୁଖ ଉପସ୍ଥିତ ରହି ଏହାର ଶୁଭାରମ୍ଭ କରିଥିଲେ।

## ୧୩୫ଙ୍କ ରିପୋର୍ଟକୁ ଅପେକ୍ଷା, ୧୦୫ କରୋନା ନେଗେଟିଭ୍

ଛତ୍ରପୁର,୭।୧(ଡି.ଏନ୍.ଏ.)

ବ୍ରହ୍ମପୁର ବଡ ମେଡିକାଲରେ କୋଭିଡ-୧୯ ସାମ୍ପୁଲ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଭୁବନେଶ୍ୱର ଆର୍‌ଏମ୍‌ଆର୍‌ସିକୁ ପଠାଯାଉଛି। ସୋମବାର ସନ୍ଧ୍ୟାସୁଦ୍ଧା ଗଞ୍ଜାମ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗଣମାଧ୍ୟମକୁ ଦିଆଯାଇଥିବା ରିପୋର୍ଟ ଅନୁଯାୟୀ ୨୪୦ କରୋନା ସନ୍ଦିଗ୍ଧଙ୍କ ସ୍ୱାବ୍ ବ୍ରହ୍ମପୁର ଏମ୍‌କେସିଜି ପକ୍ଷରୁ ସଂଗ୍ରହ କରାଯାଇ ଭୁବନେଶ୍ୱର ପଠାଯାଇଥିଲା। ସେଥିମଧ୍ୟରୁ ୧୦୫ଜଣଙ୍କ ରିପୋର୍ଟ ନେଗେଟିଭ ଆସିଛି, ଆହୁରି ୧୩୫ ରିପୋର୍ଟ ବାକି ରହିଛି ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ କହିଛି। ଗଞ୍ଜାମ ଜିଲାକୁ ଦେଶ ବାହାରୁ ୭୬୧ ଜଣ ଫେରିଥିବା ବେଳେ ୩୭୪ ଜଣଙ୍କ ହୋମ୍ କ୍ୱାରାଣ୍ଟାଇନ ଅବଧି ସରିଛି। ଅନ୍ୟ ୩୮୭ ଜଣ ହୋମ କ୍ୱାରାଣ୍ଟାଇନ୍‌ରେ ଅଛନ୍ତି। ସେହିପରି ୨୮ହଜାର ୯୮ଜଣ ରାଜ୍ୟ ବାହାରୁ ଫେରିଥିବା ବେଳେ ୫ ହଜାର ୪୯୫ଙ୍କ ହୋମ କ୍ୱାରାଣ୍ଟାଇନ ଅବଧି ସରିଥିବା ଗଞ୍ଜାମ ଡିଆର୍‌ଡିଏ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

## ଚାଲି ଚାଲି ଗାଁକୁ ଫେରିଲେ ଦୁଇ ପରିବାର

କୋଦଳା,୭।୪(ଡି.ଏନ.ଏ.)

ଗଞ୍ଜାମ ଜିଲା କୋଦଳା ଅଞ୍ଚଳକୁ ଗତ ଲକ୍‌ଡାଉନର ପ୍ରଥମ ଦିନଠାରୁ ସରକାରଙ୍କ ନିର୍ଦ୍ଦେଶକୁ ଖାତିର ନ କରି ବହୁ ଦୂରଦୂରାନ୍ତରୁ କାର୍ଯ୍ୟରତ ଶ୍ରମିକମାନେ ଘର ହୋଇଥିବା ବାହୁଡା ଦେଖିବାକୁ ମିଳୁଛି। ମଙ୍ଗଳବାର ସକାଳୁ ସ୍ଥାନୀୟ ଦଣ୍ଡିଶ୍ୱର ଛକରେ ଜଣେ ମହିଳା, ୬ବର୍ଷର ଶିଶୁ ଓ ୪ ଜଣ ପୁରୁଷ ଆସବାବପତ୍ର ମୁଣ୍ଡାଇ ଚାଲିଚାଲି ପହଞ୍ଚିଥିଲେ। ସେଠାରେ ଥିବା ପୋଲିସ କର୍ମଚାରୀମାନେ ପଚାରି ବୁଝିବାରୁ, ସେମାନେ ବେଗୁନିଆପଡା ବ୍ଲକ କାଳିମେଘି ପଞ୍ଚାୟତର ଜାପଟ ଗ୍ରାମର ଓ ଭୁବନେଶ୍ୱର ତମାଣ୍ଡୋ ଅଞ୍ଚଳରେ ଦିନ ମଜୁରିଆ ଭାବେ କାମ କରୁଥିଲେ ବୋଲି ଜଣାପଡିଥିଲା। ଖବର ପାଇ ସ୍ଥାନୀୟ ତହସିଲଦାର ପ୍ରଭାତ କୁମାର ପରିଡା ଓ ଥାନାଧିକାରୀ ଦେବାଶିଷ ମହାନ୍ତି ପହଞ୍ଚି ସେମାନଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ଗ୍ରାମକୁ ପଠାଇବା ବ୍ୟବସ୍ଥା କରିବା ସହ ନିଜ ଗ୍ରାମରେ ଅଲଗା ଜାଗାରେ ରହିବାକୁ ନିର୍ଦ୍ଦେଶ ଦେଇଥିଲେ।



ଗ୍ରାମକୁ ଫେରିଥିବା ପରିବାର ସଦସ୍ୟ ।

## ସଂକ୍ଷେପରେ

### କଟକଣା କଡ଼ାକଡ଼ି, ରାସ୍ତା ସିଲ୍

ଚାନ୍ଦବାଲି,୭।୪(ଡି.ଏନ.ଏ.)-କରୋନା ପାଇଁ ସ୍ଥାନୀୟ ପ୍ରଶାସନ ଓ ପୋଲିସ୍ କଟକଣାକୁ କଡ଼ାକଡ଼ି କରିଛି। ଲୋକ ଗହଳିକୁ ରୋକିବା ପାଇଁ ମତୋ ବଜାରକୁ ସଂଯୋଗ କରୁଥିବା କେତେକ ପ୍ରଧାନମନ୍ତ୍ରୀ ଗ୍ରାମସଡକକୁ ସିଲ୍ କରାଯାଇଛି । ଏହା ସହିତ ମତୋ ଫାଣ୍ଡି ସମ୍ମୁଖରେ ଭଦ୍ରକ-ଚାନ୍ଦବାଲି ମୁଖ୍ୟ ରାସ୍ତାରେ ବାଉଁଶ ବାନ୍ଧି ରାସ୍ତା ବନ୍ଦ କରାଯାଇଛି । ବଜାର ମଧକୁ ବାଇକକୁ ଅନୁମତି ଦିଆଯାଉ ନ ଥିବା ବେଳେ ମାସ୍କ ପିନ୍ଧିବାକୁ ପରାମର୍ଶ ଦିଆଯାଉଛି । ସୋମବାର ସକାଳେ ପୋଲିସ ଚଢାଉ କରି କେତେକ ବ୍ୟବସାୟୀଙ୍କୁ ଥାନା ଓ ଫାଣ୍ଡିକୁ ଆଣି ସେମାନଙ୍କୁ ତାଗିଦ କରି ଛାଡିଛି । ମଙ୍ଗଳବାର ସକାଳେ ମତୋ-ନାନ୍ଦପୁର, ମତୋ-ଚୌଧୁରୀଘାଟ ଓ ମତୋ-ପ୍ରତାପପୁର ପ୍ରଧାନମନ୍ତ୍ରୀ ଗ୍ରାମ ସଡକକୁ ପୋଲିସ୍ ସିଲ କରିବା ସହିତ ପହରା ଦିଆଯାଉଛି।

### ୫ ବାଇକ୍ ଚାଳକଙ୍କଠାରୁ ଜରିମାନା ଆଦାୟ

ବନ୍ତ, ୭।୪(ଡି.ଏନ.ଏ.)-ଭଦ୍ରକ ଜିଲା ବନ୍ତ ପୋଲିସ ପକ୍ଷରୁ ଲକ୍‌ଡାଉନ୍ ଆଇନ ଉଲ୍ଲଂଘନ କରିଥିବା ୫ ବାଇକ୍ ଚାଳକଙ୍କଠାରୁ ୫ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସରକାର ଲକ୍‌ଡାଉନ ସମୟରେ ବିନା କାରଣରେ କୌଣସି ବ୍ୟକ୍ତି ବାହାରେ ବୁଲାବୁଲି ନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସଂପୃକ୍ତ ବାଇକ୍ ଚାଳକମାନେ କୌଣିସି କାର୍ଯ୍ୟ ନ ଥାଇ ରାସ୍ତାରେ ଯାତାୟାତ କରୁଥିବାରୁ ଜରିମାନା ଆଦାୟ କରାଯାଇଛି ବୋଲି ପୋଲିସ କହିଛି ।

### ପଥବିକ୍ରେତାଙ୍କୁ ସହାୟତା ଦାବି

ବାଲେଶ୍ୱର ଅଫିସ, ୭।୪-ବାଲେଶ୍ୱର ସହରରେ ପଥବିକ୍ରେତାମାନେ କରୋନା ମହାମାରୀ ପାଇଁ ହୋଇଥିବା ଲକ୍‌ଡାଉନ୍ ଯୋଗୁ ପ୍ରଭାବିତ ହୋଇଛନ୍ତି। ସହାୟତା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ସେମାନେ ସହାୟତାକୁ ଅନାଇ ବସିଛନ୍ତି। ଏହି ପରିପ୍ରେକ୍ଷୀରେ ଟାଉନ୍ ଭେଣ୍ଡିଂ ଜୋନ୍ କମିଟି ନିଷ୍ପତ୍ତି ଅନୁସାରେ ମ୍ୟୁନିସିପାଲିଟି ପକ୍ଷରୁ ଅଳ୍ପ ସଂଖ୍ୟକ ପଥବିକ୍ରେତାମାନଙ୍କୁ ସହାୟତା ଯୋଗାଇ ଦିଆଯାଇଥିବା ବେଳେ ଟ୍ରେଡ୍ ଲାଇସେନ୍ସ ପାଇଥିବା ସହରର ବିଭିନ୍ନ ଉଠା ଦୋକାନୀ ଏଥିରୁ ବଞ୍ଚିତ ହୋଇଛନ୍ତି। ସେମାନଙ୍କୁ ଯଥାଶୀଘ୍ର ସହାୟତା ଦେବା ପାଇଁ ଓଡ଼ିଶା ପଥ ବିକ୍ରେତା ସଂଘର ବାଲେଶ୍ୱର ଶାଖା ପକ୍ଷରୁ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଲିଖିତ ନିବେଦନ କରାଯାଇଥିବା ସମ୍ପାଦକ ମୋହିନୀମୋହନ ପରିଡ଼ା ଓ ଉପ-ସଭାପତି ଆବିଦ ଖାନ ଜଣାଇଛନ୍ତି।

### କୀଟନାଶକ ଖାଇ ନାବାଳିକାଙ୍କ ଜୀବନ ଗଲା

ଭଣ୍ଡାରିପୋଖରୀ,୭।୪(ଡି.ଏନ.ଏ.)-ଭଣ୍ଡାରିପୋଖରୀ ଥାନା ନାଆମି ପଞ୍ଚାୟତ ସୋଲାପୁର ଗ୍ରାମର ଜଣେ ନାବାଳିକା ମଙ୍ଗଳବାର ସକାଳେ କୀଟନାଶକ ଔଷଧ ଖାଇ ଆତ୍ମହତ୍ୟା କରିଛନ୍ତି। ପ୍ରଥମେ ତାଙ୍କୁ ସାଲଣିଆ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭଦ୍ରକ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଭଣ୍ଡାରିପୋଖରୀ ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ଜଳିଗଲା ୬ ବଖରା

ଚାନ୍ଦବାଲି,୭।୪(ଡି.ଏନ.ଏ.)- ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଯଶୀପୁର ପଞ୍ଚାୟତର ବାରାକୋହ୍ଲା ଗାଁରେ ସୋମବାର ମଧ୍ୟାହ୍ନରେ ନିଆଁଲାଗି ୪ ପରିବାରର ୬ ବଖରା ଘର ସହିତ ଆସବାବପତ୍ର ଓ କେତେକ ନଡାଗଦା ପୋଡ଼ି ଯାଇଛି । ଗଦିରୁ ଦମକଳ ପହଞ୍ଚି ନିଆଁକୁ ଆୟତ୍ତ କରିଛି । ଏହି ଅଗ୍ନିକାଣ୍ଡରେ ମହେନ୍ଦ୍ର ଖଟୁଆ, ମାୟାଧର ଖଟୁଆ, ଗୟାଧର ଖଟୁଆ ଓ ରାମଚନ୍ଦ୍ର ଖଟୁଆଙ୍କର ଘର ଓ ଆସବାବପତ୍ର ପୋଡି ଯାଇଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣା ପଡି ନ ଥିଲେ ମଧ ରନ୍ଧନ ଗ୍ୟାସ ଲିକ୍ ହୋଇ ଏପରି ଘଟିଥିବା କୁହା ଯାଉଛି।

### ରିଲିଫ୍ ଫଣ୍ଡକୁ ସହାୟତା

ବାହାନଗା, ୭।୪(ଡି.ଏନ.ଏ.)-କରୋନା ଭାଇରସର ମୁକାବିଲା ପାଇଁ ସରକାରଙ୍କୁ ସହଯୋଗ ନିମନ୍ତେ ବାଲେଶ୍ୱର ଜିଲା ବାହାନଗା ବ୍ଲକ ବରିପଦା ପଞ୍ଚାୟତସ୍ଥିତ ଉପର କରଞ୍ଜାବିନ୍ଧା ଗ୍ରାମର ଥିବା ଯୁବକ ସଂଘ ଆଗକୁ ବାହାରିଛନ୍ତି। ସେମାନେ ନିଜ ତରଫରୁ ଅର୍ଥ ଆଦାୟ କରିବା ସହିତ ଗ୍ରାମର ଅନ୍ୟ ଯୁବକଙ୍କ ଠାରୁ ମଧ ଅର୍ଥ ଆଦାୟ କରି ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡକୁ ଅର୍ଥ ପ୍ରଦାନ କରିଛନ୍ତି। ଉପରକରଞ୍ଜାବିନ୍ଧା ଗ୍ରାମର ଯୁବକ ସଂଘ ତରଫରୁ ୱାର୍ଡ ସଭ୍ୟ ଭାଗବତ ଯେନା, ୱାର୍ଡ ସଭ୍ୟ ସହଦେବ ବେହେରା ଓ ଅରୂପ କୁମାର ଦାସଙ୍କ ନେତୃତ୍ୱରେ ସଂଘର କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡକୁ ସହାୟତା ଅର୍ଥ ପ୍ରଦାନ କରିଥିଲେ।

# ପରିବାଚାଷୀଙ୍କ ମୁଣ୍ଡରେ ଚଡ଼କ

କେନ୍ଦୁଝର,୭।୪(ସ୍ୱ.ପ୍ର.)


ଜଣେ ଚାଷୀ ଅମଳ ହୋଇଥିବା ଫସଲକୁ ଦେଖାଉଛନ୍ତି ।

କରୋନା କଟକଣା

କରୋନା ଭୂତାଣୁ ସଂକ୍ରମଣର ରୋକିବା ପାଇଁ ସରକାର ଲକଡାଉନ ଘୋଷଣା କରିଛନ୍ତି। ଏହା ପନିପରିବା ଚାଷୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ଚାଷୀଙ୍କୁ ପାସ୍ ମିଳୁ ନ ଥିବାରୁ ଅନେକ ସମୟରେ ସାଇକେଲ, ବାଇକ ବା ଗାଡିରେ ପନିପରିବା ଧରି ବଜାରକୁ ଆସିବା ବେଳେ ପୋଲିସର ଆକ୍ରୋଶର ଶିକାର ହେବାକୁ ପଡୁଛି। ଏପରିକି ଅନେକ ଚାଷୀ ପୋଲିସ ମାଡରେ ଆହତ ହୋଇଥିବାରୁ ଭୟରେ ଆଖପାଖ ଅଞ୍ଚଳର ଚାଷୀ ବଜାରକୁ ଆସିପାରୁନାହାନ୍ତି। ଫଳରେ ସେମାନେ ଅଭାବ ଅନଟନରେ କାଳାତିପାତ କରୁଛନ୍ତି। ସେହିପରି ବଜାରରେ ଅନେକ ସମୟରେ ପରିବା ଅଭାବ ଦେଖାଦେଉଛି । ଏହାର ଫାଇଦା ବେପାରୀମାନେ ଉଠାଉଥିଲେ ହେଁ ଗ୍ରାହକମାନେ ଚଢାଦରରେ ପରିବା କିଣିବାକୁ ବାଧ ହେଉଛନ୍ତି । ସାପ୍ତାହିକ ହାଟ ବନ୍ଦ ହୋଇଯାଇଥିବା ବେଳେ ପରିବା ବଜାରରେ କଟକଣା ଲାଗୁ ହୋଇଥିବାରୁ ଅମଳ ପନିପରିବା ବିକ୍ରି ହୋଇପାରୁନାହିଁ।

ଲକ୍‌ଡାଉନ ଘୋଷଣା ପରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି ରବି ଋତୁରେ ପନିପରିବା ଚାଷ କରିଥିବା ନିମ୍ନ ବା ମଧ୍ୟମ ଚାଷୀ। ବହୁ କଷ୍ଟରେ ଧାରକରଜ କରି ବାଡିବଗିଚା ତଥା ଚାଷ ଜମିରେ ପାଣି ମଡାଇ ବାଇଗଣ, ବିଲାତି, ବୋଇତାଳୁ, ଝୁଡଙ୍ଗ, ବିନସ, କଲରା, ରୁମା ଛୁଇଁ, ଭେଣ୍ଡି, ପୋଇ, ଲଙ୍କା, ମୂଳା, କାକୁଡି, ଲାଉ, ଗାଜର, ପୋଟଳ ଆଦି ଚାଷ କରିଛନ୍ତି । ପରିବା ବିକି ଋଣ ପରିଶୋଧ କରି ପରିବାର ଗୁଜୁରାଣ ମେଣ୍ଟାଇବେ ବୋଲି ଭାବିଥିଲେ। ହେଲେ ସେସବୁ କିଛି ହୋଇପାରିଲାନି ବୋଲି କହିଛନ୍ତି ଚାଷୀ ଦୁର୍ଯ୍ୟୋଧନ ନାୟକ । ଏଠାରୁ କେନ୍ଦୁଝର ବ୍ୟତୀତ ବାହାର ଜିଲାକୁ ପରିବା ଚାଲାଣ ବନ୍ଦ ରହିଛି । ଶୀତଳଭଣ୍ଡାର ନ ଥିବାରୁ ପନିପରିବା ଗଚ୍ଛିତ ରଖାଯାଇ ପାରୁନାହିଁ। ଜମି ଓ ବାଡିବଗିଚାରେ ଗଦା ହୋଇ ପଚୁଛି ବୋଲି ଚାଷୀ ରୁଦ୍ର ନାରାୟଣ ମହାନ୍ତ କହିଛନ୍ତି। ଲ୍‌କଡାଉନ ପାଇଁ ଗାଁ ଗଣ୍ଡାକୁ ଗାଡି ବନ୍ଦ। ଏଣୁ ଆଗଭଳି ବାହାର ବେପାରୀ ଆସିବା ବନ୍ଦ ହୋଇଯାଇଛି। ଏଣୁ ପନିପରିବା ବାହାରକୁ ଯାଇପାରୁନାହିଁ ବୋଲି ଚାଷୀ ଭାଗିରଥୀ ମହାନ୍ତ କହିଛନ୍ତି। ଏବେ ପ୍ରଶାସନ ମୋବାଇଲ ଭ୍ୟାନ ଜରିଆରେ ସାହି/ୱାର୍ଡକୁ ପରିବା ଯୋଗାଇ ଦେଉଥିଲେ ହେଁ ତାହା ପର୍ଯ୍ୟାପ୍ତ ହେଉନାହିଁ । ଏଣୁ ଚାଷୀମାନଙ୍କଠାରୁ ପରିବା କିଣି ସହରରେ ବିକ୍ରି ବ୍ୟବସ୍ଥା କଲେ ଉପକୃତ ହୋଇପାରନ୍ତେ ବୋଲି କୃଷକ ନେତା କୀର୍ତ୍ତନ ବିହାରୀ ଜେନା କହିଛନ୍ତି । ଏଣୁ ଚାଷୀଙ୍କ ଋଣ ଛାଡ କରିବା ସହ ଆର୍ଥିକ ସହାୟତା ଦେବାକୁ ସଦର ବ୍ଲକ ଅଞ୍ଚଳର ଚାଷୀ ଜୟନ୍ତ କୁମାର ନାୟକ, ଚିନ୍ତାମଣି ମହାନ୍ତଙ୍କ ସମେତ ବହୁ ଚାଷୀ ଦାବି କରିଛନ୍ତି।

## ଏଟିଏମ୍ କାଉଣ୍ଟରରେ ନାହିଁ ସାନିଟାଇଜର ବ୍ୟବସ୍ଥା

ବାରିପଦା ଅଫିସ, ୭।୪

ବର୍ତ୍ତମାନ ସାରା ବିଶ୍ୱରେ କରୋନା ଭାଇରସ୍ ଆତଙ୍କ ଖେଳାଇଛି। ଏହି ସଂକ୍ରମଣକୁ ରୋକିବା ପାଇଁ ବିଭିନ୍ନ ପଦକ୍ଷେପମାନ ନିଆଯାଉଛି। ଏହି ପରିପ୍ରେକ୍ଷୀରେ ପ୍ରତି ଏଟିଏମ୍ କାଉଣ୍ଟରକୁ ସାନିଟାଇଜ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ଜିଲାରେ ଥିବା ବହୁ ଏଟିଏମରେ ଏହି ନିର୍ଦ୍ଦେଶକୁ ଅଣଦେଖା କରାଯାଉଛି। ବାରିପଦା ସହରରେ ମଧ କୌଣସି ଏଟିଏମ୍‌ରେ ସାନିଟାଇଜ ବ୍ୟବସ୍ଥା ନ ଥିବା ଦେଖିବାକୁ ମିଳୁଛି। ସହରର କିଛି ଏଟିଏମ୍‌ରେ ବାଲ୍‌ଟିରେ କିଛି ପାଣି ରଖାଯାଉଥିବା ଦେଖିବାକୁ ମିଳିଛି। ପ୍ରକାଶ ଯେ, ଟଙ୍କା ଉଠାଣ ପୂର୍ବରୁ ଓ ପରେ ପ୍ରତି ଏଟିଏମ୍‌ରେ ସାନିଟାଇଜରରେ ଗ୍ରାହକମାନେ ହାତ ପରିଷ୍କାର ଭାବେ ଧୋଇ ଟଙ୍କା ଉଠାଇବା କଥା। ହେଲେ କୌଣସି ଏଟିଏମ୍‌ରେ ସାନିଟାଇଜର ବନ୍ଦୋବସ୍ତ କରାଯାଉ ନ ଥିବାରୁ ଲୋକେ ଅନ୍ୟ କୌଣସି ଉପାୟ ନ ପାଇ ଟଙ୍କା ଉଠାଣ କରୁଛନ୍ତି। ଟଙ୍କା ଉଠାଣ ସମୟରେ ଲୋକଙ୍କୁ କରୋନା ସଂକ୍ରମଣ ହେବାର ଆଶଙ୍କା ରହିଛି। ବ୍ୟାଙ୍କ କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ଦେବା ପାଇଁ ସାଧାରଣରେ ଦାବି ହେଉଛି।

## ପାଗଳା କୁକୁର କାମୁଡ଼ାରେ ୬ ଗୁରୁତର

ପାଟଣା,୭।୪(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ମୁଖ୍ୟାଳୟରେ ମଙ୍ଗଳବାର ସକାଳେ ଏକ ବୁଲା ପାଗଳ କୁକୁର କାମୁଡ଼ାରେ ୬ଜଣ ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ପ୍ରଥମେ ସେମାନଙ୍କୁ ପଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଗୁରୁତର ବ୍ୟକ୍ତିମାନେ ବଡ଼ ପାଟଣା ପଞ୍ଚାୟତ ଅଧୀନ କାମେଶ୍ୱରପୁର ଗ୍ରାମର କାଦମ୍ବିନୀ ଭଞ୍ଜ, ନୂଆପଡା ଗ୍ରାମର ମଦନ ମହାନ୍ତ, ମଧୁ ମୁଣ୍ଡା, ପଟଣାର ଆକାଶ ମୁଣ୍ଡା, ନାରଣ ନାଏକ ଓ ଅକ୍ଷୟ ମୁଣ୍ଡା ବୋଲି ଜଣାପଡ଼ିବ। ତେବେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୁକୁର କାମୁଡ଼ା ଇଞ୍ଜେକ୍ସନ ମିଳୁ ନ ଥିବାରୁ ଲୋକେ ହଇରାଣ ହେଉଛନ୍ତି। ତୁରନ୍ତ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ କୁକୁର କାମୁଡ଼ା ଇଞ୍ଜେକ୍ସନ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

## ୪ ଜଣଙ୍କ ରକ୍ତ ନମୁନା ନେଗେଟିଭ

ପାଟଣା,୭।୪(ସ୍ୱ.ପ୍ର.):

**୩୩୩ ଜଣଙ୍କ କ୍ୱାରାଣ୍ଟାଇନ ଅବଧି ଶେଷ**

କରୋନା ପାଇଁ ଦେଶବ୍ୟାପି ଚାଲିଥିବା ଲକ୍ ଡାଉନ ମଙ୍ଗଳବାର ୧୪ ଦିନରେ ପହଞ୍ଚିଛି। ବାହାର ରାଜ୍ୟ ଓ ଜଣେ ବିଦେଶ ଫେରନ୍ତାଙ୍କୁ ମିଶାଇ ମୋଟ ୩୩୮ ଜଣ ପାଟଣା ବ୍ଲକକୁ ଆସି ହୋମ କ୍ୱାରାଣ୍ଟାଇନରେ ରହିଥିଲେ। ସେମାନଙ୍କ ମଧ୍ୟରୁ ୩୩୩ ଜଣଙ୍କ କ୍ୱାରାଣ୍ଟାଇନ ଅବଧି ଶେଷ ହୋଇଛି। ସମସ୍ତେ ସୁସ୍ଥ ଥିବା ବେଳେ ୫ଜଣ ବର୍ତ୍ତମାନ କ୍ୱାରାଣ୍ଟାଇନରେ ରହିଛନ୍ତି। ଏହି ୫ ଜଣଙ୍କ ମଧ୍ୟରୁ ୪ଜଣଙ୍କ ରକ୍ତ ନମୁନା ପରୀକ୍ଷା ପାଇଁ କଟକ ବଡ଼ ଡାକ୍ତରଖାନା ପଠାଯାଇଥିଲା। ତେବେ ଏହି ୪ ଟି ଯାଞ୍ଚ ନମୁନା ନେଗେଟିଭ ରହିଥିବା ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼.ସୁପ୍ରକାଶ ଶତପଥୀ ସୂଚନା ଦେଇଛନ୍ତି। ମଙ୍ଗଳବାର ଆଉ ୨ ଜଣଙ୍କ ରକ୍ତ ନମୁନା ପରୀକ୍ଷା ପାଇଁ କଟକ ବଡ଼ଡ଼ାକ୍ତରଖାନା ପଠାଯାଇଛି।

## ଗୁଜବ ସୃଷ୍ଟିକରି ୨ ଗିରଫ

ଭୋଗରାଇ, ୭।୪(ଡି.ଏନ.ଏ.)-ସୋସିଆଲ ମିଡିଆରେ ଭିଡିଓ ଭାଇରାଲ କରି ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ବିରୋଧରେ ଉତ୍ତେଜନାମୂଳକ ଗୁଜବ ସୃଷ୍ଟି କରୁଥିବା ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ସୁନାଧର ବସାଣ ଗ୍ରାମର ଦୁଇ ବ୍ୟକ୍ତିଙ୍କୁ ମଙ୍ଗଳବାର ଭୋଗରାଇ ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ନିତ୍ୟାନନ୍ଦ ଜେନା ଓ ରବୀନ୍ଦ୍ର ଜେନା। ସେମାନଙ୍କ ବିରୋଧରେ ପୋଲିସ ଏକ ମାମଲା(ନଂ.୭୩/୨୦) ରୁଜୁ କରି ଜଳେଶ୍ୱର କୋର୍ଟଚାଲାଣ କରିଛି। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଦୁଇ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ।

## ଶତାଧିକ ବାଇକ ଜବତ

ଭଦ୍ରକ ଅଫିସ, ୭।୪- ଭଦ୍ରକ ଟାଉନ ପୋଲିସ ଦ୍ୱାରା ମଙ୍ଗଳବାର ସହରର ବିଭିନ୍ନ ଅଞ୍ଚଳରୁ ଶତାଧିକ ବାଇକ ଜବତ କରାଯାଇଛି। ପ୍ରଶାସନିକ କଟକଣା ସତ୍ତ୍ୱେ ବାଇକ୍‌ଧାରୀମାନେ ବଜାରରେ ପ୍ରବେଶ କରି ଅଯଥାରେ ଭିଡ଼ ଜମାଉଥିବା କାରଣରୁ ପୋଲିସ ଏହି ବାଇକ୍‌ଗୁଡ଼ିକ ଜବତ କରିଛି। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ୨ ହଜାର ଟଙ୍କା ଲେଖାଏ ଜରିମାନା ସଂଗ୍ରହ ପରେ ଉକ୍ତ ବାଇକ୍‌ଗୁଡ଼ିକ ଛଡ଼ାଯାଇଛି।

## ରୂପ୍‌ସାରେ ରନ୍ଧାଖାଦ୍ୟ ବଣ୍ଟନ


ଜଣେ ବୃଦ୍ଧାଙ୍କୁ ମାସ୍କ ପିନ୍ଧାଯାଉଛି ।

ରୂପ୍‌ସା, ୭।୪(ଡି.ଏନ.ଏ.)-ସାରା ଦେଶ ଲକଡାଉନ୍ ହେବା ପରେ ସାଧାରଣ ଜନଜୀବନ ଏକପ୍ରକାର ଠପ୍ ହୋଇଯାଇଛି। ଦିନମଜୁରିଆ, ଅସହାୟ ବୃଦ୍ଧାବୃଦ୍ଧ, ରୂପ୍‌ସା ରେଳ ଷ୍ଟେଶନରେ ଅଟକି ରହିଥିବା ଯାତ୍ରୀ, ହାଟଚାଳିରେ ରହୁଥିବା ନିରାଶ୍ରୟ ଓ ପିଡବ୍ଲ୍ୟୁଆଇ ଅଫିସ ନିକଟରେ ରହୁଥିବା ଅସହାୟମାନେ ଖାଦ୍ୟ ନ ପାଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ ମାର୍ଚ୍ଚ ୨୯ଠାରୁ ଗାଙ୍ଗଯୋଡ଼ି ନଦୀ ପୋଲଠାରେ, ରାମ ସିଂ ଛକ, ପାଣିଟାଙ୍କି ଛକ, ରେଲୱେ ପ୍ଲାଟଫର୍ମ, ପିଡବ୍ଲ୍ୟୁଆଇ ଅଫିସ, ହାଟ ଚାଳିଆ, ଘାସିସାହି, ଦଳଦଳି ପଦାରେ ଥିବା ବ୍ୟକ୍ତିମାନଙ୍କୁ ରନ୍ଧାଖାଦ୍ୟ ବଣ୍ଟନ କରାଯାଉଛି। ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଖାଦ୍ୟ ବଣ୍ଟନ ପାଇଁ ସ୍ଥିର ହୋଇଛି। ଦୈନିକ ପ୍ରାୟ ୧ଶହ ଲୋକଙ୍କୁ ରନ୍ଧା ଖାଦ୍ୟ ଦିଆଯାଉଛି। ଏହି ମହତ୍ କାର୍ଯ୍ୟକୁ ରୂପ୍‌ସା ଥାନା ପ୍ରଶାସନିକ ଅଧିକାରୀ ବିଶ୍ୱଜିତ ରାଉତରାୟଙ୍କ ପୂର୍ଣ୍ଣ ସହଯୋଗରେ ସ୍ୱେଚ୍ଛାସେବୀ କସିପଦା ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅନନ୍ତ କୁମାର ସାହୁ, ବରଦାପ୍ରସନ୍ନ ପଟ୍ଟନାୟକ, ଜଗଦୀଶ ବେହେରା, ସଞ୍ଜୟ କୁମାର ସେଠୀ, ବଂଶୀଧର ପଣ୍ଡା, ପ୍ରସନ୍ନ କୁମାର ସାହୁ, ପ୍ରମୋଦ କୁମାର ସାହୁ, ସୁବ୍ରତ କୁମାର ଦାସ, ରବୀନ୍ଦ୍ର କୁମାର ପରିଡ଼ା, ଜୟଦେବ ବେହେରା, ମଣ୍ଟୁ ପ୍ରଧାନ ପ୍ରମୁଖ ଜାରି ରଖିଛନ୍ତି।

## ୩ ସ୍ୱାସ୍ଥ୍ୟକେନ୍ଦ୍ରକୁ ସହାୟତା ଦେଲେ ବିଧାୟକ

ସଜନାଗଡ଼, ୭।୪(ଡି.ଏନ.ଏ.)-ମହାମାରୀ କରୋନା ମୁକାବିଲା ଲାଗି ବାଲେଶ୍ୱର ଜିଲା ନୀଳଗିରି ନିର୍ବାଚନମଣ୍ଡଳୀର ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ୩ ସ୍ୱାସ୍ଥ୍ୟକେନ୍ଦ୍ରକୁ ୩ ଲକ୍ଷ ଟଙ୍କା ଦାନ କରିଛନ୍ତି। ନୀଳଗିରି ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ୨ଲକ୍ଷ ଟଙ୍କା ଦେଇଥିବା ବେଳେ ବରହମ୍ପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଦେଢ଼ଲକ୍ଷ ଏବଂ ଈଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଦେଢ଼ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଏହି ଅର୍ଥରେ ୩ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀ ଓ କର୍ମଚାରୀଙ୍କ ନିମନ୍ତେ ବିଭିନ୍ନ ଉପକରଣ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯାଉଛି।

## ସାମାଜିକ ଦୂରତା ରକ୍ଷା କରି ଦିଆଯାଉଛି ପିଡିଏସ୍ ସାମଗ୍ରୀ

ବନ୍ତ, ୭।୪(ଡି.ଏନ୍.ଏ.)


ସାମାଜିକ ଦୂରତା ରକ୍ଷା କରି ସାମଗ୍ରୀ ନେଉଛନ୍ତି ହିତାଧିକାରୀ ।

ଭଦ୍ରକ ଜିଲା ବନ୍ତ ବ୍ଲକ ନିଳୋକ ପଞ୍ଚାୟତରେ ମଙ୍ଗଳବାର ସାମାଜିକ ଦୂରତା ରକ୍ଷା କରାଯାଇ ହିତାଧିକାରୀମାନଙ୍କୁ ପିଡିଏସ୍ ସାମଗ୍ରୀ ପ୍ରଦାନ କରାଯାଇଛି। ବାଇଧର ରାଜଙ୍କ ନିଳୋକ ରିଟେଲର କେନ୍ଦ୍ର ଅଧୀନରେ ନିଳୋକ, ଓଳମ, ବେଗନା, ସାହାଡାପଲ୍ଲୀ,ତାଳବାଙ୍କ, ବାଲିଗଡିଆ, ବାଇପୁର, ପଳାସଗଡିଆ, ଭଣ୍ଡାରଗଡିଆ, ମନୋହରପୁର ଆଦି ଗ୍ରାମ ରହିଛି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୭୫୪, ଓଡିଶା ଖାଦ୍ୟ ସୁରକ୍ଷା ଯୋଜନାରେ ୧୦, ଅନ୍ତ୍ୟୋଦୟ ଯୋଜନାରେ ୯୬, ଅନ୍ନପୂର୍ଣ୍ଣା ଯୋଜନାରେ ୩ ଜଣ ହିତାଧିକାରୀ ରହିଛନ୍ତି । ସେହିପରି ନିଳୋକ ହରିହର ନୋଡାଲ ଉପ୍ରା ବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବାବାଜୀ ଚରଣ ସଂସ୍କୃତ ବିଦ୍ୟାଳୟ, ବେଗନା ଉପ୍ରା ବିଦ୍ୟାଳୟ, ଓଳମ ନୋଡାଲ ଉପ୍ରା ବିଦ୍ୟାଳୟ, ବାଇପୁର ଓ ତାଳବାଙ୍କ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ମଧ୍ୟାହ୍ନ ଭୋଜନ ଚାଉଳ ପ୍ରଦାନ କରାଯାଉଛି । ରିଟେଲର କେନ୍ଦ୍ରରେ ସାମାଜିକ ଦୂରତା ରକ୍ଷା ପାଇଁ ବୃତ୍ତ ତିଆରି କରାଯାଇଯାଇଛି। ହିତାଧିକାରୀ ମାନେ ବୃତ୍ତ ଭିତରେ ରହି ସାମଗ୍ରୀ ନେଉଥିବାର ଦେଖିବାକୁ ମିଳିଛି।

## ଟିଏମ୍‌ସି ବୁଲିଲେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ

ବନ୍ତ, ୭।୪(ଡି.ଏନ୍.ଏ.)

**ଦୁବାଇରୁ ଆସିଥିବା ବ୍ୟକ୍ତିଙ୍କ ସମ୍ପର୍କରେ ତଥ୍ୟ ନେଲେ**

ଭଦ୍ରକ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାଶ ବନ୍ତ ବ୍ଲକ ପରିଦର୍ଶନରେ ଆସି ଗୋବିନ୍ଦପୁର, କ୍ଷେଣ୍ଟତୀରା, ପଧାନପଡା, ରାମପୁର ଆଦି ପଞ୍ଚାୟତରେ ଟିଏମ୍‌ସି(ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର) ବୁଲି ଦେଖିଥିଲେ। ଉକ୍ତ କେନ୍ଦ୍ରରେ ଅଧିକ ଶଯ୍ୟା ବୃଦ୍ଧି କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥିସହ ପଧାନପଡା ପଞ୍ଚାୟତରେ ଦୁବାଇରୁ ଫେରିଥିବା ବ୍ୟକ୍ତିଙ୍କ ଯାତ୍ରା ଇତିହାସ ପଚାରି ବୁଝିବା ସହ ରାମପୁର ପଞ୍ଚାୟତ ଅଳଡତି ଗ୍ରାମର ଅଗ୍ନିବିପନ୍ନ ପରିବାରଙ୍କୁ ଭେଟିଥିଲେ। ତାଙ୍କ ସହ ତହସିଲଦାର ଇନ୍ଦିରା ସାହୁ, ବିଡିଓ ରେବେକା ବିଲୁଙ୍ଗ ଓ ୪ ପଞ୍ଚାୟତର ସରପଞ୍ଚ ଉପସ୍ଥିତ ଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତା

ଭଣ୍ଡାରିପୋଖରୀ,୭।୪(ଡି.ଏନ.ଏ.)-ଭଣ୍ଡାରିପୋଖରୀ ବଜାରରେ ଗ୍ୟାରେଜ କରିଥିବା ରହଣିଆ ପଞ୍ଚାୟତ ସୁରୁବଣ ଗ୍ରାମର ନରେନ୍ଦ୍ର ରାଉତ, ଚନ୍ଦ୍ରଭାନୁପୁର ଗ୍ରାମର ଦୋଳ ଗୋବିନ୍ଦ ନାୟକ, କୁରିଗାଁ ପଞ୍ଚାୟତ ସୁନୀ ଗ୍ରାମର ବିଜୟ ରାଉତ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ମଙ୍ଗଳବାର ସହାୟତା ଅର୍ଥ ପ୍ରଦାନ କରିଛନ୍ତି। ମହାମାରୀ କରୋନା ସଂକ୍ରମଣର ଚିକିତ୍ସା ପାଇଁ ସେମାନେ ଭଣ୍ଡାରିପୋଖରୀ ବିଡିଓ ଉମେଶ ଚନ୍ଦ୍ର ମଲ୍ଲିକଙ୍କ ଜରିଆରେ ଏହି ସହାୟତା ପଠାଇଛନ୍ତି।

## ଆଗରପଡ଼ା ବଜାରରୁ ୧୦ରୁ ଊର୍ଦ୍ଧ୍ୱ ବାଇକ୍ ଜବତ

ବନ୍ତ,୭।୪(ସ୍ୱ.ପ୍ର.)- ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡା ବଜାରରୁ ମଙ୍ଗଳବାର ଆଗରପଡା ପୋଲିସ ୧୦ରୁ ଊର୍ଦ୍ଧ୍ୱ ବାଇକ ଜବତ କରି ଥାନାକୁ ଆଣିଛି । କରୋନା ପାଇଁ ଲକଡାଉନ କଟକଣା ଅନୁସାରେ ବାଇକ ଘରୁ ବାହାର ନ କରିବାକୁ ପୋଲିସ ପକ୍ଷରୁ ଘୋଷଣା କରାଯାଇଥିଲା। କଟକଣା ନ ମାନି ବଜାରକୁ ଯାଇଥିବା ବାଇକ ଚାଳକମାନଙ୍କୁ ଅଟକାଇ ବାଇକ ସିଜ କରାଯାଇଥିଲା। ବନ୍ତ ତହସିଲଦାର ଇନ୍ଦିରା ସାହୁ ଓ ପୋଲିସ ମିଳିତ ଭାବେ କେତେକ ଦୋକାନରେ ଚଢାଉ କରି ଫାଇନ କାଟିଥିବା ମଧ ସୂଚନା ମିଳିଛି ।

## ୩ ଲକ୍‌ଡାଉନ୍ ନିୟମ ଉଲ୍ଲଂଘନକାରୀଙ୍କ ନାମରେ ମାମଲା

ବନ୍ତ, ୭।୪(ଡି.ଏନ୍.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକ କେନ୍ଦୁଆପଦା ଫାଣ୍ଡି ଅଧୀନ କେନ୍ଦୁଆପଦା ଓ ତୋଡଗାଁ ବଜାରରେ ସୋମବାର ୩ ଜଣ ଦୋକାନୀ ଲକ୍ ଡାଉନ୍ ଆଇନ ଉଲ୍ଲଂଘନ କରିବାରୁ ସେମାନଙ୍କ ନାମରେ ମାମଲା ରୁଜୁ ହୋଇଛି । କେନ୍ଦୁଆପଦା ବଜାରର ଜଳଖିଆ ଦୋକାନୀ ଦିଗନ୍ତ ଧଳ ଏବଂ ତୋଡଗାଁ ବଜାରର ଜଳଖିଆ ଦୋକାନୀ ହୃଷିକେଶ ନାୟକ, ପାନଦୋକାନୀ ସୁରେନ୍ଦ୍ର ବେହେରାଙ୍କ ନାମରେ ଦୁଇଟି ପୃଥକ ମାମଲା (ନଂ.୨୨୮/୨୦), (ନଂ.୨୨୯/୨୦) ରୁଜୁ ହେବା ସହ ସେମାନଙ୍କ ଦୋକାନକୁ ସିଲ୍ କରାଯାଇଛି। ମଙ୍ଗଳବାର ସକାଳେ ଲକ୍ ଡାଉନ୍ ଆଇନ ଉଲ୍ଲଂଘନ ଅଭିଯୋଗରେ କେନ୍ଦୁଆପଦା ଫାଣ୍ଡି ପୋଲିସ ୧୩ଟି ବାଇକକୁ ଜବତ କରିଛି । ସେହିପରି ବନ୍ତ ପୋଲିସ ପକ୍ଷରୁ ଥାନା ଛକ ସମେତ ବିଭିନ୍ନ ସ୍ଥାନରେ ଗାଡି ଚେକିଂ କରାଯାଇଛି। କୌଣସି କାର୍ଯ୍ୟ ନଥାଇ ବାହାରେ ବୁଲାବୁଲି କରୁଥିବା ବାଇକ୍ ଚାଳକଙ୍କ ଠାରୁ ୨ ହଜାର ଏବଂ ଚାରି ଚକିଆ ଯାନଠାରୁ ୫ ହଜାର ଜରିମାନା ଆଦାୟ କରାଯିବ ବୋଲି ପୋଲିସ କହିଛି ।

## କେନ୍ଦୁଝର ମୁଖ୍ୟ ଡାକଘର ହେଲା ସାନିଟାଇଜ


ଅଗ୍ନିଶମ ବିଭାଗ କର୍ମଚାରୀମାନେ ସାନିଟାଇଜ କରୁଛନ୍ତି।

କେନ୍ଦୁଝର,୭।୪(ଡିଏନ୍‌ଏ):
କେନ୍ଦୁଝରର ମୁଖ୍ୟ ଡାକଘର ପରିସରକୁ ଅଗ୍ନିଶମ ବିଭାଗ ତରଫରୁ ସାନିଟାଇଜ୍ କରାଯାଇଛି। ଲୋକଙ୍କୁ କରୋନା ସଂକ୍ରମଣରୁ ରକ୍ଷା କରିବା ପାଇଁ ମୁଖ୍ୟ ଡାକଘର ସମେତ ସହରର ପ୍ରମୁଖ ରାସ୍ତା ଓ କାର୍ଯ୍ୟାଳୟକୁ ରାସାୟନିକ ପାଣି ପକାଇ ବିଶୋଧନ କରାଯାଉଛି। ଅଗ୍ନିଶମ ବିଭାଗର ଅଧିକାରୀ ଓ କର୍ମଚାରୀ ଏହି କାର୍ଯ୍ୟରେ ସାମିଲ ହୋଇଥିଲେ। ଆଗାମୀ ଦିନରେ ସହରର ମୁଖ୍ୟ ସ୍ଥାନ ସମେତ ସମସ୍ତ ପ୍ରମୁଖ ରାସ୍ତା ଓ କାର୍ଯ୍ୟାଳୟକୁ ବିଶୋଧନ କରାଯିବ ବୋଲି ଜଣାପଡିଛି।

# ସାମାଜିକ ଦୂରତ୍ୱ ନ ରଖିଲେ କାର୍ଯ୍ୟାନୁଷ୍ଠାନ

ବାଲେଶ୍ୱର ଅଫିସ, ୭।୪


ଜିଲାପାଳ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ସୂଚନା ଦେଉଛନ୍ତି

କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିହତ କରିବା ଓ ଜନସାଧାରଣଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ସାମାଜିକ ଦୂରତ୍ୱ କଟକଣାକୁ କଡ଼ାକଡ଼ି କରାଯାଇଛି। ଅନେକ ସମୟରେ ଏଥିରେ ବ୍ୟତିକ୍ରମ ସହ ଏହାର ଖୋଲାଖୋଲି ଉଲ୍ଲଂଘନ ହେଉଥିବା ଲକ୍ଷ୍ୟ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟ ତରଫରୁ ସାମାଜିକ ଦୂରତ୍ୱ ପାଇଁ ଜାରି ହୋଇଥିବା ଗାଇଡ଼ଲାଇନର କଡ଼ାକଡ଼ି ଅନୁପାଳନ ପାଇଁ ଆଦେଶନାମା ଜାରି କରାଯାଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ କହିଛନ୍ତି ଯେ, ଗ୍ରସୋରି, ପନିପରିବା, କ୍ଷୀର, ଔଷଧ ସମେତ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି କରୁଥିବା ଦୋକାନଗୁଡ଼ିକ କିଣାବିକା ସମୟରେ ଦୋକାନ ବାହାରେ ଓ ଭିତରେ ଗ୍ରାହକମାନଙ୍କ ମଧ୍ୟରେ ଯେପରି ସାମାଜିକ ଦୂରତା ବଜାୟ ରହେ ତାହା ସୁନିଶ୍ଚିତ କରିବେ। ଏହା ସମ୍ପୂର୍ଣ୍ଣ ଭାବେ ଦୋକାନୀମାନଙ୍କ ଦାୟିତ୍ୱ ବୋଲି ସ୍ପଷ୍ଟ କରାଯାଇଛି । ଦୋକାନ ମାଲିକ ଓ ବ୍ୟବସାୟୀମାନେ ଦୋକାନ ବାହାରେ ସ୍ଥାୟୀ ଗୋଲାକାର ଓ ବର୍ଗାକାର କ୍ଷେତ୍ର ଚିହ୍ନିତ କରିବା ସହିତ ସେଗୁଡ଼ିକ ମଧ୍ୟରେ ଯେପରି ୨ମିଟର ବ୍ୟବଧାନ ରହେ ସେଥିଲାଗି ବ୍ୟବସ୍ଥା କରିବେ ଏବଂ ଗ୍ରାହକମାନେ ଯେପରି ଧାଡ଼ିରେ ଆସନ୍ତି ସେ ଦିଗରେ ପଦକ୍ଷେପ ନେବେ। ଏହି ଆଦେଶର ଅବମାନନା କଲେ ସ୍ଥାନୀୟ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ, ପୌରାଞ୍ଚଳ ନିର୍ବାହୀ ଅଧିକାରୀ, ଏନଫୋର୍ସମେଣ୍ଟ ଟିମ୍ ଅଥବା ପୋଲିସ ଦ୍ୱାରା ଉକ୍ତ ଦୋକାନକୁ ବନ୍ଦ ବା ସିଲ୍ କରି ଦିଆଯିବ। ଦୋକାନ ସିଲ୍ କରାଯିବା ପରେ ଏ ସଂକ୍ରାନ୍ତରେ ଜିଲାପାଳଙ୍କୁ ଏକ ରିପୋର୍ଟ ପ୍ରଦାନ କରାଯାଇ ଖିଲାପକାରୀ ଦୋକାନ ମାଲିକଙ୍କ ବିରୋଧରେ ମାମଲା ରୁଜୁ କରାଯିବ। ଜିଲା ପ୍ରଶାସନ ପକ୍ଷରୁ ଏନେଇ କଡ଼ା ଚେତାବନୀ ଦିଆଯାଇଛି।

## ଟୋକନ ମିଳିଲା, ମିଳିନି ଚାଉଳ

କେନ୍ଦୁଝର, ୭।୪(ସ୍ୱ.ପ୍ର.)

କରୋନା ପାଇଁ ସାରା ଦେଶରେ ଲକ୍‌ଡାଉନ ଘୋଷଣା କରାଯାଇଛି। ବିଭିନ୍ନ ସ୍କୁଲ ଛୁଟି କରାଯାଇ ଛାତ୍ରୀଛାତ୍ରଙ୍କୁ ୩ ମାସର ମଧ୍ୟାହ୍ନଭୋଜନ ଚାଉଳ ଅଗ୍ରୀମ ଦେବା ପାଇଁ କୁହାଯାଇଛି । କିନ୍ତୁ ଏନେଇ ପିଲାମାନଙ୍କ ଅଭିଭାବକମାନଙ୍କୁ ଟୋକନ ଶିକ୍ଷା ବିଭାଗ ଦେଇ ଚୁପ ବସିଛି। ଛାତ୍ରୀଛାତ୍ର ଅଦ୍ୟାବଧି ଚାଉଳ ପାଇପାରି ନ ଥିବାରୁ ଅସନ୍ତୋଷ ବଢୁଛି । ଯୋଗାଣ ବିଭାଗ ଓ ଶିକ୍ଷା ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ଏଭଳି ପରିସ୍ଥିତି ଉପୁଜିଥିବା ଅଭିଯୋଗ ହୋଇଛି। ଲକ୍‌ଡାଉନ ସମୟରେ ବିଦ୍ୟାଳୟଗୁଡିକ ବନ୍ଦ ଥିବାରୁ ପିଲାମାନଙ୍କୁ ମଧ୍ୟାହ୍ନଭୋଜନ ବଦଳରେ ତାଙ୍କ ଘରେ ସରକାର ଚାଉଳ ପହଞ୍ଚାଇବା ପାଇଁ ବ୍ୟବସ୍ଥା କରିଛନ୍ତି। ପ୍ରାଥମିକ ବିଦ୍ୟାଳୟ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପାଇଁ ମାସକୁ ୩ କିଲୋ ହିସାବରେ ୩ମାସର ୯ କିଲୋ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ୬ଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ମାସକୁ ସାଢେ ୪ କିଲୋ ହିସାବରେ ୩ମାସରେ ସାଢେ୧୩ କିଲୋ ଚାଉଳ ମିଳିବା କଥା । ଏନେଇ ଅଭିଭାବକମାନଙ୍କୁ ଦୂରଦୂରାନ୍ତରୁ ଡକାଇ ଟୋକନ ଦିଆ ଯାଇଥିଲା । କିନ୍ତୁ ସେମାନଙ୍କୁ ଚାଉଳ ଅଦ୍ୟାବଧି ମିଳିନାହିଁ।

# ଦିନକରେ ୩୦୨ ଗାଡ଼ି ଜବତ



ପୋଲିସ ଅଧିକାରୀମାନେ ବାଇକ୍ ଜବତ କରୁଛନ୍ତି।

**କରୋନା ମୁକାବିଲା**
- ଲକ୍‌ଡାଉନକୁ କଡ଼ାକଡ଼ି ପାଳନ
- ଯାଜପୁରରୋଡ୍ ଥାନା ଅଞ୍ଚଳରେ ୨ ଦୋକାନ ସିଲ୍

ଯାଜପୁର ଅଫିସ,୭।୪

ଯାଜପୁର ଜିଲାରେ ଗହଳି କମାଇବା ଉଦ୍ଦେଶ୍ୟରେ ମଙ୍ଗଳବାର ଗୋଟିଏ ଦିନରେ ୩୦୨ ଗାଡ଼ି ଜବତ ହୋଇଛି ବୋଲି ଜିଲା ଆରକ୍ଷୀ ଅଧୀକ୍ଷକ ଚରଣ ସିଂ ମୀନା ସୂଚନା ଦେଇଛନ୍ତି। ଏହି ଗାଡ଼ିଗୁଡିକ କରୋନାର ସ୍ଥିତି ସ୍ୱାଭାବିକ ହେବା ପରେ ଜରିମାନା ଆଦାୟ ଓ କାଗଜପତ୍ର ଯାଞ୍ଚ କରାଯାଇ ହସ୍ତାନ୍ତର କରାଯିବ। ଏହାବାଦ ଯାଜପୁରରୋଡ ଥାନା ଅଞ୍ଚଳରେ ୨ଟି ଦୋକାନକୁ ସିଲ କରି ଦିଆଯାଇଛି। ଭବିଷ୍ୟତରେ ମଧ୍ୟ ଏହି ଅଭିଯାନ ସମଗ୍ର ଜିଲାରେ ଜାରି ରହିବ ଓ ଅଯଥାରେ ବାହାରେ ବୁଲୁଥିବା ଯେକୌଣସି ଗାଡିକୁ ଜବତ କରାଯିବ ବୋଲି ଜିଲାପାଳ ରଞ୍ଜନ କୁମାର ଦାସ କଡା ନିର୍ଦ୍ଦେଶ ଦେଇଛନ୍ତି। ଜିଲାର ବିଭିନ୍ନ ସ୍ଥାନରେ ଲାଗୁ ହୋଇଥିବା ସଟଡାଉନ ଯଦିଓ ଉଠାଇ ଦିଆଯାଇଛି କିନ୍ତୁ ଲକଡାଉନ ବ୍ୟବସ୍ଥା ପୂର୍ବବତ ଜାରି ରହିଛି। ସେହିପରି ବ୍ରହ୍ମବରଦା ଗ୍ରାମର ୩ କି.ମି. ପରିଧି ଅଞ୍ଚଳକୁ କଣ୍ଟେନମେଣ୍ଟ ଅଞ୍ଚଳଭାବେ ଘୋଷଣା କରାଯାଇଛି। ସଟଡାଉନ ପରେ ଯେପରି ଅଧିକ ଲୋକଙ୍କ ଗହଳି ନ ହୁଏ, ଅତ୍ୟାବଶ୍ୟକୀୟ ସାମଗ୍ରୀ ନେବାବେଳେ ସାମାଜିକ ଦୂରତାକୁ ଅନୁପାଳନ କରାଯାଏ ଓ ଅଯଥା ଲୋକମାନେ ବାହାରେ ନ ବୁଲିବାକୁ ଜିଲାପାଳ ରଞ୍ଜନ କୁମାର ଦାସ ଜିଲାବାସୀଙ୍କୁ ଅନୁରୋଧ କରିଛନ୍ତି। ସଟଡାଉନ ସମୟରେ ଜିଲାବାସୀ ପୂର୍ଣ୍ଣ ସହଯୋଗ କରିଛନ୍ତି। ସେଥିପାଇଁ ଦାସ ସମସ୍ତଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇବା ସହ ଆଗକୁ ମଧ୍ୟ ଅନୁରୂପ ସହଯୋଗ ସ୍ୱରୂପ ପଦାକୁ ନ ବାହାରିବାକୁ ଅନୁରୋଧ କରିଛନ୍ତି। ଅପରପକ୍ଷେ ଭିଡ ନିୟନ୍ତ୍ରଣ କରିବାକୁ ଅତ୍ୟାବଶ୍ୟକ ସାମଗ୍ରୀ କ୍ରୟ ପାଇଁ ଚାଲିଚାଲି ଆସିବା ଓ ଆଦୌ ଗାଡ଼ି ବ୍ୟବହାର ନ କରିବାକୁ ସେ ନିବେଦନ କରିଥିଲେ। ତେବେ ମଙ୍ଗଳବାର ପୂର୍ବାହ୍ନରେ ଏହାକୁ ଉଲ୍ଲଂଘନ କରି ବାଳାଶ୍ରମର ପରିବା ମାର୍କେଟ, ଗାନ୍ଧୀଛକ, ମେଡିକାଲ ଛକ, ଅଠରନଳା ଇତ୍ୟାଦି ସ୍ଥାନରୁ ୪୨ଟି ୨ ଚକିଆ ଯାନକୁ ଜବତ କରାଯାଇ ଥାନାକୁ ଅଣାଯାଇଛି। ସେହିପରି ମଙ୍ଗଳପୁର ଥାନା ପୋଲିସ ୩୦ଟି, କୁଆଖିଆ ବଜାରରୁ ୧୧ଟି ଓ ଯାଜପୁରରୋଡ ଥାନା ଦ୍ୱାରା ୭୯ ଗାଡି ଜବତ ହୋଇଛି। ଏଯାଏ ସଟଡାଉନ ଓ ଲକଡାଉନ ଉଲ୍ଲଂଘନ କରିଥିବା ୩୩ ଜଣଙ୍କୁ ଗିରଫ କରାଯାଇ ୧୪ ଦିନିଆ ହୋମ କ୍ୱାରେଣ୍ଟାଇନରେ ରଖାଯାଇଛି ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

## ୯ରୁ ମାସ୍କ ବାଧ୍ୟତାମୂଳକ

**ଯାଜପୁର ଅଫିସ,୭।୪:** ଆସନ୍ତା ୯ ତାରିଖ ସକାଳ ୭ଟାରୁ ମାସ୍କ ଅଭିଯାନ ଆରମ୍ଭ ହେବ। ଜିଲାର ପ୍ରତ୍ୟେକ ବ୍ୟକ୍ତି ଯେବେ ବି ବାହାରକୁ ଆସୁଛନ୍ତି ସେମାନେ ନିଶ୍ଚିତ ମାସ୍କ ପରିଧାନ କରିବାକୁ ଜିଲାପାଳ ରଞ୍ଜନ କୁମାର ଦାସ ଅନୁରୋଧ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ରାଜ୍ୟ ସରକାର ସାଧାରଣ ଜନତାଙ୍କ ସୁରକ୍ଷା ପାଇଁ ମାସ୍କ ବାଧ୍ୟତାମୂଳକ କରିଛନ୍ତି। ବର୍ତ୍ତମାନ ସାମାଜିକ ଦୂରତା, ଜନଗହଳି ହ୍ରାସ, ଗାଡ଼ି ଚଳାଚଳ ବନ୍ଦ ଓ ଗାଡି ଜବତ କାର୍ଯ୍ୟ ଉପରେ ଗୁରୁତ୍ୱ ଦେଉଛନ୍ତି। ହେଲେ ଆସନ୍ତା ୯ରୁ ମାସ୍କ ବ୍ୟବହାର କରୁ ନ ଥିଲେ କଠୋର କାର୍ଯ୍ୟାନୁଷ୍ଠାନ, ଅର୍ଥଦଣ୍ଡର ବ୍ୟବସ୍ଥା କରାଯାଇପାରେ ବୋଲି ଜିଲାପାଳ ସତର୍କ କରାଇ ଦେଇଛନ୍ତି। ବଜାରରେ ବିକ୍ରି ହେଉଥିବା ମାସ୍କ ବ୍ୟବହାର ବାଧ୍ୟତାମୂଳକ ନୁହେଁ। ନିଜ ଘର କପଡ଼ାରେ ମଧ୍ୟ ମାସ୍କ ପ୍ରସ୍ତୁତ କରି ପାରିବେ। ଆବଶ୍ୟକସ୍ଥଳେ ରୁମାଲ ବା ମହିଳାମାନେ ଓଢ଼ଣୀକୁ ମାସ୍କ ଭାବେ ପରିଧାନ କରିପାରିବେ। ନିୟମିତ ଭାବେ ମାସ୍କକୁ ଗରମ ପାଣିରେ ସଫା କରି ଖରାରେ ଶୁଖାଇ ବ୍ୟବହାର କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି।

## ଖବରଦାତାଙ୍କୁ ଆକ୍ରମଣ କରି ଲୁଟ

**ରସୁଲପୁର,୭।୪(ଡିଏନଏ):** ରସୁଲପୁର ବ୍ଲକ ରଜେନ୍ଦ୍ରପୁର ପଞ୍ଚାୟତର ଦିଆଲଖଣ୍ଡି ଗ୍ରାମ ନିକଟରେ ସୋମବାର ରାତିରେ ୫ଜଣ ଦୁର୍ବୃତ୍ତ ସଂଘବଦ୍ଧଭାବେ ଏକ ୱେବ ମିଡିଆର ଖବରଦାତା ନାରାୟଣ ରଥଙ୍କୁ ଆକ୍ରମଣ କରି ତାଙ୍କ ନିକଟରୁ ସୁନା ଚେନ, ମୁଦି, ମୋବାଇଲ ଫୋନ ସହ ପର୍ସ ଛଡାଇ ନେଇଥିବା ସେ ମଙ୍ଗଳବାର କୁଆଖିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ ଏକ ମାମଲା (ନଂ-୧୧୭/୨୦) ରୁଜୁ ହୋଇଛି। ପ୍ରକାଶ ଯେ, ନାରାୟଣ କରଜଙ୍ଗା ଗ୍ରାମରୁ ରାତି ସାଢେ଼୯ଟାରେ ଫେରୁଥିବାବେଳେ ରାସ୍ତାରେ ୫ଜଣ ଦୁର୍ବୃତ୍ତ ୧୬ନଂ ଜାତୀୟ ରାଜପଥରୁ ବନ୍ଧଡିହ ପଞ୍ଚାୟତକୁ ସଂଯୋଗ କରୁଥିବା ରାଜୀବ ଗାନ୍ଧୀ ସଡ଼କ ଉପରେ ଅପେକ୍ଷା କରି ଆକ୍ରମଣ କରିଥିଲେ। ପୂର୍ବ ଶତ୍ରୁତାରୁ ଏଭଳି ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଖବରଦାତା ରଥ କିଛିଦିନ ତଳେ ରାଜେନ୍ଦ୍ରପୁର ପଞ୍ଚାୟତର କରଜଙ୍ଗା ବାଲିଘାଟ ଉପରେ ଖବର ପ୍ରସାରଣ କରିଥିଲେ। ସେନେଇ ତାଙ୍କ ଉପରେ ରାଗ ରଖି କିଛିଦିନ ତଳେ ଦୁର୍ବୃତ୍ତମାନେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦେଇଥିଲେ। ଏହି ଘଟଣାରେ ପୋଲିସ ବାବୁଲା ଜେନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେ ବେଲ୍‌ରେ ଆସିବା ପରେ ଏଭଳି ଗଣ୍ଡଗୋଳ ଘଟାଇଥିବା ଜଣାପଡିଛି। ଖବରଦାତା ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରାଯିବାକୁ ବିଭିନ୍ନ ସାମ୍ବାଦିକ ସଂଘ ପକ୍ଷରୁ ଦାବି କରାଯାଉଛି।

## ଗାଡ଼ି ସହ ଚୋରା ମଦ ଜବତ

**ପାରାଦୀପ, ୭।୪ (ସ୍ୱ.ପ୍ର.):** କରୋନା ଭୂତାଣୁ ସଂକ୍ରମଣ ରୋକିବାକୁ ଲକ୍‌ଡାଉନ୍ ଚାଲିଥିବା ବେଳେ ପାରାଦୀପ ଅଞ୍ଚଳରେ ଚୋରା ମଦ କାରବାର ବୃଦ୍ଧି ପାଇଛି। ସୋମବାର ରାତିରେ ଅଭୟଚାନ୍ଦପୁର ଥାନା ପୋଲିସ ୩ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରିବା ସହ ବିପୁଳ ପରିମାଣର ମଦ ଜବତ କରିଛି। ସେମାନେ ଏକ କାରରେ ମଦ ବୋଝେଇ କରି ନେଉଥିବା ବେଳେ ତ୍ରିଲୋଚନପୁର ଛକଠାରେ ପୋଲିସ ସେମାନଙ୍କୁ ଅଟକାଇ ଯାଞ୍ଚ କରିଥିଲା। ଏହି ସମୟରେ ୩୭୫ ବୋତଲ ମଦ ଜବତ କରାବା ସହ ପୋଲିସ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନୋଳିଆ ସାହିର ବିଜୟ ବେହେରା, ପ୍ରକାଶ ବେହେରା ଓ ଗୌତମ ବେହେରା। ଏ ନେଇ ୩୩/୨୦ ନଂ.ରେ ଏକ ମାମଲା ରୁଜୁ ହୋଇଛି।

## ଲକ୍‌ଡାଉନ୍ ଚିନ୍ତାରେ ପାନ ଚାଷୀ

ପାରାଦୀପ, ୭।୪ (ସ୍ୱ.ପ୍ର.)

କରୋନା ମହାମାରୀ ସାରା ବିଶ୍ୱରେ ଆତଙ୍କ ସୃଷ୍ଟି କରିଥିବା ବେଳେ ଏହାର ପ୍ରତିକୂଳ ପ୍ରଭାବ ଚାଷୀମାନଙ୍କ ଉପରେ ପଡ଼ିଛି। ପାରାଦୀପ ଅଭୟଚାନ୍ଦପୁର ଥାନା ଅଧୀନ ଢ଼ିଙ୍କିଆ, ନୂଆଗାଁ, ଗୋବିନ୍ଦପୁର, ତ୍ରିଲୋଚନପୁର ଆଦି ଗ୍ରାମର ପାନ ଚାଷୀମାନେ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଲକ୍‌ଡାଉନ୍ ଯୋଗୁ ଲକ୍ଷାଧିକ ଟଙ୍କାର ପାନପତ୍ର ଏବେ ଶଢ଼ୁଛି। କୁଜଙ୍ଗ ପାନଚାଷୀ ସାରା ଦେଶରେ ପରିଚୟ ସୃଷ୍ଟି କରିଥିବା ବେଳେ ଏହି ଅଞ୍ଚଳର ହଜାରରୁ ଊର୍ଦ୍ଧ୍ୱ ଚାଷୀ ମହାରାଷ୍ଟ୍ର, କେରଳ, ଦିଲ୍ଲୀ, ଉତ୍ତରପ୍ରଦେଶ, ବାଙ୍ଗାଲୋର, କଲିକତା ଆଦି ସହରକୁ ଟ୍ରେନ୍ ଯୋଗେ ପଠାଇଥାନ୍ତି। କଟକଣା ପୂର୍ବରୁ ଚାଷୀମାନେ ହଜାର ପାନପତ୍ରକୁ ୪୦୦ ରୁ ୫୦୦ ଟଙ୍କା ମଧ୍ୟରେ ବିକ୍ରି କରୁଥିଲେ। ହେଲେ ଏବେ ସେହି ପାନର ମୂଲ୍ୟ ୫୦ରୁ ୧୦୦ ଟଙ୍କା ହେଲେ ମଧ ତାହା ବିକ୍ରି ହୋଇପାରୁନି ବୋଲି ପାନ ଚାଷୀ କଳ୍ପତରୁ ମନ୍ତ୍ରୀ କହିଛନ୍ତି।

କୁଜଙ୍ଗ ପାନ ଚାଷୀ ବର୍ଷକୁ ପ୍ରାୟ ୧୦ରୁ ୧୨ କୋଟି ଟଙ୍କାର ପାନ ବ୍ୟବସାୟ କରନ୍ତି। ମାତ୍ର ଏବେ ପାନପତ୍ର ବାହାରେ ଫୋପାଡ଼ି ଦିଆଯାଉଛି। ପାନପତ୍ର ବାହାରେ ଶୁଖୁଥିବା ଦେଖିଲେ ବହୁ ଦୁଃଖ ଲାଗୁଛି ବୋଲି ଚାଷୀ ନାରାୟଣ ବେହେରା କହିଛନ୍ତି। ଏହି ସମୟରେ ପାନ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି।

## ୭୮ ନମୁନା ନେଗେଟିଭ୍

**କେନ୍ଦ୍ରାପଡା ଅଫିସ, ୭।୪:** କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଅଞ୍ଚଳରୁ ପ୍ରଥମ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ଲୋକମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ଅଦ୍ୟାବଧି ଜିଲାରେ ୧୬୫ଟି ସ୍ୱାବ୍ ଟେଷ୍ଟ ପାଇଁ ପଠାଯାଇଥିବା ଏଡିଏମ୍‌ଓ ଡା. ମିର୍ଜା ବାବର ବେଗ ସୂଚନା ଦେଇଛନ୍ତି। ସେ ପ୍ରକାଶ କରିଛନ୍ତି, ଅଦ୍ୟାବଧି ୭୯ ଟେଷ୍ଟିଂ ରିପୋର୍ଟ ଜିଲା ମୁଖ୍ୟ ଚିକିତ୍ସାଳୟର ହସ୍ତଗତ ହୋଇଛି। ଏଥିମଧ୍ୟରୁ ଜଣେ କରୋନା ଭୂତାଣୁ ସଂକ୍ରମିତ ଜଣାପଡିବା ସହ ଅନ୍ୟ ୭୮ଜଣଙ୍କ ରିପୋର୍ଟ ନେଗେଟିଭ୍ ଅଛି। ସୋମବାର ସୁଦ୍ଧା ମୋଟ ୧୬୧ଟି ସ୍ୱାବ ଟେଷ୍ଟ ପାଇଁ ପଠା ଯାଇଥିବା ବେଳେ ମଙ୍ଗଳବାର ୪ ଜଣଙ୍କର ସ୍ୱାବ୍ ଟେଷ୍ଟ ପାଇଁ ପଠା ଯାଇଥିବା ଏଡିଏମ୍‌ଓ ଡା. ବେଗ ସୂଚନା ଦେଇଛନ୍ତି।

## ବ୍ରହ୍ମବରଦାରେ ବଳବତ୍ତର ରହିଲା ଶଟଡାଉନ

**କଣ୍ଟେନମେଣ୍ଟ ଜୋନରେ ପହଞ୍ଚିଲା ଅତ୍ୟାବଶ୍ୟକ ସାମଗ୍ରୀ**

**ରସୁଲପୁର,୭।୪(ଡିଏନଏ):** ଯାଜପୁର ଜିଲାର ପ୍ରଥମ କରୋନା ରୋଗୀ ରସୁଲପୁର ବ୍ଲକ ବ୍ରହ୍ମବରଦା ଅଞ୍ଚଳରୁ ଚିହ୍ନଟ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଶନିବାରଠାରୁ ସୋମବାର ରାତି ୮ଟା ଯାଏ ୪୮ଘଣ୍ଟିଆ ଶଟଡାଉନ ଘୋଷଣା କରାଯାଇଥିଲା। ଏହି ଅଞ୍ଚଳରେ କରୋନା ରୋଗୀ ଚିହ୍ନଟ ହୋଇଥିବାରୁ ଏହାକୁ ପ୍ରଶାସନ କଣ୍ଟେନମେଣ୍ଟ ଜୋନଭାବେ ଗ୍ରହଣ କରିଛି। ଏହି ଅଞ୍ଚଳ ତଥା ଏହାର ୩ କି.ମି. ବ୍ୟାସାର୍ଦ୍ଧରେ ଥିବା ଅଞ୍ଚଳରେ ଶଟଡାଉନକୁ ଆହୁରି ୪୮ଘଣ୍ଟା ବଢାଇ ଦିଆଯାଇଛି। ପ୍ରଶାସନ ପକ୍ଷରୁ ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚାଇବାକୁ ବନ୍ଦୋବସ୍ତ କରାଯାଇଛି। ଏହି ଜୋନରେ କାଁଭାଁ ଔଷଧ ଦୋକାନ ଖୋଲା ରହିଥିବାବେଳେ ରାଶନ ସମାଗ୍ରୀ ଓ ପନିପରିବା ଦୋକାନ ବି ବନ୍ଦ ରହିଛି। ବ୍ଲକ ପ୍ରଶାସନ ପକ୍ଷରୁ ଯୋଗାଣ ଅଧିକାରିଣୀ ଗୁନାରାଣୀ ସାହୁଙ୍କ ନେତୃତ୍ୱରେ ମଙ୍ଗଳବାର ଏକ ଟିମ୍ ସହାୟତାରେ ବ୍ରହ୍ମବରଦା ଅଞ୍ଚଳରେ ୬ଟି ଅତ୍ୟାବଶ୍ୟକ ସମାଗ୍ରୀ ଗାଡ଼ି ପହଞ୍ଚିଛି। ଏହି ଗାଡ଼ିଗୁଡିକରେ ରାଶନ ସାମଗ୍ରୀ ସମେତ ପନିପରିବା ବୋଝେଇ କରାଯାଇ ବ୍ରହ୍ମବରଦା, ବନ୍ଧଡିହ, ମହେଶ୍ୱରପୁର, ଚାନ୍ଦପୁର, ଲଙ୍କାବାଲି ସାହି, ଖଣ୍ଡାସ, ବାଲିହୁଡା, ଖଣ୍ଡାସ, ସାହାପଡା ଗାଁର ଗଳିକନ୍ଦି ବୁଲାଯାଇଛି। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ରସୁଲପୁର ତହସିଲ ଅଞ୍ଚଳର ରାଜସ୍ୱ ନିରୀକ୍ଷକମାନେ ସହାୟତା କରିଛନ୍ତି।

## ସୋସିଆଲ ମିଡିଆରେ ଗୁଜବ ପ୍ରଚାର କରି ୨ ଗିରଫ

**ରତ୍ନଗିରି, ୭।୪ (ଡି.ଏନ.ଏ):** କରୋନା ସଂକ୍ରମଣ ଉପରେ ସାମାଜିକ ଗଣମାଧ୍ୟମରେ ଗୁଜବ ପ୍ରଚାର କରିବା ଅଭିଯୋଗରେ ବରୀ ଅଞ୍ଚଳର ଦୁଇ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଦୀପକ ଭରଦ୍ୱାଜ ଓ ଶୁଭକାନ୍ତ ଧଳ। ଗୁଜବ ପ୍ରଚାର କରି ସାଧାରଣ ଲୋକଙ୍କୁ ଭୟଭୀତ କରିବା ଅପରାଧ ବୋଲି ଗଣମାଧ୍ୟମ ଓ ସରକାର ପ୍ରଚାର କରୁଥିବାବେଳେ ଏହାକୁ ଗୁରୁତ୍ୱ ନ ଦେଇ ଏହି ଦୁଇଜଣ ଯୁବକ ସାମାଜିକ ଗଣମାଧ୍ୟମରେ ଗୁଜବ ପ୍ରଚାର କରିଥିଲେ। ଏନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୮୪/୨୦) ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରିଛି।

## ହାଟ ପାଇଁ ଉଜାଗର ପ୍ରଶାସନ


ପ୍ରଶାସନିକ ଅଧିକାରୀମାନେ ହାଟରେ ବୁଲି ଲୋକଙ୍କୁ ସଚେତନ କରୁଛନ୍ତି।

ରସୁଲପୁର,୭।୪(ଡିଏନଏ)

ରସୁଲପୁର ବ୍ଲକରୁ ସୋମବାର ରାତି ୮ଟାରେ ୪୮ ଘଣ୍ଟିଆ ଶଟଡାଉନ ଉଠିଥିଲା। ଏହି ଶଟଡାଉନ ଉଠିବା ପରେ ବାରବାଟୀ ପଞ୍ଚାୟତ ଅଧୀନ ଦୈନିକ ପରିବା ହାଟ ପ୍ରଶାସନର ଚିନ୍ତା ବଢାଇଥିଲା। ପରିବା ହାଟରେ ସମାଜିକ ଦୂରତା ଓ ସଂଗରୋଧକୁ ବଜାୟ ରଖିବା ପାଇଁ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଥିବା ଦେଖିବାକୁ ମିଳିଥିଲା। ଏ ଦିଗରେ ଜାରି ହୋଇଥିବା କଟକଣା ଭଙ୍ଗ ହେଲେ ତାହାକୁ ଜିରୋ ଟଲେରାନ୍ସଭାବେ ଗ୍ରହଣ କରାଯିବାର ନିର୍ଦ୍ଦେଶ ଆସିବା ପରେ କଟକଣା ଠିକଭାବେ ଲାଗୁ କରିବା ପାଇଁ ପ୍ରଶାନିକ ଅଧିକାରୀଙ୍କୁ ରାତି ଉଜାଗର ରହିବାକୁ ପଡିଛି।

ସୋମବାର ମଧ୍ୟରାତ୍ରରୁ ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ବିଡିଓ ଉମାକାନ୍ତ ପରିଡା ସଦଳବଳେ ହାଟରେ ପହଞ୍ଚ ପଇଁତରା ମାରିଥିଲେ। ଗହଳି କମାଇବା ପାଇଁ ହାଟକୁ ୩ ଭାଗରେ ବିଭକ୍ତ କରାଯାଇଥିଲା। ମାତ୍ର ଚାଷୀ, ବ୍ୟବସାୟୀମାନେ ବାରବାଟୀ ବଜାର ବ୍ୟତୀତ ଓଡ଼ିଶୋ ଓ ସିଂହାପୁର ପଞ୍ଚାୟତସ୍ଥିତ ଚିହ୍ନଟ ଜାଗାକୁ ନ ଯିବା ପ୍ରଶାସନ ପାଇଁ ଅଡୁଆ ସାଜିଛି। ତେଣୁ ପ୍ରଶାସନ ବାରବାଟୀ ବଜାରସ୍ଥିତ ବାଙ୍କବିହାରୀ କୃଷକ ବଜାର ଓ ପୁରୁଣା ରାଜପଥରେ ଚାଲୁଥିବା ହାଟରେ ଅଧରାତିରୁ ଜଗି ରହିଥିଲା। ଲକ୍‌ଡାଉନ ସମୟରେ ବ୍ୟବସାୟିକ ପ୍ରତିଷ୍ଠାନଗୁଡିକ ସକାଳ ୬ରୁ ୧୦ ପର୍ଯ୍ୟନ୍ତ ଖୋଲା ରହିବ ବୋଲି ଘୋଷଣା କରାଯାଇଥିବାବେଳେ ଏହି ହାଟ ପୂର୍ବ ଭଳି ଅଧରାତିରୁ ଖୋଲାଯାଇ ପରଦିନ ମଧ୍ୟାହ୍ନ ପର୍ଯ୍ୟନ୍ତ ଚାଲୁ ରହିଛି। ତେଣୁ ଭୋର ସାଢେ ୪ଟାରେ ଜିଲା ପ୍ରଶାସନ ପକ୍ଷରୁ ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଜିଲା ପଞ୍ଚାୟତ ଅଧିକାରୀ ଅଶୋକ କୁମାର ସେଠୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଧର୍ମଶାଳା ଥାନାଧିକାରୀ ସରୋଜ କୁମାର ସାହୁ ପ୍ରମୁଖ ହାଟ ସ୍ଥଳରେ ପହଞ୍ଚି ଥିଲେ। ପୋଲିସ ବାହିନୀର ଏକ ଦଳ ହାଟରେ ପହଞ୍ଚି କରୋନା କଟକଣା କଡ଼ାକଡ଼ି କରିବାକୁ ପ୍ରୟାସ କରିଥିଲେ। ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କୁ ଦେଖି ଚାଷୀ, ବ୍ୟବସାୟୀ, ଗ୍ରାହକ, ଜନସାଧାରଣ ସତର୍କ ହୋଇଯାଇଥିଲେ। ଏଥିସହ ଏହି ବ୍ଲକ ଅଧୀନ ଲକ୍ଷ୍ମୀନଗର ପଞ୍ଚାୟତର ତରାପୁର ପରିବାହାଟକୁ ତହସିଲଦାର ଭୁଜବଳ ଯାଇଥିଲେ। ସେଠାରେ ସାମାଜିକ ଦୂରତା, ସଂଗରୋଧ, ହାଟକୁ ଆସୁଥିବା ସମସ୍ତ ବ୍ୟକ୍ତି ମାସ୍କ ପିନ୍ଧିବାକୁ ପରାମର୍ଶ ଦିଆଯାଇଥିଲା। ଏ ଦିଗରେ ଖିଲାପ ହେଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚେଇ ଦିଆଯାଇଛି।

## କରୋନା ପ୍ରଭାବିତଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ

**ରସୁଲପୁର,୭।୪(ଡିଏନଏ):** ରସୁଲପୁର ବ୍ଲକ ସିଂହାପୁର ପଞ୍ଚାୟତରେ ପୂର୍ବତନ ସରପଞ୍ଚ ହୃଦାନନ୍ଦ ସାହୁଙ୍କ ପକ୍ଷରୁ କରୋନା ପ୍ରଭାବିତଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଲକଡାଉନ ଯୋଗୁ ଚାଷୀ, ଶ୍ରମିକ ଶ୍ରେଣୀର ଲୋକଙ୍କ ଦୈନନ୍ଦିନ ଜୀବନଶୈଳୀ ପ୍ରଭାବିତ ହୋଇଛି। ରୋଜଗାର ପନ୍ଥା ହରାଇବା ପରେ ଗରିବ ଲୋକଙ୍କୁ ଦୁଇମୁଠା ଖାଦ୍ୟ ମିଳୁନାହିଁ। ସରକାରୀ ଚାଉଳରେ ଭାତର ଅଭାବ ଦୂର ହୋଇପାରିଛି ସତ, ହେଲେ ଜଳଖିଆ କିଣିବା ପାଇଁ ସେମାନଙ୍କ ନିକଟରେ ଅର୍ଥ ନାହିଁ। ଏହି ଅଭାବ ଦୂର କରିବା ପାଇଁ ପୂର୍ବତନ ସରପଞ୍ଚ ସାହୁଙ୍କ ନେତୃତ୍ୱରେ ବରିଷ୍ଠ ନେତା ଅକ୍ଷୟ ଭଦ୍ର, ପଞ୍ଚାୟତ ଯୁବ ବିଜେଡି ସଭାପତି ବିକ୍ରମ ନାୟକ, ସମବାୟ ସଂଗଠକ ଯୋଗେନ୍ଦ୍ର ନାୟକ, ନାରୀନେତ୍ରୀ ଉଷାରାଣୀ ଶତପଥୀ ପ୍ରମୁଖ ପଞ୍ଚାୟତର ବାମଦେବପୁର, ସିଂହାପୁର ଗ୍ରାମର ମୁତୁରା ସାହି, ଦଳିତ ସାହି, ଜଗନ୍ନାଥପୁର, ହରିଡାପାଳ ଆଦି ଗ୍ରାମରେ ଶତାଧିକ ପରିବାରଙ୍କୁ ବିସ୍କୁଟ, ଚୁଡା, ଚିନି, ଫଳ ଆଦି ଶୁଖିଲା ଖାଦ୍ୟ ପ୍ରଦାନ କରିଛନ୍ତି।



## ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡକୁ ସହାୟତା

**ପାରାଦୀପ,୭।୪ (ସ୍ୱ.ପ୍ର.):** କରୋନା ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡକୁ ପାରାଦୀପର ୩ ଟ୍ରକ୍ ମାଲିକ ସଂଘ ପକ୍ଷରୁ ୫ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ପାରାଦୀପ ଟ୍ରକ ମାଲିକ ସଂଘ ସଭାପତି ସୁମନ୍ତ ବିଶ୍ୱାଳ ଜଗତ୍‌ସିଂହପୁର ଜିଲାପାଳଙ୍କୁ ୫ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ରିଲିଫ୍ ଫଣ୍ଡ ପାଇଁ ଜଗତ୍‌ସିଂହପୁର ଜିଲା ଟ୍ରକ୍ ମାଲିକ ସଂଘ ସଭାପତି ସନ୍ତୋଷ ପଟ୍ଟନାୟକ ୨ଲକ୍ଷ ଓ ଜଗନ୍ନାଥ ଟ୍ରକ ମାଲିକ ସଂଘ ସଭାପତି ଛଇଳଚନ୍ଦ୍ର ଜେନା ୩ଲକ୍ଷ ୫ହଜାର ଟଙ୍କାର ଚେକ୍ ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଏମାନଙ୍କ ବ୍ୟତୀତ ପାରାଦୀପ ବନ୍ଦର ଅବସରପ୍ରାପ୍ତ କର୍ମଚାରୀ ପ୍ରଭାକର ସାହୁ ୧ଲକ୍ଷ ୧ ହଜାର ଟଙ୍କା ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡକୁ ପ୍ରଦାନ କରିଛନ୍ତି। ଏହାଛଡ଼ା ପାରାଦୀପ ବନ୍ଦରରେ କାର୍ଯ୍ୟରତ ଠିକାଶ୍ରମିକଙ୍କ ସୁରକ୍ଷା, ନିରାପତ୍ତା ଓ ଆର୍ଥିକ ପ୍ରୋତ୍ସାହନ ପାଇଁ ବନ୍ଦର ଅଧକ୍ଷ ରିଙ୍କେଶ ରାୟଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

## ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ଜେନାପୁର/ଧର୍ମଶାଳା,୭।୪(ଡିଏନଏ):** ଧର୍ମଶାଳା ବ୍ଲକ ଜେନାପୁର ରେଲଷ୍ଟେଶନ ନିକଟସ୍ଥ କୋଉପାଟ ମଧ୍ୟରେ ମଙ୍ଗଳବାର ସକାଳେ ଏକ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଦେଖିବାକୁ ମିଳିଥିଲା। ଏନେଇ ସ୍ଥାନୀୟ ଲୋକେ ଜେନାପୁର ପୋଲିସକୁ ଖବର ଦେଇଥିଲେ। ଏସଆଇ ମନୋରଞ୍ଜନ ଦାସ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ଏକ ମାମଲା (ନଂ.୫/୨୦) ରୁଜୁ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିବା ଜଣାପଡ଼ିଛି। ମୃତକଙ୍କ ପରିଚୟ ମିଳିପାରି ନାହିଁ। ସେ ମାନସିକ ବିକାରଗ୍ରସ୍ତ ହୋଇଥିବାରୁ ଖାଇବାକୁ ନ ପାଇ ମୃତ୍ୟୁବରଣ କରିଥିବା ସାଧାରଣରେ ଚର୍ଚ୍ଚା ହେଉଛି।

## ବିନା ବିଦ୍ୟୁତ୍‌ରେ ଯଖପୁରା ଥାନା

**କରୋନା ମୁକାବିଲା କାର୍ଯ୍ୟରେ ବାଧା**

ଯାଜପୁର ଅଫିସ,୭।୪

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳସ୍ଥିତ ଯଖପୁରା ଆଦର୍ଶ ଥାନାକୁ ୬ ମାସ ହେଲା ବିଦ୍ୟୁତ୍ ସଂଯୋଗ ହୋଇ ପାରିନାହିଁ। ୨ଟି ଡିଜି(ଡିଜେଲ ଜେନେରେଟର)ରେ ଏହି ଥାନା ଚାଲିଛି। କରୋନା ମୁକାବିଲାରେ ଜିଲା ପୋଲିସ ଅନ୍ୟତମ ଦାୟିତ୍ୱ ତୁଲାଉଥିବାବେଳେ ଏହି ଆଦର୍ଶ ଥାନାରେ ବିଦ୍ୟୁତ୍ ସଂଯୋଗ ନ ଥିବା କାରଣରୁ କର୍ମଚାରୀ ଓ ସ୍ଥାନୀୟ ଲୋକେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ୨୦୦୯ ଡିସେମ୍ବରରେ ଏହି ଥାନାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଥାନା ଉପରେ ଯଖପୁରା, ରାବଣା, ମାନତିରା, ମନୋହରପୁର, ବଡସୁଲିଡିହା, ମଙ୍ଗଳପୁର, ଦାସମାନିଆ, ବାଲୁଙ୍ଗାବନ୍ଧୀ, କଟେରୀ ଗାଁ ଆଦି ଗ୍ରାମର ୧୭,୪୨୪ ଲୋକ ନିର୍ଭର କରିଥାନ୍ତି। ଲକ୍‌ଡାଉନ ଚାଲିଥିବାରୁ ବାହାରକୁ ବିନା କାରଣରେ ଗାଡି ଧରି ବାହାରିଲେ ଜରିମାନା ସହିତ ଗାଡି ଜବତ କରାଯାଉଛି। ଏହିସବୁ କାର୍ଯ୍ୟରେ ପୋଲିସର ଭୂମିକା ବହୁ ଗୁରୁତ୍ୱପୂର୍ଣ୍ଣ। ମଙ୍ଗଳବାରଠାରୁ ଗାଡି ଜବତ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଗାଡି ଜବତ କରି ଥାନା ପରିସରରେ ରଖାଯାଉଛି। ଏହି ପରିସ୍ଥିତିରେ ଥାନାରେ ବିଦ୍ୟୁତ ସଂଯୋଗରେ ଲାଇଟ ନ ଜଳିବା କରୋନା ମୁକାବିଲାରେ ପ୍ରତିବନ୍ଧକ ସୃଷ୍ଟି ହେବା ନିଶ୍ଚିତ। ଏହାବାଦ ଶିଳ୍ପାଞ୍ଚଳ ଥାନା ହୋଇଥିବାରୁ ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ରହୁଛି। ମୈଥାନ ଇସ୍ପାତ କାରଖାନାରୁ ବିଦ୍ୟୁତ୍ ସଂଯୋଗ ହୋଇ ପୂର୍ବରୁ ଯଖପୁରା ଥାନା ଚାଲିଥିଲା। ୬ମାସ ହେବ ମୈଥାନ କାରଖାନା ବନ୍ଦ ହୋଇଯିବା ପରେ ବିଦ୍ୟୁତ ସଂଯୋଗ ମଧ୍ୟ ବନ୍ଦ ହୋଇଛି। କରୋନା ସଂକ୍ରମଣ ପୂର୍ବରୁ ଖୁମ୍ବ ଲଗାଇ ବିଦ୍ୟୁତ୍ ସଂଯୋଗ ହୋଇଯିବ ବୋଲି ବିଭାଗ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲା। ହେଲେ ଲକ୍‌ଡାଉନ ଯୋଗୁ ତାହା ଅଧାରେ ଅଟକିଥିବା କୁହାଯାଉଛି। ଏ ସଂକ୍ରାନ୍ତରେ ଯଖପୁରା ଥାନା ଆଇଆଇସି ଲକ୍ଷ୍ମଣକୁମାର ଦଣ୍ଡସନାଙ୍କୁ ପଚାରିବାରୁ ସେ କହିଛନ୍ତି, ପୂର୍ବରୁ ୧ଟି ଡିଜି ଲାଗିଥିଲା। କରେନା ସଂକ୍ରମଣ ପରେ ଆଉ ଏକ ଡିଜି ଲାଗିବାରୁ କାର୍ଯ୍ୟ ସୁରୁଖୁରରେ ଚାଲିଛି। ସରକାର ମାସକୁ ୧୫୦ ଲିଟର ଡିଜେଲ ଯୋଗାଇ ଦେଉଛନ୍ତି। ତେବେ ବିଦ୍ୟୁତ ସଂଯୋଗ ହେଲେ ସବୁପ୍ରକାର କାର୍ଯ୍ୟ ସହଜ ହୋଇ ପାରିବ ବୋଲି ସେ ମତ ରଖିଛନ୍ତି।



ଯଖପୁରା ଆଦର୍ଶ ଥାନା

# ବେକାବୁ ଜଗତ୍‌ସିଂହପୁର ନୂଆ ହାଟ

**ଜଗତ୍‌ସିଂହପୁର ଅଫିସ, ୭।୪**

- ମାନିଲେନି ସାମାଜିକ ଦୂରତା
- ଲକ୍‌ଡାଉନ୍ ନିୟମକୁ ଫୁଁ
- ପରିବା ଦର ଆକାଶ ଛୁଆଁ

କରୋନା ସଂକ୍ରମଣକୁ ନେଇ ଦେଶରେ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଏଥିଯୋଗୁ ଜଗତ୍‌ସିଂହପୁର ଜିଲାରେ ଅନେକ କଟକଣା ଲାଗିଛି। ଜରୁରୀ ସାମଗ୍ରୀ କିଣାବିକା ପାଇଁ ସୁଯୋଗ ଥିଲେ ସୁଦ୍ଧା ସାପ୍ତାହିକ ହାଟ ୨ ଥର ପରିବର୍ତ୍ତେ ଥରେ କରାଯିବାକୁ ନିଷ୍ପତ୍ତି ହୋଇଛି। ଏଥିସହିତ ସବୁଠି ସାମାଜିକ ଦୂରତାକୁ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଥିଲେ ସୁଧା ଏହା କାର୍ଯ୍ୟକାରୀ ହେଉନାହିଁ। ଯାହା ମଙ୍ଗଳବାର ଜଗତ୍‌ସିଂହପୁରରେ ହେଉଥିବା ନୂଆ ହାଟରେ ଦେଖିବାକୁ ମିଳିଥିଲା। ଏହି ହାଟ ଥରକୁ ଥର ତା'ର ଠିକଣା ବଦଳାଇ ଚାଲିଥିଲେ ସୁଦ୍ଧା ମଙ୍ଗଳବାର ଏହା ବେକାବୁ ସ୍ଥିତିକୁ ଚାଲି ଯାଇଥିଲା। ହାଟ ପାଇଁ ଥିବା କଟକଣାକୁ ଲୋକେ ଫୁଁ କରି ଦେଇଥିଲେ। ଏପରି କି ହାଟରେ କମ ସମୟ ମଧ୍ୟରେ ପରିବା ଶେଷ ହୋଇ ଯାଇଥିଲା। ପରିବା କିଣିବା ପାଇଁ ଏକ ପ୍ରକାର ପ୍ରତିଯୋଗିତା ହୋଇଥିଲା।

ଲକ୍‌ଡାଉନ ଯୋଗୁ ହାଟବଜାରସ୍ଥିତ ନୂଆ ହାଟ ବା ସୋମନାଥ ହାଟ ପ୍ରତି ସପ୍ତାହରେ ଥରେ ମଙ୍ଗଳବାର କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏହି ଅନୁଯାୟୀ ଗତମାସ ୩୧ ତାରିଖରେ ହାଟ ଆରମ୍ଭରୁ ଗହଳି ଦେଖିବାକୁ ମିଳିଥିଲା। ଏହି ସମୟରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ପହଞ୍ଚି ପରିସ୍ଥିତି ସ୍ୱାଭାବିକ କରିଥିଲେ। ଜିଲାପାଳ ଗଲାପରେ ଯଥା ପୂର୍ବ ତଥା ପର ଦେଖିବାକୁ ମିଳିଥିଲା। ତେଣୁ ଜିଲାପାଳ ହାଟ ସ୍ଥାନ ପରିବର୍ତ୍ତନ ପାଇଁ ଚିନ୍ତା କରିଥିଲେ। ପ୍ରଥମେ ସାନବଜାର ପୋଷ୍ଟ ଅଫିସ ଛକରୁ ୧୦ ନମ୍ବର ମୁଖ୍ୟ ରାସ୍ତାର ଗୋଟିଏ ପାର୍ଶ୍ୱରେ ଓ ସ୍ୱାମୀ ବିବେକାନନ୍ଦ ସ୍ମାରକୀ ମହାବିଦ୍ୟାଳୟ ପରିସରରେ ହାଟ କରାଯିବ ବୋଲି ସ୍ଥିର ହୋଇଥିଲା। ପରବର୍ତ୍ତୀ ସମୟରେ ପୋଷ୍ଟ ଅଫିସ ଛକରୁ ରଶ୍ମି ଟକିଜ୍ ଅନୁରୂପ ପାର୍ଶ୍ୱ ଓ ଗତ ସୋମବାର ପୋଷ୍ଟ ଅଫିସ ଛକରୁ ହୋଣ୍ଡା ଶୋ ରୁମ୍ ପର୍ଯ୍ୟନ୍ତ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଲୋକେ ଯେତେବେଳେ ପହଞ୍ଚିଥିଲେ ସେତେବେଳେ ଡାକବାଜି ଯନ୍ତ୍ର ସାହାଯ୍ୟରେ ସଂଘବଦ୍ଧ ନ ହେବା ପାଇଁ ପ୍ରଚାର କରାଯାଇଥିଲା। କିନ୍ତୁ ଏହା ଲୋକଙ୍କ ଉପରେ ପ୍ରଭାବ ପକାଇ ନ ଥିଲା। ଯିଏ ଯେଉଁଠି ପାରିଥିଲେ ଛିଡ଼ା ହେବା ସହ ଗହଳି କରି ସଉଦା କିଣି ଚାଲିଥିଲେ। ଯେହେତୁ ସହରର ମୁଖ୍ୟ ରାସ୍ତାରେ ହାଟ କରାଯାଇଥିଲା ତେଣୁ ଲୋକେ ରୁଣ୍ଡ ହୋଇଥିଲେ। ପୋଲିସ ପକ୍ଷରୁ ୧୦ ନମ୍ବର ଓ ପୋଷ୍ଟ ଅଫିସ ପାର୍ଶ୍ୱରେ ବ୍ଲକିଂ କରାଯାଇଥିଲା। କେତେକ ସ୍ଥାନରେ ଗହଳି ଦେଖି ପୋଲିସ ଘଉଡାଇବା ପାଇଁ ଲାଠି ବ୍ୟବହାର କରିଥିଲେ ସୁଦ୍ଧା ନିୟନ୍ତ୍ରଣ କରିପାରି ନ ଥିଲା। ହାଟରେ ବ୍ୟବସାୟୀ ଚାଷୀଙ୍କଠାରୁ ଅଧିକାଂଶ ପରିବା କିଣି ନେଇଥିବାରୁ ଲୋକେ ଅଡୁଆରେ ପଡିଥିଲେ। ତେଣୁ ଖୋଜାଖୋଜି ପାଇଁ ପାଖାପାଖି ୧ କିଲୋମିଟର ଏଣେତେଣେ ଧାଇଁଥିଲେ। ଯେଉଁମାନଙ୍କ ପାଖରେ କିଛି ଭଲ ପରିବା ଥିଲା ସେଠାରେ ଧାଡି ଲାଗିଥିଲା। ଆଉ କେତେକ ସ୍ଥାନରେ ପରିବା ପାଇଁ ପାଟିତୁଣ୍ଡ ଦେଖିବାକୁ ମିଳିଥିଲା। ସହର ମୁଖ୍ୟ ରାସ୍ତା ଉପରେ ହାଟ ହେଉଥିବା କଥା ଅନେକ ଜାଣିପାରି ନ ଥିବାରୁ ଗାଁ ଗହଳିରୁ ଅନେକ ଚାଷୀ ପରିବା ଆଣି ନ ଥିଲେ। କେତେଜଣ ବ୍ୟବସାୟୀ ମଧ୍ୟ ଦ୍ୱନ୍ଦରେ ପଡି ହାଟରେ ପହଞ୍ଚି ନ ଥିଲେ। ଏହାର ସୁଯୋଗରେ ଦର ମଧ୍ୟ ଆକାଶଛୁଆଁ ହୋଇଥିଲା। ଏ ସମ୍ପର୍କରେ ସ୍ଥାନୀୟ କେତେଜଣ ଲୋକ କହିଛନ୍ତି, ହାଟ ସଂକ୍ରାନ୍ତରେ ଭଲଭାବେ ବିଚାରବିମର୍ଷ ହୋଇଥିଲେ ସମସ୍ୟା ରହି ନ ଥାନ୍ତା। ସପ୍ତାହରେ ଗୋଟିଏ ଦିନ ହାଟ କରାଯିବା ଏବଂ ତାହା ପୁଣି କମ ସମୟ ମଧ୍ୟରେ ସାରିବା ନିଷ୍ପତ୍ତି ହେଉଛି ଗହଳିର ମୁଖ୍ୟ କାରଣ। ଏ ସମ୍ପର୍କରେ ଜଗତ୍‌ସିଂହପୁର ପୌର ପରିଷଦ ନିର୍ବାହୀ ଅଧିକାରୀ ବିମଳ ପ୍ରସାଦ ଲେଙ୍କା କହିଛନ୍ତି, ଏସ୍‌ଭିଏମ୍ (ସ୍ୱୟଂଶାସିତ) ମହାବିଦ୍ୟାଳୟ ପରିସରରେ ମଧ ହାଟ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲେ ସୁଦ୍ଧା କେହି ସେଠାକୁ ନ ଯିବାରୁ ବ୍ୟବସାୟୀ ଉଠିଆସି ମୁଖ୍ୟ ରାସ୍ତା ପାର୍ଶ୍ୱରେ ବସିଥିଲେ। ଲୋକେ ସଚେତନ ନ ହେଲେ କିଛି କରିବା ସମ୍ଭବ ନୁହେଁ।



ଜଗତ୍‌ସିଂହପୁର ମୁଖ୍ୟ ରାସ୍ତାପାର୍ଶ୍ୱରେ ଖୋଲିଥିବା ପରିବା ବଜାରରେ ଲୋକଙ୍କ ଭିଡ଼।



ଆଳୁ, ପିଆଜ କିଣିବାକୁ ଲୋକଙ୍କ ଗହଳି।

# କଟକଣା ସତ୍ତ୍ୱେ ଜମୁଛି ତାସ, କ୍ରିକେଟ ଖେଳ

**ରସୁଲପୁର,୭।୪(ଡିଏନଏ)**

ରାଜ୍ୟରେ ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ତେଣୁ ଘରୁ ବାହାରିବା ମାତ୍ରେ ସମସ୍ତେ ମାସ୍କ ପିନ୍ଧିବାକୁ ବାଧ୍ୟତାମୂଳକ କରାଯାଇଛି। ମାସ୍କ ନ ପିନ୍ଧି ବାହାରିଲେ ଜରିମାନାର ବ୍ୟବସ୍ଥା କରାଯାଇଛି। ଏସବୁ ସତ୍ତ୍ୱେ ରସୁଲପୁର ବ୍ଲକ ଅଞ୍ଚଳରେ ଗାଁ ଲୋକେ ମୁହଁରେ ମାସ୍କ ପିନ୍ଧୁ ନାହାନ୍ତି ଏବଂ ଅତି ସାଧାରଣ ଭାବେ ବୁଲାବୁଲି କରୁଥିବା ଦେଖିବାକୁ ମିଳୁଛି। ପ୍ରଶାସନ ପକ୍ଷରୁ ବାରମ୍ବାର ସଚେତନ କରାଯିବା ପରେ ବି ଗ୍ରାମାଞ୍ଚଳର ଲୋକେ ଚେତୁ ନାହାନ୍ତି। ସମଗ୍ର ବିଶ୍ୱରେ କରୋନା ଆତଙ୍କ ଖେଳିଯିବା ଯୋଗୁ ବାହାରେ କାମ କରୁଥିବା ଲୋକେ ଗାଁ ମୁହାଁ ହୋଇଛନ୍ତି। ଗାଁ ମଝିରେ ତାସ, କ୍ୟାରମ ଖେଳ ଜମୁଛି। ସକାଳେ ଓ ସନ୍ଧ୍ୟାରେ ଯୁବକମାନେ ଗାଁ ମୁଣ୍ଡ ପଡ଼ିଆରେ କ୍ରିକେଟ ଖେଳୁଛନ୍ତି। ଗାଁ ପଡିଆରେ ଖେଳ ଜମାଉଥିବା ଯୁବକଙ୍କୁ ପ୍ରଶାସନ ବାରଣ କରିଆସୁଛି। ମାତ୍ର ଏହାକୁ ପାଳନ କରାଯାଉ ନାହିଁ। ଏବେ ଯାଜପୁର ଜିଲାରେ ଶଟ୍‌ଡାଉନ ଓ ୧୩ଦିନ ହେଲାଣି ଲକଡାଉନ ବଳବତ୍ତର ରହିଛି। ଏତେସବୁ କଟକଣାକୁ ଅଣଦେଖା କରି ଗାଁ ଦାଣ୍ଡରେ ଲୋକେ ଖୋଲାରେ ବିଚରଣ କରୁଥିବା ଦେଖାଯାଉଛି। ଏବେ ବି କେତେକ ଗାଁ ଛକରେ ଚା ପାନ ଦୋକାନ ଖୋଲା ଯାଉଛି। ଏଭଳି ସ୍ଥିତିରେ କରୋନା ବ୍ୟାପିବାର ଆଶଙ୍କା ବଢିଯାଇଛି। ପ୍ରତ୍ୟେକ ପଞ୍ଚାୟତରେ ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ସ୍ୱାସ୍ଥ୍ୟ କର୍ମୀ, ଜନପ୍ରତିନିଧିମାନେ କାର୍ଯ୍ୟ କରୁଛନ୍ତି। ଅମାନିଆ ଲୋକଙ୍କ ଭୟରେ ଏମାନେ ନୀରବ ରହୁଛନ୍ତି। ତେବେ ଏହା ଜାରି ରହିଲେ କରୋନା ଗୋଷ୍ଠୀ ସଂକ୍ରମଣ ହେବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ଏ ସମ୍ପର୍କରେ କୁଆଖିଆ ଥାନାଧିକାରୀ ମନୋଜ କୁମାର ସ୍ୱାଇଁଙ୍କୁ ପଚାରିବାରୁ, ଯେଉଁଠି କରୋନା ନିୟମ ପାଳନ କରାଯାଉ ନାହିଁ ବୋଲି ସୂଚନା ମିଳିବ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



## ନୟାଗଡ଼

# ଚାଲିଛି ଦଣ୍ଡ ଠାକୁରଙ୍କ ପାଣିତୋଳା ପର୍ବ

**ନୟାଗଡ଼ ଅଫିସ,୭।୪**

**କାମ କରୁନି କଟକଣା**

କରୋନା ପାଇଁ କଟକଣା ଲାଗୁ ହୋଇଥିବାବେଳେ ନୟାଗଡ ଜିଲାର ବିଭିନ୍ନ ସ୍ଥାନରେ ଦଣ୍ଡ ଠାକୁରଙ୍କ ପାଣିତୋଳା ପର୍ବ ଚାଲିଛି। ମଙ୍ଗଳବାର ଭୋର ସମୟରେ ଶରଣକୁଳ ଥାନାର ଗୋଡିସାହି ନିକଟରେ ଦଣ୍ଡ ଠାକୁର ନୟାଗଡ ଶରଣକୁଳ ରାସ୍ତା ଅତିକ୍ରମ କରୁଥିଲେ। ଏଥିରେ ପ୍ରାୟ ୨୫ରୁ ୩୦ଜଣ ଦଣ୍ଡ ଭକତା ସାମିଲ ହୋଇଥିଲେ। ସେହିପରି ନୟାଗଡ ଟାଉନ ଥାନାର ନବଘନପୁରରେ ରବିବାର ଦଣ୍ଡ ଠାକୁର ଶୋଭାଯାତ୍ରାରେ ଗାଁ ପରିକ୍ରମା କରୁଥିବା ଦେଖିବାକୁ ମିଳିଛି। ଏଥିରେ ପ୍ରାୟ ୨୦ରୁ ଅଧିକ ଭକତା ଯୋଗଦେଇଥିଲେ। ପୋଲିସ କେବଳ ଡାକବାଜି ଯନ୍ତ୍ରରେ ପ୍ରଚାର କରି ସଚେତନ କରୁଥିବା ଡିଣ୍ଡିମ ପିଟୁଛି। ହେଲେ ଏଥିରେ ଲଗାମ ଲଗାଇବାରେ ସଫଳ ହୋଇନି।

## ଦଣ୍ଡନୃତ୍ୟ ବନ୍ଦ ପାଇଁ ସଚେତନତା

ରଣପୁର,୭।୪(ସ୍ୱ.ପ୍ର.): କରୋନା ସଂକ୍ରମଣରୁ ଦୂରେଇରହିବା ପାଇଁ ରଣପୁର ବ୍ଲକ ଓ ଏନ୍‌ଏସିର ଆଖପାଖ ଅଞ୍ଚଳରେ ଦଣ୍ଡପର୍ବ ନ କରିବାକୁ ପ୍ରଶାସନ ପକ୍ଷରୁ ସଚେତନତା କରାଯାଇଛି। ଏ ନେଇ ସୋମବାର ରଣପୁର ତହସିଲଦାର ସଞ୍ଜୟ ସାମନ୍ତରାୟଙ୍କ ନେତୃତ୍ୱରେ ପୋଲିସ ବିଭିନ୍ନ ସ୍ଥାନରେ ଡାକବାଜି ଯନ୍ତ୍ର ଯୋଗେ ସଚେତନ କରାଇଛି। ଅନ୍ୟପକ୍ଷେ ଦଣ୍ଡପର୍ବ ପାଇଁ ପାଣିତୋଳା ଓ ଦଣ୍ଡନୃତ୍ୟ ବନ୍ଦ ରହିଲେ ୧୨ ବର୍ଷ ପାଇଁ ଏହି ଯାତ୍ରା ବନ୍ଦ ରହିବ ବୋଲି କିଛି ଭକ୍ତ କହିଛନ୍ତି।

# ଗାଁ ନ ଛାଡ଼ିଲେ ପରିବାରକୁ ହତ୍ୟା ଧମକ

**ନୟାଗଡ ଅଫିସ,୭।୪**

**ସୂଚନା ଅଧିକାର କର୍ମୀଙ୍କୁ ଆକ୍ରମଣ**

ନୟାଗଡ ଜିଲା ଇଟାମାଟି ଥାନା ବିରୁଡା ଗାଁରେ ସୂଚନା ଅଧିକାରୀ କର୍ମୀ ଭୁବନ ଚନ୍ଦ୍ର ହାତୀଙ୍କୁ ସୋମାବାର ସନ୍ଧ୍ୟାରେ ସଂଘବଦ୍ଧ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ବ୍ୟକ୍ତିମାନେ ଭୁବନଙ୍କୁ ମାଡ ମାରିବା ସହ ଦାମି ମୋବାଇଲ ଛଡାଇ ନେଇଛନ୍ତି। ଏପରି କି ଗାଁ ନ ଛାଡିଲେ ପରିବାର ଲୋକଙ୍କୁ ହତ୍ୟା କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ଭୁବନ କୁହନ୍ତି, ନିଜ ଘର ପିଣ୍ଡାରେ ବସିଥିବାବେଳେ ୭ରୁ ୮ଜଣ ଶାସକ ଦଳର ଲୋକ ଆକ୍ରମଣ କରିଥିଲେ । ପରେ ଭୁଜାଲିରେ ମାରିବାକୁ ଉଦ୍ୟମ କରିଥିଲେ। ମୁଁ ଓ ମୋର ପରିବାର ପ୍ରତି ବିପଦ ଥିବାରୁ ସୁରକ୍ଷା ଦେବାକୁ ପୋଲିସକୁ ଅନୁରୋଧ କରିଛି। ଇଟାମାଟି ଥାନା ଆଇଆଇସି ଶରତ ଚନ୍ଦ୍ର ପାତ୍ର କୁହନ୍ତି, ଫୋନ ଯୋଗେ ଖବର ପାଇଛି। ତେବେ ଥାନାରେ ଲିଖିତ ଅଭିଯୋଗ ହୋଇ ନାହିଁ।

**ଲକଡାଉନର ୧୫ ଦିନ**

# ବଦଳି ଚାଲିଛି ଜୀବନଶୈଳୀ

ନୟାଗଡ ଅଫିସ,୭।୪:୧୫ ଦିନରେ ପହଞ୍ଚିଛି ଲକ୍‌ଡାଉନ। ଏହି ସମୟସୀମା ଏପ୍ରିଲ ୧୪ ପର୍ଯ୍ୟନ୍ତ ରହିଥିବାବେଳେ ଆଉ ବଢାଯିବ କି ନାହିଁ ତାହା ଜଣାପଡିନାହିଁ। ତେବେ ଏହା ଭିତରେ ନୟାଗଡ଼ ଜିଲାରେ ଲୋକଙ୍କ ଜୀବନଶୈଳୀ ବଦଳି ଚାଲିଥିବା ଲକ୍ଷ୍ୟ କରାଯାଉଛି। ପରିବାର ପାଇଁ ସମୟ ଦେଇପାରୁ ନ ଥିବା ଲୋକ ଏବେ ଘରେ ବସି ରହିଛନ୍ତି। କେହି ନିଜ କାମ ନିଜେ କରୁଥିବାବେଳେ ଆଉ କେହି ପରିବାର ଲୋକଙ୍କୁ ସହଯୋଗ କରୁଛନ୍ତି। ପୁଣି କେହି ଟିଭି ଦେଖା ଓ ଘର ଭିତରେ ବିଭିନ୍ନ ଖେଳରେ ସମୟ ବିତାଉଛନ୍ତି। ଜିଲାର କିଛି ଲୋକଙ୍କ ମତାମତକୁ ନେଇ ଉପସ୍ଥାପନା।

### ସମ୍ଭାଳିବାକୁ ପଡୁଛି ବଡ ଦାୟିତ୍ୱ



ମୁଁ ଜଣେ କର୍ମଜିବୀ ମହିଳା ହୋଇଥିବାରୁ ମୋତେ ରୋଷ୍ଟର ଡ୍ୟୁଟି କରିବାକୁ ପଡେ। ତେବେ ଡ୍ୟୁଟିକୁ ଛାଡିଦେଲେ ପରିବାର ପାଇଁ ଅଧିକ ସମୟ ଦିଏ। କରୋନା ପରିବାର ପାଇଁ ଅଧିକ ସମୟ ଦେବାକୁ ସୁଯୋଗ ଦେଇଛି। ଘରର ସ୍ୱଚ୍ଛତା, ରୋଷେଇ ସମତେ ଅନ୍ୟ କାର୍ଯ୍ୟ କରୁଛି। ଜରୁରୀ ନ ଥିଲେ ପରିବାରର ସଦସ୍ୟଙ୍କୁ ବାହାରକୁ ଯିବାକୁ ଦେଉ ନାହିଁ। ଆମ ଅଞ୍ଚଳକୁ ବାହାର ଲୋକ ଆସିଲେ ମୋର ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଉଛି। ଏହି ବିପଦ ସମୟରେ ମା'ମାନେ ନିଜ ପରିବାରକୁ ଅଧିକ ଗୁରୁତ୍ୱ ଦେବା ଉଚିତ । ଏହା ହେଲେ ଦେଶର ବିପତ୍ତି ଟଳିଯିବ।

- କୃଷ୍ଣପ୍ରିୟା ପ୍ରଧାନ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ କର୍ମଚାରୀ, ନୂଆଗାଁ

### ବଞ୍ଚିବା ପାଇଁ ନୂଆ ବ୍ୟବସାୟ



କରୋନା ମାଡରେ ଗରିବ, ଖଟିଖିଆ ଫସିଯାଇଛନ୍ତି। ରୋଗକୁ ଡରି ଘରେ ବସି ରହିଲେ ପରିବାର ଲୋକମାନେ ଭୋକିଲା ରହୁଛନ୍ତି। ଦୋକାନ ବଜାର ଖୋଲିବା ଉପରେ କଟକଣା ଲାଗୁ ହୋଇଥିବାରୁ ରୋଜଗାର ଠପ୍ ହୋଇଯାଇଛି। ଏବେ ବ୍ୟବସାୟକୁ ବଦଳାଇ ପନିପରିବା ଦୋକାନ ଖୋଲିଛି। ଯାହା ରୋଜଗାର ହେଉଛି ସେଥିରେ ଚଳୁଛୁ। ତେବେ କରୋନା ସମସ୍ତଙ୍କୁ ବିଚଳିତ କରିଛି। ମୋ ପରି କିଛି ଲୋକ ଅନୁମତି ପ୍ରାପ୍ତ ବ୍ୟବସାୟ କରୁଛନ୍ତି। ଫଳରେ ରୋଜଗାର କମିଯାଉଛି। ଅନ୍ୟପକ୍ଷେ କିଛି ଗରିବ, ଖଟିଖିଆ ଘରେ ବସିଥିବାବେଳେ ଆଉ କିଛି ବଞ୍ଚିବା ପାଇଁ ସଂଗ୍ରାମ କରିଚାଲିଛନ୍ତି।

- ରବୀନ୍ଦ୍ର ସାହୁ, ବ୍ୟବସାୟୀ, ନୟାଗଡ

### ଶଟ୍‌ଡାଉନ୍ ଦରକାର



ସାରା ବିଶ୍ୱରେ କରୋନା କାୟା ବିସ୍ତାର କରିଚାଲିଛି। ଓଡିଶାରେ ଜଣଙ୍କର ମୃତ୍ୟୁ ଘଟିବା ପରେ ଭୟ ବଢ଼ିଛି। ଏଥିପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଔଷଧ କାଢ଼ିବା ଦରକାର। ପୁଣି ଲକ୍‌ଡାଉନରୁ ଉପକାରିତା ମିଳିଛି। ହେଲେ କିଛି ଅମାନିଆଙ୍କୁ ସାବାଡ କରିବାକୁ ଲକ୍‌ଡାଉନ୍ ବଦଳରେ ଶଟ୍‌ଡାଉନର ଆବଶ୍ୟକତା ରହିଛି। ହେଲେ କିଛି ଦିନର ବ୍ୟବଧାନରେ ଏହା ହେବା ଦରକାର। ଲୋକମାନେ ମାନସିକତାରେ ପରିବର୍ତ୍ତନ ଆଣି ସରକାରଙ୍କୁ ସହଯୋଗ କରିବା ଦରକାର। ନଚେତ୍ ରୋଗ ବ୍ୟାପିଯିବ।

- ସରୋଜ କୁମାର ପୃଷ୍ଟି, ଦଶପଲ୍ଲା

### ଘରେ ବୁଲି ଦେଉଛୁ କ୍ଷୀର



କରୋନା ଭୟ ଭିତରେ ଆମକୁ ଲୋକଙ୍କ ପାଇଁ କାମ କରିବାକୁ ପଡୁଛି। ଏହି ସମୟରେ କ୍ଷୀର ବନ୍ଦ କରିଦେଲେ ଅନେକ ଲୋକ ହଇରାଣ ହେବେ। ମୁହଁରେ ମାସ୍କ ଭିଡି ସାମାଜିକ ଦୂରତ୍ୱ ରକ୍ଷା କରି ଘରକୁ ଘର ବୁଲି କ୍ଷୀର ଯୋଗାଉଛୁ। ଲୋକ ଆଉ ପୂର୍ବପରି କ୍ଷୀର ପଇସା ଦେଉନାହାନ୍ତି। ସବୁ ବାକିରେ ଚାଲିଛି। ଫଳରେ ଗାଈଙ୍କ ପାଇଁ ଖାଦ୍ୟ ଆଣିବାରେ ସମସ୍ୟା ଦେଖାଦେଇଛି। ସରକାର କ୍ଷୀର ଚାଷୀଙ୍କ ପାଇଁ କିଛି କରି ନାହାନ୍ତି। ଫଳରେ ସେମାନେ ଏବେ ସମ୍ପୂର୍ଣ୍ଣ କ୍ଷତିରେ।

- ଶଙ୍କର୍ଷଣ ବେହେରା, ନୟାଗଡ଼

### ମଧ୍ୟମ ବର୍ଗର ଲୋକ ହଇରାଣ



ଚାଷ ଉପରେ ନିର୍ଭର କରୁଥିବା, ବେସରକାରୀ ଭାବେ ଚାକିରି କରିଥିବା ଓ ଛୋଟ ବ୍ୟବସାୟ କରୁଥିବା ମଧ୍ୟମବର୍ଗର ଲୋକେ କରୋନା ମାଡରେ କ୍ଷତିଗ୍ରସ୍ତ ହୋଇଛନ୍ତି। ଏମାନେ କାମ ହରାଇବା ପରେ ଚଳିବା କାଠିକର ପାଠ ହୋଇଛି। ଏମାନଙ୍କର ଚାଲିଚଳଣି ଓ ଘରଦ୍ୱାରକୁ ଦେଖିଲେ ସ୍ୱଚ୍ଛଳ ବର୍ଗର ଜଣାପଡନ୍ତି। ଫଳରେ ରାଶନ କାର୍ଡ ନାହିଁ। ସରକାରୀ ସହାୟତା ପାଉ ନ ଥିବାରୁ ଏମାନେ କାହାରିକୁ ସାହାଯ୍ୟ କରିପାରୁ ନାହାନ୍ତି। ନିଜର ଦୁଃଖ ଅନ୍ୟକୁ ଜଣାଇ ପାରୁ ନାହାନ୍ତି। ସରକାର ମଧ ଏମାନଙ୍କ ଅସୁବିଧା ଦେଖିପାରି ନ ଥାନ୍ତି।

- ଗିରିଜା ଶଙ୍କର ରଥ, ଅବସରପ୍ରାପ୍ତ ପୋଲିସ ଇନ୍ସପେକ୍ଟର, ରଣପୁର

## ଦୁର୍ଘଟଣା, ଆର୍‌ଆଇ ଆହତ

**ନୟାଗଡ ଅଫିସ,୭।୪:** ନୟାଗଡ ଜିଲା ବାଣିଗୋଛା ଥାନା ନେଫାରୀଠାରେ ମଙ୍ଗଳବାର ଗାଡିମୋଟର ଯାଞ୍ଚ ଚାଲୁଥିବାବେଳେ କାର୍ ଧକ୍କାରେ କୁଲୁରୁକୁମ୍ପା ଆର୍‌ଆଇ ଅରୁଣ କୁମାର ସେଠୀ ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଯାଞ୍ଚରୁ ବର୍ତ୍ତିବା ପାଇଁ ଓଡି୨୫ଇ-୦୮୧୮ନଂ. କାର ଦ୍ରୁତ ଗତିରେ ପଳାଇ ଯାଉଥିଲା। ପୋଲିସ ଅଟକାଉଥିବାବେଳେ କାର୍‌ଟି ଆର୍‌ଆଇଙ୍କୁ ଧକ୍କା ଦେଇଥିଲା। ତେବେ ବାଣିଗୋଛା ଆଇଆଇସିଙ୍କ ସମେତ ପୋଲିସ କର୍ମଚାରୀ ବର୍ତ୍ତି ଯାଇଥିଲେ। ପୋଲିସ ଡ୍ରାଇଭରଙ୍କୁ ଅଟକ ରଖିବା ସହ କାର୍‌ଟିକୁ ଜବତ କରି ତଦନ୍ତ ଜାରି ରଖିଛି। ଦୁର୍ଘଟଣା ଘଟାଇଥିବା କାର୍ ଚାଳକ ଭୁବନେଶ୍ୱର କମିଶନରେଟ ପୋଲିସ ଅନ୍ତର୍ଗତ ଏକ ଥାନାର ଏଏସ୍‌ଆଇ ବୋଲି ଜଣାପଡିଛି।

## ଦଣ୍ଡୁଆଙ୍କ ବିରୋଧରେ ଥାନାରେ ମାମଲା

**ଓଡ଼ଗାଁ,୭।୪(ସ୍ୱ.ପ୍ର.):** ସ୍ଥାନୀୟ ଅଞ୍ଚଳରେ ଦଣ୍ଡନାଚ ଏକ ପ୍ରମୁଖ ପରମ୍ପରା ହୋଇଥିବା ବେଳେ କରୋନା କାରଣରୁ ଏହା ଉପରେ ସରକାରୀ କଟକଣା ଲାଗିଛି। ତା' ସତ୍ତ୍ୱେ କେତେକ ଗ୍ରାମରେ ଦଣ୍ଡୁଆମାନେ ନିରାଡମ୍ବର ସହକାରେ ଦଣ୍ଡ ଠାକୁରଙ୍କୁ ବାହାରକରି ପୂଜାବିଧି ପରେ ପୁନଶ୍ଚ କାମନା ଘରକୁ ଫେରାଇନେଇଥିଲେ। ସ୍ଥାନୀୟ ଆଦର୍ଶ ଥାନା ଅନ୍ତର୍ଗତ କୁରାଳ ବେଙ୍ଗେଇ ସାହିରେ ସୋମବାର ଦଣ୍ଡନାଚ ଚାଲିଥିବା ବେଳେ ତହସିଲଦାର ବିଜୟିତା ସାମନ୍ତସିଂହାର ପୋଲିସ ସହିତ ଚଢାଉ କରିଥିଲେ। ୧୧ ଜଣ ଦଣ୍ଡୁଆଙ୍କୁ ଉଠାଇ ଆଣିବା ପରେ ସେମାନଙ୍କ ବିରୋଧରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ୮୦/୨୦ରେ ମାମଲା ରୁଜୁ କରିବା ସହିତ ବୁଝାଶୁଝା କରି ବ୍ୟକ୍ତିଗତ ମୁଚାଲିକାରେ ଛାଡିଥିଲା।

## ଆନ୍ତଃ ଜିଲା ସୀମା ସିଲ୍ କଲା ପୋଲିସ

ଭାପୁର,୭।୪(ଡି.ଏନ.ଏ.): କରୋନା ରୋଗ ସଂକ୍ରମଣ ରୋକିବା ଲକ୍ଷ୍ୟରେ ଫତେଗଡ ପୋଲିସ ବାଘମାରୀ-ଦଶପଲ୍ଲା ୪୮ନଂ. ରାଜ୍ୟ ରାଜପଥର ମଣିପୁର ଛକ ଓ ଭାପୁର ବାଇପାସ୍‌ଠାରେ ସୀମା ସିଲ୍ କରିଛି। ମଙ୍ଗଳବାରଠାରୁ ଏହି ରାସ୍ତାରେ ପୋଲିସ କ୍ୟାମ୍ପ ପକାଇ ଜଗିରହିଛି। ସେହିଭଳି ଭାପୁର ବଜାରରେ ପୋଲିସ କ୍ୟାମ୍ପ କରି ପରିବା, ଫଳ ଓ ଗ୍ରସେରି ଦୋକାନରେ ଲୋକେ ସାମାଜିକ ଦୂରତା ରକ୍ଷା କରୁଛନ୍ତି କି ନାହିଁ ତାହା ଉପରେ ନଜର ରଖିଛି।

## ଭୋକଉପାସରେ ବାହାର ରାଜ୍ୟ ଶ୍ରମିକ



ନୂଆଗାଁଠାରେ ଫସିରହିଥିବା ଶ୍ରମିକମାନେ।

**ନୂଆଗାଁ,୭।୪ (ଡି.ଏନ.ଏ.):** ନୟାଗଡ ଜିଲା ନୂଆଗାଁ ବ୍ଲକ ଅଞ୍ଚଳରେ କାମ କରିବା ପାଇଁ ବାହାର ରାଜ୍ୟରୁ ଆସିଥିବା ଶ୍ରମିକ ଲକ୍‌ଡାଉନ ଫଳରେ ଭୋକଉପାସରେ ଜୀବନ ବିତାଉଛନ୍ତି। ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ନିର୍ମାଣ କାର୍ଯ୍ୟରେ କୋଲକାତା, ଝାଡଖଣ୍ଡ, ବିହାର ଆଦି ରାଜ୍ୟର ଶ୍ରମିକ ନିୟୋଜିତ ହୋଇଥିଲେ। ଲକ୍‌ଡାଉନ ଘୋଷଣା ହେବା ପରେ ଏହିସବୁ ରାଜ୍ୟର ୧୫ ଜଣ ଶ୍ରମିକ ନୂଆଗାଁଠାରେ ଫସି ରହିଛନ୍ତି। ଏପରି କି ଠିକାଦାର ନିଜ ଗ୍ରାମରେ ରହିଥିବାରୁ ଏଠାକୁ ଆସି ଶ୍ରମିକଙ୍କ କଥା ବୁଝିପାରୁ ନାହାନ୍ତି। ଶ୍ରମିକମାନଙ୍କ ପାଖରେ ଥିବା ରାଶନ ସାମଗ୍ରୀ ଓ ଟଙ୍କା ପଇସା ସରିଯିବା ପରେ ସେମାନେ ଦୀର୍ଘଦିନ ହେଲା ଅନାହାରରେ ରହିଛନ୍ତି। ନୂଆଗାଁ ବ୍ଲକ କାର୍ଯ୍ୟାଳୟଠାରୁ ମାତ୍ର ୨୦୦ ମିଟର ଦୂରରେ ଶ୍ରମିକମାନେ ଏଭଳି ଅବସ୍ଥାରେ ରହିଥିଲେ ମଧ୍ୟ ବ୍ଲକ ପ୍ରଶାସନର ଦୃଷ୍ଟି ନ ପଡିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ବିଷୟରେ ନୂଆଗାଁ ବିଡିଓ ପ୍ରମୋଦ କୁମାର ଦଳବେହେରାଙ୍କୁ ପଚାରିବାରୁ ଶ୍ରମିକମାନଙ୍କ ଖବର ଆମ ପାଖରେ ନାହିଁ ବୋଲି କହିଥିଲେ।

## ନିୟମ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ

**ଖଣ୍ଡପଡ଼ା,୭।୪(ସ୍ୱ.ପ୍ର.):** ସମଗ୍ର ବିଶ୍ୱରେ କରୋନା ମହାମାରୀର ରୂପ ନେଇଛି। ଦେଶ ତଥା ରାଜ୍ୟରେ ସନ୍ଦିଗ୍ଧ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ହେତୁ ସରକାରଙ୍କ ପକ୍ଷରୁ ଲାଗୁ କରାଯାଇଥିବା ଲକ୍‌ଡାଉନ ନିୟମକୁ ଏବେ କଡାକଡି ଭାବେ ପାଳନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ନୟାଗଡ ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ଖଣ୍ଡପଡା ତହସିଲଦାର ପାର୍ଥ ସାରଥି ହାଁସଦା, ବିଡିଓ ପ୍ରମୋଦ କୁମାର ନାୟକ, ଆଇଆଇସି ବିମଳ କୁମାର ମଲ୍ଲିକ, କଣ୍ଟିଲୋ ଫାଣ୍ଡି ଅଧିକାରୀ ଜୟ ପ୍ରକାଶ ପରିଡା ପ୍ରମୁଖ ବ୍ଲକର ବିଭିନ୍ନ ସ୍ଥାନକୁ ଗସ୍ତ କରିଥିଲେ। ଅଧିକାରୀମାନେ ବଜାର, ପ୍ରମୁଖ ଛକରେ ଡାକବାଜି ଯନ୍ତ୍ର ଯୋଗେ କରୋନା ଭୂତାଣୁ ସଂକ୍ରମଣଠାରୁ ଦୂରେଇ ରହିବା ପାଇଁ ଲୋକଙ୍କୁ ସଚେତନ କରିଥିଲେ। ଅତ୍ୟାବଶ୍ୟକ ସାମଗ୍ରୀ ଓ ପନିପରିବା ବିକ୍ରି କରୁଥିବା ଦୋକାନଗୁଡିକ ସକାଳ ୧୦ଟାଠାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ଦୋକାନୀ ସାମାଜିକ ଦୂରତ୍ୱ ବଜାୟରଖି ଜନସାଧାରଣଙ୍କୁ ସାମଗ୍ରୀ ବିକ୍ରି କରିବେ ବୋଲି କହିଥିଲେ। କୌଣସି ଦୋକାନ ସମ୍ମୁଖରେ ଲୋକଙ୍କ ଗହଳି ଦେଖାଗଲେ ସମ୍ପୃକ୍ତ ଦୋକାନୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦିଆଯାଇଛି। ଅତ୍ୟାବଶ୍ୟକ ସାମଗ୍ରୀକୁ ବାଦ୍ ଦେଲେ ଅନ୍ୟ କୌଣସି ଦୋକାନ ଖୋଲାଯାଇ ପାରିବ ନାହିଁ ବୋଲି ପ୍ରଶାସନ ପକ୍ଷରୁ ଚେତାବନୀ ଦିଆଯାଇଛି। ଜରୁରୀ କାର୍ଯ୍ୟରେ ବାହାରକୁ ଗଲେ ମାସ୍କ ପିନ୍ଧି କିମ୍ବା ମୁହଁରେ ରୁମାଲ ଭିଡି ଯିବାକୁ କୁହାଯାଇଛି।

କରୋନା ଅର୍ଥ ବ୍ୟବସ୍ଥାକୁ ସଙ୍କଟାପନ୍ନ କରିଛି। ବର୍ତ୍ତମାନ ସାଧାରଣ ଲୋକମାନେ ଅନେକ ସମସ୍ୟାକୁ ସାମ୍ନା କରୁଥିବା ବେଳେ ଲୋକଙ୍କ ହାତକୁ ସିଧାସଳଖ ଅର୍ଥ ଆସିବାର ଆବଶ୍ୟକତା ରହିଛି।

**– ଅଭିଜିତ ବାନାର୍ଜୀ, ନୋବେଲ ବିଜେତା ଅର୍ଥନୀତିଜ୍ଞ**



ବର୍ତ୍ତମାନ ଦେଶ ଏକ ଚ୍ୟାଲେଞ୍ଜିଂ ସ୍ଥିତି ଦେଇ ଗତି କରୁଛି। ଏଭଳି ସମୟରେ ଉତ୍ତମ ବୁଝାମଣା ସହ ସମସ୍ତେ ମିଳିତ ହୋଇ ଲଢ଼ିଲେ କୋଭିଡ୍-୧୯ ବିରୋଧରେ ଜିତିବା ସୁନିଶ୍ଚିତ ହେବ।

**– ରତନ ଟାଟା, ସେବା ନିବୃତ୍ତ ଅଧ୍ୟକ୍ଷ ଟାଟାସନ୍ସ**



# ୫ କୋଟି ଲୋକ ବେରୋଜଗାର




**ନୂଆଦିଲ୍ଲୀ,୭।୪**

କରୋନାକୁ ନିୟନ୍ତ୍ରଣ କରିବା ଲାଗି ସାରା ଦେଶରେ ଲକ୍‌ଡାଉନ ଘୋଷଣା କରାଯାଇଛି। ଏହା ଯୋଗୁ ସମଗ୍ର ଦେଶରେ କମ୍ପାନୀଗୁଡିକର କାର୍ଯ୍ୟକଳାପ ଠପ୍ ହୋଇଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ୫ କୋଟି ଲୋକ ଚାକିରି ହରାଇଥିବା ଏକ ରିପୋର୍ଟରେ ପ୍ରକାଶ ପାଇଛି। କରୋନା ଯୋଗୁ ସହରାଞ୍ଚଳରେ ବେରୋଜଗାରୀ ହାର ୩୦.୯% ବଢିବା ନେଇ ଅନୁମାନ କରାଯାଇଛି। ମୋଟାମୋଟି ଭାବେ କହିବାକୁ ଗଲେ ବରୋଜଗାରୀ ହାର ୨୩.୪%କୁ ବଢିଯିବ ବୋଲି ଆଶଙ୍କା କରାଯାଇଛି। ସେଣ୍ଟର ଫର ମନିଟରିଂ ଇଣ୍ଡିଆନ ଇକୋନୋମି ପକ୍ଷରୁ ହୋଇଥିବା ସାପ୍ତାହିକ ସର୍ଭେ ମୁତାବକ ମାର୍ଚ୍ଚରେ ୮.୪% ରହିଥିବା ବେରୋଜଗାରୀ ହାର ୫ ଏପ୍ରିଲ ଯାଏ ୨୩%କୁ ବଢିଯାଇଛି।

ଗତ ୨ ସପ୍ତାହ ମଧ୍ୟରେ ପ୍ରାୟ ୫ କୋଟି ଲୋକ ନିଯୁକ୍ତି ହରାଇଥିବା ପୂର୍ବତନ ମୁଖ୍ୟ ପରିସଂଖ୍ୟାନବିତ ପ୍ରଣବ ସେନ୍ ସୂଚନା ଦେଇଛନ୍ତି। ଲକ୍‌ଡାଉନ ଯୋଗୁ ଲୋକମାନେ ସେମାନଙ୍କ ଘରକୁ ପଳାଇଛନ୍ତି। ଏହାକୁ ବିଚାର କରିଲେ ଆଗାମୀ ଦିନଗୁଡିକରେ ବରୋଜଗାରୀ ହାର ଆହୁରି ବଢିଯିବାର ଆଶଙ୍କା କରାଯାଉଛି। ଲକ୍‌ଡାଉନ ଶେଷ ହେବା ପରେ ବେରୋଜଗାରୀର ପ୍ରକୃତ ଆକଳନ କରାଯାଇପାରିବ।

## ଅଣ ସଙ୍ଗଠିତ କ୍ଷେତ୍ରର ୪୦ କୋଟି ନିଯୁକ୍ତି ପ୍ରତି ବିପଦ

ନୂଆଦିଲ୍ଲୀ,୭।୪: କରୋନା ଯୋଗୁ ଦେଶର ଖୁଚୁରା ବ୍ୟବସାୟ କ୍ଷେତ୍ରରେ ୮୦ ହଜାର ଲୋକ ଚାକିରି ହରାଇବାର ଆଶଙ୍କା କରାଯାଇଛି। ସେହିଭଳି ଅଣ ସଙ୍ଗଠିତ କ୍ଷେତ୍ରର ୪୦ କୋଟି ନିଯୁକ୍ତି ପ୍ରତି ବିପଦ ଆସିଥିବା ବିଶ୍ୱ ଶ୍ରମ ସଙ୍ଗଠନ ପକ୍ଷରୁ ସୂଚନା ରହିଛି। ଲକ୍‌ଡାଉନ ପାଇଁ କାରବାର କ୍ଷତିଗ୍ରସ୍ତ ହେବାରୁ ଖୁଚୁରା ବ୍ୟବସାୟରେ ସଙ୍କଟ ସ୍ଥିତି ଉପୁଜିଛି ବୋଲି ରିଟେଲର୍ସ ଆସୋସିଏଶନ ଅଫ୍ ଇଣ୍ଡିଆ ପକ୍ଷରୁ ଏଭଳି ଏକ ଆକଳନ କରାଯାଇଛି। ଏହି କ୍ଷେତ୍ରରେ ପ୍ରାୟ ୩୦% ଛଟେଇ ହେବାର ଆଶଙ୍କା ରହିଥିବା କୁହାଯାଉଛି।

## କ୍ଷତିଗ୍ରସ୍ତ ହେବେ ଜି-୨୦ ଦେଶ

କରୋନା ସଂକ୍ରମଣକୁ ରୋକିବା ଲାଗି ବିଭିନ୍ନ ଦେଶ ଏବେ କଟକଣା ଜାରି କରିଛନ୍ତି। ଏହା ଦ୍ୱାରା ସାରା ବିଶ୍ୱର ଅର୍ଥ ବ୍ୟବସ୍ଥା ଏବେ କ୍ଷତିଗ୍ରସ୍ତ ହୋଇଛି। ମୁଡିସ ଇନଭେଷ୍ଟର୍ସ ସର୍ଭିସ ରିପୋର୍ଟ ମୁତାବକ ଜି-୨୦ ଦେଶଗୁଡିକର ଅର୍ଥ ବ୍ୟବସ୍ଥା ୨୦୨୦-୨୧ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ ଅଧିକ କ୍ଷତିଗ୍ରସ୍ତ ହେବାର ଆଶଙ୍କା ଉପୁଜିଛି। ଏହି ଦେଶଗୁଡିକ ବିଶ୍ୱର ସବୁଠାରୁ ବିକଶିତ ଦେଶ ମଧ୍ୟରେ ଆସୁଛି। ଉକ୍ତ ଦେଶଗୁଡିକର ଅର୍ଥ ବ୍ୟବସ୍ଥା କ୍ଷତିଗ୍ରସ୍ତ ହେଲେ ସାରା ଦେଶର ଅର୍ଥ ବ୍ୟବସ୍ଥା ଉପରେ ଗଭୀର ଭାବେ ପ୍ରଭାବ ପକାଇବ ବୋଲି ରିପୋର୍ଟରେ କୁହାଯାଇଛି। ଭାରତ ମଧ୍ୟ ଏହି ଦେଶଗୁଡିକ ମଧ୍ୟରେ ରହିଛି। ସାରା ବିଶ୍ୱର ମୋଟ ଜନସଂଖ୍ୟା ମଧ୍ୟରୁ ପ୍ରାୟ ଦୁଇ ତୃତୀୟାଂଶ ଏହି ଦେଶଗୁଡିକରେ ବସବାସ କରିଥାନ୍ତି। ରିପୋର୍ଟରେ କୁହାଯାଇଛିଯେ, ବିଶ୍ୱ ବଜାରକୁ ଏମିତି ଝଟକା ଲାଗିଛି ଯାହା ପୂର୍ବରୁ କେବେ ଲାଗି ନ ଥିଲା। ଏହା ଦ୍ୱାରା ଚାହିଦା ଏବଂ ଯୋଗାଣ ଚେନ୍ ପ୍ରଭାବିତ ହୋଇଛି। ଦ୍ୱିତୀୟ ତ୍ରୈମାସରେ ଏହାର ପ୍ରଭାବ ମଧ୍ୟ ଜାରି ରହିବ ବୋଲି କୁହାଯାଉଛି। ଏହି ସମୟରେ ଆମେରିକା ଏବଂ ଫ୍ରାନ୍ସରେ ବେକାରୀ ବଢୁଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ମହଜୁଦ ରୋକିବା ଲାଗି କମ୍ପାନୀଙ୍କ ପଦକ୍ଷେପ

ନୂଆଦିଲ୍ଲୀ,୭।୪: ଲକ୍‌ଡାଉନ ସମୟରେ ରିଟେଲ ଷ୍ଟୋରଗୁଡିକରୁ ନେଇ ଅନ୍‌ଲାଇନ ଆପ୍‌ଗୁଡିକରୁ ନିତ୍ୟବ୍ୟବହାର ହେଉଥିବା ସାମଗ୍ରୀ ବିକ୍ରିରେ ବୃଦ୍ଧି ଘଟିଛି। ଏହି ସମୟରେ ପ୍ୟାନିକ ବାଇଙ୍ଗ ବା ଡରରୁ ସାମଗ୍ରୀ କିଣି ଜମା କରିବାକୁ ରୋକିବା ଲାଗି ବଡ ବଡ କିରାନା ଷ୍ଟୋର ଗୁଡିକ ନୂଆ ପଦକ୍ଷେପ ହାତକୁ ନେଇଛନ୍ତି। ରିଲାଏନ୍ସ ରିଟେଲ, ଇଜି ଡେ, ସ୍ପେନସର ରିଟେଲ, ଗ୍ରୋଫର୍ସ, ବିଗବାସ୍କେଟ ଏବଂ ବିଗ୍ ବଜାର ଭଳି ବଡ ବଡ ଷ୍ଟୋରଗୁଡିକ ଆବଶ୍ୟକତାଠାରୁ ଅଧିକ ସାମଗ୍ରୀ ଉପରେ କଟକଣା ଲଗାଇଛନ୍ତି। ଏହି ଷ୍ଟୋରଗୁଡିକରୁ ଲୋକମାନେ ଆବଶ୍ୟକତାଠାରୁ ଅଧିକ ସାମଗ୍ରୀ କିଣି ନେଇ ପାରିବେ ନାହିଁ। ସାମଗ୍ରୀର ସୀମା ମଧ୍ୟ ନିର୍ଦ୍ଧାରଣ କରାଯାଇଛି। ଲକ୍‌ଡାଉନ ଅବଧି ବଢିବା ଆଶଙ୍କା କରାଯାଉଥିବାରୁ ଲୋକମାନେ ସେମାନଙ୍କ ଘରେ ଅଧିକ ପରିମାଣର ସାମଗ୍ରୀ କିଣି ରଖୁଛନ୍ତି। ଏହାକୁ ଧ୍ୟାନରେ ରଖି ବିଭିନ୍ନ ଷ୍ଟୋର ଗ୍ରାହକ କେତେ ପରିମାଣର ସାମଗ୍ରୀ କିଣି ପାରିବେ ସେ ନେଇ ସୀମା ନିର୍ଦ୍ଧାରଣ କରିଛନ୍ତି।

## ସେବା କ୍ଷେତ୍ର ପରଫରମାନ୍ସ ହ୍ରାସ

ମାର୍ଚ୍ଚରେ ସର୍ଭିସ ସେକ୍ଟର ଗତିବିଧି ୮ ପଏଣ୍ଟ ହ୍ରାସ ଘଟିଛି। ଆଇଏଚ୍‌ଏସ୍ ମାର୍କିଟ୍ ଇଣ୍ଡିଆର ସର୍ଭିସେସ ବିଜନେସ ଆକ୍ଟିଭିଟି ଇଣ୍ଡେକ୍ସ (ସର୍ଭିସେସ ପିଏମ୍‌ଆଇ) ମାର୍ଚ୍ଚରେ ୪୯.୩% ରହିଛି। ଫେବୃୟାରୀରେ ଏହା ୫୭.୫% ରହିଥିଲା। କରୋନା ଭାଇରସ ପ୍ରଭାବ ଯୋଗୁ ସେବା କ୍ଷେତ୍ର କାର୍ଯ୍ୟକଳାପରେ ଏଭଳି ହ୍ରାସ ପରିଲକ୍ଷିତ ହୋଇଛି। ଆଇଏଚ୍‌ଏସ୍ ମାର୍କିଟର ଅର୍ଥନୀତିଜ୍ଞ ଜଏ ହେୟଜ କହିଛନ୍ତି ଯେ, କରୋନା ଯୋଗୁ ସେବା କ୍ଷେତ୍ର କେତେ ପରିମାଣରେ କ୍ଷତିଗ୍ରସ୍ତ ହୋଇଛି ସେ ନେଇ ଏବେ କିଛି ଠିକ୍ ଭାବେ ଆକଳନ କରାଯାଇ ପାରିବ ନାହିଁ। ଗତ ୬ ମାସ ମଧ୍ୟରେ ସର୍ଭିସ ପ୍ରଦାନ କରୁଥିବା ସଂସ୍ଥାଙ୍କ ଅର୍ଡରରେ ପ୍ରଥମଥର ଲାଗି ହ୍ରାସ ଘଟିଥିବା ଜଣାପଡିଛି। ଚାହିଦା କମିବା ଯୋଗୁ ଅର୍ଡରରେ ମଧ୍ୟ ପ୍ରଭାବ ପରିଲକ୍ଷିତ ହୋଇଥିବା କୁହାଯାଇଛି।

## ଆମେରିକାରେ କୋଟିଏ ଲୋକ ନିଯୁକ୍ତି ହରାଇଲେ

ଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ଅର୍ଥନୀତି ଆସିଷ୍ଟାଣ୍ଟ ପ୍ରଫେସର ହିମାଂଶୁ କହିଛନ୍ତି ଯେ, ସାରା ବିଶ୍ୱରେ ଏବେ ନିଯୁକ୍ତି ସଙ୍କଟ ଦେଖାଯାଇଛି। କରୋନା ପାଇଁ କେବଳ ଭାରତ କ୍ଷତିଗ୍ରସ୍ତ ହୋଇନାହିଁ। ସାରା ବିଶ୍ୱର ପ୍ରମୁଖ ବଜାରଗୁଡିକରେ ଏହି ସମସ୍ୟା ସାମ୍ନାକୁ ଆସିଛି। ଆକଳନ ମୁତାବକ ଆମେରିକାରେ ୧ କୋଟି ଲୋକ ନିଯୁକ୍ତି ହରାଇଛନ୍ତି। ସେ କହିଛନ୍ତି ଯେ, ଭାରତର ଏକ ତୃତୀୟାଂଶ ଶ୍ରମଶକ୍ତି ଅଣସଙ୍ଗଠିତ କ୍ଷେତ୍ର ସହ ଜଡିତ। ଏହି କ୍ଷେତ୍ରରେ କାର୍ଯ୍ୟରତ ଲୋକମାନଙ୍କର ଆର୍ଥିକ ନିରାପତ୍ତା ଏବଂ ସୁରକ୍ଷା ନଥାଏ। ଲକ୍‌ଡାଉନ ଖୋଲିବା ପରେ ଅର୍ଥ ବ୍ୟବସ୍ଥାରେ ସୁଧାର ଆଣିବା ଲାଗି ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି।

## ନିଯୁକ୍ତି ପ୍ରଦାନ ଧାରାରେ ହ୍ରାସ

ଚଳିତ ବର୍ଷ ମାର୍ଚ୍ଚରେ ଭାରତରେ ନିଯୁକ୍ତି ପ୍ରଦାନ ଧାରାରେ ୧୮% ହ୍ରାସ ଘଟିଛି। ଏକ ପ୍ରମୁଖ ଜବ୍ ପୋର୍ଟାଲ ତଥ୍ୟ ମୁତାବକ ଟ୍ରାଭେଲ, ଆଭିଏଶନ, ରିଟେଲ ହସ୍ପିଟାଲିଟି ଭଳି କ୍ଷେତ୍ରଗୁଡିକରେ ନିଯୁକ୍ତି ପ୍ରଦାନ ଧାରାରେ ପ୍ରାୟ ୬୬% ହ୍ରାସ ପରିଲକ୍ଷିତ ହୋଇଛି।

## ରାଜ୍ୟଗୁଡ଼ିକ ଲାଗି ଓଭରଡ୍ରାଫ୍ଟ ଅବଧି ବଢ଼ିଲା

**ଆରବିଆଇର ପଦକ୍ଷେପ**

ନୂଆଦିଲ୍ଲୀ,୭।୪: ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ରାଜ୍ୟଗୁଡିକ ଲାଗି ଏକ ସ୍ୱତନ୍ତ୍ର ପଦକ୍ଷେପ ଘୋଷଣା କରାଯାଇଛି। ବର୍ତ୍ତମାନର ଲକ୍‌ଡାଉନକୁ ନଜରରେ ରଖି ରାଜ୍ୟଗୁଡିକ ଲାଗି ଓଭରଡ୍ରାଫ୍ଟ ସୁବିଧାକୁ ୨୧ ଦିନକୁ ବଢାଯାଇଛି। ଏହାଦ୍ୱାରା ରାଜ୍ୟଗୁଡିକୁ ଆଶ୍ୱସ୍ତି ମିଳିଛି। ଏହି ସୁବିଧା ୧୪ ଦିନ ପର୍ଯ୍ୟନ୍ତ ଉପଲବ୍ଧ ହେଉଥିଲା। ଏହାବାଦ ଗୋଟିଏ ତ୍ରୈମାସରେ ମିଳୁଥିବା ଓଭର ଡ୍ରାଫ୍ଟ ସୁବିଧାକୁ ମଧ୍ୟ ବଢାଯାଇଛି। ଏବେ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡିକ ଗୋଟିଏ ତ୍ରୈମାସ ଲାଗି ୫୦ ଦିନ ପର୍ଯ୍ୟନ୍ତ ଓଭରଡ୍ରାଫ୍ଟ ସୁବିଧା ନେଇପାରିବେ। ଏହି ସୀମା ୩୬ ଦିନ ପର୍ଯ୍ୟନ୍ତ ରହିଥିଲା। ଆଗାମୀ ୩୦ ସେପ୍ଟେମ୍ବର ଯାଏ ଏହି ନିୟମ ବଳବତ୍ତର ରହିବ।

କରୋନା ପାଇଁ ଦେଶର ଅଧିକାଂଶ ରାଜ୍ୟ ଏବେ ରାଜସ୍ୱ କ୍ଷତି ସାମ୍ନା କରୁଛନ୍ତି। ବଜେଟରେ ଧାର୍ଯ୍ୟ ରାଜସ୍ୱ ଲକ୍ଷ୍ୟ ମୁତାବକ ରାଜ୍ୟଗୁଡିକ ରାଜସ୍ୱ ସଂଗ୍ରହ କରିବାକୁ ସକ୍ଷମ ହୋଇପାରି ନାହାନ୍ତି। ଲକ୍‌ଡାଉନ ପାଇଁ ଆର୍ଥିକ କାର୍ଯ୍ୟକଳାପ ଠପ୍ ହୋଇଯାଇଛି। ଏହି କାରଣ ଯୋଗୁ ସରକାରଙ୍କୁ ରାଜସ୍ୱ ଠିକ୍ ଭାବେ ମିଳୁନାହିଁ। ଏବେ କରୋନା ନିୟନ୍ତ୍ରଣରେ ଆସୁ ନ ଥିବା ଯୋଗୁ ଲକ୍‌ଡାଉନ ଅବଧି ବଢିପାରେ ବୋଲି ଶୁଣାଯାଉଛି।

## ଆକ୍ସିସ ବ୍ୟାଙ୍କର ଅତିରିକ୍ତ ସେବା

**ଭୁବନେଶ୍ୱର,୭।୪:** କୋଭିଡ୍-୧୯ ଲାଗି ସାରା ଦେଶ ବର୍ତ୍ତମାନ ଏକ ଚ୍ୟାଲେଞ୍ଜିଂ ସ୍ଥିତି ଦେଇ ଗତି କରୁଛି। ଓଡ଼ିଶାରେ ଗ୍ରାହକଙ୍କୁ ବ୍ୟାଙ୍କିଙ୍ଗ ସେବା ଯୋଗାଣ ନେଇ ଏହି ସମୟରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଆକ୍ସିସ ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ବ୍ୟାଙ୍କ ଶାଖାରେ ବିଶୋଧନମୂଳକ ପଦକ୍ଷେପ, ୩୦ ଜିଲାରେ ୧୭୧ ଶାଖାରେ ଅପରାହ୍ନ ୨ଟା ପର୍ଯ୍ୟନ୍ତ ସେବା, ଭୁବନେଶ୍ୱରରେ ମୋବାଇଲ ଏଟିଏମ୍, ୫୩୫ ଏଟିଏମ୍ ଦ୍ୱାରା ସେବା ଯୋଗାଣ ହେଉଛି। ସାମାଜିକ ସୁରକ୍ଷା ପେନ୍‌ସନ ବଣ୍ଟନ, ଡିଜିଟାଲ କାରବାର, ରୋଗୀ ଏବଂ ବରିଷ୍ଠ ନାଗରିକଙ୍କୁ ଘରେ ବ୍ୟାଙ୍କ ସେବା, ମୋବାଇଲ ଆପ୍ ଜରିଆରେ ଦେୟ ପ୍ରଦାନ, ବିଲ୍ ପ୍ରଦାନ, ଅର୍ଥ ସ୍ଥାନାନ୍ତର, ଡିଜିଟାଲରେ ବ୍ୟକ୍ତିଗତ ଋଣ ତତ୍କାଳ ମଞ୍ଜୁର, ଆର୍‌ବିଆଇ ନିୟମ ଅନୁସାରେ ଇଏମ୍ ଆଇ ଅବଧି କ୍ଷେତ୍ରରେ ପଦକ୍ଷେପ ନିଆଯାଇଥିବା ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି।

## ଆବଶ୍ୟକ ସାମଗ୍ରୀ ବଣ୍ଟନ କଲା ଟିଏସ୍‌ଜି




**ଭୁବନେଶ୍ୱର,୭।୪:** ଟାଇମ୍ସ ସ୍କଲାର୍ସ ଗୁରୁକୁଳ(ଟିଏସ୍‌ଜି) ପକ୍ଷରୁ କରୋନା ସଚେତନତା ଶିବିର ଏବଂ ଆବଶ୍ୟକ ସାମଗ୍ରୀ ବଣ୍ଟନ କରାଯାଇଛି। ଆମେରିକାର ଡ.ଦାସ ଫାଉଣ୍ଡେଶନ ଏବଂ ଟିଏସ୍‌ଜି ପକ୍ଷରୁ ଯାଁଲା ସ୍ଥିତ ମଦର ଟେରେସା ମେମୋରିଆଲ ହୋମ୍‌ଠାରେ ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସଂକ୍ରମଣରୁ ନିଜକୁ କିଭଳି ଦୂରେଇ ରଖାଯାଇପାରିବ ଏଠାରେ ଗୁରୁତ୍ୱାରୋପ କରାଯାଇଥିଲେ। କାର୍ଯ୍ୟକ୍ରମରେ ଆଶିଷ ମିଶ୍ର, ଟାଇମ୍ସ ସ୍କଲାର୍ସ ଗୁରୁକୁଳର ରଞ୍ଜିତା ମହାପାତ୍ର, ଚିନ୍ମୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## କର୍ମଚାରୀଙ୍କୁ ସାବାସି ଦେଲେ ମୁକେଶ



**ନୂଆଦିଲ୍ଲୀ,୭।୪:** ବର୍ତ୍ତମାନର ସଙ୍କଟ ସମୟରେ ଦେଶ ସହ ଶକ୍ତ ଭାବେ ଛିଡା ହୋଇଥିବାରୁ ତାଙ୍କ କମ୍ପାନୀର କର୍ମଚାରୀଙ୍କୁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଅଧ୍ୟକ୍ଷ ସାବାସି ଦେଇଛନ୍ତି। ଜିଓ ଦ୍ୱାରା ମୋବାଇଲ ସେବା ଏବଂ ଇନ୍ଧନ ଯୋଗାଣ ଭଳି ନିରନ୍ତର ତଥା ଜରୁରୀ ସେବା ଲକ୍‌ଡାଉନ ସମୟରେ ଲୋକଙ୍କୁ ଯୋଗାଉ ଥିବାରୁ ମୁକେଶ କର୍ମଚାରୀଙ୍କୁ ଧନ୍ୟବାଦ ଦେଇଛନ୍ତି। କର୍ମଚାରୀଙ୍କୁ ସେ ଫ୍ରଣ୍ଟଲାଇନ ୱାରିୟର ବା ଆଗଧାଡିର ଯୋଦ୍ଧା କହି ସମ୍ମାନିତ କରିଛନ୍ତି। କରୋନା ବିରୋଧୀ ଯୁଦ୍ଧରେ ସର୍ବଦା ରିଲାଏନ୍ସ ଯୋଗଦାନ ରଖି ଆସିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି। ଏହି ସମୟରେ କମ୍ପାନୀର ୨ ଲକ୍ଷରୁ ଊର୍ଦ୍ଧ୍ୱ କର୍ମଚାରୀ ପ୍ରତିବଦ୍ଧତା ଦେଖାଇଥିବା ସେ ମତବ୍ୟକ୍ତ କରିବା ସହ କର୍ମଚାରୀଙ୍କ ମନୋବଳକୁ ବଢାଇଛନ୍ତି। ସେ କହିଛନ୍ତି ଯେ, ଲକ୍‌ଡାଉନ ସମୟରେ ଜିଓ ଦେଶର ୪୦ କୋଟି ଲୋକଙ୍କୁ କନେକଟେଡ ରଖିଛି। କୋଭିଡ-୧୯ ରୋଗୀଙ୍କ ଚିକିତ୍ସା ଲାଗି ୧୦୦ ଶଯ୍ୟା ବିଶିଷ୍ଟ ଏକ ହସ୍ପିଟାଲ ସୁବିଧା କରାଯାଇଛି। କୋଭିଡ-୧୯ ପରୀକ୍ଷା କରିବା ଲାଗି ରିଲାଏନ୍ସ ନିଜସ୍ୱ ଜ୍ଞାନକୌଶଳ ଆପଣାଇଥିବା ସେ ସୂଚନା ଦେଇଛନ୍ତି।

## ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ସହାୟତା

**ଭୁବନେଶ୍ୱର,୭।୪:** କୋଭିଡ୍-୧୯ ବିରୋଧୀ ପଦକ୍ଷେପ ଅଧୀନ ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ପିଏମ୍ କେୟାର୍ସ ଫଣ୍ଡକୁ ୩.୯୫ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବା ନେଇ ଘୋଷଣା କରାଯାଇଛି। ବ୍ୟାଙ୍କର ଏମ୍‌ଡି ତଥା ସିଇଓ ରାକେଶ ଶର୍ମା କହିଛନ୍ତି ଯେ, କରୋନା ବିଶ୍ୱ ମହାମାରୀର ମୁକାବିଲା ଦିଗରେ ସହାୟତା ପ୍ରଦାନ କରାଯାଇଛି। ବର୍ତ୍ତମାନର ସମୟରେ ସମସ୍ତେ ଏକାଠି ହୋଇ ଲଢିବାର ଆବଶ୍ୟକତା ରହିଛି।

## ୭.୭୧ ଲକ୍ଷ କୋଟି ଟଙ୍କା ବଢ଼ିଲା ନିବେଶକଙ୍କ ସମ୍ପତ୍ତି

**ନୂଆଦିଲ୍ଲୀ,୭।୪**



ଭାରତୀୟ ପୁଞ୍ଜିବଜାରରେ ମଙ୍ଗଳବାର କାରବାର ଉନ୍ନତ ରହିବା ଯୋଗୁ ନିବେଶକଙ୍କ ସମ୍ପତ୍ତି ୭.୭୧ ଲକ୍ଷ କୋଟି ଟଙ୍କା ବୃଦ୍ଧି ଘଟିଛି। ବିଶ୍ୱ ବଜାରରେ କାରବାର ଉନ୍ନତ ରହିବା ଯୋଗୁ ଘରୋଇ ବଜାର ଉପରେ ଏହାର ଭଲ ପ୍ରଭାବ ପଡିଛି। ୩୦ ଶେୟାର ବିଶିଷ୍ଟ ବମ୍ବେ ଷ୍ଟକ ଏକ୍ସଚେଞ୍ଜର ସେନ୍‌ସେକ୍ସ ୨୪୭୬.୨୬ ପଏଣ୍ଟ ବୃଦ୍ଧି ଘଟିଛି। ଏହି ସମୟରେ ସେନ୍‌ସେକ୍ସ ୩୦,୦୬୭.୨୧ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ସୋମବାର ମହାବୀର ଜୟନ୍ତୀ ଯୋଗୁ କାରବାର ବନ୍ଦ ରହିଥିଲା। ହେଲେ ମଙ୍ଗଳବାର ଅଧିକାଂଶ ଶେୟାରଗୁଡିକର କାରବାର ଉନ୍ନତ ସ୍ଥିତିରେ ରହିଛି। ସବୁଠାରୁ ବେଶି ଅଭିବୃଦ୍ଧି ହାସଲ କରିଥିବା ଶେୟାର ମଧ୍ୟରେ ଇଣ୍ଡସଇଣ୍ଡ ବ୍ୟାଙ୍କ ରହିଛି। ଏହି ସମୟରେ ବ୍ୟାଙ୍କର ଶେୟାର ୨୩% ମଜଭୁତ ହୋଇଛି। ଏହାବାଦ ଆକ୍ସିସ ବ୍ୟାଙ୍କ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଏବଂ ଆଇସିଆଇସିଆଇସିଆଇ ବ୍ୟାଙ୍କର କାରବାର ଉନ୍ନତ ରହିଛି।



ବଜାରକୁ ଗାଡ଼ି ନେବା କଟକଣା ପରେ ଭୁବନେଶ୍ୱରରେ ଲୋକମାନେ ଚାଲି ଚାଲି ବଜାରରୁ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ନେଇ ଫେରୁଛନ୍ତି।

## ଏମ୍‌ସିଏଲ୍‌ଆର୍ କମାଇଲା ଏସ୍‌ବିଆଇ

ନୂଆଦିଲ୍ଲୀ,୭।୪: ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ପକ୍ଷରୁ ମାର୍ଜିନାଲ କଷ୍ଟ ଅଫ୍ ଫଣ୍ଡସ ବେସ୍‌ଡ ଲେଣ୍ଡିଂ ରେଟ୍ ବା ଋଣସୁଧ ୩୫ ବେସିସ ପଏଣ୍ଟ ହ୍ରାସ କରାଯାଇଛି। ବର୍ଷିକିଆ ଏମ୍‌ସିଏଲ୍‌ଆର୍‌ର ସବୁ ବର୍ଗରେ ଏପ୍ରିଲ ୧୦ରୁ ଏହା କାର୍ଯ୍ୟକାରୀ ହେବ। ଏମ୍‌ସିଏଲ୍‌ଆର୍ ସହ ଲିଙ୍କ୍ ହୋଇଥିବା ଋଣ ଉପରେ ଗ୍ରାହକ ଏହି ସୁଧହାର ହ୍ରାସ ସୁବିଧା ପାଇପାରିବେ। ଏହି ନିଷ୍ପତ୍ତି ପରେ ବର୍ଷିକିଆ ଏମ୍‌ସିଏଲ୍‌ଆର୍ ୭.୭୫%ରୁ ୭.୪୦%କୁ ହ୍ରାସ ଘଟିଛି।

## ବିବେକାନନ୍ଦ ହସ୍ପିଟାଲର ଡୋର ଷ୍ଟେପ ସେବା

**ଭୁବନେଶ୍ୱର,୭।୪:** କରୋନା ଲାଗି ବର୍ତ୍ତମାନ ଲକ୍‌ଡାଉନ ଘୋଷଣା କରାଯାଇଥିବା ବେଳେ ବିବେକାନନ୍ଦ ହସ୍ପିଟାଲ ପକ୍ଷରୁ ଡୋରଷ୍ଟେପ ସ୍ୱାସ୍ଥ୍ୟସେବା ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବର୍ତ୍ତମାନର ଚ୍ୟାଲେଞ୍ଜିଂ ସମୟରେ ଲୋକଙ୍କ ସ୍ୱାସ୍ଥ୍ୟ ସେବାକୁ ନଜରରେ ରଖି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ହସ୍ପିଟାଲ ପକ୍ଷରୁ ସୂଚନା ରହିଛି। ହସ୍ପିଟାଲ ପକ୍ଷରୁ ହୋମ୍ ହେଲ୍‌ଥ ସର୍ଭିସ ଭିଏଚ୍ ଗାଲାକ୍ସି ଶୁଭାରମ୍ଭ ହୋଇଛି। ଏହା ଦ୍ୱାରା ରୋଗୀଙ୍କ ଘରକୁ ଆସି ବ୍ଲଡ୍ ସାମ୍ପୁଲ କଲେକ୍ସନ, ମେଡିସିନର ହୋମ ଡେଲିଭରି, ସମସ୍ତ ପ୍ରକାରର ସ୍ୱାସ୍ଥ୍ୟ ପରୀକ୍ଷା ଲାଗି ପିକ୍‌ଅପ୍ ଆଣ୍ଡ ଡ୍ରପ୍ ସୁବିଧା, ହ୍ୱାଟର୍ସ ଆପ୍‌ରେ ଡକ୍ଟର କନସଲଟେଶନ, ୩୬୦% ହେଲ୍‌ଥ ସଲ୍ୟୁଶନ ପ୍ରଦାନ କରାଯାଉଛି। ଏହି ସୁବିଧା ପାଇଁ ହସ୍ପିଟାଲକୁ ଟେଲିଫୋନ ଯୋଗେ ଲୋକମାନେ ସମ୍ପର୍କ କରିପାରିବେ ବୋଲି ସୂଚନା ରହିଛି।




## କ୍ରେଡାଇ ଭୁବନେଶ୍ୱର ପକ୍ଷରୁ ସହାୟତା

**ଭୁବନେଶ୍ୱର,୭।୪:** କୋଭିଡ୍-୧୯ରୁ ଲୋକଙ୍କୁ ରକ୍ଷା କରିବା ଦିଗରେ ସରକାର ପଦକ୍ଷେପ ଗ୍ରହଣ କରୁଥିବା ବେଳେ ଏଥିରେ କ୍ରେଡାଇ ଭୁବନେଶ୍ୱର ଫାଉଣ୍ଡେଶନ ନିଜର ଯୋଗଦାନ ରଖିଛି। ଲକ୍‌ଡାଉନରେ ଫସିଥିବା ସାଧାରଣ ଲୋକଙ୍କୁ ସହାୟତା କରିବା ଲାଗି କ୍ରେଡାଇ ଭୁବନେଶ୍ୱର ଫାଉଣ୍ଡେଶନ ଆଗେଇ ଆସିଛି। ଭୁବନେଶ୍ୱର ମ୍ୟୁନିସିପାଲିଟି କର୍ପୋରେଶନ ସହ ମିଳିତ ହୋଇ ବିଭିନ୍ନ ସ୍ଥାନରେ ଏହା ଖାଦ୍ୟ ସାମଗ୍ରୀ ବଣ୍ଟନ କରିଛି। ଫାଉଣ୍ଡେଶନ ପକ୍ଷରୁ ଆଡଭାଇଜରି ସଦସ୍ୟ ସୁଭାଷ ଭୋରା, ସଭାପତି କାନ୍ତିଲାଲ ପଟେଲ ଏବଂ ସମ୍ପାଦକ ଉମେଶ ପଟ୍ଟନାୟକ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

## କୋଭିଡ୍-୧୯ ପାଇଁ ଉତ୍କଳ ବିଲ୍‌ଡର୍ସର ଦାନ

**ଭୁବନେଶ୍ୱର,୭।୪:** କୋଭିଡ୍ -୧୯ ବିରୋଧି ଲଢେଇରେ ଉତ୍କଳ ବିଲଡର୍ସ ପକ୍ଷରୁ ଯୋଗଦାନ ରଖାଯାଇଛି। କମ୍ପାନୀ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧୦ ଲକ୍ଷ ଟଙ୍କା ଏବଂ ପିଏମ୍ କେୟାର୍ସ ଫଣ୍ଡକୁ ୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ବର୍ତ୍ତମାନର ଚ୍ୟାଲେଞ୍ଜିଂ ସମୟରେ ବ୍ୟବସାୟ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଏଭଳି ସ୍ଥିତିରେ ଲୋକଙ୍କ ସହାୟତା ଲାଗି ଯୋଗଦାନ ରଖାଯାଇଛି ବୋଲି ଉତ୍କଳ ବିଲଡର୍ସର ପରିଚାଳନା ନିର୍ଦ୍ଦେଶକ ଶରଦ ବୈଦ୍ୟ କହିଛନ୍ତି। ଏହି ଲଢେଇରେ ସମସ୍ତେ ନିଜର ଯୋଗଦାନ ରଖିବାକୁ ସେ ଆହ୍ୱାନ ଜଣାଇଛନ୍ତି।

# କୁକୁଡ଼ା ଓ ବତକ ପାଳନ ସମ୍ପର୍କରେ



-କୁକୁଡ଼ା ଓ ବତକଙ୍କ କକ୍‌ସିଡ଼ିଆ ବା ନାଳରକ୍ତ ଝାଡ଼ାର ପ୍ରତିକାର ପାଇଁ କକ୍‌ସିଡ଼ିଆ ନିରୋଧୀ ଔଷଧ ଦାନା ବା ପାଣିରେ ନିୟମିତ ପ୍ରୟୋଗ କରନ୍ତୁ ।

-ପ୍ରବଳ ଖରାତାପରୁ କୁକୁଡ଼ାମାନଙ୍କୁ ରକ୍ଷା କରିବା ପାଇଁ କୁକୁଡ଼ା ଘରର ଟିଣଛାତ କିମ୍ବା ଆଜବେଷ୍ଟସ୍ ଛାତ ଉପରେ ନଡ଼ା ଛାଉଣୀ କରନ୍ତୁ ।

-ମାଟିହାଣ୍ଡିରେ ପାଣି ରଖି ଥଣ୍ଡା ପାଣିକୁ କୁକୁଡ଼ାଙ୍କୁ ପିଇବାକୁ ଦିଅନ୍ତୁ ।

- ଅଧିକ ଗରମ ବେଳେ ଦିନ ୧୨ଟାରୁ ୪ଟା ପଯର୍ୟନ୍ତ କୁକୁଡ଼ାଙ୍କୁ ଦାନା ଖାଇବାକୁ ଦିଅନ୍ତୁ ନାହିଁ ।

-ଦୁଇମାସରୁ ଅଧିକ ବୟସର କୁକୁଡ଼ାଙ୍କୁ ଘୁମାରୋଗ ନ ହେବା ପାଇଁ ପ୍ରାଣୀଚିକିତ୍ସଙ୍କ ସହାୟତାରେ ଆର୍.ଟୁ.ବି. ଟିକା ଦିଅନ୍ତୁ।

# ଜାଣିରଖନ୍ତୁ

ଲକ୍‌ଡାଉନ୍ ଯୋଗୁଁ କୃଷି କ୍ଷେତ୍ର ବି ବହୁ ଭାବରେ ପ୍ରଭାବିତ ହୋଇଛି। କେଉଁଠି ଚାଷୀ କ୍ଷେତରୁ ତା'ର ଫସଲ ଅମଳ କରିପାରୁନି ତ କେଉଁଠି ନୂଆ ଫସଲ ବୁଣିବା ସମୟ ହୋଇଥିଲେ ବି ଏହି କାମ କରିପାରୁନି। ତେଣୁ ଭବିଷ୍ୟତରେ ଏହାର କୁପ୍ରଭାବ ପଡ଼ିବାକୁ ଯାଉଥିବା ଲକ୍ଷ୍ୟ କରି ଏବେ କୃଷି କ୍ଷେତ୍ରକୁ ସରକାର କିଛିଟା କୋହଳ କରିଛନ୍ତି। କେନ୍ଦ୍ର ସରକାରଙ୍କ ନୂଆ ନିୟମ ଅନୁସାରେ ଲକ୍‌ଡାଉନ୍ ସମୟରେ ବି କୃଷି ଉପକରଣ ତଥା ବିହନ ଦୋକାନ ଖୋଲା ରହିପାରିବ।

କରୋନା ପାଇଁ କୃଷି କ୍ଷେତ୍ର ଯେଭଳି କ୍ଷତିଗ୍ରସ୍ତ ନ ହେବ ସେଥିପାଇଁ ବିଭିନ୍ନ ରାଜ୍ୟରେ ବି ସରକାର ଏବେ ଚାଷୀମାନଙ୍କ ପାଇଁ ନୀତି କୋହଳ କରିବା ଆରମ୍ଭ କରିଛନ୍ତି। ଦେଶ ବିଦେଶରେ ସ୍ୱତନ୍ତ୍ର ନାଁ ଥିବା ଦାର୍ଜିଲିଂ ଚା' ବଗିଚାରେ କିଛି ନିର୍ଦ୍ଦିଷ୍ଟ ସଂଖ୍ୟାରେ ଶ୍ରମିକ କାମ କରିବା ନେଇ ଅନୁମତି ଦିଆଯାଇଛି।

# ଖରାଟିଆ ପନିପରିବା



ଖରାଟିଆ ପନିପରିବା ଯଥା କଲରା, କାକୁଡ଼ି, ଜହ୍ନି, ଖଡ଼ା, ଲେଉଟିଆ, ପୋଇ, ଲାଉ, କଖାରୁ, ବାଇଗଣ, ଲଙ୍କା, ଭେଣ୍ଡି, ଛଚିନ୍ଦ୍ରା ଆଦି ଲାଭଜନକ ଭାବେ ଚାଷ କରାଯାଇପାରିବ । -ପୋଟଳ ଗଛର ଫୁଲ କଷି ହୋଇ ଫଳ ହେଉଥିଲେ ଗଛ ମୂଳରୁ ଘାସ ବାଛି ଖୁସାଇ ସାର ପ୍ରୟୋଗ କରନ୍ତୁ ।- କଖାରୁ ଜାତୀୟ ଫସଲରେ ଫଳ ଖସି ପଡୁଥିଲେ ପ୍ଲାନୋଫିକ୍‌ସ ୧ ମି.ଲି./୪.୫ ଲିଟର ପାଣିରେ ମିଶାଇ ଉପରଓଳି ସ୍ପ୍ରେ କରନ୍ତୁ । ଫଳମାଛି ଲାଗିଲେ ମଧ୍ୟ କଖାରୁ ଜାତୀୟ ଫସଲର ଫଳ ଝଡ଼ିଯାଇଥାଏ ଓ ଏହା ବଙ୍କା ମଧ୍ୟ ହୋଇଯାଇଥାଏ । ମାଟିର ବତର ଦେଖି ପାଣି ଦିଅନ୍ତୁ । -ତରଭୁଜ ପାଚିଲା ପରେ ତୋଳନ୍ତୁ । ତରଭୁଜ ସମ୍ପୂର୍ଣ୍ଣ ପାକଳ ହୋଇ ନ ଥିଲେ ତରଭୁଜ ଫାଟିବାକୁ କମ୍ କରିବା ପାଇଁ ବୋରାକ୍ସ ୨ ଗ୍ରାମ୍/୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ ।



# କଦଳୀ ଚାଷ
## କିପରି ହେବ ଲାଭଜନକ



ଚୌଧୁରୀ ବିଚିତ୍ରାନନ୍ଦ ପ୍ରହରାଜ

କଦଳୀ ଆମ ଦେଶ ତଥା ରାଜ୍ୟରେ ଦ୍ୱିତୀୟ ମୁଖ୍ୟ ଫଳ ଭାବେ ପରିଚିତ। ବର୍ଷସାରା ଉପଲବ୍ଧ, ସ୍ୱାଦ, ଔଷଧୀୟ ଗୁଣ ଯୋଗୁ ଏହା ସମସ୍ତଙ୍କ ନିକଟରେ ଆଦୃତ। କଦଳୀ ସହଜରେ ହଜମ ହୋଇଥାଏ ଏବଂ ମଣିଷ ଶରୀରରେ ଚର୍ବି ଓ କୋଲେଷ୍ଟରଲକୁ କମ୍ କରିଥାଏ। ହୃତ୍‌ଘାତକୁ କମ୍ କରିବା ସଙ୍ଗେ ସଙ୍ଗେ ଉଚ୍ଚ ରକ୍ତଚାପ, ଆଣ୍ଠୁଗଣ୍ଠି ବାତ ଏବଂ କିଡ୍‌ନୀ ସମସ୍ୟା ଦୂର ଲାଗି ଏହା ଉପଯୋଗୀ। ନିତିଦିନିଆ ଜୀବନରେ କଦଳୀକୁ ଆମେ ସବୁଦିନ ବ୍ୟବହାର କରିଥାଉ। କଦଳୀ ଗଛର ପ୍ରତ୍ୟେକ ଅଂଶ କାମରେ ଲାଗିଥାଏ। କଞ୍ଚାକଦଳୀ, କଦଳୀ ଭଣ୍ଡା ଏବଂ କଦଳୀ ମଞ୍ଜାକୁ ତରକାରି କରି ଖାଇଥାଉ। ପାଚିଲା କଦଳୀ ହିନ୍ଦୁ ଦେବଦେବୀଙ୍କ ଭୋଗ ରୂପେ ଅର୍ପଣ କରାଯାଏ। ପ୍ରାୟ ପ୍ରତ୍ୟେକ ବ୍ୟକ୍ତିଙ୍କ ଜଳଖିଆ ଟେବୁଲରେ କଦଳୀ ଥାଏ। ଧନୀ, ଗରିବ ସମସ୍ତଙ୍କର କଦଳୀ କ୍ରୟ କରିବାର କ୍ଷମତା ଅଛି। କଦଳୀରୁ ଚିପ୍‌ସ, ପ୍ୟୁରୀ, ଜାମ୍, ଜେଲି, ୱାଇନ୍ ଏବଂ ହାଲୁଆ ପ୍ରସ୍ତୁତ କରାଯିବା ସଙ୍ଗେ ସଙ୍ଗେ ଅଟା, ମଣ୍ଡ, ଆଇସ୍‌କ୍ରିମ୍, ବିସ୍କୁଟ ଏବଂ କଦଳୀ ଗୁଣ୍ଡ ଶିଶୁ ଖାଦ୍ୟ ହିସାବରେ ବ୍ୟବହୃତ ହୋଇଥାଏ। କଦଳୀ ତନ୍ତୁରୁ କାଗଜ, ଟିସୁକାଗଜ ବ୍ୟାଗ, ଦଉଡ଼ି ଓ ଅନ୍ୟାନ୍ୟ ଆକର୍ଷଣୀୟ ସାଜସଜ୍ଜା ଜିନିଷ ପ୍ରସ୍ତୁତ ହୋଇଥାଏ। କଦଳୀପତ୍ର ଗରିବଙ୍କ ସୁନାଥାଳି। ଦକ୍ଷିଣ ଭାରତରେ ହୋଟେଲଗୁଡ଼ିକରେ ପ୍ଲେଟ୍ ବ୍ୟବହାର କରା ନ ଯାଇ କଦଳୀପତ୍ରର ବହୁଳ ବ୍ୟବହାର କରାଯାଏ। କଦଳୀପତ୍ରରେ ଖାଇଲେ ଶାନ୍ତି ମିଳେ।

ଓଡ଼ିଶାର ଉପକୂଳ ଅଞ୍ଚଳରେ ପ୍ରାୟ ପ୍ରତ୍ୟେକ ଲୋକଙ୍କ ବାଡ଼ିରେ କଦଳୀ ଦେଖିବାକୁ ମିଳେ। ଓଡ଼ିଶାରେ ପାଖାପାଖି ୨୫,୦୦୦ ହେକ୍ଟର ଜମିରେ କଦଳୀ ଚାଷ ହେଉଥିଲେ ମଧ୍ୟ କଦଳୀ ଚାହିଦା ମେଣ୍ଟାଇବା ପାଇଁ ଆମକୁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡ଼େ। ଏହାର କାରଣ ହେଲା ଆମ ରାଜ୍ୟରେ କଦଳୀ ଉତ୍ପାଦନ ଅନ୍ୟ ରାଜ୍ୟ ଅପେକ୍ଷା ଯଥେଷ୍ଟ କମ୍ ଏବଂ ଆମ ରାଜ୍ୟର ଖୁବ୍ କମ୍ ଚାଷୀ ବ୍ୟବସାୟିକ ଭିତ୍ତିରେ କଦଳୀ ଚାଷ କରନ୍ତି। ରାଜ୍ୟରେ ଉଭୟ ତରକାରି କଦଳୀ ଓ ପାଚିଲା କଦଳୀ ଚାଷ କରାଯାଏ। ତରକାରି କଦଳୀ ହିସାବରେ ବନ୍ତଳ, ପାଉଁଶିଆ ବନ୍ତଳ, ମେଣ୍ଡିବନ୍ତଳ ଚାଷ ହେଉଥିଲାବେଳେ ପାଚିଲା କଦଳୀ ହିସାବରେ ଚମ୍ପା, ଚିନିଚମ୍ପା, ଚକ୍ରକେଳି, କାଠିଆ ଏବଂ ପାଟକପୁରା କଦଳୀ ଚାଷ କରାଯାଇଥାଏ। ଓଡ଼ିଶାର ପୁରୀ ଜିଲାରେ ପାଟକପୁରା କଦଳୀ ଚାଷ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି। କାଠିଆ ଓ ପାଟକପୁରା କଦଳୀର ଚାହିଦା ଏବଂ ବଜାର ମୂଲ୍ୟ ଅଧିକ।



ଉଷ୍ମ ଏବଂ ଆର୍ଦ୍ର ଜଳବାୟୁରେ କଦଳୀ ଭଲ ହୁଏ। ୧୫°Cରୁ ୩୫°C ଉତ୍ତାପ ରହୁଥିବା ଅଞ୍ଚଳରେ କଦଳୀ ଚାଷ କରାଯାଇପାରିବ। କଦଳୀ ଚାଷ ପାଇଁ ବାୟୁମଣ୍ଡଳରେ ୭୫ରୁ ୮୫ ପ୍ରତିଶତ ଆର୍ଦ୍ରତା ରହିଲେ ଭଲ। ସମୁଦ୍ର ପତ୍ତନଠାରୁ ୨୦୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ କଦଳୀ ଚାଷ ହୋଇପାରିବ। କଦଳୀ ଚାଷ ପାଇଁ ଉର୍ବର ଦୋରସା ମୃତ୍ତିକା ଉପଯୁକ୍ତ। ମୃତ୍ତିକା ବେଶି ଅମ୍ଳ ଓ ଖାରିଆ ନ ହେବା ଭଲ। ମାଟିର ପିଏଚ୍ ୬.୫ରୁ ୭.୫ କଦଳୀ ଚାଷ ପାଇଁ ଉପଯୁକ୍ତ। ମାଟିରେ ଭରପୂର ଜୈବିକ ପଦାର୍ଥ ଅତ୍ୟଧିକ ଯବକ୍ଷାରଜାନ, ପର୍ଯ୍ୟାପ୍ତ ଫସ୍‌ଫରସ୍ ଏବଂ ଅଧିକ ପଟାସ କଦଳୀ ଚାଷ ପାଇଁ ଉପଯୁକ୍ତ। କଦଳୀ ବଗିଚାରେ କଦଳୀ ଲଗାଇବା ପୂର୍ବରୁ ସବୁଜ ସାର ହିସାବରେ ଧନିଚା ଏବଂ ବରଗୁଡ଼ି ଚାଷ କରି ମାଟିରେ ମିଶାଇ ଦିଅନ୍ତୁ।

ଓଡ଼ିଶାରେ କଦଳୀ ଚାଷ ପାଇଁ ୭୦ ଭାଗ ଜମି କଦଳୀ ବଗିଚାରେ କଦଳୀପୁଆ ବ୍ୟବହୃତ ହେଉଥିଲାବେଳେ ୩୦ ଭାଗ ବଗିଚାରେ ଟିସୁକଲ୍‌ଚର ଚାରା ବ୍ୟବହାର ହୁଏ। ବାମନ କିସମ କଦଳୀଗୁଡ଼ିକୁ ଫେବୃୟାରୀ-ମାର୍ଚ୍ଚ ମାସରେ ଲଗାଯାଉଥିବାବେଳେ ଡେଙ୍ଗା କିସମ କଦଳୀ ଜୁନ୍ ମାସରେ ଲଗାଯାଇଥାଏ। ତେବେ କମ୍ ଉତ୍ତାପ ଏବଂ ଅତ୍ୟଧିକ ଉତ୍ତାପ ଥିବା ସମୟରେ ଏଗୁଡ଼ିକୁ ନ ଲଗେଇଲେ ଭଲ। ଲଗାଇବା ପୂର୍ବରୁ ଜମିକୁ ୨/୩ ଓଡ ଚାଷ କରନ୍ତୁ। ଧାଡ଼ିକୁ ଧାଡ଼ି ଓ ଗଛକୁ ଗଛ ୨ ମିଟର ବ୍ୟବଧାନ ରଖନ୍ତୁ। ଦେଢ଼ଫୁଟ ଲମ୍ବ, ଦେଢ଼ଫୁଟ ଓସାର ଓ ଦେଢ଼ଫୁଟ ଗହୀରର ଗାତ କଦଳୀ ଲଗାଇବା ପାଇଁ ଖୋଳନ୍ତୁ। ଗାତଗୁଡ଼ିକର ରୋଗପୋକ ବିନାଶ ପାଇଁ ୨୦ରୁ ୨୫ ଦିନ ଖରା ଖୁଆନ୍ତୁ। ପ୍ରତ୍ୟେକ ଗାତରେ ୧୦ କିଗ୍ରା କମ୍ପୋଷ୍ଟ ଖତକୁ ଉପର ମାଟିରେ ମିଶାଇ ଗାତ ଭରନ୍ତୁ। ପ୍ରତି ଗାତରେ ୨୫୦ ଗ୍ରାମ ନିମପିଡ଼ିଆ ଏବଂ ୨୦ ଗ୍ରାମ୍ କାର୍ବୋଫୁରାନ୍ ଦିଅନ୍ତୁ। ପ୍ରତି ଗାତରେ ୨୦୦ ଗ୍ରାମ୍ ଯବକ୍ଷାରଯାନ ୭୦ ଗ୍ରାମ୍ ଫସ୍‌ଫରସ ଓ ୩୦୦ ଗ୍ରାମ୍ ପଟାସ ସାର ଦିଅନ୍ତୁ। ଗାତ ଭରିବାର ୫ରୁ ୬ ଦିନ ପରେ କଦଳୀ ପୁଆ / ଚାରା ଲଗାନ୍ତୁ। ନୀରୋଗ ୫୦୦ରୁ ୭୫୦ ଗ୍ରାମ୍ ଓଜନର ଖଣ୍ଡାପୁଆ ବ୍ୟବହାର କରନ୍ତୁ। ପୁଆରୁ ଚେର ଏବଂ ତଳ ଅଂଶ ବାହାର କରି ୦.୫% ମନୋକ୍ରୋଟୋଫସ୍ ଏବଂ ୦.୧% ବାଭିଷ୍ଟିନ୍ ଦ୍ରବଣରେ ବୁଡ଼ାଇ ଲଗାନ୍ତୁ। ଗଛ ଲଗାଇବାର ୨ ମାସ ପରେ ଅଦରକାରୀ ପୁଆଗୁଡ଼ିକୁ କାଢ଼ି ଦିଅନ୍ତୁ। ଅଧିକ ଅମଳ ପାଇଁ ଜଙ୍କ୍ ସଲଫେଟ୍। ଫେରସ ସଲଫେଟ୍ ଏବଂ କପର ସଲ୍‌ଫେଟ୍‌ର ୦.୨% ଦ୍ରବଣକୁ ପତ୍ର ସିଞ୍ଚନ କରନ୍ତୁ। ଓଡ଼ିଶାରେ ପବନ ହେଉଥିବା ବେଳେ କାନ୍ଧି ପଡ଼ିଥିବା ଅବସ୍ଥାରେ ଆବଶ୍ୟକ ହେଲେ ଗଛରେ ଢିରା ଦିଅନ୍ତୁ। କାନ୍ଧି ପଡ଼ି ସାରିଲେ ଚାଖଣ୍ଡେ ଛାଡ଼ି ଭଣ୍ଡା ଭାଙ୍ଗି ଦିଅନ୍ତୁ। ଅଧିକ ଅମଳ ପାଇଁ କଦଳୀ ବଗିଚାରେ ଜଳସେଚନ ଅପରିହାର୍ଯ୍ୟ। ଶୀତଦିନେ ୭ରୁ ୮ଦିନ ଅନ୍ତରରେ ଏବଂ ଖରାଦିନେ ୪ରୁ ୫ଦିନ ଅନ୍ତରରେ କଦଳୀ ବଗିଚାରେ ପାଣି ମଡ଼ାନ୍ତୁ। ଗଛକୁ ଅଧିକ ଏବଂ ଆବଶ୍ୟକ ହେଉଥିବା ଜଳର ଉପଲବ୍ଧି ପାଇଁ ବୁନ୍ଦାଜଳ ସେଚନ ପ୍ରକ୍ରିୟା ଫଳପ୍ରଦ।

ପତ୍ରଦାଗ ଓ ଝାଉଁଳା ରୋଗ ପାଇଁ କାର୍ବୋଣ୍ଡାଜିମ୍ ପାଉଡରକୁ ଏକ ଲିଟର ପାଣିରେ ୧ ଗ୍ରାମ୍ ମିଶାଇ ସ୍ପ୍ରେ କରନ୍ତୁ। କାଣ୍ଡବିନ୍ଧା ପୋକ ଆକ୍ରମଣରୁ ରକ୍ଷା ପାଇବା ପାଇଁ ଗଛ ପ୍ରତି ୪୦ ଗ୍ରାମ୍ ହିସାବରେ କାର୍ବୋ ଫୁରାନ୍ ଦାନାଦାର୍ ଦିଅନ୍ତୁ।

ବାମନ କଦଳୀରେ ୮ରୁ ୯ମାସର ଏବଂ ଡେଙ୍ଗା କଦଳୀରେ ୧୧ରୁ ୧୨ ମାସ ମଧ୍ୟରେ ଫଳ ଆସେ। କିସମ ଅନୁସାରେ ଭଣ୍ଡା ଛାଡ଼ିବାର ୧୦୦ରୁ ୧୪୦ ଦିନ ମଧ୍ୟରେ କଦଳୀ ପାକଳ ହୋଇଥାଏ। ବିକ୍ରୟ ବଜାରର ଦୂରତା ନେଇ କଦଳୀ ଅମଳ କରନ୍ତୁ। କଦଳୀ ଅମଳ ସମୟରେ ସାବଧାନତା ଅବଲମ୍ବନ କରନ୍ତୁ ଯେପରି କାନ୍ଧି ତଳେ ପଡ଼ି ଛେଚି ହୋଇ ନ ଯାଏ। ସେହିପରି ଦୂରକୁ ପରିବହନ କରୁଥିଲେ କାନ୍ଧିଗୁଡ଼ିକୁ ଶୁଖିଲା ଓ କଞ୍ଚାପତ୍ରରେ ପ୍ୟାକିଂ କରନ୍ତୁ। କିସମ ଅନୁସାରେ ଏକର ପ୍ରତି ୨୦ରୁ ୨୫ ଟନ୍ କଦଳୀ ଅମଳ ହୋଇଯାଏ। ଖର୍ଚ୍ଚ ଯାଇ ଏକର ପ୍ରତି ବର୍ଷକୁ ୩ରୁ ୪ ଲକ୍ଷ ଟଙ୍କା ଆଦାୟ ହେଉଥିବାବେଳେ ୧.୫ରୁ ୨ ଲକ୍ଷ ପର୍ଯ୍ୟନ୍ତ ଖର୍ଚ୍ଚ ହୋଇଥାଏ। କଥାରେ ଅଛି 'ଜ୍ୟେଷ୍ଠେ କଦଳୀ ଆଷାଢ଼େ କିଆ-ପୋତ ନ ପୋତ ହୁଅଇ ଠିଆ'। ଆହୁରି ମଧ୍ୟ କଦଳୀ ବିଷୟରେ କୁହାଯାଇଛି-

"ହାତେ ଚାଖଣ୍ଡେ ଖୋଳିବ ଗାତ
ପତର ଖଣ୍ଡିକେ ନ ଦେବ ହାତ
ଚାଖଣ୍ଡେ ଛାଡ଼ି ଭାଙ୍ଗିବ ଭଣ୍ଡା
ତେବେ ସେ ଦେଖିବ କଦଳୀ ପେଣ୍ଡା।"

ମୋ-୭୮୯୪୩୩୫୩୭୧



# ଆତ୍ମବିଶ୍ୱାସ ହିଁ ମୋତେ ଏଇଠି ପହଞ୍ଚାଇଛି

କୈଳାସ ଚନ୍ଦ୍ର ବେହେରା। ଡାକ ନାମ ଅଜୟ। ଆଉ ଏଇ ନାମରେ ହିଁ ସେ ସ୍ଥାନୀୟ ଅଞ୍ଚଳରେ ଜଣେ ସଫଳ ଚାଷୀ ଭାବେ ବେଶ ପରିଚିତ। ଯାଜପୁର ଜିଲା ଦଶରଥପୁର ବ୍ଲକ ଅନ୍ତର୍ଗତ ଅର୍ଦ୍ଧାଉଳିଆ ଗାଁ ତାଙ୍କ ଜନ୍ମସ୍ଥାନ। ମାତ୍ର ଭଦ୍ରକ ଜିଲା ଆରଡି ଅଞ୍ଚଳର ଓଳଗ ଏବେ ତାଙ୍କ କର୍ମସ୍ଥଳୀ। ଏହି ସ୍ଥାନରୁ ହିଁ ତାଙ୍କୁ ସଫଳତା ମିଳିଛି ବୋଲି ସେ କହନ୍ତି। ୩୮ ବର୍ଷୀୟ ଏହି ଯୁବକ +୨ ପାସ୍ କଲା ପରେ ସ୍ୱାବଲମ୍ବୀ ହେବାକୁ ମନବଳାଇଥିଲେ। କିନ୍ତୁ ଚାକିରି ଅପେକ୍ଷା ଚାଷକାର୍ଯ୍ୟ ମାଧ୍ୟମରେ ସ୍ୱରୋଜଗାରକ୍ଷମ ହେବାକୁ ପସନ୍ଦ କଲେ। ଏଥିଲାଗି ପ୍ରଥମେ ନିଜ ପିତାଙ୍କ ଚାଷଜମିରୁ ହିଁ ଚାଷକାମ ଆରମ୍ଭ କରିଥିଲେ। ପ୍ରାଥମିକ ସଫଳତା ତାଙ୍କ ମନୋବଳ ବଢିଗଲା। ପ୍ରଥମେ ୩ ଏକର ଜମିରେ ଚାଷ କରିଥିବା ବେଳେ ଏବେ ସେ ୪ ବର୍ଷ ହେଲା ୩୦ ଏକରରୁ ଅଧିକ ଜମି ଚାଷକରୁଛନ୍ତି। ଧାଡିରୁଆ ପ୍ରଣାଳୀରେ ଗତବର୍ଷ ସେ ୪ ଏକର ଜମିରେ ଧାନ ଚାଷ କରିଥିଲେ। ସେଥିରୁ ତାଙ୍କୁ ଢେର ଲାଭ ମିଳିଥିଲା। ଚଳିତ ବର୍ଷ ମଧ୍ୟ ସେ ୨୨ ଏକରରୁ ଅଧିକ ଜମିରେ ଧାଡିରୁଆ ପ୍ରଣାଳୀ ଚାଷ ଆପଣାଇଛନ୍ତି। ଏହି ପ୍ରଣାଳୀରେ ଚାଷ କଲେ ସରକାରୀ ପ୍ରୋତ୍ସାହନ ମିଳିଥାଏ। ହେଲେ ସେ ଚଳିତ ବର୍ଷ ଏକ ସିଡ୍‌ସ କମ୍ପାନୀ ସହିତ ଚୁକ୍ତି କରିଛନ୍ତି। ଫସଲ ଉତ୍ପାଦନ ପରେ ସେହି କମ୍ପାନୀ କି.ଗ୍ରା ପ୍ରତି ୬୦ ଟଙ୍କା ଦରରେ ଫିମେଲ ଧାନ କିଣିନେବେ। ଆଉ ଯେଉଁ ମେଲ ଧାନ ରହିବ ତାହାକୁ ବଜାର ଦର ଅନୁସାରେ ବିକ୍ରି କରିବାକୁ ପଡିବ। ଏହି ଧାଡିରୁଆ ପ୍ରଣାଳୀରେ ସେ ୪ ବର୍ଷ ହେଲା ଚାଷ କରି ଆସୁଛନ୍ତି। ଏକର ପିଛା ୧୫ କୁଇଣ୍ଟାଲ ଧାନ ଅମଳ ହେଉଛି। ଏହି ଚାଷରୁ ସେ ତାଙ୍କର ୫ ଜଣିଆ ପରିବାର ପ୍ରତିପୋଷଣ ସହ ଏକ ଟ୍ରାକ୍ଟର, ଅଟୋରିକ୍ସା କିଣିଛନ୍ତି। ପତ୍ନୀ ଓ ୩ ଝିଅଙ୍କୁ ନେଇ ତାଙ୍କ ସଂସାର। ପିଲାଙ୍କୁ ଉଚ୍ଚ ଶିକ୍ଷିତ କରାଇ ସମାଜରେ ପ୍ରତିଷ୍ଠିତ କରାଇବାକୁ ସେ ଲକ୍ଷ୍ୟ ରଖିଛନ୍ତି। ପରିଶ୍ରମ ସହ ଆତ୍ମବିଶ୍ୱାସ ବଳରେ ଜଣେ ଜୀବନର ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବ ବୋଲି କୁହନ୍ତି କୈଳାସ।



ସଫଳ ଚାଷୀ
କୈଳାସ ଚନ୍ଦ୍ର ବେହେରା

-ଦୀପ୍ତି ରଞ୍ଜନ ନାୟକ

# ଏସବୁ ଲକ୍ଷଣ ଦେଖିଲେ କରନ୍ତୁ ଯାଞ୍ଚ



ପ୍ରାଣୀମାନେ ବି ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ସଂକ୍ରମିତ ହୋଇପାରନ୍ତି। ତେଣୁ ସେମାନଙ୍କ କ୍ଷେତ୍ରରେ ବି ରୋଗର ଲକ୍ଷଣ ଦେଖିବା ମାତ୍ରେ ସଙ୍ଗେ ସଙ୍ଗେ ଯାଞ୍ଚ କରନ୍ତୁ। ତେବେ ପ୍ରାଣୀମାନଙ୍କର କେଉଁ ଲକ୍ଷଣ ଦେଖିଲେ କିଭଳି ଯାଞ୍ଚ କରିବେ ସେ ସମ୍ପର୍କରେ ଜାଣନ୍ତୁ।

-ପ୍ରାଣୀମାନେ ଯଦି ଭଲଭାବେ ଖାଉନଥାନ୍ତି ତାହେଲେ ସେମାନଙ୍କ ଗୋବରକୁ ଯାଞ୍ଚ କରନ୍ତୁ। ସେହିପରି ସେମାନଙ୍କର କୋଷ୍ଠ କାଠିନ୍ୟ, କୁଣ୍ଡିଆ ସମସ୍ୟା କିମ୍ବା କମ୍ କ୍ଷୀର ଦେଉଥିଲେ ବି ଗୋବର ଯାଞ୍ଚ କରାଇ ନିଅନ୍ତୁ।

- ପ୍ରାଣୀମାନଙ୍କର ବେଳେବେଳେ ମଳ ସହିତ ରକ୍ତ ଆସିଥାଏ ଓ ସେମାନେ ମାଟି ଖାଉଥିବାର ଦେଖାଯାଏ। ଏପରି ଲକ୍ଷଣ ଥିଲେ ବି ତୁରନ୍ତ ଗୋବର ଯାଞ୍ଚ କରନ୍ତୁ। କୌଣସି ରୋଗ ଥିଲେ ଜଣା ପଡ଼ିଯିବ।

- ପ୍ରାଣୀଙ୍କ ଗୋବର ନମୁନା ନେଉଥିଲେ ଧ୍ୟାନ ରଖିବେ ଯେପରି ଗୋବରରେ ବାହାରର କୌଣସି ତତ୍ତ୍ୱ ମିଶି ନଥିବ।

- ପ୍ରାଣୀଙ୍କ ମଳ ଭଳି ମୂତ୍ରର ରଙ୍ଗ ପରିବର୍ତ୍ତନ ହେଲେ ସେମାନଙ୍କର ମୂତ୍ରାଶୟ ତଥା ପେଟର କୌଣସି ସମସ୍ୟା ହୋଇଥିବା ଜାଣିବାକୁ ହେବ। ତେଣୁ ମୂତ୍ର ପରୀକ୍ଷା କରି ପ୍ରାଣୀଙ୍କ ରୋଗ ଚିହ୍ନଟ କରି ଚିକିତ୍ସା କରନ୍ତୁ।

- ପ୍ରାଣୀଙ୍କର ମୂତ୍ର ଯାଞ୍ଚ କରିବାକୁ ନେଉଥିଲେ ସକାଳ ସମୟରେ ଏକ ସଫା ପାତ୍ରରେ ସଂଗ୍ରହ କରନ୍ତୁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବୁଧବାର, ଏପ୍ରିଲ ୮/୨୦୨୦ Wednesday, April 8/2020

## ଫାଙ୍କା ଷ୍ଟାଡିୟମରେ ଆଇପିଏଲ୍ ଖେଳିବାରେ ସମସ୍ୟା ନାହିଁ: ହରଭଜନ

**ମୁମ୍ବାଇ, ୭।୪ (ପି.ଟି.):** କୋଭିଡ୍-୧୯ ସଂକ୍ରମଣ କାରଣରୁ ଦେଶ ତଥା ବିଶ୍ୱରେ ପ୍ରାୟ ସବୁ କ୍ରୀଡ଼ା ଇଭେଣ୍ଟକୁ ବାତିଲ୍ କିମ୍ବା ସ୍ଥଗିତ ରଖାଯାଇଥିବା ବେଳେ ପୂର୍ବତନ ଭାରତୀୟ ଅଫ୍ ସ୍ପିନର ହରଭଜନ ସିଂ କିନ୍ତୁ ଭିନ୍ନ ମତ ପୋଷଣ କରିଛନ୍ତି। ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ) ଆୟୋଜନ ସପକ୍ଷରେ ସେ ମତ ଦେଇଛନ୍ତି। ଯଦି ଦର୍ଶକଙ୍କ ଅନୁପସ୍ଥିତିରେ ଆଇପିଏଲ୍ ଫାଙ୍କା ଷ୍ଟାଡିୟମରେ ଖେଳାଯାଏ ତେବେ କୌଣସି ସମସ୍ୟା ନାହିଁ। ଅର୍ଥାତ ସେ ଫାଙ୍କା ଷ୍ଟାଡିୟମରେ ଆଇପିଏଲ ଆୟୋଜନ କରିବାକୁ କହିଛନ୍ତି। କୋଭିଡ୍-୧୯ ନିୟନ୍ତ୍ରଣକୁ ଆସିଛି। ପୁଣି କେତେକ ଆଇପିଏଲ୍‌କୁ ନେଇ ଗୁଜୁରାଣ ମେଣ୍ଟାଉଥିବାରୁ ଏହି ଟୁର୍ନାମେଣ୍ଟ ଆୟୋଜନ ହେବାର ଆବଶ୍ୟକତା ରହିଛି ବୋଲି ସେ ମତ ଦେଇଛନ୍ତି।



କ୍ରିକେଟରେ ଦର୍ଶକ ନିଶ୍ଚିତ ଭାବେ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଯଦି ପରିସ୍ଥିତି ଅଲଗା ହୁଏ ତା'ହେଲେ ବିନା ଦର୍ଶକରେ ଖେଳିବାରେ କୌଣସି ଅସୁବିଧା ନାହିଁ। ତେବେ ସବୁ ଦର୍ଶକ ଟିଭିରେ ଆଇପିଏଲ୍ ମ୍ୟାଚ୍ ଦେଖିପାରିବେ। ହରଭଜନ ଚେନ୍ନାଇ ସୁପର କିଙ୍ଗ୍ସ ତରଫରୁ ଖେଳୁଛନ୍ତି। ତେବେ ଖେଳାଳିଙ୍କ ସ୍ୱାସ୍ଥ୍ୟ ଓ ନିରାପତ୍ତାକୁ ଅଗ୍ରାଧିକାର ଦିଆଯିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ମ୍ୟାଚ୍ ଭେନ୍ୟୁ, ଟିମ୍ ହୋଟେଲ, ଫ୍ଲାଇଟକୁ ଠିକ୍ ଭାବେ ସାନିଟାଇଜ କରିବାର ଆବଶ୍ୟକତା ରହିଛି। ସବୁକିଛି ଠିକ୍‌ଠାକ କରିବା ପରେ ଯାଇ ଏ ବିଷୟରେ ଚିନ୍ତା କରିବା ଠିକ୍ ହେବ ବୋଲି ହରଭଜନ କହିଛନ୍ତି।

କରୋନା ଭାଇରସ ସଂକ୍ରମଣ ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆଇପିଏଲ୍‌କୁ ଏପ୍ରିଲ-୧୫ ପର୍ଯ୍ୟନ୍ତ ସ୍ଥଗିତ ରଖିଛି। ତେବେ ଦେଶରେ ଚାଲିଥିବା ଲକ୍‌ଡାଉନ ଓ ତତ୍‌ସଂକ୍ରାନ୍ତ ପରିସ୍ଥିତି ଯୋଗୁ ଆଇପିଏଲ୍ ଆୟୋଜନ ନେଇ ଆଶଙ୍କା ପ୍ରକାଶ ପାଇଛି। ତେବେ ଫିଟ୍‌ନେସ ବଜାୟ ଉପରେ ହରଭଜନ ଏବେ ଗୁରୁତ୍ୱ ଦେଉଛନ୍ତି। ଆଇପିଏଲ୍ ଶୀଘ୍ର ଆରମ୍ଭ ହେବ ବୋଲି ସେ ଆଶାପ୍ରକାଶ କରିଛନ୍ତି। ତେବେ ସେପର୍ଯ୍ୟନ୍ତ ନିଜକୁ ଫିଟ୍ ରଖିବା ପାଇଁ ପ୍ରୟାସ ଜାରି ରଖିବି ବୋଲି ୧୦୩ଟି ଟେଷ୍ଟ ଖେଳିଥିବା ୩୯ ବର୍ଷୀୟ ହରଭଜନ କହିଛନ୍ତି।

# କୋହଲିଙ୍କୁ ଡରୁଥିଲେ ଅଷ୍ଟ୍ରେଲିଆ ଖେଳାଳି

**ମେଲବୋର୍ନ, ୭।୪ (ପି.ଟି.):** ଅଷ୍ଟ୍ରେଲିଆ ପୂର୍ବତନ ଅଧିନାୟକ ମାଇକେଲ କ୍ଲାର୍କ ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ସମ୍ପର୍କରେ ଏକ ଟିପ୍ପଣୀ ଦେଇ ହଇଚଇ ସୃଷ୍ଟି କରିଛନ୍ତି। ଅଷ୍ଟ୍ରେଲୀୟ କ୍ରିକେଟରମାନେ କୋହଲିଙ୍କୁ ଡରୁଥିଲେ। କାରଣର ସେମାନଙ୍କର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଚୁକ୍ତି ନେଇ ଭୟ ରହୁଥିଲା। ଖାସ୍ ଏଥିପାଇଁ ଅଷ୍ଟ୍ରେଲିଆ ଖେଳାଳି କୋହଲି ଓ ଅନ୍ୟ ଭାରତୀୟ ଖେଳାଳିଙ୍କୁ ସ୍ଲେଜିଂ କରୁ ନ ଥିଲେ। ଏହି କାରଣରୁ ମଧ୍ୟ ଅଷ୍ଟ୍ରେଲିଆ ଟେଷ୍ଟ ସିରିଜ ହାରିଥିଲା ବୋଲି କ୍ଲାର୍କ କହିଛନ୍ତି। କୋହଲିଙ୍କ ନେତୃତ୍ୱରେ ଭାରତ ୨୦୧୮-୧୯ରେ ଅଷ୍ଟ୍ରେଲିଆକୁ ତା'ର ନିଜ ମାଟିରେ ପରାସ୍ତ କରି ଇତିହାସ ସୃଷ୍ଟି କରିଥିଲା। ଦଳରେ ଏହି ପରାଜୟକୁ ଏବେ ମଧ୍ୟ କେତେକ ପୂର୍ବତନ ଖେଳାଳି ହଜମ କରିପାରୁ ନାହାନ୍ତି। କାରଣ ଏସିଆର ପ୍ରଥମ ଦେଶ ଭାବେ ଭାରତ ଅଷ୍ଟ୍ରେଲିଆକୁ ତା'ର ଘରୋଇ ମାଟିରେ ଟେଷ୍ଟ ସିରିଜରେ ହରାଇଥିଲା। ଆଇପିଏଲ୍ ଚୁକ୍ତି ନେଇ ଥିବା ଆଶଙ୍କାରେ ଅଷ୍ଟ୍ରେଲିଆ ଖେଳାଳିମାନେ ଏହି ସିରିଜରେ କୋହଳ ମନୋଭାବ ପୋଷଣ କରି ଖେଳିଥିଲେ ଓ ପୂରା ଜୋରଦେଇ ନ ଥିଲେ। ଫଳରେ ଭାରତ ଐତିହାସିକ ବିଜୟ ହାସଲ କରିଥିଲା ବୋଲି କ୍ଲାର୍କ କହିଛନ୍ତି। ଆଇପିଏଲ୍‌କୁ ନଜରରେ ରଖି ଅଷ୍ଟ୍ରେଲିଆ ଖେଳାଳିମାନେ ରଣନୀତି ପ୍ରସ୍ତୁତ କରୁଥିଲେ। କାରଣ ଏହାଦ୍ୱାରା ଆଇପିଏଲ୍‌ରେ ମୋଟ ଅଙ୍କର ଚୁକ୍ତି ହାସଲ କରିବେ ବୋଲି ଅଷ୍ଟ୍ରେଲିଆ ଖେଳାଳିମାନେ ଭାବୁ ଥିଲେ। ଏଥିପାଇଁ ସେମାନେ କୋହଲି ଓ ଅନ୍ୟ ଭାରତୀୟ ଖେଳାଳିଙ୍କ ପ୍ରତି କୋହଳ ମନୋଭାବ ପୋଷଣ କରୁଥିଲେ। ୨୦୧୯ ଏପ୍ରିଲ୍‌ରେ ଆଇପିଏଲ୍ ଖେଳିବାର କାର୍ଯ୍ୟକ୍ରମ ରହିଥିବାରୁ ଆମ ଖେଳାଳିମାନେ କୋହଲି ଓ ତାଙ୍କ ସାଥି କ୍ରିକେଟରଙ୍କୁ ଡରୁଥିଲେ। ଯଦି କୋହଲି ଓ ଭାରତୀୟ ଖେଳାଳିଙ୍କୁ ସ୍ଲେଜିଂ କରନ୍ତି ତା'ହାଲେ ମୋଟ ଅଙ୍କର ଆଇପିଏଲ ଚୁକ୍ତି ହାସଲ କରିହେବ ନାହିଁ ବୋଲି ଅଷ୍ଟ୍ରେଲିଆ ଖେଳାଳିମାନେ ହୃଦୟଙ୍ଗମ କରିଥିଲେ। ଯଦି ସ୍ଲେଜିଂ କରୁ ତେବେ ଆଇପିଏଲ୍ ନିଲାମରେ ଆମକୁ ଫଳ ଭୋଗିବାକୁ ପଡିବ ବୋଲି ଆମ ଖେଳାଳିମାନେ ଭାବୁ ଥିଲେ। ଏବେ ସାରା ବିଶ୍ୱର ସବୁ ଦଳ ଭାରତୀୟ ଦଳ ପ୍ରତି ଏଭଳି ଆଚରଣ ପ୍ରଦର୍ଶନ କରୁଛି ବୋଲି କ୍ଲାର୍କ କହିଛନ୍ତି।

୨୦୧୮-୧୯ ସିରିଜରେ ଭାରତ ୪ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ ୨-୧ରେ ଘରୋଇ ଅଷ୍ଟ୍ରେଲିଆକୁ ହରାଇଥିଲା। ୭୧ ବର୍ଷର ଟେଷ୍ଟ ଇତିହାସରେ ଭାରତ ପ୍ରଥମଥର ପାଇଁ ଏହି ସଫଳତା ପାଇଥିଲା। ଅଷ୍ଟ୍ରେଲିଆର ଏକ ରେଡିଓ କାର୍ଯ୍ୟକ୍ରମକୁ ସାକ୍ଷାତ୍‌କାର ଦେବା ଅବସରରେ କ୍ଲାର୍କ ଏହି କଥା କହିଛନ୍ତି। ଆର୍ଥିକ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ବେଶ୍ ଶକ୍ତିଶାଳୀ ବିବେଚିତ ହେଉଛି। ଅନ୍ତର୍ଜାତୀୟ ସ୍ତରରେ ହେଉ କି, ଘରୋଇ ସ୍ତରରେ ହେଉ ବିସିସିଆଇ ସବୁଠାରୁ ପ୍ରଭାବୀ ମନେହେଉଛି। ଖାସ୍ ଏଥିପାଇଁ ଅନ୍ୟ ଦଳ ଅପେକ୍ଷା ଭାରତୀୟ ଦଳର ପ୍ରଭାବ ଅଧିକ ରହୁଛି ବୋଲି କ୍ଲାର୍କ କହିଛନ୍ତି।

### 'ସ୍ଲେଜିଂ କରୁ ନ ଥିଲେ, ହାରିଥିଲେ ଟେଷ୍ଟ ସିରିଜ'



ମାଇକେଲ କ୍ଲାର୍କ

# ଶ୍ୱାସ ଉପକରଣ ପ୍ରସ୍ତୁତ କରିବ ମର୍ସିଡିଜ୍ ଟିମ୍

**ଲଣ୍ଡନ, ୭।୪ (ଏଏଫ୍‌ପି):** କରୋନା ଭାଇରସ୍ ମହାମାରୀ ବିରୋଧରେ ଚାଲିଥିବା ଲଢେଇରେ ସାମିଲ ହୋଇଛି ଫର୍ମୁଲାୱାନ ଟିମ୍ ମର୍ସିଡିଜ୍। ଆସନ୍ତା ସପ୍ତାହରୁ ବ୍ରିଟେନର ଜାତୀୟ ସ୍ୱାସ୍ଥ୍ୟ ସେବା ପାଇଁ ଶ୍ୱାସ ଉପକରଣ ଯୋଗାଇ ଦେବ। ଏହି ଉପକରଣଟିକୁ ଦି କଣ୍ଟିନ୍ୟୁଅସ୍ ପଜିଟିଭ ଏୟାରୱେ ପ୍ରେସର (ସିପିଏପି) ଡିଭାଇସ୍ କୁହାଯାଉଛି। ଫୁସ୍‌ଫୁସ୍ ସଂକ୍ରମଣ ଥିବା କରୋନା ଭାଇରସ ରୋଗୀଙ୍କ ଶ୍ୱାସ ପ୍ରକ୍ରିୟାକୁ ସହଜ କରିଥାଏ। ଏକ ସପ୍ତାହରୁ କମ୍ ସମୟ ମଧ୍ୟରେ ଏହା ପ୍ରସ୍ତୁତ ହୋଇ ପାରିଛି। ଲଣ୍ଡନରେ ରୋଗୀଙ୍କ କ୍ଷେତ୍ରରେ ଏହାର ବ୍ୟବହାର ଫଳପ୍ରଦ ହୋଇଛି। ବ୍ରିଟିଶ ସରକାର ଇତିମଧ୍ୟରେ ୧୦,୦୦୦ ଡିଭାଇସ୍ ପାଇଁ ଅର୍ଡର କରିଛନ୍ତି। ନର୍ଥହାମ୍ପଟନଶାୟାର ଅନ୍ତର୍ଗତ ବ୍ରିକ୍ସୱର୍ଥସ୍ଥିତ ମର୍ସିଡିଜ୍ ଏଏମ୍‌ଜି ହାଇ ପରଫର୍ମାନ୍ସ ପାୱାରଟ୍ରେନ୍ସ ଟେକ୍ନୋଲୋଜି ସେଣ୍ଟରଠାରେ ଦୈନିକ ୧,୦୦୦ ଡିଭାଇସ୍ ଉତ୍ପାଦିତ ହେଉଛି। ସେଣ୍ଟରର ପରିଚାଳନା ନିର୍ଦ୍ଦେଶକ ଆଣ୍ଡି କୋୱେଲ ଏହି ସୂଚନା ଦେଇଛନ୍ତି। ଡିଭାଇସ୍ ଉତ୍ପାଦନ ପାଇଁ ଫର୍ମୁଲାୱାନ ପିଷ୍ଟନ ଏବଂ ଟର୍ବୋଚାର୍ଜ ତିଆରି ଲାଗି ବ୍ୟବହାର କରାଯାଉଥିବା ୪୦ଟି ମେଶିନ୍‌କୁ ବିକଶିତ କରାଯାଇଛି। ୟୁନିଭର୍ସିଟି କଲେଜ ଲଣ୍ଡନ ସହିତ ଏକ ପାର୍ଟନରଶିପ୍ ଜରିଆରେ ମର୍ସିଡିଜ୍‌ର ଇଞ୍ଜିନିୟରମାନେ ଏହା କରିଛନ୍ତି।



### ଜୁନ୍ ପର୍ଯ୍ୟନ୍ତ ହକିରେ ଭାଗ ନେବନି ଭାରତ

**ନୂଆଦିଲ୍ଲୀ, ୭।୪ (ପି.ଟି.):** କରୋନା ଯୋଗୁ ଜୁନ୍ ଶେଷ ପର୍ଯ୍ୟନ୍ତ ଭାରତ କୌଣସି ଅନ୍ତର୍ଜାତୀୟ ହକି ଇଭେଣ୍ଟରେ ଭାଗ ନେବନାହିଁ। ଇଭେଣ୍ଟଗୁଡ଼ିକ ମଧ୍ୟରେ ସିନିୟର ପୁରୁଷ ଦଳର ଦୁଇଟି ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମ୍ୟାଚ, ଜୁନିୟର ପୁରୁଷ ଏସିଆ କପ୍ ଏବଂ ସିନିୟର ମହିଳା ଏସିଆନ ଚାମ୍ପିୟନ୍ସ ଟ୍ରଫି ରହିଛି। ଟାର୍ଗେଟ ଅଲିମ୍ପିକ ପୋଡିୟମ ସ୍କିମ୍ (ଟପ୍ସ) ସିଇଓ ରାଜେଶ ରାଜାଗୋପାଳନ୍‌ଙ୍କ ନିକଟକୁ ଏକ ଚିଠି ମାଧ୍ୟମରେ ହକି ଇଣ୍ଡିଆ (ଏଚ୍‌ଆଇ) ତରଫରୁ ଏହା ଜଣାଇ ଦିଆଯାଇଛି। ଜୁନ୍ ମଧ୍ୟରେ ଭାରତ ଭାଗ ନ ନେବାକୁ ଥିବା ଇଭେଣ୍ଟଗୁଡ଼ିକ ହେଲା ଯଥା- ଜୁନିୟର ମହିଳା ଏସିଆକପ୍ (ଏପ୍ରିଲ ୬ରୁ ୧୨ କାକାମିଗାହାରା, ଜାପାନ), ଜର୍ମାନୀ ଓ ନେଦରଲାଣ୍ଡ୍ସକୁ ସିନିୟର ମହିଳା ଟିମ୍ ଟୁର୍ (ଏପ୍ରିଲ ୧୧ରୁ ଏପ୍ରିଲ୧୭ ଏବଂ ଏପ୍ରିଲ ୧୮ରୁ ଏପ୍ରିଲ୨୭), ଜର୍ମାନୀ ଓ ଇଂଲଣ୍ଡ ବିପକ୍ଷରେ ବିଦେଶରେ ପୁରୁଷ ହକି ଦଳର ପ୍ରୋ ଲିଗ୍ ମ୍ୟାଚ (ଏପ୍ରିଲ ୨୪ରୁ ମେ ୫), ଜୁନିୟର ପୁରୁଷ ଏସିଆ କପ୍ (ଜୁନ୍ ୪ରୁ ୧୨ ଢାକା), ମହିଳା ଏସିଆନ୍ ଚାମ୍ପିୟନ୍ସ ଟ୍ରଫି (ଜୁନ୍ ୧୪ରୁ ୨୧, ଡଙ୍ଗହେ, କୋରିଆ) ଏବଂ ୟୁସିଡି ୨୩ ବର୍ଷରୁ କମ୍ ଜୁନିୟର ମହିଳା ୬ରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟ (ଜୁନ୍୨୪ରୁ ୨୭, ଡବଲିନ୍)।

# ଗାଭାସ୍କର ଦେଲେ ୫୯ ଲକ୍ଷ ଟଙ୍କା

**ନୂଆଦିଲ୍ଲୀ, ୭।୪ (ପି.ଟି.):** କରୋନା ଭାଇରସ ଲଢେଇରେ ସାମିଲ ହୋଇଛନ୍ତି କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସୁନୀଲ ଗାଭାସ୍କର। ସେ ୫୯ ଲକ୍ଷ ଟଙ୍କା ଦାନ କରିଛନ୍ତି। ସେହିପରି ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ମଧ୍ୟ ଦାତା ତାଲିକାରେ ସାମିଲ ହୋଇଛନ୍ତି। ତେବେ ପୂଜାରା କେତେ ପରିମାଣ ଅର୍ଥ ଦାନ କରିଛନ୍ତି ସେ ନେଇ ସେ କିଛି କହିନାହାନ୍ତି। ପୂଜାରାଙ୍କ ପୂର୍ବରୁ ବିରାଟ କୋହଲି, ରୋହିତ ଶର୍ମା, ଅଜିଙ୍କ୍ୟ ରାହାନେ ଓ କେଦାର ଯାଦବ ବହୁ ପରିମାଣର ଅର୍ଥ ଦାନ କରିଛନ୍ତି। ଗାଭାସ୍କର ୩୫ ଲକ୍ଷ ଟଙ୍କା ପ୍ରଧାନମନ୍ତ୍ରୀ କେୟାର୍ସ ଫଣ୍ଡକୁ ଓ ୨୪ ଲକ୍ଷ ଟଙ୍କା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦାନ କରିଛନ୍ତି। ଏ ନେଇ ଗାଭାସ୍କରଙ୍କ ପୁଅ ରୋହନ ସ୍ପଷ୍ଟ କରିଛନ୍ତି। ଗାଭାସ୍କରଙ୍କ ଏହି ଅର୍ଥ ଦାନ ପଛରେ ମଜାଦାର ତଥ୍ୟ ରହିଛି। ୩୫ଟି ଶତକ ହାସଲ କରିଥିବାରୁ ୩୫ ଲକ୍ଷ ଓ ମୁମ୍ବାଇ ପାଇଁ ୨୪ଟି ଶତକ ହାସଲ କରିଥିବାରୁ ୨୪ ଲକ୍ଷ ଟଙ୍କା ଗାଭାସ୍କର ପୃଥକ ପୃଥକ ଦାନ କରିଛନ୍ତି ବୋଲି ରୋହନ ଟୁଇଟ୍ କରି ଉଲ୍ଲେଖ କରିଛନ୍ତି। ସେହିପରି ବ୍ୟାଡମିଣ୍ଟନ ତାରକା ପାରୁପାଲ୍ଲୀ କାଶ୍ୟପ ତେଲଙ୍ଗାନା ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିକୁ ୩ ଲକ୍ଷ ଟଙ୍କା ଦାନ କରିଛନ୍ତି। ମୋର ଏ ଛୋଟିଆ ଦାନ କରୋନା ଭାଇରସ୍ ଲଢେଇରେ ବେଶ୍ ସହାୟ ହେବ ବୋଲି କାଶ୍ୟପ ଟୁଇଟ କରି କହିଛନ୍ତି।

# ୟୁଏନ୍- ଡବ୍ଲ୍ୟୁଏଚ୍‌ଓ ଅଭିଯାନରେ ମୋହନ ବାଗାନ, ଇଷ୍ଟବେଙ୍ଗଲ

**ନ୍ୟୁୟର୍କ,୭।୪(ପି.ଟି.):** କରୋନା ଭାଇରସ ମହାମାରୀର ରୂପ ନେଇଥିବା ବେଳେ ଲୋକମାନଙ୍କୁ ଘରେ ରହି ସୁରକ୍ଷିତ ରହିବାକୁ ଆହ୍ୱାନ ଦିଆଯାଉଛି। ୟୁନାଇଟେଡ ନେଶନ (ୟୁଏନ୍) ବା ଜାତିସଂଘ ଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) କରୋନା ଭାଇରସ ମୁକାବିଲା ପାଇଁ ଲୋକମାନଙ୍କୁ ସକ୍ରିୟ ରହିବା ନେଇ ଅଭିଯାନ ଆରମ୍ଭ କରିଛି। ଏବେ ଏହି ଅଭିଯାନରେ ସାମିଲ ହୋଇଛନ୍ତି ଭାରତର ଦୁଇ ପ୍ରମୁଖ ଫୁଟବଲ କ୍ଲବ ମୋହନ ବାଗାନ ଓ ଇଷ୍ଟ ବେଙ୍ଗଲ। ୟୁଏନ୍ ଓ ଡବ୍ଲ୍ୟୁଏଚ୍‌ଓ 'ବି ଆକ୍ଟିଭ' ଅଭିଯାନରେ ବିଶ୍ୱର ବିଭିନ୍ନ କ୍ଲବ ମଧ୍ୟ ଏହି ଅଭିଯାନରେ ସାମିଲ ହୋଇଛନ୍ତି। ୟୁଏନ୍ ଇଣ୍ଟରନ୍ୟାଶନାଲ ଡେ ଅଫ୍ ସ୍ପୋର୍ଟ୍ସ ଫର ଡେଭେଲପମେଣ୍ଟ ଆଣ୍ଡ ପିସ୍ ଟୁ ବି ହେଲ୍‌ଦି ଆଟ୍ ହୋମରେ ଏହି ଅଭିଯାନ ଆରମ୍ଭ କରାଯାଇଛି। ବିଶ୍ୱ ଫୁଟବଲର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଫିଫା ସମେତ ରିୟଲ ମାଡ୍ରିଡ ଏଫ୍‌ସି, ଏଫ୍‌ସି ବାର୍ସିଲୋନା, ଲିଭରପୁଲ ଏଫ୍‌ସି ଭଳି ବଡ଼ବଡ଼ କ୍ଲବ ମଧ୍ୟ ଫୁଟବଲ୍ ପ୍ରଶଂସକଙ୍କୁ ସବୁ ପ୍ରତିଯୋଗିତାମୂଳକ ତିକ୍ତତା ଭୁଲି ଏକାଠି ହେବାକୁ ଆହ୍ୱାନ ଦେଇଛନ୍ତି। କରୋନ ଭାଇରସକୁ ହରାଇବାକୁ ହେଲେ ସମସ୍ତଙ୍କୁ ସକ୍ରିୟ ରହିବାକୁ ହେବ ବୋଲି କୁହାଯାଇଛି।

ଅଗାମୀ ଦିନରେ ଏହି ଅଭିଯାନରେ ଅନ୍ୟ କ୍ଲବଗୁଡିକ ଯଥା, କ୍ଲବ ଆମେରିକା, ସିଡି ଗୁଆଡାଲାଜାରା, ବେଜିଂ ଗୁଆନ୍ ଏଫ୍‌ସି, ଶାଙ୍ଘାଇ ଶେନହୁଆ ଏଫ୍‌ସି, ମୋହନ ବାଗାନ ଏସି, ଇଷ୍ଟ ବେଙ୍ଗଲ ଏଫ୍‌ସି, ମେଲବୋର୍ନ ସିଟି ଏଫ୍‌ସି, ସିଡ୍‌ନୀ ଏଫ୍‌ସି, ଅକଲାଣ୍ଡ ସିଟି ଏଫ୍‌ସି, ଟିମ୍ ୱେଲିଂଟନ ଏଫ୍‌ସି, ସିଏ ରିଭର ପ୍ଲେଟ, ଅଲିମ୍ପିକ୍ ଡି ମାର୍ସେଇଲେ, ଟିପି ମାଜେମ୍ବେ, ସିଆର ଫ୍ଲାମିଙ୍ଗୋ ଓ ଏସ୍‌ଇ ପାଲମେରିଆସ ମଧ୍ୟ ଏହି ଅଭିଯାନରେ ସାମିଲ ହେବେ। ସୁସ୍ଥ ଥିବା ସମସ୍ତ ବ୍ୟକ୍ତିଙ୍କୁ ଦିନରେ ଅତିକମ୍‌ରେ ୩୦ ମିନିଟ୍ ଓ ପିଲାମାନଙ୍କୁ ୬୦ ମିନିଟି ଶାରୀରିକ କାର୍ଯ୍ୟକଳାପ କରିବାକୁ ପ୍ରସ୍ତାବ ଦେଇଛି। ଫିଫା ଅଧକ୍ଷ ଜିଆନି ଇନ୍‌ଫାଣ୍ଟିନୋ ମଧ୍ୟ ଏହି ଅଭିଯାନ ବେଶ୍ ଗୁରୁତ୍ୱ ଦେଇଛନ୍ତି। ଏଥିରେ ଫୁଟବଲ ସହିତ ଜଡିତ ଥିବା ସମସ୍ତ ବ୍ୟକ୍ତି ତଥା ଅନୁଷ୍ଠାନକୁ ସାମିଲ ହେବାକୁ ସେ ଆହ୍ୱାନ ଦେଇଛନ୍ତି।

# ବିଶ୍ୱ ଚାମ୍ପିୟନଶିପ୍‌ର ନୂଆ ତାରିଖ ଘୋଷଣା କଲା ଆଇଟିଟିଏଫ୍

**ଲାଉସାନେ, ୭।୪(ପି.ଟି.):** ଟେବୁଲ ଟେନିସ (ଟିଟି) ବିଶ୍ୱ ଚାମ୍ପିୟନଶିପ୍‌ର ନୂଆ ତାରିଖ ଘୋଷଣା ହୋଇଛି। ବିଶ୍ୱ ଟିଟିର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଅନ୍ତର୍ଜାତୀୟ ଟେବୁଲ ଟେନିସ ଫେଡେରେଶନ (ଆଇଟିଟିଏଫ୍) ମଙ୍ଗଳବାର ଏ ନେଇ ଆନୁଷ୍ଠାନିକ ଭାବେ ଘୋଷଣା କରିଛି। ପ୍ରଥମେ ଏହି ପ୍ରତିଯୋଗିତା ବୁସାନରେ ୨୦୨୦ ମାର୍ଚ୍ଚ ୨୨ରୁ ୨୯ ତାରିଖ ମଧ୍ୟରେ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା। ତେବେ ଏହି ଇଭେଣ୍ଟ ଏବେ ସେପ୍ଟେମ୍ବର ୨୭ରୁ ଆରମ୍ଭ ହୋଇ ଅକ୍ଟୋବର ୪ ତାରିଖରେ ଶେଷ ହେବ ବୋଲି ଆଇଟିଟିଏଫ୍ ସୂଚନା ଦେଇଛି।

ସବୁଠାରୁ ମର୍ଯ୍ୟାଦାସମ୍ପନ୍ନ ଟିଟି ଇଭେଣ୍ଟ ବିବେଚିତ ହେଉଥିବା ୨୦୨୦ ବିଶ୍ୱ ଟିଟି ଇଭେଣ୍ଟ ସହିତ ଏକାଧିକ ପ୍ରତିଯୋଗିତା କରୋନା ଭାଇରସ ସଂକମ୍ରଣ କାରଣରୁ ସ୍ଥଗିତ ରହିଛି। ଆଇଟିଟିଏଫ୍‌ର କାର୍ଯ୍ୟକାରୀ କମିଟି ବୈଠକରେ ଏହି ଇଭେଣ୍ଟର ପ୍ରୋଭିଜନାଲ ତାରିଖ ଜୁନ୍ ୨୧ରୁ ୨୮ ତାରିଖ ରଖାଯିବା ନେଇ ପ୍ରସ୍ତାବ ଗୃହୀତ ହୋଇଥିଲା। ତେବେ ଶେଷରେ ଜୁନ୍ ୩୦ ପର୍ଯ୍ୟନ୍ତ ସବୁପ୍ରକାର ଆଇଟିଟିଏଫ୍ ଇଭେଣ୍ଟ ଓ କାର୍ଯ୍ୟକଳାପକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନିଆଯାଇଥିଲା।

ବିଶ୍ୱ ଚାମ୍ପିୟନଶିପ୍‌ର ନୂଆ ତାରିଖ ସେପ୍ଟେମ୍ବର ୨୭ରୁ ଅକ୍ଟୋବର ୪କୁ ନେଇ ମଧ୍ୟ ଆଇଟିଟିଏଫ୍ ଓ କେଟିଟିଏ (କୋରିଆନ ଟିଟି ଆସୋସିଏଶନ) ନଜର ରଖିଛି। ଯଦି ଅନୁକୂଳ ପରିସ୍ଥିତି ନ ହୁଏ ତାହାଲେ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯାଇପାରେ। କାରଣ ଖେଳାଳି, କୋଚ୍, ପ୍ରଶଂସକ ଓ ଅଫିସିଆଲଙ୍କ ସ୍ୱାସ୍ଥ୍ୟ ଓ ନିରାପତ୍ତାକୁ ଦୃଷ୍ଟିରେ ରଖି ଯାହାକିଛି ନିଷ୍ପତ୍ତି ନିଆଯିବ ବୋଲି କୁହାଯାଇଛି। ଉଲ୍ଲେଖଥାଉ କି, କୋଭିଡ-୧୯ ମହାମାରୀ କାରଣରୁ ବିଶ୍ୱରେ ଏପର୍ଯ୍ୟନ୍ତ ୭୦,୦୦୦ ଲୋକଙ୍କ ପ୍ରାଣହାନି ହୋଇଛି।

# ଅଲିମ୍ପିକ୍ ଜ୍ୟୋତି ପ୍ରଦର୍ଶନ ବାତିଲ କଲା ଜାପାନ



**ଟୋକିଓ, ୭।୪ (ପି.ଟି.):** କୋଭିଡ୍-୧୯ ସାରା ବିଶ୍ୱ ମହାମାରୀର ରୂପ ନେଇଥିବା ବେଳେ ଅଲିମ୍ପିକ୍ସ ଆୟୋଜକ ଦେଶ ଜାପାନ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ଜାପାନ ଅଲିମ୍ପିକ୍ସ ଜ୍ୟୋତି ପ୍ରଦର୍ଶନକୁ ଜାପାନ ବାତିଲ କରିଛି। ୨୦୨୦ ଟୋକିଓ ଅଲିମ୍ପିକ୍ସ ଗୋଟିଏ ବର୍ଷ ଘୁଞ୍ଚାଇ ଦିଆଯାଇଥିବା ବେଳେ ଜ୍ୟୋତି ପ୍ରଦର୍ଶନକୁ ବାତିଲ କରାଯିବ ବୋଲି ପୂର୍ବରୁ ଆଶା କରାଯାଉଥିଲା।

ଜାପାନର ଫୁକୁଶିମାର ଉତ୍ତରପୂର୍ବାଞ୍ଚଳରେ ଗତ ଗୋଟିଏ ସପ୍ତାହ ହେବ ସର୍ବସାଧାରଣଙ୍କ ପାଇଁ ଜ୍ୟୋତି ପ୍ରଦର୍ଶିତ ହୋଇ ଆସୁଥିଲା। ତେବେ ଦେଶରେ କରୋନା ଭାଇରସ ସଂକ୍ରମଣ ବଢି ଚାଲିଥିବାରୁ ଅଲିମ୍ପିକ୍ ଆୟୋଜକମାନେ ଏହାକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଗ୍ରୀସ୍‌ରେ ପ୍ରଜ୍ୱଳିତ ହୋଇଥିବା ଏହି ଜ୍ୟୋତି ମାର୍ଚ୍ଚ ୨୦ ତାରିଖରେ ଜାପାନରେ ପହଞ୍ଚିଥିଲା। ୬ ଦିନ ପରେ ଏହି ଟର୍ଚ୍ଚ ରିଲେ ଆରମ୍ଭ ହୋଇଥାନ୍ତା ଓ ଜୁଲାଇ ୨୪ରେ ଅଲିମ୍ପିକ୍ସ ଉଦ୍‌ଘାଟନୀ ଉତ୍ସବରେ ଏହି ରିଲେ ଶେଷ ହେବାର କାର୍ଯ୍ୟକ୍ରମ ଥିଲା। କରୋନା ଭାଇରସ କାରଣରୁ ଅଲିମ୍ପିକ୍ସ ଗୋଟିଏ ବର୍ଷ ଘୁଞ୍ଚିଛି। ତେଣୁ ଅଲିମ୍ପିକ୍ସର ଉଦ୍‌ଘାଟନୀ ଉତ୍ସବ ୨୦୨୧ ଜୁଲାଇ ୨୩ରେ ଆୟୋଜନ ହେବ। ଅଲିମ୍ପିକ୍ସ ସ୍ପିରିଟ୍‌କୁ ବଞ୍ଚାଇ ରଖିବା ପାଇଁ ସ୍ଥାନୀୟ ଆୟୋଜକ ଏହି ଜ୍ୟୋତିକୁ ଫୁକୁଶିମାରେ ଏକ ଲଣ୍ଠନରେ ପ୍ରଦର୍ଶନ କରିବାକୁ ନିଷ୍ପତ୍ତି ନେଇଥିଲେ। ଫୁକୁଶିମାରୁ ଟର୍ଚ୍ଚ ରିଲେ ଆରମ୍ଭ ହେବାର କାର୍ଯ୍ୟକ୍ରମ ଥିଲା। ଏପ୍ରିଲ ଶେଷ ପର୍ଯ୍ୟନ୍ତ ଏହି ଜ୍ୟୋତିକୁ ପ୍ରଦର୍ଶନ କରିବା ଲକ୍ଷ୍ୟ ରଖିଥିଲୁ। ତେବେ ପରିସ୍ଥିତିକୁ ଦୃଷ୍ଟିରେ ରଖି ଆମେ ଏହାକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛୁ ବୋଲି ଟୋକିଓ ୨୦୨୦ ଆୟୋଜକ କମିଟି ମୁଖପାତ୍ର କହିଛନ୍ତି। ତେବେ ଲୋକେ ଏକତ୍ରିତ ହେବାର ସମ୍ଭାବନା ଥିବାରୁ ସେ ଏହି ଜ୍ୟୋତିକୁ କେଉଁଠାରେ ରଖାଯିବ ସେନେଇ ସେ କିଛି କହିନାହାନ୍ତି। କରୋନା ଭାଇରସ ସଂକ୍ରମଣ କାରଣରୁ ଅଲିମ୍ପିକ୍ ଜ୍ୟୋତିର ଯାତ୍ରାରେ ସବୁ ପ୍ରକାର ସମସ୍ୟା ଦେଖା ଦେଇଥିଲା। ଲୋକେ ଏକତ୍ରିତ ହେବାର ଆଶଙ୍କା ଦୃଷ୍ଟିରେ ରଖି ଗ୍ରୀକ୍‌ରୁ ଜାପାନ ଆସିବା ପର୍ଯ୍ୟନ୍ତ ଅଲିମ୍ପିକ ଜ୍ୟୋତିର ଯାତ୍ରା ବେଶ୍ ନିରାଡମ୍ବର ଥିଲା।

## ଅଲିମ୍ପିକ୍ସ ଯୋଗ୍ୟତା ହାସଲ ବର୍ତ୍ତମାନ ପାଇଁ ସସ୍‌ପେଣ୍ଡ



**ଲଣ୍ଡନ, ୭।୪ (ପି.ଟି.):** କୋଭିଡ୍-୧୯ ସଂକ୍ରମଣ ଆଶଙ୍କାରେ ୱାର୍ଲ୍ଡ ଆଥଲେଟିକ୍ସ ମଙ୍ଗଳବାର ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ ସମୟସୀମାକୁ ଡିସେମ୍ବର ୨୦୨୦ ପର୍ଯ୍ୟନ୍ତ ଘୁଞ୍ଚାଇ ଦେଇଛି। ଆଥଲେଟିକ୍ସ କମିଶନ, ଏରିଆ ପ୍ରେସିଡେଣ୍ଟ୍ସ ଆଣ୍ଡ୍ କାଉନ୍‌ସିଲ ସହିତ ପରାମର୍ଶକ୍ରମେ ଏହି ନିଷ୍ପତ୍ତି ନିଆଯାଇଛି। ଟୋକିଓ ୨୦୨୦ ଅଲିମ୍ପିକ ଗେମ୍ସ ପାଇଁ ଯୋଗ୍ୟତା ହାସଲକୁ ଏପ୍ରିଲ ୬ରୁ ନଭେମ୍ବର ୩୦ ପର୍ଯ୍ୟନ୍ତ ସସ୍‌ପେଣ୍ଡ କରାଯାଇଛି। ଏହି ସମୟ ମଧ୍ୟରେ ଯଦି କୌଣସି ଆଥଲେଟ୍ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରେ ତାହା ବିଚାରକୁ ନିଆଯିବ ନାହିଁ ବୋଲି ୱାର୍ଲ୍ଡ ଆଥଲେଟିକ୍ସ ପକ୍ଷରୁ ଏକ ବିବୃତ୍ତିରେ ପ୍ରକାଶ କରାଯାଇଛି।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ